
# ରକ୍ତରଂଜିତ ନାୟକ


## ଭଗତ ସିଂହ




ଡକ୍ଟର ଦିବ୍ୟପ୍ରଭା ରଥ

# ରକ୍ତରଂଜିତ ନାୟକ

ଭଗତ୍ ସିଂହ



# ରକ୍ତରଂଜିତ ନାୟକ

ଭଗତ୍ ସିଂହ

[illegible]

ଇନ୍ଦ୍ରପ୍ରସ୍ଥ ପ୍ରକାଶନ

ଲକ୍ଷ୍ମୀନଗର : ସେଣ୍ଟ୍ରାଲ୍ ରୋଡ୍, ଦିଲ୍ଲୀ

# ରକ୍ତରଂଜିତ ନାୟକ : ଭଗତ ସିଂହ

(ଉପନ୍ୟାସୋପମ ଆତ୍ମଚରିତ)


ରଚନା:
**ଡକ୍ଟର ବିଧୁପ୍ରଭା ରଥ**
ଇନ୍ଦିରା ନଗର-୨: ଶିକ୍ଷାଞ୍ଚଳ: ବ୍ରହ୍ମପୁର (ଓଡ଼ିଶା)
ଦୂରଭାଷ: ୯୪୩୭୨୬୦୬୯୬



ପ୍ରକାଶକ:
**ମହାପାତ୍ର ରାଜରାଜ ଗନ୍ତାଏତ୍**

ॐ

## ଇନ୍ଦ୍ରପ୍ରସ୍ଥ ପ୍ରକାଶନ

ଲକ୍ଷ୍ମୀନଗର: ସେଣ୍ଟ୍ରାଲ୍ ରୋଡ଼ : ଦିଲ୍ଲୀ-୧୧୦୦୯୨
ଦୂରଭାଷ: ୯୪୩୭୦୬୫୩୭୫ : ୯୮୬୧୪୨୨୭୬୦ : ୯୧୯୭୧୮୫୫୪୬୩୭



ସର୍ବସତ୍ତ୍ୱ:
**ପୃଥ୍ୱୀକ ମିଶ୍ର**



ପ୍ରଚ୍ଛଦପଟ୍ଟ ଓ ଅଙ୍ଗସଜ୍ଜା
**ସୃଜନୀ ପ୍ରିୟଦର୍ଶିନୀ**

ମୁଖ୍ୟ ପରିବେଷକ
**ସ୍ୱଦେଶୀ ଲେଖକ ମଞ୍ଚ**

ଓଡ଼ିଶା ପାଇଁ ବିତରକ
**ପୃଥ୍ୱୀପନ୍ନା ପ୍ରକାଶନ**
ଇନ୍ଦିରାନଗର-୨ ଶିକ୍ଷାଞ୍ଚଳ : ବ୍ରହ୍ମପୁର (ଓଡ଼ିଶା)
ଦୂରଭାଷ: ୦୬୮୦ ୨୨୯୦୭୧୦/ ୦୬୮୧୧ ୨୬୦୬୯୬

ପ୍ରଥମ ପ୍ରକାଶ କାଳ
**୨୦୦୯ ଅଗଷ୍ଟ ୧୫**

ଅକ୍ଷରସଜ୍ଜା

**ସନ୍ତୋଷ ପଟ୍ଟନାୟକ**
କଂପ୍ୟୁଟର ସଲ୍ୟୁସନ: ବ୍ରହ୍ମପୁର

ମୁଦ୍ରଣ: ସିଦ୍ଧବୀର ଅଫସେଟ୍ ନେହେରୁନଗର-୭, ବ୍ରହ୍ମପୁର

ମୂଲ୍ୟ: ୧୦୦/- (ଶହେ ଟଙ୍କା ମାତ୍ର)

ସ୍ୱଦେଶୀ, ସ୍ୱାଭିମାନୀ ଓ ସ୍ୱାବଲମ୍ବନଶୀଳ
ମେହେନତି ମଣିଷଙ୍କ ପାଇଁ
ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ଆଜୀବନ ସାଧନା ଓ ସଂଘର୍ଷରତ
ସମଦୃଷ୍ଟି ସଂପନ୍ନ ଦୁଇ ପ୍ରବାଦ ବ୍ୟକ୍ତିତ୍ୱ
(ମୋର ପିତା ଶ୍ରୀଯୁକ୍ତ ଶିବରାମ ରଥଙ୍କର ଦୁଇ ପ୍ରିୟ ସଖା)
**ପୂଣ୍ୟଶ୍ଲୋକ ବ୍ରହ୍ମାନନ୍ଦ ପଣ୍ଡା**
**(ପ୍ରାକ୍ତନ ରାଜ୍ୟସଭା ସଦସ୍ୟ)**
ଏବଂ
**ଶ୍ରୀଯୁକ୍ତ ଦ୍ୟୁତିକୃଷ୍ଣ ପଣ୍ଡା**
**(ପୂର୍ବତନ ଲୋକସଭା ସଦସ୍ୟ)**
ଦୁଇ ମହାନ୍ ବ୍ୟକ୍ତିତ୍ୱଙ୍କୁ
ଗଭୀର ଶ୍ରଦ୍ଧା, ଭକ୍ତି ଓ ସମ୍ମାନର ସହିତ
ସମର୍ପିତ

-ବିଧୁପ୍ରଭା
୯, ଅଗଷ୍ଟ: ୨୦୦୯



ହାତରେ ଶିକୁଳି, ପାଦରେ ବେଡ଼ି: ଲାହୋର ଜେଲ୍ ପରିସରରେ
ଦୁର୍ବାର କ୍ରାନ୍ତିକାରୀ ସର୍ଦ୍ଦାର ଭଗତ୍ ସିଂ



**ଡକ୍ଟର ବିଧୁପ୍ରଭା ରଥ**
**ଜନ୍ମ ୧୯୬୧ : ଆସିକା, (ଗଂଜାମ)**

**ସ**ମକାଳୀନ ଓଡିଆ ସାହିତ୍ୟର ପ୍ରଚଣ୍ଡ ପ୍ରଭାବଶାଳିନୀ ପ୍ରତିଭା ଡକ୍ଟର ବିଧୁପ୍ରଭା ରଥ କବିତା ସର୍ଜନାରେ ଯେପରି ସ୍ରୋତସ୍ୱିନୀ ନଈଟିଏ, ପ୍ରଜ୍ଞା- ପ୍ରତିଭା ଓ ପ୍ରଗଳ୍ଭତାରେ ସେପରି ପରିପୂର୍ଣ୍ଣ କଥା-ଗଦ୍ୟଶିଳ୍ପୀ । ଗତ ବିଂଶଶତକର ଅଷ୍ଟମ-ନବମ ଦଶନ୍ଧିର ଛାତ୍ରୀ ଜୀବନରେ ବ୍ରହ୍ମପୁର ଖଲିକୋଟ ମହାବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଯେପରି ଏକାଧିକ ସ୍ୱର୍ଣ୍ଣପଦକର ବିଜୟିନୀ ଥିଲେ, ପରବର୍ତ୍ତୀ କାଳରେ ସେ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ଜଣେ ପ୍ରଜ୍ଞାପୂର୍ଣ୍ଣ ଗବେଷିକା ଭାବେ ନିଜ ସାଧନା ଓ ସିଦ୍ଧି ପ୍ରମାଣିତ କରିଛନ୍ତି । ଚଉଠ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳବ୍ୟାପୀ ସାରସ୍ୱତ ସାଧନା ମଧ୍ୟରେ ତାଙ୍କର ରଚିତ ପୁସ୍ତକ ଗୁଡିକ ଭିତରୁ 'ଠାକୁର ଅଭିରାମ ପରମହଂସ: ଜୀବନୀ, ସାହିତ୍ୟ ଓ ଦର୍ଶନ', 'ସୀତାକାନ୍ତ ମହାପାତ୍ରଙ୍କ କାବ୍ୟମାନସ: ମିଥ୍', 'ପ୍ରେମ ଓ ପ୍ରତୀକ୍ଷା', 'ମିଛ ମଣିଷର ଅସ୍ମିତା', 'ହୃଦୟ ଭିକ୍ଷା', 'ପ୍ରେମରୁ ସମାଧି', 'ସିଦ୍ଧାନ୍ତ କେବଳ ତୁମର'(ଲଳିତ ନିବନ୍ଧ ଓ ସମାଲୋଚନା)'ଲାବଣ୍ୟବତୀର ସୌନ୍ଦର୍ଯ୍ୟତାତ୍ତ୍ୱିକ ଅନୁଶୀଳନ (ଗବେଷଣା ନିବନ୍ଧ) ଉପନ୍ୟାସ ମଧ୍ୟରେ 'ଶୁଣ ଫାଲ୍‌ଗୁନୀ', 'ମହାନାୟକ', 'କାଳଦର୍ଶୀ' ଏବଂ ଏକମାତ୍ର ସ୍ୱରଚିତ ଓଡ଼ିଆ କବିତା ସଂକଳନ 'ହଂସଧ୍ୱନି' ଏବଂ ତାହାର ଇଂରାଜୀ ସଂସ୍କରଣ SWANSONG (ପ୍ରକାଶକ : ଇନ୍ଦ୍ରପ୍ରସ୍ଥ ପ୍ରକାଶନ, ଲକ୍ଷ୍ମୀନଗର, ଦିଲ୍ଲୀ) ଆଦି ପୁସ୍ତକ ନିମନ୍ତେ ଅଜସ୍ର ପାଠକୀୟ ଶ୍ରଦ୍ଧା ଯେ, ସେ ଅର୍ଜନ କରିଛନ୍ତି ସେତିକି ନୁହେଁ, ଓଡିଶାର ବୁଦ୍ଧିଜୀବୀ ପାଠକ ଓ ସମାଲୋଚକ ମାନସରେ ସ୍ୱତନ୍ତ୍ର ସ୍ଥାନର ଅଧିକାରିଣୀ ହୋଇପାରିଛନ୍ତି ।



ଡକ୍ଟର ବିଧୁପ୍ରଭା ବ୍ରହ୍ମପୁର 'କଳିଙ୍ଗ ସାହିତ୍ୟ ସମାଜ' ପକ୍ଷରୁ 'କଥାକାର ସୁପ୍ରୀତିଦେବୀ ଗନ୍ତାୟତ ସ୍ମାରକୀ ସମ୍ମାନ', କଟକର 'ପ୍ରଜାତନ୍ତ୍ର ପ୍ରଚାର ସମିତି'ର ବିଷୁବ 'ରାଜୀବ ସ୍ମାରକୀ ସମ୍ମାନ', ବ୍ରହ୍ମପୁରର 'କସ୍ତୁରୀ ସମ୍ମାନ', ଧର୍ମଶାଳାର 'ଗୋକର୍ଣ୍ଣିକା ପୁରସ୍କାର' ଓ ରାଜଧାନୀ ଭୁବନେଶ୍ୱରର 'ଚଲ୍ୟାପଥ ପୁରସ୍କାର', 'ଉପେନ୍ଦ୍ରଭଞ୍ଜ ଫାଉଣ୍ଡେସନ୍ ସମ୍ମାନ', 'କର୍ମଶ୍ରୀ କଥାଶିଳ୍ପୀ ସମ୍ମାନ' ସମେତ ବହୁ ପୁରସ୍କାର ତଥା ସମ୍ମାନର ଅଧିକାରିଣୀ ।

ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ନିୟନ୍ତ୍ରଣରେ ଥିବା ଓଡ଼ିଶା ସାହିତ୍ୟ ଅକାଦେମୀର ସଦସ୍ୟା ଭାବେ ଡକ୍ଟର ବିଧୁପ୍ରଭା ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ହୋଇ ପରବର୍ତ୍ତୀ କାଳରେ କାର୍ଯ୍ୟକାରିଣୀ ସଦସ୍ୟା ଭାବରେ ସାଧାରଣ ପରିଷଦର ବରେଣ୍ୟ ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିଲେ । ତିନିବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ଯେତେ ସବୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ, ସେଥିମଧ୍ୟରେ ସମଗ୍ର ଓଡ଼ିଶାର ଓ ଓଡ଼ିଶା ବାହାରେ ଥିବା ଓଡ଼ିଆ ଲେଖକ ଓ ଲେଖିକାମାନଙ୍କ ତାଲିକା ପ୍ରସ୍ତୁତି ଓ 'ଲେଖକ ପରିଚୟ' ଗ୍ରନ୍ଥ ପ୍ରକାଶନ ଅନ୍ୟତମ । ସେ 'ଓଡ଼ିଶା ଲେଖିକା ସଂସଦ'ର ମଧ୍ୟ ପ୍ରତିଷ୍ଠାତା ସଦସ୍ୟା ।

ଜିନ୍ମର ଧୂପବାସ୍ନାରେ ଅଜ୍ଞାନ ମହକିତ ମାନବିକ ଅସ୍ତିତ୍ୱଟି ଯେତେବେଳେ ଜନନୀ ଗର୍ଭରୁ ଜନ୍ମନିଏ, ସେତିକିବେଳୁହିଁ ସମସ୍ତ ବନ୍ଧନର ଦାସତ୍ୱ ତାର କପାଳରେ ଯୋଡ଼ି ହୋଇଥାଏ । ସେଇ ନିରବଚ୍ଛିନ୍ନ ଦାସତ୍ୱରୁ, ନିଗଡ଼ରୁ ମୁକୁଳିବାକୁ ଚାହୁଁଥିବା ମୋର ଅବନାଶୀ ମୁକ୍ତ ବିପ୍ଳବୀ ଅସ୍ତିତ୍ୱ ସେଦିନ ଲାହୋର ସେଣ୍ଟ୍ରାଲ ଜେଲ୍‌ରେ ପ୍ରିୟ ବନ୍ଧୁ-ସାଥୀ ସୁଖଦେବ ରାଜଗୁରୁଙ୍କ ସହିତ ଫାଶୀ ପାଇବାପାଇଁ ଗଲାବେଳେ ବି ସେଇ ଗୋଟିଏ ଚେତନାକୁ ଆତ୍ମିୟତା ଓ ନିଷ୍ଠାର ସହିତ ପ୍ରକାଶ କରୁଥିଲା... 'ଆମ ବେକରେ ଫାଶୀଦଉଡ଼ିର ଫାନ୍ଦ ସେ ପର୍ଯ୍ୟନ୍ତ କଷିକରି ବାନ୍ଧି ଦିଆଯାଉ, ଯେପର୍ଯ୍ୟନ୍ତ ଆମେ ସଂପୂର୍ଣ୍ଣ ରୂପେ ମରି ଯାଇନାହୁଁ । ଏହାହିଁ ବାସ୍ତବତା ସୁଖଦେବ ! ଏହାହିଁ ସତ୍ୟ, ରାଜଗୁରୁ ! ସେଥିପାଇଁତ ଆମେ ଗର୍ବ ଅନୁଭବ କରିବା ଉଚିତ । ଦେଖ, ଦେଶଭକ୍ତିର ଏପରି ସର୍ବୋଚ୍ଚ ବଳିଦାନର ସୌଭାଗ୍ୟ ହୁଏତ ଆଉ କାହା ଭାଗ୍ୟରେ ଜୁଟିବ ନାହିଁ ! ମୋତେ ଆଜି ବେଶି ହାଲୁକା ଲାଗୁଚି, ସୁଖଦେବ । ତମେ ଜାଣିଚ ନା ରାଜଗୁରୁ ! ଏଇ ବ୍ରିଟିଶ ସାମ୍ରାଜ୍ୟବାଦର ଭଡ଼ାଟିଆ ଶାସକମାନେ ଭାବିଛନ୍ତି ଆମର ପାର୍ଥିବ ଶରୀରକୁ ନଷ୍ଟ କରିଦେଲେ, ଏଇ ମହାସଂଗ୍ରାମର ଅନ୍ତ ଘଟିବ । ହେଲେ, ଆମର ମୋର ଶରୀର ନଷ୍ଟ ହୋଇଗଲାପରେ ହିଁ ତାହା ଦେଶପାଇଁ ବେଶି କାମରେ ଆସିବ । ଏକଥା ସେମାନେ ଜାଣିପାରୁ ନାହାନ୍ତି । ସେମାନେ ହୁଏତ ମୋତେ ମାରିଦେଇ ପାରନ୍ତି, ହେଲେ ମୋର ବିଚାରକୁ, ଚେତନାକୁ ମାରି ପାରିବେନାହିଁ । ମୋର ଶରୀରକୁ ଯାବତୀୟ ସକଳ ନିର୍ଯ୍ୟାତନା, ଯନ୍ତ୍ରଣାରେ କ୍ଷତବିକ୍ଷତ କରି ଦେଇ ନଷ୍ଟଭ୍ରଷ୍ଟ କରି ପାରନ୍ତି କିନ୍ତୁ ମୋର ଭାବନାକୁ ଛୁଇଁ ପାରିବେ ନାହିଁ । ଏହି ବ୍ରିଟିଶ୍ ସାମ୍ରାଜ୍ୟବାଦର ସିଂହାସନର ମୁଣ୍ଡ ଉପରେ ମୋର ସିଦ୍ଧାନ୍ତ, ମୋର ସଂକଳ୍ପର ଶାଣିତ ଖଡ୍‌ଗ ସେ ପର୍ଯ୍ୟନ୍ତ ଅଭିଶାପ ଭଳି ଆତଙ୍କିତ କରିରଖିବ, ଯେପର୍ଯ୍ୟନ୍ତ ସେମାନେ ମୋର ପ୍ରିୟ ଜନ୍ମଭୂମିରୁ ସମୂହଭାବେ ବିତାଡ଼ିତ ନ ହୋଇଛନ୍ତି ! ଏଇଟା ବି ସେମାନେ ମନେରଖିବା ଉଚିତ ବ୍ରିଟିଶ୍‌ଶାସନ ପାଇଁ ଜିଅନ୍ତା ଭଗତ ସିଂ ଅପେକ୍ଷା ମୃତ ଭଗତ

ସିଂହ ବେଶୀ  ବିପଦ୍‌ଜନକ ହେବ । ମତେ ଫାଶୀ ହେବାପରେ ହିଁ ମୋର କ୍ରାନ୍ତିକାରୀ ଚେତନାର ସୁଗନ୍ଧ ଆମର ପ୍ରିୟ ସୌନ୍ଦର୍ଯ୍ୟମୟୀ, ମମତାମୟୀ ଜନ୍ମଭୂମିର ପ୍ରତି କୋଣ ଅନୁକୋଣକୁ  ବ୍ୟାପ୍ତ ହୋଇଯିବ, ସୁଖଦେବ ! ଆମର ଏଇ ବଳିଦାନ ଆମ ଦେଶର ପ୍ରତ୍ୟେକ ଯୁବକ-ଯୁବତୀଙ୍କୁ ସ୍ୱାଧିନତା ଆଉ କ୍ରାନ୍ତିର ଆହ୍ୱାନରେ ଏପରି ମତୁଆଲା କରିବ ଯେ ସେମାନଙ୍କର ଏଇ ନବ୍ୟଉନ୍ମାଦନାର ପାଗଳପଣରେ ଇଂରେଜ ସାମ୍ରାଜ୍ୟ ଭୁଷୁଡ଼ି ପଡ଼ିବ । ଏଇଟା ମୋର ବିଶ୍ୱାସ ନୁହେଁ, ରାଜଗୁରୁ ! ଏହା ମୋର ଚେତନାର ବିସ୍ଫୋରକ ସଂକଳ୍ପ ! ସେଥିପାଇଁତ ଆମେ ମରିବାନି ସୁଖଦେବ, ଆମେ ମରିବାନାହିଁ ରାଜଗୁରୁ । ଆମର ଦୃଢ଼ ସଂକଳ୍ପ 'ଇନ୍‌କିଲାବ ଜିନ୍ଦାବାଦ'ର ପ୍ରମତ୍ତସ୍ୱର କବରତଳୁ ମଧ ଗୁଂଜରିତ ହୋଇଉଠିବ । ଆମେ ଜିଇଁବା ବିପ୍ଳବରେ, ଜନ୍ମଭୂମିର ନିଃଶ୍ୱାସରେ । ଆମରି ଓଠରୁ ଝରିପଡୁଥିବା କବିତାର ପଂକ୍ତି କହିଉଠିବ- "ଦିଲ୍ ସେ ନିକ୍‌ଲେଗି ନା ମରକର ଭି ୱତନ କା ଉଲ୍‌ଫତ, ମେରି ମିଟି ସେ ଭି ଖୁସବୁ ୱତନ କା ଆୟେଗି..."

ଆମ ପ୍ରିୟ ଜନ୍ମଭୂମି ପାଇଁ ଆମର ସ୍ନେହ, ଆମ ଅପ୍ରତିମ ବଳିଦାନ, ଆମର ମୃତ୍ୟୁପରେ ସୁଦ୍ଧା ଶେଷ ହେବନାହିଁ । ତାର ଅତୁଳନୀୟ ଅପୂର୍ବ ସୁଗନ୍ଧ ସ୍ନାୟୁରେ, ଶବ୍ଦରେ, ଧୂଳିକଣାରେ ମଧ ସେପରି ସଂଚରି ଯାଉଥିବ । ଝରାପତ୍ରରେ ବି ସ୍ମୃତିର ଆକୁଳତା ଲୁହକୁ ମଧ ବତୁରାଇ ଦେଉଥିବ । ଦାଉ ଦାଉ ହୋଇ ଜଳୁଥିବା ବିଶ୍ୱାସର ଆଲୋକରେ କହୁଥିବ- ଆମେ ମୁକ୍ତ... ଆମେ ମୁକ୍ତ...ଆମେ ମୁକ୍ତ !!

୧୯୦୭ରୁ୧୯୩୧ ... ମାତ୍ର ଚବିଶିବର୍ଷର ଜୀବନ ମୁଁ ଜିଇଁଥିଲି । ଧାରା ଶ୍ରାବଣର, ଖରା-ବର୍ଷାର ଖେଳଭିତରେ ଦିନେ ସାୟାହ୍ନ ବେଳାରେ ମୋର ଧରାବତରଣ । ଓଦାମାଟିର ବାସ୍ନାରୁ ମୋତେ ମାଟିର ମମତା ଓ ମଗ୍ନପଣ ଏତେ ଆକର୍ଷିତ କରିଥିଲା ଯେ ବନ୍ଦିନୀ ବସୁଧା ମାତାର ଶୃଙ୍ଖଳକୁ ଛିନ୍ନବିଚ୍ଛିନ୍ନ କରି ମୁକ୍ତ, ସ୍ୱାଭିମାନୀ ଓ ସ୍ନେହ ଛଳଛଳ ସମର୍ଥ ମଣିଷଟିଏ ହୋଇ ବଞ୍ଚିବାକୁ ମାଆର ଗର୍ଭରେ ଥିବାବେଳେ ହିଁ ମୋର ପିଣ୍ଡ କଣ ସ୍ୱପ୍ନ ଦେଖିଥିଲା ?

ମୁକ୍ତି ... ମୁକ୍ତିର ସ୍ୱପ୍ନ ! ପରାଧୀନତାରୁ ମୁକ୍ତିର ସ୍ୱପ୍ନ !

ଜନନୀର ଅନ୍ଧକାରମୟ ଜଠର ଭିତରୁ ମୁକ୍ତିର ଆଲୋକ ଦେଖିବାର ସ୍ୱପ୍ନ ଭିତରେ, ଯେଉଁ ଆଲୋକ ବସୁଧାକୁ ଧରାବତରଣପରେ ମୋର ଦର୍ଶନ ହେଲା,

ତାହା କ'ଣ ପ୍ରକୃତରେ ମୁକ୍ତିର ଆଲୋକ ଥିଲା ନା ଗୋଟେ ସାମ୍ରାଜ୍ୟବାଦୀ ଶୋଷକ ଜାତିର ଅନ୍ଧାରୀ ମୁଲକରେ ଚଳାଇଥିବା ଭ୍ରଷ୍ଟାଚାରର ସର୍ବଗ୍ରାସୀ ଅଗ୍ନିଶିଖା ?

କୈଶୋରରୁ ତାରୁଣ୍ୟ ପର୍ଯ୍ୟନ୍ତ ଏଇ ବହ୍ନିଶିଖା ବିରୁଦ୍ଧରେ ମୋତେ ସଂଗ୍ରାମ କରିବାକୁ ପଡିଛି ... । ଗୋଟେ ସାଧାରଣ ମଣିଷଟିଏ ଭଳି ଜନ୍ମ ହୋଇଥିଲେ ସୁଦ୍ଧା ସମୟ, କାଳ, ପରିବେଶ ଓ ପରିସ୍ଥିତି ମୋତେ ଗୋଟେ ବ୍ୟକ୍ତିସତ୍ତାରେ ପରିଣତ କରିଥିଲା । ଗୋଟେ ଦୀର୍ଘକାଳୀନ କ୍ରାନ୍ତି ଭିତରେ ମୋର ଜନ୍ମ, ପୁଣି ଇତିହାସ ମତେ ଆନ୍ଦୋଳନର ସର୍ବୋଚ୍ଚ ... ସର୍ବୋତ୍ତମ ପ୍ରତୀକରେ ପରିଣତ କରିଦେଲା । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଇତିହାସ ମନେରଖିବା ଉଚିତ୍–ମୋର ସାର୍ବଜନୀନ ଓ ସର୍ବକାଳୀନ ମୁକ୍ତ ବିଚାରଧାରା, କେବଳ ବ୍ୟକ୍ତିର ହିଁ ନୁହେଁ, ମୁକ୍ତମାନସର ପ୍ରତିଷ୍ଠା ପାଇଁ ଦୀର୍ଘକାଳୀନ ଅନନ୍ତ ନିରନ୍ତର ଆନ୍ଦୋଳନ ଦୃଷ୍ଟିରୁ ସମଭାବାପନ୍ନ ସହଯାତ୍ରୀ ସାଥୀମାନଙ୍କ ଚିନ୍ତନ-ମନନରୁ ଜାତ ବିଚାରଧାରାରେ ପରିଣତ ହୋଇଛି ।

ଏକ ନୁହେଁ, ଏକରୁ ଅନେକ ମୁକ୍ତି ମଶାଲଧାରୀଙ୍କ ଶୋଭାଯାତ୍ରା ଭିତରେ ମୁଁ ଥିଲି ଭଗତ ସିଂହ ।

ହଁ, ମୁଁ ଭଗତ ସିଂ ! ସର୍ଦ୍ଦାର ଭଗତ ସିଂ ।

ବ୍ରିଟିଶ୍ ସାମ୍ରାଜ୍ୟବାଦୀଙ୍କ ଦଖଲରେ ଥିବା ଅଖଣ୍ଡ ଭାରତର ପଞ୍ଜାବ ମୋର ମାତୃଭୂମି ... ସେଇ ପଞ୍ଜାବର ଲାହୋର ମହାନଗରୀଠାରୁ ଅଳ୍ପଦୂରରେ ମୋର ପ୍ରିୟ ଜନ୍ମଭୂମି, ଗୋଟେ କ୍ଷୁଦ୍ର ଜନପଦ ବାଙ୍ଗା । ଗୋଟେ କୃଷିଜୀବୀ ଶିଖ୍ ପରିବାରରେ ମୋର ଜନ୍ମ । ବିଦ୍ୟାବତୀ ଓ କିଶନ ସିଂହଙ୍କ ମୁଁ ପୁଅ । ଲାୟଲପୁର ଜିଲ୍ଲାର ବାଙ୍ଗା ଜନପଦ ସିନା ମୋର ଜନ୍ମଭୂମି କିନ୍ତୁ ଜଲନ୍ଧର ଜିଲ୍ଲାର ଖାଟକ୍‌ରକାଲାନ ଗ୍ରାମ ହେଉଛି ମୋର ପୂର୍ବ ପୁରୁଷଙ୍କ କର୍ମଭୂମି ।

ପଞ୍ଜାବ । ଚିରସ୍ରୋତା ନଦନଦୀ, ଶସ୍ୟଶ୍ୟାମଳା ସବୁଜିମାରେ ଚିତ୍ରାୟିତ ମୋର ସ୍ୱପ୍ନର ପ୍ରେରଣାଦାୟିନୀ ମାତୃଭୂମି । ଏହି ଭୂମି ଭାରତବର୍ଷର କୋଟି କୋଟି ନିରନ୍ନ ମଣିଷଙ୍କ ପାଇଁ ଯେପରି ଅନ୍ନପୂର୍ଣ୍ଣା, ଚିରକାଳ ବିଦେଶୀ ଆକ୍ରମଣକାରୀମାନଙ୍କ କବଳରୁ ଭାରତବର୍ଷକୁ ସୁରକ୍ଷା ଦେବାରେ ବୀରଯୋଦ୍ଧା ଓ ଶହୀଦମାନଙ୍କ କର୍ମଭୂମି ... ଗୋଟେ ସୀମାନ୍ତ ଭୂଖଣ୍ଡ । ଏହି ଭୂମିରେ ଜନ୍ମ ହୋଇଛନ୍ତି ମାନବିକ ମୂଲ୍ୟବୋଧର

ପ୍ରବର୍ତ୍ତକ ସନ୍ଥ ଗୁରୁନାନକ ପୁଣି ଅପୂର୍ବ ବୀର ଗୁରୁଗୋବିନ୍ଦ ସିଂହ ଓ ଲାଲାଲଜ୍‌ପତ ରାୟ ।

ହାୟରେ, ଚିରକାଳ ମୋର ରକ୍ତରଂଞ୍ଜିତ ମାତୃଭୂମି ପଞ୍ଜାବ । ଭାରତମାତାର ସୀମାନ୍ତଅଂଶ । ଏହି ଭୂମିକୁ ଅତିକ୍ରମ କରି ବହୁ ବିଦେଶୀ ଆକ୍ରମଣକାରୀ, ଲୁଣ୍ଠନକାରୀ ଭାରତମାତାର ଶିରୀ ଅପହରଣପାଇଁ, ହଜାର ହଜାର ବର୍ଷ ଧରି ଅପଚେଷ୍ଟା କରିବା ମଧରେ ମୋ ମାଟିର ପୁଅ, ମାଆ ଓ ଭଉଣୀମାନେ ଆକ୍ରମଣକାରୀମାନଙ୍କୁ ମୁକାବିଲା କରିଛନ୍ତି । ତାହାରି ମଧରେ ସେମାନଙ୍କ ରକ୍ତରେ ଲତୁଆ ମଣିଷର ଶୋଣିତ ଅସ୍ଥିମଜ୍ଜାଗତ ହୋଇ ଆସିଛି । ଖ୍ରୀ:ପୂର୍ବ ଷଷ୍ଠ ଶତାବ୍ଦୀରୁ ଆଜି ପର୍ଯ୍ୟନ୍ତ ସୁଜଳାସୁଫଳା ସ୍ୱର୍ଣ୍ଣପ୍ରସୂ ଭାରତଭୂମିକୁ ନିଜ କବ୍‌ଜାରେ ରଖିବାପାଇଁ ଆସିଛନ୍ତି ବିଶ୍ୱବିଜୟୀ ହେବା ନିଶାରେ ଯୁଦ୍ଧ ଅଭିଯାନକାରୀ ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡାର, ମୋଗଲ ସାମ୍ରାଜ୍ୟବାଦୀ ବାବର୍, ଏମିତି କେତେ ବିଦେଶୀ ଆକ୍ରମଣକାରୀ । ତକ୍ଷଶୀଳା ନରେଶ ପୁରୁ ଏହି ଭୂମିରେ ଗ୍ରୀକ୍ ସେନାବାହିନୀକୁ ଅଣନିଃଶ୍ୱାସୀ କରିଥିଲେ । ସ୍ୱଦେଶୀ ମୌର୍ଯ୍ୟ ସାମ୍ରାଜ୍ୟର ପ୍ରତିଷ୍ଠାତା ଗୁରୁ ଚାଣକ୍ୟ ଓ ଶିଷ୍ୟ ଚନ୍ଦ୍ରଗୁପ୍ତ ଆଲେକ୍‌ଜାଣ୍ଡାର୍ ଓ ତାଙ୍କ ସେନାପତି ସେଲ୍ୟୁକସ୍‌ଙ୍କୁ କୂଟନୈତିକ ଚାଲ୍‌ରେ ଛନ୍ଦି ଦେଇଥିଲେ ।

ଦେଶପ୍ରେମୀ, ବୀରଯୋଦ୍ଧାଭୂମି ପଞ୍ଜାବ । ମୋର ପ୍ରିୟ ଜନ୍ମଭୂମି । ପଞ୍ଜାବର ଅଗଣିତ ବୀରଯୋଦ୍ଧାମାନଙ୍କ ଭିତରେ ଥିଲେ ଜଣେ ଅର୍ଜୁନ ସିଂହ । ସର୍ଦ୍ଦାର ଅର୍ଜୁନ ସିଂହ ।

ଅର୍ଜୁନ ସିଂହ ଥିଲେ ବାଙ୍ଗା ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତି– କୃଷକମାନଙ୍କ ନେତା । ବିତ୍ତଶାଳୀ ଚାଷୀ । ଏକାନ୍ନବର୍ତ୍ତୀ ଗୋଟେ ବିଶାଳ ଶିଖ ପରିବାରର ମୁଖିଆ । ପ୍ରଚଣ୍ଡ ସ୍ୱାଭିମାନୀ, ସ୍ୱାଧିନତାପ୍ରେମୀ ହେଲେ ସୁଦ୍ଧା ସେ ଥିଲେ ନିହାତି ଶାନ୍ତ, ସରଳ । ତାଙ୍କୁ ବ୍ରିଟିଶ୍‌ଶାସନର ସ୍ଥାନୀୟ ପ୍ରଶାସନ ବ୍ରିଟେନ୍‌ରାଣୀଙ୍କ ସିଂହାସନ ପ୍ରତି ଅନୁରକ୍ତ କରି ରଖିବାପାଇଁ ଉଦ୍ୟମକରି ଆସିଥିଲେ ସୁଦ୍ଧା ଅର୍ଜୁନ ସିଂହ ଥିଲେ ନିର୍ଲିପ୍ତ–ନିର୍ବିକାର । କିନ୍ତୁ ଅର୍ଜୁନ ସିଂହଙ୍କର ଅନ୍ୟ ଦୁଇଭାଇ ସର୍ଦ୍ଦାର ବାହାଦୁର୍ ସିଂହ ଓ ସର୍ଦ୍ଦାର ଦିଲବାଗ୍‌ସିଂହ ଥିଲେ ବ୍ରିଟିଶ ସିଂହାସନ ଓ ଶାସନ ପ୍ରତି ଏକାନ୍ତ ବିଶ୍ୱସ୍ତ ... ଅନ୍ଧସମର୍ଥକ । ଫଳରେ ବାହାଦୁର ଓ ଦିଲ୍‌ବାଗ୍ ବିପୁଳ ଅର୍ଥ ଓ ବିଶାଳ ଭୂସଂପତ୍ତିର ଅଧିକାରୀ ହୋଇପାରିଥିଲେ । ବ୍ରିଟିଶ୍ ଶାସନ ପ୍ରତି ଅର୍ଜୁନ ସିଂହଙ୍କ ଏପରି ଅନାସକ୍ତ ଓ ପ୍ରଚ୍ଛନ୍ନ ଘୃଣାଭାବପାଇଁ ସେ ଦିନେ ଦାଣ୍ଡର ଭିକାରୀ ହୋଇ ବୁଲିବେ ବୋଲି ଦିଲ୍‌ବାଗ୍ ଓ ବାହାଦୁର୍ କଟୁମନ୍ତବ୍ୟ ସୁଦ୍ଧା କରୁଥିଲେ । ଦୁଇ ଭାଇ ଓ ତାଙ୍କ ପରିବାର ଲୋକଙ୍କର

ଏପରି ଆଚରଣ ଅର୍ଜ୍ଜୁନ ସିଂହଙ୍କୁ ମୋଟେ ପ୍ରଭାବିତ କରିପାରିନଥିଲା । ଅର୍ଜ୍ଜୁନ ସିଂହ ମନେ ମନେ ଭାବୁଥିଲେ- ସୁବିଧାବାଦୀ ପନ୍ଥାରେ ଧନ ଓ କ୍ଷମତା ଅର୍ଜନ ସାମୟିକ ଯଶ-ଖ୍ୟାତି ଆଣିଦେଇପାରେ, କିନ୍ତୁ ଏହା ଚିରସ୍ଥାୟୀ ନୁହେଁ । ଆତ୍ମାକୁ କଳୁଷିତ କରିବା ହିଁ ସାର ହେବ ସିନା । ଗୋଟେ ଏକାନ୍ନବର୍ତ୍ତୀ ସମ୍ଭ୍ରାନ୍ତ ଚାଷୀ ପରିବାରରେ ଦୁଇ ଭାଇଙ୍କ ଭିନ୍ନମତ ଅର୍ଜ୍ଜୁନ ସିଂହଙ୍କୁ କୌଣସିମତେ ପ୍ରଭାବିତ କରିପାରିନଥିଲା । ନିଜର ସ୍ୱାଭିମାନୀ, କର୍ମମୁଖର ଜୀବନ ଭିତରେ ସେ ବଞ୍ଚୁଥିଲେ ।

ସର୍ଦ୍ଦାର ଅର୍ଜ୍ଜୁନ ସିଂହଙ୍କ ତିନି ପୁଅ ।

କିଶନ୍ ସିଂହ, ଅଜିତ୍ ସିଂହ ଓ ସ୍ୱରଣ ସିଂହ ।

ଅର୍ଜ୍ଜୁନଙ୍କ ଏହି ତିନିପୁଅ ଥିଲେ ଦୁଃସାହସୀ, ନିର୍ଭୀକ, ସ୍ପଷ୍ଟବାଦୀ ଓ ସର୍ବୋପରି ଦେଶପ୍ରେମର ଦୁର୍ବାର ଝଡ଼ ।

ବିତ୍ତରେ ଅଭାବୀ ହେଲେ ସୁଦ୍ଧା ଏହି ତିନିପୁଅଙ୍କ ପାଇଁ ଅର୍ଜ୍ଜୁନ ସିଂହ ଥିଲେ ଚିତ୍ତରେ ସମୃଦ୍ଧଶାଳୀ । ଏହି ତିନିପୁଅ ଯେମିତି ତାଙ୍କ ପାଇଁ ପାଲଟି ଯାଇଥିଲେ ଐଶ୍ୱର୍ଯ୍ୟର ଯାବତୀୟ ସ୍ୱପ୍ନ ଓ ସମ୍ଭାବନା ।

ବିଂଶ ଶତକର ପ୍ରଥମ ଦଶକ । ୧୯୦୪ ଓ ୧୯୦୫ ଥିଲା ଭାରତ ଇତିହାସରେ ଏକ ସନ୍ଧିକ୍ଷଣ ।

ସାମ୍ରାଜ୍ୟବାଦୀ ବ୍ରିଟିଶ ଶାସନର ଭାରତରେ ବଡ଼ଲାଟ୍ ଭାବେ ପ୍ରତିନିଧିତ୍ୱ କରୁଥିବା ଲର୍ଡ଼ କର୍ଜନଙ୍କ (ଡ଼ିଭାଇଡ ଆଣ୍ଡ୍ ରୁଲ୍) କୂଟନୈତିକ ଶାସନ ଖସଡ଼ା ବିରୁଦ୍ଧରେ ସ୍ୱଦେଶପ୍ରେମୀ ତୁଙ୍ଗ ଭାରତୀୟ ନେତୃମଣ୍ଡଳୀମାନରେ ପ୍ରତିବାଦ ଓ ବିଦ୍ରୋହର ଦାନା ବାନ୍ଧୁଥିଲା ।

ଏହି ପ୍ରତିବାଦ, ଅସନ୍ତୋଷ ଓ ବିଦ୍ରୋହର ନେତୃତ୍ୱ ନେଇଥିଲେ ପଞ୍ଜାବକେଶରୀ ଲାଲା ଲଜପତ୍ ରାୟ । ଲାଲାଜୀଙ୍କ ନେତୃତ୍ୱରେ ପଂଜାବରେ ବ୍ରିଟିଶ୍ ଶାସନ- ପ୍ରଶାସନ ବିରୁଦ୍ଧରେ ଆନ୍ଦୋଳନ, ଅରଣ୍ୟରେ ଝରାପତ୍ରରେ ବହ୍ନିର ବନ୍ୟା ସଂଚାରିଲା ପରି ବ୍ୟାପୁଥିଲା ।

ସବଳ ଚାଲାକ ଚତୁର କ୍ଷମତାତନ୍ତ୍ରର ଭ୍ରଷ୍ଟାଚାରରେ ସନ୍ତୁଳିତ ଅସହାୟ ଦୁର୍ବଳ ଜନସାଧାରଣ ସବୁକିଛି ସହିଯାଇ ମୂକବଧିର ପାଲଟି ଯାଉଥିଲେ ସୁଦ୍ଧା,

ସେମାନଙ୍କ ମନ ଭିତରେ ପାଉଁଶତଳର ନିଆଁ ପରି ଅସନ୍ତୋଷ ଓ କ୍ରୋଧ ଲୁଚି ରହିଥାଏ । କିନ୍ତୁ ଯେତେବେଳେ କାଳବୈଶାଖୀର ଝଂଜା ରୂପେ ଏକ କ୍ରାନ୍ତିକାରୀ ନୂତନ ଚେତନା ନୂତନ ନେତୃତ୍ୱ ନେଇ ଜନତାଙ୍କ ଯାବତୀୟ ଜଡ଼ତା, ଶିଥିଳତାକୁ ଭାଙ୍ଗି ଚୂରମାର କରିଦିଏ, ସେତିକିବେଳେ ନିର୍ଯ୍ୟାତିତ–ନିଷ୍ପେଷିତ ମୂକ ଜନତା ଶୋଷଣ ବିରୁଦ୍ଧରେ ମୁଖର ହୋଇଉଠନ୍ତି । ସେଇ ମୁକ୍ତିକାମୀ ଚେତନାର ମୁଖର ବ୍ୟକ୍ତିତ୍ୱ ଭାବେ ଉଭା ହୋଇଥିଲେ ଲାଲା ଲଜ୍‌ପତ ରାୟ ।

ଲାଲା ଲଜପତ୍‌ରାୟଙ୍କ ବଳିଷ୍ଠ ଜାତୀୟବାଦୀ ନେତୃତ୍ୱରେ ଅନୁପ୍ରାଣିତ ହେଲେ ପଂଜାବର ବିଭିନ୍ନ ପ୍ରାନ୍ତରର ଅଗଣିତ ଦେଶପ୍ରେମୀ ଯୁବଶକ୍ତି ।

ଲାଲାଜୀଙ୍କ ଘନିଷ୍ଠ ସଂପର୍କରେ ଆସିଲେ, ଦୂରରୁ ନିକଟ ପୁଣି ନିକଟରୁ ନିକଟତର ହେଲେ ଅର୍ଜୁନ ସିଂହଙ୍କ ତିନିପୁଅ ସର୍ଦ୍ଦାର୍ ଅଜିତ୍ ସିଂହ, ସର୍ଦ୍ଦାର୍ କିଶନ୍ ସିଂହ ଓ ସର୍ଦ୍ଦାର୍ ସ୍ୱରଣ ସିଂହ ।

ପଂଜାବକେଶରୀ ଲାଲାଜୀଙ୍କ ପଛରେ ଠିଆହେଲେ ତିନୋଟି ସିଂହ ଅଜିତ୍– କିଶନ୍ ଓ ସ୍ୱରଣ । ଏହି ତିନି ସିଂହଭ୍ରାତା ମୁକ୍ତିର ମହାସଂଗ୍ରାମରେ ନିଜକୁ ଉତ୍ସର୍ଗ କରିଦେଇଥିଲେ ।

କାଳେ କାଳେ ପୃଥିବୀର ଇତିହାସ ପରିବର୍ତ୍ତନକାମୀ ଚେତନାର ଧାରକ ଓ ବାହକମାନଙ୍କୁ ଗୋଟିଏ କଥା ସ୍ମରଣ କରାଇ ଆସିଛି– ମୁଷ୍ଟିମେୟ ସଂକଳ୍ପବଦ୍ଧ ସାଧକ ଯଦି ନିରନ୍ତର ଭାବରେ ନିଜ ନିଜର ନିଷ୍ଠା ଓ ଆଦର୍ଶରେ ଅଟଳ ହୋଇ କାର୍ଯ୍ୟ କରିବେ, ତେବେ ସେମାନେ ଇତିହାସର ମୋଡ଼କୁ ବଦଳାଇ ଦେଇପାରିବେ । ସେଥିପାଇଁ ଲୋଡ଼ା ଯୋଗୀର ଅନାସକ୍ତ ତପସ୍ୟା, ବିପ୍ଳବୀର ସମାଜ ସଚେତନ ପୁରୋଦୃଷ୍ଟି ଓ ଜୀବନ ପ୍ରମତ୍ତ ସଂବେଦନଶୀଳତା, ତ୍ୟାଗ, ତିତିକ୍ଷା ଏବଂ ସହନଶୀଳତା ସହିତ ସ୍ଥିତପ୍ରଜ୍ଞତା ।

ଏହି ଚେତନା ସେଇ ତିନି ଭାଇଙ୍କ ଅବଚେତନ ମନରେ ସଂକ୍ରମିତ ହେବା ମଧ୍ୟରେ ସେମାନେ ଯେଉଁ କ୍ରାନ୍ତିର ପଥ ବାଛି ନେଇଥିଲେ, ଜନ ଆନ୍ଦୋଳନର ଯେଉଁ ମୁକ୍ତିମଶାଲରେ ଅଗ୍ନିସଂଯୋଗ କରିଥିଲେ, ତାହା ସହସ୍ରାଧିକ ଅଗ୍ନିଗର୍ଭା ମଶାଲରେ ପରିଣତ ହୋଇ ପଂଜାବର ନଗର ଜନପଦ ଠାରୁ ମହାନଗର ପର୍ଯ୍ୟନ୍ତ ଆଲୋକସ୍ରୋତରେ ରୂପାନ୍ତରିତ ହୋଇଥିଲା । ଏହି କ୍ରାନ୍ତିର ଆଲୋକ ଶିଖା ଇତିହାସର ପୃଷ୍ଠାରେ 'ଶିଖ୍ ଆନ୍ଦୋଳନ' ଭାବେ ଲିପିବଦ୍ଧ ହୋଇଛି ।

ବିଟ୍ରିଶ୍ ଶାସନର ଭାରତରେ ପ୍ରୟୋଗ ହୋଇଥିବା ୧୮୧୮ର ବେଙ୍ଗଲ୍ ରେଗୁଲେସନ୍ ଆକ୍ଟ ୧୯୦୭ରେ ବଳବତ୍ତର ହେଲା । ବିଦେଶୀଗୋରା ଶାସନତନ୍ତ୍ରକୁ ସୁହାଇଲା ଭଳି ଏହି ପ୍ରଜାଦମନକାରୀ ଆଇନ ବୁଦ୍ଧିଜୀବୀମାନଙ୍କ ମନରେ ପ୍ରତିକ୍ରିୟା ସୃଷ୍ଟିକଲା । ଦେଶବ୍ୟାପୀ ଗୋରା ଶାସନ ବିରୁଦ୍ଧରେ ଅସନ୍ତୋଷର ନିଆଁ ଜାଳିଲା । କିନ୍ତୁ ଏହି ନିଆଁ ଉଗ୍ରରୂପ ଧାରଣ କଲା ବଙ୍ଗଳା ଓ ପଂଜାବରେ । ଏହି ଦୁଇ ରାଜ୍ୟରେ ଶାସନ ବିରୁଦ୍ଧରେ ଆନ୍ଦୋଳନ ଚାଲିଲା । ଏହି ଜନ ଆନ୍ଦୋଳନକୁ କୌଣସିମତେ ଚାପି ଦେବାପାଇଁ ସରକାର ନାନା ଫନ୍ଦିଫିକର ସୃଷ୍ଟି କରି ବହୁ ନେତାଙ୍କୁ ଗିରଫ କରି ଜେଲ୍ ହାଜତକୁ ପଠାଇଲେ ।

ଲାଲା ଲଜପତ୍‌ରାୟ ଓ ସର୍ଦ୍ଦାର ଅଜିତ୍ ସିଂହ ପଞ୍ଜାବରେ ଗିରଫ୍‌ହେଲେ । ସର୍ଦ୍ଦାର ଅଜିତ୍‌ସିଂହ ଆନ୍ଦୋଳନର ନେତୃତ୍ୱ ନେଉଥିବା ଦୋଷରେ ବିଚାରାଳୟରେ ଦଣ୍ଡିତ ହେଲେ ଏବଂ ପଞ୍ଜାବରୁ ସୁଦୂର ବର୍ମାର ଜେଲକୁ ସ୍ଥାନାନ୍ତରିତ ହେଲେ । ନିଜ ଭାଇକୁ ଏପରି ଦେଶାନ୍ତର କଠୋର ଜେଲ୍‌ଦଣ୍ଡ ଯୋଗୁଁ ଅନ୍ୟ ଦୁଇଭାଇ ସର୍ଦ୍ଦାର୍ କିଶନ୍ ସିଂହ ଓ ସର୍ଦ୍ଦାର ସ୍ୱରଣ ସିଂହ ପ୍ରତିବାଦ କରି ପଞ୍ଜାବର ବିଭିନ୍ନ ସ୍ଥାନରେ ସାଧାରଣ ସଭାମାନ ଆୟୋଜନକରି ଏକଛତ୍ରବାଦୀ-ସାମ୍ରାଜ୍ୟବାଦୀ ଗୋରା ଶାସନ ବିରୁଦ୍ଧରେ ଜ୍ୱାଳାମୁଖୀ ଭାଷଣମାନ ଦେଲେ । ଫଳରେ ଏହି ଦୁଇ ଭାଇ ମଧ୍ୟ ବିଟ୍ରିଶ୍ ସରକାରଙ୍କ ଦ୍ୱାରା ଗିରଫ ହୋଇ ବିଚାରାଧୀନ ବନ୍ଦୀ ଭାବରେ ଜେଲ୍ ହାଜତ୍‌କୁ ଗଲେ ।

ସର୍ଦ୍ଦାର କିଶନ ସିଂହ ଜେଲ୍‌ର କାଳ କୋଠରୀରେ ଭାଇ ସ୍ୱରଣସିଂହଙ୍କ ସହିତ କାରାଦଣ୍ଡ ଭୋଗୁଥିବା ବେଳେ କିଶନଙ୍କ ପତ୍ନୀ ବିଦ୍ୟାବତୀ ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିଲେ ।

ବିଦ୍ୟାବତୀଙ୍କ ସନ୍ତାନ ପ୍ରସବକାଳ ଆସନ୍ନ ଥିବା ଜାଣି ଜେଲ୍‌ର କାଳକୋଠରୀ ଭିତରେ ବନ୍ଦୀ ଥିବା ସ୍ୱରଣସିଂହ ଭାଇ କିଶନ୍‌ଜୀଙ୍କୁ ପଚାରିଲେ- "ଭାପା ! ତମେ ଏବେ କ'ଣ ଭାବୁଚ ? ମୋର ପୁତୁରାଟିଏ ଆସିବ ନା ଝିଆରୀଟିଏ ?"

ସର୍ଦ୍ଦାର କିଶନସିଂହ ମୁହଁରେ ମ୍ଳାନ ଅଥଚ ସ୍ମିତ ହସ ଟୋକି ସାନଭାଇର କାନ୍ଧକୁ ଥାପୁଡାଇ କହିଲେ-" ବାହେ ଗୁରୁ, ଏବେ ଯେଉଁ ସନ୍ତାନଟି ଆମ ପରିବାରକୁ ଆସିବ, ସେ ଆସିବ ମୋର ପୁତ୍ର ଭାବେ । ସୂର୍ଯ୍ୟସମ ପ୍ରଖର ଦ୍ୟୁତିରେ ସେ କେବଳ ଆମ ବଂଶଲତାକୁ ଆଲୋକିତ କରିବ, ସେତିକି ନୁହେଁ, ତାରି ପାଇଁ ଆମ ଗାଁ, ଆମ ଅଞ୍ଚଳ ଦିନେ ଜଗତ ବିଖ୍ୟାତ ହେବ ।" କିଶନ୍ ସିଂହଙ୍କ ବଚନ ସତ୍ୟ ହେଲା ।

ସମୟର ଶଙ୍ଖନାଦ ମଧ୍ୟରେ ଯେଉଁ ପୁତ୍ର ସନ୍ତାନଟି ଜନ୍ମନେଲା, ସେହି ସନ୍ତାନଟି ମୁଁ ...

ମୁଁ ଭଗତ ସିଂହ !
ହଁ, ମୁଁ ସର୍ଦ୍ଦାର୍ ଭଗତ ସିଂହ ।

୧୯୦୭ ସେପ୍ଟେମ୍ବର ୨୭ ତାରିଖ । ସୂର୍ଯ୍ୟ ପଶ୍ଚିମା ଦିଗ୍‌ବଳୟମୁଖୀ । ବାଙ୍ଗା ଗ୍ରାମର ସବୁଜ-ସ୍ୱର୍ଣ୍ଣ ଧାନ, ଗହମଖେତ ଉପରେ ସାୟାହ୍ନ ସୂର୍ଯ୍ୟର କେରି କେରି ସୁନାର ଆଲୋକ ଝରିପଡୁଥାଏ । ଏହି ସୁବର୍ଣ୍ଣ ଆଲୋକରେଖା ସର୍ଦ୍ଦାର କିଶନ ସିଂହଙ୍କ ଘରର ଅଗଣା ଉପରେ ମଧ୍ୟ ସଂଚରିଯାଉଥାଏ । ମୋର ପିତାମହ ସର୍ଦ୍ଦାର ଅର୍ଜ୍ଜୁନ ସିଂହ ଘରର ଅଗଣାରେ ଏପଟ ସେପଟ ପଦଚାରଣା କରୁଥାନ୍ତି । ସଦ୍ୟ ସନ୍ତାନ ପ୍ରସବା ପୁତ୍ରବଧୂ ଓ ସଦ୍ୟଜନ୍ମଜାତ ପୌତ୍ରର ମଙ୍ଗଳ କାମନା କରି, ଭଗବାନଙ୍କୁ ପ୍ରାର୍ଥନା କରୁଥାନ୍ତି- 'ୱାହେ ଗୁରୁ କା ଖାଲ୍‌ସା, ୱାହେ ଗୁରୁ କୀ ଫତେହ' । ଆଖି ମୁଦି ମୋର ପିତାମହ ଅର୍ଜ୍ଜୁନ ସିଂହ ତାଙ୍କର ସେଇ ସର୍ବଶକ୍ତିମାନ ମାନସଦେବତାଙ୍କୁ ବାରଂବାର ଯେମିତି ସ୍ମରଣ କରୁଥିଲେ ।

ସେଇ ବର୍ଷଣମୁଖର ସାୟାହ୍ନବେଳଟି ଆମର ସମଗ୍ର ପରିବାର ପାଇଁ ଯେମିତି ଗୋଟେ ସ୍ମରଣୀୟ ଦିବସ । ମୋର ପିତା ଓ କକା ବନ୍ଦୀଶାଳାରେ ଥିବା ଯୋଗୁଁ ଯେଉଁ ବିଷାଦର ଘନମେଘ ଆମ ପରିବାରକୁ ଘୋଟି ଆସିଥିଲା, ସେଇ ବିଷାଦର ଘନ ଅନ୍ଧକାରକୁ ଚିରି ମୋର ଧରାବତରଣ ହୁଏତ ସେମାନଙ୍କ ମନରେ ଆନନ୍ଦ ଓ ଆଲୋକର ସାନ୍ତ୍ୱନା ରଶ୍ମି ଭରିଦେଇଥିଲା । ସାଇପଡ଼ିଶା ଆମ ଘରକୁ ଆସି ଅଭିନନ୍ଦନ ଜଣାଇଥିଲେ । ମୁଁ କୁଆଡ଼େ ଜନ୍ମରୁ ଥିଲି ସୁସ୍ଥସବଳ-ଶ୍ୟାମଳ ବର୍ଣ୍ଣର ... ମହାଭାରତ ଯୁଦ୍ଧର ମହାନାୟକ ଶ୍ରୀକୃଷ୍ଣଙ୍କ ପରି ...

ମୋର ଜନ୍ମ ହେବା ଖବର ଜେଲ୍‌ରେ ବନ୍ଦୀଥିବା ମୋ ପିତାଙ୍କ ପାଖରେ ଯେତେବେଳେ ପହଞ୍ଚିଲା, ସେତେବେଳେ କୁଆଡ଼େ ସେ ଆନନ୍ଦରେ ଆତ୍ମହରା ହୋଇ ମୋର କକେଇ ସ୍ୱରଣ ସିଂହଙ୍କୁ କୁଣ୍ଢେଇ ପକେଇ କହିଥିଲେ- "ମୁଁ ଯାହା ଭବିଷ୍ୟବାଣୀ କରିଥିଲି, ତୋର ମନେ ଅଛି ତ ? ମୋର ପୁତ୍ରଟିଏ ଜନ୍ମହେବ ବୋଲି କହିଥିଲି । ଏବେ ତାହା ସତ୍ୟରେ ପରିଣତ ହେଲା । ଏବଂ ମୋର ଆଉ ଗୋଟେ ଭବିଷ୍ୟବାଣୀ ମଧ୍ୟ ଏବେ ଖାତାରେ ଟିପିରଖ, ତୋର ଏଇ ପୁତୁରା ଦିନେ ଆମ ପରିବାର ପାଇଁ

ଗର୍ବ ଓ ଗୌରବର କୀର୍ତ୍ତିରାଜି ସ୍ଥାପନ କରିବ ।''

ମୋ ବାପାଙ୍କ ଦୀର୍ଘକାଳୀନ କାରାଗାର ବନ୍ଦୀଜୀବନ ଆମ ପରିବାର ପାଇଁ ବିଭିନ୍ନ ସମସ୍ୟା-ଚିନ୍ତା ସୃଷ୍ଟି କରୁଥିଲେ ସୁଦ୍ଧା ମୋ ଜେଜେ ଓ ମୋ ମାଆଙ୍କର ମନରେ ଅସୀମ ଧୈର୍ଯ୍ୟ, ତ୍ୟାଗପୂତ ଦେଶପ୍ରେମ, ମାନସିକ ଦୃଢ଼ତା ଓ ଇଚ୍ଛାଶକ୍ତି ସୃଷ୍ଟି କରୁଥିଲାବେଳେ କ୍ରମଶଃ ମୁଁ ଶିଶୁର ଶୈଶବରୁ ବାଲ୍ୟସୁଲଭ ଚପଳତାର ଅନୁଭବ ଆଡ଼କୁ ଅଗ୍ରସର ହେଉଥିଲି । ମୋତେ ପାଇ ମୋର ଜେଜେ ଅର୍ଜୁନସିଂହଙ୍କ ଉତ୍ସାହର ଅନ୍ତନଥିଲା । ଜେଜେଙ୍କ ଶ୍ରଦ୍ଧାର ବନ୍ଧନ ଓ ମାଆଙ୍କ ବାତ୍ସଲ୍ୟ ମମତା ଦିନକୁ ଦିନ ମୋର ଶୈଶବକୁ ଅଧିକ ଉତ୍ସାହିତ କରୁଥିଲା । ଜେଜେ ଅର୍ଜୁନ ସିଂହ ମୋର ପିତା କିଶନ ସିଂହଙ୍କ ଅପୂର୍ବ ଦେଶପ୍ରେମ, ଦୃଢ଼ତା ଓ ଦୁଃସାହିକତା ପାଇଁ ଗର୍ବ ଓ ଗୌରବରେ ଉତ୍ସାହିତ ହୋଇପଡ଼ିଥିବାବେଳେ ତାଙ୍କ ଏକାନ୍ନବର୍ତ୍ତୀ ପରିବାର ଭିତରେ ମୋର ଆତଯାତ ତାଙ୍କୁ ଅଧିକ ଆତ୍ମବିଶ୍ୱାସୀ କରୁଥିଲା । ସେ ତାଙ୍କ ପରମେଶ୍ୱରଙ୍କୁ କୃତାଞ୍ଜଳିପୂର୍ଣ୍ଣ ଯୋଡ଼ ହସ୍ତରେ ଥାଇ ମନେ ମନେ ଗୁଣୁ ଗୁଣୁ ହେଉଥାନ୍ତି- ''ଓ୍ୱାହେ ଗୁରୁ ! ତମ ପାଖରେ ଆଜୀବନ କୃତଜ୍ଞ ରହିବି, ତମେ ମୋର ସାହସୀ ପୁଅକୁ ଦୁଃସାହସୀ ପୁତ୍ର ରତ୍ନଟିଏ ଦେଇଚ । ଏଇ ଶିଶୁ ନିଶ୍ଚେ ଦିନେ ବଡ଼ହୋଇ ଏ ଦେଶରୁ ବ୍ରିଟିଶ ଶାସନକୁ ବିତାଡ଼ିତ କରିବ ।''

ଦିନପରେ ଦିନ, ମାସ ପରେ ମାସ, ବର୍ଷ ପରେ ବର୍ଷ ଅତିକ୍ରାନ୍ତ ହେବାକୁ ଲାଗିଲା । ମା ବିଦ୍ୟାବତୀଙ୍କ ସ୍ନେହ, ଶ୍ରଦ୍ଧା, ବିଶ୍ୱାସର ଫଲ୍‌ଗୁଧାରା ମୋ ଉପରେ ଅଜାଡ଼ି ହୋଇପଡିଲା । ଯଦିଓ ମୋର ଆଉ ଜଣେ ବଡ଼ଭାଇ ଥିଲେ- ଜଗତସିଂହ ... କିନ୍ତୁ ମାଆ ବଡ଼ପୁଅ ଅପେକ୍ଷା ସାନପୁଅ ଅର୍ଥାତ୍ ମୋ ଭିତରେ କେମିତି ଗୋଟେ ଉଜ୍ଜ୍ୱଳ ସମ୍ଭାବନାର ଆସ୍ଥା ଓ ବିଶ୍ୱାସ ପ୍ରକଟ କରୁଥିଲେ । ସେଇ ବାଲ୍ୟ-କୈଶୋର କାଳରୁ ଯେମିତି ମୁଁ ଥିଲି ମାଆଙ୍କର ନୟନତାରା । ଶୟନେ, ସପନେ, ଜାଗରଣେ ମାଆଙ୍କ ସ୍ନେହ ଜରଜର ବାତ୍ସଲ୍ୟମମତାର ସ୍ପର୍ଶ, ତାଙ୍କ ତୁଣ୍ଡରେ ମୋର ପୂର୍ବପୁରୁଷ ଏବଂ ମୋର ଲଡୁଆ ଶିଖ୍‌ଜାତିର ବୀରତ୍ୱ ଓ ଆତ୍ମବଳିଦାନର କାହାଣୀ ମୋତେ ଅଧିକ ସ୍ପର୍ଶାତୁର , ମଣିଷଜାତି ପ୍ରତି ଅଧିକ ସମ୍ବେଦନଶୀଳ ଓ ପ୍ରବଳ ଆତ୍ମବିଶ୍ୱାସୀ ଲଡୁଆ ମଣିଷଟିଏ ହେବାପାଇଁ ଅନୁପ୍ରାଣିତ କରୁଥିଲା । ସଂକଳ୍ପବଦ୍ଧ ... ସ୍ୱପ୍ନପ୍ରବଣ

ମଣିଷପାଇଁ ମାଆମାନେ ହିଁ ଜୀବନଯାତ୍ରାର ଚଲାପଥପାଇଁ ଯେ ପ୍ରଥମଗୁରୁ ... ମାର୍ଗଦର୍ଶିକା ବୋଲି ଯୁଗ ଯୁଗ ଧରି ଯେଉଁ ଆପ୍ତବାକ୍ୟ ରହିଚି– ତାହା ମୋ ମା'ଙ୍କ ପାଖରେ ପ୍ରମାଣିତ ହୋଇଥିଲା । ମାଆ ଓ ପୁଅ ଭିତରେ ଏପରି ଦୃଢ଼ ବନ୍ଧନକୁ ଲକ୍ଷ୍ୟକରି ଆମ ଏକାନ୍ନବର୍ତ୍ତୀ ପରିବାରର ଅନ୍ୟ ସଦସ୍ୟ ସଦସ୍ୟାମାନେ ଅଭିଭୂତ ହୋଇ ପଡୁଥିଲେ ।

କ୍ରମଶଃ ମୁଁ ଶିଶୁରୁ ବାଳକରେ ରୂପାନ୍ତରିତ ହେଲାପରେ ପାଠ ପଢ଼ିବା ପାଇଁ ପ୍ରାଇମେରୀ ସ୍କୁଲକୁ ଗଲି । ମୋ ଉପର ଭାଇ ଜଗତ ସିଂହ ଓ ମୁଁ ... ଆମେ ଦୁଇ ଭାଇ ବହିବସ୍ତାନି ଧରି, ହାତକୁହାତଛନ୍ଦି ସ୍କୁଲକୁ ଯାଉଥିଲୁ । କିନ୍ତୁ ମୁଁ ମୋର ଭାଇ ଜଗତ ବା ମୋର ସମବୟସ୍କ ସ୍କୁଲଛାତ୍ର ସାଥୀମାନଙ୍କ ପରି ବିଦ୍ୟାଳୟର ପାଠ୍ୟଖସଡ଼ା ପ୍ରତି ବେଶୀ ଆକୃଷ୍ଟ ନଥିଲି । ଗୋଟେ ସାଧାରଣଛାତ୍ର ପରି ଯଦିଓ ମୁଁ ପାଠ ପଢୁଥିଲି, କିନ୍ତୁ ମୋର ଜିଜ୍ଞାସୁ ମନ ମତେ ନିର୍ଦ୍ଦିଷ୍ଟ ଗୋଟିଏ ସ୍ଥାନରେ କେବେହେଲେ ବାନ୍ଧି ରଖିପାରୁନଥିଲା । ବିଦ୍ୟାଳୟର କ୍ଲାସରୁମ୍‌ର ଚାରିକାନ୍ଥ ଭିତରେ, ମୁଁ ତଷ୍ଟୁକୁଟା ପାଠ ଭିତରେ ଅଣନିଃଶ୍ୱାସୀ ହୋଇପଡିଲେ, ଅବସର ମିଳିଲାକ୍ଷଣି ସ୍କୁଲପାଖ ଧାନ ଗହମ କ୍ଷେତ, ନୋହିଲେ ନଦୀକୂଳକୁ ଦୌଡ଼ି ପଳାଉଥିଲି । ଶସ୍ୟଶ୍ୟାମଳା ସବୁଜକ୍ଷେତ ଭିତରେ ସର୍ପିଳଗତିରେ ବହିଯାଉଥିବା କେନାଲର ଜଳଧାରା ଓ କେନାଲକଡର ନାନାରଙ୍ଗୀ ଫୁଲଫଳଭରା ବୃକ୍ଷରାଜିର ଶୀତଳଛାୟା ମୋତେ ବାତୁଳ, ସ୍ୱପ୍ନପ୍ରବଣ କରିଦେଉଥିଲା । ମାଆ ତୁଣ୍ଡରୁ ଶୁଣି ଆସିଥିବା ପଞ୍ଜାବର ଯେତେସବୁ ଲୋକଗୀତ ଓ କାହାଣୀ ମତେ କ୍ରମଶଃ କବି କରିଦେଉଥିଲା ।

ନଦୀର ନୀଳ ନୀଳ ଜଳତରଙ୍ଗ, ସବୁଜ କ୍ଷେତକୁ ସ୍ପର୍ଶକରି ଲହଡି ଭାଙ୍ଗୁଥିବା ଧୀର ସମୀରଣ, ଧାନ–ଗହମକ୍ଷେତ ଉପରେ ସ୍ୱାଧିନମୁକ୍ତ ମନନେଇ ଉଡ଼ିବୁଲୁଥିବା ନାନା ଜାତି ପକ୍ଷୀମାନଙ୍କ କଳରବ ସହିତ ଚକ୍‌କର କଟା ଉଡ଼ାଣ ମତେ ମୁଗ୍ଧ–ଭାବବିହ୍ୱଳ କରି ଦେଉଥିଲା । ବିଦ୍ୟାଳୟରେ ଶିକ୍ଷକମାନେ ମୋର ସହପାଠୀ ସାଥୀମାନଙ୍କୁ ଜଣ ସବୁ ପଢ଼ାଉଥିଲେ, ସେଥିପ୍ରତି ମୋର କୌଣସି ଆଗ୍ରହ କିମ୍ବା ଶିକ୍ଷକଙ୍କ ତାଗିଦ୍, ବେତମାଡ଼ ମୋତେ ଆତଙ୍କିତ ବା ଆଶଂକିତ କରୁନଥିଲା । ପାଠପଢ଼ା ସାଙ୍ଗମାନଙ୍କଠାରୁ ପାଠ ପଢ଼ାବେଳେ ଦୂରେଇ ରହିବା, ସବୁବେଳେ ନିଜ ଭିତରେ ନିଜେ ହଜିଯିବା, ଆତ୍ମସ୍ଥ ହୋଇଯିବା ଲକ୍ଷ୍ୟ କରି ମୋ ସ୍କୁଲ୍‌ମେଟ୍ ସାଥୀମାନେ ମୋତେ ଗୋଟେ ନାଁ ଦେଇଥିଲେ– ଚୁପ୍‌ପା । ସ୍କୁଲର ଦୁଷ୍ଟ–ଦୁର୍ଦ୍ଦାନ୍ତ ସାଙ୍ଗମାନେ ଡାକୁଥିଲେ– ଚୁପ୍‌ପା ସିଂ । କିନ୍ତୁ ମୁଁ କାହାର କୌଣସି ଆକ୍ଷେପକୁ ଭ୍ରୁକ୍ଷେପ କରୁନଥିଲି ।

ସ୍କୁଲର କ୍ଲାସ୍‌ରୁମ୍‌ରେ ପାଠପଢ଼ା ଚାଲିଥିବାବେଳେ ମୁଁ ଛୁମାନ୍ତରମ୍ ପରି ବାହାରକୁ ଚାଲିଆସି, ନଦୀକୂଳରେ କିମ୍ବା କୌଣସି ଗହମକ୍ଷେତର ହିଡ଼ରେ ଥିବା ଗଛମୂଳେ ବସିବାର ରହସ୍ୟ ମୋ ବଡ଼ଭାଇ ଜଗତ ସିଂହ ଆଗରେ ଦିନେ ଧରାପଡିଲା । ସେ ମୋତେ ଖୋଜି ଖୋଜି ମୋ ପାଖକୁ ଆସିଲାବେଳେ ମୁଁ ଧ୍ୟାନସ୍ଥ ହୋଇ ବସିଥିବା ଲକ୍ଷ୍ୟ କରେ । ମୋ କାନ୍ଧ ଉପରେ ହାତ ଥାପି ମୋ ଧ୍ୟାନସ୍ଥ ମୁଦ୍ରାର ଦିବାସ୍ୱପ୍ନ ଭାଙ୍ଗିଦିଏ । ମୁଁ ତାର ମୁହଁକୁ ବଲ ବଲ ହୋଇ ଚାହିଁବା ଦେଖି ହସି ହସି କହେ–"ଏଠି ତୁ କଣ କରୁଛୁ ? ସ୍କୁଲରେ ସାର୍ ପାଠ ପଢ଼ାଉଛନ୍ତି, ଆଉ ତୁ ଏକୁଟିଆଟାରେ ଏଇଠି ବସିଛୁ, କାହିଁକି ? ଉଠ୍, ଚାଲ୍ ।"

ମୁଁ ଭାଇ କାନ୍ଧରେ ହାତ ନଦି କହେ–"ଭାପେ ! ମତେ ଏ ଜାଗାଟା ବେଶୀ ଭଲ ଲାଗୁଚି, ଏଇ ଦୃଶ୍ୟ ସବୁ ମୋର ପ୍ରିୟ ।"

– "କିନ୍ତୁ ତୁ ଏଠି ବସି କ'ଣ ସବୁ ଭାବୁଚୁ ?"

–"କିଛି ନାଇଁ, ଖାଲି ଦେଖୁଚି ପ୍ରକୃତିର ଏଇ ଯେତେ ସବୁ ଅପୂର୍ବ ସମ୍ଭାର..."

ଏମିତି ବିଚିତ୍ର ଉତ୍ତର ସବୁ ମୋ ପାଖରୁ ଶୁଣି ଭାଇ ଜଗତ ସିଂ ବିସ୍ମିତ ହୁଏ । ପୁଣି ପ୍ରଶ୍ନ କରେ–"ଏଇ ମାଇଲ୍ ମାଇଲ୍ ବ୍ୟାପୀ ଧାନ ଫସଲର କ୍ଷେତ, ଖୋଲା ପଡ଼ିଆ, ଶୂନ୍ୟ ଆକାଶଟାକୁ ଚାହିଁରହିଲେ ତତେ କଣ ମିଳୁଛି ?"

ମୁଁ ହସିଦିଏ ଆଉ କହେ–"ସେମିତି କିଛି ନାହିଁ ... ତେବେ ଏଇ ବିସ୍ତୀର୍ଣ୍ଣ ସବୁଜ କ୍ଷେତର ପ୍ରାନ୍ତର ଆଉ ମୁଣ୍ଡ ଉପରର ଆକାଶ ମତେ ମୁକ୍ତ ବିହଙ୍ଗଟିଏ ହେଇ ଉଡ଼ିବାକୁ ଡାକୁଛନ୍ତି । ଥରେ ଆକାଶକୁ ଉଡ଼ିଗଲେ, ଆଉ ତଳକୁ, ଭୂମି ଉପରକୁ ଓହ୍ଲାଇ ଆସିବାକୁ ଇଛା ହେଉନାହିଁ, ଭାଇ !"

ମୋର ଏପରି କଥା ଗୁଡ଼ିକ ଜଗତ୍‌ଭାଇକୁ ଉଦ୍‌କ୍ଷିପ୍ତ, ଉତ୍ୟକ୍ତ କରି ଦେଉଥିଲା । ସେ ବିରକ୍ତିଭରା କଣ୍ଠରେ କହୁଥିଲା–"ପାଠ ପଢ଼ିବାକୁ ଯଦି ତୋର ଇଚ୍ଛାନାହିଁ, ଏମିତି ଛତରା-ବାତରା ଭଳି ବୁଲିବାକୁ ଯଦି ତୋର ଇଚ୍ଛାଥିଲା, ତେବେ ସ୍କୁଲରେ ପାଠ ପଢ଼ିବା ପାଇଁ ନାଁ ଲେଖେଇଲୁ କାହିଁକି ? ଚାଷବାସରେ ବରଂ ମାତିଯିବା ଉଚିତ ଥିଲା । ଦେଖେ, ତୁ ଯଦି ଏମିତି ହେବୁ, ଦିନେ ସ୍କୁଲରୁ ତଡା ଖାଇବୁ ଆଉ ମୂର୍ଖଙ୍କ ଭଳି ଘରେ ବସିବୁ ।"

–"କିନ୍ତୁ ମୋର ଦୋଷ କ'ଣ ? ମତେ କିଏ କାହିଁକି ସ୍କୁଲରୁ ତଡ଼ିବ ?" ମୁଁ ନିରୀହ-ଉଦାସ କଣ୍ଠରେ ଭାଇକୁ ବୁଝାଇଦିଏ ।

–"କି ଆଶ୍ଚର୍ଯ୍ୟ କଥା ତୁ କହୁଚୁ ? ଏଇଟା ଗୋଟେ ସାଧାରଣ ଜ୍ଞାନ

କଥା । ଯଦି ତୁ ସ୍କୁଲକୁ ନିୟମିତ ଗଲେ ସୁଦ୍ଧା କ୍ଲାସରୁମ୍‌ରେ ରହିବୁନି, ଶିକ୍ଷକମାନେ ତୋତେ ଅନୁପସ୍ଥିତ ରହିବା ଦେଖି ବିରକ୍ତ ଆଉ ଅସନ୍ତୁଷ୍ଟ ହେବେନାହିଁ ? ତୋର ଏପରି ବଦମାସୀ ପାଇଁ ଆମ ଘରକୁ ସ୍କୁଲ୍‌ରୁ ତାଗିଦା ନୋଟିସ୍ ଯିବ । ଏହା କଣ ଆମଘର ପାଇଁ ଅପମାନ ନୁହେଁ ? ପୁଣି ପରୀକ୍ଷାରେ ତୁ ଫେଲ୍ ହେଲେ ବାପାମାଆଙ୍କ ମନରେ କେତେ ଦୁଃଖ ହେବ, କହିଲୁ ?''

-''ଆରେ ଭାଇ, ତମେ ସବୁ କ୍ଲାସରୁମ୍‌ରେ ଶିକ୍ଷକଙ୍କ ପାଖରୁ ଯାହା ଶୁଣୁଚ, ମୁଁ ସେସବୁ ଆଗରୁ ଘରେ ପଢ଼ି ମନେରଖି ସାରିଚି । ପରୀକ୍ଷାବେଳ ଆସୁ, ତମେ ସବୁ ବଳେ ବଳେ ଜାଣିଯିବ ।''

ବିଦ୍ୟାଳୟରେ ମୋର ଶିକ୍ଷକମାନଙ୍କ ତାଗିଦ, ବଡଭାଇ ଜଗତସିଂହଙ୍କ କ୍ରୋଧ ବା ବିରକ୍ତି ମୋ ଉପରେ କୌଣସି ପ୍ରଭାବ ପକାଇପାରୁନଥିଲା । ଆମ କ୍ଲାସର ଅନ୍ୟ ବିଦ୍ୟାର୍ଥୀମାନଙ୍କ ଅପେକ୍ଷା ମୋର ଥିଲା ଅସମ୍ଭବ ସ୍ମରଣଶକ୍ତି । ଯେତେ ପୃଷ୍ଠାର ପାଠ୍ୟଖସଡ଼ା ହେଉନା କାହିଁକି, ମୁଁ ଥରେ ପଢ଼ିଦେଲେ ମୋର ସେସବୁ ମନେ ରହିଯାଏ ।

ସେଇ ସମୟରେ ମୋର କୈଶୋର ଦ୍ରୁତ ଗତିରେ ବଢ଼ିଚାଲିଥାଏ । ଶାରୀରିକ ଉଚ୍ଚତା ସହିତ ମାନସିକ ଶକ୍ତି ବୃଦ୍ଧି ପାଉଥାଏ । କ୍ରମଶଃ ମୁଁ ଦିନକୁ ଦିନ ଅନ୍ୟ ସମବୟସ୍କ ବିଦ୍ୟାର୍ଥୀ ସାଥୀ-ସହପାଠୀମାନଙ୍କ ଅପେକ୍ଷା ଅଧିକ ଦୁଃସାହସୀ ହୋଇ ଉଠୁଥିଲି । 'ଚିତ୍ତ ମୋର ଭୟଶୂନ୍ୟ, ମଥା ମୋର ଉଚ୍ଚ' ହୋଇ ଉଠୁଥିଲା । ମୋର ସ୍କୁଲ ସାଙ୍ଗ କ୍ଲାସ୍‌ମେଟ୍‌ମାନେ ମୋତେ ଦେଖିଲେ, କେଜାଣେ କାହିଁକି ଭୟଭୀତ ହୋଇଉଠୁଥିଲେ । ମୋ ଠାରୁ ନିରାପଦ ଦୂରତ୍ୱରକ୍ଷା କରୁଥିଲେ । ବିଦେଶୀ ଗୋରାଶାସନର ଆମ ପ୍ରତି ଦାସାନୁଦାସ ବନ୍ଧନ ଓ ଶୃଙ୍ଖଳା-ଶାସନ ମତେ ମୋଟେ ଭଲ ଲାଗୁନଥିଲା । ଆମ ବିଦ୍ୟାଳୟର ପରିଚାଳନା ଦାୟିତ୍ୱ ଥିଲା ଗୋରାଶାସନ ଅଧିନରେ । ସ୍କୁଲରେ ବା ଅନ୍ୟ ଯେକୌଣସି ସ୍ଥାନରେ ସେମାନଙ୍କ ଜୁଲୁମ୍ ପାଇଁ ମୁଁ କ୍ରମଶଃ ବିଦ୍ରୋହୀ ହୋଇ ଉଠୁଥିଲି । ଏପରିକି ଗୋରା ଶାସନର ଜାତୀୟ ପତାକା 'ଇଉନିଅନ୍ ଜ୍ୟାକ୍' ମୋ ପାଇଁ ଖେଳଣାର ଗୋଟେ ସାଧାରଣ କପଡ଼ା ମାତ୍ର ଥିଲା । ମୋର ଏପରି ଅବଜ୍ଞାଭାବ କିନ୍ତୁ ବ୍ରିଟିଶ୍‌ସତ୍ତା ବିରୋଧି ମୋର ପିତାଙ୍କୁ କେଜାଣେ କାହିଁକି ଭଲ ଲାଗୁଥିଲା ଏବଂ ବ୍ରିଟିଶ୍‌ଶାସନ ପ୍ରତି ମୋର ଏପରି ହାବଭାବକୁ ସେ ଯେମିତି ନୀରବରେ ସ୍ୱୀକୃତି ଦେଇଥିଲେ ।

ସୁଖଦୁଃଖ ହସ-ଲୁହ ଭିତରେ, ଆମ ପରିବାର ଖୁସିରେ ଥିଲା । ମୋର ପିତା କିଶନ ସିଂହ ତାଙ୍କର ଜେଲ୍ ମିଆଦପୂର୍ଣ୍ଣ କରି ଘରକୁ ଫେରିଆସିଥିଲେ ।

କିନ୍ତୁ ଏହି ସମୟ ଭିତରେ ଆମ ପରିବାର ଭିତରେ ଏକ ଦୁଃଖ-ଶୋକର ଝଡ଼ ବୋହି ଯାଇଥିଲା । ମୋତେ ବେଶୀ ଭଲପାଉଥିବା, ସବୁ କଥାରେ ମୋତେ ହାଡ଼େ ହାଡେ ଜଗୁଥିବା ମୋର ପ୍ରିୟ ଭାଇ ଜଗତସିଂର ହଠାତ୍ ଅକାଳ ମୃତ୍ୟୁ ଘଟିଗଲା । ସେ ଥିଲା ମୋର ପ୍ରାଣପ୍ରିୟ ଭାଇ, ସଖା, ସହୋଦର । ତାର ମୃତ୍ୟୁ ମୋର ସେଇ କୈଶୋର ପ୍ରାଣକୁ ଖୁବ୍ ଆଘାତ ଦେଇଥିଲା । ଜେଲ୍‌ଫେରନ୍ତା ମୋର ବାପା, ଜେଜେ ଓ ମାଆ ଏବଂ ପରିବାର-ଆତ୍ମିୟ ସ୍ୱଜନଙ୍କୁ ଭାଇର ମୃତ୍ୟୁ ମର୍ମାହତ ଦେଇଥିଲା ।

ପୁତ୍ରର ମୃତ୍ୟୁଜନିତ ଶୋକ ମୋର ବାପା କିଶନ ସିଂହଙ୍କୁ ଏତେ ବିଚଳିତ ଓ ମର୍ମାହତ କରିଥିଲା ଯେ ସେ ଶାନ୍ତି ଓ ମାନସିକ ପରିବର୍ତ୍ତନ ପାଇଁ ସପରିବାର ଗାଁ ଘର ଛାଡିଲେ ଓ ଲାହୋର ନିକଟବର୍ତ୍ତୀ ନଓ୍ୱନକୋଟକୁ ଚାଲିଗଲେ । ଆମ ଏକାନ୍ନବର୍ତ୍ତୀ ବିଶାଳ ପରିବାରର ସେଠାରେ କିଛି ଚାଷଜମି ଓ ଅସ୍ଥାବର ସଂପତ୍ତିଥିଲା । ସେସବୁରି ତଦାରଖ ଓ ଦେଖାଶୁଣା କରିବା ସେ ଆରମ୍ଭ କରିଥିଲେ ।

ଇତି ମଧ୍ୟରେ ମୁଁ ମୋର ପ୍ରାଥମିକ ଶିକ୍ଷା ସଂପୂର୍ଣ୍ଣ କରିସାରିଥିଲି ଏବଂ ହାଇସ୍କୁଲରେ ଅଧ୍ୟୟନ ପାଇଁ ପ୍ରସ୍ତୁତ ହେଉଥିଲି । ଆମର ଶିଖ୍‌ଜାତିର ପରଂପରା ଅନୁସାରେ ଗୋଟେ 'ଖାଲ୍‌ସା' ବିଦ୍ୟାଳୟରେ ନାମ ଲେଖାଇଲି । କିନ୍ତୁ ସେଇ ସ୍ଥାନୀୟ ଖାଲ୍‌ସା ହାଇସ୍କୁଲଟିର ପରିଚାଳନା କମିଟି ବ୍ରିଟିଶ୍ ସାମ୍ରାଜ୍ୟବାଦର ଏକାନ୍ତ ଅନୁଗତ ଓ ସମର୍ଥକ ଥିଲା ଏବଂ ବ୍ରିଟିଶ୍ ସରକାରଙ୍କ ପ୍ରତିଟି ଆଇନ କାନୁନ୍‌କୁ କଡାକଡି ଭାବେ ପାଳନ କରୁଥିଲା । ଶ୍ରେଣୀକକ୍ଷରେ ପ୍ରବେଶପୂର୍ବରୁ ପ୍ରାର୍ଥନା ସଭାରେ 'ବ୍ରିଟେନରାଣୀ'ଙ୍କ ପ୍ରଶସ୍ତିଗାନ ବାଧ୍ୟତାମୂଳକ ଥିଲା । ଗୋଟେ ପ୍ରାଚୀନ ସଂସ୍କୃତି ସଂପନ୍ନ ଦେଶର ଭାରତୀୟ ବିଦ୍ୟାଳୟମାନଙ୍କରେ ଜଣେ ବିଦେଶନୀଙ୍କର ପ୍ରାର୍ଥନା ସଭାରେ ଯଶୋଗାନ ମୋ ପାଇଁ ଥିଲା ଅସହ୍ୟ । ମୁଁ ଘରକୁ ଫେରିଲାପରେ ବାପାଙ୍କୁ ମୁଁ ମୋର ମନକଥା କହେ । ବାପା ସବୁ ଶୁଣନ୍ତି । ସେ ଜଣେ ପ୍ରଚଣ୍ଡ ଉଗ୍ର ଦେଶପ୍ରେମୀ । ମୁଁ ତାଙ୍କ ହାବଭାବକୁ ମୁହଁରୁ ଲକ୍ଷ୍ୟ କରୁଥିଲି- ସେ ମଧ୍ୟ ମୋ ପାଇଁ ଚିନ୍ତିତ । ଦାସତ୍ୱ ବନ୍ଧନଯୁକ୍ତ ଗୋଟେ ବାତାବରଣ ଭିତରେ ଚାଲିଥିବା ବିଦ୍ୟାଳୟରେ ମୋର ଯେ ମାନସିକ ଉନ୍ନତି ଅସମ୍ଭବ, ସେ ତାହା ଅନୁଭବ କରିସାରିଥିଲେ । ତେଣୁ

ସେ ଖାଲ୍‌ସା ହାଇସ୍କୁଲରୁ ମୋତେ ଲାହୋରସ୍ଥିତ ଦୟାନନ୍ଦ ଆଂଲୋବୈଦିକ୍ ହାଇସ୍କୁଲକୁ ସ୍ଥାନାନ୍ତରିତ କରିଦେଲେ ।

ମୋର ସେଇ ଜିଜ୍ଞାସୁ କୈଶୋର କାଳରେ ଏଇ ଦୟାନନ୍ଦ ଆଂଲୋ-ବୈଦିକ୍ ହାଇସ୍କୁଲ ଥିଲା ବ୍ୟକ୍ତିତ୍ୱ ନିର୍ମାଣର ଭିତ୍ତିଭୂମି । ଏଇ ହାଇସ୍କୁଲରୁ ମୁଁ କୃତିତ୍ୱର ସହ ମାଟ୍ରିକ୍‌ପାଶ୍ କଲି ।

ମୋର ସେତେବେଳେ ବୟସ କେତେ ? ମାତ୍ର ତେର ବର୍ଷ !

ମାଟ୍ରିକ୍ ପାଶ୍ ପରେ ପରେ ଲାହୋର ନ୍ୟାସ୍‌ନାଲ୍ କଲେଜରେ ଉଚ୍ଚତର ଶିକ୍ଷା ପାଇଁ ଜଏନ୍ କଲି ।

ଲାହୋର୍ ନ୍ୟାସନାଲ୍ କଲେଜ୍ ଥିଲା ମୋର ଛାତ୍ରଜୀବନରେ ସ୍ୱର୍ଣ୍ଣପୀଠ । ଏଇଠି ମୋର ଭେଟହୋଇଥିଲା ସହପାଠୀ ଭାବରେ ଯଶପାଲ୍ ଓ ସୁଖଦେବଙ୍କ ସହିତ । ଆମେ ତିନିହେଁ ଘନିଷ୍ଠ ବନ୍ଧୁ ଓ ଅଭିନ୍ନ ସତୀର୍ଥରେ ରୂପାନ୍ତରିତ ହୋଇ ପଡିଥିଲୁ ।

ମତେ ତେର ପୂରି ଚଉଦ ଚାଲିଲା ।

ମୋର ସେହି କଲେଜ ଛାତ୍ର ଜୀବନ କାଳରେ କାନ୍‌ପୁରଠାରେ ନିଖିଳ ଭାରତ କଂଗ୍ରେସର ମହାଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ସ୍ୱେଚ୍ଛାସେବକ ଭାବେ ମୁଁ, ଯଶପାଲ ଓ ସୁଖଦେବ ଯୋଗ ଦେଇଥିଲୁ । ଏହି କଂଗ୍ରେସ ଅଧିବେଶନ ଆମ ତିନି ସାଙ୍ଗଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ଏକ ଅପୂର୍ବ ଦେଶପ୍ରେମ, ବିଦେଶୀ କବଳରୁ ଦେଶମାତୃକାକୁ ରକ୍ଷା କରିବା ପାଇଁ ମୁକ୍ତି ସଂଗ୍ରାମରେ ଝାସ ଦେବାକୁ ମୁଁ ମନେ ମନେ ସଂକଳ୍ପବଦ୍ଧ ହୋଇଉଠିଥିଲି । କେବଳ ମୁଁ ନୁହେଁ, ମୋର ପରିବାରବର୍ଗ ଦେଶମାତୃକାର ମୁକ୍ତି ପାଇଁ ଉତ୍ସର୍ଗିତ ହୋଇପଡ଼ିଥିଲା ।

କାନ୍‌ପୁର କଂଗ୍ରେସ ଅଧିବେଶନରେ ଯୋଗଦେଇ ଫେରିବାପରେ ମୁଁ ଦେଶପ୍ରେମରେ ଏତେ ଉଦ୍‌ବୁଦ୍ଧ ହୋଇପଡିଥିଲି ଯେ, ଭାରତର ମୁକ୍ତି ସଂଗ୍ରାମ ପାଇଁ ନିତ୍ୟନିୟମିତ କାର୍ଯ୍ୟରତ ପଞ୍ଜାବର ବିଭିନ୍ନ କ୍ରାନ୍ତିକାରୀ ସଂଗଠନ ସହିତ ସଂପୃକ୍ତ ହୋଇପଡ଼ିଲି । କଲେଜ୍‌ରେ ପାଠପଢ଼ା ସହିତ ବୈପ୍ଲବିକ ସଂଗଠନ ଗୁଡ଼ିକ ପାଇଁ କାମ କଲି । ବ୍ରିଟିଶ ଶାସନର ଭାରତୀୟ ପ୍ରଶାସନ ଓ ପୁଲିସବାହିନୀ ଅସହାୟ ନିରସ୍ତ୍ର ଲୋକମାନଙ୍କ ଉପରେ ଲାଠିଚାଳନା ଓ ବନ୍ଧୁକରୁ ଗୁଳିଚାଳନା କରି ବିନାକାରଣରେ ରକ୍ତନଦୀ ବୁହାଇ ଚାଲିଥିବାବେଳେ କଂଗ୍ରେସଦଳର ଅହିଂସା-

ଅସହଯୋଗ ଆନ୍ଦୋଳନ ନରପିଶାଚ ଘାତକ ଆଗରେ ନିରୀହ ମେଷଶାବକର ନିଷ୍ଫଳ ଅଭିମାନ ଭଳି ମୋର ମନେହେଉଥିଲା । ଗୋରାଶାସନର ବାହୁବଳୀ ବନ୍ଧୁକଧାରୀମାନଙ୍କୁ ମୁଁ ରାସ୍ତାରେ ଦେଖିଲେ ମନ ମୋର ଘୃଣା ଓ ପ୍ରତିଶୋଧର ବହ୍ନିରେ ଜଳୁଥିଲା ।

ମୋ ମନ ଭିତରେ ସବୁବେଳେ ଗୋଟିଏ ଆହ୍ୱାନ ଗୁଂଜରି ଉଠୁଥିଲା 'ଯେସାକୁ ତେସା' ନୀତି ଧରି ବନ୍ଧୁକ ଗୁଳିର ଜବାବ୍ ଗୁଳିରେ ହିଁ ଦିଆଯିବା ଉଚିତ ।

କ୍ରାନ୍ତିକାରୀ ଜୀବନର ସେଇ ସ୍ୱପ୍ନ ପ୍ରବଣ ବିପ୍ଳବୀ ମନସ୍ତତ୍ତ୍ୱର କୈଶୋର କାଳରେ ମୋର ପ୍ରେରଣାର ଦୁର୍ବାର ଉସ୍ତ ଥିଲେ ଦାଦା ଅଜିତ୍ ସିଂହ । ମୋର ଅନ୍ୟ ଆତ୍ମଜମାନଙ୍କ ତୁଳନାରେ ଅଜିତ୍‌ଦାଦା ଥିଲେ ଅଧିକ ବିପ୍ଳବୀ ଓ ବିଦ୍ରୋହୀ । ଗାନ୍ଧିଜୀଙ୍କ ନେତୃତ୍ୱରେ ଭାରତରେ ଚାଲିଥିବା କଂଗ୍ରେସଦଳର ସ୍ୱାଧୀନତା ଆନ୍ଦୋଳନ କାର୍ଯ୍ୟକ୍ରମର ଶିଥିଳଗତି ଓ ଭାରତୀୟ ରାଜନୀତିର ଧାରା ତାଙ୍କୁ ବିମୁଖ କରିଦେଇଥିଲା । ନିଜ ଦେଶରେ ରହି ନିଜ ଦେଶ ମାତୃକାକୁ ବିଦେଶୀ ଶାସନ କବଳରୁ ଯଥାଶୀଘ୍ର ଯେ ମୁକ୍ତ କରାଯାଇପାରିବ, ତାହା ତାଙ୍କ ବିଶ୍ବାସରେ ନଥିଲା । ତେଣୁ ବିଦେଶକୁ ପଳାୟନକରି ବ୍ରିଟିଶ ଶାସନର ଶତ୍ରୁଶକ୍ତି ସହିତ ହାତ ମିଳାଇବାକୁ ସେ ଯୋଜନା କଲେ । ତେଣୁ ସେ ଦେଶର ବିଭିନ୍ନ ରାଜ୍ୟରେ ଥିବା ବିପ୍ଳବୀମାନଙ୍କ ସହିତ ଯୋଗସୂତ୍ର ସ୍ଥାପନ ପାଇଁ ତାଙ୍କ ବିପ୍ଳବୀବନ୍ଧୁ ଆମ୍ବାପ୍ରସାଦ ମୁଫତିଙ୍କ ସହିତ ଭାରତର ବିଭିନ୍ନ ରାଜ୍ୟ ଓ ପଡ଼ୋଶୀରାଷ୍ଟ୍ର ନେପାଳ ଭ୍ରମଣ କରିବାକୁ ଲାଗିଲେ । ତାଙ୍କର ନିଜ ପ୍ରିୟ ମାତୃଭୂମି ପଞ୍ଜାବ ଛାଡ଼ି ଅନ୍ୟତ୍ର ଆତ୍ମଗୋପନର କାରଣ ମଧ୍ୟ ଥିଲା, ପୁଲିସ୍‌ର ଗିରଫଦାରି ଅଭିଯାନକୁ ପ୍ରତିହତ କରିବା । ସେ ଭାରତର ବିଭିନ୍ନ ରାଜ୍ୟ ପରିଭ୍ରମଣ ସହିତ ନେପାଳ ଗସ୍ତ ପରେ ସେଠାରୁ ବିଦେଶକୁ ଚାଲିଗଲେ । ଏହି ବିଦେଶୀ ରାଷ୍ଟ୍ର ଗୁଡ଼ିକରେ ରହଣୀ ମଧ୍ୟରେ ତାଙ୍କର ଭେଟ ହୋଇଥିଲା ଲାଲା ହର୍‌ଦୟାଲ୍, ମିଆଁ ବାରକତୁଲ୍ଲା, ରାଜା ମହେନ୍ଦ୍ରପ୍ରତାପ ଓ ବହୁ ପ୍ରବାସୀ ଭାରତୀୟ କ୍ରାନ୍ତିକାରୀ ନେତାମାନଙ୍କ ସହିତ । ଏହି ନେତାମାନେ ପରସ୍ପର ସହଯୋଗରେ ଏତେ ଶକ୍ତିଶାଳୀ ହୋଇପଡ଼ିଥିଲେ ଯେ ସେମାନେ ବିଦେଶରେ ଥାଇ ସିଧାସଳଖ ଭାବେ ଭାରତର ସ୍ୱାଧିନତା ଆନ୍ଦୋଳନକୁ କିଛିକାଳ ପାଇଁ ନିଜ ନିୟନ୍ତ୍ରଣକୁ ଆଣିପାରିଥିଲେ ।

ଏହି ପ୍ରବାସୀ ଭାରତୀୟନେତାମାନେ ରୋମର ରେଡ଼ିଓ ମାଧ୍ୟମରେ ସାମ୍ରାଜ୍ୟବାଦୀ ବ୍ରିଟିଶ୍ ବିରୋଧୀ ଭାଷଣ ହିନ୍ଦୁସ୍ଥାନୀ ଭାଷାରେ ବର୍ଷଣ କରୁଥିଲେ । ସ୍ଥାନୀୟ ଇଂରେଜୀ ଶାସନର କଟକଣା ସତ୍ତ୍ୱେ ମୁଁ ମୋର କ୍ରାନ୍ତିକାରୀ ବନ୍ଧୁଗୋଷ୍ଠୀ

ମେଳରେ ରୋମର ରେଡ଼ିଓରୁ ମୋର ଦାଦା ଅଜିତ୍ ସିଂହଙ୍କ ଅଗ୍ନିବର୍ଷୀ ଭାଷଣ ଶୁଣି ଉଦ୍‌ବୁଦ୍ଧ ହୋଇଉଠୁଥିଲି । ରେଡ଼ିଓ କାର୍ଯ୍ୟକ୍ରମ ମାଧ୍ୟମରେ ଭାରତୀୟ ବିପ୍ଳବୀ ସଂଗଠନ ଗୁଡ଼ିକର ବିଭିନ୍ନ କ୍ରିୟାକଳାପ ମୁଁ ଜାଣିପାରୁଥିଲି । ବିଦେଶରେ ରହି ଭାରତକୁ ବ୍ରିଟିଶ ସାମ୍ରାଜ୍ୟବାଦୀଙ୍କ କବଳରୁ ମୁକ୍ତି ପାଇଁ ଚାଲିଥିବା ଜନଜାଗରଣ କାର୍ଯ୍ୟକ୍ରମ ମୋତେ ବେଶୀ ଉତ୍ସାହିତ କରୁଥିଲା ଏବଂ ମୁଁ କ୍ରମଶଃ ଦିନକୁଦିନ ଅଧିକ ଶକ୍ତିଶାଳୀ ହୋଇଉଠୁଥିଲି । ଭାରତରୁ ବିଟ୍ରିଶ୍ ଗୋରା ଶାସନର ବିଲୋପ ଆଉ ଦେଶମାତୃକାର ମୁକ୍ତି ଯେ ଆସନ୍ନ–ତାହା ମୁଁ ସ୍ୱପ୍ନରେ ସ୍ୱପ୍ନରେ ଦର୍ଶନ କରୁଥିଲି । ଏଇଥିପାଇଁ ତ କଂଗ୍ରେସଦଳରେ ଥିବା ଉଗ୍ରଦେଶପ୍ରେମୀ ସାଥୀ ଓ ନେତୃବୃନ୍ଦଙ୍କ ଅତି ନିକଟତର ହୋଇପଡ଼ିଥିଲି । ଯଦିଓ କଂଗ୍ରେସଦଳର ଅହିଂସା ଆନ୍ଦୋଳନ ସପକ୍ଷରେ ମୁଁ ନଥିଲି, ତଥାପି ମୁଁ ନିଜ ଭିତରେ ଏକ ବିକଳ୍ପ ବିଚାର ପୋଷଣ କରିନେଇଥିଲି । ମୋର ସେଇ ବିକଳ୍ପ ବିଚାର ଭିତରେ ଥିଲା କଂଗ୍ରେସ ସଂଗଠନରେ ଥାଇ ତାରି ଭିତରେ ମୋପରି ଥିବା ଦେଶପ୍ରେମୀ ସ୍ୱାଧିନଚେତା, ବ୍ରିଟିଶ୍ ଶାସନ ବିରୋଧି ବିପ୍ଳବୀମାନଙ୍କୁ ଏକତାବଦ୍ଧ କରିବା । ଦେଶକୁ ସ୍ୱାଧିନ କରିବା ଦିଗରେ କଂଗ୍ରେସଦଳର ଆନ୍ଦୋଳନର ଶିଥିଳଗତିରେ ମୁଁ ଓ ମୋର ବିପ୍ଳବୀସାଥୀମାନେ ଅତିଷ୍ଠ ହୋଇପଡ଼ିଥିଲେ । ଆମେ ଚାହୁଁଥିଲୁ ତତ୍କାଳ ସ୍ୱାଧିନତା । ତେଣୁ ଆମେ କଣ କରିବୁ, କୌଣସି ସ୍ଥିର ସିଦ୍ଧାନ୍ତରେ ପହଞ୍ଚିନପାରିବା ସ୍ୱାଭାବିକ କଥା ।

ମୋର ପିତା ସର୍ଦ୍ଦାର କିଶନ ସିଂ ନିଃସନ୍ଦେହର ଜଣେ ଦେଶପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ ଯୋଦ୍ଧା, ସୁତରାଂ ସେ ମୋର କାର୍ଯ୍ୟକଳାପକୁ ସମର୍ଥନ କରୁଥିଲେ । କିନ୍ତୁ ପୁଅ ପାଠପଢ଼ାକୁ ଅବହେଳାକରି ଅଧିକ ସମୟ ବୈପ୍ଳବିକ କାର୍ଯ୍ୟକ୍ରମରେ ଶ୍ରମ ଓ ସମୟ ବିନିଯୋଗ କରୁ, ତାହା ସେ ଚାହୁଁନଥିଲେ । କଲେଜରେ ପାଠପଢ଼ା ସହିତ ଅନ୍ୟ ପିଲାମାନଙ୍କ ପରି ତାଙ୍କ ପୁଅ ପରିବାରର ବିଭିନ୍ନ ଦାୟିତ୍ୱ ସମ୍ଭାଳୁ, ତାହା ବାବାଙ୍କ ଇଚ୍ଛାଥିଲା । କିନ୍ତୁ ବାବାଙ୍କ ଏପରି ଇଚ୍ଛା ମୋ ଉପରେ କୌଣସି ପ୍ରଭାବ ପକାଇପାରୁନଥିଲା ।

ମୁଁ ଲାହୋର ନ୍ୟାସ୍‌ନାଲ୍ କଲେଜରେ ଜଏନ୍ କଲାବେଳକୁ କଲେଜ୍ ପରିସର ଜାତୀୟବାଦୀ–ଦେଶପ୍ରେମୀମାନଙ୍କ କାର୍ଯ୍ୟକ୍ରମରେ ଉତ୍ସବ ମୁଖର ହୋଇଉଠିଥିଲା । ଯଶ୍‌ପାଲ ଓ ସୁଖଦେବ ପରି ଦୁଇଜଣ ବନ୍ଧୁଙ୍କୁ ସହପାଠୀ ଭାବରେ ପାଇଗଲାପରେ ମୁଁ ଅଧିକ ଉତ୍ସାହିତ ହୋଇପଡ଼ିଲି । ଆମ କଲେଜ କ୍ୟାଂପସ୍ ଭିତରେ ଚାଲିଥିବା ରାଜନୈତିକ ବାତାବରଣ ଲାହୋର ସହରବାସୀଙ୍କୁ ଅଛପାନଥିଲା । ପ୍ରକୃତରେ

କହିବାକୁ ଗଲେ କଂଗ୍ରେସଦଳ ଯେଉଁ 'ସ୍ୱରାଜ'ର ସ୍ୱପ୍ନ ଦେଖୁଥିଲା, ସେହି ସ୍ୱପ୍ନକୁ ସାକାର କରବାପାଇଁ ଦେଶପ୍ରେମୀ ଯୁବଶକ୍ତିର ଯେ ଆବଶ୍ୟକତା ରହିଛି, ତାହାକୁ ଦୃଷ୍ଟିରେ ରଖି ଲାଲାଲଜ୍‌ପତରାୟ ଏହି କଲେଜ ସ୍ଥାପନ କରିଥିଲେ । ଏହି କଲେଜରେ ପାଠ ପଢୁଥିବା ଛାତ୍ରମାନଙ୍କ ମଧରେ ସ୍ୱଦେଶପ୍ରେମର ଭାବନା ସୃଷ୍ଟି କରିବାପାଇଁ ସରଳ ସାଧାରଣ ଜୀବନ ଜୀଇଁବା, ସ୍ୱଦେଶୀ ଉତ୍ପାଦିତ ବସ୍ତ୍ର ଓ ଖାଦ୍ୟକୁ ଗ୍ରହଣ କରିବା ମନ୍ତ୍ର ଦିଆଯାଉଥିଲା । ଛାତ୍ର ଓ ଶିକ୍ଷକମାନେ ଖଦିବସ୍ତ୍ରକୁ ପୋଷାକଭାବେ ଗ୍ରହଣ କରିନେଇଥିଲେ । ସରଳ ଜୀବନ ଓ ଉଚ୍ଚ ଚିନ୍ତନ-ମନନ ଥିଲା କଲେଜର ଲକ୍ଷ୍ୟ ଓ ଆଦର୍ଶ । କଲେଜ ଜୀବନରେ ପ୍ରାର୍ଥନା ଓ ଆଧାତ୍ମିକ ଚିନ୍ତନଥିଲା ନିତ୍ୟନିୟମିତ କାର୍ଯ୍ୟକ୍ରମ ।

କଲେଜର ଏହି ବାତାବରଣ ମତେ ମୁଗ୍ଧ ଓ ଉତ୍ସାହିତ କରିଥିଲା । ପିଲାବେଳୁ ହିଁ ମୁଁ ଥିଲି ମେଧାବୀଛାତ୍ର । ମୋର ଅସମ୍ଭବ ସ୍ମରଣଶକ୍ତି ମୋତେ ଅନ୍ୟ ବିଦ୍ୟାର୍ଥୀମାନଙ୍କ ପାଖରେ ପ୍ରିୟ କରିଦେଇଥିଲା । ଯଶପାଲ ଓ ସୁଖଦେବ ସହିତ ମୋର ବନ୍ଧୁତ୍ୱ ଘନିଷ୍ଠରୁ ଘନିଷ୍ଠତର କରିଦେଇଥିଲା । ମୋର ହସ ହସ ମୁହଁ, କଥାକଥାକେ କଉତୁକିଆ କଥା ପରିବେଷଣରେ ସହପାଠୀବନ୍ଧୁମାନେ ମୋ ଆଡ଼କୁ ଆକର୍ଷିତ ହେବାକୁ ଲାଗିଲେ । କ୍ରମଶଃ ମୋର ସହପାଠୀ ବନ୍ଧୁମାନଙ୍କର ମୁଁ ନେତା ପାଲଟି ଯାଇଥିଲି ।

ଆମ କଲେଜରେ ଥିଲେ ଜଣେ ଇତିହାସ ଅଧାପକ । ପ୍ରଫେସର ସୋନ୍ଧି । ବ୍ରିଟେନ୍‌ର ସମ୍ରାଟ ପଂଚମ ଜର୍ଜ ଆଉ ମହାରାଣୀ ଭିକ୍ଟୋରିଆଙ୍କର ପରମଭକ୍ତ । ବ୍ରିଟିଶ୍ ସାମ୍ରାଜ୍ୟ ପ୍ରତି ତାଙ୍କ ଆନୁଗତ୍ୟର ପଟାନ୍ତର ନାହିଁ । କିନ୍ତୁ ସେ ତାଙ୍କ ପ୍ରଭୁଭକ୍ତିକୁ ଆମ ଉପରେ ନଦିଦେବାକୁ କେବେହେଲେ ଚେଷ୍ଟା କରିନାହାନ୍ତି । ପ୍ରଗଲ୍‌ଭ ଭାବରେ ସେ ଇତିହାସ ପଢ଼ାନ୍ତି, କିନ୍ତୁ ସେଇ ଅଧାପନା ଭିତରେ ଯେତେବେଳେ କ୍ଳାନ୍ତ ହୋଇପଡନ୍ତି, ଚେୟାର୍ ଉପରେ ବସି କିଛିକ୍ଷଣ ପାଇଁ ଆଖି ମୁଦି ଢୁଳାନ୍ତି । ଛାତ୍ରମାନେ ପ୍ରଫେସର ସୋନ୍ଧିଙ୍କ ଏହି ଅଭ୍ୟାସ ଜାଣିଥାନ୍ତି ।

ଦିନେ କ୍ଲାସରୁମ୍‌ରେ ଗୋଟେ ବେଶ୍ ମଜାଦାର ଘଟଣା ଘଟିଗଲା । ପ୍ରଫେସର ସୋନ୍ଧି ମଗଧ ସମ୍ରାଟ ଅଶୋକଙ୍କ କଳିଙ୍ଗ ଆକ୍ରମଣର କାରଣ ଉପରେ ଭାଷଣ ଦେଉଥିବାବେଳେ ଢୁଳେଇବା ଆରମ୍ଭ କରିଦେଇଥିଲେ ।

ଗୋଟେ ଭ୍ରଷ୍ଟାଚାରୀ ମଗଧ ସମ୍ରାଟର ନିରସ୍ତ୍ର, ସରଳ ନିରୀହ କଳିଙ୍ଗର ପ୍ରଜାମାନଙ୍କ ଉପରେ ଆକ୍ରମଣ, ନୀତିହୀନ ଯୁଦ୍ଧର କାହାଣୀକୁ ପ୍ରଫେସର ସୋଦ୍ଧି ବର୍ଣ୍ଣନା କଲାବେଳେ ସମ୍ରାଟ ଅଶୋକଙ୍କର ବୀରତ୍ୱ ପଣିଆକୁ ସେ ଯେପରି ତାରିଫ କରୁଥିଲେ, ତାହା ଶୁଣିବା ଆମ ତିନି ସାଥୀଙ୍କୁ ଭଲ ଲାଗୁନଥିଲା । ରକ୍ତପିପାସୁ ନରହତ୍ୟାକାରୀ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲା ବୋଲି ଇତିହାସକାରମାନେ ଯେପରି ଚାଟୁକାରମାନଙ୍କ ପରି ଲିପିବଦ୍ଧ କରିଯାଇଥିଲେ ସେଥିପାଇଁ ମଧ୍ୟ ଆମର ସେମାନଙ୍କ ପ୍ରତି ଘୃଣାଭାବ ଆସିଯାଇଥିଲା । ପ୍ରଫେସର ସୋନ୍ଧିଙ୍କ ପାଣିଚିଆ ରସହୀନ କ୍ଲାସ୍‌ରୁମ୍ ଲେକ୍‌ଚର୍‌ବାଦୀରେ ଆମେ ତିନିବନ୍ଧୁ ଯଶପାଲ୍, ସୁଖଦେବ ଆଉ ମୁଁ ଅତିଷ୍ଠ ହୋଇଉଠୁଥିଲୁ । କ୍ଲାସରୁମ୍ ଛାଡ଼ି ବାହାରକୁ ଚାଲିଯିବାକୁ ଆମର ଇଚ୍ଛା ହେଉଥିଲା କିନ୍ତୁ ପ୍ରଫେସର ଯେହେତୁ କ୍ଲାସ ନେଉଛନ୍ତି, କ୍ଲାସ୍‌ଛାଡ଼ି ବାହାରକୁ ଚାଲିଯିବା ସମ୍ଭବ ନଥିଲା ।

କ୍ଲାସରୁମରୁ ଆମେ ତିନିଜଣ କିପରି ତଡ଼ା ଖାଇବୁ ଓ ପ୍ରଫେସର ସୋନ୍ଧିଙ୍କ ଗୋଲାମୀ ମାନସିକତାର ଇତିହାସ ଭାଷଣରୁ କିପରି ରକ୍ଷା ପାଇବୁ, ସେଥିପାଇଁ ଆମେ ତିନିହେଁ ପରସ୍ପର ମଧ୍ୟରେ ଗୋଟେ ଯୋଜନା ପାନ୍ଦିଲୁ ।

ଯୋଜନା ଅନୁସାରେ ପ୍ରଫେସର ସୋନ୍ଧି ସମ୍ରାଟ ଅଶୋକଙ୍କ ବୀରତ୍ୱର ଯଶୋଗାନ ମଧ୍ୟରେ ଯେତେବେଳେ ଆଖିମୁଦି ତନ୍ଦ୍ରାଚ୍ଛନ୍ନ ଅବସ୍ଥାରେ ଗାଢ଼ନିଦ୍ରାରେ ଉବୁଟୁବୁ, ସେତିକିବେଳେ ମୁଁ ହଠାତ୍ ଠିଆ ହୋଇ ପଚାରିଲି-''ସାର୍, ଏକଥା କଣ ସତ, ବ୍ରିଟିଶ୍ ସାମ୍ରାଜ୍ୟବାଦର ଗୋରାମାନେ ଭାରତକୁ ଯେତେବେଳେ ପ୍ରଥମେ ଆସିଲେ ସେତେବେଳେ ସେମାନେ ଭିକାରୀଥିଲେ, ଭିକମାଗୁ ମାଗୁ ବଣିକ ହେଲେ, ଶେଷକୁ ବଣିକରୁ ଶାସକ ପାଲଟିଗଲେ ?''

ପ୍ରଫେସର ସୋନ୍ଧିଙ୍କ ତନ୍ଦ୍ରାଜନିତ ନିଦ୍ରାଭଙ୍ଗ ହେଲା । ସେ ଯେମିତି ଅପଦସ୍ଥ ହୋଇଗଲେ ମୋର ଏପରି ଅପ୍ରାସଙ୍ଗିକ ପ୍ରଶ୍ନରେ ! ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଥାଇ ସେ ସମ୍ରାଟ ଅଶୋକଙ୍କ ଯଶୋଗାନ କରୁଥିବାବେଳେ ମୁଁ ତାଙ୍କୁ ହଠାତ୍ ଉନ୍‌ବିଂଶ ଶତାବ୍ଦୀ ଆଡ଼କୁ ଏପରି ଘୋଷାଡ଼ି ଯେ ଆଣିବି ଯାହା ତାଙ୍କ କଳ୍ପନା ବାହାରେ ଥିଲା । ପ୍ରଫେସର ସୋନ୍ଧି ନିଦୁଆ ଆଖିରେ ମୋତେ କିଛିକ୍ଷଣ ଚାହିଁଲେ । କ୍ରୋଧ ସମ୍ବରଣ କରି କହିଲେ-''ଭଗତ ! ତମେ କଣ ଭଲ ଛାତ୍ର, ବେଶ ଇତିହାସ ସଚେତନ । କିନ୍ତୁ ମୁଁ ତୁମକୁ ଅନେକ ଥର ତାଗିଦ୍ କରିସାରିଛି, ମୁଁ ତୁମମାନଙ୍କୁ ପାଠ ପଢ଼ାଇଲାବେଳେ କିଛି ସମୟପାଇଁ ଭାବମଗ୍ନ ହୋଇପଡ଼େ । ଏହା ମୋର ସ୍ୱଭାବ । କିନ୍ତୁ ତୁମେ ମୋର

ଭାବନାକୁ ସବୁବେଳେ ଆଘାତ ଦେଉଚ । ମୋ କଥା ପ୍ରତି ମୋଟେ ଗୁରୁତ୍ୱ ଦେଉନାହଁ । ଏହା ଗୋଟେ ଭଲ ଛାତ୍ରର ଲକ୍ଷଣ ନୁହେଁ ତ !''

ପ୍ରଫେସର ସୋନ୍ଧିଙ୍କ ମୋ ଉପରେ କ୍ରୋଧବର୍ଷଣ ଚାଲିଥିବାବେଳେ ହଠାତ୍ ସୁଖଦେବ ତାର ଆସନ ଛାଡ଼ି ଠିଆହେଲା ଏବଂ କହିଲା–''ସାର୍, ଭଗତ୍ ସିଂହଟା ଗୋଟେ ନିହାତି ବୋକା ଆଉ ତୁରୁତୁରିଆ । ତାର ସ୍ୱଭାବ ସବୁବେଳେ ଏମିତି । ଆପଣ ଇତିହାସର ଦୁଇ ମହାନ୍ ମୋଗଲ ଶାସକ ଜାହାଙ୍ଗୀର ଆଉ ତାର ବିଳାସୀପୁଅ ଶାହାଜାହାନ୍ ଉପରେ ଏତେ ସୁନ୍ଦର ଉଦ୍‌ବୋଧନ ଦେଉଛନ୍ତି । ଏଇ ଦୁଇ ବାପ-ପୁଅ ପର୍ତ୍ତୁଗିଜ୍, ଫରାସୀ ଆଉ ଇଂରେଜୀ ବଣିକମାନଙ୍କ ପାଇଁ ସୁନାର ଚଢ଼େଇ ଉଡୁଥିବା ଭାରତର ଭୂମିରେ ବାଣିଜ୍ୟ କରିବାକୁ ବାଟ ଖୋଲି ଦେଇଥିଲେ, ନିଜ ନିଜର ସାମାନ୍ୟ ସୁଖ ସୁବିଧା ପାଇଁ ଭାରତର ଜନଗଣଙ୍କ ମୁଣ୍ଡ ଉପରେ ବିଦେଶୀ ଦଲାଲ୍‌ମାନଙ୍କ ବୋଝ ନଦି ଦେଇଥିଲେ, ଅଥଚ ଏଇ ମୂର୍ଖ ଭଗତ୍‌ସିଂହଟା ମୋଗଲମାନଙ୍କୁ ଛାଡ଼ି ବ୍ରିଟେନର ଭିକାରୀମାନଙ୍କୁ ସ୍ମରଣ କରୁଛି ।''

ପ୍ରଫେସର ସୋନ୍ଧିଙ୍କ ବିରକ୍ତିଭାବ ଆହୁରି ଉଗ୍ର ହୋଇଉଠିଲା । ସେ ପଚାରିଲେ– ''ମୁଁ ତ ଅଶୋକଙ୍କ କଥା କହୁଥିଲି, କେତେବେଳେ ମୁଁ ଜାହାଙ୍ଗୀର ଓ ଶାହାଜାହାନଙ୍କ ବିଷୟରେ କହିଲି ?''

ଏଥର ଯଶପାଲ୍‌ର ପାଳି ପଡ଼ିଲା । ସେ ଉଠି ଠିଆ ହେଲା ଆଉ କହିଲା– ''ସାର୍, ଏଇ ଦୁଇ ମୂର୍ଖଙ୍କ କଥାକୁ କାହିଁକି ଗୁରୁତ୍ୱ ଦେଉଛନ୍ତି । ଭଗତ ଓ ସୁଖଦେବଙ୍କ ପାଠପଢ଼ା ପ୍ରତି ମୋଟେ ମନ ନାହିଁ । ଇତିହାସର ଧାରାବାହିକତା, ଶାସକମାନଙ୍କ ଭ୍ରଷ୍ଟାଚାର, ଅନ୍ୟାୟ ଅତ୍ୟାଚାର, ଜନଗଣ ନିରୀହ ପ୍ରଜାମାନଙ୍କ ଉପରେ ଶୋଷଣ ପ୍ରତି ଏ ଦୁହେଁ ସଚେତନ ନୁହନ୍ତି । ଆପଣ କେଡ଼େ ସୁନ୍ଦର ଢ଼ଙ୍ଗରେ ମହମ୍ମଦ ତୋଗଲକର ମାନସିକ ବିକୃତି, ଦିଲ୍ଲୀରୁ ଦୌଲତାବାଦ୍ ଆଉ ପୁଣି ଦୌଲତାବାଦରୁ ଦିଲ୍ଲୀକୁ ରାଜଧାନୀ ପରିବର୍ତ୍ତନର ଇତିହାସ ବର୍ଣ୍ଣନା କରୁଛନ୍ତି । ଆଉ ଏ ଦୁହେଁ ଆପଣଙ୍କ କଥା ନଶୁଣି, ଏଣେ ତେଣେ ପାଗଳ ଭଳି ପ୍ରଳାପ କରୁଛନ୍ତି ।''

ପ୍ରଫେସର ସୋନ୍ଧିଙ୍କ ତନ୍ଦ୍ରାଚ୍ଛନ୍ନ ଆଖିରୁ ନିଦ ହଜିଗଲା । ସେ ଚିତ୍କାର କଲେ, ''ତମେ ତିନିଜଣ ମୋତେ କ୍ଲାସ୍‌ରୁମ୍‌ରେ ଅପମାନିତ କରିଛ । ତୁମମାନଙ୍କ ଆଚରଣ ମୋ ପ୍ରତି ଅସହ୍ୟ । ତୁମ ତିନିଜଣଙ୍କ ବିରୁଦ୍ଧରେ ମୁଁ ପ୍ରିନ୍‌ସ୍‌ପାଲ୍‌ଙ୍କ ପାଖରେ ରିପୋର୍ଟ ଦେଇପାରିବି । କିନ୍ତୁ ମୁଁ ତୁମମାନଙ୍କୁ କ୍ଷମା କରିଦେଉଚି ।''

ପ୍ରଫେସର ସୋନ୍ଧି ପାଠପଢ଼ା ଅଧାରେ ରଖି ନୋଟ୍‌ବୁକ୍ ଓ ରେଜିଷ୍ଟର୍

ଟେବୁଲ ଉପରୁ ଉଠାଇଲେ ଏବଂ ରାଗରେ ତମତମ ହୋଇ କ୍ଲାସ୍‌ରୁମ୍ ବାହାରକୁ ଚାଲିଗଲେ ।

ପ୍ରଫେସର ଚାଲିଗଲା ପରେ ଛାତ୍ରମାନେ ଖୁବ୍ ଜୋର୍‌ରେ ହସି ଉଠିଲେ ।

ଆଉ ଜଣେ ଅଧାପକ ଥିଲେ ପ୍ରଫେସର ମେହେତା । ଯଦିଓ ସେ ଖୁବ୍ ନିଷ୍ଠାର ସହିତ ପାଠପଢ଼ାଉଥିଲେ କିନ୍ତୁ ତାଙ୍କର ହିନ୍ଦୀଭାଷାର ଉଚ୍ଚାରଣରେ ଭାରସାମ୍ୟ ରହୁନଥିଲା । ହିନ୍ଦୀ ଶବ୍ଦ ସବୁ ଉଚ୍ଚାରଣ କଲାବେଳେ ତ୍ରୁଟିପୂର୍ଣ୍ଣ ରହୁଥିଲା । ସହଜେ ସେ ବଦ୍‌ରାଗୀ, କ୍ଷଣକୋପୀ ଥିଲେ । ପିଲାମାନେ ତାଙ୍କୁ ହତପ୍ରଭ କରିବାପାଇଁ ବେଳେବେଳେ ଇଂରାଜୀ ଭାଷାର ଗୋଟେ ଗୋଟେ ଶବ୍ଦର ହିନ୍ଦୀ ପ୍ରତିଶବ୍ଦ କଣ ବୋଲି ପ୍ରଶ୍ନ କରିଦିଅନ୍ତି । ଛାତ୍ରମାନେ ତାଙ୍କୁ ବ୍ୟଙ୍ଗ କରୁଛନ୍ତି ବୋଲି ଜାଣି ସେ ରାଗିଉଠନ୍ତି । ସେ ମୋର ଆଉ ଜଣେ ଘନିଷ୍ଠସାଥୀ ଝଣ୍ଡାସିଂ ଉପରେ କ୍ରୋଧ ବର୍ଷଣ ଆରମ୍ଭ କରିଦିଅନ୍ତି । ଏମିତି ଅଖାଡୁଆ ପ୍ରଶ୍ନ ସବୁ ଝଣ୍ଡାସିଂ କରିଥାଏ । ସେ କ୍ରୋଧରେ ଚିତ୍କାର କରନ୍ତି–''ଝଣ୍ଡା ୟୁ ଗେଟ୍ ଆଉଟ୍ ଫ୍ରମ୍ ମାଇ କ୍ଲାସରୁମ୍ ।'' ତାପରେ ଯଶପାଲ, ସୁଖଦେବ ଓ ମୋ ସହିତ ଆଉ କେତେଜଣଙ୍କ ଉପରେ ବିରକ୍ତ ହୁଅନ୍ତି । ଆମେ ସବୁ ପ୍ରଫେସର ମେହେତାଙ୍କ ତାଗିଦ୍‌ରେ କ୍ଲାସରୁମ୍‌ରୁ ତଡ଼ାଖାଉ । ଆମେ କ୍ଲାସରୁମ୍ ବାହାରକୁ ଆସି ଚସ୍ତୁକୁଟା ପାଠର ଜଞ୍ଜାଳରୁ ମୁକ୍ତି ପାଉ, ବାହାରେ ବେଶ୍ ମଉଜ ମଜଲିସ୍ କରୁ ।

ଦିନପରେ ଦିନ ଅତିକ୍ରମ ହେଉଥାଏ । ମୋ ବାବା ସର୍ଦ୍ଦାର କିଶନ ସିଂହ ଲକ୍ଷ୍ୟକଲେ ମୁଁ ପାଠପଢ଼ା ବା ଘରର ଦାୟିତ୍ୱ ସମ୍ଭାଳିବାରେ କ୍ରମଶଃ ଉଦାସୀନ ହୋଇଉଠୁଛି ଏବଂ ରାଜନୈତିକ କାର୍ଯ୍ୟକଳାପ ପ୍ରତି ଅଧିକ ଆଗ୍ରହୀ ହେଉଛି ।

ମୁଣ୍ଡ ଉପରେ ପରୀକ୍ଷା । ଅଥଚ ମୁଁ ପାଠପଢ଼ା ପ୍ରତି ଅଧିକ ଧ୍ୟାନ ଓ ସମୟ ଦେବା ଅପେକ୍ଷା ଛାତ୍ରରାଜନୀତି, ବୈପ୍ଲବିକ କାର୍ଯ୍ୟକ୍ରମରେ ଜଡ଼ିତ ରହି ବିଳମ୍ବିତ ରାତିରେ ଘରକୁ ଫେରିବା ଘଟଣା ବାପାଙ୍କୁ ବିରକ୍ତ କରିଦେଉଥିଲା ।

ଶିକ୍ଷାର ଗୁରୁତ୍ୱ ବାବା କିଶନସିଂହ ବେଶ୍ ଜାଣିଥିଲେ । ତେଣୁ ମୁଁ ଯେମିତି ଭଲ କୃତିଛାତ୍ରଟିଏ ହୋଇ ଜୀବନ ଗଢ଼ିବି, ସେଥିପାଇଁ ସେ ଯଦ୍‌ପରୋନାସ୍ତି ଉଦ୍ୟମ କରୁଥିଲେ । ମୋ ପାଇଁ ସେ କୌଣସି ଅଭାବ ରଖିନଥିଲେ । ମୋର ବିଳାସବ୍ୟସନ

ପାଇଁ ଯଦିଓ କୌଣସି ଆଗ୍ରହ ନଥିଲା ତଥାପି ସେ ମୋର ଆବଶ୍ୟକତା ପୂରଣ କରିବାରେ କେବେହେଲେ ହେଳା କରୁନଥିଲେ ।

ମୋର ପାଠପଢ଼ା ପ୍ରତି ବାବାଙ୍କ ଏତେ ତତ୍ପରତା ସତ୍ତ୍ୱେ ମୁଁ ଯେ ସେଥିପ୍ରତି ଗୁରୁତ୍ୱ ନ ଦେଇ ରାଜନୈତିକ-ବୈପ୍ଳବିକ କାର୍ଯ୍ୟକ୍ରମରେ ବେଶୀ ମାତୁଛି, ଏହା ଲକ୍ଷ୍ୟ କରି ସେ ଗୋଟେ ଶେଷ ସିଦ୍ଧାନ୍ତ ନେବାକୁ ଯୋଜନା କରୁଥିଲେ ।

ଦିନେ ବିଳମ୍ବିତ ରାତିରେ ମୁଁ ଘରକୁ ଫେରିଥାଏ । ମୋ ବାବା କିଶନସିଂହ କ୍ରୋଧଜର୍ଜରିତ କଣ୍ଠରେ ମୋତେ ଡାକିଲେ- "ଆରେ ମୂର୍ଖ, ମୋ ପାଖକୁ ଆସ । ପ୍ରଥମେ ମତେ କହ ତୁ ଏତେ ରାତିଯାଏଁ କେଉଁଠି ଥିଲୁ ? ଯଦି ତୋର ମନଦେଇ ପାଠ ପଢ଼ିବାକୁ ଇଚ୍ଛା ନାହିଁ ତେବେ ବହିକିଣା ଓ କଲେଜ୍ ଫିଜ୍ ବାବଦରେ ମୋର କଷ୍ଟରେ ଅର୍ଜିତ ଧନକୁ ନଷ୍ଟ କରୁଛୁ କାହିଁକି ? ବରଂ ତୁ ଆଉ କଲେଜକୁ ନଯାଇ ପଙ୍ଗୁ-ଅଥର୍ବଙ୍କ ପରି ଘରେ ବସିରହ ।"

ବାବାଙ୍କ ଏପରି କଟୁ ଭର୍ତ୍ସନା ମତେ ଖୁବ୍ ବାଧିଲା । ତଥାପି ମୁଁ ଧୀର ସ୍ଥିର ଶାନ୍ତ କଣ୍ଠରେ କହିଲି-" ବାବା ମୋର ଜୀବନ ସହିତ ସମତାଳ ଦେଇ ପାଠପଢ଼ା ଚାଲିଚି ଓ ଚାଲିବ । କିନ୍ତୁ ମୁଁ କ'ଣ ଜନ୍ମହେଇଚି, ସାଧାରଣ ମଣିଷ ପରି ବଞ୍ଚିବି, ପେଟଭରି ଖାଇବି-ପିଇବି, ଶୋଇବି ? ଦିନେ ବାହାହୋଇ ପିଲାଛୁଆ ଗଣ୍ଡେ ଜନ୍ମ କରିବି ଆଉ ଶେଷକୁ ସାଧାରଣ ମଣିଷଟିଏ ପରି ମରିଯିବି ? ମୁଁ ତ ସେଥିପାଇଁ ଜନ୍ମ ହୋଇନି ବାବା ! ପାଠପଢ଼ା ସହିତ ଦେଶ-ଜାତି ପାଇଁ ମୋର ବି କିଛି ଦାୟିତ୍ୱ ଅଛି ।"

ବାବା ତଥାପି ତାଙ୍କ କ୍ରୋଧକୁ ସମ୍ବରଣ ନକରି କହିଲେ- "ମତେ ଆଉ ତୋର ପାଠ ପଢ଼ାନା ପୁଅ ! ତୁ ଏଣିକି ସୁନାପିଲା ପରି ପାଠପଢ଼ିବାକୁ କଲେଜକୁ ଯାଅ, ନୋହିଲେ କଲେଜରୁ ନାଆଁ କାଟି ଘରେ ବସ । ତୁ ଯେମିତି ଛତରା-ବାତରାଙ୍କ ଭଳି ଯେତେ ସବୁ ବାଜେ କାମରେ ମାତିଛୁ, ତାହା ମୋ ପକ୍ଷରେ ଅସହ୍ୟ ହେଲାଣି ।"

ସେହି ରାତିଠାରୁ ମୁଁ ସଙ୍କଳ୍ପ କଲି ମୋତେ ଏଣିକି ଗୋଟେ ନିଷ୍ଠାପର ଛାତ୍ର ଭାବେ ପାଠପଢ଼ି, କୃତୀଛାତ୍ରଟିଏ ଭଳି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବାବାଙ୍କ ମନୋକାମନା ପୂର୍ଣ୍ଣ କରିବି ।

ତାହାହିଁ ହେଲା ।

ମୋର ଆଚରଣରେ ବାବା କିଶନ୍‌ସିଂହ ଖୁସିହେଲେ ।

ପ୍ରକୃତରେ ମୋ ବାବା କିଶନସିଂହ ଥିଲେ ଜଣେ ଆଦର୍ଶବାଦୀ ବ୍ୟକ୍ତିତ୍ୱ । ମୋର ସ୍ୱାଧୀନଚେତା ମନ ଓ ଦେଶପ୍ରେମ, ସମାଜସେବା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣକୁ ସେ କେବେହେଲେ ମୋତେ ନିରୁତ୍ସାହିତ କରିନାହାନ୍ତି । କିନ୍ତୁ ନିଜର ବ୍ୟକ୍ତିଗତ ଓ ପାରିବାରିକ ଦାୟିତ୍ୱକୁ ଜଳାଂଜଳି ଦେଇ ଦେଶସେବା ଯେ ଏକ ପ୍ରହସନ ତାହା ତାଙ୍କ ମନରେ ଜମାଟ ବାନ୍ଧିଥିଲା ।

ସମୟ ଏକ ଅଫେରା ନଈ । ନଈପରି ସମୟ ଆଗକୁ ଆଗକୁ ଗଡ଼ିଚାଲିଥାଏ । ଅତୀତ ଗୋଟେ ମୃତ ନଈ । ଭବିଷ୍ୟତ ଅନିଶ୍ଚିତ । ମୋ ପାଇଁ ବର୍ତ୍ତମାନ ହିଁ ସତ୍ୟ ।

ଇତି ମଧ୍ୟରେ ପରାଧୀନ ଭାରତରେ ମୁକ୍ତି ସଂଗ୍ରାମ କ୍ରମଶଃ ତୀବ୍ରରୁ ତୀବ୍ରତର ହେଉଥାଏ । ଦେଶର ରାଜନୈତିକ ଓ ସାମାଜିକ ଦୃଶ୍ୟପଟରେ ଦ୍ରୁତ ପରିବର୍ତ୍ତନ ଘଟୁଥାଏ । ଭାରତୀୟ ସାମାଜିକ ଜୀବନ ଧାରାରେ ଏକ ନୂତନ ଦିଗ୍‌ଦର୍ଶନର ଆଲୋକ ଶିଖା ଜଳି ଉଠୁଥାଏ ।

୧୯୧୯ ବ୍ରିଟିଶ୍ ଶାସନର ଭାରତୀୟ ପ୍ରଶାସନ ସମଗ୍ର ଦେଶବ୍ୟାପୀ ଲାଗୁ କଲା 'ରୋଲେଟ ଆକ୍ଟ' ନାମରେ ଗୋଟେ କଳା ଆଇନ । ଏଇ ଆଇନ ସମଗ୍ର ଦେଶବ୍ୟାପୀ କାର୍ଯ୍ୟକାରୀ ହେଲା । ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସଦଳ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ କଲା । 'ରୋଲେଟ୍ ଆକ୍ଟ' ବିରୁଦ୍ଧରେ ଦେଶବ୍ୟାପୀ ଅସନ୍ତୋଷର ନିଆଁ ଜଳିଉଠିଲା । ସହର, ନଗର ଜନପଦଠାରୁ ଆରମ୍ଭକରି ଗ୍ରାମାଞ୍ଚଳକୁ ଏହି ଆନ୍ଦୋଳନ ସଂକ୍ରମିତ ହେଲା । ଏଇ କଳା ଆଇନକୁ ବିରୋଧକରି ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇ ଆସିଲେ । ବ୍ରିଟିଶ୍ ଶାସନ ବିରୁଦ୍ଧରେ ଜନମତ ଦାନା ବାନ୍ଧିଲା । ବିକ୍ଷୋଭ, ପଟୁଆର ଶୋଭାଯାତ୍ରାରେ ଗୋରାଶାସନ ବିରୁଦ୍ଧରେ ସ୍ଲୋଗାନ୍ ଝଡ଼ର ରୂପ ନେଲା ।

ଲାହୋର ରାଜରାସ୍ତାରେ ପାଞ୍ଚ କିଲୋମିଟର ବ୍ୟାପୀ ଜନସାଧାରଣଙ୍କ ବିଶାଳ ଶୋଭାଯାତ୍ରା । ବିକ୍ଷୋଭକାରୀଙ୍କ ଜନଗହଳିରେ ରାସ୍ତା ଜାମ୍ । କଳାଆଇନ ବିରୁଦ୍ଧରେ ସ୍ଲୋଗାନ୍ ଦେଉଥିବା ସ୍ୱାଧୀନତା ସେନାନୀଙ୍କ କାନ୍ଧରେ ଗୋଟେ ଗୋଟେ ଠେଙ୍ଗା । ଠେଙ୍ଗାର ଅଗ୍ରଭାଗରେ କଳାପତାକା ଫର ଫର ଉଡୁଥାଏ । ଚତୁର୍ଦ୍ଦିଗରେ

କଳାପତାକାର ବନ୍ୟା ସମୁଦ୍ରର ରୂପ ନେଇଥାଏ । କ୍ରମାଗତ ସପ୍ତାହବ୍ୟାପୀ କଳାପତାକା ପ୍ରଦର୍ଶନ ସହିତ ବିକ୍ଷୋଭ ପଟୁଆର, ହରତାଳ ଓ ଲାହୋର ମହାନଗରୀ ବନ୍ଦ ଡ଼ାକରାରେ ଦୋକାନ ବଜାର ବନ୍ଦ । ଏହି ସପ୍ତାହବ୍ୟାପୀ ବନ୍ଦ ଆନ୍ଦୋଳନରେ ସାମାନ୍ୟତମ ଶିଥିଳତା ନଥିଲା । କୃଷକ, ଶ୍ରମିକ ଓ ବଣିକଙ୍କ ସହିତ ସାଧାରଣ ନାଗରିକ ସ୍ୱତଃସ୍ଫୁର୍ତ୍ତ ଭାବରେ ଆନ୍ଦୋଳନରେ ଯୋଗ ଦେଇଥାନ୍ତି । ସ୍ଥାନୀୟ ଦେଶୀ ପୁଲିସ୍‌ବାହିନୀ କେବଳ ନୀରବ ଦର୍ଶକ । ସାଧାରଣ ଜୀବନଯାପନ ଯେବେ ଅଚଳ ହୋଇଉଠିଲା ପ୍ରଶାସନ ପୁଲିସ୍ ଲଗାଇ ଆନ୍ଦୋଳନରେ ହସ୍ତକ୍ଷେପ କଲା । ଦୋକାନୀମାନେ ଯେପରି ଦୋକାନ ଖୋଲିବେ, ବ୍ୟବସାୟ ଯେମିତି ଚାଲିବ, ସେଥିପାଇଁ ପୁଲିସ୍ ବାହିନୀ ଦୋକାନୀମାନଙ୍କୁ ବାଧ କଲେ । ଲାହୋର ଗଳିକନ୍ଦିର ଦୋକାନୀମାନଙ୍କ ଭିତରୁ କେତେକ ଯଦିଓ ପୁଲିସ୍‌ର ବାଧବାଧକତାରେ ଦୋକାନ ଖୋଲିଲେ କିନ୍ତୁ ପୁଲିସ ସ୍ଥାନ ଛାଡ଼ି ଚାଲିଯିବା ପରେ ପରେ ଦୋକାନ ବନ୍ଦ କରିଦେଉଥିଲେ ।

ଲାହୋରରେ କ୍ରମାଗତ ସପ୍ତାହବ୍ୟାପୀ ବନ୍ଦ-ହରତାଳ ପାଳନ ଆନ୍ଦୋଳନକାରୀମାନଙ୍କ ପାଇଁ ସାଧାରଣ କଥା ନଥିଲା । ଯଦିଓ ଏହି ବନ୍ଦପାଳନ ବେଳେ ହଜାର ହଜାର ଛୋଟବଡ଼ ଦୋକାନ ଓ ଭୋଜନାଳୟ ଅଚଳ କରିଦିଆଗଲା ଫଳରେ ସାଧାରଣ ଜନତା ଖାଦ୍ୟ ଓ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ନପାଇ ହନ୍ତସନ୍ତ ହେଲେ । ଏହି ସମସ୍ୟାର ସମାଧାନ ପାଇଁ ଆନ୍ଦୋଳନର ନେତୃତ୍ୱ ନେଉଥିବା ନେତୃବୃନ୍ଦ ସହରର ସମ୍ଭ୍ରାନ୍ତ ନାଗରିକମାନଙ୍କୁ ପ୍ରବର୍ତ୍ତାଇ, ଆନ୍ଦୋଳନର ସ୍ୱେଚ୍ଛାସେବକ ବାହିନୀ ଦ୍ୱାରା ସ୍ଥାନେ ସ୍ଥାନେ ଅସ୍ଥାୟୀ ଅନ୍ନଛତ୍ର, ଭୋଜନାଳୟ ଖୋଲିଲେ । ରାସ୍ତାକଡ଼ରେ ମୁଣ୍ଡ ଟେକିଥିବା ଏହି ଅନ୍ନଛତ୍ର ଭୋଜନାଳୟରେ ରୁଟି ଓ ଡାଲ୍‌ମା ରନ୍ଧନ କରି ମାଗଣାରେ ଲୋକଙ୍କୁ ପରିବେଷଣ କରାଗଲା । ଏପରିକି ସର୍ବସାଧାରଣଙ୍କୁ ମାଗଣା ଖାଦ୍ୟ ପରିବେଷଣ ପାଇଁ ରନ୍ଧନ ପ୍ରସ୍ତୁତି କାର୍ଯ୍ୟରେ ମହିଳାମାନେ ସଂଘବଦ୍ଧ ଭାବେ ଯୋଗଦେଲେ । ଏହି ଅନ୍ନଛତ୍ର ପାଇଁ କୁଆଡୁ କେମିତି ଅର୍ଥ ଓ ସାମଗ୍ରୀ ଆସି ପହଞ୍ଚିଥାଏ ତାହା କଳ୍ପନାତୀତ ଥିଲା । ଲୋକେ ଯିଏ ଯାହାର ସାମର୍ଥ୍ୟ ଅନୁସାରେ ଦାନ କରୁଥିଲେ ।

ସେଇ କୈଶୋର ଅବସ୍ଥାରେ ମୁଁ ଏସବୁ ଅଧିକ ଆଗ୍ରହରେ ଲକ୍ଷ୍ୟ କରୁଥାଏ । ସପ୍ତାହବ୍ୟାପୀ ଲାହୋର ବନ୍ଦ ଆହ୍ୱାନ ଓ ଏହାର ସ୍ୱତଃସ୍ଫୁର୍ତ୍ତ ସଫଳତା ମୋର ମନରେ ଗଭୀର ରେଖାପାତ କରୁଥାଏ ।

ଲାହୋର ହରତାଳ ଜନଗଣଙ୍କ ମନରେ ଗୋରାଶାସନ ପ୍ରତି କେବଳ ଘୃଣା ସୃଷ୍ଟି କରିଥିଲା ସେତିକି ନୁହେଁ, ଆବାଳ ବୃଦ୍ଧବନିତାଙ୍କ ମନରେ ଏକ ନୂତନ ଉତ୍ସାହ, ଉଦ୍ଦୀପନା ସୃଷ୍ଟି କରିଥିଲା । ଜନମନର ବିଚ୍ଛିନ୍ନତା ମଧ୍ୟରେ ଏକତା ସୃଷ୍ଟି କରିଥିଲା ।

ଆନ୍ଦୋଳନ, ବିକ୍ଷୋଭ ଶୋଭାଯାତ୍ରା ତୀବ୍ରରୁ ତୀବ୍ରତର ହେବାକୁ ଲାଗିଲା । 'ରୋଲେଟ୍ ଆକ୍ଟ'ର କଳା ଆଇନ ବିରୁଦ୍ଧରେ ଚାଲିଥିବା ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଭିନ୍ନମୋଡ଼ ନେଲା । ବ୍ରିଟେନର ଶାସକ ପଞ୍ଚମ ଜର୍ଜଙ୍କର କୁଶପୁତଳିକା ବିଭିନ୍ନ ସ୍ଥାନରେ ପୋଡ଼ାଗଲା । ଗୋରା ଶାସନର ସ୍ୱାଭିମାନର ପ୍ରତୀକ ... ଜାତୀୟ ପତାକା 'ଇଉନିଅନ ଜ୍ୟାକ୍' ଜଳାଗଲା । ରାଜଭକ୍ତ ସ୍ଥାନୀୟ ପ୍ରଶାସନ ଓ ଦେଶୀ ପୁଲିସ୍ ବାହିନୀ, ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟାରେ ଯୋଗ ଦେଇଥିବା ବିକ୍ଷୋଭକାରୀମାନଙ୍କୁ ଛିନ୍ନଛତ୍ର କରିବାପାଇଁ ଲାଠିଚାଳନା କଲା । ଆନ୍ଦୋଳନକାରୀଙ୍କ ସହିତ ସାମିଲ୍ ହୋଇଥିବା ସାଧାରଣ ଜନତା ପୁଲିସ୍‌ର ଲାଠିମାଡ଼ରେ ରକ୍ତାକ୍ତ ହେଲାପରେ ଉତ୍ତ୍ୟକ୍ତ-ହିଂସ୍ର ହୋଇ ଉଠିଲେ । ଲାଠିର ଜବାବ ଟେକାପଥର ମାଡ଼ରେ ରୂପାନ୍ତରିତ ହେଲା । ବ୍ରିଟିଶ ସରକାରର ଜନଦମନକାରୀ କାର୍ଯ୍ୟର ପ୍ରତିବାଦରେ ଆନ୍ଦୋଳନରେ ସାମିଲ ହୋଇଥିବା ଜନଅରଣ୍ୟ ପୁଲିସ୍ ଉପରକୁ ଢ଼େଲାପଥର ମାଡ଼ କଲେ ।

ଏକ ସପ୍ତାହବ୍ୟାପୀ ଲାହୋର ହରତାଳ ମଧ୍ୟରେ ପୁଲିସ୍ ବିଭିନ୍ନ ସ୍ଥାନରେ ନିରସ୍ତ୍ର ଆନ୍ଦୋଳନକାରୀମାନଙ୍କ ଉପରେ ଲାଠିଚାଳନା କରିବା ସହିତ ଗୁଳିଚାଳନା ମଧ୍ୟ କଲା । ଲାହୋର ମହାନଗରୀରେ ସାମରିକ ଆଇନ ଲାଗୁହେଲା । ସରକାର ସ୍ଥାନୀୟ ପୁଲିସ୍‌ବାହିନୀର ଗୋରାଶାସନ କଳ ପ୍ରତି ଥିବା ଆନୁଗତ୍ୟକୁ ସନ୍ଦେହ କଲା । ତେଣୁ ଏହି ଆନ୍ଦୋଳନକୁ ଦମନ କରିବାପାଇଁ ସ୍ଥାନୀୟ ପୁଲିସ ବାହିନୀ ସ୍ଥାନରେ ଇଂଲଣ୍ଡରୁ ଗୋରା ସିପାହୀଙ୍କୁ ଅଣାଗଲା । ବ୍ୟାପକ ଗିରଫଦାରି ଆରମ୍ଭହେଲା । ଅନୁଗତ ପୁଲିସ୍ ଅଫିସର ଓ ସିପାହୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସର୍ବସାଧାରଣ ସ୍ଥାନମାନଙ୍କରେ ମୁତୟନ କରାଯାଇ ଆଇନ ଶୃଙ୍ଖଳା ରକ୍ଷା ନିମନ୍ତେ ପ୍ରଶାସନ ପ୍ରାଣମୂର୍ଚ୍ଛା ଉଦ୍ୟମ କଲା । କିନ୍ତୁ ଶାସନକଳ ଗଛେ ଗଛେ ଗଲାବେଳେ ଆନ୍ଦୋଳନକାରୀ ନେତାମାନେ ପତ୍ରେ ପତ୍ରେ ଚାଲିଲେ । ଆନ୍ଦୋଳନରେ ସାମିଲ ହେଲେ ପ୍ରଜାମାନଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରଚାର କରିବା ନିମନ୍ତେ ସହର ସାରା କାନ୍ଥବାଡ଼ରେ ପ୍ରଚାରପତ୍ର ମାଧ୍ୟମରେ ଚେତାବନୀ ଦିଆଗଲା । ଏହି ପ୍ରଚାରପତ୍ର ଗୁଡ଼ିକ ଲାହୋର ସହରର ଗୁରୁତ୍ୱପୂର୍ଣ୍ଣ ଛକ

ଜାଗାମାନଙ୍କରେ ଥିବା ବେସରକାରୀ କୋଠାବାଡ଼ି ଗୁଡ଼ିକର କାନ୍ଥମାନଙ୍କରେ ଛାପି ଦିଆଗଲା । କାଳେ କିଏ ପ୍ରଚାରପତ୍ରକୁ ନଷ୍ଟ କରିଦେଇପାରେ ଏଇ ଆଶଙ୍କାରେ ପୁଲିସ୍ ପ୍ରଶାସନ ସଂପୃକ୍ତ କୋଠାଗୁଡ଼ିକର ମାଲିକ ମାନଙ୍କୁ ତଦାରଖ କରିବାକୁ ଆଦେଶଦେଲା । ଏଥିରେ ସାମାନ୍ୟ ବ୍ୟତିକ୍ରମ ଘଟିଲେ ସଂପୃକ୍ତ କୋଠାମାଲିକମାନଙ୍କୁ ଦଣ୍ଡ, ଏପରିକି ସେମାନଙ୍କ ସଂପତ୍ତି ବାଜ୍ୟାପ୍ତ କରିଦିଆଯିବ ବୋଲି ସତର୍କ କରାଇଦିଆଗଲା ।

ଗୋରା ଶାସନର ଏପରି ନିର୍ମମ କଠୋର ନୀତି ଓ ଏହି ଏକଛତ୍ରବାଦ ନୀତି ବିରୁଦ୍ଧରେ ଜନଆନ୍ଦୋଳନ ସେତେବେଳେ ମୋର କୈଶୋର ମନ ଉପରେ ଗଭୀର ପ୍ରଭାବ ପକାଇଥିଲା । ମୁଁ କ୍ରମଶଃ ଉତ୍ୟକ୍ତ, ଶାସନ ବିରୁଦ୍ଧରେ ଉନ୍ମାଦ-ଉତ୍ତେଜିତ ହୋଇ ଉଠୁଥିଲି । ମୋର ଶରୀରର ଶିରା-ପ୍ରଶିରା ... ସ୍ନାୟୁ ତନ୍ତ୍ରୀରେ ଉଚ୍ଚ ରକ୍ତଚାପ ସୃଷ୍ଟି କରୁଥିଲା ।

ମୁଁ ସେତେବେଳେ ଥିଲି ବୟଃସନ୍ଧିକାଳରେ । କୈଶୋର ଯାଉଚି ଏବଂ ଯୌବନ ଆସୁଚି । ବାହୁରେ ଯେମିତି ଶତସିଂହର ଶକ୍ତି ଓ ମନରେ କଳ୍ପନାର ଅଦ୍ଭୁତ ସୀମାହୀନ ଉଡାଣ ମୁଁ ଅନୁଭବ କରୁଥିଲି । ମୁଁ ଦେଶର ମୁକ୍ତିସଂଗ୍ରାମରେ ସଂପୂର୍ଣ୍ଣ ରୂପେ ଝାସ ଦେବାକୁ ପ୍ରସ୍ତୁତ ହୋଇପଡିଲି । ମୋ ଭିତରେ ଆତ୍ମବଳିଦାନର ପ୍ରବୃତ୍ତି ସଂକ୍ରମିତ ହେବାକୁ ଲାଗିଲା ।

ରୋଲେଟ୍ ଆଇନ ବିରୁଦ୍ଧରେ ଆନ୍ଦୋଳନ ନିର୍ଣ୍ଣାୟକ ମୋଡ଼ରେ ଥିବାବେଳେ ଶାନ୍ତିପୂର୍ଣ୍ଣ ଅହିଂସା ଆନ୍ଦୋଳନ ଉଭୟ ପକ୍ଷକୁ ରକ୍ତମୁଖା କରିଦେଲା । ଫଳରେ ଗାନ୍ଧିଜୀ ଏକତରଫା ଭାବେ ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ଘୋଷଣା କଲେ । ଗାନ୍ଧିଜୀଙ୍କ ଏପରି ପଦକ୍ଷେପ ଜନସାଧାରଣଙ୍କୁ ଅସନ୍ତୁଷ୍ଟ କଲା । 'କର ବା ମର' ... ଦେଶମାତୃକାର ମୁକ୍ତି ପାଇଁ ଆନ୍ଦୋଳନକାରୀମାନେ ଯେତେବେଳେ ଆତ୍ମ ବଳିଦାନ ପାଇଁ ପ୍ରସ୍ତୁତ ହୋଇପଡିଥିଲେ, ଠିକ୍ ସେତେବେଳେ ଗାନ୍ଧୀଜୀଙ୍କ ଆନ୍ଦୋଳନ ପ୍ରତ୍ୟାହାର ଆହ୍ୱାନ, ଜନତାଙ୍କ ମନରେ ଦାରୁଣ ଧକ୍କାଦେଲା । ଗାନ୍ଧିଜୀ ଲୋକଙ୍କ ସମାଲୋଚନାର ଶରବ୍ୟ ହେଲେ ।

ଆନ୍ଦୋଳନ ପ୍ରତ୍ୟାହାର ହେବା ଘଟଣା ମୋ ମନରେ ମଧ୍ୟ ଦୁଃଖ ଦେଇଥିଲା । ଆମେ ସବୁ ଦେଶପ୍ରେମୀ ଛାତ୍ର, ଯୁବଶକ୍ତି ପାଠ ଛାଡ଼ି ଗାନ୍ଧିଜୀଙ୍କ ଆହ୍ୱାନରେ ପ୍ରତ୍ୟକ୍ଷ

ବା ପରୋକ୍ଷରେ ଆନ୍ଦୋଳନରେ ଝାସ ଦେଇଥିଲୁ । ହଠାତ୍ ଆନ୍ଦୋଳନର ତରଙ୍ଗରେ ଭଟା ପଡ଼ିବା ଦ୍ୱାରା ଆମେ ନିରାଶ ହୋଇପଡିଲୁ । ଆମେ ଯେତେସବୁ ଛାତ୍ର କଲେଜ ଶିକ୍ଷା ବର୍ଜନକରି ଆନ୍ଦୋଳନରେ ସାମିଲ ହୋଇଥିଲୁ, ଆମ୍ଭମାନଙ୍କୁ କଲେଜରେ ଆଉ ସ୍ଥାନ ନଥିଲା । କଲେଜ ପରିଚାଳନା କମିଟି ଆମ୍ଭମାନଙ୍କୁ ବହିଷ୍କାର ଘୋଷଣା କରିଥିଲେ । ପାଠ ପଢ଼ିବା ପାଇଁ କଲେଜକୁ ଫେରିବା ଆମ୍ଭମାନଙ୍କ ପାଇଁ ସମ୍ଭବ ନଥିଲା ଆମେ ଏ କୁଳର ହେଲୁ ନା ସେ କୁଳର ! ଆମ୍ଭମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇପଡିଲା ।

ବର୍ଷେକାଳ ବିଦେଶରେ ରହି ଲାଲାଲଜ୍‌ପତରାୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ ଓ ପଞ୍ଜାବରେ ଅସହଯୋଗ ଆନ୍ଦୋଳନର ନେତୃତ୍ୱ ନେଲେ । ଏତିକିବେଳେ ସେ ଅନୁଭବ କଲେ, ଗାନ୍ଧିଜୀଙ୍କ ଆଇନ ଅମାନ୍ୟ ଆନ୍ଦୋଳନର ଆହ୍ୱାନରେ ହରତାଳରେ ଯୋଗଦେଇଥିବା ଛାତ୍ରମାନଙ୍କ ଅବସ୍ଥା । ତେଣୁ ସେ ଲାହୋର୍‌ରେ ନ୍ୟାସନାଲ ସ୍କୁଲ ସ୍ଥାପନା କଲେ । ଯେଉଁ ଛାତ୍ରମାନେ ଆନ୍ଦୋଳନରେ ଯୋଗଦେଇଥିବା ଯୋଗୁଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ବହିଷ୍କୃତ ହୋଇ ପାଠ ପଢ଼ାରୁ ବଞ୍ଚିତ ହୋଇଥିଲେ-ସେହି ଛାତ୍ରମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଏହି ନୂତନ ଶିକ୍ଷାନୁଷ୍ଠାନରେ ଭର୍ତ୍ତି କରାଗଲା । ଲାଲାଜୀଙ୍କ ଆଉ ଏକ ଲକ୍ଷ୍ୟଥିଲା ଏହି ବିଦ୍ୟାଳୟରୁ ମୁକ୍ତି ସଂଗ୍ରାମୀଯୋଦ୍ଧା ନିର୍ମାଣ କରିବା ।

ବିପୁଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ମୁଁ ମଧ୍ୟ ଶିକ୍ଷାନୁଷ୍ଠାନ ବର୍ଜନକରି ଅସହଯୋଗ ଆନ୍ଦୋଳନରେ ଝାସ ଦେଇଥିଲି । କିନ୍ତୁ ହଠାତ୍ ଗାନ୍ଧୀଜୀଙ୍କ ଦ୍ୱାରା ଏହି ଆନ୍ଦୋଳନ ସ୍ଥଗିତ ହେବା ଫଳରେ ମୁଁ ମର୍ମାହତ ହୋଇପଡିଥିଲି ଏବଂ ବ୍ରିଟିଶ୍ ଶାସନର ପାଠ୍ୟଖସଡ଼ା ଉପରୁ ମୋର ଆଗ୍ରହ ମରିଯାଇଥିଲା । ମୋ ଭଳି ଅନେକ ଛାତ୍ର ମାନଙ୍କର ମଧ୍ୟ ଅନୁରୂପ ଅବସ୍ଥା ହୋଇଥିଲା ।

ପଞ୍ଜାବ କ୍ରମଶଃ ଆନ୍ଦୋଳନର ଆଗ୍ନେୟ ଲାଭା ଭୂମିରେ ପରିଣତ ହୋଇଥିଲା । ଗୋଟିଏ ଆନ୍ଦୋଳନ ମଉଳି ପଡୁଥିବାବେଳେ ଆଉ ଗୋଟେ ଆନ୍ଦୋଳନ ମୁଣ୍ଡ ଟେକୁଥିଲା ।

କ୍ରାନ୍ତି, କ୍ରାନ୍ତି ! କେବଳ କ୍ରାନ୍ତି ଓ ବିପ୍ଳବ । କ୍ରାନ୍ତିର ନିଆଁ ଏଇଠି ଲିଭିଲେ ସେଇଠି ପୁଣି ଜଳିଉଠୁଥିଲା !

ଏହି ୧୯୧୯-୧୯୨୦ ବେଳକୁ ପଂଜାବରେ 'ଗୁରୁଦ୍ୱାରା ଆନ୍ଦୋଳନ'

କେବଳ ସାଂପ୍ରଦାୟିକ ସ୍ଥିତି ମଧ୍ୟରେ ସୀମିତ ଥିଲା । ଏହି ଆନ୍ଦୋଳନ ସର୍ବସାଧାରଣଙ୍କୁ ସଂକ୍ରମିତ ହେଲା । ଏହି ସାର୍ବଜନୀନ ଆନ୍ଦୋଳନର ମୂଳଲକ୍ଷ୍ୟ ଥିଲା ଗୁରୁଦ୍ୱାରା ଗୁଡ଼ିକରେ ବହୁବର୍ଷ ଧରି ଚାଲିଥିବା ଏକଚାଟିଆ ଶାସନ ଓ ଦୁର୍ନୀତି-ଭ୍ରଷ୍ଟାଚାରର ମୂଳୋତ୍ପାଟନ ।

ବିଶାଳ ପଂଜାବରେ ଥିବା ଗୁରୁଦ୍ୱାର ଗୁଡ଼ିକ ଶିଖ୍ ଜାତୀୟଜୀବନର ଗୋଟେ ଗୋଟେ ପବିତ୍ରପୀଠ ହୋଇଥିବାବେଳେ ଏହାର ପରିଚାଳନା ଦାୟିତ୍ୱରେ ଥିବା ମହନ୍ତମାନେ ଏସବୁକୁ ସେମାନଙ୍କ ବଂଶାନୁକ୍ରମିକ ବ୍ୟକ୍ତିଗତ ସଂପତ୍ତିରେ ପରିଣତ କରିଦେଇଥିଲେ । ଶିଖ୍ଜାତିର ଏହି ପବିତ୍ର ଧର୍ମପୀଠ ପାଇଁ ସର୍ବସାଧାରଣଙ୍କ ପାଖରୁ ମିଳୁଥିବା ଦାନ-ଦକ୍ଷିଣା ଓ ଚାନ୍ଦାର ଧନରାଶିକୁ ମହନ୍ତମାନେ ସେମାନଙ୍କ ପାରିବାରିକ ଆୟ ରୂପେ ବ୍ୟବହାର କରୁଥିଲେ । ଗୁରୁଦ୍ୱାରା ଗୁଡ଼ିକର ଉନ୍ନତି କରିବା ଅପେକ୍ଷା ସେମାନେ ନିଜ ପରିବାରର ବିଳାସ ବ୍ୟସନରେ ବ୍ୟବହାର କରୁଥିଲେ ।

ଏଣୁ ଗୁରୁଦ୍ୱାରା ଗୁଡ଼ିକୁ ଭ୍ରଷ୍ଟାଚାରୀ ମହନ୍ତ ପରିବାର ଗୁଡ଼ିକର କବଳରୁ ମୁକ୍ତ କରି ସଂଗୋଷ୍ଠୀଦ୍ୱାରା ପରିଚାଳନା କରିବା ଏବଂ ସଂଗୃହୀତ ପାଣ୍ଠିକୁ ସାମାଜିକ-ସର୍ବସାଧାରଣ ପାଣ୍ଠିରେ ପରିଣତ କରିବା ପାଇଁ କେତେକ ସଂସ୍କାରବାଦୀ ଶିଖ୍ନେତା ଗୁରୁଦ୍ୱାରା ଆନ୍ଦୋଳନର ବୀଜ ବୁଣିଥିଲେ । ସେହି ଆନ୍ଦୋଳନରେ ମୁଁ ମଧ୍ୟ ମୋର ସାଥୀମାନଙ୍କୁ ନେଇ ସାମିଲ୍ ହୋଇପଡିଲି । ଆମର ଲକ୍ଷ୍ୟ ଥିଲା-ଗୁରୁଦ୍ୱାରା ଗୁଡ଼ିକର ପରିଚାଳନାପାଇଁ ନିର୍ବାଚିତ ପଞ୍ଚାୟତ ଗଠନ ହେଉ । ଏହି ପଞ୍ଚାୟତ ଗୁରୁଦ୍ୱାରା ଗୁଡ଼ିକର ଆୟ ଓ ବ୍ୟୟର ହିସାବ ତଦାରଖ କରୁ । କିନ୍ତୁ ଗୋରା ସରକାରର ଗୋଲାମିକୁ ସ୍ୱୀକାର କରି ଶିରୋଧାର୍ଯ୍ୟ କରିନେଇଥିବା ଗୁରୁଦ୍ୱାର ଗୁଡ଼ିକର ମହନ୍ତମାନଙ୍କ ସ୍ୱାର୍ଥରକ୍ଷାପାଇଁ ସ୍ଥାନୀୟ ପ୍ରଶାସନ ଆନ୍ଦୋଳନକୁ ଦମନ କରିବାପାଇଁ ମାମଲାରେ ମୁଣ୍ଡ ପୂରେଇଲା । ଗୁରୁଦ୍ୱାର ଗୁଡ଼ିକ ମହନ୍ତମାନଙ୍କ ବଂଶାନୁଗତ ମାଲିକାନା ମଧ୍ୟରେ ରହୁ, ଗୁରୁଦ୍ୱାର ସଂପତ୍ତିକୁ ସାମାଜିକକରଣ କରାନଯାଉ, ଏହା ସରକାର ଚାହୁଁଥିଲା । ସରକାରଙ୍କ ଦ୍ୱାରା ମହନ୍ତମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାରୀ ହସ୍ତକ୍ଷେପକୁ ସଂସ୍କାରବାଦୀ ଶିଖ୍ନେତାମାନେ ବିରୋଧ କରି ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଦେଲେ । ନିରସ୍ତ୍ର ଶିଖ୍ ସ୍ୱେଚ୍ଛାସେବକମାନେ ସହର, ନଗର, ଜନପଦ ଓ ଗାଁ ଗଣ୍ଡାର ଲୋକଙ୍କ ପାଖକୁ ଯାଇ ଶିଖ୍ଗୁରୁମାନଙ୍କ ବାଣୀ, ଦର୍ଶନ ପ୍ରଚାର ଅଭିଯାନ ଚଳାଇବା ସହିତ ଗୁରୁଦ୍ୱାର ଗୁଡିକୁ ମହନ୍ତମାନଙ୍କ କବଳରୁ ମୁକ୍ତକରି ନିର୍ବାଚିତ

ଲୋକପ୍ରତିନିଧିମାନଙ୍କ ଦ୍ୱାରା ପରିଚାଳନା ନିମନ୍ତେ ଦାବୀ କରିବା ସହିତ ଆନ୍ଦୋଳନ କରିବାକୁ ପ୍ରବର୍ତ୍ତାଇଲେ ।

ପ୍ରବଳ ପ୍ରତାପୀ ବ୍ରିଟିଶ ସରକାରର ସ୍ଥାନୀୟ ପ୍ରଶାସନର ରକ୍ଷାକବଚ ମଧ୍ୟରେ ଥିବା ଗୁରୁଦ୍ୱାର ମହନ୍ତମାନେ ସେମାନଙ୍କ ସ୍ୱାର୍ଥହାନି ଘଟୁଥିବା ଦେଖି ହିଂସ୍ର ହୋଇଉଠିଲେ । ସରକାରୀ କଳର ପୁଲିସ୍‌ବାହିନୀ ଓ ମହନ୍ତମାନଙ୍କ ଦ୍ୱାରା ନିଯୁକ୍ତ ଗୁଣ୍ଡାବାହିନୀ ଗୁରୁଦ୍ୱାର ଆନ୍ଦୋଳନର ବାର୍ତ୍ତା ପ୍ରଚାର କରୁଥିବା ନିରସ୍ତ୍ର ସ୍ୱେଚ୍ଛାସେବକମାନଙ୍କ ଉପରେ ଲାଠି ଚାଳନା କଲେ । ଏପରିକି ରକ୍ତମୁଖା ପୋଲିସ୍ କେତେକ ସ୍ଥାନରେ ଆଖିବୁଜା ଗୁଳିଚାଳନା କରି ଲୋକଙ୍କୁ ଆହତ କଲା । ବହୁ ସ୍ୱେଚ୍ଛାସେବକ ସଂଜ୍ଞା ହରାଇବସିଲେ । କେତେକ ମୃତ୍ୟୁବରଣ କଲେ । ଗାଈଗୋରୁ ଘୁଷୁରିମାନଙ୍କୁ କାଞ୍ଜିଆ ହୁଦାକୁ ଟାଣିନେଲା ଭଳି ଆନ୍ଦୋଳନକାରୀ ସ୍ୱେଚ୍ଛାସେବକମାନଙ୍କୁ ପୋଲିସ୍ ଘୋଷାଡ଼ିନେଇ ହାଜତ୍ ଭିତରେ ପୂରେଇଲା ।

ପରିସ୍ଥିତି ଉଦ୍ବେଗ ଓ ଅସମ୍ଭାଳ ହୋଇ ଉଠିଲା । ପଞ୍ଜାବର ଗୁରୁଦ୍ୱାର ଆନ୍ଦୋଳନ ଦେଶର ବିଭିନ୍ନ ପ୍ରାନ୍ତରରେ ଝଡ଼ ସୃଷ୍ଟିକଲା । ଗୁରୁଦ୍ୱାର ଗୁଡ଼ିକ କୌଣସିମତେ ସରକାରଙ୍କ ଦଲାଲ୍ ମହନ୍ତମାନଙ୍କ କବଳରୁ ମୁକ୍ତ କରିବାପାଇଁ ଶିଖ୍‌ଜାତି ତାତିଉଠିଲା । ଗୁରୁଦ୍ୱାର ଗୁଡ଼ିକୁ ମହନ୍ତମାନଙ୍କ ହାତରୁ ସର୍ବସାଧାରଣଙ୍କ ଦ୍ୱାରା ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କ ନିୟନ୍ତ୍ରଣକୁ ଆଣିବା ନିମନ୍ତେ 'ନାନ୍‌କାନା ସାହେବ' ଠାରେ ତୁଇଶହରୁ ଉର୍ଦ୍ଧ୍ୱ ଶିଖ୍ ସ୍ୱେଚ୍ଛାସେବକ ଆତ୍ମବଳିଦାନ ପାଇଁ ପ୍ରସ୍ତୁତ ହୋଇଗଲେ । ଏପରି ସାଂଘାତିକ ଅବସ୍ଥା ଦେଖି ସରକାର ପ୍ରମାଦ ଗଣିଲେ । ଶେଷକୁ ସରକାର ଲୋକଙ୍କ ଇଚ୍ଛାଶକ୍ତି ଆଗରେ ମୁଣ୍ଡ ନୁଆଁଇଲା ।

ମୋ ଭିତରେ ଉଦ୍ଦାମ ଯୌବନର ଉଚ୍ଛ୍ୱାସ ସହିତ ଆଦର୍ଶଗତ ଉଚ୍ଚାକାଂକ୍ଷା ଭରିରହିଥିଲା । ମୁଁ ଏହି ଗୁରୁଦ୍ୱାର ଆନ୍ଦୋଳନ ଭିତରୁ ମୋର କ୍ରାନ୍ତିକାରୀ ଶିକ୍ଷାର ଖଡ଼ିଛୁଆଁ ଆରମ୍ଭ କରିଥିଲି । ଗାନ୍ଧିଜୀଙ୍କ ଦ୍ୱାରା ଅସହଯୋଗ ଆନ୍ଦୋଳନର ବିରତି ମୋତେ ଖୁବ୍ ବାଧିଥିଲା । ଏହି ଆନ୍ଦୋଳନରେ ମୁଁ ବାନରସେନା ଭାବେ ଯୋଗଦେଇ ପାଠପଢ଼ା ଛାଡ଼ି ଦେଇଥିଲି । କିନ୍ତୁ ମୁଁ ବେକାରରେ ଘରେ ପଡି ରହିବାକୁ ଚାହୁଁନଥିଲି । ତେଣୁ ଗୁରୁଦ୍ୱାର ଆନ୍ଦୋଳନରେ ସକ୍ରିୟଭାବେ ଅଂଶ ଗ୍ରହଣ କରି ମୋ ଭିତରେ ଥିବା ବିପ୍ଳବୀ ବ୍ୟକ୍ତିସତ୍ତାଟିକୁ କୌଣସିମତେ ଉଜ୍ଜୀବିତ କରିଥିଲି । ମୁଁ ଗୁରୁଦ୍ୱାର ଆନ୍ଦୋଳନରେ ଅନ୍ୟ ସାଥୀମାନଙ୍କ ସହିତ ଯୋଗଦେବାବେଳେ ମୋର ଦାଢ଼ି, ଲମ୍ବାବାଳ ନଥିଲା । ତେଣୁ ଶିଖପଗଡ଼ି ବାନ୍ଧିବା ପ୍ରଶ୍ନ ଉଠୁନଥିଲା । ମୋର ପିତାମହ ସର୍ଦ୍ଦାର ଅର୍ଜୁନ ସିଂହ

ଯଦିଓ ଭଜନ୍ତଃ ଶିଖିଥିଲେ କିନ୍ତୁ ପ୍ରକୃତରେ ସାମାଜିକ ଜୀବନରେ ଥିଲେ ଜଣେ ଆର୍ଯ୍ୟସମାଜୀ ଏବଂ ହୋମ ଓ ପୂଜାରେ ଥିଲା ତାଙ୍କର ବିଶ୍ୱାସ ।

୧୯୨୫ ବେଳକୁ ମୋର ବୟସ କେତେ ?

ଅଠର ବର୍ଷ ।

୧୯୨୫ର ଶୀତ ଋତୁ । ମୋର ପିତାମହ ଅର୍ଜୁନ ସିଂହ ଲାହୋର ସହରର ଏକ ଜନଗହଳିପୂର୍ଣ୍ଣ ମାର୍କେଟରେ ଗୋଟେ ବୀମା ଏଜେନ୍ସି ଆରମ୍ଭ କଲେ । ଏହି ବୀମା ଏଜେନ୍ସିର ଅଫିସ ଗୋଟେ ବାଣିଜ୍ୟିକ ପ୍ରସାଦର ଦ୍ୱିତୀୟ ମହଲାରେ ଥିଲା । ମୋର ସାଙ୍ଗମାନେ ରହିବାପାଇଁ ଭଡ଼ାଘର ଖୋଜୁଥିବାବେଳେ ବାବା କିଶନ ସିଂହ ସେମାନଙ୍କୁ ଭଡ଼ାଘରେ ରହି ଅଯଥାରେ ଖର୍ଚ୍ଚାନ୍ତ ହେବା ଅପେକ୍ଷା ତାଙ୍କ ଅଫିସଘରକୁ ମାଗଣାରେ ବିଶ୍ରାମସ୍ଥଳୀ ଭାବେ ବ୍ୟବହାର କରିବାକୁ ଅନୁମତି ଦେଲେ । ମୋର ଓ ବନ୍ଧୁମାନଙ୍କର ଆନନ୍ଦ କହିଲେ ନସରେ । ମୋର ବାବା ଓ ଜେଜେ ଅଧିକାଂଶ ସମୟ ନିଜ ଗାଆଁ ଘରେ ରହୁଥିଲେ, କେବଳ ଅକାଳେ ସକାଳେ ଲାହୋର ଅଫିସକୁ ଆସୁଥିଲେ । ଏଜେନ୍ସି ଅଫିସଘରଟା ମୋର ଓ ମୋ ସାଙ୍ଗମାନଙ୍କ ମେସ୍ ଘରରେ ପରିଣତ ହୋଇଥିଲା । ମୁଁ ସିନା ଆନ୍ଦୋଳନରେ ଯୋଗଦେଇ କଲେଜରୁ ତଡ଼ା ଖାଇଥିଲି, କିନ୍ତୁ ଯଶପାଲ୍ ପୂର୍ବପରି ନ୍ୟାସନାଲ୍ କଲେଜରେ ପଢୁଥିଲା ।

ଆମ ପରିବାରର ବ୍ୟବସାୟ ମୁଁ ଯଦିଓ ଦେଖାଶୁଣା କରୁଥିଲି କିନ୍ତୁ ଅଧିକାଂଶ ସମୟ ପଢ଼ାପଢ଼ି ଆଉ ଆନ୍ଦୋଳନର ଭିତ୍ତିଭୂମି ପ୍ରସ୍ତୁତିରେ ଲାଗିପଡିଥିଲି ।

ଇତିମଧ୍ୟରେ ମୋର ବନ୍ଧୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା । ସୁଖଦେବ ତାର ଆତ୍ମିୟସ୍ୱଜନଙ୍କୁ ଭେଟିବାକୁ ନିଜ ଗାଆଁକୁ ଚାଲିଯାଇଥାଏ । ଯଶପାଲ୍, ଝଣ୍ଡାସିଂ ଆଉ ଜୟଦେବ ମୋ ସାଙ୍ଗରେ ସେଇ ଇନ୍‌ସୁରାନ୍ସ ଏଜେନ୍ସି ଅଫିସଘରେ ରହୁଥିଲେ । ମୋ ସହିତ ଅନ୍ୟସାଥୀମାନେ ସ୍ଥାନୀୟ ଗୋଟେ ଢ଼ାବାରେ ଭୋଜନ କରୁ ଆଉ ଅଫିସ୍‌ଘରର ଚଟାଣ ଉପରେ ଶୋଉ । ଅଫିସ୍‌ଘର ଭିତରେ ଗୋଟେ ଟେବୁଲ୍ ଆଉ ତିନିଟି ଚୌକିଥାଏ । ଆମ ଭିତରୁ କାହାରି ଲେଖାପଢ଼ା କାର୍ଯ୍ୟ ଥିଲେ, ସେ ଟେବୁଲ୍-ଚୌକି ବ୍ୟବହାର କରୁଥାଏ ।

ସେଦିନ ଥାଏ ଛୁଟିଦିନ ଏବଂ ଯଶପାଲ୍ ଆମ ବସାରେ ଥାଏ । ସେ କିଛି

ଲେଖିବାକୁ ସ୍ଥିର କରିଥିଲା । ତେଣୁ ସେ ଟେବୁଲ୍‌କୁ ଲାଗିଥିବା ଚେୟାର ଉପରେ ବସି ଟେବୁଲ ତଳେ ଥିବା ଗୋଟେ ବାକ୍ସ ଉପରେ ଗୋଡ଼ ଲଦି ବସିଲା । ଟେବୁଲ ତଳେ ଥିବା ବାକ୍ସଟି କଣ, ସେଥି ଭିତରେ କଣ ସବୁ ଅଛି, ତାର ଧାରଣା ନଥିଲା । ପିଲାଟି ବେଳୁ ମଜା ମଜା ଗପ କହିବା ଓ ଗପ ଲେଖିବା ଯଶପାଲ୍‌ର ଗୋଟେ ବିଶିଷ୍ଟଗୁଣ । ସେ ଗପ ଲେଖିଲାବେଳେ ଭିନ୍ନ ଏକ ଭାବଜଗତରେ ଯେମିତି ଉଡ଼ିବୁଲେ । ସେ ଗପମନସ୍କ ହୋଇ ଲେଖିଲାବେଳେ ତାର ପାଦର ବୁଟ୍‌ଟା ବାକ୍ସ ଉପରେ ଥାଇ ହଲୁଥାଏ ।

ଭାବମଗ୍ନ ହୋଇ ଯଶପାଲ ଗପ ଲେଖୁଥିବାବେଳେ ଆମ ମେସ୍ ଭିତରକୁ ଜଣେ ସର୍ଦ୍ଦାରଜୀ ପଶିଆସିଲେ । ସେ ମୋ ଜେଜେଙ୍କର ଜଣେ ଘନିଷ୍ଠ ବନ୍ଧୁ । କୋଠରୀରେ ପାଦ ଦେଲାକ୍ଷଣି ସର୍ଦ୍ଦାରଜୀ ଦେଖିଲେ ସେଠାରେ ଯଶପାଲ୍ ଛଡ଼ା ଆଉ କେହିନାହିଁ । ଯଶପାଲ ଗଳ୍ପ ଲେଖାରେ ଭାବମଗ୍ନ ଥିଲା । ତେଣୁ ସେ ସୌଜନ୍ୟ ଦୃଷ୍ଟିରୁ ସର୍ଦ୍ଦାରଜୀଙ୍କୁ ଯେପରି ଭାବେ ସଂଖୋଳିବା କଥା ତାହା ନକରି ତାଙ୍କୁ ସ୍ୱାଭାବିକ ଭାବେ ଚାହିଁଲା ଏବଂ ପୁଣି କାଗଜ-କଲମ ଉପରେ ଧ୍ୟାନଦେଲା । ତାର ଯୋତାପିନ୍ଧା ପାଦ ଦୁଇଟି ସ୍ୱାଭାବିକ ଭାବେ ଟେବୁଲତଳେ ଥିବା ଟିଣବାକ୍ସ ଉପରେ ଚଢୁଥାଏ ପୁଣି ଓହ୍ଲାଉଥାଏ । ଯଶାପାଲ୍‌ର କାଣ୍ଡଜ୍ଞାନ ବୋଲି କିଛି ନଥାଏ, ଜଣେ ବୟସ୍କ ସର୍ଦ୍ଦାରଜୀ ତାର ଟେବୁଲ ପାଖକୁ ଚେୟାରଟିଏ ଟାଣି ଆଣି ବସିଛନ୍ତି ଏବଂ ତାର କ୍ରିୟାକଳାପକୁ ଲକ୍ଷ୍ୟ କରୁଛନ୍ତି, ତାହା ତାର ଧାରଣା ବାହାରେ ଥିଲା ।

ହଠାତ୍ ସର୍ଦ୍ଦାରଜୀ ତାଙ୍କ ହାତରେ ଥିବା ଲାଠିଟିକୁ ଚଟାଣ ଉପରେ କଚାଡ଼ି ଚିତ୍କାର କଲେ – "ଭଗତ, କିଶନ୍ ! ଏଠି କଣ ସବୁ ଚାଲିଛି ? ତମେ ବାପ ପୁଅ ଦୁହେଁ ଗଲ କୁଆଡ଼େ ।"

ଯଶପାଲ୍‌ର ଧ୍ୟାନ ଭଙ୍ଗ ହେଲା । ସେ ଭୟରେ ସର୍ଦ୍ଦାରଜୀଙ୍କ ମୁହଁକୁ ବଲବଲ ହୋଇ ଚାହିଁ ରହିଲା ।

ସର୍ଦ୍ଦାରଜୀ ଯଶପାଲ୍‌କୁ ଉଦ୍ଦେଶ୍ୟ କରି କହିଲେ-" ନାସ୍ତିକ, ମୂର୍ଖ, ବୋକା ! ତୋର କେତେ ସାହାସ, କେତେ ଔଦ୍ଧତ୍ୟ । ଟେବୁଲ ତଳେ ହବନ ଯଜ୍ଞକୁଣ୍ଡର ବାକ୍ସଟା ଅଛି, ତାରି ଉପରେ ତୁ ସାହେବଜାଦା ପରି ଯୋତାପିନ୍ଧା ଗୋଡ଼ ନଦି ଚେୟାର ଉପରେ ବସିଛୁ ? ରାସ୍କେଲ୍, ଉଠ୍, ସେଠୁ !"

ଯଶପାଲ୍ ଅତର୍କିତ ଭାବେ ଟେବୁଲ ତଳକୁ ଅନେଇଲା । ସେ ଯେ ଅନ୍ୟମନସ୍କ ଭାବରେ ଟେବୁଲ ତଳ ଟିଣ ବାକ୍ସ ଉପରେ ଚମଡ଼ା ବୁଟ୍ ପିନ୍ଧା ପାଦ

ବୁଲଚି ନଦି ଦେଇଚି, ତାହା ସର୍ଦ୍ଦାରଙ୍କ ଆଖିରେ ପଡ଼ିଗଲାଣି । ଟିଣବାକ୍ସ ଭିତରେ ଯେ ହବନକୁଣ୍ଡ ରହିଚି !

ଯଶପାଲ୍ ସର୍ଦ୍ଦାରଜୀଙ୍କ ଗୋଡ଼ତଳେ ପଡି କ୍ଷମାମାଗିଲା ବୋଲି ସେ ଦିନ ଯେକୌଣସି ମତେ ରକ୍ଷା ପାଇଗଲା, ନୋହିଲେ ସର୍ଦ୍ଦାରଜୀଙ୍କ ଠେଙ୍ଗାମାଡ଼ରେ ନିଶ୍ଚୟ ଲହୁଲୁହାଣ ହୋଇ ପଡ଼ିଥାନ୍ତା ।

ତଥାପି ସର୍ଦ୍ଦାର୍ ତାକୁ କ୍ଷମା କରିଦେଲେ ଆଉ ଭବିଷ୍ୟତରେ ଏପରି ଅକ୍ଷମଣୀୟ ଅପରାଧ ଯେପରି ନହୁଏ, ତାଗିଦ୍ କରିଦେଲେ ।

ଶିଖ୍ ପରିବାରରେ ମୋର ଜନ୍ମ । କିନ୍ତୁ ମୁଁ କେବେହେଲେ ମୁଣ୍ଡରେ ଲମ୍ବାବାଳ କିମ୍ବା ପଗଡ଼ି ବାନ୍ଧେନାହିଁ ବା ଅଣ୍ଟାରେ କୃପାଣ ଝୁଲାଏ ନାହିଁ । ଅକାଳୀ ଧାର୍ମିକ ପରଂପରା ଅନୁସାରେ ଏହା ପାଳନ କରିବା ପ୍ରତିଟି ଶିଖ୍‌ର କର୍ତ୍ତବ୍ୟ । ଏସବୁ ନଥାଇ ମଧ୍ୟ ମୁଁ ଗୁରୁଦ୍ୱାର ଆନ୍ଦୋଳନରେ ଜଡ଼ିତ ଥିଲି । ଏହି କୃପାଣ ବ୍ୟବହାର ଉପରେ ସରକାରଙ୍କ ନିଷେଧାଦେଶ ଘୋଷଣା ପଞ୍ଜାବରେ ଦିନାକେତେ କୃପାଣ ଆନ୍ଦୋଳନକୁ ଡାକି ଆଣିଥିଲା । ଆନ୍ଦୋଳନ ଯେବେ ଆରମ୍ଭହେଲା ଓ ଉଗ୍ରରୂପ ଧାରଣ କଲା, ସେତିକିବେଳେ କୃପାଣ ଧରୁନଥିବା ଶିଖ୍‌ମାନେ ମେଳିବାନ୍ଧି ହାତରେ ତିନି ଚାରିଫୁଟର ଖଣ୍ଡା ଧରି ବୁଲିଲେ ।

ଦେଶର ଓ ଶିଖ୍ ଜାତିର ମଙ୍ଗଳ ଦୃଷ୍ଟିରୁ ଗୁରୁଦ୍ୱାର ଆନ୍ଦୋଳନ ଯଦିଓ କିଛି ପରିମାଣରେ ସାମାଜିକ ପରିବର୍ତ୍ତନ ଆଣିଲା କିନ୍ତୁ ସାଂପ୍ରଦାୟିକତା ଦୃଷ୍ଟିରୁ ଯୁବକମାନଙ୍କ ମାନସିକତାରେ ଧର୍ମାନ୍ଧ-ରକ୍ଷଣଶୀଳତାର ବୀଜ ବୁଣିଦେଲା । ଏହାର ଏକ ଖରାପ ପ୍ରଭାବ ମଧ୍ୟ ପଡ଼ିଲା । ମୁଁ ପ୍ରାର୍ଥନା ସଭାରେ ଯୋଗଦେବା ନାମରେ ଗୁରୁଦ୍ୱାର ଯିବା ବନ୍ଦ କରିଦେଲି ଓ ସେହି ସମୟ ଓ ମାନସିକତାକୁ ଅନ୍ୟ ସମାଜସେବା କାର୍ଯ୍ୟ ବିଶେଷତଃ ରାଷ୍ଟ୍ରର ସ୍ୱାଧୀନତା ଜନିତ କାର୍ଯ୍ୟକ୍ରମରେ ନିଜକୁ ଲଗାଇଦେଲି ।

ସୁଖଦେବ, ଯଶପାଲ ଓ ମୁଁ .... ଆମ ତିନି ଜଣିଆ ଟିମ୍‌ରେ ଆଉ ଜଣେ ଥିଲା ଝଣ୍ଡାସିଂ । କିନ୍ତୁ ଆମରି ଭିତରେ ସବୁଠାରୁ ବୁଦ୍ଧିଆ, ଧୀରସ୍ଥିର ଓ ଜିନିଅସ୍ ଥିଲା ଯଶପାଲ୍ । ସେ କଲେଜ ଛାତ୍ରଜୀବନରୁ ହିଁ ଗଳ୍ପ-ଉପନ୍ୟାସ ଲେଖା ଆରମ୍ଭ

କରିଦେଇଥିଲା । ତେଣୁ ଆମେ ତାକୁ ବ୍ୟଙ୍ଗ କରୁଥିଲୁ 'ସାରସ୍ୱତ ବ୍ୟକ୍ତିତ୍ୱ' ।

ମୋର ମଧ୍ୟ ସାହିତ୍ୟ ଓ ଇତିହାସ ପ୍ରତି ପ୍ରଗାଢ଼ ଅନୁରାଗ ଥିଲା । ମୁଁ ଉର୍ଦ୍ଦୁ ଓ ହିନ୍ଦୀରେ ଭଲ ଲେଖୁଥିଲି । ମୋ ଲେଖାସବୁ ଯଶପାଲ୍ ପଢ଼େ ଆଉ ଖୁବ୍ ତାରିଫ୍‌କରେ । ଯଶପାଲ୍ ଚାହୁଁଥିଲା ସେ ରାଜନୀତି ସହିତ ବୃତ୍ତିଜୀବୀ ଲେଖକ ଭାବେ ଭବିଷ୍ୟତ ଜୀବନ ଜୀଇଁବ । ମୋତେ ମଧ୍ୟ ସେ ଦିଗକୁ ଟାଣୁଥିଲା । ମୁଁ ଯଦିଓ ଖୁବ୍ ପଢୁଥିଲି ଆଉ ସୃଜନଶୀଳ ମୌଳିକ ରଚନାସବୁ ଲେଖୁଥିଲି; କିନ୍ତୁ ସେ ସବୁ କୌଣସି ପତ୍ରିକା ବା ଖବର କାଗଜରେ ପ୍ରକାଶନ ପାଇଁ ବିଶେଷ ଗୁରୁତ୍ୱ ଦେଉନଥିଲି । କିନ୍ତୁ ଯଶପାଲ୍ ନିୟମିତ ଲେଖାଲେଖି ସହିତ ସେସବୁର ପ୍ରକାଶନ ଓ ମୁଦ୍ରଣ ପାଇଁ ଉଦ୍ୟମ କରୁଥିଲା । ଫଳରେ ଖୁବ୍ କମ୍ କାଳ ମଧ୍ୟରେ ସେ ଉର୍ଦ୍ଦୁ ଓ ହିନ୍ଦୀ ଭାଷାଭାଷୀ ପାଠକମାନଙ୍କ ପାଖରେ ବେଶ୍ ପରିଚିତ ଓ ଆଦୃତ ହୋଇ ଉଠିଥିଲା । ସେ କ୍ରାନ୍ତିକାରୀ-ପ୍ରଗତିଶୀଳ ଜୀବନଯାପନ ସହ ଭବିଷ୍ୟତରେ ଜଣେ ବୃତ୍ତିଜୀବୀ ଲେଖକଭାବେ ଜୀବନ ଜିଇଁବାକୁ ସେଇ କୈଶୋର କାଳରୁ ହିଁ ନିଷ୍ପତ୍ତି ନେଇ ସାରିଥିଲା ।

ଜଣେ ବ୍ୟକ୍ତିର ଜୀବନଯାତ୍ରା ମଧ୍ୟରେ ଚଉଦରୁ ଚବିଶ ବର୍ଷ ବୟସ ହେଉଚି ସନ୍ଧିକାଳ । ବ୍ୟକ୍ତିଟି ଭବିଷ୍ୟତରେ କେଉଁ ମାର୍ଗ ଧରିବ, ଏଇ ଦଶବର୍ଷର ସନ୍ଧିକାଳରେ ହିଁ ସ୍ଥିରହୋଇଥାଏ । ମୋର ଓ ଯଶପାଲ୍‌ର ଜୀବନଧାରାର ଗତିପଥ ସେଇ କୈଶୋର ଓ ଯୌବନର ସନ୍ଧିଲଗ୍ନରେ ହିଁ ନିର୍ଦ୍ଧାରିତ ହୋଇସାରିଥିଲା ।

ସୁଖଦେବ ଥିଲା ମୋର ଅତି ଘନିଷ୍ଠ । ଲୟଲ୍‌ପୁରରେ ଥିଲା ତାର ପୈତୃକ ବାସଗୃହ । ତାର ପାଠପଢ଼ା ପ୍ରତି ସେପରି ଆଗ୍ରହନଥିଲା । ସେ ଖୁବ୍ ଛୋଟ ବୟସରୁ ହିଁ ପିତାଙ୍କୁ ହରାଇଥିଲା । ତାର ଅଙ୍କଲ୍ ଲାଲା ଅଚଲତ୍ରିନମଜୀ ଥିଲେ ଜଣେ ସ୍ଥାନୀୟ କଂଗ୍ରେସ୍‌ନେତା । ୧୯୨୦ ରେ ଅସହଯୋଗ ଆନ୍ଦୋଳନରେ ଲାଲଜୀ ସକ୍ରିୟ ଅଂଶ ଗ୍ରହଣକରି ଜେଲ୍‌ଦଣ୍ଡ ଭୋଗିଥିଲେ । ଲାଲାଜୀଙ୍କ ବ୍ୟକ୍ତିତ୍ୱର ପ୍ରଭାବ ସୁଖଦେବ ଉପରେ ଗଭୀର ଛାପ ପକାଇଥିଲା । ସେ ସବୁବେଳେ ଲାଲାଜୀଙ୍କ ଫୋଟଟିଏ ନିଜ ଟେବୁଲ୍ ଉପରେ ରଖିଥାଏ । ହାତରେ ହାତକଡ଼ି ଆଉ ଦେହରେ ଜେଲ କଏଦୀର ୟୁନିଫର୍ମ ପିନ୍ଧା ଲାଲାଜୀଙ୍କ ସେଇ ଫଟୋଗ୍ରାଫ୍ । ସୁଖଦେବ ସବୁବେଳେ ଚିନ୍ତାମଗ୍ନ ରହୁଥିଲା ଓ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେବାକୁ ପ୍ରସ୍ତୁତ ଥିଲା । ସେ ଥିଲା ନିହାତି ଜିଦ୍‌ଖୋର ଓ ସଂଗ୍ରାମପାଇଁ ସମର୍ପିତ ପ୍ରାଣ । ଥରେ ସେ ନିଜ ଚିନ୍ତା ଓ ଯୋଜନାରେ ସ୍ଥିର ସିଦ୍ଧାନ୍ତ ଗ୍ରହଣ କଲେ ଯେ କୌଣସି ମୂଲ୍ୟବିନିମୟରେ ନିଜ ସାଧ୍ୟ ମତେ ତାହା କାର୍ଯ୍ୟକାରୀ କରୁଥିଲା ।

ଥରେ ସେ ନିଷ୍ପତ୍ତି ନେଲା ଶରୀରକୁ ସୁସ୍ଥସବଳ ଓ ନିରୋଗ ରଖିବାକୁ ହେଲେ ନିୟମିତ ଶରୀରଶ୍ରମ ଓ ବ୍ୟାୟାମ ଆବଶ୍ୟକ । ପରଦିନ ସକାଳୁ ସକାଳୁ ବ୍ୟାୟାମ ଓ ସର୍ବାଙ୍ଗ ଶରୀରରେ ତେଲମାଲିସ୍ ଆରମ୍ଭ କରିଦେଲା । ଏହା ନିୟମିତ ଚାଲିଲା । ଗାଁ ଗଣ୍ଡାର କୃଷକ ବା ଶ୍ରମିକମାନେ ଯେମିତି ଲୁଙ୍ଗି ଓ ଢ଼ିଲା କୁର୍ତ୍ତା ପିନ୍ଧନ୍ତି, ସେ ଧରଣର ପୋଷାକ ଦି'ହଳ କିଣି ଆଣି ପିନ୍ଧିଲା । ସୁଖଦେବ ଶରୀର ଗଠନ ଦୃଷ୍ଟିରୁ ଯଦିଓ ବାଙ୍ଗରା ଆଉ ପତଳା ଥିଲା, କିନ୍ତୁ ରୀତିମତ ବ୍ୟାୟାମ ଆରମ୍ଭ କଲାପରେ ସେ ଯେ ଗୋଟେ ମଲ୍ଲଯୋଦ୍ଧା ତାହା ଦେଖେଇହେବା ପାଇଁ ବୀରଦର୍ପରେ ନାଟକୀୟ ଠାଣୀରେ ଚଲାବୁଲା କରିବାକୁ ଲାଗିଲା । ସେ ନିଜକୁ ଗୋଟେ ବକ୍ସର ବା ମୁଷ୍ଟିଯୋଦ୍ଧା ବୋଲି ଭାବୁଥାଏ । ସତେ ଯେମିତି ତାର ଗୋଟେ ମୁଥରେ ଶତ୍ରୁପକ୍ଷର ଶତ୍ରୁ ଧରାଶାୟୀ ହୋଇଯିବ !

ଦିନାକେତେ ଧାରାବାହିକ ଭାବେ ସୁଖଦେବର ବ୍ୟାୟାମ, ଶାରୀରିକ ପରିଚର୍ଯ୍ୟା ଚାଲିଲାପରେ ସେ ପୁଣି ସ୍ୱାଭାବିକ ଜୀବନଚର୍ଯ୍ୟାକୁ ଫେରି ଆସିଲା । ପୁଣି ସେ ଲୁଙ୍ଗି-କୁର୍ତ୍ତା ବଦଳରେ ପାଇଜାମା ଓ ରଙ୍ଗୀନ ଛିଟ ସାର୍ଟକୁ ଫେରିଆସିଲା । ନିଜର ଛୋଟ ଛୋଟ ସୁନ୍ଦର ଘନକୃଷ୍ଣ କେଶର ଏତେ ଯତ୍ନ ନେଲାଯେ ଲମ୍ବାବାଳ କାନ୍ଧ ଉପରକୁ ଓହ୍ଲାଇ ଆସିଲା ।

ମୋଟାମୋଟି ଭାବେ ସୁଖଦେବ ଥିଲା ଖୋଲାମେଲା ... ମୁକ୍ତ ମଣିଷ । ତାର ମନକୁ ଯାହା ଭଲ ଲାଗୁଥିଲା, ତାହା କରୁଥିଲା । ସେ କେବେହେଲେ କାହାରି କୌଣସି ପରାମର୍ଶ ବା ପ୍ରଭାବକୁ ଗ୍ରହଣ କରୁନଥିଲା ।

ଥରେ ତାର ମୁଣ୍ଡକୁ ଢୁକିଲା, ତାର ନିଜ ଶରୀରରେ କେତେ ଶକ୍ତି ଅଛି, ତାହା ପରୀକ୍ଷିତ ହେବା ଆବଶ୍ୟକ । ଶାରୀରିକ ଶକ୍ତିର କଳନା କରିବାପାଇଁ ସେ ମଲ୍ଲଯୁଦ୍ଧର ବିଭିନ୍ନ ପୁସ୍ତକ ଆଦି ପଢ଼ିବାରେ ଲାଗିଲା । ସେହି ଅଧ୍ୟୟନ ଭିତରେ ଗୋଟେ ସୂତ୍ର ପାଇଗଲା- ଅପରପକ୍ଷ ଯେତେ ଶକ୍ତିଶାଳୀ ହେଉନା କାହିଁକି, ନାକକୁ ଯଦି ଗୋଟେ ଶକ୍ତ ମୁଥ ମରାଯାଏ, ତେବେ ଶତ୍ରୁପକ୍ଷ ବିଚଳିତ ହୋଇ ଶକ୍ତିହୀନ ହୋଇପଡ଼ିବ । ସୁଖଦେବ ଭାବିଲା ଏସବୁ ସୂତ୍ର ଖାଲି ବହିରେ ପଢ଼ିଲେ ଚଳିବ ନାହିଁ । ଏହା ପରୀକ୍ଷା କରିଦେଖିବାକୁ ପଡିବ । ଏହି ପରୀକ୍ଷା ପାଇଁ ସେ ସମୟ ଓ ବ୍ୟକ୍ତି ଖୋଜୁଥାଏ ।

ମହାତ୍ମାଗାନ୍ଧୀ ମାସକ ମଧ୍ୟରେ ଗୋଟେ ନିର୍ଦ୍ଦିଷ୍ଟ ତିଥିରେ ଉପବାସ ପାଳନ କରନ୍ତି । ଗାନ୍ଧିଜୀଙ୍କ ଉପବାସ ଦିନ ସୁଖଦେବ ମଧ୍ୟ ଉପବାସ ପାଳନ କରିବା ସ୍ଥିର

କଲା । ଏମିତି ଦିନାକେତେ ଚାଲିଲା ।

ସେଦିନ ସୁଖଦେବ ଉପବାସ କରୁଥାଏ । ହଠାତ୍ ସେଦିନ ସଂଧ୍ୟାବେଳେ ଏକୁଟିଆ ଆମ ମେସ୍‌ରୁ ବାହାରି ସେ ରାଜରାସ୍ତା ଉପରକୁ ଚାଲିଗଲା । ମୁଷ୍ଟିଯୁଦ୍ଧ ମାଧ୍ୟମରେ ଶତ୍ରୁପକ୍ଷ କବଳରୁ ନିଜକୁ କିପରି ରକ୍ଷା କରାଯାଏ, ପଢ଼ିଥିବା ବହିଟିର କୌଶଳ କଥା ତାର ମନେପଡିଗଲା । ରାସ୍ତାରେ ବୁଲିଲାବେଳେ ତାର ନଜରରେ ପଡ଼ିଗଲା ତାରି ଉଚ୍ଚତାର ଗୋଟେ ଶକ୍ତ ସବଳ ଯୁବକ । ସେହି ଯୁବକଟିର ନାକ ଉପରେ ଗୋଟେ ମୁଥ ମାରି ଫଳାଫଳ ଜାଣିବାପାଇଁ ସୁଖଦେବର ଇଚ୍ଛାହେଲା ।

ସେହି ସୁସ୍ଥ ସବଳ ମଣିଷଟି ସୁଖଦେବର ବିପରୀତ ଦିଗରୁ ଆସୁଥିଲା । ଲୋକଟି ସୁଖଦେବକୁ ଅତିକ୍ରମକରି ଆଗକୁ ଗଲାବେଳେ ଆଉ ମୁହୂର୍ତ୍ତେ ଅପେକ୍ଷା ନକରି ସେ ତାର ନାକ ଉପରେ ଗୋଟେ ମୁଥ ମାରିଲା । ଏମିତି ଅପ୍ରତ୍ୟାଶିତ ଭାବେ ଆକ୍ରମଣ ହେବା ଦେଖି ଲୋକଟି ବିଚଳିତ ହୋଇପଡିଲା । ସୁଖଦେବର ମୁଥ ମାଡ଼ରେ ଲୋକଟି ଲହୁ ଲୁହାଣ ହୋଇ ଯାଇଥିଲା । ସେ ଦୁଇହାତରେ ମୁହଁକୁ ଲୁଚାଇ ରାସ୍ତାକଡ଼ରେ ବସିପଡିଲା ।

ସୁଖଦେବ ଏପରି ଅଭାବିତ କାଣ୍ଡ ଘଟାଇ ସୁଦ୍ଧା ସ୍ଥାନ ଛାଡ଼ି ପଳାତକ ପରି ଉଭାନ୍ ହେଲାନାହିଁ । ବହିଟିରେ ଯାହା ସବୁ ବର୍ଣ୍ଣନା କରାଯାଇଚି, ତାହାର ଫଳାଫଳ ଦେଖିବା ପାଇଁ ଲୋକଟି ପାଖରେ ଛିଡ଼ା ହୋଇ ରହିଲା । ଲୋକଟି ଥିଲା ଗୋଟେ ଗୋରା ଯୁବକ ।

ମଲ୍ଲ ପରି ଦିଶୁଥିବା ଗୋରା ଯୁବକଟିର କିଛିକ୍ଷଣ ପରେ ଚେତା ଫେରିଆସିଲା । ସେ ଠିଆ ହେଲା ଓ ସୁଖଦେବର ବେକକୁ ଦୁଇ ହାତରେ ଭିଡ଼ିଧରି କହିଲା– ‘‘ତୁ ଗୋଟେ ସାଧାରଣ ମୂଷା, ତୋର କେତେ ସାହାସ ତ, ବିନା କାରଣରେ ମୋତେ ମୁଥଟିଏ ମାରି ଖସିଯିବାକୁ ବସିଛୁ ?’’

ଇସ୍‌ପାତ ପରି ଶକ୍ତବାହୁର ମଣିଷଟିର ପନ୍‌ଝାରୁ ମୁକୁଳିବାକୁ ସୁଖଦେବ ଚେଷ୍ଟା କଲା, କିନ୍ତୁ ପାରିଲା ନାହିଁ ।

ଏତିକିବେଳକୁ ରାସ୍ତାରେ ଯାଉଥିବା ଲୋକେ ଗୋରା ଯୁବକଟିକୁ କାବୁକରି ତାର କବଳରୁ ସୁଖଦେବକୁ କୌଣସିମତେ ରକ୍ଷା କଲେ, କିନ୍ତୁ ନିର୍ଘାତ ମାଡ଼ ଖାଇ ସୁଖଦେବର ଅବସ୍ଥା ସେତିକିବେଳକୁ ଦୟନୀୟ ହୋଇପଡିଥାଏ । କଥା ହେଉଚି, ସୁଖଦେବ ଲୋକଟି ମୁହଁକୁ ଅଚାନକ ମୁଥ ମାରିଲାବେଳେ କେହି ଦେଖିନଥିଲେ,

କିନ୍ତୁ ସେଇ ଲୋକଟି ପାଖରୁ ସୁଖଦେବ ମାଡ଼ ଖାଇଲାବେଳକୁ ଲୋକ ଗହଳି ଆରମ୍ଭ ହୋଇଯାଇଥିଲା । ସୁଖଦେବ ଲୋକଙ୍କ ଆଖିରେ ନିରୀହ ସୁଧାର, ନିର୍ଦ୍ଦୋଷ ମଣିଷ ହୋଇଗଲା !

କିନ୍ତୁ ସୁଖଦେବର ନିର୍ଭୀକପଣ ଦେଖିବାର କଥା । ରାସ୍ତାରେ ଯାଉଥିବା ଲୋକେ ଗୋରାଯୁବକଟିକୁ ବାଡ଼ିଆପିଟା କଲାବେଳକୁ ସୁଖଦେବ ଘୋଷଣା କଲା– ''ତାକୁ ବାଡ଼ିଆପିଟା କରନାହିଁ । ମୁଁ ତାକୁ ମୁଥମାରିଚି, ସେ ମଧ ପ୍ରତିଶୋଧ ନେବାପାଇଁ ମୋତେ ଯେତେ ପାରିବ, ପିଟାପିଟି କରୁ ।''

ସୁଖଦେବ ଅପରପକ୍ଷ ପାଖରୁ ନିର୍ଦ୍ଧୁମମାଡ଼ ସିନା ଖାଇଲା, କିନ୍ତୁ ଜାଣିପାରିଲା ନାକଉପରେ ଗୋଟେ ମୁଥମାଡ଼ରେ ଶତ୍ରୁପକ୍ଷକୁ କିଛିକ୍ଷଣ ପାଇଁ କିପରି ବିଚଳିତ କରାଯାଇପାରେ !

ମୁଁ, ସୁଖଦେବ ଓ ଯଶପାଲ୍ ... ଆମେ ତିନିହେଁ ଅତି ଘନିଷ୍ଠବନ୍ଧୁ ହୋଇଥିଲେ ସୁଦ୍ଧା ଆମ ତିନିଜଣଙ୍କ ପ୍ରକୃତି ଥିଲା ଭିନ୍ନ ଭିନ୍ନ । ଆମେ ତିନିଜଣ ଛାତ୍ର ଅବସ୍ଥାରେ ପରସ୍ପର ପ୍ରତି ନିବିଡ଼ ହୋଇ ଉଠିଥିଲେ ସୁଦ୍ଧା ସୁଖଦେବ ଓ ମୋର ପାଠପଢ଼ା ପ୍ରତି ବିଶେଷ ଆଗ୍ରହ ନଥିଲା । ପାଠପଢ଼ା ଅପେକ୍ଷା ଅନ୍ୟ କିଛି କାର୍ଯ୍ୟ କରି ଲୋକପ୍ରିୟତା ଅର୍ଜ୍ଜନ କରିବାକୁ ଚାହୁଁଥିଲୁ । କିନ୍ତୁ ଠିକଣା ସମୟ ଓ ସୁଯୋଗ ଅଭାବରୁ କିଛି କରିପାରୁନଥିଲୁ ।

ଦିନକର କଥା । ସୂର୍ଯ୍ୟାସ୍ତ ସମୟ । ସଂଧ୍ୟା ହେବାକୁ ଅନେକ ବିଳମ୍ବ ଅଛି ।

ମୁଁ ଓ ଯଶପାଲ୍ ରାବିନଦୀରେ ନୌକାବିହାର କରିବାକୁ ସେଦିନ ସ୍ଥିର କରିଥିଲୁ । ରାବିନଦୀର ଢ଼େଉ ଢ଼େଉକା ନୀଳ ଜଳତରଙ୍ଗରେ ନିଜେ କାତମାରି ନୌଚାଳନା କରିବା ଆମ ଦୁହିଁଙ୍କର ସଉକ ଥିଲା ।

ପାଗ ବେଶ୍ ଅନୁକୂଳ ଥିଲା । ମୁଁ ଓ ଯଶପାଲ୍ ଗୋଟେ ନୌକାରେ ବସିଲୁ ଭବିଷ୍ୟତ ଯୋଜନା କରିବାପାଇଁ । ରାବିନଦୀରେ ଆମ ଦୁହିଁଙ୍କ ନୌକା ଘୂରିବୁଲୁଥିଲା ବେଳେ ପରିବେଶ ଶାନ୍ତ ଶୀତଳ ଥିଲା । ଚତୁର୍ଦ୍ଦିଗରେ ନୀରବତାର ରାଜୁତି ।

ଆମେ ଦୁହେଁ ନିଜ ନିଜ ଭାବନାରେ ମଗ୍ନ ଥିଲାବେଳେ ହଠାତ୍ ମୋର ଧ୍ୟାନଭଙ୍ଗ କରି ଯଶପାଲ୍ ପଚାରିଲା– ''ଦେଶ ସେବାପାଇଁ ଆମେ କେଉଁ ମାର୍ଗରେ ଆତ୍ମବଳିଦାନ ଦେବା, କି ଯୋଜନା କରିଛୁ ତୁ ଭଗତ ସିଂ ?''

ମୁଁ ଏତେବେଳେ ଯାଏଁ ଭାବମଗ୍ନ ହୋଇପଡିଥିଲି ।

ଯଶପାଲ୍‌ର ଏପରି ଅଚାନକ ପ୍ରଶ୍ନରେ ମୁଁ ତାର ମୁହଁକୁ କିଛିକ୍ଷଣ ଚାହିଁରହିଲି । ମୁଁ ତାର ମୁଖଭଙ୍ଗୀକୁ ଚାହିଁ ରହି ତାର ଏପରି ପ୍ରଶ୍ନର ଗୁରୁତ୍ୱ ଓ ଗମ୍ଭୀରତାକୁ ମାପିବାରେ ଲାଗିଲି । ମୁଁ ଲକ୍ଷ୍ୟ କଲି ଯଶପାଲ୍‌ର କଣ୍ଠସ୍ୱରରେ ଗୁରୁତ୍ୱ ଥିଲା ।

ଯଶ୍‌ପାଲ୍‌ର ଏପରି ଜିଜ୍ଞାସାରେ ମୁଁ ପୁଣି ଅଧିକ ଚିନ୍ତାମଗ୍ନ ହୋଇପଡିଲି । ମୁଁ ଭାବବିହ୍ୱଳ ହୋଇ ଯଶପାଲ୍ ଆଡକୁ ହାତ ବଢ଼ାଇଦେଲି । ଆମେ ଦୁହେଁ କରମର୍ଦ୍ଦନ କରି ଆମ ଦେଶକୁ ପରାଧିନତାର ଶୃଙ୍ଖଳରୁ ମୁକ୍ତ କରିବାପାଇଁ ପ୍ରତିଜ୍ଞାବଦ୍ଧ ହେଲୁ ।

ମୁଁ କହିଲି- "ଯଶ୍‌ପାଲ୍, ଦେଶମାତୃକାର ସର୍ବାଙ୍ଗୀନ ବିକାଶ, ଏହି ଦେଶକୁ ବିଶ୍ୱର ଏକ ଶ୍ରେଷ୍ଠ-ମୁକ୍ତ ସ୍ୱାଧୀନ ରାଷ୍ଟ୍ରରେ ପରିଣତ କରିବାପାଇଁ ଆବଶ୍ୟକ ପଡିଲେ ଆତ୍ମବଳିଦାନ ଦେବା ।"

ଅନେକ ରାତିଯାଏଁ ଆମେ ଦୁଇ ସଖା ରାବିନଦୀରେ ନୌଚାଳନା କଲୁ । ନୌକାଭିତରେ ଆମେ ଦୁହେଁ- ତୃତୀୟ ବ୍ୟକ୍ତିର ସ୍ଥାନ ନଥିଲା ।

ନଦୀଗର୍ଭରେ ଚାରିଆଡ଼େ ଅନ୍ଧକାର । ଆମେ ଦୁହେଁ ନଦୀଭିତରୁ ଫେରିଲୁ ଏବଂ ଘାଟରେ ନୌକାକୁ ମାଝି ଜିମାରେ ଦେଲୁ ।

ରାତି ସେତିକିବେଳକୁ ନଅ । ଢ଼ାବାରେ ଦୁହେଁ ଖାଇ ବସାକୁ ଫେରିଲୁ । ଘରକୁ ଫେରିଲାବେଳେ ଆମେ ଦୁହେଁ ନୀରବ-ନିଶ୍ଚୁପ । ଦୁହେଁ ନିଜ ନିଜ ଭାବନାରେ ମଗ୍ନ । ସେଇ ଭାବନା ଥିଲା ଦେଶ ସେବା- ଆତ୍ମବଳିଦାନ ପୂର୍ବରୁ ମୁକ୍ତି ସଂଗ୍ରାମର ... ବୈପ୍ଲବିକ ଜୀବନର ରଣକୌଶଳ ନିର୍ଦ୍ଧାରଣ ।

ବର୍ଷ ୧୯୨୩-୨୪ । ଅସହଯୋଗ ଆନ୍ଦୋଳନରେ ମାତି ଉଠିଥିବା ଦେଶପ୍ରେମୀ ଜନସାଧାରଣ, ହଠାତ୍ ଆନ୍ଦୋଳନ ପ୍ରତ୍ୟାହାର ପାଇଁ ବାପୁଜୀଙ୍କ ଘୋଷଣାରେ ହତାଶ ହୋଇପଡିଥିଲେ । ସାଧାରଣ ଜନତାଙ୍କ ନେତୃତ୍ୱ ନେଉଥିବା ସ୍ୱାଧୀନତା ସେନାନୀମାନଙ୍କ ଉତ୍ସାହ ମରିଯାଇଥିଲା । ଚାରିଆଡ଼େ କେବଳ ହତାଶାଭାବ ।

ଜନସାଧାରଣଙ୍କ ଏପରି ମନୋଭାବ ମୋତେ ଓ ମୋର ସାଥୀମାନଙ୍କୁ

ବ୍ୟସ୍ତ ବିବ୍ରତ କରିପକାଇଲା । ଲୋକଙ୍କ ମନ ଭିତରୁ ଆନ୍ଦୋଳନର ଆବେଗ ଯେମିତି ମରିଯାଉଥିବା ଆମେ ଲକ୍ଷ୍ୟକଲୁ । ଏହା ଯେ ଦେଶ ପାଇଁ କ୍ଷତିକାରକ ! ମୁଁ ଆଉ ମୋର ସାଥୀମାନେ, ଆମେ ଆମ ଶକ୍ତି ଓ ସାମର୍ଥ୍ୟ ଅନୁସାରେ ଜନଗଣଙ୍କ ମନରେ ଜାତୀୟତାବୋଧ ଓ ଦେଶପ୍ରେମ ଯେପରି ଜାଗରୂକ ହେବ, ସେଥିପାଇଁ ନାନା କଳ୍ପନା- କଳ୍ପନା ଓ ଯୋଜନା ଚଳାଇଲୁ ।

ଜନଗଣଙ୍କ ମନରେ ପୂର୍ବର ଜାତୀୟତାବୋଧର ଜାଗରଣ ଫେରାଇ ଆଣିବାପାଇଁ ଯାବତୀୟ ଯୋଜନା କରିବା ମଧ୍ୟରେ ଦିନେ ସ୍ଥିର କଲୁ- ଆମ୍ଭମାନଙ୍କୁ ରାଜରାସ୍ତା ଉପରକୁ ଓହ୍ଲାଇବାକୁ ପଡ଼ିବ । ନିରୀହ ନିରକ୍ଷର କୃଷକ-ଶ୍ରମିକ-ସମାଜର ତୃଣମୂଳ ସ୍ତରର ଜନସାଧାରଣଙ୍କ ମନରେ ସ୍ୱଦେଶ ପ୍ରେମ ଓ ମୁକ୍ତିସଂଗ୍ରାମ ଜନ୍ମାଇବା ପାଇଁ ଭାଷଣବାଜିରେ ତ ସବୁକଥା ସମ୍ଭବ ନୁହେଁ । ଜନଗଣଙ୍କ ମନର ଜଡ଼ତା ଭାଙ୍ଗିବାକୁ ହେଲେ, ସେମାନଙ୍କ ମନଭିତରେ ବିପ୍ଳବର ବହ୍ନି ଜାଳିବାକୁ ହେଲେ, ସେମାନଙ୍କ ମନପସନ୍ଦର ସୂତ୍ର ଖୋଜିବାକୁ ପଡ଼ିବ ।

ସେଥିପାଇଁ ଆମେ ସ୍ଥିରକଲୁ- ଚାଲ, ଆମେ ରାଜ୍ୟବ୍ୟାପୀ ଗସ୍ତକରି ପଥପ୍ରାନ୍ତ ଛୋଟ ଛୋଟ ନାଟକ ପରିବେଷଣ କରିବା ।

ଆମର ଏହି ସ୍ୱଦେଶୀ ସଂଗ୍ରାମର ପ୍ରଥମ ନାଟକ ଥିଲା-'କୃଷ୍ଣବିଜୟ'! ଏହି ନାଟକର କଥାବସ୍ତୁ ସଂଗ୍ରହ କରାଯାଇଥିଲା-ମହାଭାରତରୁ । ଏହି ଛୋଟ ନାଟକଟିକୁ ପ୍ରସ୍ତୁତ କରିଥିଲୁ ଆମେ ଦୁହେଁ- ମୁଁ ଓ ଯଶପାଲ୍ । ନାଟକର ଚରିତ୍ରମାନେ ଥିଲେ କୌରବ ଓ ପାଣ୍ଡବପକ୍ଷ । ଏମାନଙ୍କ ସହିତ ଥିଲେ ଶ୍ରୀକୃଷ୍ଣ । ବ୍ରିଟିଶ୍ ଶାସନକଳ ଥିଲା କୌରବ ଓ କଂଗ୍ରେସ ଦଳ ଥିଲା ପାଣ୍ଡବ । ଏହି ଛୋଟ ନାଟକଟିରେ କିଛି ପରିମାଣରେ ବ୍ୟଙ୍ଗ ବିଦ୍ରୂପ ମଧ୍ୟ ଥିଲା । ଏହି ନାଟକରେ ମୋର ପିତା ସର୍ଦ୍ଦାର କିଶନ୍ ସିଂହଙ୍କର ଗୋଟେ ଗୀତ ମଧ୍ୟ ଖଂଜାଯାଇଥିଲା । ବାବାଙ୍କର ଏହି ଦେଶାତ୍ମବୋଧକ ଗୀତଟି ପୂର୍ବରୁ ବ୍ରିଟିଶ୍ ପ୍ରଶାସନ ନିଷିଦ୍ଧ ଘୋଷଣା କରିଥିବାରୁ, ଗୀତଟି ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଏବେ ସେଇ ଗୀତଟି 'କୃଷ୍ଣ ବିଜୟ' ପଥପ୍ରାନ୍ତ ନାଟକରେ ଖଂଜିଦେବାରୁ ନାଟକ ଦେଖିବାକୁ ଲୋକେ ପ୍ରଦର୍ଶନ ସ୍ଥଳରେ ବେଶ୍ ଭିଡ଼ ଜମାଇବାକୁ ଲାଗିଲେ ।

ଏହି ନାଟକ ପ୍ରଥମେ ଲାହୋର ସହରର ଗଳିକନ୍ଦିରେ ବେଶ୍ କିଛିଦିନ ପରିବେଷଣ ହେଲାପରେ, ଏଥିପାଇଁ ଗୋଟିଏ ନାଟକମଣ୍ଡଳୀ ଆପେ ଆପେ ଗଢ଼ି ଉଠିଲା । ସମଗ୍ର ରାଜ୍ୟବ୍ୟାପୀ ବିଭିନ୍ନ ସହର, ବସ୍ତି, ଗାଆଁଗଣ୍ଡାରେ 'କୃଷ୍ଣ-ବିଜୟ'

ମଞ୍ଚସ୍ଥ ହେଲା । ଏହି ନାଟକର ସଫଳତାରେ ମୁଁ ବେଶୀ ଉତ୍ସାହିତ ହୋଇପଡ଼ିଲି । ନାଟକ ଦେଖିବାକୁ ଆସୁଥିବା ଜନଗହଳିର ଉତ୍ସାହ ମୋତେ ଅଧିକ ପ୍ରେରଣା ଦେଉଥିଲା । ଏହି ନାଟକରେ ମୁଁ ଭୀମ ଭୂମିକାରେ ଅଭିନୟ କରୁଥିଲି । ମୋର ବଜ୍ରନିନାଦ କଣ୍ଠସ୍ୱର ଦର୍ଶକଙ୍କୁ ମୋହିତ କରୁଥିଲା । ମୋର ସଂଳାପ ଉଚ୍ଚାରଣ ବ୍ରିଟିଶ୍ ଶାସନ କଳ ପ୍ରତି ଯେପରି ଚାଲେଂଜ ଥିଲା ।

କ୍ରମଶଃ ଏହି ପଥପ୍ରାନ୍ତ ନାଟକ ସର୍ବସାଧାରଣଙ୍କ ଉପରେ ଖୁବ୍ ପ୍ରଭାବ ପକାଇଲା । ଏହି ନାଟକର ଛତ୍ରେ ଛତ୍ରେ ଆମ ମାତୃଭୂମି ପାଇଁ ଦେଶପ୍ରେମର ଆହ୍ୱାନ ଥିଲା ।

ଏହି ନାଟକକୁ କେନ୍ଦ୍ରକରି ଦିନେ ଗୋଟେ ଝଡ଼ ସୃଷ୍ଟିହେଲା । ସେଇ ଝଡ଼, ମତ-ମତାନ୍ତରର କାରଣ ଥିଲୁ- ମୁଁ ଓ ସୁଖଦେବ ।

ବହୁଦିନ ଯାଏଁ ଏହି ନାଟକଟି ପଞ୍ଜାବର ବିଭିନ୍ନ ସ୍ଥାନରେ ପରିବେଷଣ ହେଲା ପରେ ଅଭିନେତା ଅଦଳ ବଦଳ କରିବା ଦରକାର ପଡ଼ିଲା । ଏହା ପୂର୍ବରୁ ମୁଁ ନାଟକରେ ପାଣ୍ଡବଙ୍କ ପକ୍ଷର ଭୀମ ଭୂମିକାରେ ଥିବାବେଳେ ସୁଖଦେବ କୌରବ ପକ୍ଷର ଦୁର୍ଯ୍ୟୋଧନ ଭୂମିକାରେ ଅଭିନୟ କରୁଥିଲା ।

ନାଟକ ମଣ୍ଡଳୀ ଅଭିନେତା ପରିବର୍ତ୍ତନ କରିବାରୁ ସୁଖଦେବକୁ ଅର୍ଜୁନ ଭୂମିକାଦେଲେ ଓ ମୋତେ ଦୁର୍ଯ୍ୟୋଧନ ଭୂମିକାରେ ଅଭିନୟ କରିବାକୁ କୁହାଗଲା । କିନ୍ତୁ ମୁଁ ଏହି ଭୂମିକା ନେବାକୁ ଚାହିଁଲିନାହିଁ । ଏଇ କଥାକୁ ନେଇ ସୁଖଦେବ ଓ ମୋ ଭିତରେ ଉଚ୍ଚବାଚ ହେଲା । ଅବସ୍ଥା ଏପରି ହେଲା ଯେ ଶେଷକୁ ନାଟକ ପରିବେଷଣ ବାତିଲ୍ ହେବା ପର୍ଯ୍ୟନ୍ତ କଥାଗଲା । ମୁଁ ସୁଖଦେବକୁ ସିଧାସଳଖ କହିଦେଲି-ବହୁତ ହୋଇଗଲା । ମୁଁ ମଞ୍ଚରେ ସୁଦ୍ଧା ରହିବି ନାହିଁ । ତୁ ତୋର ଦୁର୍ଯ୍ୟୋଧନ ଯୋଗାଡ଼ କର । ତମେ ସବୁ ମତେ କଣ ବୋଲି ଭାବିଚକି ? ମୁଁ କଣ ଗୋଟେ ବୋକା ?''

ଏହି ଘଟଣା ପରେ ପରେ ଆମର 'କୃଷ୍ଣବିଜୟ' ପଥପ୍ରାନ୍ତ ନାଟକ ପରିବେଷଣ ସବୁଦିନ ପାଇଁ ସ୍ଥାୟୀଭାବେ ସ୍ଥଗିତ ରହିଲା । ଅବଶ୍ୟ ଏହି ନାଟକ ଅଧିକଦିନ ପରିବେଷଣ ହୋଇଥିଲେ ସରକାରଙ୍କ ପକ୍ଷରୁ କଟକଣା ଜାରି ହୋଇଥାନ୍ତା ।

ଏହା ପରେ ପରେ ମୁଁ ଓ ସାଥୀମାନେ ଆମର କଲେଜ ପଢ଼ାରେ ମାତିଗଲୁ ।

୧୯୨୩ । ଏହି ବର୍ଷ ମୁଁ ବି.ଏ ପ୍ରଥମବର୍ଷରେ ନାଁ ଲେଖେଇଲି । ଇତିମଧ୍ୟରେ ମୁଁ ରିଭୋଲ୍ୟୁସନ୍ ପାର୍ଟିରେ ଯୋଗଦେଇ ସକ୍ରିୟ ସଦସ୍ୟ ହୋଇସାରିଥିଲି ।

ମହାନ୍ ବିପ୍ଳବୀ ଶଚିନ୍ଦ୍ରନାଥ ସାନ୍ୟାଲ୍‌ଙ୍କର ଦୃଢ଼ ସମର୍ଥକ ପାଲଟି ଯାଇଥିଲି ।

ଶଚିନ୍ଦ୍ରନାଥ ସାନ୍ୟାଲ୍ ଥିଲେ ଜ୍ଞାନର ଭଣ୍ଡାର । ଥିଲା ତାଙ୍କର ଅସମ୍ଭବ ସ୍ମରଣ ଶକ୍ତି । ହଜାର ହଜାର ବର୍ଷର ବିଶ୍ୱର ଇତିହାସକୁ ସେ ଯେପରି ନିଷ୍ଠାର ସହିତ ଅଧ୍ୟୟନ କରିଥିଲେ, ସେହିପରି ସ୍ମରଣ ରଖିଥିଲେ । ବିଶ୍ୱଇତିହାସ, ବିଶେଷତଃ, ଭାରତର ଇତିହାସରେ କ୍ରାନ୍ତିର ଉତ୍‌ଥାନ ଓ ପତନକୁ ସେ ଗଭୀର ମନୋନିବେଶ ସହକାରେ ଅଧ୍ୟୟନ କରିବାପରେ, କ୍ରାନ୍ତିକାରୀ ସଂଗଠନର ପ୍ରେକ୍ଷାପଟରେ ଅତୀତର ତ୍ରୁଟି ଓ ବିଫଳତାର ଯେପରି ବର୍ତ୍ତମାନ ପରିପ୍ରେକ୍ଷୀରେ ପୁନରାବୃତ୍ତି ନ ଘଟେ, ସେଥିପାଇଁ ସେ ସଦାଜାଗ୍ରତ ଥିଲେ । ମୁଁ ରିଭୋଲ୍ୟୁସନ୍ ପାର୍ଟିର ସକ୍ରିୟ ସଦସ୍ୟ ହେବା ମଧ୍ୟରେ ପାଠପଢ଼ା ସହିତ ସାଂଗଠନିକ କାର୍ଯ୍ୟରେ ପୂର୍ଣ୍ଣପ୍ରାଣରେ ମାତିଯାଇଥିଲି ।

ଏହି ସମୟରେ ପଞ୍ଜାବରେ ସର୍ଦ୍ଦାର ଗୁରୁମୁଖ ସିଂହଙ୍କ ନେତୃତ୍ୱରେ ନିଜସ୍ୱ ଏକ ରିଭୋଲ୍ୟୁସନ୍ ପାର୍ଟି ଗଠିତ ହୋଇସାରିଥିଲା । ଏହି ସଂଗଠନରେ ଆଗେ ଶିଖ୍‌ମାନଙ୍କୁ ପୂରାଇ ଦିଆଯାଉନଥିଲା । ଏହି ସଂଗଠନରେ ସାମିଲ୍ ହେବାକୁ ମୋତେ ନିମନ୍ତ୍ରଣ କରାଗଲା । ସନ୍ୟାଲଙ୍କ ସଂଗଠନରୁ ସଂପର୍କ ଛିନ୍ନ କରିବାକୁ ମୋତେ କୁହାଗଲା । ସର୍ଦ୍ଦାର ଗୁରୁମୁଖ ସିଂହ ମୋତେ ଚେତାଇ ଦେଇଥିଲେ ବଙ୍ଗାଳୀମାନଙ୍କ ରିଭୋଲ୍ୟୁସନାରୀ ପାର୍ଟି ଉଗ୍ରବାଦୀଙ୍କ ସଂଗଠନ । ଏହି ସଂଗଠନରେ ରହି କାର୍ଯ୍ୟକରିବା ଅର୍ଥ ମୃତ୍ୟୁଦଣ୍ଡକୁ ଆମନ୍ତ୍ରଣ କରିବା ହିଁ ସାରହେବ । ଆମର ଲକ୍ଷ୍ୟ ପୂରଣ ହେବନାହିଁ ।

ମୁଁ କିନ୍ତୁ ସର୍ଦ୍ଦାର ଗୁରୁମୁଖ ସିଂହଙ୍କ କଥାରେ ପ୍ରଭାବିତ ହେଲିନାହିଁ । ଶଚିନ୍ଦ୍ର ସାନ୍ୟାଲଙ୍କ ସଂଗଠନରେ ହିଁ ରହିଲି ।

ଏହି ୧୯୨୩ ରେ ମୋ ଜୀବନରେ କେତୋଟି ଗୁରୁତ୍ୱପୂର୍ଣ୍ଣ ଘଟଣା ସଂଘଟିତ ହେଲା । ମୋର ମାତ୍ରାଧିକ ସାଂଗଠନିକ କାର୍ଯ୍ୟରେ ଜଡ଼ିତ ହେବା ଦ୍ୱାରା କଲେଜର ପାଠ ପଢ଼ାରେ ଏକରକମ ପୂର୍ଣ୍ଣଚ୍ଛେଦ ପଡ଼ିଗଲା । କିନ୍ତୁ ମୋର କ୍ରାନ୍ତିକାରୀ ଜୀବନ ପାଇଁ ବହୁ ସୁଯୋଗ ମିଳିଲା ।

ଶ୍ରୀମତୀ ଜୟକାଉର୍ ମୋର ଜେଜେମା । ସର୍ଦ୍ଦାର ଅର୍ଜ୍ଜୁନସିଂହଙ୍କ ପତ୍ନୀ । ପିଲାଟି ବେଳୁ ମୋତେ ସେ ଅନ୍ୟ ନାତି-ନାତୁଣୀଙ୍କ ଅପେକ୍ଷା ଅଧିକ ଭଲ ପାଉଥିଲେ । ମୁଁ କ୍ରମଶଃ ଭେଣ୍ଡା ହେଲିଣି, ସେଥିପାଇଁ ମୋର ଯଥାଶୀଘ୍ର ବିବାହକାର୍ଯ୍ୟ ସଂପନ୍ନ କରିଦେବାକୁ ତାଙ୍କ ପୁଅ କିଶନ ସିଂହଙ୍କ ଉପରେ ଚାପ ପକାଇଲେ । ମୋର ଜେଜେମା ବଡ଼ ଜିଦ୍‌ଖୋର । ସେ ଯେତେବେଳେ ଯାହା ଚାହିଁବେ ତାହା ସଙ୍ଗେ ସଙ୍ଗେ ପାଳନ କରିବାକୁ ପଡ଼ିବ । ଯେତେହେଲେ ସେ ଆମର ବିଶାଳ ଏକାନ୍ନବର୍ତ୍ତୀ ପରିବାରର ମୁଖିଆଙ୍କ ପତ୍ନୀ ! ମୋର ପିତା କିଶନ ସିଂହଙ୍କ ମାତୃଭକ୍ତିର ପଟ୍ଟାନ୍ତର ମଧ୍ୟ ନଥିଲା ।

ବାବା କିଶନ ସିଂହ ମୋର ବିବାହ ପାଇଁ ଯୋଗ୍ୟ କନ୍ୟାପାତ୍ରୀ ଖୋଜିବାରେ ଲାଗିପଡିଲେ । ଆମ ଗାଁର ଆଖପାଖରେ ଥିବା ଧନୀ-ସମ୍ଭ୍ରାନ୍ତ ଶିଖ୍ ପରିବାର ଗୁଡ଼ିକୁ ମୋର ବିବାହ ପ୍ରସ୍ତାବ ପଠାଇଲେ । କନ୍ୟାପକ୍ଷରୁ ଜାମାତା ଦେଖଣାହାରୀଙ୍କ ଭିଡ଼ ଆମ ଘରେ ଜମିଲା । କନ୍ୟାପକ୍ଷର ଅତିଥିମାନଙ୍କୁ ମୁଁ ହସ ହସ ମୁହଁରେ ସ୍ୱାଗତ କରେ । ଦିନାକେତେ ଏଇ ବରଦେଖା ପ୍ରହସନ ଚାଲିଲା ପରେ ମୁଁ ଲାହୋର ଚାଲିଗଲି । ଲାହୋରରେ କିଛିଦିନ ରହି ମୁଁ ଘରକୁ ଫେରିଲାପରେ ଦିନେ ବାପାଙ୍କୁ ଏକାନ୍ତରେ ରୋକ୍‌ଠୋକ୍ ଜଣାଇଦେଲି-ମୁଁ ବାହାହେବାକୁ ପ୍ରସ୍ତୁତ ନୁହେଁ ।

ମୋର ଏପରି ରୋକ୍‌ଠୋକ୍ ବକ୍ତବ୍ୟ ଶୁଣି ବାପା ହତବାକ୍ ହୋଇଗଲେ ଓ ମୁଁ ବିବାହ ପାଇଁ କାହିଁକି ରାଜି ନୁହେଁ, ତାହାର କାରଣ ଜାଣିବାକୁ ଚାହିଁଲେ ।

ମୁଁ ବାବାଙ୍କୁ ବୁଝାଇଦେଲି-"ଯେତେ ଦିନ ଯାଏ ମୁଁ ଉପାର୍ଜ୍ଜନକ୍ଷମ ଓ ଆର୍ଥିକ କ୍ଷେତ୍ରରେ ସ୍ୱାଧୀନ ଏବଂ ସ୍ୱାବଲମ୍ବନଶୀଳ ହୋଇନାହିଁ, ସେ ପର୍ଯ୍ୟନ୍ତ ବିବାହ କରିବା ସମ୍ଭବ ନୁହେଁ ।"

ମୋର ଏପରି କଥା ଶୁଣି ବାପା ରାଗିଗଲେ ।

ମୁଁ ମୁଣ୍ଡପୋତି ବାବାଙ୍କ ସମ୍ମୁଖରେ ଠିଆ ହୋଇଥିଲି ।

ସେ ମୋର ଚିବୁକକୁ ହଲାଇ କହିଲେ- "ଅଧିକ ଦୁଃସାହସୀ ହେବାକୁ ଚେଷ୍ଟା କରନାହିଁ । କେଉଁଟା ଭୁଲ୍ କେଉଁଟା ଠିକ୍ ସେ ପାଠ ମତେ ପଢ଼ାଅନା । ବିବାହ ପରେ ଘରସଂସାର କରି ଅର୍ଥ ଉପାର୍ଜନ କଲେ, କଣ ହେବନାହିଁ ? ଅର୍ଥ ଉପାର୍ଜନ କରି ଘରକୁ ଆଣିବାକୁ ଆମେ କେବେ ତୋ ଉପରେ ଚାପ ପକାଇଚୁ ? ପ୍ରଥମେ ତୁ ବାହା ହୋଇପଡ଼, ତାପରେ ବଳେ ବଳେ ଧନ ଅର୍ଜନ କରିବୁ ।"

ମୁଁ ବାବାଙ୍କ ଯୁକ୍ତି ଖଣ୍ଡନ କରିବା ପାଇଁ କହିଲି –''ମୋର ଏବେ ବିବାହ ବୟସ ହୋଇନାହିଁ ।''

ବାବା କିଶନ ସିଂହ ମୋର ଏପରି କଥା ଶୁଣି ଆହୁରି ଖୁବ୍ ଯୋର୍‌ରେ ରାଗିଗଲେ ଓ କହିଲେ–''ଆଉ ଯେତେ ସବୁ କାମରେ ତୁ ବଡ଼ ଅଭିଜ୍ଞ– ବୟସ୍କ ଭଳି ହେଉଚୁ, କିନ୍ତୁ ବାହା କଥା ପଡ଼ିଲା କ୍ଷଣି ନିଜକୁ ନିହାତି ଛୋଟ ପିଲା ବୋଲି ଦେଖେଇ ହେଉଚୁ ? ମୁଁ ତୋର ଆଉ କୌଣସି କଥା ଶୁଣିବା ଅବସ୍ଥାରେ ନାହିଁ । ତୁ ପ୍ରଥମେ ବାହା ହୋଇପଡ଼ । ତୁ ସ୍ୱାବଲମ୍ବନଶୀଳ ହୋଇସାରିଲାପରେ ତୋର ସ୍ତ୍ରୀକୁ ସାଙ୍ଗରେ ଧରି ରହିପାରୁ ।''

ମୁଁ ଲକ୍ଷ୍ୟ କଲି ମୋର ଯେତେସବୁ ଯୁକ୍ତି କାଟ ଖାଉଚି । ମୋର ବାହାଘର କାର୍ଯ୍ୟସଂପନ୍ନ କରିବାପାଇଁ ପରିବାର ଲୋକେ ବଦ୍ଧପରିକର । ଶେଷକୁ ମୁଁ ଶେଷ ଅସ୍ତ୍ର ପ୍ରୟୋଗ କଲି–''ମୁଁ ଯଦି ବାହା ହେବି ତେବେ ଗୋଟେ ପାଠପଢୁଆ ଶିକ୍ଷିତ ଝିଅଟିକୁ ହିଁ ବିବାହ କରିବି ।''

ମୁଁ ଜାଣିଥିଲି ମୋର ବିବାହ ପାଇଁ ଯେଉଁ ଧନୀଘର ଝିଅଟିକୁ ଆମ ପରିବାର ବାଛିଥିଲେ ସେ ସେମିତି କିଛି ପାଠଶାଠ ପଢ଼ିନଥିଲା । ଯାହା ବା ପଢ଼ିଥିଲା ତାହା ଗୁରୁମୁଖୀ ଅକ୍ଷର ଭିତରେ ସୀମାବଦ୍ଧ । ଝିଅଟି ଯଦିଓ ଗୋଟେ ଧନୀଘର ଦୁଲାଳୀ ଥିଲା । କିନ୍ତୁ ପଞ୍ଜାବରେ ସେପରି ନାରୀଶିକ୍ଷାର ବ୍ୟାପକ ପ୍ରସାର ନଥିବାରୁ ଅନ୍ୟ ଝିଅମାନଙ୍କ ପରି ବେଶୀ ପାଠ ପଢ଼ିବା ସୁଯୋଗ ହୁଏତ ପାଇନଥିଲା । ବିଶେଷକରି ପଞ୍ଜାବର ଗ୍ରାମାଞ୍ଚଳରେ ଝିଅମାନଙ୍କ ଉଚ୍ଚଶିକ୍ଷା ପାଇଁ ସେପରି କିଛି ବ୍ୟବସ୍ଥା ନଥିଲା ।

ପରିବାର ଲୋକେ ମୋର ଏପରି ସର୍ତ୍ତରେ ହତ୍‌ବତ୍ରେଇଗଲେ । ମୁଁ ସମସ୍ତଙ୍କୁ ସାନ୍ତ୍ୱନା ଦେଇ କହିଲି–''ଅନ୍ତତଃ ପକ୍ଷେ ମାଟ୍ରିକ୍ ପର୍ଯ୍ୟନ୍ତ ପାଠ ପଢ଼ିଥିବା ଝିଅଟିକୁ ହିଁ ମୁଁ ବିବାହ କରିବି ।''

ମୋର ଏପରି ଅଜବ ଯୁକ୍ତିରେ ବାବା କିଶନ ସିଂ କ୍ରୋଧରେ ଜର୍ଜରିତ ହୋଇପଡିଲେ । ତାଙ୍କ ଇଚ୍ଛା ଓ ରୁଚି ଅନୁସାରେ ମନୋନୀତ ଗୋଟେ ଝିଅକୁ ମୁଁ ବିବାହ କରିବାକୁ ରାଜି ନୁହେଁ, ଏଇ କଥା ତାଙ୍କୁ ଅପମାନ ଭଳି ମନେ ହେଲା ।

କିନ୍ତୁ ମୁଁ ମୋର ନିଷ୍ପତ୍ତିରେ ଥିଲି ଅଟଳ ।

ସେଇ ଝିଅଟି ସହିତ ମୋର ବିବାହ ନିର୍ବନ୍ଧର ଗୋଟିଏ ଦିନ ବାକିଥାଏ ।

ମୁଁ ଯେ ମୋର ମନ ପରିବର୍ତ୍ତନ କରୁନାହିଁ- ଏଇ କଥାକୁ ନେଇ ଘରେ ସମସ୍ତେ ବ୍ୟାକୁଳ, ବ୍ୟସ୍ତ-ବିବ୍ରତ ।

ମୁଁ ମୋର ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରି ସାରିଥାଏ । କନ୍ୟାପକ୍ଷର ଲୋକେ ଆସିବାପୂର୍ବରୁ, ସେଇ ରାତିରେ ହିଁ ମୁଁ ଲାହୋର ଚାଲିଗଲି ଏବଂ ସେଠାରୁ ମୋର ଗତିପଥ ଏକ ଅଜ୍ଞାତସ୍ଥଳକୁ ...

ମୁଁ ଘର ଛାଡ଼ିବା ପୂର୍ବରୁ ମୋର ପଢ଼ା ଟେବୁଲ ଉପରେ ଗୋଟେ ଚିଠି ଛାଡ଼ି ଆସିଥିଲି । ଏହି ଚିଠିଟି ଲେଖିଥିଲି ମୋର ବାବାଙ୍କ ଉଦ୍ଦେଶ୍ୟରେ ।

ଚିଠିଟି ଏଇପରି :

...''ପୂଜନୀୟ ପିତା, 'ସତ୍ ଶ୍ରୀ ଅକାଲ୍'।

ଆପଣ ଭଲଭାବେ ଜାଣିଛନ୍ତି, ମୋର ଜୀବନ ଦେଶସେବା ପାଇଁ ଉତ୍ସର୍ଗିତ । ଏଠାରେ ଅନ୍ୟ କୌଣସି ସାଂସାରିକ ବ୍ୟାପାରର କୌଣସି ସ୍ଥାନ ନାହିଁ ।''

...''ଆପଣଙ୍କର ନିଶ୍ଚୟ ମନେଥିବ ମୋର ମୁଣ୍ଡନ ଉତ୍ସବ ବେଳେ ମୋ ଦ୍ୱାରା ଶପଥ କରାଯାଇଥିଲା- ମୁଁ ଦେଶସେବା ପାଇଁ ଉତ୍ସର୍ଗିତ । ସେଇ ସଂକଳ୍ପ ପୂରଣ କରିବା ସମୟ ଏବେ ଆସି ପହଞ୍ଚିଛି ।''

...''ମୋର ବିଶ୍ୱାସ ମୋତେ ଭୁଲିଯିବେ ।''

ଆପଣଙ୍କର ଆଜ୍ଞାଧୀନ ପୁତ୍ର

- ଭଗତ ସିଂ

ଏପରି ଭାବରେ ମୋର କଲେଜ ଶିକ୍ଷାର ପୂର୍ଣ୍ଣଚ୍ଛେଦ ପଡ଼ିଲା । ମୁଁ ପୂର୍ଣ୍ଣପ୍ରାଣରେ ସ୍ୱାଧିନତା ଆନ୍ଦୋଳନରେ ଝାସଦେଲି ।

ଲାହୋର୍‌ରେ ମୁଁ କିଛିଦିନ ଅବସ୍ଥାନ କଲାପରେ କାନପୁର ଚାଲିଗଲି । ଏଠାରେ ଥିବା ରିଭୋଲ୍ୟୁସନ୍‌ପାର୍ଟି କାର୍ଯ୍ୟାଳୟରେ ରହିଲି । ଏଠାରେ ମୁନିଲାଲଜୀ ଅବସ୍ଥୀଙ୍କ ସହିତ ମୋର ଘନିଷ୍ଠତା ବଢ଼ିଲା । ଏହି ସମୟରେ କାନପୁର ଅଞ୍ଚଳରେ ଦଳର ସାଂଗଠନିକ ଦାୟିତ୍ୱ ସମ୍ଭାଳୁଥାନ୍ତି ଯୋଗେଶଚନ୍ଦ୍ର ଚାଟାର୍ଜୀ । ମୁଁ ସକ୍ରିୟ ଭାବରେ ତାଙ୍କୁ ସାଂଗଠନିକ କାର୍ଯ୍ୟରେ ସହଯୋଗ କଲି ।

ମୋର ଏହି କାନପୁର ରହଣିକାଳରେ ହିଁ ଭେଟହେଲା ସୁରେଶଚନ୍ଦ୍ର ଭଟ୍ଟାଚାର୍ଯ୍ୟ, ଅଜୟଘୋଷ, ବଟୁକେଶ୍ୱର ଦତ୍ତ ଓ ବିଜୟ କୁମାର ସିହ୍ନାଙ୍କ ସହ । ଏମାନେ ଅତି ନିଷ୍ଠାର ସହିତ ସ୍ୱାଧୀନତା ଆନ୍ଦୋଳନ ଓ ବୈପ୍ଳବିକ କାର୍ଯ୍ୟକ୍ରମରେ ଜଡ଼ିତ ଥିଲେ । ମୋତେ ଛାଡ଼ିଦେଲେ ଏ ସମସ୍ତେ ଥିଲେ ବଙ୍ଗାଳୀ । ମୁଁ ଜଣେ ଶିଖ୍ ସଂପ୍ରଦାୟର ଏବଂ ଅନ୍ୟମାନେ ବଙ୍ଗାଳୀ ... ଏହି ଘଟଣା ବ୍ରିଟିଶ୍ ପ୍ରଶାସନର କ୍ରିମିନାଲ୍ ଇନ୍‌ଭେଷ୍ଟିଗେସନ୍ ଡିପାର୍ଟମେଣ୍ଟ ପାଇଁ ସନ୍ଦେହର କାରଣ ଥିଲା ।

ଏହି ସମସ୍ୟାର ଖୁବଶୀଘ୍ର ସମାଧାନ ହୋଇଗଲା । ମୁଁ ଗଣେଶ୍ୱର ବିଦ୍ୟାର୍ଥିଙ୍କ ଦ୍ୱାରା ପରିଚାଳିତ ‘ପ୍ରତାପ’ ଖବର କାଗଜରେ ସଂପାଦନା ମଣ୍ଡଳୀରେ ଯୋଗଦେଲି । ମୁଁ ମୋର ନାମ ପରିବର୍ତ୍ତନ କରିଦେଲି । ଭଗତ ସିଂହରୁ ମୁଁ ହେଲି ବଲବନ୍ତ ସିଂ । ଏହି ‘ବଲବନ୍ତ ସିଂହ’ ଛଦ୍ମନାମରେ ମୁଁ ‘ପ୍ରତାପ’ରେ ଲେଖାଲେଖି କଲି ।

ମୁଁ ଏଥର ରିଭୋଲ୍ୟୁସନ୍ ପାର୍ଟିର ଫୁଲଟାଇମ୍ କର୍ମୀ ହେଲି । ଦିନ ରାତି ଦଳ ପାଇଁ କାମ କଲି ।

ଦଳ ଘୋର ଆର୍ଥିକ ସଂକଟ ଦେଇ ଗତି କରୁଥିଲା । ଦଳର ସାଂଗଠନିକ କାର୍ଯ୍ୟପାଇଁ ପ୍ରଚୁର ଅର୍ଥର ଆବଶ୍ୟକତା ଥିଲା । ଏହି ଆର୍ଥିକ ସଂକଟରୁ ମୁକ୍ତି ପାଇଁ ସମସ୍ୟା ସମାଧାନର ଏକମାତ୍ର ବିକଳ୍ପପନ୍ଥା ଥିଲା ଦଳର କର୍ମୀମାନଙ୍କୁ ସରକାରୀ ଟ୍ରେଜେରୀ ଓ ଖଜଣାଖାନା ଉପରେ ଡ଼କାୟତି ଓ ଲୁଣ୍ଠନ କରିବାକୁ ପଡ଼ିବ । ମୁଁ ଯଦିଓ ଏହି ଡ଼କାୟତି-ଲୁଣ୍ଠନ କାର୍ଯ୍ୟର ପକ୍ଷପାତି ବା ସମର୍ଥକ ନଥିଲି । ତଥାପି ଦଳ ଚଳାଇବା ପାଇଁ ଅର୍ଥ ଯେହେତୁ ଆବଶ୍ୟକ, ତେଣୁ ତାହା ହିଁ ଥିଲା ଦଳର ସଦସ୍ୟମାନଙ୍କ ପାଇଁ ଏକମାତ୍ର ବିକଳ୍ପ ମାର୍ଗ ।

ଦଳ ପାଇଁ ଓ ‘ପ୍ରତାପ’ ଖବରକାଗଜ ପାଇଁ କାର୍ଯ୍ୟ କରିବା ମଧ୍ୟରେ ମତେ ରାତିରେ ଯେତିକି ସମୟ ମିଳୁଥିଲା ସେତିକି ବେଳେ ମୁଁ ବିଶ୍ୱର ବିଭିନ୍ନ ସ୍ଥାନରେ ସଂଘଟିତ ବୈପ୍ଳବିକ କାର୍ଯ୍ୟକ୍ରମର ଅତୀତ ଇତିହାସ ଓ ସାଂପ୍ରତିକ ଘଟଣାବଳୀ ଗୁଡ଼ିକୁ ନିଷ୍ଠାର ସହିତ ଅଧ୍ୟୟନ ଏବଂ ଅନୁଧ୍ୟାନ କରୁଥାଏ । ଶେଷକୁ ମୋର ହୃଦବୋଧ ହେଲାଯେ ଅର୍ନ୍ତଘାତି କାର୍ଯ୍ୟ ଦ୍ୱାରା ସଂଗୃହୀତ ଅର୍ଥରେ ସ୍ୱାଧୀନତା ଆନ୍ଦୋଳନ ସଂଚାଳନର ପ୍ରକୃତ ଲକ୍ଷ୍ୟ ପୂରଣ ହେବନାହିଁ । ଯେହେତୁ ସ୍ୱାଧୀନତା ଆନ୍ଦୋଳନ ପାଇଁ ଯେଉଁ ବୈପ୍ଳବିକ କାର୍ଯ୍ୟକ୍ରମମାନ ଉଦ୍ଦିଷ୍ଟ ସେଥିରେ ଜନଗଣଙ୍କ ସ୍ୱାର୍ଥ ମଧ୍ୟ

ଜଡ଼ିତ । ଏହା ଜନତାଙ୍କ ଦ୍ୱାରା ଜନତାଙ୍କ ପାଇଁ । ଏଥିପାଇଁ ଜନସାଧାରଣଙ୍କ ସକ୍ରିୟ ସହଯୋଗ ଆବଶ୍ୟକ । ମୁଁ ଦଳର ଲକ୍ଷ୍ୟ, ଆଦର୍ଶ ଓ କାର୍ଯ୍ୟକ୍ରମରେ ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମ କଲି ।

ଆମ ରିଭୋଲ୍ୟୁସନ୍ ପାର୍ଟିର କାର୍ଯ୍ୟକଳାପ ପ୍ରତି କାନପୁରର ପୁଲିସ୍ କଡ଼ା ନଜର ରଖିଥାଏ । ପ୍ରଶାସନ ପକ୍ଷରୁ ହାଇଆଲର୍ଟ ଜାରି ହୋଇଥାଏ । ବୈପ୍ଳବିକ କାର୍ଯ୍ୟକ୍ରମ ଯୋଗୁଁ କାନପୁର ସହର ଯେମିତି ଉତପ୍ତ ବାରୁଦଗଦା ଉପରେ ଠିଆ ହୋଇଥାଏ । ବ୍ରିଟିଶ୍ ଶାସନ ବିରୁଦ୍ଧରେ ଏକ ବଡ଼ ଧରଣର ଦାରୁଣ କାର୍ଯ୍ୟକ୍ରମ ହାତକୁ ନେବାକୁ ଆମର ଦଳୀୟ ନିଷ୍ପତ୍ତି ହୋଇଥାଏ । ଆମର ଏହି ଦୁର୍ବାର କାର୍ଯ୍ୟକ୍ରମ ବିଷୟରେ ପୁଲିସ୍ ଯେପରି କୌଣସି ସୂଚନା ନପାଏ, ସେଥିପାଇଁ ଯାବତୀୟ ପ୍ରତିଷେଧକ ବ୍ୟବସ୍ଥା ମଧ୍ୟ ଦଳ ପକ୍ଷରୁ କରାଯାଇଥାଏ ।

ଏହି ସମୟ ମଧ୍ୟରେ ଗଣେଶ୍ୱର ବିଦ୍ୟାର୍ଥୀ ନିଜ ଗାଁ ଖାଦିପୁର ଠାରେ ଗୋଟେ ସ୍କୁଲ ଚଳାଇଥାନ୍ତି । ସେହି ସ୍କୁଲରେ ମୋତେ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ମିଳିଲା । ଏହି ଖାଦିପୁର ଗାଁଆଟି ଆଲିଗଡ଼ ଜିଲ୍ଲାର ଖଇରା ତହସିଲ୍ ଅନ୍ତର୍ଗତ । ମୁଁ ଏହି ଗାଆଁରେ ଠାକୁର ତୋଡ଼ାର ସିଂହଙ୍କ ଘରେ ରହି ବିଦ୍ୟାଳୟ ପରିଚାଳନାର ପ୍ରଶାସନିକ ତଦାରଖ କରିବା ସହିତ 'ପ୍ରତାପ' ପାଇଁ ଲେଖାଲେଖି ଓ ଅନ୍ୟାନ୍ୟ ବୈପ୍ଳବିକ ସାଂଗଠନିକ କାର୍ଯ୍ୟରେ ଦିନରାତି ବ୍ୟସ୍ତରହୁଥିଲି ।

ମୁଁ ଏହି ଅଜ୍ଞାତବାସରେ ଥିବାବେଳେ ମୋର ପରିବାର ଲୋକେ ମୋତେ ଖୁବ୍ ଖୋଜୁଥାନ୍ତି । କିନ୍ତୁ ସେମାନଙ୍କୁ ମୋର କୌଣସି ପତ୍ତା ବା ସନ୍ଧା ମିଳୁନଥାଏ ।

ଆମ ଗାଁଆରେ ମୋର ଜଣେ ଘନିଷ୍ଠ ବାଲ୍ୟବନ୍ଧୁ-ଥିଲା ରାମଚନ୍ଦ୍ର । ମୋର ଅଜ୍ଞାତବାସବେଳେ ତା ପାଖକୁ ମୁଁ ଗୋଟେ ଚିଠି ଲେଖିଥିଲି । ଚିଠିରେ ମୁଁ ମୋର ଠିକଣା ଯଦିଓ ଦେଇଥିଲି, କିନ୍ତୁ ଏହି କଥା ଯେପରି ପ୍ରଘଟ ନହୁଏ, କେହି ନଜାଣେ ସେଥିପାଇଁ ତାକୁ ତାଗିଦ୍ କରିଦେଇଥିଲି ।

ମୋର ଆଉ ଜଣେ ଘନିଷ୍ଠ ସାଥୀ ଜୟଦେବ । ହଠାତ୍ ମୁଁ ଘରୁ ଫେରାର୍ ହୋଇଯିବା ଘଟଣା ତାକୁ ବେଶୀ ବାଧୁଥିଲା । ସେ ମତେ ମନେ ମନେ ଖୁବ୍ ଖୋଜୁଥାଏ । ଜୟଦେବ ଗୁପ୍ତା ସହିତ ରାମଚନ୍ଦ୍ରର ଯେବେ ଭେଟହେଲା ସେ ଜୟଦେବକୁ ମୋର ଚିଠି କଥା କହିଲା । ସେ ମଧ୍ୟ ତାକୁ ମୋର ବିଷୟରେ କାହାରିକୁ ନଜଣାଇବାକୁ

କହିଥିଲା । କିନ୍ତୁ ଜୟଦେବ ଗୁପ୍ତା ରାମଚନ୍ଦ୍ରଙ୍କୁ ଯେତେବେଳେ ମୋର ରହଣିସ୍ଥଳର ଠିକଣା ମାଗିଲା, ରାମଚନ୍ଦ୍ର ତାଙ୍କୁ ରୋକ୍‌ଠୋକ୍ କହିଥିଲା– "ମୁଁ ଭଗତ୍‌ସିଂହର ଠିକଣା କୌଣସିମତେ କାହାରିକୁ ଜଣାଇପାରିବି ନାହିଁ । ସେ କେଉଁଠି ଅଛି, କଣ କରୁଛି ତାହା ପ୍ରଘଟ ନକରିବାକୁ ପ୍ରତିଜ୍ଞାବଦ୍ଧ ।"

ଏହି ସମୟରେ ମୋର ଜେଜେମା ଜୟକାଉର୍ ବାର୍ଦ୍ଧକ୍ୟଜନିତ ପୀଡ଼ାରେ ଗୁରୁତର ଅସୁସ୍ଥ ହୋଇପଡିଲେ । ସେ ମୋତେ ଦେଖିବାକୁ କୁଆଡ଼େ ଦିନରାତି ବ୍ୟାକୁଳ ହେଉଥିଲେ । ବିବାହ ପ୍ରସଙ୍ଗ ଜେଜେମାଙ୍କ ଆଡୁ ଉଠିଥିଲା, ତେଣୁ ମୁଁ ବିବାହକୁ ବିରୋଧ କରି ଗୃହତ୍ୟାଗୀ ହେଲି । ଏଥିପାଇଁ ସେ ନିଜକୁ ଦାୟୀ କରି ଖୁବ୍ କନ୍ଦାକଟା କରୁଥାନ୍ତି ଏବଂ କୌଣସିମତେ, ମୋତେ ଖୋଜି ଆଣିବାପାଇଁ ମୋ ଜେଜେବାପା ଆଉ ଆତ୍ମୀୟସ୍ୱଜନଙ୍କ ଉପରେ ଚାପ ପକାଉଥାନ୍ତି ।

ମାତୃଦେବୀଙ୍କ ଚାପରେ କିଶନସିଂହ ମୋତେ ଖୋଜି ବାହାର କରିବା ପାଇଁ ଯାବତୀୟ ଉଦ୍ୟମ କରି ବିଫଳ ହେଲାପରେ 'ବନ୍ଦେମାତରମ'–ଖବର କାଗଜରେ ଗୋଟେ ବିଜ୍ଞାପନ ଛାପିଲେ । "ତୋର ଜେଜେମା ଗୁରୁତର ଭାବେ ଅସୁସ୍ଥ, ତତେ ସେ ବ୍ୟାକୁଳ ହୋଇ ଖୋଜୁଛନ୍ତି । ଭଗତ୍, ଯେଉଁଠି ଅଛୁ ତୁ ଶୀଘ୍ର ଘରକୁ ଫେରିଆସ ।"

ଏହା ଥିଲା ବିଜ୍ଞାପନର ସାରାଂଶ ।

'ବନ୍ଦେମାତରମ'ରେ ମୁଦ୍ରିତ ଏହି ବିଜ୍ଞାପନଟି ଯଦିଓ ଗଣେଶ୍ୱର ବିଦ୍ୟାର୍ଥୀଙ୍କ ଦୃଷ୍ଟିରେ ପଡ଼ିଲା ତଥାପି ସେ ଭଗତସିଂ ଓ ବଲବନ୍ତ ସିଂ ଯେ ଏକ ଓ ଅଭିନ୍ନ ବ୍ୟକ୍ତିତ୍ୱ ସେ କଥା ବା କାହିଁକି ଜାଣନ୍ତେ ?

ଏବଂ ଶେଷକୁ ସେ ଜାଣିଲେ ମୁଁ ହିଁ ଭଗତ ସିଂହ ଓ ବଲବନ୍ତ ସିଂ । ପଞ୍ଜାବର ମହାନ୍ ବିପ୍ଳବୀ ସର୍ଦ୍ଦାର କିଶନ ସିଂହଙ୍କ ପୁତ୍ର । ଇତିମଧ୍ୟରେ ଜୟଦେବ ଗୁପ୍ତା ଓ ରାମଚନ୍ଦ୍ର ବିଦ୍ୟାର୍ଥୀଜୀଙ୍କୁ କାନ୍‌ପୁରରେ ଆସି ସାକ୍ଷାତ୍‌କଲେ ଏବଂ ମୋତେ ଖୋଜିଲେ । ବିଦ୍ୟାର୍ଥୀଙ୍କ ପରାମର୍ଶକ୍ରମେ ସେ ଦୁହେଁ ଖାଦିପୁର ମଧ୍ୟ ଗଲେ । କିନ୍ତୁ ସେମାନେ ଖାଦିପୁରରେ ପହଞ୍ଚିଲାବେଳକୁ ମୁଁ ପୁଣି ଫେରାର୍ ।

ସେ ଦୁହେଁ ବିଦ୍ୟାର୍ଥୀଙ୍କ ଉଦ୍ଦେଶ୍ୟରେ ମୋ ବାପାଙ୍କର ଗୋଟେ ଚିଠି ଆଣିଥିଲେ । ତାହାଛଡ଼ା କାନ୍‌ପୁରର ପ୍ରସିଦ୍ଧ କଂଗ୍ରେସନେତା ମୌଲାନା ହସ୍‌ରତ ମୋହନିଙ୍କ ପାଖକୁ ମଧ୍ୟ ବାପା ଗୋଟେ ଚିଠି ଲେଖିଥିଲେ– ମୁଁ ଯେପରି ଘରକୁ

ଫେରିବି, ସେଥିପାଇଁ ମୋ ଉପରେ ଚାପ ପ୍ରୟୋଗ କରିବାକୁ ଅନୁରୋଧ କରିଥିଲେ । ରାମଚନ୍ଦ୍ର ଓ ଜୟଦେବଗୁପ୍ତା ମୋର କୌଣସି ସନ୍ଧାନ ନପାଇ ଗାଆଁକୁ ଫେରିଗଲାପରେ ମୋର ଭେଟହେଲା ମୌଲାନା ହସ୍‌ରତ ଓ ବିଦ୍ୟାର୍ଥୀଜୀଙ୍କ ସହିତ । ସେ ଦୁହେଁ ବାପାଙ୍କ ଚିଠି ମୋତେ ପଢ଼ିବାକୁ ଦେଲେ ଓ ପରାମର୍ଶ ଦେଲେ- "ତୁମେ ବିବାହ କର ବା ନକର, ତୁମ ବାପା ମଧ୍ୟ ଚିଠିରେ ଯାହା ଲେଖିଛନ୍ତି, ସେ ତୁମକୁ ବିବାହ ପାଇଁ ଆଉ ବାଧ୍ୟ କରିବେନାହିଁ, କିନ୍ତୁ ତୁମ ଜେଜେମା ଗୁରୁତର ଅସୁସ୍ଥ ଥିବା ଦୃଷ୍ଟିରୁ ତୁମେ ତାଙ୍କୁ ଦେଖିବା ପାଇଁ ଗ୍ରାମକୁ ଯିବା ଉଚିତ ।"

ମୁଁ ଶେଷକୁ ଗାଆଁ ଘରକୁ ଫେରିଲି । ଗାଆଁରୁ ଫେରାର୍ ହେବା ଓ ପୁଣି ଫେରିବାର ଅବଧି ଥିଲା ଛଅମାସ । ଏହି ଛଅମାସ ଭିତରେ ସତରେ ମୁଁ କେତେ ଅଭିଜ୍ଞତା ଅର୍ଜନ କରିସାରିଥିଲି !

ମୁଁ ଗାଆଁରେ ପହଞ୍ଚିଲାବେଳକୁ ଆମ ଘର ଭିତରେ କେମିତି ଗୋଟେ ବିଷାଦର ବାତାବରଣ ଘେରି ରହିଥିଲା । ମୁଁ ଘରେ ପାଦ ଦେଲାକ୍ଷଣି ଘରଟା ଯେମିତି ଆନନ୍ଦରେ ଉତ୍ସବ ମୁଖର ହୋଇପଡିଲା ।

ଆମ ଘରର କୌଣସି ସଦସ୍ୟ ଆଉ ମୋ ଆଗରେ ମୋର ବିବାହ ପ୍ରସଙ୍ଗ ଉଠାଇଲେ ନାହିଁ ।

ମୋ ମାଆ ବିଦ୍ୟାବତୀ ଆଉ ଜେଜେମା ଜୟକୌରଙ୍କ ଆନନ୍ଦର ସୀମା ନଥିଲା । ମୁଁ ଜେଜେମାଙ୍କ ସେବାରେ ଏମିତି ଲାଗିପଡ଼ିଲିଯେ ମୋର ସେବାସୁଶ୍ରୁଷା କାର୍ଯ୍ୟ ସହିତ କୌଣସି ପ୍ରଶିକ୍ଷିତ ନର୍ସ ପ୍ରତିଦ୍ୱନ୍ଦିତା କଲେ ପାରନ୍ତାନାହିଁ । ମୋର ନିରନ୍ତର ସେବାରେ ଅସୁସ୍ଥ ଜେଜେମା ସପ୍ତାହକ ଭିତରେ ସଂପୂର୍ଣ୍ଣ ସୁସ୍ଥ ଓ ସବଳ ହୋଇପଡ଼ିଲେ । ଜେଜେମା ମୋତେ କୁଣ୍ଢେଇ ଧରି କହୁଥାନ୍ତି ତାଙ୍କୁ ଛାଡ଼ି ମୁଁ ଯେମିତି ଏଣିକି ଆଉ କୁଆଡ଼େ ନଯାଏ ।

ମୋର ଗାଆଁରେ ରହଣି ମଧ୍ୟରେ ଜେଜେମାଙ୍କ ସେବା ସହିତ ବେଳେବେଳେ ଲାହୋର ଚାଲିଯାଏ । ଗାଆଁରେ ବା ଲାହୋରରେ ମୋର ରହଣିର କୌଣସି ସମୟସୀମା ଧାର୍ଯ୍ୟ ହୋଇନଥାଏ । ଗାଆଁରେ ଦୁଇଚାରିଦିନ ରହଣିପରେ ଲାହୋର୍ ଚାଲିଯାଏ । ଅନେକ ଭାବୁଥାନ୍ତି ମୁଁ ଲାହୋର ବୁଲିବାକୁ ଯାଉଚି । କିନ୍ତୁ ମୋର ମୂଳ ଲକ୍ଷ୍ୟଥାଏ ଲାହୋରରେ ରହି ଉତ୍ତରଭାରତର ବିଭିନ୍ନ ସ୍ଥାନରେ ଦଳର ବୈପ୍ଳବିକ ସଂଗଠନକୁ ଅଧିକ ସକ୍ରିୟ କରିବା । ଏହି ବୈପ୍ଳବିକ ସାଂଗଠନିକ କାର୍ଯ୍ୟକ୍ରମ

ମଧ୍ୟରେ ଗୁରୁଦ୍ୱାର ଗୁଡ଼ିକର ଆୟ ମୁଷ୍ଟିମେୟ ଲୋକଙ୍କ ହାତରୁ ଛଡ଼ାଇ ଆଣି ଜନସାଧାରଣଙ୍କ ସ୍ୱାର୍ଥରେ ବିନିଯୋଗ କରିବା, ଲକ୍ଷ୍ୟ ଥିଲା ।

ଏହି ସମୟରେ ଗୋଟେ ଅଭାବନୀୟ ଦୁର୍ଘଟଣା ଘଟିଗଲା । ମହନ୍ତ ମାନଙ୍କ କବଳରୁ ଗୁରୁଦ୍ୱାର ପରିଚାଳନା ବ୍ୟବସ୍ଥା ଛଡ଼ାଇ ଆଣି ସର୍ବସାଧାରଣଙ୍କ ଦ୍ୱାରା ନିର୍ବାଚିତ ପଞ୍ଚାୟତ ସମିତି ସଦସ୍ୟଙ୍କ ଦ୍ୱାରା ପରିଚାଳନା ଦାବି ନେଇ ଆନ୍ଦୋଳନ ବେଳେ ମାମଲାରେ ପୁଲିସ୍ ହସ୍ତକ୍ଷେପ କଲା । ଫଳରେ ଆନ୍ଦୋଳନ ଉଗ୍ରରୂପ ଧାରଣ କଲା ।

ନାନ୍‌କାନାସାହେବ ଠାରେ ପୁଲିସ୍ ଆନ୍ଦୋଳନରତ ଶିଖ୍ ଜନତାଙ୍କ ଉପରେ ଗୁଳିବର୍ଷଣ କଲା । ପୁଲିସ୍‌ର ନିର୍ମମ ଗୁଳିମାଡ଼ରେ ବହୁ ନିରୀହ ଲୋକ ନିହତ ଓ ଆହତ ହେଲେ ।

ନାନ୍‌କାନାସାହେବ ଗୁଳିକାଣ୍ଡରେ ନିହତ ଲୋକଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ଓ ଶୋକ ପ୍ରକଟ ପାଇଁ ଶହୀଦ ଶୋକସଭା ଆୟୋଜନ ହେଲା । ଆୟୋଜନକାରୀମାନେ କାନ୍ଧର ବାହୁରେ କଳାପଟି ବାନ୍ଧିଥିଲେ ।

ନାଭା । ପଂଜାବର ଗୋଟେ କ୍ଷୁଦ୍ର ରାଜ୍ୟ । ଶାସକ ଥିଲେ ରାଜା ରିପୁଦମନ ସିଂହ । ବେଶ୍ ଉଚ୍ଚଶିକ୍ଷିତ ଓ ସଂସ୍କାରବାଦୀ ପ୍ରଜାବତ୍ସଳ ରାଜାଥିଲେ । ବ୍ରିଟିଶ୍ ଶାସକ ତାଙ୍କୁ ଖୁବ୍ ଶ୍ରଦ୍ଧା ଓ ସମ୍ମାନ ମଧ୍ୟ କରୁଥିଲେ । ରିପୁଦମନ ଆଧୁନିକ ଜୀବନ ଯାପନ କରୁଥିଲେ ।

ରାଜା ରିପୁଦମନଙ୍କ ବହୁ ଗୁଣ ମଧ୍ୟରେ ଗୋଟେ ସ୍ୱଭାବ ଲୁକ୍‌କାୟିତ ଭାବରେ ଥିଲା । ତାହା ହେଉଚି ବିପ୍ଳବୀମାନଙ୍କ ପ୍ରତି ତାଙ୍କର ସଂପୂର୍ଣ୍ଣ ହୃଦୟର ସହିତ ସମ୍ବେଦନଶୀଳତା ଓ ସ୍ୱାଧୀନତା ଆନ୍ଦୋଳନକୁ ସମର୍ଥନ । ସ୍ଥାନୀୟ ବ୍ରିଟିଶ୍ ପ୍ରଶାସନର ଅଫିସରମାନେ ରାଜା ରିପୁଦମନ ସିଂହଙ୍କ ଶାସନ ପ୍ରଶାସନକୁ ଉଚ୍ଚ ପ୍ରଶଂସା କରୁଥିଲେ ସୁଦ୍ଧା ସ୍ୱାଧୀନତା ଆନ୍ଦୋଳନ, ବିଶେଷତଃ କ୍ରାନ୍ତିକାରୀ ବିପ୍ଳବୀ ମାନଙ୍କୁ ନାଭା ରାଜକୋଷରୁ ବିପୁଳ ପରିମାଣରେ ଆର୍ଥିକ ସାହାଯ୍ୟ, ରାଜ୍ୟରେ ଆଶ୍ରୟ ପ୍ରଦାନର ଗୁପ୍ତ ରିପୋର୍ଟ ଭାଇସ୍‌ରୟଙ୍କ ଦୃଷ୍ଟିକୁ ଗଲା । ଫଳରେ ରିପୁଦମନ ସିଂହଙ୍କ ପାଖରୁ

ରାଜ୍ୟ ସିଂହାସନ ଛଡ଼ାଇ କେବଳ ନିଆଗଲା ସେତିକି ନୁହେଁ, ତାଙ୍କୁ ଡେରାଡୁନରେ ନଜରବନ୍ଦୀ ଭାବରେ ରଖାଗଲା । ତାଙ୍କର ଅପରାଧ ଥିଲା ସ୍ୱାଧୀନତା ଆନ୍ଦୋଳନକୁ ନିରବ ସମର୍ଥନ ଓ ଭାରତର ବିଭିନ୍ନ ପ୍ରାନ୍ତରର ବିପ୍ଳବୀମାନଙ୍କୁ ଆର୍ଥିକ ସାହାଯ୍ୟ ସହ ରାଜ୍ୟରେ ଆଶ୍ରୟଦାନ ।

ରାଜା ରିପୁଦମନ ସିଂହଙ୍କ ପ୍ରତି ବ୍ରିଟିଶଶାସନର ଏପରି ଅବିଚାର ଓ ଅନ୍ୟାୟ ଲୋକଙ୍କ ସହିବାର ସୀମାକୁ ବଳିପଡିଥିଲା । ନାନ୍‌କାନା ସାହେବଠାରେ ବିଭତ୍ସ ଗୁଳିକାଣ୍ଡ ଜନସାଧାରଣଙ୍କ ରକ୍ତରେ ନିଆଁ ଲଗାଇଦେଇଥିଲା । ତାଲିମପ୍ରାପ୍ତ ଶିଖ୍ ଅକାଳୀ ଯୋଦ୍ଧାମାନେ ମଧ୍ୟ ବନ୍ଧୁକ ଉଠାଇଲେ । ସଶସ୍ତ୍ର ଅକାଳୀ ଯୋଦ୍ଧାମାନେ ସଂଘବଦ୍ଧ ହୋଇ ନାଭା ରାଜ୍ୟର ଜଇତୋଁ ଅଭିମୁଖେ ବିଶାଳ ଶୋଭାଯାତ୍ରା ଆରମ୍ଭ କଲେ । ଏହି ଅକାଳୀ ଜାଥା ଯେଉଁସବୁ ଗ୍ରାମ-ଜନପଦ-ସହର-ନଗର ଦେଇ ଜଇତୋଁ ଅଭିମୁଖେ ଅଗ୍ରସର ହେଉଥାଏ, ସେହି ଅଞ୍ଚଳର ଜନସାଧାରଣ ବିପୁଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଜାଥାକୁ ସ୍ୱାଗତ-ସଂବର୍ଦ୍ଧନା ଜଣାଉଥାନ୍ତି । ଏପରି ଭାବରେ ଜାଥା ବାଙ୍ଗା ଗ୍ରାମ ଦେଇ ଯିବା କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା । ଏଇ ବାଙ୍ଗାଗ୍ରାମ ହେଉଚି ମୋର ମାତୃଭୂମି ଓ ପିତୃଭୂମି । ଶିଖ୍ ପରଂପରା ଅନୁସାରେ ଆମ ଗାଁରେ ଜାଥାକୁ ସଂବର୍ଦ୍ଧନା ଦେବାପାଇଁ ଜୋରଦାର ପ୍ରସ୍ତୁତି ଚାଲିଥାଏ ।

କିନ୍ତୁ ଏଇ ଜାଥାକୁ ସ୍ୱାଗତ ସଂବର୍ଦ୍ଧନା ଦେବା କାର୍ଯ୍ୟକ୍ରମକୁ ନେଇ ଗାଆଁରେ ବିବାଦ ମୁଣ୍ଡଟେକିଲା । ଗ୍ରାମର ଯେଉଁ ଧନୀଲୋକେ ବ୍ରିଟିଶ୍ ଶାସନର ଅନ୍ଧସମର୍ଥକ ଓ ବଚସ୍କର ଥିଲେ ସେମାନେ 'ଜାଥା'ର ଶୋଭାଯାତ୍ରା ବିଫଳ ହେଉ ଆଉ ଏହା ଗାଁ ଭିତରେ ପ୍ରବେଶ ନକରୁ, ତାହା ଚାହୁଁଥିଲେ ।

ଆମ ଗାଆଁର ବୟସ୍କ ମାନ୍ୟଗଣ୍ୟ ବ୍ୟକ୍ତି ସର୍ଦ୍ଦାର କର୍ତ୍ତାରସିଂହ ଓ ସର୍ଦ୍ଦାର ଜ୍ୱାଲାସିଂହ ଲାହୋର ଯାଇ ମୋର ବାବା ସର୍ଦ୍ଦାର କିଶନ୍ ସିଂହଙ୍କୁ ସାକ୍ଷାତ କଲେ । ସେମାନଙ୍କ ଉଦ୍ଦେଶ୍ୟ ଥିଲା ଗାଆଁରେ ଅକାଳୀ ଜାଥାକୁ ଯେମିତି ଜୋର୍‌ଦାର୍ ସ୍ୱାଗତ ସଂବର୍ଦ୍ଧନା ଦିଆଯିବା ସହିତ ଜାଥାରେ ଆସୁଥିବା ହଜାର ହଜାର ଲୋକଙ୍କ ଖାଇବା, ରହିବା ବ୍ୟବସ୍ଥା ଦାୟିତ୍ୱ ତଦାରଖ ମୋର ବାବା ନିଅନ୍ତୁ । କିନ୍ତୁ ମୋର ବାବା ତାଙ୍କ ଇନ୍‌ସ୍ୟୁରାନ୍ସ କଂପାନୀର ଗୋଟେ ଜରୁରୀକାର୍ଯ୍ୟରେ ବମ୍ବେ ଯିବାପାଇଁ ପ୍ରସ୍ତୁତ ହୋଇସାରିଥିଲେ । ତଥାପି ଗ୍ରାମବାସୀଙ୍କ ଅନୁରୋଧ ଏଡ଼ାଇ ନପାରି ସବୁ ଦାୟିତ୍ୱ କାନ୍ଧ ଉପରକୁ ନେଲେ । ମୁଁ ସେତେବେଳେ ବାବାଙ୍କ ସହିତ ଲାହୋରରେ ରହୁଥିଲି ।

ସେ ମୋତେ ଜାଥାର ସକଳକାର୍ଯ୍ୟ ବୁଝିବା, ତଦାରଖ କରିବା ଦାୟିତ୍ୱ ଦେଇ ବମ୍ବେ ଚାଲିଗଲେ । ମୁଁ କର୍ତ୍ତାର ସିଂହ ଓ ଜ୍ୱାଲାସିଂହଙ୍କ ସହିତ ଗ୍ରାମକୁ ଆସିଲି ।

ମୁଁ ଗାଆଁକୁ ଆସି ଅକାଳୀ ଜାଥାକୁ ସ୍ୱାଗତ-ସଂବର୍ଦ୍ଧନା ନିମନ୍ତେ ଆନୁସଂଗିକ ବ୍ୟବସ୍ଥାରେ ଲାଗିପଡିଥିବାବେଳେ ବିଭିନ୍ନ ଅସହଯୋଗ ଓ ବିରୋଧର ସମ୍ମୁଖୀନ ହେଲି । ଅକାଳୀଯୋଦ୍ଧାମାନଙ୍କ ସରକାରୀ ଦମନ ବିରୋଧି ଅଭିଯାନକୁ ସ୍ୱାଗତ-ସଂବର୍ଦ୍ଧନା ସହିତ ସମର୍ଥନ ଜଣାଇଲେ ଗ୍ରାମର ଯେ ନାହିଁ ନଥିବା କ୍ଷତି ଘଟିବ, ଅଯଥା ରକ୍ତପାତ ଘଟିବ ଏହି ଅପପ୍ରଚାର ଆରମ୍ଭ ହୋଇଯାଇଥିଲା । ଏହି ଜାଥା ସ୍ୱାଗତ-ସଂବର୍ଦ୍ଧନା ଉତ୍ସବକୁ ଆମର ବୃହତ ପରିବାରର କେତେକ ସଦସ୍ୟ ହିଁ ବିରୋଧ କରିବା ଆରମ୍ଭ କରିଦେଇଥିଲେ ।

ଆମ ପରିବାରର ଜଣେ ନିକଟ ସଂପର୍କୀୟ ସର୍ଦ୍ଦାର ବାହାଦୁର ଦିଲ୍‌ବାଗ୍‌ସିଂହ କିଛିଦିନ ପୂର୍ବେ ସରକାର ବାହାଦୁରଙ୍କ ଦ୍ୱାରା ସମ୍ମାନଜନକ ମାଜିଷ୍ଟ୍ରେଟ୍ ଦାୟିତ୍ୱର କ୍ଷମତା ହାସଲ କରିଥିଲେ । ସେ ଗାଆଁର କାହାରି ସହିତ କୌଣସି ଆଲୋଚନା ନକରି, ସରକାରଙ୍କୁ ସନ୍ତୁଷ୍ଟକରିବା ପାଇଁ ଘୋଷଣା କରିଦେଲେ-''ଗ୍ରାମ ଭିତରକୁ ଅକାଳୀ ଜାଥା ପ୍ରବେଶ କରିପାରିବ ନାହିଁ । ସରକାରୀ ବିରୋଧି ଏହି 'ଜାଥା' ଏକ ପ୍ରହସନ, ଏଥିରେ କୌଣସି ଲକ୍ଷ୍ୟପୂରଣ ହେବନାହିଁ । ବରଂ କ୍ଷତି ହେବ । ଏହା କେତେକ ମୁଷ୍ଟିମେୟ ବ୍ୟକ୍ତିଙ୍କ ଅର୍ଥ ଉପାର୍ଜନର ପନ୍ଥା ।''

ମୁଁ ପରିସ୍ଥିତିକୁ ଅନୁଧ୍ୟାନ କଲି । ଶେଷକୁ ଶେଷ ସିଦ୍ଧାନ୍ତରେ ପହଞ୍ଚିଲି, ନବ ନିଯୁକ୍ତ ମାଜିଷ୍ଟ୍ରେଟ ସର୍ଦ୍ଦାର ବାହାଦୁର ଦିଲ୍‌ବାଗ୍ ସିଂହଙ୍କ ଏହି 'ଫତୁଆ'ରେ ଗ୍ରାମବାସୀ ଏକ ରକମ ଆତଙ୍କିତ । ଗ୍ରାମବାସୀଙ୍କ ଆନ୍ତୁ ସହଯୋଗ ନମିଳିଲେ ସୁଦ୍ଧା 'ଅକାଳୀ ଜାଥା'କୁ ଗ୍ରାମରେ ନିଶ୍ଚିତ ଭାବେ ସ୍ୱାଗତ ସଂବର୍ଦ୍ଧନା ଦିଆଯିବ ।''

କିନ୍ତୁ କେମିତି ?

ସରକାରୀ କଳର ତୀବ୍ର ବିରୋଧ-ପ୍ରତିରୋଧସତ୍ତ୍ୱେ ଆମର ରିଭୋଲ୍ୟୁସନ୍ ପାର୍ଟି ପକ୍ଷରୁ ଅକାଳୀଜାଥାକୁ ସଂବର୍ଦ୍ଧନା ଦେବାକୁ ଆମେ କେତେଜଣ ବିପ୍ଲବୀ ସାଥୀ ଏକଜୁଟ୍ ହୋଇ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡିଲୁ ।

ସର୍ଦ୍ଦାର ବାହାଦୁର୍ ଦିଲ୍‌ବାଗ ସିଂହ ଆଉ ଏକ ଆଦେଶନାମା ଜାରିକଲେ- ଗ୍ରାମବାସୀ ହୁଅନ୍ତୁ ବା ଯେକୌଣସି ବ୍ୟକ୍ତି ବିଶେଷ କିମ୍ବା ସଂଗଠନ ଜାଥାକୁ ସ୍ୱାଗତ ଜଣାଇଲେ, ସରକାରୀ କାର୍ଯ୍ୟାନୁଷ୍ଠାନ ହେବ ।

କିନ୍ତୁ ମୁଁ ଜାଥାକୁ ବଡ଼ଧରଣର ସ୍ୱାଗତ ସଂବର୍ଦ୍ଧନା ଜଣାଇବାକୁ ଦୃଢ଼ ନିଷ୍ପତି ଯୋଜନା କରିସାରିଥିଲି । ପାଉଁଶ ତଳର ନିଆଁ ଭଳି ଗାଆଁ ଲୋକମାନେ ମୋର କାର୍ଯ୍ୟକ୍ରମକୁ ଭିତିରି ସମର୍ଥନ କରୁଥିଲେ । ମୁଁ ନିର୍ଭୀକ ଭାବରେ ଜାଥାକୁ ସ୍ୱାଗତ କରିବା ପାଇଁ ଆୟୋଜନରେ ଲାଗିପଡିଲି । ମୋ ପଛରେ ପୂରା ଗାଆଁର ସାଧାରଣ କୃଷକ-ଶ୍ରମିକ ଓ ଜନସାଧାରଣ ଠିଆହେଲେ ସୁଦ୍ଧା ଅନେକଙ୍କ ମନରେ ଆଶଙ୍କା ଥାଏ ସରକାରୀ କଳର ସମ୍ଭାବିତ ଦମନଲୀଳା ପ୍ରତି । ଜାଥା ଗ୍ରାମରେ ପ୍ରବେଶ ପୂର୍ବରୁ ବାତାବରଣ ଥାଏ ସରଗରମ, ଭୟ-ଆତଙ୍କ ଓ ନାନା କଳ୍ପନା ଜଳ୍ପନାରେ ଅଗ୍ନିଗର୍ଭା ।

ଜାଥା ଆଗମନର ସେଇ ପ୍ରତୀକ୍ଷିତ ଦିନଟି ଆସି ଉପଗତ ହେଲା । ପୂର୍ବଯୋଜନା ଅନୁସାରେ ଅକାଳୀ ଜାଥା ଗ୍ରାମରେ ଆସି ପହଞ୍ଚିଲା । ଜାଥାକୁ ଗ୍ରାମବାସୀ ବିପୁଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ସ୍ୱାଗତ ଜଣାଇଲେ । 'ଜାଥା' ର ଏଇ ଐତିହାସିକ ଶୋଭାଯାତ୍ରାକୁ ସମ୍ମାନ ଏବଂ ସମର୍ଥନ ଜଣାଇ ମୁଁ ଭାଷଣ ଦେଲି । ଜାଥାରେ ଅଂଶ ଗ୍ରହଣ କରୁଥିବା ସ୍ୱେଚ୍ଛାସେବକ ମାନଙ୍କର ଗ୍ରାମରେ ରାତ୍ରିଯାପନ ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଥିଲା । ଭୋଜିଭାତରେ ଆମର ସେଇ ଗାଆଁଟି ଉତ୍ସବମୁଖର ହୋଇପଡିଥିଲା ।

ମୋର ସେଇ ଜ୍ୱାଳାମୟୀ ଭାଷଣରେ ଗ୍ରାମବାସୀଙ୍କ ମନରେ ଜମାଟ ବାନ୍ଧିଥିବା ଭୟ ଓ ଆତଙ୍କ ମିଳେଇ ଯାଇଥିଲା ଏବଂ ସେମାନେ ଅଧିକ ଉତ୍ସାହିତ, ଭୟଶୂନ୍ୟ ହୋଇ ମୋର ନେତୃତ୍ୱକୁ ଗ୍ରହଣ କରିନେଲେ । ଅକାଳୀ ଆନ୍ଦୋଳନକୁ ସଫଳ କରିବାପାଇଁ ବାହାରିଥିବା ଜାଥାକୁ ନୈତିକ ଓ ବୈଷୟିକ ସମର୍ଥନ ଜଣାଇବା ବାହାନାରେ ଗ୍ରାମବାସୀମାନେ ଗ୍ରାମରୁ ବିଦାୟ ନେଉଥିବା ଜାଥାର ସଂଗ୍ରାମୀ ସ୍ୱେଚ୍ଛାସେବକମାନଙ୍କୁ ଖାଦ୍ୟ, ବସ୍ତ୍ର, ଫଳମୂଳ ଓ ଅର୍ଥ ନିଜ ନିଜର ସାଧ୍ୟମତେ ଉପହାର ଦେଲେ ।

ବ୍ରିଟିଶଶାସନ ବିରୋଧି ଅକାଳୀମାନଙ୍କ ଜାଥାକୁ ବାଙ୍ଗା ଗାଆଁରେ ପୂରେଇ ନଦେବାକୁ କଡ଼ା ଆଦେଶ ସତ୍ତ୍ୱେ ସେମାନଙ୍କୁ ଉଚ୍ଛ୍ୱସିତ ସଂବର୍ଦ୍ଧନା ଦିଆଯିବା ଘଟଣା ସର୍ଦ୍ଦାର ବାହାଦୁର ଦିଲ୍‌ବାଗ୍ ସିଂହଙ୍କ ପ୍ରତି ଅପମାନଜନକ ମନେ ହେଲା । ଏହି ସବୁ ନାଟକର ଯେ ମୁଁ ମୁଖ୍ୟନାୟକ, ତେଣୁ ମୋତେ ତୁରନ୍ତ ଗିରଫ କରାଯାଇ ଜେଲ୍ ହାଜତ୍‌କୁ ପଠାଇଦେବାକୁ ସେ ସରକାରଙ୍କୁ ସୁପାରିଶ୍ କଲେ । କିନ୍ତୁ ପୁଲିସ୍ ପ୍ରଶାସନ

ମୋତେ ଗିରଫ୍‌କରି ଜେଲ୍ ହାଜତକୁ ପଠାଇବାକୁ ସମର୍ଥ ନଥିଲା, କାରଣ ସେ ପର୍ଯ୍ୟନ୍ତ ମୁଁ ଥିଲି ନାବାଳକ । ତଥାପି ନବନିଯୁକ୍ତ ମାଜିଷ୍ଟ୍ରେଟ୍ ସର୍ଦ୍ଦାର ଦିଲ୍‌ବାଗଙ୍କ ଆଦେଶ କାର୍ଯ୍ୟକାରୀ ନକଲେ ନାକନିଶ ତଳେ ପଡିଯିବ, ମର୍ଯ୍ୟାଦାହାନି ଘଟିବ ସେଇ ଆଶଙ୍କାରେ ନାମକୁ ମାତ୍ର ମୋ ନାମରେ ଗୋଟେ ଗିରଫ ପରଓ୍ୱାନା ଜାରି ହେଲା ।

ଏପରି କିଛି ଗୋଟେ ପଦକ୍ଷେପ ଦିଲ୍‌ବାଗ୍ ଓ ସରକାରୀକଳପକ୍ଷରୁ ହେବ ବୋଲି ମୁଁ ଆଗରୁ ସତର୍କ ହୋଇଯାଇଥିଲି ଏବଂ ପରିସ୍ଥିତିର ମୁକାବିଲା କରିବାକୁ ପ୍ରସ୍ତୁତ ଥିଲି ।

ମୋ ଉପରେ ଗିରଫ ପରଓ୍ୱାନା ଜାରି ହେଲାକ୍ଷଣି ମୁଁ ଗାଆଁରୁ ଉଭାନ୍ ହୋଇଗଲି ଏବଂ ଦିଲ୍ଲୀରେ ଯାଇ ପହଞ୍ଚିଲି । ମୋର ଏହି ସ୍ୱଳ୍ପକାଳ ଦିଲ୍ଲୀ ରହଣି ମଧ୍ୟରେ 'ବୀର ଅର୍ଜୁନ' ଦୈନିକ ଖବର କାଗଜରେ ସ୍ୱଳ୍ପମାତ୍ର ମାସିକ ବେତନରେ ସଂପାଦନାମଣ୍ଡଳୀରେ କାର୍ଯ୍ୟ କଲି । ଏହି ଦୈନିକୀରେ ମୁଁ ପୁଣି 'ବଲ୍ଲବନ୍ତ ସିଂ' ଛଦ୍ମନାମରେ ଲେଖାଲେଖି କଲି । ମୋର, କଠିନ ପରିଶ୍ରମ ସହିତ ଉପସ୍ଥିତ ବୁଦ୍ଧି ଯୋଗୁଁ ଅଳ୍ପ କେତୋଟି ଦିନ ମଧ୍ୟରେ 'ବୀର ଅର୍ଜୁନ'ର ପ୍ରତିଷ୍ଠାତା ପଣ୍ଡିତ ଇନ୍ଦ୍ର ବିଦ୍ୟାବାଚସ୍ପତିଙ୍କ ଶ୍ରଦ୍ଧା ଓ ଆସ୍ଥା ଭାଜନ ହୋଇପାରିଥିଲି ।

ଦିଲ୍ଲୀରେ 'ବୀର ଅର୍ଜୁନ' ଦୈନିକ ସଂବାଦପତ୍ରରେ କିଛିଦିନ କାର୍ଯ୍ୟ କଲାପରେ ମୁଁ କାନ୍‌ପୁର ଚାଲିଗଲି ।

ସେତେବେଳେ ଗଙ୍ଗାନଦୀରେ ପ୍ରଳୟଙ୍କରୀ ବନ୍ୟା । ମୁଁ ତ ଜନ୍ମରୁ ଗୋଟେ ସ୍ୱେଚ୍ଛାସେବକ ଥିଲି । ବନ୍ୟାପ୍ରପୀଡିତ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ଆମର ରିଭୋଲ୍ୟୁସନ ପାର୍ଟି ପକ୍ଷରୁ ଗୋଟେ ସ୍ୱେଚ୍ଛାସେବୀ ବାହିନୀ ଗଠନ କଲି । ଆମର ଏହି ବାହିନୀ ରିଲିଫ୍ ସାମଗ୍ରୀ ସଂଗ୍ରହକରି ବନ୍ୟାପ୍ଲାବିତ ଅଞ୍ଚଳମାନଙ୍କରେ ବୁଲିଲା, ଲୋକଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରିବା ସହିତ ସେମାନଙ୍କ ଥଇଥାନ ବ୍ୟବସ୍ଥା କଲା ।

ମୋର ଏହି କାନପୁର ରହଣୀକାଳ ମଧ୍ୟରେ ହିଁ ଭେଟ ହୋଇଥିଲା ଚନ୍ଦ୍ରଶେଖର ଆଜାଦ୍‌ଙ୍କ ସହିତ । ସେତେବେଳେ ଆଜାଦ୍‌ଜୀ ଗଣେଶ୍ୱର ବିଦ୍ୟାର୍ଥୀଙ୍କ ବାସଭବନରେ ଅବସ୍ଥାନ କରୁଥିଲେ ।

ମୁଁ ବନ୍ୟାପ୍ଲାବିତ ଅଞ୍ଚଳରେ ସପ୍ତାହବ୍ୟାପୀ ରିଲିଫ୍ ବଣ୍ଟନ ଓ ଥଇଥାନ କାର୍ଯ୍ୟରେ ମାତି କ୍ଲାନ୍ତ ହୋଇ ବିଦ୍ୟାର୍ଥୀଜୀଙ୍କ କାନ୍‌ପୁର ବାସଭବନରେ ବିଶ୍ରାମ ନେଉଥାଏ । ମୁଁ ପ୍ରାୟ ଏକରକମ ଅସୁସ୍ଥ ହୋଇପଡ଼ି ବିଦ୍ୟାର୍ଥୀଙ୍କ ବାସଭବନର ବାହାର ବାରଣ୍ଡାକୁ ଲାଗିଥିବା ବୈଠକୀ କୋଠରୀରେ ବସିଥାଏ । ବିଦ୍ୟାର୍ଥୀଜୀ ମୋର ସ୍ୱାସ୍ଥ୍ୟର କୁଶଳ ଜିଜ୍ଞାସା କରିବା ସହିତ ବନ୍ୟାପ୍ରପୀଡ଼ିତ ଅଞ୍ଚଳ ଲୋକଙ୍କ ଦୁର୍ଦ୍ଦଶା ଏବଂ ମୋର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରୁଥାନ୍ତି ।

ଏତିକିବେଳେ ଆମ କୋଠରୀ ଭିତରେ ପ୍ରବେଶ କଲେ ମୋର ସମାସ୍କନ୍ଧ ଜଣେ ଯୁବକ ।

ଯୁବକ ଜଣକ ମୋତେ ଦେଖିଲା କ୍ଷଣି ବିସ୍ମୟ ବିସ୍ଫାରିତ ଅପଲକନେତ୍ରରେ ଚାହିଁ ଠିଆ ହୋଇରହିଲେ । ସେ ମୋତେ ଦେଖି ହୁଏତ ଭାବୁଥିଲେ- କିଏ ଏହି ଯୁବକ ଆଗନ୍ତୁକ ? ମୋର ମଧ୍ୟମ ସ୍ୱାସ୍ଥ୍ୟ ଅନୁସାରେ ଉଚ୍ଚତା, ଛୋଟଛୋଟ ଅଥଚ ପ୍ରଜ୍ଞାଦୀପ୍ତ ଉଜ୍ଜ୍ୱଳ ଚକ୍ଷୁଯୁଗଳ, ମୁଣ୍ଡର ଖୋଲା ବାଳରେ ପଗଡ଼ି । ଦେହରେ କୋଟ ଓ ପରିଧାନରେ ଲୁଙ୍ଗି ଦେଖି ମୁଁ କିଏ ବୋଧହୁଏ ସେ ଚିନ୍ତା କରୁଥିଲେ ।

-''ଆସ, ଆସ ପଣ୍ଡିତଜୀ ... ବିଦ୍ୟାର୍ଥୀଜୀ ଆଜାଦ୍‌ଙ୍କୁ ଆମନ୍ତ୍ରଣ କଲେ । କିନ୍ତୁ ଆମ ଦୁହିଁଙ୍କ ମଧ୍ୟରେ କୌଣସି ଗୋପନ ମନ୍ତ୍ରଣା ଚାଲିଥିଲା ଓ ତାଙ୍କର ଏପରି ଆଗମନ ପାଇଁ ଆଜାଦ୍‌ଜୀ ବୋଧହୁଏ କୋଠରୀରେ ପ୍ରବେଶ କରିବାକୁ ସଂକୋଚ ମଣୁଥିଲେ ।

ବିଦ୍ୟାର୍ଥୀଜୀ କହିଲେ- ''ଏହାକୁ ସଂଯୋଗ ବୋଲି କୁହାଯାଇପାରେ । ତୁମେ ଦୁହେଁ ପରସ୍ପରକୁ ଖୁବ୍ ଜାଣ, କିନ୍ତୁ ବୋଧହୁଏ କେବେ ଭେଟ ହୋଇନଥିଲା । ଆଜାଦ୍‌ଜୀ, ଏବେ ତୁମ ପାଖରେ ବଳବନ୍ତ ସିଂ । ମୋ ସମ୍ମୁଖରେ ଦୁଇଟି ଦୁର୍ବାର ଯୁବକ ! ନା'ଜଣ ଆଜାଦ୍ ?''

-''ଓଃ ! ପଣ୍ଡିତ ଚନ୍ଦ୍ରଶେଖର ଆଜାଦ୍ ?'' ମୁଁ ପ୍ରବଳ ଉତ୍ସାହ ଓ ଆନନ୍ଦରେ ଚଟାଣ ଉପରୁ ଉଠି ତାଙ୍କୁ କୋଳାଗ୍ରତ କଲି । ଆଜାଦ୍ ମଧ୍ୟ ଅନୁରୂପ ଉଲ୍ଲାସରେ ମୋତେ କୋଳାଗ୍ରତ କରି କହିଲେ- ''ଆଜି ସତରେ କେଡ଼େ ସୌଭାଗ୍ୟର ଦିନ ।''

ବହୁ ସମୟଯାଏ ଆମେ ଦୁହେଁ ବିଭିନ୍ନ ପ୍ରସଙ୍ଗ ଉପରେ ଆଳାପ ଆଲୋଚନା କଲୁ । ଆଜାଦଜୀଙ୍କ ସହିତ ମୋର ଭେଟ ପରିଚୟ ହେଲାପରେ ମୋର ଶରୀରରେ ଥିବା ଯାବତୀୟ ଶାରୀରିକ କ୍ଳାନ୍ତି ଓ କ୍ଳେଶ ଯେମିତି ଉଭାନ୍ ହୋଇଯାଇଥିଲା ।

ମୁଁ ପୁଣି ଲାହୋର୍ ଫେରିଆସିଲି ।

ଲାହୋର ପ୍ରତ୍ୟାବର୍ତ୍ତନ ପରେ, ପୂର୍ବପରିକଳ୍ପିତ ଏକ ନୂତନ ସଂଗଠନ ଜନ୍ମ ନେଲା 'ନବଜବାନ୍ ଭାରତସଭା ।'

ଭାରତର ମୁକ୍ତି ସଂଗ୍ରାମରେ ଏପରି ଅନେକ ଦୃଷ୍ଟାନ୍ତ ରହିଛି, ବହୁ ମୁକ୍ତିଯୋଦ୍ଧା ନିଜ ମାତୃଭୂମିକୁ ବିଦେଶୀ ଶାସକ ଓ ସ୍ଥାନୀୟ ଶୋଷକମାନଙ୍କ କବଳରୁ ମୁକ୍ତିଦେଇ ଏକ ସ୍ୱାଧୀନ ସାର୍ବଭୌମ-ଶୋଷଣ ମୁକ୍ତ ସମାଜ ଗଠନ ପାଇଁ ପ୍ରାଣବଳି ଦେଇଛନ୍ତି, ସେମାନଙ୍କର ନାମ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇପାରିନାହିଁ । ଇତିହାସରେ ନିଜ ନାମ ସ୍ଥାନିତ କରିବାପାଇଁ ସେମାନେ କେବେହେଲେ ସାମାନ୍ୟତମ ଚେଷ୍ଟା ସୁଦ୍ଧା କରିନାହାନ୍ତି ।

ଏପରି ଜଣେ ମୋର ସତୀର୍ଥ ଥିଲେ ଭଗବତୀ ଚରଣ । ସେ ଥିଲେ ମୋର ଅତି ଅନ୍ତରଙ୍ଗ । ସେ ମଧ୍ୟ ମୋ ପରି ନ୍ୟାସ୍‌ନାଲ୍ କଲେଜର ଛାତ୍ରଥିଲେ । ଅବଶ୍ୟ ସେ ମୋଠାରୁ ଦୁଇବର୍ଷ ସିନିୟର ଥିଲେ । ଆମେ ଦୁହେଁ ଏକା କଲେଜର ଛାତ୍ର ଥିବା ସତ୍ତ୍ୱେ କଲେଜ ଜୀବନରେ ଆମର ସେପରି ଘନିଷ୍ଠ ପରିଚୟ ହୋଇପାରିନଥିଲା । ଭଗବତୀ ଚରଣ ଲାହୋର ସହରର ସ୍ଥାୟୀ ବାସିନ୍ଦା । ସେ ଥିଲେ ବିଜ୍ଞାନର ଛାତ୍ର । ଇଣ୍ଟରମିଡ଼ିଏଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ସେ ଅସହଯୋଗ ଆନ୍ଦୋଳନରେ ଯୋଗଦେଇଥିଲେ ।

ଭଗବତୀଚରଣ ଥିଲେ ଗୁଜରାଟି ବ୍ରାହ୍ମଣ । ଲାହୋରରେ ଜନ୍ମ ହୋଇଥିଲେ । ଗହମ ରଙ୍ଗର ଗୋରାତକ ତକ ଚେହେରା । ଗୋଲମୁହଁ । ଉଚ୍ଚତା ଛଅଫୁଟ । ସୁଦର୍ଶନ ଯୁବକ ।

'ନବଜବାନ ଭାରତସଭା' ଗଠନ ପଛରେ ଭଗବତୀଚରଣଙ୍କ ସକ୍ରିୟ ଭୂମିକା ଥିଲା । ଏହା ଥିଲା ଆମର ଏକ ଭୂମିଗତ ଗୋପନ ସଂଗଠନ । ଆମର ଯେତେସବୁ ଗୋପନ ଆଲୋଚନା ଓ ନିଷ୍ପତ୍ତିର ଡକୁମେଣ୍ଟ ଭଗବତୀ ଚରଣଙ୍କ ଲାହୋର ଘରେ ରଖାଯାଉଥିଲା । ଏହି ସବୁ ଡକୁମେଣ୍ଟର ରକ୍ଷଣାବେକ୍ଷଣ ଓ ସାଂଗଠନିକ ପ୍ରଚାରପତ୍ର ଗୁଡ଼ିକର ବଣ୍ଟନ କ୍ଷେତ୍ରରେ ସେ ନିଷ୍ଠାର ସହିତ ସହଯୋଗ କରୁଥିଲେ । 'ନବଜବାନ ଭାରତ ସଭା' ଗଠନ ହେଲାପରେ ଆମର ପ୍ରଥମ କାର୍ଯ୍ୟକ୍ରମ ଥିଲା ସ୍ୱାଧୀନତା

ଆନ୍ଦୋଳନକୁ ଜୋରଦାର କରିବାପାଇଁ ଗୋପନ ସଂଗଠନ ଗଠନ, ଦ୍ୱିତୀୟତଃ ଜନଗଣଙ୍କ ମନରେ ଉଗ୍ର ଜାତୀୟଚେତନା ଜାଗ୍ରତ କରିବା ।

ମୁଁ ଓ ଭଗବତୀ ଚରଣ ଥିଲୁ 'ଭାରତସଭା'ର ଦୁଇ ମୁଖ୍ୟ ନେପଥ୍ୟ ମଣ୍ଟୁଆଳ । ସଭାର ଗଠନ ଓ କାର୍ଯ୍ୟକ୍ରମ ସର୍ବଜନ ବିଦିତ ଥିଲା । ତେଣୁ ସଭାର କାର୍ଯ୍ୟକ୍ରମ ପରିଚାଳନା ଓ ସଂପ୍ରସାରଣ ପାଇଁ ନିର୍ଭରଶୀଳ ସ୍ୱେଚ୍ଛାସେବକ ସଂଗ୍ରହ କରିବା ସହଜ ହେଉଥିଲା । ଗୋପନ ସାଂଗଠନିକ କାର୍ଯ୍ୟଗୁଡ଼ିକୁ ଚାଲୁ ରଖିବାପାଇଁ 'ନବଜବାନ ସଭା' ସର୍ବସାଧାରଣଙ୍କ ପାଖରେ ଗୋଟେ 'ମଞ୍ଚ'ରେ ପରିଚିତ ହୋଇଥିଲା ।

ଏହି 'ନବଜବାନ ସଭା'ର ମୁଁ ଥିଲି ସଂପାଦକ ଆଉ ଭଗବତୀ ଚରଣ ଥିଲେ ପ୍ରଚାର ସଂପାଦକ । ଆମ ସହିତ ଆହୁରି ଅନେକ ସକ୍ରିୟ ସହଯୋଗୀ ଥିଲେ । ଧନବନ୍ତୀ ଓ ଏହସାନ୍ ଇଲାହୀ ଥିଲେ ଅଧିକ ସକ୍ରିୟ ସହଯୋଗୀ । ପରେ ପରେ କଂଗ୍ରେସଦଳରେ ଥାଇ ସାମାଜିକ ସଂସ୍କାର ପାଇଁ ଆଗ୍ରହୀ ବହୁ ଯୁବକ ଭାରତସଭାରେ ଆସି ଯୋଗଦେଲେ । କ୍ରମଶଃ ଭାରତସଭାର ସଂଗଠନ ଦେଶର ଅନ୍ୟ ପ୍ରଦେଶଗୁଡ଼ିକୁ ମଧ୍ୟ ସଂପ୍ରସାରିତ ହେଲା ।

'ଗଦର ପାର୍ଟି' ନେତା ଶିରୋମଣି କର୍ତ୍ତାର ସିଂହଙ୍କ ବିୟୋଗ ଘଟିଲା । ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇବାପାଇଁ 'ନବଜବାନ୍ ସଭା' ଏକ ଶୋକସଭା ଆୟୋଜନ କଲା । ଏହି ଶୋକସଭା ସମଗ୍ର ସହରରେ ଚାଂଚଲ୍ୟ ସୃଷ୍ଟିକଲା । ଶୋକସଭାର ମଞ୍ଚ ଉପରେ କର୍ତ୍ତାର ସିଂହଙ୍କ ଏକ ବିଶାଳ ତୈଳଚିତ୍ର ଉପରେ ଗୋଟିଏ ଖଦି କପଡ଼ା ଘୋଡ଼ାଇ ରଖାଯାଇଥିଲା । ସଭା ଆରମ୍ଭ ହେବାବେଳେ କର୍ତ୍ତାର ସିଂହଙ୍କ ତୈଳଚିତ୍ର ଅନାବରଣ କରାଗଲା । ଠିକ୍ ଏତିକିବେଳେ ଗୋଟେ ଆଚମ୍ବିତ ଘଟଣା ଘଟିଗଲା । ଶ୍ରୋତା ଦର୍ଶକ ମଣ୍ଡଳୀରୁ ଦୁଇଜଣ ନାରୀ ମଞ୍ଚ ଉପରକୁ ଚଢ଼ି ଆସିଲେ । ଦୁହେଁ ନିଜ ଅଣ୍ଟାରେ ଲୁଚାଇ ରଖିଥିବା ତୀକ୍ଷଣ ଛୁରିକା ବାହାର କରି ନିଜ ଆଙ୍ଗୁଠି କାଟିଲେ । ଆଙ୍ଗୁଠିରୁ ରକ୍ତ ଝରି ଆସିଲା । ସେଇ ରକ୍ତରେ ଦୁହେଁ କର୍ତ୍ତାର ସିଂହଙ୍କ କପାଳରେ ଆଙ୍କିଲେ ରକ୍ତଟୀକା ।

ଏହି ଘଟଣା ସଭାସ୍ଥଳକୁ କେବଳ ରୋମାଞ୍ଚିତ କରିଥିଲା, ସେତିକି ନୁହେଁ, ଏହି ଦୁଇ ମହାନ୍ ବିପ୍ଳବିଣୀ ନାରୀ ଅନେକ ଦିନ ଯାଏ ଲାହୋର ସହରରେ ଚର୍ଚ୍ଚିତ ବ୍ୟକ୍ତିତ୍ୱ ପାଲଟି ଯାଇଥିଲେ ।

ସେହି ଦୁଇନାରୀ ହେଉଛନ୍ତି ଦୁର୍ଗା ଓ ଅନ୍ୟଜଣେ ସୁଶୀଳା ।

ଦୁର୍ଗାଦେବୀ ଥିଲେ ସାଥୀ ଭଗବତୀଚରଣଙ୍କ ପତ୍ନୀ ।

ଏହି ଦୁଇ ମହିୟସୀ ନାରୀ ପ୍ରତିଭାଙ୍କ ଏପରି ଜଣେ ଦେଶପ୍ରେମୀ ସ୍ୱର୍ଗତ ନେତାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନର କାହାଣୀ ଖବରକାଗଜ ଗୁଡ଼ିକର ପୃଷ୍ଠାମଣ୍ଡନ କରିବା ଦ୍ୱାରା କଂଗ୍ରେସଦଳରେ ଥିବା ଉଗ୍ରଦେଶପ୍ରେମୀ ଯୁବକ-ଯୁବତୀମାନେ 'ନବଜବାନ ଭାରତ ସଭା' ଆଡ଼କୁ ଆକର୍ଷିତ ହେଲେ । କିନ୍ତୁ ସଭାରେ ଯୋଗ ଦେବାକୁ ଆସୁଥିବା ଯୁବକମାନଙ୍କ ପ୍ରତି କେତୋଟି ଆଚରଣବିଧି ପାଳନର ସର୍ତ୍ତ ଥିଲା । ସେହି ସର୍ତ୍ତ ମଧ୍ୟରେ ଦେଶପାଇଁ ଆବଶ୍ୟକ ପଡ଼ିଲେ ପ୍ରାଣବଳି ଦେବା ନିମନ୍ତେ ସଦାଜାଗ୍ରତ ରହିବାକୁ ପଡ଼ିବ । ଭାରତକୁ ବ୍ରିଟିଶଶାସନ କବଳରୁ ମୁକ୍ତକରି ଏକ ସ୍ୱାଧୀନ ସାର୍ବଭୌମ ରାଷ୍ଟ୍ର ଗଠନ ଦୃଷ୍ଟିରୁ ଆର୍ଥିକ, ସାମାଜିକ ଓ ଶିଳ୍ପବିପ୍ଳବ ଦେଶବ୍ୟାପି ଚଳାଇବାକୁ ପଡ଼ିବ । ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଦେଶର ଦଳିତ-ପତିତ, ଶିଳ୍ପ ଶ୍ରମିକ ଓ ସାଧାରଣ ଚାଷୀ ମୂଲିଆମାନଙ୍କୁ ସଂଗଠିତ କରିବାକୁ ପଡ଼ିବ ।

ପୂର୍ଣ୍ଣ ସ୍ୱରାଜ ପାଇଁ କଂଗ୍ରେସଦଳର ଦାବୀର ବହୁ ପୂର୍ବରୁ 'ନବଜବାନ ଭାରତ ସଭା' ତାର ସମ୍ବିଧାନରେ 'ଭାରତର ସଂପୂର୍ଣ୍ଣ ସ୍ୱାଧୀନତା' ପାଇଁ 'କର ବା ମର'ର କାର୍ଯ୍ୟକ୍ରମ ଖସଡ଼ା ପ୍ରସ୍ତୁତ କରିସାରିଥିଲା ।

୧୯୨୭ ଜୁଲାଇ ୨୭ ତାରିଖ ।

ମୁଁ ଟ୍ରେନ୍‌ଯୋଗେ ଯାତ୍ରାକରି ଅମୃତସର ରେଳଷ୍ଟେସନରେ ପହଞ୍ଚିଲି । ମୁଁ ସତର୍କତାର ସହିତ ଟ୍ରେନ୍‌ର ବଗିରୁ ଓହ୍ଲାଇ ପ୍ଲାଟଫର୍ମରେ କିଛିକ୍ଷଣ ଠିଆ ହେଲି । ପ୍ଲାଟଫର୍ମର ଚାରିଆଡ଼େ ମୁଁ ସତର୍କଦୃଷ୍ଟି ଖେଳାଇ, ପ୍ଲାଟଫର୍ମରୁ ବାହାରକୁ ଆସିଲି । ଷ୍ଟେସନର ସମ୍ମୁଖ ରାସ୍ତା ଉପରେ ଚାଲିଲାବେଳେ ଲକ୍ଷ୍ୟକଲି ଗୋଟେ ପୁଲିସ୍ ମୋ ଆଡ଼କୁ ଅଗ୍ରସର ହୋଇଆସୁଚି । ମୁଁ ବିପରୀତ ଦିଗରେ ଦ୍ରୁତ ଗତିରେ ଚାଲିବା ଆରମ୍ଭ କଲି । ସେତେବେଳେ ମୋ ପ୍ୟାଣ୍ଟ୍ ପକେଟରେ ଥାଏ ଗୋଟେ ଗୁଳିଭର୍ତ୍ତି ରିଭଲଭର୍ । ମୁଁ ଚାହିଁଥିଲେ, ମୋତେ ଅନୁଧାବନ କରୁଥିବା ପୁଲିସ୍ କର୍ମୀଟିକୁ ନିକାଞ୍ଚନ ସ୍ଥାନରେ ଗୁଳିକରି ହତ୍ୟାକରି ପାରିଥାନ୍ତି, କିନ୍ତୁ ତାହା ନକରି ଦ୍ରୁତ ଗତିରେ ଚାଲିଲି ।

ମୁଁ ଚାଲିଥାଏ ଷ୍ଟେସନ ମୁଖ୍ୟରାସ୍ତାରୁ ଗଳି ପରେ ଗଳି ଅତିକ୍ରମ କରି । ମୋତେ ପୁଲିସ୍‌ଟି ଗୋଡ଼ାଉଥାଏ । ଆମ ଦୁହିଁଙ୍କ ଭିତରେ ଆରମ୍ଭ ହୋଇଗଲା ମୂଷା-

ବିଲେଇ ଖେଳ । ମୁଁ ଗୋଟିଏ ଗଳିରେ ପଶି ଆଉ ଗୋଟେ ଗଳିଦେଇ ବାହାରୁଥାଏ । ଅନ୍ତଲା ପେଟୁଆ ପୁଲିସ୍‌କର୍ମୀଟି ଅଣନିଃଶ୍ୱାସୀହୋଇ ମୋତେ ଧରିବାପାଇଁ ଗୋଡ଼ାଉଥାଏ । ମୁଁ ମଧ୍ୟ ଦୌଡ଼ୁଥାଏ । ଏହି ଦୌଡ଼ମଧ୍ୟରେ ଗୋଟେ ଘରକୁ ଅତିକ୍ରମ କଲାବେଳେ ଦେଖିଲି ଗୋଟେ ସାଇନ୍‌ବୋର୍ଡ ଝୁଲୁଚି 'ସର୍ଦ୍ଦାର ଶାର୍ଦ୍ଦୁଳ ସିଂହ, ଆଡ଼ଭୋକେଟ୍ ...''

ମୁଁ ଆଉ ଆଗକୁ ଅଗ୍ରସର ନହୋଇ ସର୍ଦ୍ଦାରଜୀଙ୍କ ଘର ଭିତରେ ପଶିଗଲି । ସର୍ଦ୍ଦାରଜୀ ସେତେବେଳେ ତାଙ୍କ ଚାମ୍ବରରେ ବସି ମକଦ୍ଦମା ଫାଇଲ୍ ଓଲଟପାଲଟ କରୁଥାନ୍ତି । ମୁଁ ତାଙ୍କୁ ମୋର ପରିଚୟ ଦେଲି, ସବୁକଥା ବିଶ୍ୱାସନୀୟତାର ସହିତ ବର୍ଣ୍ଣନା କଲି ଏବଂ ଶେଷରେ ମୋ ପକେଟ୍‌ରେ ଥିବା ରିଭଲଭର୍‌ଟି କାଢ଼ି ତାଙ୍କ ଟେବୁଲ ଉପରେ ଥୋଇଦେଲି ।

ଓକିଲ ସର୍ଦ୍ଦାରଜୀ ସଙ୍ଗେ ସଙ୍ଗେ ରିଭଲଭର୍‌ଟି ତାଙ୍କ ବିଶାଳ ଟେବୁଲ୍‌ର ଡ୍ରଏର୍ ଭିତରେ ରଖିଦେଲେ ଏବଂ ତାଙ୍କ ଚାକରକୁ ଡାକି କହିଲେ- ଏଇ ବାବୁ ହେଉଛନ୍ତି ମୋର ଜଣେ ଘନିଷ୍ଠ ବନ୍ଧୁଙ୍କ ପୁଅ । ନିକଟ ଆତ୍ମୀୟ । ଆମର ଆଜିର ଅତିଥି । ତାଙ୍କୁ ଛାତ ଉପର ଗେଷ୍ଟରୁମ୍‌କୁ ନେଇଯା । ତାଙ୍କ ରହିବା-ଖାଇବା ବ୍ୟବସ୍ଥା କର ।''

ଓକିଲ୍ ସାହେବଙ୍କ କୋଠାର ଉପର ମହଲାକୁ ମୁଁ ଚାଲିଗଲାପରେ ମତେ ଅନୁଧାବନ କରୁଥିବା ପୁଲିସ୍‌କର୍ମୀଟି ଘର ସମ୍ମୁଖରେ ଆସି ଠିଆହେଲା ଓ ଗଳିର ଆଗପଛ ଚାରିଆଡ଼େ ଆଡ଼େ ଦୃଷ୍ଟି ପହଁରାଇଲା । ତାପରେ ଓକିଲ ଶାର୍ଦ୍ଦୁଳସିଂହଙ୍କ ଚାମ୍ବରରେ ପଶି କହିଲା- ''ଓକିଲ ସାହେବ, ଏହି ଗଳିର ରାସ୍ତାରେ ଏଇ କିଛି ସମୟପୂର୍ବେ ଜଣେ ଶିଖଯୁବକ ଦୌଡ଼ି ଯାଉଥିବା ଆପଣ ଦେଖିଛନ୍ତି କି ?'' ଆଡ଼ଭୋକେଟ୍ ସିଂହ କହିଲେ- ହଁ, ତ । ସେଇ ଶିଖଯୁବକଟି କୋଟ୍ ଓ ପାଇଜାମା ପିନ୍ଧିଛିତ ?''

ଆଶ୍ୱାସନା ପାଇଲା ପରି ପୁଲିସଟି କହିଲା-''ହଁ, ସାର ଆପଣ ଠିକ୍ କହିଛନ୍ତି, କିନ୍ତୁ ସେ ଗଲା କୁଆଡ଼େ ?''

ଶାର୍ଦ୍ଦୁଳସିଂହ ତାଙ୍କ ବାସଭବନ ସମ୍ମୁଖ ଏକ କୋଠା ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ-''ଯୁବକଟି ଏହି ଘରେ ବୋଧହୁଏ ପ୍ରବେଶ କରିଛି ।''

ପୁଲିସ୍‌କର୍ମୀଟି ଦେଖିଲା ଯେଉଁ କୋଠାଟିକୁ ଓକିଲ ସାହେବ ଅଙ୍ଗୁଳି ନିର୍ଦ୍ଦେଶ

କରି ଦେଖାଇଲେ, ତାହା ମାସିକ ପଞ୍ଜାବୀ ପତ୍ରିକା 'କୀର୍ତ୍ତି'ର ପ୍ରେସ ଓ କାର୍ଯ୍ୟାଳୟ ।

ପୁଲିସ୍‌ଟି 'କୀର୍ତ୍ତି' କାର୍ଯ୍ୟାଳୟ ଭିତରେ ପ୍ରବେଶ କଲାପରେ ଓକିଲ ସାହେବ ବି ତାଙ୍କ କୋଠାର ଉପର ମହଲାକୁ ଆସିଲେ । ମୁଁ ସେତେବେଳେ ବ୍ରେକ୍‌ଫାଷ୍ଟ ଟେବୁଲ ପାଖରେ ବସିଥିଲି । ପୁଲିସବାହିନୀ ତତ୍‌କ୍ଷଣାତ୍ ଆସି 'କୀର୍ତ୍ତି' କାର୍ଯ୍ୟାଳୟ ଓ ପ୍ରେସ ଚାରିପଟେ ଘେରାବନ୍ଦୀ ଆରମ୍ଭ କରିଦେଇଥିଲା । ମୁଁ ଉପର ମହଲାରେ ଥାଇ ଝର୍କା ବାଟେ ପୁଲିସ୍ ପଇଁତରାକୁ ଲକ୍ଷ୍ୟ କରୁଥିଲି ।

ମୁଁ ଦୁଇଦିନକାଳ ଓକିଲ ସାହେବଙ୍କ ଘରେ ଆତ୍ମଗୋପନ କରି ରହିଲି । ମୋତେ ଘରୁ ବାହାରକୁ ଗଲିନାହିଁ । 'କୀର୍ତ୍ତି' କାର୍ଯ୍ୟାଳୟ ଭିତରେ ପୁଲିସ୍ ପଶି ପାରୁନଥାଏ । ଶେଷରେ ପୁଲିସ୍ ମୋତେ ନପାଇ ନିରାଶ ହୋଇ ଫେରିଗଲା ।

ଦୁଇଦିନପରେ, ସଂଧ୍ୟାରେ ମୁଁ ଘରୁ ବାହାରିଲି । ଚାରିଆଡ଼େ ଘନଘୋର ଅନ୍ଧକାର । ଅମୃତସରରେ ରହିବା ଆଉ ମୋପକ୍ଷରେ ସମ୍ଭବ ନଥିଲା । ପୁଣି ଲାହୋର ଫେରିଯିବା ପାଇଁ ଅମୃତସର ରେଳଷ୍ଟେସନକୁ ଯିବା ଅପେକ୍ଷା ଚହରତା ଷ୍ଟେସନରୁ ଟ୍ରେନରେ ଚଢ଼ିବାପାଇଁ ଅଗ୍ରସର ହେଲି । ମୁଁ ଆଉ ନିଜ ପାଖରେ ରିଭଲଭର ନ ରଖି ଓକିଲଙ୍କ ଜିମାରେ ତାହା ଛାଡ଼ି ଆସିଲି । ମୋ ପଛରେ ପୁଲିସ । ପାଖରେ କୌଣସି ମାରଣାସ୍ତ୍ର ରଖିବା ନିରାପଦ ନୁହେଁ । ଏଥର ମୁଁ ସାଧାରଣ ଯାତ୍ରୀଟିଏ ଭଳି ନିଶ୍ଚିନ୍ତରେ ଲାହୋର ଅଭିମୁଖୀ ଟ୍ରେନରେ ଚଢ଼ିଲି ।

ମୁଁ ଲାହୋରରେ ଆସି ପହଞ୍ଚିଲି । ଟ୍ରେନ୍‌ର ବଗିରୁ ଓହ୍ଲାଇ ପ୍ଲାଟଫର୍ମ ଉପରେ ଠିଆହୋଇ ଅନିଷା କଲି, ମତେ ପୁଲିସ୍ ଏଠି ଖୋଜୁନାହିଁ ତ ? ନା, ସେମିତି କୌଣସି ପୁଲିସ୍ କିମ୍ବା କେହି ସନ୍ଦେହ ଦୃଷ୍ଟିରେ ଚାହିଁଲାଭଳି କୌଣସି ବ୍ୟକ୍ତି ପ୍ଲାଟଫର୍ମରେ ନଥିଲେ ।

ମୁଁ ପ୍ଲାଟଫର୍ମ ବାହାରକୁ ଆସିଲି । ଗୋଟେ ଘୋଡ଼ାଗାଡ଼ି ଟାଙ୍ଗା ରିଜର୍ଭ କରି ବସା ଆଡ଼କୁ ଅଗ୍ରସର ହେଲି । କିନ୍ତୁ ଟାଙ୍ଗାରେ କିଛି ବାଟ ଯାଇଚି, ହଠାତ୍ ଚାରିପାଞ୍ଚଜଣିଆ ପୁଲିସଦଳ ପଙ୍ଗପାଳପରି କୁଆଡ଼େ ଥିଲେ ଦୌଡ଼ିଆସି ମୋତେ ଚାରିପଟୁ ଘେରିଗଲେ ଓ ମୋର ହାତରେ ହାତକଡ଼ି ପିନ୍ଧାଇ ଦେଲେ ।

ଲାହୋର ସହରର ବିଭିନ୍ନ ଗଳିକନ୍ଦିରେ ଲୋକେ ମୋତେ ଉଣାଅଧିକେ ଚିହ୍ନନ୍ତି । ମୋତେ ପୁଲିସ୍ ଗିରଫକରି ଥାନାକୁ ନେଇଚି, ଏହି କଥା କେହି ଜଣେ ମୋ ବାବାଙ୍କୁ ଖବର ଦେଇଥିଲା ।

ମୋତେ ଯେଉଁ କାରଣ ନେଇ ଗିରଫ କରାଗଲା, ସେହି କାର୍ଯ୍ୟର ଅପରାଧରେ ମୁଁ ମୋଟେ ସଂପୃକ୍ତ ନଥିଲି । ପୁଲିସର ଅଭିଯୋଗ ଥିଲା- ମୁଁ ଜନଗହଳିପୂର୍ଣ୍ଣ ସ୍ଥାନରେ ବୋମା ବିସ୍ଫୋରଣ ଘଟାଇ ଶାସନ ଓ ଜନଗଣଙ୍କ ମନରେ ଆତଙ୍କ ସୃଷ୍ଟି କରିଛି । କିନ୍ତୁ ତାହାର ସତ୍ୟାସତ୍ୟ ବା ପ୍ରମାଣ ନଥିଲା ।

କଥାଟି ହେଉଚି- ଲାହୋର୍‌ରେ ଖୁବ୍ ଧୁମଧାମ୍‌ରେ ଦଶହରା ଉତ୍ସବ ପାଳନ ହୁଏ । ସପ୍ତାହବ୍ୟାପୀ ସହର ଜନସମାଗମରେ ଉଚ୍ଛୁଳି ଉଠେ । ଏହି ସମୟରେ ଜନଗହଳିପୂର୍ଣ୍ଣ ଏକ ସ୍ଥାନରେ ବୋମା ବିସ୍ଫୋରଣ ଘଟିଲା । ଏହି ବିସ୍ଫୋରଣରେ ବାରଜଣ ନିରୀହଲୋକ ପ୍ରାଣ ହରାଇଲେ ଓ ପଚାଶରୁ ଉର୍ଦ୍ଧ୍ୱ ଛୋଟ ପିଲା ଓ ମହିଳା ଗୁରୁତର ଭାବେ ଆହତ ହେଲେ । ଏହି ଘଟଣା ବହୁବର୍ଷଯାଏ 'ଲାହୋର ଦଶହରା ବୋମା ବିସ୍ଫୋରଣ'ର ଅପଖ୍ୟାତି ଅର୍ଜନ କରିଥିଲା । ମୁଁ ଓ ମୋର କେତେକ ସାଥୀଙ୍କୁ ପୁଲିସ୍ ଏହି ଦଶହରାବୋମା ବିସ୍ଫୋରଣ ମାମଲାରେ ଗିରଫ କରିଲାପରେ ସାଧାରଣ ଲୋକେ ଆମର ବିପ୍ଳବୀଦଳକୁ 'ବୋମାପାର୍ଟି' ବୋଲି ଧରିନେଲେ । ଲାହୋର ବୋମା ବିସ୍ଫୋରଣ ମାମଲା ସମଗ୍ର ଦେଶ- ବିଦେଶରେ ଚର୍ଚ୍ଚାର ପ୍ରସଙ୍ଗ ହେଲା । ଦେଶବାସୀ ଭାବିଲେ ବୋମାପାର୍ଟିର ବିପ୍ଳବୀମାନେ ଅସ୍ତ୍ରଶସ୍ତ୍ର ଗୋଳାବାରୁଦ ବ୍ୟବହାର କରି ବ୍ରିଟିଶ୍ ଶାସନକୁ ଆତଙ୍କିତ କରିବା ମତ୍‌ଲବରେ ଅଛନ୍ତି । କିନ୍ତୁ ଏହି କାର୍ଯ୍ୟରେ ଆମ୍ଭେମାନେ କେହିହେଲେ ଜଡ଼ିତ ନଥିଲୁ । ଆମଦଳକୁ ଜନମାନସରେ ନିନ୍ଦିତ କରିବା ଏବଂ ଆମ୍ଭମାନଙ୍କୁ ଗିରଫକରି କାରାଗାରର କାଳକୋଠରୀ ମଧ୍ୟରେ ନିର୍ଯ୍ୟାତନା ଦେବା ପୁଲିସଶାସନକଳର ଷଡଯନ୍ତ୍ର ଥିଲା । କିନ୍ତୁ ପୁଲିସ୍‌ର ଆମ ଗୋଷ୍ଠୀ ବିରୁଦ୍ଧରେ ଏହି ଷଡଯନ୍ତ୍ରର ଫଳ ଓଲଟା ହେଲା । ଆମ ସପକ୍ଷରେ ଜନମତ ପ୍ରକାଶ ପାଇଲା । ଏକଚ୍ଛତ୍ରବାଦୀ ଶାସନରେ ନିରସ୍ତ୍ର ସାଧାରଣ ଜନତା କୌଣସି ପ୍ରତିକ୍ରିୟା ପ୍ରକାଶ ନକଲେ ସୁଦ୍ଧା ସେମାନଙ୍କ ମୌନତାର ଯେ ଏକ ପ୍ରଖର ଉଚ୍ଚାରଣ ଅଛି, ତାହା ଆମେ ଅନୁଭବ କରିଥିଲୁ । ଆମେ ପୁଲିସର ମିଥ୍ୟା ପ୍ରଚାରରେ 'ମୂକ ଜନସାଧାରଣଙ୍କ ମୁଖର ନେତା'ରେ ରୂପାନ୍ତରିତ ହୋଇଗଲୁ ।

ବ୍ରିଟିଶଶାସନ ଏହି ବୋମା ବିସ୍ଫୋରଣ ମାମଲାରେ ଆତଙ୍କିତ ହେବାର ଅନ୍ୟ ଏକ କାରଣ ମଧ୍ୟ ଥିଲା । ଲାହୋର ଦଶହରା ବୋମା ବିସ୍ଫୋରଣର ବହୁ ପୂର୍ବରୁ ୧୯୧୨ ଡିସେମ୍ବର ୨୩ ତାରିଖରେ ଦିଲ୍ଲୀର ଚାନ୍ଦିନୀଚୌକରେ ଏକ ଭୟାବହ ବୋମା ବିସ୍ଫୋରଣ ଘଟିଥିଲା । ଭାରତର ତତ୍‌କାଳୀନ ବଡ଼ଲାଟ ଲର୍ଡ଼ ହାର୍ଡ଼ିଙ୍ଗ୍ ଏକ

ସାଧାରଣ ସଭାରେ ଯୋଗଦେବାକୁ ଯାଉଥିବାବେଳେ ଏହି ବୋମା ବିସ୍ଫୋରଣ ଘଟିଥିଲା । ବ୍ରିଟିଶ୍ ପ୍ରଶାସନର ଆଖିରୁ ନିଦ ହଜି ଯାଇଥିଲା ।

ଲାହୋର ଦଶହରା ବୋମା ବିସ୍ଫୋରଣକୁ କେନ୍ଦ୍ରକରି ଡିଟେକ୍ଟିଭ ପୁଲିସ୍ ଫାଇଦା ଉଠାଇବା ଚେଷ୍ଟାକରି ବିପ୍ଳବୀମାନଙ୍କ ବିରୁଦ୍ଧରେ କୁତ୍ସାରଟନା ଆରମ୍ଭ କରିଦେଲା । ବିପ୍ଳବୀଦଳ କେବଳ ସରକାରଙ୍କ ବିରୋଧୀ, ସେତିକିନୁହେଁ- ସରକାରଙ୍କୁ ଅଡୁଆରେ ପକାଇବାପାଇଁ ବୋମାବିସ୍ଫୋରଣ ମାଧ୍ୟମରେ ସାଧାରଣ ଜନଜୀବନକୁ ମଧ୍ୟ ଆକ୍ରମଣ କରୁଛନ୍ତି ବୋଲି ପୁଲିସ୍ ପକ୍ଷରୁ ପ୍ରଚାର କରାଯାଇ ଆମ୍ଭମାନଙ୍କୁ ଲୋକସ୍ୱାର୍ଥ ବିରୋଧୀ ବୋଲି ଚିତ୍ରଣ ହେଲା ।

ଲାହୋର ଦଶହରା ବୋମା ବିସ୍ଫୋରଣର ମୁଁ ଯେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ପୁଲିସ୍ ମୋତେ ବିନା ପ୍ରମାଣରେ ଗିରଫ କଲେ ସୁଦ୍ଧା ପରବର୍ତ୍ତୀ ସମୟରେ ଅସଲ ସତ୍ୟ ଉଦ୍‌ଘାଟନ ହେଲା ।

ଏହି ବୋମା ବିସ୍ଫୋରଣ ପ୍ରକୃତରେ ଥିଲା ପୁଲିସ୍‌କଳର କାରସାଦି । ଦଶହରା ଉତ୍ସବରେ ଜନଗହଳି ମଧ୍ୟରେ ବୋମା ବିସ୍ଫୋରଣ କରିଥିଲା ଚନ୍ନାଉଦ୍ଦିନ ନାମକ ଜଣେ ଅସାମାଜିକ ବ୍ୟକ୍ତି । ପୁଲିସର ଉଦ୍ଦେଶ୍ୟଥିଲା ଏପରି ବିସ୍ଫୋରଣ ଘଟିଲେ ହିନ୍ଦୁ ଓ ମୁସ୍‌ଲିମ ସଂପ୍ରଦାୟ ମଧ୍ୟରେ ଦଙ୍ଗା ସୃଷ୍ଟିହେବ । ଦଙ୍ଗାଦମନ ନାଆଁରେ ପୁଲିସ୍ ଉଭୟ ହିନ୍ଦୁ ଓ ମୁସ୍‌ଲିମ୍ ସଂପ୍ରଦାୟ ମଧ୍ୟରେ ଥିବା ଜାତୀୟ ଏକତାକୁ ଭାଙ୍ଗି ଉଭୟ ସଂପ୍ରଦାୟର ଲୋକଙ୍କୁ ଗିରଫ କରିବ । କିନ୍ତୁ ବ୍ରିଟିଶ ପୁଲିସ୍‌ର ଏହି ଦଙ୍ଗା ଷଡଯନ୍ତ୍ର କୌଣସିମତେ ଫଳପ୍ରଦ ହେଲାନାହିଁ ।

ଦଶହରା ବୋମାବିସ୍ଫୋରଣ ଷଡ଼ଯନ୍ତ୍ରର ମୁଖ୍ୟ ଅପରାଧୀଭାବେ ଗିରଫ ହୋଇ ମୁଁ ପୁଲିସ୍ ହାଜତ୍‌ରେ ଅଟକ ଥିବାବେଳେ ମୋ ବିରୁଦ୍ଧରେ ଡକାୟତି ମାମଲାର ଆଉ ଗୋଟେ ଦଫା ଯୋଡ଼ିଦିଆଗଲା । ତାହା ହେଉଚି କାକୋରି ରେଳଷ୍ଟେସନ ଡକାୟତି । ପୁଲିସ୍ ପ୍ରଶାସନର ଗୁପ୍ତଚର ବିଭାଗ ଭଲଭାବେ ଜାଣିଥିଲା ମିରଟଠାରେ ବିପ୍ଳବୀମାନଙ୍କ ଯେଉଁ ଗୁପ୍ତବୈଠକ ଅନୁଷ୍ଠିତ ହୋଇଥିଲା ସେଥିରେ ମୁଁ ଯୋଗଦେଇଥିଲି । ଏହି ବୈଠକରେ ବୈପ୍ଳବିକ ସାଂଗଠନିକ କାର୍ଯ୍ୟପାଇଁ ଯେଉଁ ବିପୁଳ ଅର୍ଥ ଆବଶ୍ୟକ ତାହା ସାଧାରଣ ଜନତାଙ୍କ ପାଖରୁ ସଂଗ୍ରହ କରିବା ଅପେକ୍ଷା ସରକାରୀ ଖଜଣା ଲୁଣ୍ଠନ ମଧ୍ୟରେ ଭରଣା ପୂରଣ କରିବାକୁ ନିଷ୍ପତ୍ତି ହୋଇଥିଲା ।

ଠିକଣା ସମୟରେ କାକୋରି ରେଳଷ୍ଟେସନଠାରେ ସରକାରୀ ଖଜଣା ଲୁଣ୍ଠନ ହେଲା । ଯଦିଓ ପୁଲିସ ତଥ୍ୟ ପ୍ରମାଣ ସଂଗ୍ରହ କରିବା ମଧ୍ୟରେ ଭଲଭାବେ ଜାଣିଥିଲା ଏହି ଲୁଣ୍ଠନ କାର୍ଯ୍ୟରେ ପ୍ରକୃତରେ ମୁଁ ଜଡ଼ିତ ନଥିଲି ।

ଲାହୋର ଦଶହରା ବୋମା ବିସ୍ଫୋରଣର ମୁଖ୍ୟ ଆସାମୀ ଭାବେ ମୁଁ ହାଜତରେ ଥିଲାବେଳେ ମୋତେ ଜେରା କରିବାପାଇଁ ଖାନ୍‌ବାହାଦୁର ତହସୁକ୍‌ହୁସେନ୍ ନାମରେ ଜଣେ ପୁଲିସ ଅଫିସର ଆସିଥିଲେ । ମୋତେ ସେ ଗୁଡ଼େଇ ତୁଡ଼େଇ ବୋମାବିସ୍ଫୋରଣ ସମେତ କାକୋରି ଡକାୟତି ଉପରେ ନାନା ଜେରା କଲେ । କିନ୍ତୁ ମୁଁ ଦଳର କୌଣସି ଅନ୍ତର୍ଘାତି ବୈପ୍ଲବିକ କାର୍ଯ୍ୟ ସହିତ ଜଡ଼ିତ ନୁହେଁ ବୋଲି ସ୍ପଷ୍ଟ କରିଦେଲି । ଜେରା ବେଳେ ମୁଁ ଯଥାସାଧ୍ୟ ଆତ୍ମରକ୍ଷା ପାଇଁ ପୁଲିସର ଯାବତୀୟ ପ୍ରଶ୍ନର ଉତ୍ତର ଶାନ୍ତ ସରଳ ନିରୀହ ଭାବରେ ଦେଲି ।

ତଥାପି ମତେ ଲାହୋର ଫୋର୍ଟ୍ କାରାଗାରରେ ଅଟକ ରଖି ପୁଲିସ ପକ୍ଷରୁ ବିଭିନ୍ନ ଅଫିସର ଜେରା ଚଳାଇଲେ । ପୁଲିସ୍ ତାର ଲକ୍ଷ୍ୟରେ ବିଫଳ ହେଲାପରେ ମୋତେ ଅନ୍ୟ ଏକ ଅଜ୍ଞାତ ସ୍ଥାନର କାରାଗାରକୁ ସ୍ଥାନାନ୍ତରିତ କରାଗଲା ।

କୌଣସି କାରଣ ନଥାଇ, ତଥ୍ୟ ଓ ପ୍ରମାଣର ଅଭାବ ସତ୍ତ୍ୱେ ମତେ କାରାଗାର ଭିତରେ ବନ୍ଦୀ କରି ନିର୍ଯ୍ୟାତନା ଦେବାଦ୍ୱାରା ଲାହୋର ସମେତ ପଂଜାବର ଜନସାଧାରଣଙ୍କ ମନରେ ପୁଲିସ ବିରୁଦ୍ଧରେ ଅସନ୍ତୋଷ ଦାନା ବାନ୍ଧିଲା । ମୋର ମୁକ୍ତି ପାଇଁ ବିଭିନ୍ନ ମହଲରୁ ଚାପ ପଡ଼ିଲା । ମୋର ବାବାଙ୍କ ନିରନ୍ତର ଉଦ୍ୟମ ଓ ଆଇନଗତ କାର୍ଯ୍ୟ ଯୋଗୁଁ ପୁଲିସ ଶେଷକୁ ମତେ କୋର୍ଟଚାଲାଣ କଲା । ଜଣେ ମାଜିଷ୍ଟ୍ରେଟ୍‌ଙ୍କ ଇଜଲାସ୍‌ରେ ଶୁଣାଣି ହେଲା । ମୋ ବିରୁଦ୍ଧରେ ପୁଲିସ୍ ସେପରି କିଛି ତଥ୍ୟ ଅଦାଲତରେ ଉପସ୍ଥାପନ କରିପାରିଲାନାହିଁ । ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୁଲିସ୍ ଶେଷକୁ ମୋତେ ଜାମିନ୍‌ରେ ଛାଡ଼ିଲା । ମୁଁ ଷାଠିଏ ହଜାର ଟଙ୍କା ବଣ୍ଡ ଜାମିନ୍‌ରେ ଖଲାସ ହେବା ଘଟଣା ଖବର କାଗଜ ଗୁଡ଼ିକର ମୁଖ୍ୟ ସମାଚାର ହେଲା ।

ମୋର ବାବାଙ୍କର ଘନିଷ୍ଠ ବନ୍ଧୁ ବାରିଷ୍ଟର ଧୂନି ଚାନ୍ଦ ଓ ଦୌଲତରାମ ଜେଲ୍‌ରୁ ମୁକ୍ତି ପାଇଁ ମିଳିତ ଜାମିନ୍‌ଦାର ଥିଲେ । ମୋର କାର୍ଯ୍ୟକଳାପ ନେଇ ମୋର ବାବା ଓ ବାବାଙ୍କର ବନ୍ଧୁମାନେ ଆଶଙ୍କାଗ୍ରସ୍ତ ଥିଲେ । କିନ୍ତୁ ମୁଁ ଯେ ଦେଶର ମୁକ୍ତିସଂଗ୍ରାମ ପାଇଁ ଜୀବନକୁ ବାଜି ଲଗାଇଦେଇଛି, ବ୍ୟକ୍ତି ସ୍ୱାର୍ଥଗତ ପାଇଁ କୌଣସି ହୀନକାର୍ଯ୍ୟ କରୁନାହିଁ, ଏହା ସେମାନଙ୍କ ମନରେ ମୋ ପ୍ରତି ବିଶ୍ୱାସ ତଥା ମମତ୍ୱବୋଧ ଜାଗ୍ରତ କରିଥିଲା ।

ମୁଁ ଯେ ବୈପ୍ଳବିକ କାର୍ଯ୍ୟକ୍ରମରୁ ଆଉ ପଛକୁ ଫେରିବାର ନାହିଁ, ଦେଶ ପାଇଁ ମୁଁ ପୂର୍ଣ୍ଣପ୍ରାଣରେ ସମର୍ପିତ... ଏକଥା ମୋର ବାବା ଭଲ ଭାବେ ହୃଦୟଙ୍ଗମ କରିସାରିଥିଲେ । ତେଣୁ ସେ କହୁଥିଲେ, "ତୁ ତୋର ଶତ୍ରୁ ଉପରେ ଯେବେ ପ୍ରହାର ହାଣିବୁ, ତାହା କ୍ରମାଗତ ଚାଲୁ ରଖିବା ଉଚିତ ଆଉ ମନେରଖିଥିବୁ ତୋର ଶତ୍ରୁ ତତେ ପ୍ରତି ଆକ୍ରମଣ କରିବାକୁ ଯେପରି କୌଣସି ସୁଯୋଗ ନଥାଏ ।"

ପ୍ରକୃତରେ ଏହା ଜଣେ ସଫଳ ବିପ୍ଳବୀର ମୂଳ ସୂତ୍ର । ମୁଁ ବହୁ କଳ୍ପନା ଜଳ୍ପନା ପରେ ଶେଷରେ ଏକ ସ୍ଥିର ସିଦ୍ଧାନ୍ତରେ ପହଞ୍ଚିଲି- 'ମୁଷ୍ଟିମେୟ ବିପ୍ଳବୀଙ୍କ ଏହି ସଂଘବଦ୍ଧ ବିପ୍ଳବକୁ ବ୍ୟାପକ ଜନଯୁଦ୍ଧରେ ରୂପାନ୍ତରିତ କରିବାକୁ ହେବ' ।

ନିଜକୁ ଆତ୍ମବଳୀ ଦେବାପାଇଁ ଏପରି ପ୍ରସ୍ତୁତ କରିବାକୁ ହେବ ଯାହା ଦୃଷ୍ଟାନ୍ତ ସ୍ୱରୂପ ଜନସାଧାରଣଙ୍କୁ ଅନୁପ୍ରାଣିତ କରିପାରିବ । ମୃତ୍ୟୁହେଉ ବା ବିଜୟ ... ଭାରତର ସ୍ୱାଧୀନତା ପାଇଁ ଜନସାଧାରଣ ଆପେ ଆପେ ସଂଗ୍ରାମରେ ଝାସ ଦେବେ ।

ମୁଁ ଯଦିଓ ବିପ୍ଳବୀ ଭାବରେ ନିଆଁ ସହିତ ଖେଳ ଖେଳିବା ଆରମ୍ଭ କରିଦେଇଥିଲି, ତଥାପି ଥିଲି ନିଜ ଭିତରେ ନିଜେ ଶୃଙ୍ଖଳାବଦ୍ଧ । ମୋର କ୍ରାନ୍ତିକାରୀ କାର୍ଯ୍ୟକ୍ରମ ଯୋଗୁଁ ହିତାକାଂକ୍ଷୀମାନେ ଯେପରି କୌଣସି ଭାବେ କ୍ଷତିଗସ୍ତ ନହେବେ, ସେଥିପାଇଁ ମୁଁ ସଚେତନ ଥିଲି । ମୋତେ କାରାଗାରରୁ ମୁକୁଳାଇଥିବା ଦୁଇଜଣ ସମ୍ମାନସ୍ପଦ ନାଗରିକ ତାଙ୍କ ସଂପତ୍ତିକୁ ଷାଠିଏ ହଜାର ଟଙ୍କାର ବନ୍ଧକ ସୂତ୍ରରେ ରଖି ମୋତେ ଜାମିନ୍‌ରେ ଆଣିଛନ୍ତି । ମୁଁ ଯଦି କୌଣସି ମାତ୍ରାଧିକକାର୍ଯ୍ୟ କରି ବସେ, ତେବେ ମୋତେ ମୁକୁଳାଇ ଆଣିଥିବା ଜାମିନ୍‌ଦାର ଅପଦସ୍ତ ହେବେ- ଏହି ଚିନ୍ତା ମୋତେ ସବୁବେଳେ ଗ୍ରାସ କରୁଥିଲା ।

ବାବା ମୋର କର୍ମନିଯୁକ୍ତି ଓ ଆର୍ଥିକ ଉପାର୍ଜନ ପାଇଁ ଲାହୋର ନିକଟବର୍ତ୍ତୀ ଖସରିଆଁରେ ଗୋଟେ ଗୋଶାଳା ଖୋଲିଲେ । ଗୋଶାଳାକୁ ଦୁଧିଆଳି ଗାଈ କିଣି ଅଣାଗଲା । ବେଶ୍ ହୃଷ୍ଟପୁଷ୍ଟ ଗାଈ । ବାବା ମତେ ଦୁଗ୍ଧ ଉତ୍ପାଦନ ଓ ବିକ୍ରୟ ଧନ୍ଦାରେ ଲଗାଇଦେଲେ । ଏହି ବ୍ୟବସାୟକୁ ମୁଁ ନିଷ୍ଠାର ସହିତ ପରିଚାଳନା କଲି ଓ ପରିବାର ପାଇଁ ଭଲ ଅର୍ଥ ମଧ୍ୟ ଉପାର୍ଜନ କଲି । ମାନବସେବା ସହିତ ଗୋସେବା

ମତେ ବେଶୀ ଉତ୍ସାହିତ କଲା । ଗୋଶାଳା ଭିତରେ ମୋର ପଢ଼ାପଢ଼ି ମଧ୍ୟ ଚାଲିଲା ।

ଦିନେ ମୁଁ ବାବାଙ୍କ ସହିତ ଗୋଟେ ପଶୁପ୍ରଦର୍ଶନୀ ଦେଖିବାକୁ ଯାଇଥିଲି । ସେହି ପ୍ରଦର୍ଶନୀରୁ ଆଉ କିଛି ଗାଈ କିଣି ଆଣି ଗୋଶାଳାରେ ରଖିଲି । ଏଇ ଗାଈମାନଙ୍କ ଚର୍ଚ୍ଚା ଓ ସେବା ପାଇଁ ଗୋଶାଳାରେ କର୍ମଚାରୀ ନିଯୁକ୍ତି ହୋଇଥିଲେ ସୁଦ୍ଧା ମୁଁ ନିଜେ ଗାଈମାନଙ୍କ ଖାଦ୍ୟପାନୀୟ ତଦାରଖ ନିଜ ହାତରେ କରୁଥିଲି । ନିଜେ ଦୁଧ ଦୁହୁଁଥିଲି । କଣ୍ଟେଂନର ଗୁଡ଼ିକରେ କ୍ଷୀର ଭର୍ତ୍ତି କରି ଲାହୋରରେ ଥିବା ଗ୍ରାହକମାନଙ୍କ ପାଖକୁ ପଠାଉଥିଲି । ବେଳେବେଳେ ମୁଁ ନିଜେ ସାଇକେଲରେ କଣ୍ଟେଂନର ଝୁଲାଇ ଗ୍ରାହକମାନଙ୍କ ଘରେ ଦେଇ ଆସୁଥିଲି । ପରେ ଗ୍ରାହକମାନଙ୍କ ଘରଘର ବୁଲି କ୍ଷୀରର ବିକ୍ରିଲବ୍ଧ ଅର୍ଥ ସଂଗ୍ରହ କରୁଥିଲି । କହିବାକୁ ଗଲେ, ମୁଁ ଦିନାକେତେ ସଫଳ ଦୁଧ ବ୍ୟବସାୟୀ ପାଲଟି ଯାଇଥିଲି ।

ଜୀବିକା ପାଇଁ ଯେତେସବୁ ବ୍ୟବସାୟ ଭିତରେ ବାବା ମୋତେ ଜଡ଼ିତ କରୁଥିଲେ ସୁଦ୍ଧା ମୋର ଦେଶ ଓ ମଣିଷଜାତି ପାଇଁ ଯେଉଁ ଦାୟିତ୍ୱ ଏବଂ କର୍ତ୍ତବ୍ୟ ରହିଛି ତାହା ଭୁଲିନଥିଲି । ରାବିନଦୀରେ ଯଶପାଲ୍ ସହିତ ନୌବିହାର ବେଳେ ସେଇ ସଂଧ୍ୟାରେ ଆମେ ଦୁଇ ବନ୍ଧୁ ଯେଉଁ ସଂକଳ୍ପ କରିଥିଲୁ, ତାହା ମୋର ପ୍ରତିକ୍ଷେତ୍ରରେ ମନେ ପଡୁଥିଲା । ଇତିହାସ ଆଗାମୀ ଦିନରେ ମୋତେ ଯେତେ କଠୋର-ନିର୍ମମ ବୋଲି ଆଖ୍ୟା ଦେଉପଛେ, ମୁଁ କିନ୍ତୁ ପ୍ରକୃତରେ ସ୍ନେହପ୍ରେମ କାଙ୍ଗାଳ ମଣିଷଟିଏ-ବନ୍ଧୁ ବତ୍ସଳ ଯୁବକଟିଏ ଥିଲି ।

ଆମର ଡାଇରୀଫାର୍ମ ... ଗୋଶାଳା କ୍ରମଶଃ ମୋର ବନ୍ଧୁମାନଙ୍କ ସାମୟିକ ଆଡ୍‌ଡାସ୍ଥଳରେ ପରିଣତ ହେଲା । ଦିନେ ମୁଁ ଗୋଟେ ବଡ଼ ଲୁହା କଡ଼େଇ କିଣି ଆଣିଲି । ଏହି କଡ଼େଇଟି କ୍ଷୀର ସିଝାଇବା ଓ ସାଇତି ରଖିବା କାମ କଲା । ଯେଉଁ ବନ୍ଧୁମାନେ ମୋତେ ସାକ୍ଷାତ କରିବାକୁ ଆସୁଥିଲେ, ସେମାନଙ୍କୁ ପେଟଭର୍ତ୍ତି ସିଝାକ୍ଷୀର ପରିବେଷଣ କରାଗଲା । ସଂଧ୍ୟାରୁ ବିଳମ୍ବିତ ରାତିଯାଏ ବନ୍ଧୁମାନଙ୍କ ସହିତ ସେଇ ଡାଇରୀଫାର୍ମ ହାଉସ୍‌ରେ ଆମର ଆଲୋଚନା ଚାଲେ । ଆଲୋଚନା ମଧ୍ୟରେ ବହୁ ପ୍ରସଙ୍ଗ ଉଠେ । କିନ୍ତୁ ସବୁଠାରୁ ମୁଖ୍ୟଆଲୋଚନା ସ୍ୱାଧୀନତା ଆନ୍ଦୋଳନ ସଂପର୍କରେ ଥାଏ । ଆନ୍ଦୋଳନ ପାଇଁ ନାନା ରଣନୀତିର କୌଶଳ ନିର୍ଦ୍ଧାରଣ ସହିତ କେତେକ ରଦ୍ଦ ମଧ୍ୟ ହୁଏ ।

ମୁଁ ଯଦିଓ ଷାଠିଏ ହଜାର ଟଙ୍କାର ମୁଚଲିକା-ଜାମିନ୍‌ରେ ଜେଲରୁ ଫେରିଥିଲି, କିନ୍ତୁ ମୋ ଉପରୁ ମୋକଦ୍ଦମା ପ୍ରତ୍ୟାହାର ହୋଇନଥାଏ । ମୁଁ ଯେମିତି ଶୃଙ୍ଖଳବଦ୍ଧ

ଜୀବଟିଏ ପରି ଜୀବନ ଜୀଉଁଥିଲି । କିନ୍ତୁ ମୁଁ ମୁକ୍ତ ମଣିଷଭାବେ ଚଳିବାକୁ ଚାହୁଁଥିଲି । ମୋତେ ଜାମିନ୍‌ରେ ଆଣିଥିବା ଦୁଇଜଣ ସମ୍ମାନାସ୍ପଦ ବ୍ୟକ୍ତିଙ୍କ ମାଧମରେ ସରକାରଙ୍କୁ ନିୟମିତ ଚିଠି ଲେଖୁଥିଲି- ଆଇନ ଅନୁସାରେ ମୋତେ ଦଣ୍ଡିତ କରାଯାଉ ନଚେତ୍ ମୋ ଉପରୁ ମୋକଦ୍ଦମା ପ୍ରତ୍ୟାହାର କରିନିଆଯାଉ । ମୋର ଏହି ଦାବୀକୁ ସମର୍ଥନ ଜଣାଇ ସ୍ଥାନୀୟ ସଂବାଦପତ୍ର ଗୁଡ଼ିକ ମଧ ସ୍ୱର ଉତ୍ତୋଳନ କରୁଥାନ୍ତି ।

ସମ୍ବାଦପତ୍ର ଗୁଡ଼ିକରେ ବୁଦ୍ଧିଜୀବୀମାନେ ମତ ଦେଉଥାନ୍ତି- ଭଗତସିଂ ବିରୁଦ୍ଧରେ ସରକାରଙ୍କ ପାଖରେ ଯଦି ସେପରି କିଛି ବଳିଷ୍ଠ ତଥ୍ୟ ପ୍ରମାଣଥାଏ, ତେବେ ତାଙ୍କୁ ଦଣ୍ଡିତ କରୁନାହାନ୍ତି କାହିଁକି ?

ଅବସ୍ଥା ଦିନକୁଦିନ ଏପରି ହେଲା ଯେ ଶେଷକୁ ମୋତେ କେନ୍ଦ୍ରକରି ବିଧାନସଭାରେ ଜୋର୍‌ଦାର ଆଲୋଚନା ହେଲା । ବିଧାନସଭାର ମାନ୍ୟବର ସଦସ୍ୟ ଡକ୍ଟର ଗୋପୀଚାନ୍ଦ ଭାର୍ଗବେ ଗୃହରେ ପ୍ରଶ୍ନ ଉଠାଇଲେ । ଫଳରେ ସରକାର ମୋକଦ୍ଦମା ପ୍ରତ୍ୟାହାର କରିନେଲେ ।

ମୁଁ ଏଥର ମୁକ୍ତ ମଣିଷ ହେଲି । ଶାନ୍ତିରେ ନିଃଶ୍ୱାସ ମାରିଲି ।

ବାବାଙ୍କୁ ସନ୍ତୁଷ୍ଟ କରିବାପାଇଁ ଯଦିଓ ମୁଁ ଦିନାକେତେ ଡାଏରୀଫାର୍ମ ପରିଚାଳନା ଓ ଦୁଗ୍‌ଧ ବ୍ୟବସାୟରେ ସିନା ମାତିଥିଲି, କିନ୍ତୁ ସେଥିପ୍ରତି ମୋର ସେମିତି ଆଗ୍ରହ ନଥିଲା । ଯାହା କ୍ଷୀର ଉତ୍ପାଦନ ହେଉଥିଲା ତାହା ମୁଁ ଓ ମୋର ବନ୍ଧୁମାନେ ପିଇଦେଉଥିଲୁ । କ୍ଷୀର ବିକ୍ରିରୁ ଆଦାୟ ଅର୍ଥ ତୁଳନାରେ ଗାଈମାନଙ୍କ ଖାଦ୍ୟ ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ୁଥିଲା । ଠିକଣା ସମୟରେ ଗ୍ରାହକମାନଙ୍କ ପାଖକୁ କ୍ଷୀର ପରିବେଷଣ ନହେବା ଫଳରେ ଅନେକ ବାକିଆଟଙ୍କା ଗ୍ରାହକମାନଙ୍କ ପାଖରେ ବୁଡ଼ିଗଲା । ଶେଷକୁ ଏମିତି ଅବସ୍ଥାହେଲା ଦୁଗ୍‌ଧ ବ୍ୟବସାୟ ଦେବାଳିଆ ଅବସ୍ଥାକୁ ଆସିଲା । ଏଥିପାଇଁ ବାବା କିଶନ ସିଂହଙ୍କୁ ବଡ଼ଧରଣର କ୍ଷତି ସହିବାକୁ ପଡିଲା ।

ସାତ-ଆଠ ମାସ ମୁଁ ଡାଏରୀ ଫାର୍ମରେ କ୍ଷୀର ବ୍ୟବସାୟ କଲି ।

୧୯୨୮ ଜୁନ୍-ଜୁଲାଇ ବେଳକୁ ଦେବାଳିଆ ଅବସ୍ଥା ।

ହଠାତ୍ ମୁଁ ଦିନେ ଏକ ଅଜ୍ଞାତ ସ୍ଥାନକୁ ଚାଲିଗଲି । ମୋତେ କେହି ଖୋଜି ସୁଦ୍ଧା ପାଇଲେ ନାହିଁ ।

ବୈପ୍ଳବିକ କାର୍ଯ୍ୟକ୍ରମରୁ ମୁଁ କିଛିଦିନ ଦୂରେଇ ରହିଥିବାରୁ ଜୀବନଟା ଯେମିତି ବ୍ୟର୍ଥ ହୋଇଗଲା ବୋଲି ଅସନ୍ତୋଷରେ ଜଳୁଥିଲି । ମୁଁ ଲାହୋର ଛାଡ଼ି ଅଦୃଶ୍ୟ ହୋଇଯିବା ପରେ ଦିନକୁ ଦିନ ବୈପ୍ଳବିକ କାର୍ଯ୍ୟକ୍ରମରେ ସଂପୃକ୍ତ ହୋଇଗଲି ।

୧୯୨୮ ସେପ୍ଟେମ୍ବର ୮ :

ଦିଲ୍ଲୀର ଧ୍ୱସ୍ତବିଧ୍ୱସ୍ତ ଫିରୋଜଶାହାଫୋର୍ଟର ବିଶାଳ ମଇଦାନରେ ପୂର୍ବଭାରତର ବିପ୍ଳବୀ ସଂଗଠନ ପ୍ରତିନିଧିମାନଙ୍କର ଦୁଇଦିନିଆ ସଭାର ଆୟୋଜନ ହୋଇଥିଲା । ଏହି ବିପ୍ଳବୀ ପ୍ରତିନିଧି ସଭାରେ ପଞ୍ଜାବର ପ୍ରତିନିଧିଭାବେ ମୁଁ ଓ ସୁଖଦେବ ଯୋଗ ଦେଇଥିଲୁ । ରାଜପୁତନାରୁ କୁନ୍ଦନଲାଲ୍, ବିହାରରୁ ଫଣୀଶ୍ୱରନାଥ ଘୋଷ ଓ ମନମୋହନ ବାନାର୍ଜୀ, ସଂଯୁକ୍ତ ପ୍ରଦେଶରୁ ଶିବବର୍ମା, ବ୍ରହ୍ମଦତ୍ତ ମିଶ୍ର, ଜୟଦେବ, ବିଜୟ କୁମାର ସିହ୍ନା, ସୁରେନ୍ଦ୍ରନାଥ ପାଣ୍ଡେ ମଧ୍ୟ ଯୋଗ ଦେଇଥିଲେ । ଚନ୍ଦ୍ରଶେଖର ଆଜାଦ ଏହି ବିପ୍ଳବୀ ସମାବେଶରେ ଯୋଗ ଦେଇପାରିନଥିଲେ, କିନ୍ତୁ ଆମର ଯେକୌଣସି ନିଷ୍ପତ୍ତିକୁ ସେ ପୂର୍ଣ୍ଣପ୍ରାଣରେ ସମର୍ଥନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

ଏହି ସମାବେଶରେ କଲିକତାର କୌଣସି ପ୍ରତିନିଧି ଯୋଗ ଦେଇନଥିଲେ । ବଙ୍ଗଳାର ବିପ୍ଳବୀ ସାଥୀମାନଙ୍କ ସହିତ ସଂପର୍କ ଯୋଡ଼ି ସଭାକୁ ଆମନ୍ତ୍ରଣ କରିବା ନିମନ୍ତେ ଶିବବର୍ମା କଲିକତା ଯାଇଥିଲେ ।

ଆମର ପୂର୍ବଭାରତ ବିପ୍ଳବୀ ସଂଗଠନକୁ ସମର୍ଥନ ଦେବା ଉପରେ ବଙ୍ଗଳାବିପ୍ଳବୀ ସଂଗଠନର ସାଥୀମାନେ କେତୋଟି ଅସାଧ୍ୟ ସର୍ତ୍ତ ଆରୋପ କଲେ । ସେମାନଙ୍କ ପ୍ରଥମ ସର୍ତ୍ତଥିଲା-ଯେତେସବୁ ବୈପ୍ଳବିକ କାର୍ଯ୍ୟକ୍ରମ ଜଣେ ନେତାଙ୍କ ଏକକ ନିର୍ଦ୍ଦେଶରେ କାର୍ଯ୍ୟକାରୀହେବାକୁ ପଡ଼ିବ । ଅନ୍ୟ ସର୍ତ୍ତଟି ଥିଲା ସଂଗଠନ ପାଇଁ ନୂତନ ସଦସ୍ୟ ସଂଗ୍ରହ, ଅର୍ଥ ସଂଗ୍ରହ, ଅସ୍ତ୍ର ଶସ୍ତ୍ର ସଂଗ୍ରହ ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସ୍ଥଗିତ ରଖିବାକୁ ପଡ଼ିବ ।

ବଙ୍ଗଳା ବିପ୍ଳବୀ ସାଥୀମାନଙ୍କ ସର୍ତ୍ତ ମଧ୍ୟରୁ ଅନେକ ସର୍ତ୍ତ ମାନିନେବା ପୂର୍ବ ଭାରତ ବିପ୍ଳବୀ ସାଥୀମାନଙ୍କ ପକ୍ଷରେ ସମ୍ଭବ ନଥିଲା । ବିଶେଷତଃ ଦଳର ସଦସ୍ୟମାନଙ୍କ ଉପରେ ଏକକ ନେତୃତ୍ୱର ଏକଛତ୍ରବାଦ ଆଦୌ ଗ୍ରହଣୀୟ ନଥିଲା ।

ସଂଯୁକ୍ତ ପ୍ରଦେଶରେ ଓ ପଞ୍ଜାବରେ ଜୟଚାନ୍ଦଜୀ ଏବଂ ଜେ.ଏନ୍.ସାନ୍ୟାଲ୍‌ଙ୍କ ଏକଛତ୍ରବାଦୀ ନେତୃତ୍ୱ ଏହି ମାମଲାରେ ଦୁଇଟି ଦୃଷ୍ଟାନ୍ତ ଥିଲା ।

କେନ୍ଦ୍ରିୟ ନେତୃତ୍ୱ ବ୍ୟବସ୍ଥା ଉପରେ ଯୁବକମାନେ ବିମୁଖ ହୋଇପଡିଥିଲେ ।

ସଂଗଠନର ପ୍ରତିଟି କ୍ଷେତ୍ରରେ ସେମାନେ ଗଣତାନ୍ତ୍ରିକଧାରା ଚାହୁଁଥିଲେ । ସେମାନେ ଚାହୁଁଥିଲେ ଦେଶର ସକଳ ପ୍ରାଦେଶିକ ଗୋଷ୍ଠୀର କେନ୍ଦ୍ରିକରଣ କିନ୍ତୁ ନେତୃତ୍ୱର ମିଳିତ ଦାୟିତ୍ୱ ।

ମୁକ୍ତି ସଂଗ୍ରାମକୁ ଅଧିକ ଜୋର୍‌ଦାର କରିବା ପାଇଁ ଦିଲ୍ଲୀରେ ପୂର୍ବଭାରତ ବିପ୍ଳବୀ ସାଥୀମାନଙ୍କ ପ୍ରଥମ ବୈଠକ ଆୟୋଜିତ ହୋଇଥିଲା । କିନ୍ତୁ ଏହି ବୈଠକକୁ ଜୟଚାନ୍ଦ ଶର୍ମା ଓ ଜେ.ଏନ୍.ସାନ୍ୟାଲ୍‌ଙ୍କୁ ଆମନ୍ତ୍ରଣ କରାଯାଇନଥିଲା । କାରଣ ପାର୍ଟି ସଦସ୍ୟମାନେ ଆନ୍ଦୋଳନକୁ ଅଧିକ ସକ୍ରିୟ ଓ ମୁଖର କରିବାପାଇଁ ନୂତନ ରଣକୌଶଳ ନିର୍ଦ୍ଧାରଣ କରିସାରିଥିଲେ । ପୁରୁଣା ନୀତିକୁ ପରିହାର ଓ ଆଧୁନିକଧାରା ପ୍ରବର୍ତ୍ତନ ଲକ୍ଷ୍ୟ ଥିଲା ।

ମୋଟାମୋଟି ଭାବରେ ବିଭିନ୍ନ ପ୍ରଦେଶରେ ଥିବା ରିଭୋଲ୍ୟୁସନାରୀଗ୍ରୁପ ସେମାନଙ୍କ ନିଜ ନାମ ଅନୁସାରେ ପରିଚିତ ଥିଲେ । ଏହିସବୁ ପରିସ୍ଥିତି ଲକ୍ଷ୍ୟ କଲାପରେ ମୁଁ ଓ ସୁଖଦେବ ସକଳ ପ୍ରାଦେଶିକ ପ୍ରତିନିଧିମାନଙ୍କୁ ନେଇ ଏକ କେନ୍ଦ୍ରିୟ କମିଟି ଗଠନ କଲୁ ଏବଂ ଏହାର ପ୍ରସ୍ତାବିତ ନାମକରଣ କଲୁ 'ହିନ୍ଦୁସ୍ଥାନ ସୋସିଆଲିଷ୍ଟ ରିପବ୍ଲିକାନ୍ ଆର୍ମି ।' ତେବେ କେନ୍ଦ୍ରିୟ କମିଟିର ନାମକରଣରେ 'ସୋସିଆଲିଷ୍ଟ' ଓ ରିପବ୍ଲିକାନ୍' ଶବ୍ଦର ସର୍ତ୍ତ ସଂଲଗ୍ନ କରିବା ପଛରେ ମାର୍କ୍ସବାଦର ତତ୍ତ୍ୱ ଏଥିରେ ପ୍ରତିଫଳିତ ନଥିଲା ।

ଫିରୋଜଶାହ ଫୋର୍ଟ୍ ମଇଦାନରେ ୧୯୨୮ ସେପ୍ଟେମ୍ବର ୮ ଓ ୯ ତାରିଖ ଯେଉଁ ସଭା ହୋଇଥିଲା, ସେଠାରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସେହି ଗୃହୀତ ନିଷ୍ପତ୍ତି ମଧ୍ୟରେ ସମଗ୍ର ଦେଶରେ ସଶସ୍ତ୍ର ଆନ୍ଦୋଳନ ସଂଘଟିତ କରିବା ମୁଖ୍ୟ ଥିଲା । ଏହି ସଶସ୍ତ୍ର ବିପ୍ଳବ ପାଇଁ ବିପୁଳ ଅର୍ଥ ଆବଶ୍ୟକ । ମାରଣାସ୍ତ୍ର କିଣିବାକୁ ହେବ । ଏହି ଅର୍ଥ ଯୋଗାଡ଼ ପାଇଁ ସରକାରୀ ଖଜଣାଖାନା, ବ୍ୟାଙ୍କ, ଡାକଘର, ରେଳଷ୍ଟେସନ ଟିକେଟ କାଉଣ୍ଟର ଲୁଟିବା ଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ ବୋଲି ସଭାରେ ଯୋଗଦେଇଥିବା ସଦସ୍ୟମାନେ ସର୍ବସମ୍ମତି ପ୍ରଦାନ କରିଥିଲେ । ଯେହେତୁ ବର୍ତ୍ତମାନ ପାଇଁ ଏହା ଏକ ଗୁପ୍ତ ସଂଗଠନ, ତେଣୁ ସର୍ବସାଧାରଣଙ୍କ ପାଖରୁ ଖୋଲାଖୋଲିଭାବେ ଚାନ୍ଦା ସଂଗ୍ରହ କରିବା ସମ୍ଭବ ନଥିଲା । ଏହାଛଡ଼ା ଗ୍ରାମାଞ୍ଚଳରେ ଥିବା ବ୍ରିଟିଶ ଶାସନର ଅନ୍ଧ ସମର୍ଥକ ଧନୀ ଶୋଷଣକାରୀଙ୍କ ଘର ଉପରେ ଚଢ଼ାଉ କରି ଧନଲୁଣ୍ଠନ କରିବା ସପକ୍ଷରେ ମଧ୍ୟ ସଦସ୍ୟମାନେ ନଥିଲେ । ଏହାଦ୍ୱାରା ଦଳକୁ ଏକ ଲୁଟେରା ସଂଗଠନ ଓ ଲୋକବିରୋଧି ପାର୍ଟି ବୋଲି ବଦ୍‌ନାମ

ହେବ । ଦିଲ୍ଲୀ ସଭାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଗଲା– ସଂଗଠନର ଭବିଷ୍ୟତ କାର୍ଯ୍ୟପନ୍ଥା ସର୍ବସମ୍ମତି କ୍ରମେ ଗ୍ରହଣ କରାଯିବ; ଏଥିରେ କୌଣସି ବ୍ୟକ୍ତିର ଏକଚାଟିଆ ଆଦେଶ ଗ୍ରହଣୀୟ ହେବନାହିଁ । ପାର୍ଟି ପକ୍ଷରୁ ଯେଉଁ ଅର୍ଥ ଓ ଅସ୍ତ୍ରଶସ୍ତ୍ର ସଂଗ୍ରହ ହେବ ସେସବୁ କେନ୍ଦ୍ରିୟ କମିଟି କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପନ କରାଯିବ । ଯଦି କୌଣସି ବଡଧରଣର କାର୍ଯ୍ୟ ଚଳାଇବା ପାଇଁ ଦଳ ଚାହିଁବ, ତେବେ ତାହାର ଯୋଜନା ଅନୁଧ୍ୟାନ କରିବାପାଇଁ କେନ୍ଦ୍ରିୟ କମିଟିର ଅନୁମୋଦନ କ୍ରମେ ସାତଜଣିଆ କମିଟି ଗଠନହେବ । କମିଟିର ସୁପାରିଶକ୍ରମେ ଯୋଜନା କାର୍ଯ୍ୟକାରୀ କରାଯିବ ।

ବିଭିନ୍ନ ଆନ୍ତଃ ପ୍ରାଦେଶିକ ବିପ୍ଳବୀ ଗୋଷ୍ଠୀ ସହିତ ଯୋଗସୂତ୍ର ରକ୍ଷାକରି କାର୍ଯ୍ୟ କରିବା ଉପରେ ମୋତେ ଓ ବିଜୟ କୁମାର ସିହ୍ନାଙ୍କୁ ମିଳିତ ଦାୟିତ୍ୱ ଦିଆଯିବା ନିମନ୍ତେ ଦିଲ୍ଲୀ ସଭାରେ ନିଷ୍ପତ୍ତି ହେଲା ।

ପଞ୍ଜାବ, ସଂଯୁକ୍ତ ପ୍ରଦେଶ, ବିହାର ଓ ରାଜପୁତନା ପାଇଁ ସୁଖଦେବ, ଶିବବର୍ମା, ଫଣୀନ୍ଦ୍ରନାଥ ଓ କୁନ୍ଦନଲାଲ୍ ପାର୍ଟି ସଂଗଠକ ଭାବେ ନିଯୁକ୍ତ ହେଲେ ।

ସଂଗଠନରେ ଆର୍ଥିକ ପାଣ୍ଠି ବୋଲି କିଛି ନଥିଲା । ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ପ୍ରାୟ ଶେଷ ହୋଇଯାଇଥିଲା । କେନ୍ଦ୍ରିୟ କମିଟିରେ ନିଷ୍ପତ୍ତି ଗ୍ରହଣ ହେଲା ଯେ ଯେଉଁ ସବୁ ରାଜ୍ୟ ଶାଖାର ସଂଗଠନ ଯେତିକି ପରିମାଣର ଅସ୍ତ୍ରଶସ୍ତ୍ର ଆବଶ୍ୟକ ମଣିବେ, ସେମାନଙ୍କ ପାଖକୁ ପଠାଯିବ । କିନ୍ତୁ କାର୍ଯ୍ୟ ସଂପାଦନ ପରେ ପରେ ସେମାନେ ସେସବୁ ଅସ୍ତ୍ର ତୁରନ୍ତ କେନ୍ଦ୍ରକମିଟିକୁ ଫେରାଇ ଦେବାକୁ ପଡ଼ିବ ।

ଚନ୍ଦ୍ରଶେଖର ଆଜାଦ ଥିଲେ ଏକମାତ୍ର ବ୍ୟତିକ୍ରମ ସଦସ୍ୟ ସେ ଯେକୌଣସି ପାର୍ଟି ସଦସ୍ୟ ସହିତ ମିଶି କାର୍ଯ୍ୟ କରିବାକୁ ପ୍ରସ୍ତୁତ ଥିଲେ । ସେହି ସଦସ୍ୟ ନୂଆ ହୁଅନ୍ତୁ ବା ପୁରୁଣା । ତେଣୁ ଆଜାଦଙ୍କୁ ପାର୍ଟିର କମାଣ୍ଡର ଇନ୍-ଚିଫ୍ ଭାବେ ନିଯୁକ୍ତି ଦିଆଗଲା । ସେ ପାର୍ଟିରେ ଯୋଗଦେଉଥିବା ନବାଗତ ସଦସ୍ୟମାନଙ୍କୁ ଅସ୍ତ୍ରଚାଳନା ଶିକ୍ଷାଦେବା ଦାୟିତ୍ୱ ନେଲେ ।

ସେତେବେଳେ ଦଳ ଘୋର ଆର୍ଥିକ ସଂକଟ ଦେଇ ଗତି କରୁଥିଲା । ଏପରିକି ପାର୍ଟି ପ୍ରତିନିଧିମାନେ ଦିଲ୍ଲୀ ମିଟିଂରେ ଯୋଗଦେବା ନିମନ୍ତେ ବହୁ କଷ୍ଟରେ ଯାତ୍ରା ଖର୍ଚ୍ଚ ଯୋଗାଡ଼ କରୁଥିଲେ । ଅବସ୍ଥା ଦିନେ ଏପରି ଶୋଚନୀୟ ହୋଇ ପଡ଼ିଥିଲା ଯେ ଦଳର ଏକ ସାଂଗଠନିକ କାର୍ଯ୍ୟ ପାଇଁ କାହାରି ପାଖରେ ଦଶଟି ଟଙ୍କା ମଧ୍ୟ ନଥିଲା । ଫଳରେ ଲାହୋରରୁ ଆସିଥିବା ଫଣୀନ୍ଦ୍ରନାଥ ଘୋଷଙ୍କ ଟ୍ରେନ ଫେରନ୍ତା ଅଗ୍ରୀମ ଟ୍ରେନ ଟିକେଟକୁ ବିକ୍ରିକରି ଅର୍ଥ ଯୋଗାଡ଼ କରିବାକୁ ପଡିଥିଲା ।

ଏଣୁ ଏଥର ପ୍ରଥମ କାର୍ଯ୍ୟ ଥିଲା ଦଳପାଇଁ ଆର୍ଥିକ ପାଣ୍ଠି ଯୋଗାଡ଼ କରିବା ।

ବିତିହା ରାଜ୍ୟରେ ଡକାୟତି କରିବାପାଇଁ ବିହାରର ଫଣୀନ୍ଦ୍ର ନାଥ ଘୋଷ ପ୍ରସ୍ତାବ ଦେଲେ ।

ଡ଼କାୟତି ଯୋଜନା କାର୍ଯ୍ୟକାରୀ କରିବାପାଇଁ ମୁଁ ଓ ଚନ୍ଦ୍ରଶେଖର ଆଜାଦ୍ ବିତିହାରେ ଯାଇ ପହଞ୍ଚିଲୁ । ପୂରା ଗୋଟିଏ ଦିନ ଆମେ ଦୁହେଁ ମାର୍କେଟ ଅଞ୍ଚଳ ଓ ବିଭିନ୍ନ ଶେଠ୍ ସାହୁକାରମାନଙ୍କ ବଡ଼ ବଡ଼ ଦୋକାନ-ଗଦି ବୁଲି ଦେଖିଲୁ । କିନ୍ତୁ ଅଳ୍ପକ୍ଲେଶରେ କାର୍ଯ୍ୟ ସଂପାଦନା କରିବା ସମ୍ଭବ ନଥିଲା । ଆମେ ଦୁହେଁ ଶେଷରେ ଖାଲି ହାତରେ, ନିରାଶ ମନରେ ଫେରି ଆସିଲୁ ।

୧୯୨୭ ନଭେମ୍ବର ୮ ।

ଭାରତର ଭାଇସ୍‌ରାୟ ଘୋଷଣା କଲେ- ଲଣ୍ଡନସ୍ଥିତ ବ୍ରିଟିଶ୍ ସରକାରଙ୍କ ନିର୍ଦ୍ଦେଶକ୍ରମେ ଭାରତରେ ଶାସନସଂସ୍କାର ଅନୁଧ୍ୟାନ କରିବାପାଇଁ ଲର୍ଡ଼ ସାଇମନ୍ ଭାରତଗସ୍ତରେ ଆସୁଛନ୍ତି ।

୧୯୨୮ ଫେବ୍ରୁଆରୀ ୩ ତାରିଖ ଦିନ ବହୁଚର୍ଚ୍ଚିତ ସାଇମନ କମିଶନ ଲଣ୍ଡନରୁ ଆସି ଭାରତ ମାଟିରେ ପାଦଦେଲେ ।

୧୯୨୪ରୁ ଦେଶର ବିଭିନ୍ନ ଅଞ୍ଚଳରେ ସାଂପ୍ରଦାୟିକ ଦଙ୍ଗାଯୋଗୁଁ ଶାସନ ବ୍ୟବସ୍ଥା ଉପରେ ତାହାର ପ୍ରଭାବ ପଡ଼ିଥିଲା । ତେଣୁ ଦେଶରେ ଶାସନ ସଂସ୍କାର ଆଣିବା ପାଇଁ, ସାଇମନ କମିଶନ ଭାରତ ଆସିଥିଲେ । କିନ୍ତୁ ବ୍ରିଟିଶ୍ ଶାସନ-ପ୍ରଶାସନ ବିରୁଦ୍ଧରେ ଏପରିଭାବେ ଜନମତ ଉଗ୍ରରୂପ ଧାରଣ କରିଥିଲା ଯେ ଲର୍ଡସାଇମନ ଭାରତରେ ପାଦଦେଲା କ୍ଷଣି ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଗଲା । ଧର୍ମଘଟ, ହରତାଳ ବିକ୍ଷୋଭ ପ୍ରଦର୍ଶନ ମାଧ୍ୟମରେ ଆନ୍ଦୋଳନକାରୀମାନେ ଦେଶର ବିଭିନ୍ନ ସହର-ନଗରମାନଙ୍କରେ 'ସାଇମନ, ଗୋ ବେକ୍' ସ୍ଲୋଗାନ୍ ଦେଲେ । ସାଇମନ କମିଶନଙ୍କ ଭାରତଗସ୍ତକୁ ଦେଶବ୍ୟାପୀ ଜୋର୍‌ଦାର୍ ବିରୋଧ ହେବ ବୋଲି ବ୍ରିଟିଶ୍‌ଶାସନ ସ୍ୱପ୍ନରେ ସୁଦ୍ଧା ଭାବିନଥିଲା ।

ସାଇମନ କମିଶନଙ୍କ ବିରୁଦ୍ଧରେ ପ୍ରଥମେ ବମ୍ବେରେ ବିକ୍ଷୋଭ ପ୍ରଦର୍ଶନ ହେଲା । ତାପରେ ଦିଲ୍ଲୀ, ଦକ୍ଷିଣ ଭାରତର ମାନ୍ଦ୍ରାଜ ମହାନଗରୀରେ ବିକ୍ଷୋଭ ପ୍ରଦର୍ଶନ ଏପରି ଉଗ୍ରରୂପ ଧାରଣ କଲାଯେ ତିନିଜଣ ପ୍ରାଣ ହରାଇଲେ ।

ବିକ୍ଷୋଭକାରୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ୍ ଅଣନିଃଶ୍ୱାସୀ ହୋଇପଡିଥିଲା । କଲିକତା ଅବସ୍ଥା ଆହୁରି ଅଧିକ ଅସମ୍ଭାଳ ହୋଇପଡିଲା । ହଜାର ହଜାର ବିକ୍ଷୋଭକାରୀଙ୍କୁ ସମ୍ଭାଳିବାପାଇଁ ସରକାରୀକଳ ଓ ପୁଲିସ୍ ପ୍ରଶାସନର ଅବସ୍ଥା ସବୁଠାରୁ ଅଧିକ ଦୟନୀୟ ହୋଇପଡିଥିଲା ।

ଦିଲ୍ଲୀ, ବମ୍ବେ, କଲିକତା, ମାନ୍ଦ୍ରାଜ ପରି ମହାନଗରୀ ସମେତ ଦେଶର ଛୋଟବଡ଼ ସହର ମାନଙ୍କରେ ସାଇମନ୍ କମିଶନ୍‌ଙ୍କ ଭାରତଗସ୍ତକୁ ବିରୋଧକରି ବିକ୍ଷୋଭ ପ୍ରଦର୍ଶନ କରୁଥିବା ଜନସମୁଦ୍ରର ଉତ୍ତାଳ ତରଙ୍ଗ ବିଭିନ୍ନ ଜାତି-ଧର୍ମ-ବର୍ଣ୍ଣର ମଣିଷମାନଙ୍କୁ ଏକାକାର କରିଦେଇ ସେମାନଙ୍କୁ 'ଏକତାବଦ୍ଧ ଭାରତୀୟ'ର ରୂପ ଦେଇଥିଲା । ବ୍ରିଟିଶ ପ୍ରଶାସନ ଆଖିରୁ ନିଦ ହଜେଇ ଦେଇଥିଲା । ବ୍ରିଟିଶ୍ ଶାସନ ବିରୁଦ୍ଧରେ ଭାରତୀୟ ଜନ ଅସନ୍ତୋଷକୁ ପ୍ରଶମିତ କରିବାପାଇଁ ସାଇମନ୍ କମିଶନ ସହିତ ଆସୁଥିବା ସଦସ୍ୟମାନଙ୍କ ଉପରେ ବୋମାମାଡ କରିବାପାଇଁ ମୁଁ ଦିଲ୍ଲୀ କେନ୍ଦ୍ରିୟ କମିଟି ପାଖରେ ପ୍ରସ୍ତାବ ଉପସ୍ଥାପନ କଲି । କମିଟି ମୋର ପ୍ରସ୍ତାବକୁ ଯଦିଓ ଆଗ୍ରହର ସହ ଅନୁମୋଦନ କଲା । କିନ୍ତୁ ଏହି କାର୍ଯ୍ୟ ସଂପାଦନ କରିବାକୁ ଅର୍ଥର ଆବଶ୍ୟକତା ପୂରଣ କରିବା ଏକ ମୁଖ୍ୟ ସମସ୍ୟା ଥିଲା । ଏହି ଅର୍ଥ ଭରଣାପାଇଁ ଚୋରି-ଡକାୟତି କରିବାକୁ କମିଟି ଯେତେବେଳେ ନିଷ୍ପତ୍ତି ନେଲା, ସେତେବେଳେ ଏହି ଦାୟିତ୍ୱ ଦିଆଗଲା କୈଳାଶପତିଙ୍କୁ । କୈଳାଶପତିଙ୍କ ନେତୃତ୍ୱରେ ଗୋଟିଏ ଛୋଟିଆ ଗୋଷ୍ଠୀ ଗୋରଖପୁର ଗଲା ଏବଂ ଏକ ପୋଷ୍ଟ ଅଫିସକୁ ଲୁଣ୍ଠନକରି ପାଞ୍ଚହଜାର ଟଙ୍କା ଆଣିଲା । ଏହି ଅର୍ଥ ବିନିଯୋଗରେ ଦଳର ବହୁ ଜରୁରୀ ଆବଶ୍ୟକତା ପୂରଣ ହେଲା ।

ସାଇମନ କମିଶନଙ୍କ ଲାହୋର ଗସ୍ତ ବେଳେ ସର୍ବଦଳୀୟ ରାଜନୈତିକ ସଂଗଠନ ଗୁଡ଼ିକ ପକ୍ଷରୁ ଯେପରି ଭାବରେ ଜୋର୍‌ଦାର ମିଳିତ ବିକ୍ଷୋଭ ପ୍ରଦର୍ଶନ ଓ ଶୋଭାଯାତ୍ରା ହେବ ସେଥିପାଇଁ ଆୟୋଜନ କରିବାକୁ ଦିଲ୍ଲୀର କେନ୍ଦ୍ରିୟ କମିଟି ଆମର ଲାହୋରସ୍ଥିତ ଯୁବସଭାକୁ ନିର୍ଦ୍ଦେଶ ଦେଇଥିଲା ।

ସାଇମନ କମିଶନ ଲାହୋର୍‌ରେ ପହଞ୍ଚିଲାକ୍ଷଣି କମିଶନଙ୍କୁ ବର୍ଜନ ନିମନ୍ତେ ଯୁବସଭା ନେତୃତ୍ୱରେ ବିକ୍ଷୋଭ ଶୋଭାଯାତ୍ରା କରିବାକୁ ବେଶୀ ଗୁରୁତ୍ୱ ଦିଆଯାଇଥିଲା । ଯୁବସଭାର ସଦସ୍ୟମାନେ ଲାହୋର ରେଳଷ୍ଟେସନଠାରେ ବହୁ ସଂଖ୍ୟାରେ ଉପସ୍ଥିତ ହୋଇଥିଲେ । ସାଇମନ କମିଶନର ସଦସ୍ୟମାନେ ଟ୍ରେନ୍‌ଯୋଗେ ଆସିବା କାର୍ଯ୍ୟକ୍ରମ ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲା । ସଦସ୍ୟମାନେ ଲାହୋର ଷ୍ଟେସନରେ ପହଞ୍ଚିବାପରେ

ବାହାରକୁ ଯେପରି ବାହାରି ପାରିବେ ନାହିଁ, ସେମାନଙ୍କ ଯାତ୍ରା ପ୍ରତିରୋଧ କରିବାପାଇଁ ଆମ ଯୁବସଭାର ସଦସ୍ୟମାନେ ରେଳଷ୍ଟେସନର ଗୋଟିଏ ଅଂଶକୁ ନିଜ ଦଖଲକୁ ନେଇ ଯାଇଥିଲେ ।

ବିକ୍ଷୋଭ ପ୍ରଦର୍ଶନ ପୂର୍ବରୁ ମୁଁ ଲାଲାଲଜପତ୍ ରାୟଙ୍କୁ ସାକ୍ଷାତକରି ବିକ୍ଷୋଭ ପ୍ରଦର୍ଶନର ନେତୃତ୍ୱ ନେବାପାଇଁ ଅନୁରୋଧ କରିଥିଲି । ଆମ ଅନୁରୋଧକୁ ଲାଲାଜୀ ରକ୍ଷା ମଧ୍ୟ କରିଥିଲେ ।

ଲାଲାଜୀ ବିକ୍ଷୋଭ ଶୋଭାଯାତ୍ରାର ନେତୃତ୍ୱ ନେବାପାଇଁ ରେଳ ଷ୍ଟେସନରେ ପହଞ୍ଚିଲା କ୍ଷଣି ଯୁବସଭାର ସଦସ୍ୟମାନେ ତାଙ୍କ ପାଇଁ ଏକ ସୁରକ୍ଷାବଳୟ ସୃଷ୍ଟି କରିନେଲେ । ପୁଲିସ ପକ୍ଷରୁ ବୟୋବୃଦ୍ଧନେତା ଲାଲାଜୀଙ୍କ ଉପରେ ସମ୍ଭାବ୍ୟ ଆକ୍ରମଣର ଆଶଙ୍କାରେ ତାଙ୍କୁ କୌଣସିମତେ ସୁରକ୍ଷା ଦେବାକୁ, ଏହି ବଳୟ ସୃଷ୍ଟି ହୋଇଥିଲା । ଯୁବସଭାର ଜଣେ ସଦସ୍ୟ ଲାଲାଜୀଙ୍କ ମୁଣ୍ଡ ଉପରେ ଗୋଟେ ଖୋଲା ଛତା ଧରି ଠିଆ ହୋଇଥିଲା ।

ଲାହୋର ରେଳଷ୍ଟେସନଠାରେ ଏହି ବିକ୍ଷୋଭ ଶୋଭାଯାତ୍ରା ବିଶାଳ ଜନସମୁଦ୍ରର ଭ୍ରମ ସୃଷ୍ଟି କରୁଥିଲା । ପରିସ୍ଥିତି ଅନୁଧ୍ୟାନ କରିବାପାଇଁ ଅଧସ୍ତନ ଅଧିକାରୀ ଓ ବିଶାଳ ସଶସ୍ତ୍ର ପୁଲିସ୍‌ବାହିନୀ ସାଙ୍ଗରେ ଡ଼ି.ଏସ୍.ପି. ମିଃ.ସ୍କଟ ନିଜେ ଷ୍ଟେସନକୁ ଆସିଥିଲେ । ସେ ଘଟଣାସ୍ଥଳ ପରିଦର୍ଶନ କଲାବେଳେ ପରିସ୍ଥିତିର ଗମ୍ଭୀରତା ବାରିନେଲେ । ଲାଲାଜୀ ଓ ତାଙ୍କ ସହିତ ଥିବା ଜନସମୁଦ୍ରକୁ ରେଳଷ୍ଟେସନ ସମ୍ମୁଖରୁ ଅପସାରଣ କରାନଗଲେ ସାଇମନ କମିଶନର ସଦସ୍ୟମାନେ କଦାପି ବାହାରକୁ ଆସିପାରିବେ ନାହିଁ ବୋଲି ମିଃ ସ୍କଟ ଅନୁମାନ କରିନେଲେ । ତେଣୁ ସେ ତାଙ୍କ ସାଙ୍ଗରେ ଆସିଥିବା ଏ.ଏସ୍.ପି ମିଃ ସୌଣ୍ଡର୍ସଙ୍କୁ ନିର୍ଦ୍ଦେଶଦେଲେ କମିଶନର ସଦସ୍ୟମାନେ ସୁରକ୍ଷିତ ଅବସ୍ଥାରେ ଷ୍ଟେସନ ପ୍ଲାଟଫର୍ମରୁ ବାହାରକୁ ଯେପରି ଆସିପାରିବେ ତାହାରି ବ୍ୟବସ୍ଥା କରିବାକୁ । ଆବଶ୍ୟକ ପଡ଼ିଲେ ଲାଠିଚାଳନା କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଲେ ଓ ମିଃ ସ୍କଟ୍ ଘଟଣାସ୍ଥଳରୁ ଚାଲିଗଲେ । ଡି.ଏସ୍.ପି ମିଃ ସ୍କଟଙ୍କ ପରାମର୍ଶ ଅନୁଯାୟୀ ଏ.ଏସ୍.ପି ମିଃ ସୌଣ୍ଡର୍ସ ପୁଲିସ ବାହିନୀକୁ ଲାଠି ଚାଳନା ନିର୍ଦ୍ଦେଶ ଦେଲେ । ବିକ୍ଷୋଭ ଶୋଭାଯାତ୍ରାକାରୀମାନଙ୍କୁ ଘଉଡ଼ାଇବା ପାଇଁ ପୁଲିସ ଲାଠିଚାଳନା କଲା । ବିକ୍ଷୋଭ ଶୋଭାଯାତ୍ରାରେ ଯୋଗ ଦେବାକୁ ଆସିଥିବା ଲୋକେ ପ୍ରାଣ ବିକଳରେ ଏଣେ ତେଣେ ଦୌଡ଼ିଲେ । କିନ୍ତୁ ବିକ୍ଷୋଭ ପ୍ରଦର୍ଶନର ନେତୃତ୍ୱ ନେଉଥିବା ବୟୋବୃଦ୍ଧ ନେତା ଲାଲାଜୀ ପୁଲିସ୍‌ର ଅମାନୁଷିକ ଲାଠିଚାଳନା ସତ୍ତ୍ୱେ

ଅଚଳ ଅଟଳ ପୁରୁଷ ଭାବେ ଠିଆହୋଇ ରହିଥାନ୍ତି । ତାଙ୍କୁ ଆମ ଯୁବସଭାର ସ୍ୱେଚ୍ଛାସେବକମାନେ ଘେରାବନ୍ଦୀ ଭିତରେ ରଖିଥାନ୍ତି । ଆମର ଜଣେ ସାଥୀ ତାଙ୍କ ପଛ ପଟେ ଛତା ଡାଙ୍କି ଠିଆହୋଇଥାଏ । ଲାଲାଜୀଙ୍କ ପାଖରେ ମୁଁ ଓ ମୋର ବାବା କିଶନ ସିଂହ ଠିଆ ହୋଇଥିଲୁ ।

ଡି.ଏସ୍.ପି ମିଃ ସ୍କଟଙ୍କ ପରାମର୍ଶ ଅନୁସାରେ ଏ ଏସ୍ ପି ମିଃ ସୌଣ୍ଡର୍ସ ଲାଲାଜୀ ଓ ତାଙ୍କ ସାଙ୍ଗରେ ଥିବା ଯୁବସଭାକର୍ମୀମାନଙ୍କୁ ଟାଣିନେବାକୁ ପୁଲିସ ବାହିନୀକୁ ଆଦେଶ ଦେଲେ । କିନ୍ତୁ ଲାଲାଜୀ ଓ ତାଙ୍କ ଅନୁଗତ ସମର୍ଥକମାନେ ଠିଆ ହୋଇଥିବା ସ୍ଥାନରୁ ଇଞ୍ଚେ ସୁଦ୍ଧା ଘୁଞ୍ଚିଲେ ନାହିଁ । ମିଃ ସୌଣ୍ଡର୍ସଙ୍କ ଧୈର୍ଯ୍ୟର ବନ୍ଧବାଡ଼ ଭାଙ୍ଗିଗଲା । ସେ କ୍ରୋଧରେ ନିଜର ମାନସିକ ଭାରସାମ୍ୟ ହରାଇ ବସିଲେ । ସେ ହାତରେ ଧରିଥିବା ପିତଳ ଗୋବଲଗା ବେତବାଡ଼ି ସ୍ୱେଚ୍ଛାସେବକମାନଙ୍କ ଉପରେ ପ୍ରୟୋଗକଲେ । ସୋଣ୍ଡର୍ସଙ୍କ ବେତମାଡ଼ ସାଙ୍ଗକୁ ପୁଲିସ୍‌ବାହିନୀର ଲାଠି ଚାଳନାରେ ଲାଲାଜୀ କୌଣସିମତେ ଆଉ ନିଜକୁ ରକ୍ଷା କରିପାରିଲେ ନାହିଁ । ଜଣେ ପୁଲିସକର୍ମୀ ଲାଲାଜୀଙ୍କ ମୁଣ୍ଡକୁ ଡ଼ାଙ୍କି ରହିଥିବା ଛତାକୁ ପାହାରେ ଦେଲା । ଲାଲାଜୀଙ୍କୁ ଘେରି ରହିଥିବା ଯୁବକମାନଙ୍କ ଉପରେ ଆଖିବୁଜା ଲାଠିମାଡ଼ର ବର୍ଷାହେଲା । ତଥାପି ଲାଲାଜୀଙ୍କୁ ଘେରି ରହିଥିବା ମାନବ ଶୃଙ୍ଖଳା ଲାଠିମାଡ଼ରେ ଲହୁଲୁହାଣ ହେବା ସତ୍ତ୍ୱେ ଅବିଚଳିତ ରହିଥିଲା । ସୌଣ୍ଡର୍ସ ଗୋଟେ ଲମ୍ବା ଲାଠି ଜଣେ ପୁଲିସ୍‌କର୍ମୀ ହାତରୁ ଛଡାଇ ଆଣି ଲାଲାଜୀଙ୍କ ମୁଣ୍ଡକୁ ଡ଼ାଙ୍କି ରଖିଥିବା ଛତାକୁ ପ୍ରହାର କଲେ । ଛତା ଲାଠିମାଡ଼ରେ ଚୁର୍‌ମାର ତ ହେଲା, ସେହି ଲାଠି ଲାଲାଜୀଙ୍କ ଛାତିରେ ବାଜିଲା । ଲାଲାଜୀ ଶକ୍ତ ଲାଠି ମାଡ଼ରେ ଆହତ ହୋଇ ଭୂମି ଉପରେ ଲୋଟିପଡିଲେ । ଲାଲାଜୀ ସଂଜ୍ଞାହୀନ ଅବସ୍ଥାରେ ପୁଲିସ୍‌ର ଅମାନୁଷିକ ଲାଠିମାଡ଼କୁ ବିରୋଧ କରି ବିକ୍ଷୋଭ ଶୋଭାଯାତ୍ରା ବାତିଲ୍ କରିବାକୁ ତାଙ୍କ ସ୍ୱେଚ୍ଛାସେବକମାନଙ୍କୁ କହିଲେ । ଯୁବକମାନେ ବିକ୍ଷୋଭ ପ୍ରଦର୍ଶନକୁ ଯଦିଓ ବାତିଲ୍ କରିନେଲେ କିନ୍ତୁ ଏହି ନିଷ୍ପତ୍ତିରେ ଘୋର ବିରକ୍ତ ହେଲେ ।

ସେହିଦିନ ସଂଧ୍ୟାରେ କଂଗ୍ରେସଦଳ 'ମୋରିଗେଟ୍' ବାହାରେ ଏକ ସାଧାରଣ ସଭା ଡାକିଲା । ସୌଣ୍ଡର୍ସର ଲାଠିମାଡ଼ରେ ଲାଲାଜୀ ଗୁରୁତର ଭାବେ ଆହତ ହୋଇ ସୁଦ୍ଧା ଏହି ସଭାରେ ଭାଷଣ ଦେଲେ ।

..."ବ୍ରିଟିଶ୍ ସରକାରର ପୁଲିସବାହିନୀ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ ବେଳେ ଯେଉଁଭଳି ଅମାନୁଷିକଭାବେ ଲାଠି ଚାଳନା କଲା ଏହାକୁ ଏକ ସଭ୍ୟ ସରକାରଙ୍କ

ଆଚରଣ ବୋଲି ଆଦୌ କୁହାଯିବ ନାହିଁ । ଏପରି ସରକାର ଏହି ଦେଶରେ ଆଉ ବେଶିଦିନ ତିଷ୍ଠି ରହିବନାହିଁ । ଆଜି ମୁଁ ଭବିଷ୍ୟବାଣୀ କରୁଛି ମୋ ଛାତି ଉପରେ ହୋଇଥିବା ପ୍ରତିଟି ଲାଠିମାଡ଼ ବ୍ରିଟିଶ୍ ସାମ୍ରାଜ୍ୟର କଫିନ୍ ଉପରେ ଦିନେ ଅଜାଡ଼ି ହୋଇପଡିବ ।''

ଲାଲାଜୀ ହିନ୍ଦୀରେ ଭାଷଣ ଦେଉଥିଲେ ଓ ତାହାର ଇଂରାଜୀ ଅନୁବାଦ ନିଜେ ଜନ ସମୁଦ୍ରକୁ ଶୁଣାଉଥିଲେ । ଲାଲାଜୀଙ୍କ ଭାଷଣର ଇଂରାଜୀ ରୂପାନ୍ତରିତ ଭାଷା ସଭାରେ ଉପସ୍ଥିତ ବ୍ରିଟିଶ ପୁଲିସ ଅଫିସରମାନେ ମଧ୍ୟ ଶୁଣୁଥିଲେ ।

୧୯୨୮ ନଭେମ୍ବର ୧୭ ତାରିଖ । ଭାରତର ସ୍ୱାଧୀନତା ଆନ୍ଦୋଳନର ଇତିହାସରେ ଏକ ହୃଦୟବିଦାରକ ଶୋକଦିବସ ।

ଲାଲାଜୀ ... ଲାଲା ଲଜପତରାୟଙ୍କର ଅକାଳ ଦେହାନ୍ତ ହେଲା । କିଛିଦିନ ପୂର୍ବରୁ ସେ ଯେଉଁ ସାଂଘାତିକ ଲାଠିମାଡ଼ ଖାଇଥିଲେ ତାହାର ପ୍ରଭାବ ଶରୀର ଭିତରେ ପଡିଥିଲା । ସେ ଗୁରୁତର ଭାବେ ଅସୁସ୍ଥ ହୋଇ ପଡିଥିଲେ ।

ସ୍ୱାଧୀନତା ଆନ୍ଦୋଳନର ମହାନ୍ ସାରଥୀ ଲାଲାଜୀଙ୍କ ବିୟୋଗରେ ସମଗ୍ର ଦେଶ ମର୍ମାହତ ହୋଇପଡିଲା । ଶ୍ମଶାନରେ ସଂସ୍କାର ନିମନ୍ତେ ତାଙ୍କର ଯେଉଁ ଶବ ଶୋଭାଯାତ୍ରା ହୋଇଥିଲା ସେଥିରେ ଲକ୍ଷେରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ-ସମର୍ଥକ ଯୋଗ ଦେଇଥିଲେ । ଲାହୋର ସହରରେ ରହୁଥିବା ହିନ୍ଦୁ ଓ ମୁସ୍‌ଲିମ୍ ସଂପ୍ରଦାୟର ହଜାର ହଜାର ନରନାରୀ ଲାଲାଜୀଙ୍କୁ ଶ୍ରଦ୍ଧାସୁମନ ଜଣାଇବା ପାଇଁ ଉପବାସ ପାଳନ କରିଥିଲେ ।

ଲାଲାଜୀଙ୍କ ମୃତ୍ୟୁ ହୋଇନାହିଁ, ତାଙ୍କୁ ପୁଲିସ୍ ହତ୍ୟା କରିଛି । ଆଉ ଏହି ହତ୍ୟାର ମୁଖ୍ୟନାୟକ ହେଉଛି- ମିଃ ସ୍କଟ ଆଉ ତାର ଅନୁଗତ ବଗସ୍କର ମିଃ ସୌଣ୍ଡର୍ସ ।

ଲାଲାଜୀଙ୍କ ଅକାଳ ଦେହାନ୍ତ ଏକ ସାଧାରଣ ଘଟଣା ନୁହେଁ- ଏହା ଏକ ରାଷ୍ଟ୍ରୀୟ ଅପମାନ ।

ମୁଁ ପ୍ରତିଶୋଧର ବହ୍ନିରେ ଜଳୁଥାଏ ।

୧୯୨୮ ଡିସେମ୍ବର ପ୍ରଥମ ସପ୍ତାହରେ କେନ୍ଦ୍ରିୟ କମିଟିର ବୈଠକ ବସିଲା । କମିଟିର ସିଦ୍ଧାନ୍ତ ଥିଲା ଲାଲାଜୀ ହତ୍ୟାର ପ୍ରତିଶୋଧ ନିଆଯିବ ।

ଏହି ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ ହେଉଚି ମିଃସ୍କଟ । ତାହାରି

ନିର୍ଦ୍ଦେଶରେ ମିଃ ସୌଣ୍ଡର୍ସ ଯେଉଁ ଲାଠିମାଡ଼ କଲା ତାହା ଲାଲାଜୀଙ୍କ ମୃତ୍ୟୁର କାରଣ ।

ଆମର ବିପ୍ଲବୀ ସାଥୀମାନେ ସ୍କଟ ଓ ସୌଣ୍ଡର୍ସର ଗତିବିଧି ଉପରେ ସତର୍କତାପୂର୍ଣ୍ଣ କଡା ଦୃଷ୍ଟି ରଖିଲେ । କିନ୍ତୁ ଏହି ଦୁଇଗୋରା ପୁଲିସ ଅଫିସରଙ୍କୁ ଆମର ବିପ୍ଲବୀ ସାଥୀମାନେ ଚିହ୍ନଟ କରିପାରୁନଥିଲେ– ଦୁହିଁଙ୍କ ଭିତରୁ କିଏ ସ୍କଟ ଓ ଆଉ କିଏ ସୌଣ୍ଡର୍ସ ।

ସୌଣ୍ଡର୍ସକୁ ସ୍କଟ ଭାବି ଆମର ବିପ୍ଲବୀ ସାଥୀମାନେ ଗୁଳି ମାଡ଼କରି ତାକୁ ହତ୍ୟାକରିବାକୁ ପିଛା କରୁଥିଲେ । ତାକୁ ହତ୍ୟାପାଇଁ ନିର୍ଦ୍ଧାରିତ ଦିନ ଜୟଗୋପାଳ ଓ ରାଜଗୁରୁ ପୁଲିସ୍ ହେଡ୍‌କ୍ୱାଟର କାର୍ଯ୍ୟାଳୟ ପାଖକୁ ଗଲେ । ଏହିଠାରେ ସୌଣ୍ଡର୍ସର ଅଫିସ । ମୁଁ ଓ ଆଜାଦ୍ ମଧ ସେ ଦୁହିଁଙ୍କ ସହିତ ଯାଇ ମିଶିଲୁ । ଆମ ଚାରିଜଣଙ୍କ ପାଖରେ ଗୁଳିଭର୍ତ୍ତି ରିଭଲଭର ଥାଏ ।

ଚାରିଜଣ ମିଶି ଶେଷ ରଣନୀତି ନିର୍ଦ୍ଧାରଣ କଲୁ ।

ରଣନୀତି ଓ ଯୋଜନା ଅନୁସାରେ ଜୟଗୋପାଳ ପୁଲିସ ହେଡକ୍ୱାର୍ଟର ସମ୍ମୁଖ ରାସ୍ତାରେ ସାଇକେଲଟି ରଖି ତାକୁ ମରାମତି କରିବା ବାହାନାରେ ନଇଁପଡି ବସିଲା । ଆମେ ଅନ୍ୟ ତିନିଜଣ ଅଲଗା ଅଲଗା ଭାବରେ ନିଜ ପୋଜିସନରେ ରହିଲୁ । ତିନୋଟି ସାଇକେଲ୍ ପ୍ରସ୍ତୁତ କରି ରଖାଯାଇଥାଏ । ଗୁଳିଚାଳନା ଯଦି ବ୍ୟର୍ଥହୁଏ ତେବେ ସାଇକେଲରେ ବସି ତୁରନ୍ତ ଚଂପଟ ମାରିବା ଆମର ଉଦ୍ଦେଶ୍ୟ ଥିଲା ।

ସୌଣ୍ଡର୍ସ ତାର ଅଫିସରୁ ବାହାରକୁ ଆସି ମୋଟର ସାଇକେଲରେ ଚଢ଼ିଲାକ୍ଷଣି ମୁଁ ତାକୁ ପ୍ରଥମେ ଗୁଳିମାଡ଼ କରିବି – ଏହାଥିଲା ଯୋଜନା । ପୁଲିସ ହେଡ୍‌କ୍ୱାର୍ଟରକୁ ଲାଗିଥିବା ଡିଏଭି କଲେଜ ପରିସରରେ ଥାଏ ଆଜାଦ୍ । ଗୁଳିମାଡ଼ ପରେ ପରେ ତତ୍‌କାଳ ଡିଏଭି କଲେଜ ଭିତରେ ପଶି ସେଠାରୁ ଅନ୍ୟତ୍ର ଖସିପଳାଇବା ଥିଲା ଆମ ଯୋଜନା ।

ଆମ ଚାରିଜଣିଆ ଟିମ୍‌ର ପାଖରେ ଥିଲା ଶକ୍ତିଶାଳୀ ଅସ୍ତ୍ର ଓ ଗୁଳିଗୋଳା । ଚନ୍ଦ୍ରଶେଖର ଆଜାଦ୍ ପାଖରେ ଥିଲା ଦଶୋଟି ଗୁଳି ଭର୍ତ୍ତି ଜର୍ମାନ ମାଉଜର୍ ।

ମୁଁ ସାଇକେଲ୍ ମରାମତି କରୁଥିବା ରାସ୍ତାକଡ଼ର ଜୟଗୋପାଳ ପାଖକୁ ଧୀର ମନ୍ଥର ଗତିରେ ଗଲି । ଆମେ ଦୁହେଁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇ ସାଂକେତିକ ଭାଷାରେ ଭାବର ଆଦାନ ପ୍ରଦାନ କଲୁ ।

ଇତିମଧ୍ୟରେ ପୁଲିସ ମୁଖ୍ୟ କାର୍ଯ୍ୟାଳୟ ପରିସର ମଧ୍ୟରେ ଥିବା ମୋଟର ସାଇକେଲ୍‌ଟି ଷ୍ଟାର୍ଟହେଲା । ଜୟଗୋପାଳ କାର୍ଯ୍ୟ ପାଇଁ ଜାଗ୍ରତ ହେଲା । ଏ.ଏସ୍.ପି

ଜେ.ପି ସୌଣ୍ଡର୍ସ ମୋଟର ସାଇକେଲ ଚଢ଼ି ମେନ୍‌ଗେଟ ଆଡ଼କୁ ଅଗ୍ରସର ହେଲାବେଳକୁ ଜୟଗୋପାଳ ମୋତେ ସଂକେତ ଦେଲା ।

ତତ୍‌କ୍ଷଣାତ୍ ମୁଁ ଓ ରାଜଗୁରୁ ପୁଲିସ ମୁଖ୍ୟ କାର୍ଯ୍ୟାଳୟର ଗେଟ ଆଡ଼କୁ ଅଗ୍ରସର ହେଲୁ । ସୌଣ୍ଡର୍ସ ଗେଟ୍ ଅତିକ୍ରମକରି ମୁଖ୍ୟରାସ୍ତା ଉପରକୁ ଆସିବାପୂର୍ବରୁ ରାଜଗୁରୁ ତା ଉପରେ ଗୁଳିବର୍ଷଣ କଲା । ଗୁଳି ସୌଣ୍ଡର୍ସର କପାଳକୁ ବାଜିଲା । ସେ ତୀବ୍ର ଯନ୍ତ୍ରଣାରେ ବିଚଳିତ ହୋଇ ମୋଟର ସାଇକେଲ ସହ ଭୂମି ଉପରେ ଲୋଟିପଡ଼ିଲା ।

ମୁଁ ଦ୍ରୁତ ପଦପାତରେ ସୌଣ୍ଡର୍ସ ଆଡ଼କୁ ଅଗ୍ରସର ହେଲି । ତଳେ ପଡ଼ି ଛଟପଟ ହଉଥିବା ଏହି ନରପିଶାଚର ମୁଣ୍ଡ ଓ ଛାତିକୁ ଲକ୍ଷ୍ୟକରି ଆଉ ଛଅରାଉଣ୍ଡ ଗୁଳିମାଡ଼ କଲି ।

ଏଥର ସୌଣ୍ଡର୍ସ ସବୁଦିନ ପାଇଁ ଆଖିମୁଦିଲା ।

ଆମ୍ଭମାନଙ୍କ ଗୁଳିଚୋଟରେ ସୌଣ୍ଡର୍ସ ଭୂମି ଉପରେ ଟଳି ପଡ଼ିବା ଦୃଶ୍ୟ ଜଣେ କନେଷ୍ଟବଳ ଅଫିସ ବାରଣ୍ଡାରେ ଥାଇ ଦେଖିଥିଲା । ସେ ଅନ୍ୟ ପୁଲିସ୍ କର୍ମୀମାନଙ୍କୁ ସାହାଯ୍ୟ କରିବାକୁ ଡାକ ଛାଡ଼ିବାରୁ କାର୍ଯ୍ୟାଳୟ କୋଠରୀ ଭିତରେ ଥିବା ପୁଲିସ୍‌ଷ୍ଟାଫ୍ ଦୌଡ଼ିଆସିଲେ । ପୁଲିସ ଅଫିସରମାନେ ସୌଣ୍ଡର୍ସକୁ ସେମିତି ରକ୍ତାକ୍ତ ଅବସ୍ଥାରେ ଛାଡ଼ିଦେଇ ଡି.ଏ.ଭି କଲେଜ୍ ପରିସର ଆଡ଼କୁ ଦୌଡ଼ିଲେ । ଟ୍ରାଫିକ୍ କନେଷ୍ଟବଳ ଫେର୍ନ ଓ ଆଉ ତିନିଜଣ କନେଷ୍ଟବଳ ସେମାନଙ୍କ ପଛେ ପଛେ ଅନୁଧାବନ କଲେ ।

ପଛରେ ଗୋଡ଼ାଉଥିବା ପୁଲିସଦଳ ଉପରକୁ ମୁଁ ଗୁଳି ଚାଳନା କଲି । ମୋର ଗୁଳିମାଡ଼ରୁ ଜଣେ ଇନିସ୍ପେକ୍ଟର ଅଳ୍ପକେ ବର୍ତ୍ତିଗଲା । ଅନ୍ୟ କନେଷ୍ଟବଳମାନେ ଆତଙ୍କିତ ହୋଇ ପଛଘୁଞ୍ଚା ଦେଲେ । ଇତିମଧ୍ୟରେ ଭାୟାଜୀ ଚିତ୍କାର କଲେ- ଆସ ସାଥୀମାନେ, ଆମ ଲକ୍ଷ୍ୟ ପୂରଣ ହୋଇ ସାରିଚି ।''

ମୁଁ ଓ ରାଜଗୁରୁ ଦ୍ରୁତ ପାଦରେ ଦୌଡ଼ିଲୁ । ଆମକୁ ଧରିବା ପାଇଁ ଆସୁଥିବା ପୁଲିସ୍‌ଦଳକୁ ପ୍ରତିରୋଧ କରିବାପାଇଁ ଭାୟାଜୀ ନିଜ ସ୍ଥାନରେ ଠିଆହୋଇ ରହିଲେ । ହେଡକନେଷ୍ଟବଳ ଚନ୍ଦନସିଂହ ଆଉ ତିନିପୁଲିସ କର୍ମୀ ସହିତ ରାଜଗୁରୁ ଓ ମୋତେ ଧରିବା ପାଇଁ ଉଦ୍ୟମ କଲାବେଳେ ଭାୟାଜୀ ପିସ୍ତଲ ଦେଖାଇ ତାଗିଦ୍ କରିଦେଲେ- ''ପଛକୁ ହଟିଯାଅ ନୋହିଲେ ଗୁଳିକରି ଦେବି-''

ସାଙ୍ଗରେ ଥିବା ତିନିଜଣ କନେଷ୍ଟବଲଙ୍କ ପାଦସ୍ଥିର ହୋଇଗଲା କିନ୍ତୁ ହେଡ୍‌କନେଷ୍ଟବଲ ଚନ୍ଦନସିଂହ ଔଦ୍ଧତ୍ୟର ସହ ଭାୟାଜୀଙ୍କ ଉପରକୁ ମାଡ଼ିଆସିଲା ।

ଭାୟାଜୀ ତୁରନ୍ତ ଗୁଳିମାଡ଼ କଲେ । ବୁଲେଟ୍ ଚନ୍ଦନ ସିଂହର ଛାତିକୁ ଗୁଳିବିଦ୍ଧ କଲା । ସେ ଚଟାଣ ଉପରେ ଲୋଟିପଡ଼ିଲା । ତାପରେ ଭାୟାଜୀ ଡି.ଏ.ଭି କଲେଜ ପରିଧି ଅତିକ୍ରମ କରି କଲେଜ ହଷ୍ଟେଲ ଭିତରେ ପ୍ରବେଶ କଲେ । ଆମେ ସବୁ ପୂର୍ବରୁ ହଷ୍ଟେଲ ଭିତରେ ଆତ୍ମଗୋପନ କରିଥିଲୁ । ମୁଁ ତୁରନ୍ତ ସେ ସ୍ଥାନ ଛାଡ଼ି ଚାଲିଗଲି । ଭାୟାଜୀ ଓ ରାଜଗୁରୁ ସାଇକେଲ୍‌ରେ ଚଢ଼ି ବସ୍‌ଷ୍ଟାଣ୍ଡରେ ପହଞ୍ଚିଗଲେ ।

ଏ.ଏସ.ପି. ସୌଣ୍ଡର୍ସଙ୍କୁ ହତ୍ୟାର ଖବର ଅରଣ୍ୟର ଝରାପତ୍ରରେ ନିଆଁ ସଂଚରିଲାପରି ସମଗ୍ର ଦେଶରେ ବ୍ୟାପିଗଲା । ଖବରକାଗଜ ଗୁଡ଼ିକର 'ଫାଷ୍ଟମେକର' ଶିରୋନାମା ଥିଲା-"ଲାଲା ଲଜପତରାୟଙ୍କ ମୃତ୍ୟୁର ପ୍ରତିଶୋଧ ।" ... ଯେସାକୁ ତେସା... ଅନେକ ଛୋଟବଡ଼ ଦୈନିକ ଖବର କାଗଜ ଗୁଡ଼ିକର ଚମକପ୍ରଦ ଶିରୋନାମା ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଏହାଛଡ଼ା ଆମ ଦଳ ପକ୍ଷରୁ ଦୈନନ୍ଦିନ ପ୍ରଚାରପତ୍ରରେ ଏହି ହତ୍ୟାକାଣ୍ଡର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା ।

ସୋଣ୍ଡର୍ସ ହତ୍ୟା ପରଦିନ ସକାଳ ଲାହୋର ସହରର କାନ୍ଥବାଡ଼ମାନଙ୍କରେ ହଜାର ହଜାର ସଂଖ୍ୟାରେ ପୋଷ୍ଟର ମରାଯାଇଥିବା ଲୋକେ ଦେଖିଲେ । ରାସ୍ତା ଉପରେ ଯାଉଥିବା ଲୋକେ ସେସବୁ ପୋଷ୍ଟର ବେଶ୍ ଉତ୍ସୁକତାର ସହିତ ପଢ଼ିବାକୁ ଲାଗିଲେ । କାନ୍ଥରେ ଉତ୍ତେଜନାତ୍ମକ ପୋଷ୍ଟର ମରାଯାଇଥିବା ସୂଚନା ପୁଲିସ ପାଇଲାକ୍ଷଣି ସେସବୁ କାନ୍ଥରୁ ହଟେଇବାରେ ଲାଗିପଡିଲା ଏବଂ ପୋଷ୍ଟର ପଢୁଥିବା ଲୋକଙ୍କ ଭିତରୁ କେତେକଙ୍କୁ ଗିରଫ୍ କରାଗଲା ।

ପୋଷ୍ଟରର ବିଷୟବସ୍ତୁ କ୍ଷଣିକ ମଧ୍ୟରେ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣକଲା । ଲୋକେ ପୋଷ୍ଟର ପଢ଼ି ଆମୋଦିତ ହେଲାବେଳକୁ ସରକାର ବିଚଳିତ ହୋଇପଡୁଥାନ୍ତି । ବିପ୍ଳବୀସାଥୀମାନେ ସଫଳତାର ସହିତ ସେମାନଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟର ବାର୍ତ୍ତା ଭାରତର ଜନତାଙ୍କ ପାଖରେ ପହଞ୍ଚାଇ ସାରିଥିଲେ । ପୋଷ୍ଟରର ବିଷୟବସ୍ତୁ ଜନସାଧାରଣଙ୍କ ହୃଦୟକୁ ସ୍ପର୍ଶ କରିପାରିଥିଲା । ଗୋଟେ ବ୍ରିଟିଶ ପୁଲିସ୍ ଅଫିସରକୁ ଭାରତୀୟ ବିପ୍ଳବୀମାନେ ଗୁଳିମାଡ଼ରେ ସଫଳତାର ସହିତ ହତ୍ୟା କରିପାରିଥିବାରୁ ସର୍ବସାଧାରଣ ଯେ ଆନନ୍ଦିତ ଏହାର ଗୁପ୍ତ ରିପୋର୍ଟ ସରକାରଙ୍କ

ପାଖରେ ପହଞ୍ଚିଥିଲା ।

ହତ୍ୟାକାରୀମାନଙ୍କୁ ଧରିବା ପାଇଁ ସରକାରୀକଳ ପୂରାଦମ୍‌ରେ ଲାଗିପଡିଲା । କିନ୍ତୁ କୌଣସି ତଥ୍ୟ–ପ୍ରମାଣ ନଥିବାରୁ ପ୍ରକୃତ ହତ୍ୟାକାରୀମାନଙ୍କୁ ଗିରଫ କରିବା ପୁଲିସ ପାଇଁ କଷ୍ଟସାଧ ବ୍ୟାପାର ଥିଲା । ସୌଣ୍ଡର୍ସ ହତ୍ୟାକାଣ୍ଡ ସହିତ 'ୟୁଥଇଣ୍ଡିଆ ଆସେମ୍ବ୍ଲି'ର ସ୍ୱେଚ୍ଛାସେବକ ଓ ଛାତ୍ରସଂଗଠନ ଯେ ଜଡିତ ରହିଚି ଏହା ପୁଲିସ ଅନୁମାନ କରିଥିଲେ ସୁଦ୍ଧା କୌଣସି ଦୃଢ଼ ପ୍ରମାଣ ନଥିବାରୁ ସେମାନଙ୍କ ଭିତରୁ କାହାରିକୁ ପୋଲିସ୍ ଗିରଫ କରିପାରୁନଥିଲା । ତଥାପି ପୁଲିସ୍ ଅନ୍ଧାରରେ ବାଡ଼ି ବୁଲାଇବା ନ୍ୟାୟରେ ବହୁ ସଂଖ୍ୟାରେ ଯୁବକ, ସ୍ୱେଚ୍ଛାସେବକମାନଙ୍କୁ ଅଟକରଖି ଏହି ନୃସଂଶ ହତ୍ୟାକାଣ୍ଡ ଉପରେ ଜେରା ଚଳାଇଲା । ସେମାନଙ୍କ ଘରବାଡ଼ି ଖାନତଲାସ ହେଲା । ସେମାନଙ୍କ ପରିବାରବର୍ଗଙ୍କୁ ପୁଲିସ ନାନା ଭାବରେ ହଇରାଣ–ହରକତ କଲା । କିନ୍ତୁ ପୋଲିସ କୌଣସି ସଫଳତା ପାଇଲାନାହିଁ । କାରଣ ଯେଉଁମାନଙ୍କୁ ଅଟକ ରଖାଯାଇଥିଲା ସେମାନେ ଥିଲେ ନିରୀହ ଆଉ ନିର୍ଦ୍ଦୋଷ ।

ପୋଲିସ୍‌ର ଏପରି ଦମନଲୀଳା ଓ ବ୍ୟାପକ ଗିରଫଦାରି ସହରରେ ଚାଲିଥିବାବେଳେ ମୁଁ, ଚନ୍ଦ୍ରଶେଖର ଆଜାଦ୍ ଆଉ ଜୟଗୋପାଳ ଗୋଟେ ଆଶ୍ରମ ଭିତରେ ଆତ୍ମଗୋପନ କରିଥିଲୁ ।

ପରିତ୍ୟକ୍ତ ଆଶ୍ରମ ଭିତରେ ଆମେ ତିନିଜଣ । ଭୋକରେ ପେଟ ଆଉଟୁ–ପାଉଟୁ । ଖାଦ୍ୟ ସଂଗ୍ରହ ପାଇଁ ବାହାରକୁ ଯିବା ସମ୍ଭବ ନୁହେଁ । ପୋଲିସ ଭୟ ।

ଶେଷକୁ ଆଜାଦ୍ ଜୟଗୋପାଳଙ୍କୁ ପରାମର୍ଶ ଦେଲେ,–"ତୁମେ ମୋର ବନ୍ଧୁ ବଂଶୀଲାଲ ପାଖକୁ ଯାଇ କିଛି ଟଙ୍କା ମୋ ନାମରେ ଧାରସୂତ୍ରରେ ଆଣ । ସେଇ ଟଙ୍କାରେ କିଛି ଖାଦ୍ୟ ଆଶ୍ରମକୁ ଧରି ଆସିବ ।"

ଜୟଗୋପାଳ ବଂଶୀଲାଲଙ୍କ ପାଖକୁ ଗଲେ । ତାଙ୍କ ପାଖରୁ ଦଶଟଙ୍କା ଧାର ଆଣି, ସେହି ଟଙ୍କାରେ କିଛି ଖାଦ୍ୟ ସାମଗ୍ରୀ କିଣି ଆଣିଲେ । ତାହା ରାନ୍ଧି ଆମେ ତିନିବନ୍ଧୁ କ୍ଷୁଧା ନିବାରଣ କଲୁ ।

ସେଦିନ ଭୋକିଲା ପେଟରେ ଖାଦ୍ୟ ପଡ଼ିଲାପରେ ଆମେ ତିନିହେଁ ଆଶ୍ରମ ଭିତରେ ନିଶ୍ଚିନ୍ତରେ ଶୋଇପଡିଲୁ ।

ଆମେ ଯେ ସୌଣ୍ଡର୍ସଙ୍କୁ ହତ୍ୟା କରି ବ୍ରିଟିଶ ଶାସନର ଆଖିରୁ ନିଦ ହଜେଇ ଦେଇଚୁ, ଗୋଟେ ଭଲକାମ କରିଛୁ, ଦେଶବାସୀଙ୍କର ହୃଦବୋଧ ହୋଇଚି । ଏହା ଥିଲା ଆମ ତିନିବନ୍ଧୁଙ୍କ ପାଇଁ ଆତ୍ମ ସନ୍ତୋଷ ।

ଲାଲାଲଜପତ୍‌ରାୟଙ୍କର ମୃତ୍ୟୁର ପ୍ରତିଶୋଧ ଦୃଷ୍ଟିରୁ ସୌଣ୍ଡର୍ସ ହତ୍ୟାପାଇଁ ଆମ ବିପ୍ଳବୀଗୋଷ୍ଠୀର ସଦସ୍ୟମାନେ ବିଭିନ୍ନ ସ୍ଥାନରୁ ଆସି ଲାହୋରରେ ଏକାଠି ହୋଇଥିଲେ । ଆମ ମିଶନ୍‌ର ସଫଳତାପରେ ସଦସ୍ୟମାନେ ନିଜ ନିଜ ସ୍ଥାନକୁ ଫେରିଗଲେ । କେତେଜଣ ଫିରୋଜ୍‌ପୁର, କେତେଜଣ ଅମୃତସର ଓ ପାତିଆଲା ଚାଲିଗଲେ ।

ଆମ ବିପ୍ଳବୀଦଳର ସକଳ ସଦସ୍ୟମାନଙ୍କ ମଧ୍ୟରେ ମୁଁ ହତ୍ୟାକାଣ୍ଡର ମୁଖ୍ୟନାୟକ ଥିଲି ବୋଲି ପୁଲିସର ଧାରଣା ବଳବତ୍ତର ହୋଇଥିଲା ।

ମୁଁ ଯଦିଓ ମୋର ଦାଢ଼ି ଓ ବାଳକାଟି ଅଣଶିଖ ବେଶଧାରଣ କରିଥିଲି, ତଥାପି ପୁଲିସ ଆଖିରେ ଧୂଳିମାରି ଖସିଯିବା ମୋ ପକ୍ଷରେ ସମ୍ଭବ ନଥିଲା । କାରଣ ପୁଲିସ୍ ମତେ ଯେଉଁ ବେଶରେ ଥିଲେ ସୁଦ୍ଧା ବାରିନେବା ଅସମ୍ଭବ ନଥିଲା । ଏହି ସମସ୍ୟାର ସମାଧାନ ପନ୍ଥା ବାହାର କରିବାପାଇଁ ମୋର ଅନ୍ତରଙ୍ଗ ସାଥୀମାନେ ନାନା ଉପାୟ ଖୋଜିଲେ ।

ମିରଟ୍ ଡକାୟତି ମାମଲାରେ ଭଗବତୀ ଭାଇ ପୁଲିସ୍ ତାଲିକାରେ ଥିଲେ ପଳାତକ । ଏହି ୧୯୨୮ ରେ କଂଗ୍ରେସଦଳର ମହାଅଧିବେଶନ ପାଇଁ ଦେଶବ୍ୟାପୀ ବ୍ୟାପକ ପ୍ରସ୍ତୁତି ଚାଲିଥାଏ । କଂଗ୍ରେସର ଏହି ଅଧିବେଶନରେ ଯୋଗଦେବାପାଇଁ ଭଗବତୀଭାଇ ଅତି ଆତୁର ଥିଲେ ।

ଦିନେ ଭଗବତୀ ଭାଇ ତାଙ୍କ ପତ୍ନୀ ଦୁର୍ଗାଦେବୀଙ୍କୁ ପ୍ରସ୍ତାବ ଦେଲେ- "କଲିକତା କଂଗ୍ରେସ୍ ଅଧିବେଶନରେ ଯୋଗଦେବାକୁ ତମେ ଇଚ୍ଛୁକ କି ? କଲିକତା ଯିବ ?"

-"ମୁଁ ଯାଇ ସେଠାରେ କଣ କରିବି ?" ଦୁର୍ଗା ଭାଉଜଙ୍କର ସେପରି ଆଗ୍ରହ ନଥିଲା ।

-"ମୁଁ ସେଠାକୁ ଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି ।" ଭଗବତୀ ଭାଇ ନିଜ ଇଚ୍ଛା ଦୋହରାଇଲେ ।

ଭଗବତୀ ଭାଇ ଓ ଦୁର୍ଗା ଭାଉଜଙ୍କ ମଧ୍ୟରେ ଆଳାପ ଆଲୋଚନା ବେଳେ ସୁଖଦେବ ଆସି ହାଜର । ସେତିକିବେଳକୁ ସଂଧ୍ୟା ଆଠ ଘଣ୍ଟା ହେବ । ସେହିଦିନ ମାନଙ୍କରେ ଦୁର୍ଗାଭାଉଜ ଜଣେ ଟିଉସନମାଷ୍ଟର ଦ୍ୱାରା ସଂସ୍କୃତଭାଷା ଶିକ୍ଷା କରୁଥିଲେ ।

ସୁଖଦେବ ସୁଯୋଗ ଉଣ୍ଟୁଥିଲା । ସେ ଦୁର୍ଗା ଭାଉଜଙ୍କୁ ପଚାରିଲା–'' ଭାଉଜ ଗୋଟେ ଅନୁରୋଧ କରିବାକୁ ଆସିଛି, ସାହାଯ୍ୟ କରିବ ବୋଲି ପ୍ରତିଶ୍ରୁତି ଦେଲେ କହିବି ।''

ଦୁର୍ଗାଭାଉଜ ବିସ୍ମୟ ବିସ୍ଫୋରିତ ଜିଜ୍ଞାସୁ ଦୃଷ୍ଟିରେ ସୁଖଦେବଙ୍କୁ ଚାହିଁଲେ ଓ କହିଲେ–''ନିଃସଂକୋଚରେ କହିପାର ।''

ପାଖରେ ଚଟାଣ ଉପରେ ବସିଥିବା ଭଗବତୀ ଭାଇ ସ୍ମିତହସ ଡୋକୁଥିଲେ ।

ସୁଖଦେବ କହିଲା–''ମିରଟ୍ ଷଡଯନ୍ତ୍ର ମାମଲାରେ ପୁଲିସ୍‌ର ଟାର୍ଗେଟ୍‌ରେ ଥିବା ଆମର ଜଣେ ସାଥୀକୁ ଏଠାରୁ କଲିକତା ଯିବାକୁ ପଡ଼ିବ । ତୁମେ ତାକୁ ସାଙ୍ଗରେ ନେବାକୁ ହେବ । ଯାତ୍ରାବେଳେ ତୁମକୁ ତାର ପତ୍ନୀଭାବେ ଅଭିନୟ କରିବାକୁ ପଡ଼ିବ । କାମଟା ରିସ୍କୀ । ଥରେ ଭାବି, କୁହ ।''

–''ତମ ମାନଙ୍କର ସେଇ ସାଥୀଟି କିଏ ?'' ଦୁର୍ଗା ଭାଉଜ ସ୍ୱାଭାବିକ ଭାବେ ପଚାରିଲେ ।

–''ସେ ଆମରି ଭିତରୁ ଜଣେ । ତେବେ ବ୍ୟସ୍ତ ହେବାର କିଛି ନାହିଁ ।'' ସୁଖଦେବ ମଧ୍ୟ ସ୍ୱାଭାବିକ ଭାବରେ କହିଲା ।

–''ଠିକ୍ ଅଛି, ମୁଁ ନିଶ୍ଚୟ କଲିକତା ଯିବି ।''

–''ଆମର ସେଇ ସାଥୀଟି ଆଜି ରାତିରେ ତମ ଘରେ ରହିବ । ପାହାନ୍ତିଆ ପହରବେଳକୁ ଯାତ୍ରା ଆରମ୍ଭ ହେବ ।''

ଦୁର୍ଗା ଭାଉଜ ନିଜକୁ ମନେ ମନେ ପ୍ରସ୍ତୁତ କରିନେଇ କହିଲେ–'' ଠିକ୍ ଅଛି ।''

ଭଗବତୀ ଭାଇ, ସୁଖଦେବ ଓ ଦୁର୍ଗାଭାଉଜଙ୍କ ମଧ୍ୟରେ ଆଳାପ ଆଲୋଚନା ଚାଲିଥିଲାବେଳେ ମୁଣ୍ଡରେ ଫେଲଟ୍ ପିନ୍ଧିଥିବା ଗୋଟେ ଯୁବକ ଭଗବତୀଭାଇଙ୍କ ଘରୋଇ ଚାକର ସହିତ ସେମାନଙ୍କ ବୈଠକୀ କୋଠରୀରେ ପହଞ୍ଚିଲା ।

ସୁଖଦେବ ଆଗନ୍ତୁକ ଯୁବକଟି ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶକରି ବସିବାକୁ ନିର୍ଦ୍ଦେଶ ଦେଲା । ଭଗବତୀଭାଇ ଦୁର୍ଗା ଭାଉଜଙ୍କୁ ପଚାରିଲେ– ''ଯାକୁ ତମେ ଜାଣିତ ?''

ଦୁର୍ଗା ଭାଉଜ ନବଆଗନ୍ତୁକଟିକୁ କିଛିକ୍ଷଣ ନିରୀକ୍ଷଣକରି କହିଲେ–''ଆରେ ଇଏତ ଆମ ଭଗତ ସିଂ ।''

ସୁଖଦେବ କହିଲା–''ତମର ତୀକ୍ଷ୍ଣ ଦୃଷ୍ଟି ଶକ୍ତିକୁ ମାନିବାକୁ ପଡ଼ିବ, ଭାଉଜ ।''

ବହୁଦିନ ପରେ ଆମେ ସମଧର୍ମୀ ସାଥୀମାନେ ଏକାଠି ହୋଇଥିଲୁ । ଆମର ଆନନ୍ଦର ସୀମା ନଥିଲା ।

କଲିକତା ଅଭିମୁଖୀ ମେଲ୍ ଲାହୋର ରେଳଷ୍ଟେସନରୁ ପ୍ରତ୍ୟୁଷ ପାଞ୍ଚଟାରେ ଯାତ୍ରା ଆରମ୍ଭ କଲା ।

ମୁଁ 'ସପରିବାର' ଓ 'ଭୃତ୍ୟ' ସହିତ ଘରୁ ଗୋଟେ ଟାଙ୍ଗାରେ ବସି ରେଳ ଷ୍ଟେସନରେ ପହଞ୍ଚିସାରିଥିଲି । ମୁଁ ପିନ୍ଧିଥିଲି ଗୋଟେ ଲମ୍ବା ଓଭରକୋଟ ଆଉ ମୁଣ୍ଡରେ ପିନ୍ଧିଥିବା ଫେଲଟ୍‌ଟି ମୋର କପାଳକୁ ଲୁଚାଇ ଆଖି ପର୍ଯ୍ୟନ୍ତ ଘୋଡ଼ାଇ ରଖିଥିଲା । ଭଗବତୀ ଭାଇଙ୍କ ତିନିବର୍ଷର ପୁଅ ଶଚିନ୍ଦ୍ର କୁମାର ଭୋରା ମୋର ପୁଅ ଭୂମିକାରେ ଥିଲା ।

'ମୋର ପତ୍ନୀ' ଭୂମିକାରେ ଥାଇ କଲିକତା ମେଲ୍‌ରେ ସହଯାତ୍ରିଣୀ ଥିବା ଦୁର୍ଗାଭାଉଜ ନିଜକୁ ବେଶ ସାଜଶୃଙ୍ଗାରରେ ଏପରି ସଜାଇଥିଲେ, ଦିଶୁଥିଲେ ଠିକ୍ ଗୋଟେ ସମ୍ଭ୍ରାନ୍ତ ପରିବାରର ଆଧୁନିକା ରମଣୀପରି । ପାଦରେ ହାଇହିଲ୍‌ର ଯୋତା ।

ରାଜଗୁରୁ ଆମରି ସାଙ୍ଗରେ ଥିଲା 'ଭୃତ୍ୟ' ବେଶରେ ।

ରାଜଗୁରୁ ଓ ମୁଁ ପକେଟରେ ଗୁଳିଭରା ପିସ୍ତଲ ରଖିଥିଲୁ । ପୁଲିସ ସହିତ ଆମର ଯେକୌଣସି ସ୍ଥାନରେ ମୁହାଁମୁହିଁ ବା ଗୁଳିବିନିମୟ ହେବାର ଆଶଙ୍କା ଥିଲା ।

ମଥୁରାର ଗୋଟେ 'ପଣ୍ଡା' ବେଶରେ ସେଇ କଲିକତା ମେଲ୍‌ରେ ଚନ୍ଦ୍ରଶେଖର ଆଜାଦ ମଧ୍ୟ ଚଢ଼ିଥିଲା । ସେ ଗେରୁଆ ଧୋତି ଓ ଅଙ୍ଗୀ ପିନ୍ଧିଥିଲା । କାନ୍ଧରେ ଓହଳିଥିଲା ରାମାନନ୍ଦୀ ଗାମୁଛା । କପାଳରେ ତିଳକ । ଓଠରେ ଉଚ୍ଚାରଣ କରୁଥିଲା 'ହରିଓଁ' । ଟ୍ରେନ୍ ଯେଉଁ ସବୁ ଷ୍ଟେସନରେ ଅଟକୁଥିଲା ସେ ଯାତ୍ରୀଗୁମାସ୍ତାମାନଙ୍କ ପରି ଇଂଜିନ୍ ବଗିଠାରୁ ଲମ୍ବାଟ୍ରେନ୍‌ର ଶେଷବଗି ପର୍ଯ୍ୟନ୍ତ ପ୍ଲାଟଫର୍ମ ସାରା 'ହରିଓଁ' ଧ୍ୱନି ତୋଳି ଆଗପଛ ହେଉଥିଲା ଏବଂ ଟ୍ରେନ୍ ଚାଲିଲାକ୍ଷଣି ଯେ କୌଣସି ବଗିରେ ଚଢ଼ି ପଡୁଥିଲା ।

ଟ୍ରେନ୍ ଲକ୍ଷ୍ନୌ ଷ୍ଟେସନରେ ଲାଗିଲାକ୍ଷଣି ଆଜାଦ୍ ଓ ରାଜଗୁରୁ ପ୍ଲାଟଫର୍ମ ଉପରକୁ ଓହ୍ଲାଇ ଗଲେ । ମୁଁ ଓ ଦୁର୍ଗାଭାଉଜ ମଧ୍ୟ ବଗିରୁ ଓହ୍ଲାଇ ପ୍ଲାଟଫର୍ମର ଯାତ୍ରୀ ବିଶ୍ରାମ ଗୃହକୁ ଗଲୁ । ରାଜଗୁରୁ ଓ ଆଜାଦ୍ ଆମେ ମେଲ୍‌ଯୋଗେ କଲିକତା ଆସୁଛୁ ବୋଲି ସୁଶୀଳାଦିଦିଙ୍କୁ ଟେଲିଗ୍ରାମ୍ କଲେ । ଏହି ଟେଲିଗ୍ରାମ୍‌ଟି ଯଦିଓ ଦୁର୍ଗାଦେବୀଙ୍କ ପକ୍ଷରୁ କରାଯାଇଥିଲା କିନ୍ତୁ ପ୍ରେରିକା ନାମଟି ଦୁର୍ଗାଦେବୀ ବଦଳରେ 'ଦୁର୍ଗାବତୀ'

ହୋଇ ଯାଇଥିଲା ।

କଲିକତାରେ ସୁଶୀଳାଦିଦି ଏହି ଟେଲିଗ୍ରାମ୍‌ଟି ପାଇଲାପରେ ଦ୍ୱନ୍ଦ୍ୱରେ ପଡ଼ିଲେ ଟେଲିଗ୍ରାମ୍ ପ୍ରେରକ 'ଦୁର୍ଗାଦେବୀ' ନା 'ଦୁର୍ଗାବତୀ' ?

ତଥାପି ସୁଶୀଳାଦିଦି ଆମମାନଙ୍କୁ ରିସିଭ୍ କରିବାପାଇଁ ରେଳ ଷ୍ଟେସନକୁ ଆସିଲେ । ଦୁର୍ଗାଭାଉଜଙ୍କୁ ପ୍ଲାଟଫର୍ମରେ ସ୍ୱାଗତ ଜଣାଇଲାବେଳେ ସୁଶୀଳା ଦିଦି ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କ ସମ୍ମୁଖରେ ଜଣେ ମଡର୍ଣ୍ଣ ଲେଡ଼ି । ଦେଖିବାକୁ ଯେମିତି ଗୋଟେ ଇଂଲିଶ୍ ଫିଲମର ଅଭିନେତ୍ରୀ । ସୁଶୀଳାଦିଦି ଦୁର୍ଗାଭାଉଜଙ୍କୁ କୁଣ୍ଢେଇ ପକେଇ କହିଲେ– ''ଲାହୋରର ବିପ୍ଲବିଣୀ ଦୁର୍ଗାଦେବୀ ଏବେ କଲିକତା ସହରରେ ଜଣେ ଆଧୁନିକ ସୁନ୍ଦରୀ ଅଭିନେତ୍ରୀ । ମୋ ଆଖିକୁ ତ ବିଶ୍ୱାସ ହେଉନାହିଁ ।''

ଆମେ ତିନିଜଣ ଦୁର୍ଗା ଭାଉଜଙ୍କ ସହିତ ଗୋଟେ ହୋଟେଲରେ ଦିନକ ପାଇଁ ରହିଲୁ । ତାର ପରଦିନ ସାର୍ ସେଠ୍ ଚନ୍ଦୁରାମଙ୍କ ବାସଭବନକୁ ଯାଇ ସେଠାରେ ଗୋଟିଏ ସପ୍ତାହ ଅବସ୍ଥାନ କଲୁ । ବିଶାଳ ବଂଗ୍ଲୋସମ କୋଠାଟି ସାର୍ ଚନ୍ଦୁରାମଙ୍କର । ସି.ଆଇ.ଡ଼ି ପୁଲିସର ଶ୍ୟେନ ଦୃଷ୍ଟିରୁ ରକ୍ଷା ପାଇବାପାଇଁ ଏହି ବଂଗଲାଟିରେ ଅବସ୍ଥାନ ମୋ ପାଇଁ ନିରାପଦ ଥିଲା ।

ସାର୍ ସେଠ୍ ଚନ୍ଦୁରାମଙ୍କ ପତ୍ନୀ ଶ୍ରୀମତୀ ଲକ୍ଷ୍ମୀଦେବୀଙ୍କୁ ଦୁର୍ଗାଭାଉଜ ଓ ମୋ ବିଷୟରେ ସୁଶୀଳାଦେବୀ ପୂର୍ବାପର ପ୍ରସଙ୍ଗ ସହ ବୁଝାଇ ଦେଇଥିଲେ ।

ଛଦ୍ମବେଶୀ ଆମେ ଦମ୍ପତ୍ତି ସେଠଜୀଙ୍କ ଚାରିମହଲା କୋଠାର ଶେଷ ମହଲାରେ ରହିଥାଉ ଓ ସେଠଜୀଙ୍କ ପତ୍ନୀ ଆମ ପାଇଁ ଘରର ରନ୍ଧା ଖାଦ୍ୟ ନିଜେ ଉପରକୁ ଆସି ପରିବେଷଣ କରୁଥିଲେ ।

ସୁଶୀଳାଦିଦି, ସେଠ୍‌ଜୀ ଓ ଲକ୍ଷ୍ମୀଦେବୀଙ୍କ ବ୍ୟତୀତ ଅନ୍ୟ କେହି ମୋର ପ୍ରକୃତ ପରିଚୟ ଜାଣିବା ସୁଯୋଗ ପାଇନଥିଲେ ।

ଆମେ କଲିକତାରେ ପହଞ୍ଚିଲାବେଳକୁ ସେଠାରେ କଂଗ୍ରେସ ମହାଅଧିବେଶନ ପ୍ରସ୍ତୁତି କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଥିଲା । କଂଗ୍ରେସ ଅଧିବେଶନ ଯୋଗୁଁ କଲିକତା ମହାନଗରୀର ରାଜନୈତିକ ବାତାବରଣ ମଧ୍ୟ ସରଗରମ ହୋଇପଡିଥିଲା । ଏହି କଂଗ୍ରେସ ଅଧିବେଶନରେ ଗୋରା ସରକାର ଉପରେ 'ସ୍ୱରାଜ୍ୟ' ପାଇଁ ଚାପ ପ୍ରୟୋଗ ପ୍ରସ୍ତାବ ଥିଲା । ବର୍ଷକ ମଧରେ ନେହେରୁ କମିଟିର ସୁପାରିଶ୍ ଅନୁସାରେ 'ସ୍ୱରାଜ୍ୟ' ପ୍ରସ୍ତାବକୁ ସରକାର ଗ୍ରହଣ କରିବାରେ ବିଫଳ ହେଲେ 'ସଂପୂର୍ଣ୍ଣ ସ୍ୱରାଜ୍ୟ'

ପାଇଁ କଂଗ୍ରେସ ଆନ୍ଦୋଳନ ଆରମ୍ଭ କରିଦେବ ।

ଯୁବକଂଗ୍ରେସର ତୁଙ୍ଗନେତା ପଣ୍ଡିତ ଜବାହରଲାଲ ନେହେରୁ ଓ ସୁବାସ ବୋଷ ସେମାନଙ୍କ ନିଷ୍ପତ୍ତି ରୂପାୟନ କରିବା ଦିଗରେ ସରକାରଙ୍କୁ ଅଧିକ ଦିନ ଦେବା ସପକ୍ଷରେ ନଥିଲେ ।

ଏହି 'ସ୍ୱରାଜ' ପ୍ରସଙ୍ଗନେଇ ଅଧିବେଶନରେ କଂଗ୍ରେସଦଳର ପୁରୁଣାନେତା ଓ ନୂଆପିଢ଼ି ମଧ୍ୟରେ ମତମତାନ୍ତର ଓ ଉତ୍ତେଜନା ପ୍ରକାଶ ପାଇଥିଲା । ଜେ.ପି. ସୌଣ୍ଡର୍ସ ହତ୍ୟା ପ୍ରସଙ୍ଗ ମଧ୍ୟ ଏହି ଅଧିବେଶନରେ ଜୋରଦାର ଆଲୋଚନାର ବିତର୍କ-ଝଡ଼ ସୃଷ୍ଟି କରିଥିଲା ।

ଜବାହରଲାଲ୍‌ଙ୍କ ପିତା ପଣ୍ଡିତ ମୋତିଲାଲ ନେହେରୁ ସେତେବେଳେ କଂଗ୍ରେସଦଳର ସଭାପତି ଭାବେ କଲିକତା କଂଗ୍ରେସ ଅଧିବେଶନରେ ଅଧ୍ୟକ୍ଷତା କରୁଥିଲେ ।

କଲିକତାର ଏହି ମହାଅଧିବେଶନରେ ସମଗ୍ର ଦେଶର ବିଭିନ୍ନ ପ୍ରାନ୍ତରରୁ ବହୁ କଂଗ୍ରେସ କର୍ମୀ ଓ ନେତା ଆସି ଯୋଗଦେଇଥିଲେ । ଅଧିବେଶନରେ କଣ ସବୁ ଆଲୋଚନା ଓ ପ୍ରସ୍ତାବ ଗ୍ରହଣ କରାଯାଇଛି ତାହାର ଟିକିନିଖି ରିପୋର୍ଟ ସରକାରଙ୍କୁ ଅବଗତ କରାଇବା ପାଇଁ ଗୋଇନ୍ଦାବାହିନୀର ଅଫିସର ଓ କର୍ମୀମାନେ ଅଧିବେଶନ ଭିତରେ ଛାଇ ହୋଇଯାଇଥିଲେ ।

ଏହି ଅଧିବେଶନରେ ମୁଁ ବଙ୍ଗାଳୀଢ଼ାଞ୍ଚାରେ ପୋଷାକ ଭାବରେ ପିନ୍ଧିଥିଲି କୁର୍ତ୍ତା ଓ ଧୋତି । କାନ୍ଧରେ ଶୁଭ୍ରସତେଜ ଶାଲ୍ । ସେତେବେଳେ ମୋର ମନରେ କି ଫୂର୍ତ୍ତି ଓ ଉତ୍ସାହ ! ମୁଁ ଏହି କଲିକତା କଂଗ୍ରେସ ଅଧିବେଶନରେ ଦେଖୁଥିଲି ସମଗ୍ର ଭାରତ ବର୍ଷକୁ । ହିମାଳୟରୁ କନ୍ୟାକୁମାରୀ, ସିନ୍ଧୁରୁ ବଂଗୋପସାଗର ତଟବର୍ତ୍ତୀ ଅସୁମାରୀ ଜନସମୁଦ୍ରକୁ । ଭିନ୍ନଜାତି, ଭିନ୍ନ ଭାଷାଭାଷୀ, ଭିନ୍ନସଂପ୍ରଦାୟର ହେଲେ ସୁଦ୍ଧା ସେମାନେ ଥିଲେ ଭାରତମାତାର ସନ୍ତାନ ଭାରତୀୟ ।

ଏପଟେ ସୁଶୀଳାଦିଦିଙ୍କ ଘରେ ମୋର ରହଣୀକୁ ଆହୁରି ସନ୍ଦେହ ମୁକ୍ତ କରିବା ପାଇଁ ସୁଶୀଳା ଦିଦି ସମସ୍ତଙ୍କୁ ମୁଁ ତାଙ୍କର ପୁତୁରା ବୋଲି ପରିଚୟ ଦେଉଥିଲେ । ମୋର ଦେହ ଅସୁସ୍ଥ ହୋଇ ପଡିବାରୁ ସେ ଘରକୁ ଆଣି ଚିକିତ୍ସାର ବ୍ୟବସ୍ଥା କରୁଛନ୍ତି ।

ସେଥିପାଇଁ ମୋ ଖଟ ପାଖରେ ଗୋଟିଏ ଟେବୁଲ୍ ଉପରେ କିଛି ଔଷଧପତ୍ର ରଖା ଯାଉଥିଲା । ମଝି ମଝିରେ ଔଷଧ ଗୁଡ଼ିକୁ ବଦଳା ଯାଉଥିଲା । ସୁଶୀଳାଦିଦିଙ୍କର ମୋ ପ୍ରତି ଅସାଧାରଣ ସ୍ନେହ ଓ ନିଷ୍ଠା ମତେ ଅଭିଭୂତ କରିଦେଇଥିଲା । ଆମର କ୍ରାନ୍ତିକାରୀ ବିପ୍ଳବୀ ପ୍ରାଣକୁ ସେ ଅକୁଣ୍ଠ ଚିତ୍ତରେ ସମର୍ଥନ କରୁଥିଲେ ।

ଚନ୍ଦୁରାମଙ୍କର ଘର ପ୍ରାୟ ଗୋଟେ ସପ୍ତାହ ପରେ ମତେ ଛାଡ଼ିବାକୁ ପଡ଼ିଲା ଏବଂ ବିଭିନ୍ନ ସ୍ଥାନରେ ଅସ୍ଥାୟୀ ରହଣି କରିବାକୁ ପଡ଼ିଲା । କାରଣ ପୋଲିସ୍ ତା'ର ସମସ୍ତ ସାଧ ଖଟାଇ ଜେ.ପି. ସୌଣ୍ଡର୍ସର ହତ୍ୟାକାରୀମାନଙ୍କୁ ଖୋଜି ବାହାର କରିବାର ସମସ୍ତ ଚେଷ୍ଟା ଅବ୍ୟାହତ ରଖି ଖୋଜୁଥିଲା । ସେ ବର୍ଷର ଡିସେମ୍ବର ମାସରେ ଦଳେ ଯୁବ ବିପ୍ଳବୀ ବଙ୍ଗଳାର ବିଭିନ୍ନ ଜେଲ୍‌ରୁ ମୁକ୍ତିପାଇ ଆସିଲାପରେ 'ଭାରତୀୟ ସମାଜବାଦୀ ଗଣତାନ୍ତ୍ରିକ ସୈନ୍ୟ' ସଂଗଠନ ('Indian Socialist Democratic Army') ର ସଦସ୍ୟମାନଙ୍କର ସମ୍ପର୍କରେ ଆସିଥିଲେ । କାରଣ ବଙ୍ଗଳାର ଏହି ବିପ୍ଳବୀମାନଙ୍କର ପ୍ରମୁଖ ନେତା ଶଚିନ୍ଦ୍ରନାଥ ସାନ୍ୟାଲ ଓ ଜୟଚାନ୍ଦ୍ I. S.D. A ସହିତ ଯୋଗ ଦେଇଥିଲେ । ଭାରତର ବ୍ରିଟିଶ୍ ସାମ୍ରାଜ୍ୟବାଦକୁ ଆହୁରି ଶକ୍ତିଶାଳୀ ଭାବରେ ପ୍ରତିରୋଧ କରିବାପାଇଁ I.S.D.A କର୍ମକର୍ତ୍ତାମାନେ ଏକ ବୋମା ତିଆରି କରିବାରେ ଅଭିଜ୍ଞ ବ୍ୟକ୍ତିକୁ ଖୋଜୁଥିଲେ ।

ଏହି ସମସ୍ୟାର ସମାଧାନ କିନ୍ତୁ ହୋଇଯାଇଥିଲା ଯେତେବେଳେ ମୁଁ ବୋମା ତିଆରି କରିବାରେ ଦକ୍ଷ ଯତୀନ୍ଦ୍ରନାଥ ଦାସଙ୍କୁ ସାକ୍ଷାତ କଲି । ଆମର ଆଇ.ଏସ୍.ଡ଼ି.ଏର କେନ୍ଦ୍ର କମିଟି ବୈଠକରେ ଦିଲ୍ଲୀକୁ ମୁଖ୍ୟ କାର୍ଯ୍ୟାଳୟ ଭାବରେ ଗ୍ରହଣ କରାଯିବା ପାଇଁ ସ୍ଥିର ହେଲାବେଳେ ମୁଁ ମତ ଦେଇଥିଲି ଏଭଳି ସମ୍ବେଦନଶୀଳ ବୋମା ତିଆରି କାର୍ଯ୍ୟ ଦିଲ୍ଲୀରେ କରାଗଲେ ତାହା ଆମର ମୁଖ୍ୟ ଉଦ୍ଦେଶ୍ୟକୁ ପ୍ରଭାବିତ କରିପାରେ । କାରଣ ଦିଲ୍ଲୀରେ ପୋଲିସ୍‌ର ସତର୍କ ଦୃଷ୍ଟି ଏଡ଼ାଇବା ଏତେ ସହଜ ହେବନାହିଁ । ତେଣୁ ଆଗ୍ରାରେ ବୋମା ତିଆରି କରିବା ବରଂ ବେଶି ସୁବିଧାଜନକ ହୋଇପାରିବ । ମୁଁ ଆହୁରି ମଧ୍ୟ ମତ ଦେଇଥିଲି ଯେ ଜଣେ ଲେଖାଏଁ ପ୍ରତିନିଧି ପ୍ରତ୍ୟେକ ପ୍ରଦେଶ ଓ ପ୍ରତ୍ୟେକ ଦଳରୁ ଆସି ଆମ ସହିତ ସାମିଲ୍ ହୋଇ ବୋମା ତିଆରିକରିବା କୌଶଳ ସମ୍ପର୍କରେ ଶିକ୍ଷା ଗ୍ରହଣ କଲେ ଯାଇଁ, ଯେତେବେଳେ ଆବଶ୍ୟକତା ସୃଷ୍ଟି ହେବ ସେତେବେଳେ ସେମାନେ ତାଙ୍କର ପ୍ରଦେଶମାନଙ୍କରେ ବୋମା ତିଆରି କାର୍ଯ୍ୟକୁ ଭଲ ଭାବରେ ତଦାରଖ କରି ପାରିବେ ।

ମୋ ଠାରୁ ଏ ସମସ୍ତ ବିଷୟ ଶୁଣିଲାପରେ ଯତୀନ୍ଦ୍ରନାଥ ଦାସ (ଓଡ଼ିଶାର ବାଘା ଯତିନ୍) ଏଥିପାଇଁ ପୂର୍ଣ୍ଣ ସହଯୋଗ କରିବାକୁ ରାଜି ହୋଇଗଲେ । କିନ୍ତୁ ଆଗ୍ରା ବଜାରରେ ଶୀତଦିନରେ ବରଫ ମିଳିବା ଏତେ ସହଜ ନଥିଲା । କାରଣ ବୋମା ତିଆରି କରିବାରେ ବରଫ ଗୋଟିଏ ଅତ୍ୟାବଶ୍ୟକୀୟ ଉପକରଣ ଭାବରେ ବ୍ୟବହୃତ ହୋଇଥାଏ । ସେତେବେଳେ 'ବନ୍ଧୁକ କପଡ଼ା'କୁ ବୋମା ତିଆରିବେଳେ ବ୍ୟବହାର କରାଯାଉଥିଲା । 'ଗନ୍‌କଟନ୍' ର ଜାଳେଣି କ୍ଷମତା ଅତ୍ୟନ୍ତ ତୀବ୍ର ଥିଲା ଯାହା ଫଳରେ ନିଆଁ ସାଙ୍ଗେ ସାଙ୍ଗେ ଧରି ଯାଉଥିଲା ଛୋଟିଆ ଦିଆସିଲି କାଠି ଖଣ୍ଡିଏ ଫିଙ୍ଗିଲାକ୍ଷଣି । 'ବନ୍ଧୁକ କପଡା' ପ୍ରସ୍ତୁତି କଲାବେଳେ କେତେକ ରାସାୟନିକ ଦ୍ରବଣକୁ ମିଶାଇ ବରଫଖଣ୍ଡ ପାଖରେ ରଖିବାକୁ ହୋଇଥାଏ ।

ଏହିସବୁ ଦୃଷ୍ଟିରୁ ବାଘା ଯତିନ୍ ପରାମର୍ଶ ଦେଲେ ଯେ, ଯେହେତୁ ବରଫଖଣ୍ଡ ବର୍ଷସାରା କଲିକତାରେ ମିଳୁଛି, ତେଣୁ ବନ୍ଧୁକକପଡା କଲିକତାରେ ତିଆରି କରାଯାଉ । ଅନ୍ୟାନ୍ୟ ବୋମା ତିଆରି ଉପକରଣ ଗୁଡ଼ିକୁ କଲିକତାରୁ କିଣା ଯାଇ ପରେ ସେଗୁଡ଼ିକୁ ଆଗ୍ରା ପଠାଯାଇ ପାରିବ । ଏହାପରେ କଲିକତାରେ 'ଗନ୍‌କଟନ୍' ପ୍ରସ୍ତୁତିକରଣ କର୍ଣ୍ଣଓ୍ୱାଲିସ୍ ରୋଡ଼ ନିକଟରେ ଅବସ୍ଥିତ ଆର୍ଯ୍ୟସମାଜ ମନ୍ଦିରର ଛାତଉପରେ ଆରମ୍ଭ କରାଗଲା ।

ବୋମା ତିଆରି ପ୍ରଶିକ୍ଷଣର ଶିକ୍ଷାର୍ଥୀ ଭାବରେ ପ୍ରଥମ ପର୍ଯ୍ୟାୟରେ ଫଣୀନ୍ଦ୍ରନାଥ ଘୋଷ, କମଳନାଥ ତିଓ୍ୱାରୀ, ବିଜୟ ଏବଂ ମୁଁ ତାଲିମ୍ ନେବା ଆରମ୍ଭ କଲୁ । 'ଗନ୍‌କଟନ୍' ପ୍ରସ୍ତୁତ ହୋଇଗଲାପରେ ଆମେମାନେ ପୁଣି ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ତା' ସହିତ ଅନ୍ୟାନ୍ୟ ରାସାୟନିକ ଦ୍ରବଣକୁ ନେଇ ଆଗ୍ରାରେ ବୋମା ତିଆରି କାମରେ ଲାଗିପଡ଼ିଲୁ ।

ଆଗ୍ରାରେ ଦୁଇଟି ଘର ବୋମା ତିଆରିକରିବା ପାଇଁ ନିଆ ଯାଇଥିଲା । ଗୋଟିଏ ଘର 'ହିଙ୍ଗ୍ କି ମଣ୍ଡି' ପାଖରେ ଥିଲା । ଅନ୍ୟଟି 'ନାଇ କି ମଣ୍ଡି' ପାଖରେ ଥିଲା । ପଞ୍ଜାବରୁ ସୁଖଦେବ ଏବଂ କୁନ୍ଦନଲାଲ ରାଜପୁତାନାରୁ ଡକାହୋଇ ବୋମା ତିଆରି ପ୍ରଶିକ୍ଷଣ ନେବାକୁ ଆଗ୍ରାରେ ଆସି ପହଞ୍ଚିଲେ । 'ନାଇ କି ମଣ୍ଡି' ଘର ପାଖରେ ହିଁ ଏହି ଶିକ୍ଷଣ ଶିବିର ଚାଲିଲା ।

ଦଳର ବିଭିନ୍ନ ସଦସ୍ୟମାନେ ମହାଉତ୍ସାହରେ ବୋମା ତିଆରି କାର୍ଯ୍ୟରେ ଲାଗିପଡିଲେ । ପ୍ରଥମ ଦଫାରେ ବୋମା ତିଆରି ଶିକ୍ଷଣର ସଫଳତା ସମସ୍ତଙ୍କୁ ଅତ୍ୟନ୍ତ ଉଲ୍ଲସିତ କରିଦେଲା, ହେଲେ ବୋମା ଫୁଟାଇବାଟା ଠିକ୍‌ରେ ହେଲା ନାହିଁ । ଦ୍ୱିତୀୟଥର

ବେଳକୁ ଆମେ ଗୋଟିଏ ସ୍ୱୟଂସମ୍ପୂର୍ଣ୍ଣ ଘାତକ ବୋମା ତିଆରି କରିବାରେ ସମର୍ଥ ହୋଇଗଲୁ । ସେହି ସଫଳ ଘାତକ ବୋମାକୁ ମୁଁ ଓ ମୋର ବନ୍ଧୁମାନେ 'ସେଣ୍ଟ୍ରାଲ୍ ଆସେମ୍ଲି' ଗୃହରେ ୧୯୨୯ ମସିହାରେ ଫୁଟାଇଥିଲୁ । ଆଗ୍ରାରେ ବୋମା ତିଆରି ପ୍ରସ୍ତୁତି ଶିବିର ବାସ୍ତବରେ ସଫଳ ହୋଇଥିଲା ।

ମୋର ଛାତ୍ର ଜୀବନର ଅଧ୍ୟୟନ ସମୟରେ ପୃଥିବୀର ବିଭିନ୍ନ ବିପ୍ଲବ ସମ୍ପର୍କରେ ମୁଁ ଯାହା ପଢ଼ୁଥିଲି ଲାହୋରର ଜାତୀୟ ମହାବିଦ୍ୟାଳୟରେ ଥିଲାବେଳୁହିଁ ତାହା ମତେ ମୋ ଦେଶର ସ୍ୱାଧୀନତା ସଂଗ୍ରାମ ପାଇଁ ପ୍ରୟୋଗ କରିବାକୁ ଭୀଷଣ ଭାବରେ ଅନୁପ୍ରେରିତ କରୁଥିଲା । ଅଥର୍ବ, ନିଷ୍ଠୁର, ଅତ୍ୟାଚାରୀ ଇଂରେଜ ଶାସନକୁ ସମ୍ପୂର୍ଣ୍ଣ ଭାବରେ ଧୂଳିସାତ୍, ପଙ୍ଗୁ କରିଦେବାକୁ ମନ ବଡ଼ ବ୍ୟାକୁଳ ହେଉଥିଲା । ମୋ ମାଟିର ସ୍ୱାଧୀନ ବାସ୍ନାକୁ ଅହରଣ କରିବାପାଇଁ ମତେ ଯାହାପଛେ ବଳିଦାନ ଦେବାକୁ ପଡ଼ିବ, ତାହା ସବୁ ମନ ପ୍ରାଣ ବଚନରେ କାର୍ଯ୍ୟକାରୀ କରିବାପାଇଁ ମୋର ବ୍ୟଗ୍ରତାର ସୀମା ନଥିଲା । ବିଶ୍ୱର ସେହିସବୁ କ୍ରାନ୍ତିକାରୀ ବିପ୍ଲବୀମାନଙ୍କ ମଧ୍ୟରୁ ଫ୍ରାନସ୍‌ର କ୍ରାନ୍ତିକାରୀମାନଙ୍କର 'ଫ୍ରେଞ୍ଚ୍‌ଆସେମ୍ଲି' ଉପରକୁ ବୋମାନିକ୍ଷେପ ଘଟଣାଟି ମତେ ଭୀଷଣ ଭାବରେ ପ୍ରଭାବିତ କରିଥିଲା ।

ତେଣୁ ମୋର ଦୃଢ଼ ଇଚ୍ଛାକୁ ମୁଁ ମୋର କ୍ରାନ୍ତିକାରୀ ବନ୍ଧୁମାନଙ୍କ ଆଗରେ ପ୍ରକାଶ କରି କହିଥିଲି ଯେ 'ସେଣ୍ଟ୍ରାଲ୍ ଆସେମ୍ଲି'' ଗୃହରେ ବୋମା ନିକ୍ଷେପକରି ବ୍ରିଟିଶ୍ ସାମ୍ରାଜ୍ୟବାଦର ନିଦ ଭାଙ୍ଗିବାକୁ ହେବ । ମୋର ପ୍ରିୟବନ୍ଧୁ ଭାଇ ଚନ୍ଦ୍ରଶେଖର ଆଜାଦ୍ ଏବଂ ଅନ୍ୟାନ୍ୟ ସହକର୍ମୀମାନେ ମୋର ଏହି ପ୍ରସ୍ତାବରେ, କାର୍ଯ୍ୟ କରିବାକୁ ରାଜି ହୋଇଗଲେ । ସେତେବେଳେ ଆମକୁ ଗୋଟିଏ କଥା ଭାରି ବାଧୁଥିଲା ଓ ଦୁଃଖ ଦେଉଥିଲା, ତାହାହେଲା 'କାକୋରି' କେଶ୍‌ରେ ସଜା ପାଉଥିବା ଆମର ପ୍ରିୟ ସାଥୀମାନଙ୍କୁ ଆମେ ମୁକୁଳାଇ ଆଣିବାରେ ବିଫଳ ହୋଇ ଯାଇଥିଲୁ । ଏପରିକି ଆହୁରି ଏକ ବ୍ୟର୍ଥତା ଆମକୁ ଅସହାୟ କରିଦେଇଥିଲା । ତାହା ହେଲା 'ସାଇମନ କମିଶନ' ର ସଦସ୍ୟମାନଙ୍କ ଉପରେ ବୋମା ପକାଇବାରେ ଅସଫଳତା । ମୁଁ ଓ ମୋର ବିପ୍ଲବୀ ସାଥୀମାନେ କିଛି ଗୋଟାଏ ଧମକାଦାର କାର୍ଯ୍ୟକ୍ରମ ନିହାତି କରି ଆମର ଉଦ୍ଦେଶ୍ୟ ସମସ୍ତଙ୍କୁ ଜଣାଇବାକୁ ଚାହୁଁଥିଲୁ । ତେଣୁ 'କେନ୍ଦ୍ରିୟ ବିଧାନସଭା'ରେ ମୋର ବୋମା ନିକ୍ଷେପ ପ୍ରସ୍ତାବ ସମସ୍ତଙ୍କ ମନକୁ ପାଇଯାଇଥିଲା ।

ଏ ସମ୍ପର୍କରେ ଆମର କାମ ଜୋର୍‌ସୋର୍‌ରେ ଆଗେଇବାରେ ଲାଗିଲା ।

ଦିଲ୍ଲୀର ବିଧାନସଭାର ସଦସ୍ୟମାନଙ୍କ ସହିତ ଭଲଭାବରେ ବନ୍ଧୁତା ସୃଷ୍ଟିକରିବାର ଦାୟିତ୍ୱ ଆମର କ୍ରାନ୍ତିକାରୀ ସାଥୀ ଜୟଦେବ କପୁରଙ୍କ ଦ୍ୱାରା ସମ୍ପାଦିତ ହେଲା । ସେ ଏଭଳି ଭାବରେ ସଭାଗୃହର ସଦସ୍ୟମାନଙ୍କ ସହିତ ବନ୍ଧୁତା ସୃଷ୍ଟି କରିବାକୁ ଲାଗିଲେ ଯେ ଯାହାଫଳରେ ଗୃହ ଭିତରକୁ ସହଜରେ ପ୍ରବେଶକରିବା ପାଇଁ ଆମକୁ ପାଶ୍ ମିଳିଗଲା ।

ଗୃହ ପ୍ରବେଶ୍ ପାଶ୍ ମିଳିଗଲାପରେ ମୁଁ, ଆଜାଦ୍ ଓ ସଂଗଠନର ଅନ୍ୟ କେତେକ  ବରିଷ୍ଠ ସଦସ୍ୟ ମିଶି ଗୃହ ଭିତରର ସର୍ଭେ ଆରମ୍ଭ କରିଦେଲୁ । ଆମର ଯୋଜନା ମୁତାବକ କେନ୍ଦ୍ରିୟ ସଭାଗୃହର କେଉଁ ସ୍ଥାନରେ ବୋମା ଫୋପଡାଯିବ, କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ଏ ସମ୍ପର୍କରେ ଏକ ରିହାରସାଲ୍ ମଧ୍ୟ କରାଗଲା ।

ବୋମା ଫିଙ୍ଗିବା ଯୋଜନାରେ ତିନୋଟି ପ୍ରଶ୍ନ ଉଠିଥିଲା । ଯାହାର ଉତ୍ତର ଦେବା ମଧ୍ୟ ନିହାତି ଜରୁରୀ ହୋଇପଡିଥିଲା । ପ୍ରଥମ ପ୍ରଶ୍ନ ଥିଲା ଯେ କିଏ 'କେନ୍ଦ୍ରିୟ ସଭାଗୃହରେ ବୋମା ଫିଙ୍ଗିବ ?, ଦ୍ୱିତୀୟଟି ଥିଲା ବୋମା ଫିଙ୍ଗିଲାପରେ କ'ଣ କରିବାକୁ ହେବ ? ବୋମା ଫିଙ୍ଗି ଦୌଡ଼ି ପଳାଇବା ନା ଠିଆ ହୋଇ ବନ୍ଦୀ ହେବାକୁ ଅପେକ୍ଷା କରିବା ? ତୃତୀୟରେ କେଉଁ ଦିନ କେଉଁ ତାରିଖ କେତେ ସମୟରେ ଗୃହଭିତରେ ବୋମା ଫିଙ୍ଗା ଯିବ ?''

ଚନ୍ଦ୍ରଶେଖର ଆଜାଦଙ୍କର ମତଥିଲା ଯେ ଯେଉଁମାନେ ଗୃହ ଭିତରେ ବୋମା ଫିଙ୍ଗିବେ, ସେମାନେ ତତ୍‌କ୍ଷଣାତ୍ ଗୃହ ଭିତରୁ ଦୌଡ଼ି ପଳାଇବେ । ଅବଶ୍ୟ ଗୃହର ଚାରିପାଖ ଏବଂ ଭିତରର ନିରପତ୍ତା ବ୍ୟବସ୍ଥାକୁ ଆଗରୁ ଭଲ ଭାବରେ ଅନୁଧ୍ୟାନ କରାଯାଇ ସାରିଥିବ । ଏପରିକି ବୋମା ଫିଙ୍ଗାଳିମାନଙ୍କୁ ସଙ୍ଗେ ସଙ୍ଗେ କାର୍‌ରେ ନେଇ ପଳାଇବାପାଇଁ ଗୋଟିଏ କାର୍ ବାହାରେ ଅପେକ୍ଷା କରିଥିବ ।

କିନ୍ତୁ ମୁଁ ଆଜାଦ୍‌ଙ୍କ କଥାରେ କିଛୁ ଆଦୌ ଏକମତ ହୋଇ ପାରୁନଥିଲି । ଫ୍ରାନସ୍ ବିପ୍ଳବର ସେହି ଯୁଗାନ୍ତକାରୀ ପ୍ରଭାବ କଥା ମୋର ବେଶି ମନେପଡୁଥିଲା । ମୁଁ ଚାହୁଁଥିଲି ଆମ ସଂଗଠନର ପ୍ରକୃତ ଉଦ୍ଦେଶ୍ୟ ଓ କାର୍ଯ୍ୟ ଯେପରି ଲୋକମାନଙ୍କର ବୈପ୍ଳବିକ ଚେତନାକୁ ଆହୁରି ଉଦ୍ଦୀପିତ କରୁ । ଯାହାଫଳରେ ଜନସାଧାରଣ ନିଜେ ସ୍ୱତଃପ୍ରବୃତ୍ତ ହୋଇ ଆଗେଇ ଆସିବେ ଓ ଆମର ବିପ୍ଳବକୁ ଏକ ଗଣବିପ୍ଳବରେ ପରିଣତ କରିବେ ।

ମୁଁ ସେଥିପାଇଁ କେନ୍ଦ୍ର ଗୃହରେ ବୋମା ଫିଙ୍ଗି ଦୌଡ଼ି ପଳାଇ ଆସିବାଟାକୁ ଆଦୌ ସମର୍ଥନ କରିପାରୁନଥିଲି । ମୁଁ ଚାହୁଁଥିଲି, ଆମେ ଗୃହରେ ବୋମାପକାଇ ସେଠାରେ ଠିଆହୋଇ ପୋଲିସ୍ ଦ୍ୱାରା ବନ୍ଦୀ ହେବା । ଆମର ଦଳର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜନତାଙ୍କୁ ଜଣାଇବା ଏବଂ କୋର୍ଟରେ ଆମର ମକଦ୍ଦମା ଚାଲିଲାବେଳେ ଆମେ ସେ କଥା କୋର୍ଟକୁ ଜଣାଇବା । ପରବର୍ତ୍ତୀ ସମୟରେ ସମ୍ବାଦପତ୍ରରେ ଏହାଦ୍ୱାରା ଏହି ଘଟଣାର ରିପୋର୍ଟ ଛପାହୋଇ ଜନତାଙ୍କର ଦୃଷ୍ଟି ଆକର୍ଷଣ କରିପାରିବ । ଲୋକମାନେ ବିପ୍ଳବର ଅର୍ଥ ବୁଝିଯିବେ ଓ ସ୍ୱୟଂସଂଗଠିତ ହୋଇ ଆମର ସ୍ୱାଧୀନତାର କ୍ରାନ୍ତିକୁ ଆହୁରି ବ୍ୟାପକ କରିପାରିବେ ।

ସଭାଗୃହରେ ବୋମା ଫିଙ୍ଗିବା ଘଟଣା ମୋର ନିଜସ୍ୱ ଚିନ୍ତା ଥିଲା ଏବଂ ଫିଙ୍ଗିଲାପରେ ସେଠାରୁ ଦୌଡ଼ି ନ ପଳାଇ ଆତ୍ମସମର୍ପଣ କରିବା ମଧ୍ୟ ମୋର ହିଁ ବିଚାରଥିଲା । ତେଣୁ ମୋର ଏହି ସିଦ୍ଧାନ୍ତକୁ ମଧ୍ୟ ଆମ ଦଳର ଅର୍ଦ୍ଧାଧିକ କର୍ମକର୍ତ୍ତା ସମର୍ଥନ କରିଥିଲେ । ମୋର ବନ୍ଧୁ ବିଜୟ କୁମାର ସିହ୍ନା ମୋର ଏହି ସିଦ୍ଧାନ୍ତକୁ ପୂର୍ଣ୍ଣପ୍ରାଣରେ ସମର୍ଥନ କରିଥିଲେ ।

ସଭାଗୃହକୁ ଯିବାପାଇଁ ମୋ ସହିତ ଦୁଇଜଣଙ୍କୁ ପଠାଯିବାପାଇଁ ପାର୍ଟିର କର୍ମକର୍ତ୍ତାମାନେ ଆଲୋଚନା କଲେ । ସେତିକିବେଳେ ଖବର ମିଳିଲା ଯେ ହୋଲି ଅବସରରେ ଆସେମ୍ବ୍ଲିରେ ସଦସ୍ୟମାନେ ଗୋଟିଏ ବିଶାଳ ରାତ୍ରିଭୋଜନର ଆୟୋଜନ କରୁଛନ୍ତି । ସେହି ରାତ୍ରିଭୋଜନରେ ଯୋଗ ଦେବାପାଇଁ 'ଭାଇସ୍‌ରାୟ' ସମ୍ମତି ପ୍ରଦାନ କରିଛନ୍ତି । ତେଣୁ ସେତେବେଳେ ନିଷ୍ପତ୍ତି ନିଆଗଲା ଯେ ସେହି ଉତ୍ସବରେ ଯୋଗ ଦେଉଥିବା ଭାଇସ୍‌ରାୟଙ୍କ ଉପରେ ଆକ୍ରମଣ କରାଯିବ । ଶିବବର୍ମା, ଜୟଦେବ କପୁର ଓ ରାଜଗୁରୁଙ୍କୁ ଏହି ଆକ୍ରମଣ କରିବା ପାଇଁ ନିର୍ଦ୍ଦେଶ ଦିଆଗଲା । ଭାଇସ୍‌ରାୟଙ୍କ ଗାଡି ଗଲାବେଳେ ସର୍ବଦା ଗୋଟିଏ ପାଇଲଟ୍ ମୋଟର ସାଇକେଲ୍ ତାଙ୍କୁ ଗାର୍ଡ କରିକରି ଆଗକୁ ଯାଏ । ତେଣୁ ଭାଇସ୍‌ରାୟଙ୍କର କାର୍‌କୁ ଚିହ୍ନିବା ଆଦୌ କଷ୍ଟକର ନୁହେଁ । କାର୍‌ର ଆଗରେ ବ୍ରିଟେନ୍ ରାଜମୁକୁଟର ଏକ 'ଲୋଗୋ' ମଧ୍ୟ ଲଗା ଯାଉଥିଲା । ଚଳନ୍ତା କାର୍‌ରେ ଗୋଟେ ବୋମା ସଫଳତାର ସହିତ ଫିଙ୍ଗା ଯାଇପାରିବ, କାରଣ କାର୍‌ର ଦ୍ରୁତ ଗତି ସମୟରେ ହିଁ ବୋମା ଫିଙ୍ଗିଲେ ତାହା ଠିକ୍ ଭାବରେ ବିସ୍ଫୋରଣ ହୋଇ ଫୁଟିଯିବ ।

ଆମର ଯୋଜନାଟି ଏହି ପ୍ରକାର ଥିଲା । ରାସ୍ତାର ଗୋଟିଏ ପଟରେ ରାଜଗୁରୁ ପ୍ରସ୍ତୁତ ହୋଇ ରହିଥିଲା, ଭାଇସ୍‌ରାୟଙ୍କର ଗାଡି ଆସିଲାକ୍ଷଣି ସେ ସଙ୍କେତ

ପ୍ରଦାନ କରିବ । ଜୟଦେବ କପୁର କିଛି ଦୂରରେ ଛିଡ଼ା ହୋଇଥିବ ଶିବବର୍ମା ତା'ଠାରୁ ଆଉଟିକେ ଦୂରରେ ଥିବେ । ସେମାନଙ୍କ ହାତରେ ଦୁଇଟି ଲେଖାଏଁ ବୋମା ଓ ଲୋଡେଡ୍ ରିଭଲଭର୍ ପକେଟମାନଙ୍କରେ ମହଜୁଦ୍ ଥିଲା । ଯଦି ଆମର ପ୍ରସ୍ତୁତି ଅନୁସାରେ ଜୟଦେବ କପୁର୍ ଲକ୍ଷ୍ୟସ୍ଥଳରୁ ବିଚ୍ୟୁତ ହେଲା, ତେବେ ଶିବବର୍ମା ଭାଇସରାୟଙ୍କର ଗାଡ଼ି ଉପରକୁ ବୋମା ଫିଙ୍ଗିବେ । ସେମାନଙ୍କୁ ଦଳ ତରଫରୁ କଡ଼ା ନିର୍ଦ୍ଦେଶ ଥିଲାଯେ ବୋମା ଭାଇସରାୟଙ୍କର ବ୍ୟତୀତ ଯେପରି ଅନ୍ୟ କାହା କାର୍ ଉପରକୁ ଫିଙ୍ଗା ନଯାଏ । ତେଣୁ ଏହା ସ୍ଥିର ହୋଇଥିଲା ଯେ ବୋମା କେବଳ ଭାଇସ୍‌ରାୟଙ୍କର କାର୍ ଉପରକୁ ଫିଙ୍ଗାଯିବ– ଯେତେବେଳେ ରାଜଗୁରୁଙ୍କର ନିକଟରୁ ସଙ୍କେତ ମିଳିବ ।

ଏକଥା ମଧ୍ୟ ସ୍ଥିର ହୋଇଥିଲା ଯେ ଯଦି ବୋମା କୌଣସି କାରଣରୁ ନ ଫୁଟେ ଏବଂ ଭାଇସରାୟ ଆଘାତ ନ ପାଆନ୍ତି, ତେବେ ସେମାନେ ନିଜ ପିସ୍ତଲରୁ ଗୁଳି ଭାଇସ୍‌ରାୟଙ୍କ ଉପରକୁ ବର୍ଷଣ କରିବେ, ଯେ ପର୍ଯ୍ୟନ୍ତ ସେ ମୃତ ନ ହୋଇଛନ୍ତି । ତିନିଜଣ ଯାକ ପୁଲିସ୍ ସହିତ ମୁକାବିଲା କରୁକରୁ ଯଦି ସେମାନଙ୍କୁ ବନ୍ଦୀ କରିବାକୁ ପୋଲିସ୍ ଆସେ, ତେବେ ସେମାନଙ୍କୁ ମଧ୍ୟ ଗୁଳି କରାଯିବ ।

ସେହି ପ୍ରତୀକ୍ଷିତ ମୁହୂର୍ତ୍ତ ଆସି ପହଞ୍ଚିଗଲା । ମୁଖ୍ୟ ରାସ୍ତାରେ ପାଇଲଟ୍ ମୋଟର ସାଇକେଲ୍ ଯେମିତି ଦେଖାଗଲା ସେମିତି ସେମାନେ ବୋମା ସହିତ ସଜାଗ ହୋଇଗଲେ । ଶିବବର୍ମା, ଜୟଦେବ ରାଜଗୁରୁ ଆଡକୁ ସଙ୍କେତ ପାଇଁ ଅପେକ୍ଷା କରିଥାନ୍ତି, ହେଲେ ରାଜଗୁରୁ କୌଣସି ସଙ୍କେତ ଦେଲେନାହିଁ । ସେମାନେ ଦ୍ୱନ୍ଦରେ ପଡିଗଲେ କ'ଣ କରିବେ କ'ଣ ନାହିଁ । ଯେତେବେଳେ ଭାଇସ୍‌ରାୟଙ୍କର କାର୍ ସେମାନଙ୍କ ସମ୍ମୁଖରେ ଦ୍ରୁତ ଗତିରେ ଚାଲିଗଲା ସେମାନେ ଦେଖିଲେ କେବଳ ତିନିଜଣ ମହିଳା କାର୍‌ରେ ବସିଛନ୍ତି । ଚତୁର୍ଥ ବ୍ୟକ୍ତି ଜଣକ ଥିଲା ଡ୍ରାଇଭର୍ । ଭାଇସ୍‌ରାୟ ସେଦିନ କାର୍‌ରେ ବସିନଥିଲେ ।

ପରେ ଜଣାପଡିଲା ଯେ ଭାଇସ୍‌ରାୟ ସେଦିନ ମାଛମାରିବା ପାଇଁ ଯାଇଥିଲେ ଏବଂ ରାତ୍ରିଭୋଜନକୁ ଅନ୍ୟ ଏକ ରାସ୍ତାରେ ଯାଇ ପହଞ୍ଚିଥିଲେ । ସେହି ସମୟରେ ଆସେମ୍ବ୍ଲିରେ ଦୁଇଟି ବିଲ୍ ପାଶ୍‌ହେବା ପାଇଁ ଅପେକ୍ଷା କରିଥାଏ । ଗୋଟିଏ ହେଲା 'Public Saftey Bill', 'ଜନସାଧାରଣ ସୁରକ୍ଷା ଆଇନ୍' ଏବଂ ଅନ୍ୟଟି ହେଲା 'Trade Disputes Bill', ବାଣିଜ୍ୟ ବିବାଦ ଆଇନ । ପ୍ରଥମ ବିଲ୍‌ର ଲକ୍ଷ୍ୟଥିଲା ଜନସାଧାରଣଙ୍କର ସ୍ୱରକୁ ସମ୍ପୂର୍ଣ୍ଣଭାବରେ ଦବେଇଦେବା, ଯାହାଫଳରେ ସେମାନେ

ଦେଶସାରା ଯେଉଁ ସ୍ୱାଧୀନତା ଆନ୍ଦୋଳନ କରୁଥିଲେ, ବିକ୍ଷୋଭ ପ୍ରଦର୍ଶନ କରୁଥିଲେ, ଦାବୀ ଉପସ୍ଥାପିତ କରୁଥିଲେ ସେସବୁ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ । ଦ୍ୱିତୀୟ ବିଲ୍‌ରେ- ଯେଉଁ ଶ୍ରମିକମାନେ କାରଖାନାରେ ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ନିଜର ମୌଳିକ ଅଧିକାର ପାଇଁ ଧର୍ମଘଟ କରୁଥିଲେ ସେମାନଙ୍କର ମୁହଁ ବନ୍ଦକରି ସେମାନଙ୍କୁ ମୂକ କରି ଦିଆଯିବ ।

ମୁଁ ଭଲଭାବରେ ଜାଣି ସାରିଥିଲି ଯେ ଏହି ଦୁଇଟି ବିଲ୍ ନିଶ୍ଚୟ ଆସେମ୍ବ୍ଲିରେ ମଞ୍ଜୁର ହେବ । ଅବଶ୍ୟ କିଛି କଂଗ୍ରେସ ସଦସ୍ୟ ବିଲ୍‌କୁ ପାଶ୍ କରାଇ ନଦେବା ପାଇଁ ପ୍ରତିବନ୍ଧକ ସୃଷ୍ଟି କରିପାରନ୍ତି, କିନ୍ତୁ ଇଂରେଜ ସରକାର ପାଇଁ ଏହି ଦୁଇଟି ବିଲ୍‌କୁ ମଞ୍ଜୁର, କରାଇବା ଏକ ମର୍ଯ୍ୟାଦାର ପ୍ରଶ୍ନ ହୋଇଥିବାରୁ ଭାଇସ୍‌ରାୟ ବିଲ୍‌କୁ ପାଶ୍ କରାଇବାରେ ସହଜ ବାଟ ସ୍ୱରୂପ ଅର୍ଡିନାନ୍‌ସ ଜାରି କରିବା ପାଇଁ ସ୍ଥିର କରିଥାନ୍ତି । ଏପଟେ ଭାଇସ୍‌ରାୟଙ୍କୁ ହତ୍ୟା ଯୋଜନା ବିଫଳ ହେଲାପରେ, ମୁଁ ଦଳର ସଭାରେ ପ୍ରସ୍ତାବ ରଖିଲି ଯେ ଯେତେବେଳେ ଆସେଂବ୍ଲିରେ ଭାଇସ୍‌ରାୟଙ୍କର ଅଧ୍ୟାଦେଶ ପାଠ କରାଯାଉଥିବ, ଅନ୍ତତଃ ସେତେବେଳେ ଗୃହ ମଝିକୁ ବୋମା ଫିଙ୍ଗାଯିବ । ଏହା ଆମର ପ୍ରତିବାଦ ଭଳି କାର୍ଯ୍ୟ କରିବ । ବୋମା ଫୁଟିବାର ଧମାକା ସହିତ ଆମ ଦଳର ବିଲ୍ ବିରୋଧୀ ବାର୍ତ୍ତା ସମ୍ବଳିତ ପ୍ରଚାରପତ୍ର ମଧ୍ୟ ହଲ୍ ଭିତରେ ଫୋପଡ଼ାଯିବ ।

ମୋର ଏହି ପ୍ରସ୍ତାବଉପରେ ଅନେକ ଆଲୋଚନା ହେଲା । ପ୍ରଶ୍ନ ଉଠିଲା ଯେ ଆସେମ୍ବ୍ଲିରେ ବୋମା ଫିଙ୍ଗିବାର ଦାୟିତ୍ୱ କେଉଁମାନଙ୍କୁ ଦିଆଯିବ । ଯେହେତୁ ପ୍ରସ୍ତାବ ମୋ ତରଫରୁ ଆସିଥିଲା, ତେଣୁ ଦଳର କର୍ମକର୍ତ୍ତାମାନେ ଚାହୁଁଥିଲେ ଯେ ମୁଁ ଏହି କାର୍ଯ୍ୟଭାର ଗ୍ରହଣ ନକରି ଅନ୍ୟାନ୍ୟ କାର୍ଯ୍ୟରେ ଦଳକୁ ଆହୁରି ଯେପରି ଭଲଭାବରେ ସଂଗଠିତ କରେ । ତେଣୁ ଦଳର କେନ୍ଦ୍ରିୟ କମିଟି ଆସେମ୍ବ୍ଲିରେ ବୋମା ଫିଙ୍ଗିବା ଦାୟିତ୍ୱ ବଟୁକେଶ୍ୱର ଦତ୍ତ ଓ ବିଜୟ କୁମାର ସିହ୍ନାଙ୍କ ଉପରେ ନ୍ୟସ୍ତ କରିବାକୁ ସ୍ଥିର କଲା ।

ଏହି ସଭାରେ ସୁଖଦେବ ଯୋଗ ଦେଇ ପାରିନଥିବାରୁ ତାଙ୍କ ନିକଟକୁ ଦଳର ନିଷ୍ପତ୍ତି ଜଣେ ବାର୍ତ୍ତାବାହକ ଦ୍ୱାରା ପଠାଇ ଦିଆଗଲା । ସୁଖଦେବଙ୍କ ନିକଟରେ ଯେମିତି ଦଳର ନିଷ୍ପତ୍ତି ପହଞ୍ଚିଲା ସେ ତତ୍‌କ୍ଷଣାତ୍ ଦିଲ୍ଲୀରେ ଆସି ପହଞ୍ଚିଗଲେ । ସୁଖଦେବ ମୋର ଅନ୍ତରଙ୍ଗ ବନ୍ଧୁଥିଲା । ସେ ମତେ ଆସି ଦେଖାକଲା । ମତେ ସୁଖଦେବ ବଡ ଆଶ୍ଚର୍ଯ୍ୟ ହୋଇ ପଚାରିଲା-''ଆରେ ଏ କ'ଣ ମୁଁ ଶୁଣୁଛିରେ

ଅନ୍ୟମାନେ କ'ଣ ଆସେମ୍ବ୍ଲିରେ ବୋମା ଫିଙ୍ଗିବାକୁ ଯାଉଛନ୍ତି ? ଯେଉଁ କାମ ତୁ ନିଜେ କରିବା କଥା ସେମାନେ କଣ କରିବେ ବୋଲି ଠିକ୍‌ହେଲା ?''

ମୁଁ ସୁଖଦେବର ବିରକ୍ତିର କାରଣ ବୁଝିପାରିଲି । କହିଲି- ''ଆରେ ମୁଁ ଏକଥା ଠିକ୍ କରିନିରେ । କେନ୍ଦ୍ରିୟ କମିଟି ନିଷ୍ପତ୍ତି ନେଇଛି । ସେମାନେ ମତେ ବୋମା ଫିଙ୍ଗିବା କାମ ନଦେଇ ଦଳର ଲକ୍ଷ୍ୟ ଓ ଆଭିମୁଖ୍ୟକୁ ଠିକ୍ ଭାବରେ ମୋ ଦ୍ୱାରା ପ୍ରଚାରିତ କରିବାପାଇଁ ଚାହୁଁଛନ୍ତି ସୁଖଦେବ !

ସୁଖଦେବ ମୋର ଉତ୍ତର ଶୁଣି ଆହୁରି ରାଗିଗଲା । ସେ ମୋ ଠାରୁ ଏଭଳି ହାଲୁକା ଉତ୍ତର ଆଦୌ ଆଶା କରୁନଥିଲା । ଏକଦମ୍ ଗମ୍ଭୀର କଣ୍ଠରେ ମତେ କହିଲା- ''ଭଗତ୍ ! ଛାଡ଼ ଏସବୁ ବାଜେକଥା ମତେ ତୁ ବୁଝାନା । ଯାହା ମୁଁ ଦେଖୁଛି ତୁ ଏବେ ଦିନକୁ ଦିନ ବଡ ସ୍ୱାର୍ଥପର ଆଉ ଅହଂକାରୀ ହୋଇଯାଉଛୁ । ତୁ ବର୍ତ୍ତମାନ ଭୁଲ୍ ରାସ୍ତାରେ ଯିବା ଆରମ୍ଭ କରିଛୁ । ତୁ କ'ଣ ଭାବୁଛୁ ଯେ ସାନ୍ୟାଲ ଦା ଓ ଜୟଚାନ୍ଦଜୀଙ୍କ ଭଳି ନେତା ହେବୁ ? ତୁ ତୋର ଭବିଷ୍ୟତ ସମ୍ପର୍କରେ ସଚେତନ ଅଛୁ ତ ? ତୁ ବୋଧେ ଜାଣିନୁ ତୋର ଦଳରେ ସ୍ଥିତି 'ଭାଇ ପରମାନନ୍ଦ' ଙ୍କ ଭଳି ମଧ୍ୟ ଶେଷରେ ହୋଇଯିବ । ମାନେ କିଛି ନୁହେଁ ।'' ସୁଖଦେବର ମୋ ପ୍ରତି ଏଭଳି ବିରକ୍ତିଭାବ ପ୍ରକାଶ ପାଇବ ବୋଲି ମୁଁ ମଧ୍ୟ ଆଶା କରିନଥିଲି । ମୁଁ ଜାଣି ପାରୁନଥିଲି ସେ କାହିଁକି ମୋ ଉପରେ ରାଗୁଛି ।

ସୁଖଦେବ ଲାହୋର ହାଇକୋର୍ଟର ଜଜ୍‌ମେଣ୍ଟ ସମ୍ପର୍କରେ କହୁଥିଲା, ''୧୯୧୪-୧୫ ବେଳକୁ 'ଲାହୋର ଷଡଯନ୍ତ୍ର' ମକଦ୍ଦମା ଲାହୋର ହାଇକୋର୍ଟରେ ଚାଲିଥିଲାବେଳେ ବିଚାରପତି କେଶ୍ୱର ରାୟ ଦେଲାବେଳେ କହିଥିଲେ 'ଏହି କ୍ରାନ୍ତିକାରୀ ଷଡଯନ୍ତ୍ରରେ ପରମାନନ୍ଦ ମୁଖ୍ୟ ଭୂମିକାରେ ରହିଥିଲା ଯଦିଓ କିନ୍ତୁ ବ୍ୟକ୍ତିଗତ ଭାବରେ ମୁଁ କହିପାରେ ଯେ ଗୋଟେ କାପୁରୁଷ, ଯିଏ କି ସଙ୍କଟ ସମୟରେ ସବୁବେଳେ ପଛରେ ରହିବାକୁ ଭଲପାଏ ଏବଂ ନିଜର ଲୋକମାନଙ୍କୁ ବିପଦ ସମ୍ମୁଖକୁ ଠେଲିଦିଏ ।' ଭଗତ୍ ! ତୁ ଏମିତି ପଳାୟନପନ୍ଥୀ ହୋଇ ଅନ୍ତରାଳରେ ରହିବା ଉଚିତ ନୁହେଁ । ଦିନେ ନା ଦିନେ ତତେ କୋର୍ଟର ସମ୍ମୁଖକୁ ଆସିବାକୁ ପଡିବ । ଆଉ ସେହିଦିନ ସେହି ସମାନ ଜଜ୍‌ମେଣ୍ଟ ତୋ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ-ଯାହା ଭାଇ ପରମାନନ୍ଦଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ।''

ବିସ୍ମୟ ବିସ୍ଫାରିତ ନେତ୍ରରେ ଶାନ୍ତ ହୋଇ ସୁଖଦେବର ପ୍ରତିଟି ବାକ୍ୟ ଓ ଶବ୍ଦକୁ ମୁଁ ଶୁଣୁଥିଲି । ତା କଥାର ମର୍ମକୁ ଭଲଭାବରେ ବୁଝିବାକୁ ଚେଷ୍ଟା କରୁଥିଲି ।

ସୁଖଦେବର କଥା ତଥାପି ସରିନଥିଲା । ସେ ପୁଣି କହୁଥିଲା– ''ତୁ'କଣ ଚାହୁଁ ଯେ ତୁ ଶହୀଦ ହେବୁ, ବଳିଦାନ ଦେବୁ କେବଳ ଦଳର ସାଙ୍ଗଠନିକ ଲକ୍ଷ୍ୟ ହାସଲପାଇଁ ? ତୁ ଭଲଭାବେ ତୋର ମନ, ଆତ୍ମାକୁ ପଚାର, ନିଜକୁ ନିରୀକ୍ଷଣ କର, ଦେଖିବୁ, ତତେ ଜଣାପଡିବ ତୁ ସତରେ ମୃତ୍ୟୁକୁ ଡରୁଛୁ । ତୁ ତୋର କର୍ତ୍ତବ୍ୟ ସମ୍ପାଦନ ପଥରୁ ଦୌଡ଼ିପଳାଇବାର ବାହାନା ଖୋଜୁଛୁ, ଭଗତ୍ ! ତୁ ମୋ ପାଖରେ ନିଜକୁ ଆଉ ଲୁଚାଇ ପାରିବୁ ନାହିଁ । ମୁଁ ତୋର ପ୍ରିୟ ବନ୍ଧୁ । ମୁଁ ତତେ ଯେମିତି ଅନ୍ତରଙ୍ଗ ଭାବରେ ଜାଣିଛି, ତାହା ଅନ୍ୟମାନେ ଜାଣିନାହାନ୍ତି ।''

ସୁଖଦେବର ଭର୍ତ୍ସନାରେ ମୋର ଅନ୍ତରାତ୍ମା ଯେମିତି ଶତସିଂହର ବଳନେଇ ଗର୍ଜନ କରିଉଠିଲା ।

ମୁଁ ସୁଖଦେବକୁ କହିଲି, ''ତା'ହେଲେ ଠିକ୍ ଅଛି ମୁଁ, ଏକାକୀ ଆସେମ୍ବ୍ଲି ଗୃହରେ ବୋମା ଫୋପାଡ଼ିବି । ଏ ସଂକ୍ରାନ୍ତରେ ମୁଁ ମୋର ନିଷ୍ପତ୍ତି କେନ୍ଦ୍ରିୟ କମିଟିକୁ ଜଣାଇଦେବି । ସେମାନେ ନିଶ୍ଚୟ ତାଙ୍କର ନିଷ୍ପତ୍ତି ବର୍ତ୍ତମାନ ବଦଳାଇ ପାରନ୍ତି । ହେଲେ, ତୁ ଆଉ ମତେ ଏ ବିଷୟରେ ଆଉ ଟିଡ଼ାନା କହିଦେଉଛି ।''

ସୁଖଦେବ ମୋ କଥା ଶୁଣି ଅନ୍ୟମନସ୍କ ଭାବରେ କହିଲା–''ମୁଁ ଜଣେ ବନ୍ଧୁ ଭାବରେ ଅନ୍ୟ ବନ୍ଧୁର କର୍ତ୍ତବ୍ୟ ସମ୍ପାଦନ କରୁଛି ।''

ସୁଖଦେବ ସେହି ରାତିରେ ଦିଲ୍ଲୀରୁ ଲାହୋର ଫେରିଗଲା । ମୋ ସହିତ ଆଉ କିଛି କଥାବାର୍ତ୍ତା କରିନଥିଲା । କିନ୍ତୁ, ସୁଖଦେବର ପ୍ରତିଟି କଥା ମତେ ଯେମିତି କେଉଁ ଏକ ସୁଷୁପ୍ତିରୁ ହଠାତ୍ ଝଣ୍‌କରି ଉଠାଇଦେଲା । ମୋ ଭିତରେ ଅଫୁରନ୍ତ ସାହାସ୍ ଓ ଶକ୍ତି ଭରିଦେଲା । ମୁଁ ଆସେମ୍ବ୍ଲି ହଲ୍‌ରେ ବୋମା ଫିଙ୍ଗିବା କାର୍ଯ୍ୟକୁ ସଂପନ୍ନ କରିବାପାଇଁ ତତ୍ପର ହୋଇ ଉଠିଲି ।

ଆହା, ମୋର ପ୍ରିୟ ବନ୍ଧୁ ସୁଖଦେବ । ସେଦିନ ଦିଲ୍ଲୀରୁ ଲାହୋର ଫେରିଗଲା ବେଳକୁ ସେ ବଡ଼ କ୍ଳାନ୍ତ ହୋଇପଡିଥିଲା । ତା'ର ଆଖି ଦୁଇଟି ଫୁଲି ଯାଇଥିଲା । ଯେମିତି ମନେ ହେଉଥିଲା ସେ ସାରାରାତି ରାସ୍ତା ସାରା କାନ୍ଦୁଥିଲା । ସେ କାହା ସହିତ ସାଧାରଣ ଭାବରେ କଥାହେବା ଅବସ୍ଥାରେ ଯେମିତି ନଥିଲା । ବଡ଼କଷ୍ଟରେ ସେ ଭଗବତୀ ଭାଇଙ୍କୁ ଯୋଗାଯୋଗ କରି କହିଲା, ''ଯଦି ତୁମେ ଭଗତ ସିଂହକୁ ତା' ଜୀବନରେ ଶେଷ ଥର ପାଇଁ ଦେଖିବାକୁ ଚାହୁଁଛ, ତେବେ ଆଜି ରାତି ଟ୍ରେନ୍‌ରେ ଦିଲ୍ଲୀ ଯାଇ ପହଞ୍ଚିଯାଅ । ସାଙ୍ଗରେ ଭାଉଜଙ୍କୁ ମଧ୍ୟ ନେବ ।''

ସେହି ଦିନମାନଙ୍କରେ ସୁଶୀଳା ଦିଦିଙ୍କ ଛୁଟି ଥିବାରୁ ସେ ଲାହୋରରେ ଭଗବତୀ ଭାଇଙ୍କ ଘରେ ଯାଇ ରହୁଥିଲେ । ସେ ଭଗବତୀ ଭାଇଙ୍କ ସହିତ ଦିଲ୍ଲୀ ଆସିବାକୁ ସଙ୍ଗେ ସଙ୍ଗେ ରାଜି ହୋଇଗଲେ । ସୁଶୀ ଭଗବତୀ ଭାଇଙ୍କର ବୋଲହାକ କରେ । ସେ ମଧ୍ୟ ଭଗବତୀ ଭାଇଙ୍କ ସହିତ ଯିବାକୁ ବାହାରିଲା । ମୋର ଗତ କଲିକତା ଯାତ୍ରା ସମୟରେ ମତେ ସେ ପିଲାଟିକୁ ଭାରି ଭଲ ଲାଗୁଥିଲା । ଦିଲ୍ଲୀରେ ଭଗବତୀ ଭାଇ, ଦୁର୍ଗା ଭାଉଜ, ସୁଶୀଳାଦିଦି ଓ ସୁଶୀ ପହଞ୍ଚିଗଲେ ।

ସୁଖଦେବ ସେମାନଙ୍କୁ ଫୋନ୍ କରି କହିଲା–''କୁଦିଶା ବାଗ'କୁ ଯାଇ ସମସ୍ତେ ଅପେକ୍ଷା କର ।''

ଏହାର କିଛି ସମୟ ପରେ ସୁଖଦେବ 'କୁଦିଶାବାଗ'କୁ ମୋତେ ସାଙ୍ଗରେ ନେଇ ପହଞ୍ଚିଲା ।

ମୋର ଅନ୍ତରଙ୍ଗ ସୁଖଦେବ ମତେ କେତେ ନିବିଡ଼ ଭାବରେ ଭଲପାଏ, ତାହା ମୁଁ ସେଦିନ ଜାଣିପାରିଥିଲି । ଘରୋଇ ବନ୍ଧୁତ୍ୱପୂର୍ଣ୍ଣ ମିଳନର ଆୟୋଜନ କରିଥିଲା ମୋର ସୋଦର, ମୋର ଭାଇ ସୁଖଦେବ । ମତେ ରସଗୋଲା ଓ କମଳା ଭଲଲାଗେ ବୋଲି ସୁଶୀଳାଦିଦି ଓ ଦୁର୍ଗା ଭାଉଜ ବହୁତ ସଂଖ୍ୟାରେ ନେଇ ଆସିଥିଲେ । ବଡ଼ସ୍ନେହରେ ଦୁର୍ଗାଭାଉଜ ଓ ସୁଶୀଳାଦିଦି ମତେ ରସଗୋଲା ଓ ମିଠାକମଳା ଖୁଆଉଥାନ୍ତି । ପାଖରେ ଭଗବତୀଭାଇ ଓ ସୁଖଦେବ ଥାନ୍ତି । କାହିଁକି କେଜାଣି ମୁଁ ସେଦିନ ଲକ୍ଷ୍ୟ କରୁଥିଲି, ସୁଖଦେବ ବଡ଼ ଅନ୍ୟମନସ୍କ ଦେଖାଯାଉଥିଲା । ତା'ମୁହଁଟା କେମିତି ଶୁଖିଲା ଶୁଖିଲା ଲାଗୁଥିଲା ।

କେତେବେଳେ ଘଣ୍ଟାଏ କାଳ ବିତିଗଲା ଜଣା ପଡିଲା ନାହିଁ । ପ୍ରାୟ ସାଢ଼େ ଦଶଟାବେଳକୁ ମୁଁ ସମସ୍ତଙ୍କଠାରୁ ବିଦାୟ ନେଇ ଫେରିଆସିଲି । ଦୁର୍ଗା ଭାଉଜ ଓ ସୁଶୀଳାଦିଦିଙ୍କୁ ମଧ୍ୟ ଲାଗୁଥିଲା, ଯେମିତି ମୋ ସହିତ ଏହା ତାଙ୍କର ଶେଷ ସାକ୍ଷାତ । ଅବଶ୍ୟ ଆସନ୍ତା ଦିନ ଗୁଡ଼ିକରେ କ'ଣ ପ୍ରକୃତରେ ଘଟିବ ବା ଘଟିବାକୁ ଯାଉଛି, ତାହା କାହାକୁ ଜଣାନଥିଲା । କାରଣ ଦଳର ଶୃଙ୍ଖଳା ପାଇଁ ସମସ୍ତ ତଥ୍ୟ ଗୋପନୀୟ ରଖିବା ନିତାନ୍ତ ଆବଶ୍ୟକ ଥିଲା । କିନ୍ତୁ ସେମାନେ ମଧ୍ୟ ଟିକେ ବିଷର୍ଣ୍ଣ ଜଣା ପଡୁଥିଲେ ।

ଦଳର ଜରୁରୀ ବୈଠକ ଡକାଗଲା । ଶେଷରେ ନିଷ୍ପତ୍ତି ନିଆଗଲା ଯେ ମୁଁ ଓ ବଟୁକେଶ୍ୱର ଦତ୍ତ... ଦୁଇଜଣ ହିଁ ଆସେମ୍ବ୍ଲି ଗୃହଭିତରେ ବୋମା ଫିଙ୍ଗିବୁ । ଶିବ

ବର୍ମା ଓ ଜୟଦେବଙ୍କ ବ୍ୟତୀତ ଅନ୍ୟସାଥୀମାନଙ୍କୁ ଦିଲ୍ଲୀ ଛାଡ଼ି ଚାଲିଯିବାପାଇଁ ନିର୍ଦ୍ଦେଶ ଦିଆଗଲା ।

ଚନ୍ଦ୍ରଶେଖର ଆଜାଦ ଝାନ୍‌ସୀ ଯିବାକୁ ବାହାରିଥିଲେ । ସେ ରେଳଷ୍ଟେସନକୁ ଗଲାବେଳକୁ ଶିବବର୍ମା ତାଙ୍କୁ ଛାଡ଼ିବା ପାଇଁ ଗଲେ । ରାସ୍ତାରେ ଆଜାଦ ଶିବବର୍ମାଙ୍କୁ କହିଲେ, ପ୍ରଭାତ ! (ଶିବବର୍ମାଙ୍କର ଦଳର ନାମ) ଆସନ୍ତା କିଛି ଦିନ ମଧ୍ୟରେ ଏହି ଦୁଇଜଣ ଭଗତ୍ ଓ ବଟୁକେଶ୍ୱର ଦତ୍ତ ଜାତୀୟ ସମ୍ପତ୍ତିରେ ପରିଣତ ହୋଇଯାଇପାରନ୍ତି । କେବଳ ସେମାନଙ୍କର ସ୍ମୃତି ହିଁ ଆମ ପାଖରେ ରହିଯିବ । ତେଣୁ ଅନ୍ତତଃ ସେ ପର୍ଯ୍ୟନ୍ତ ସେମାନଙ୍କର ଭଲଭାବରେ ଯତ୍ନନେବ ।''

ଆଜାଦ୍ ମୋତେ ଓ ବଟୁକେଶ୍ୱରଦତ୍ତଙ୍କୁ ଖୁବ୍ ଭଲ ପାଉଥିଲେ । ସେ ଆଦୌ ଚାହୁଁ ନଥିଲେ, ମୁଁ ଯାଇ ଆସେମ୍ବ୍ଲିରେ ବୋମା ଫିଙ୍ଗେ, କିନ୍ତୁ ମୋର ଓ ସୁଖଦେବର ଦୃଢ଼ ନିଷ୍ପତ୍ତିକୁ ସେ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ । ମୁଁ ଜାଣିଥିଲି, ଆଜାଦ୍ ମତେ ଆଦୌ ପାଖରୁ ଛାଡ଼ିବାକୁ ପ୍ରସ୍ତୁତ ନଥିଲେ ।

ଚନ୍ଦ୍ରଶେଖର ଆଜାଦଙ୍କର ସ୍ନେହ ଛଳଛଳ ଆଖିର ପ୍ରତ୍ୟୟ ମତେ ଅନେକ ସମୟରେ ବିହ୍ୱଳ କରିଦେଉଥିଲା । ସେ ମୋ ପିଠିକୁ କେବେକେବେ ଥାପୁଡାଇ ଦେଲାବେଳେ, ମୁଁ ତାଙ୍କ ବଳିଷ୍ଠ ହାତପାପୁଲିର ଉଷ୍ମ ସ୍ନେହକୁ ଅନୁଭବ କରି ପାରୁଥିଲି ।

ଆଠ ଏପ୍ରିଲ୍, ୧୯୨୯ । ଦିଲ୍ଲୀର କେନ୍ଦ୍ରିୟ ଆସେମ୍ବ୍ଲି ଗୃହରେ ଅଧିବେଶନ ଚାଲିଥାଏ ।

ଜୟଦେବ କପୁର ମତେ ଏବଂ ବଟୁକେଶ୍ୱର ଦତ୍ତଙ୍କୁ ନେଇ ଆସେମ୍ବ୍ଲି ଗୃହର ଦର୍ଶକ ଗ୍ୟାଲେରୀରେ ପହଞ୍ଚାଇଦେଲେ । ଏହିଠାରୁ ବୋମା ଫିଙ୍ଗିଲେ ତାହା କାହାକୁ କ୍ଷତାକ୍ତ କରିବ ନାହିଁ । ମୁଁ ଓ ବଟୁକେଶ୍ୱର ଦତ୍ତ ଦୁଇଜଣ ଖାକି ସାର୍ଟ ଓ ହାଫ୍ ପେଣ୍ଟ୍ ପିନ୍ଧିଥିଲୁ ।

ଆସେମ୍ବ୍ଲି ଗୃହରେ 'ବାଣିଜ୍ୟ ବିବାଦ ବିଲ୍' (Trade Disputes Bill) ଉପରେ ଆଲୋଚନା ଓ ଭୋଟିଂ ହେଲାପରେ ସଭାପତିଙ୍କ ଅନୁମୋଦନ ପାଇଁ ପଠାଗଲା । ସଭାପତି ବିଲ୍ ଉପରେ ନିଜର ରୁଲିଂ ଦେବା ପୂର୍ବରୁ ହଠାତ୍ ଏକ ପ୍ରଚଣ୍ଡ ବିସ୍ଫୋରଣ ସହ ଗୃହ ଭିତରଟା ଥରିଉଠିଲା । କିନ୍ତୁ କାହାକୁ ହେଲେ ଆଘାତ

ଲାଗିନଥିଲା । ଗୃହ ଭିତର ସାରା ଧୂଆଁରେ ଭର୍ତ୍ତି ହୋଇଗଲା । ମହିଳାମାନେ ଗ୍ୟାଲେରି ଭିତରେ ଧାଁ ଧଉଡ ଆରମ୍ଭ କରିଦେଲେ । ଆସେମ୍ବ୍ଲି ହଲ୍‌ର ଚାରିକଡ଼େ ଆତଙ୍କ ଓ ଭୟର ଚିତ୍କାର ଖେଳିଗଲା ।

ଠିକ୍ ଏହିସମୟରେ ବଟୁକେଶ୍ୱର ଦତ୍ତ ଦ୍ୱିତୀୟ ବୋମାଟି ହଲ୍ ଭିତରକୁ ଫୋପାଡ଼ିଲେ । ପୁଣି ବିସ୍ଫୋରଣ ସହ ସମଗ୍ର ଗୃହ ଧୂଆଁରେ ଭର୍ତ୍ତି ହୋଇଗଲା । ଚାରିଆଡ଼େ ଦଳାଚକଟା ଆରମ୍ଭ ହୋଇଗଲା । ସଦସ୍ୟମାନେ ହଲ୍ ବାହାରକୁ ଦୌଡ଼ିପଳାଇଗଲେ । ଦର୍ଶକମାନେ ନିରାପଦ ସ୍ଥାନକୁ ଦୌଡ଼ିଲେ । ମହିଳାମାନେ ମଧ୍ୟ ନିଜକୁ ସୁରକ୍ଷିତ ସ୍ଥାନରେ ରଖିବାକୁ ଉଦ୍ୟମକଲେ ।

ଏହାପରେ ମୁଁ ଛାତ ଉପରକୁ ଲକ୍ଷ୍ୟକରି ଦୁଇଥର ରିଭଲଭରରୁ ଦୁଇଥର ଫାଙ୍କା ଗୁଳି ଚାଳନା କଲି । ଲୋକମାନଙ୍କ ମଧରେ ଦୌଡ଼ାଦୌଡ଼ି ସେମିତି ଚାଲିଥିଲା ।

ମିଃ ସାଇମନ୍ ଯିଏ ଆସେମ୍ବ୍ଲିର ଅଧିବେଶନରେ ଭାଇସ୍‌ରାୟ ଗ୍ୟାଲେରିରେ ବସି ଏହି ଦୃଶ୍ୟ ଦେଖୁଥିଲେ ସେ ମୁଖ୍ୟ ଫାଟକ ଆଡ଼କୁ ଦୌଡ଼ିବାକୁ ଲାଗିଲେ । ସାର୍ ଜର୍ଜ ସାଷ୍ଟ୍ରୁଷ୍ଟର୍ ନିଜର ଜୀବନ ବଞ୍ଚାଇବାକୁ ଟେବୁଲ୍ ତଳକୁ ଦୌଡ଼ିଗଲେ । ଠିକ୍ ସେହିପରି ମିଃ ଏସ.ଏନ୍.ରାଓ, ମିଃ.ଏମ୍.ପି. ରାଓ ଏବଂ ମିଃ ଶଙ୍କର ରାଓ ପ୍ରମୁଖ ନିଜ ଜୀବନ ବଞ୍ଚାଇବାରେ ଲାଗି ପଡିଲେ । ଏପରି ପରିପ୍ରେକ୍ଷୀରେ ବଟୁକେଶ୍ୱର ଦତ୍ତ ପ୍ରଚାରପତ୍ର ସବୁ ଫିଙ୍ଗିବାରେ ଲାଗିଲେ । ଅବଶ୍ୟ ବୋମା ଫୁଟିବା ପରର ଦଳଚକଟା, ଧୂଆଁଭିତରେ ମୁଁ ଓ ବଟୁକେଶ୍ୱର ଇଚ୍ଛା କରିଥିଲେ ଖୁବ୍ ସହଜରେ ଖସି ପଳାଇପାରିଥାନ୍ତୁ । କିନ୍ତୁ ଆମେ ପଳାୟନ ନ କରିବା ନିଷ୍ପତ୍ତିରେ ଅଟଳଥିଲୁ ।

ଆମକୁ ଯେ ପୋଲିସ୍ ଏମିତି ସହଜରେ ଧରିନେବ, ଏକଥା ସେମାନେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରିନଥିଲେ । ପୋଲିସ୍ ଦ୍ୱାରା ଧରା ପଡିଲା ବେଳକୁ ଆମେମାନେ ଆମର ପ୍ରିୟ କ୍ରାନ୍ତିକାରୀ ସ୍ଲୋଗାନ ଦେଉଥିଲୁ, ''ବିପ୍ଳବ ଦୀର୍ଘଜୀବୀ ହେଉ । ସାମ୍ରାଜ୍ୟବାଦ ଧ୍ୱଂସହେଉ ।''

ଆସେମ୍ବ୍ଲି ଗୃହର ବିସ୍ଫୋରଣର ଧୂଆଁ, ଗୃହ ମଧ୍ୟରେ ଥିବା ଲୋକମାନଙ୍କର ଧାଁ ଦଉଡ଼ ଭିତରେ ଆମ ଫିଙ୍ଗା ପ୍ରଚାର ପତ୍ରର ରକ୍ତାକ୍ତ, ଜ୍ୱାଳାମୟୀ ଆଗ୍ନେୟ ଉଚ୍ଚାରଣର ଶବ୍ଦସବୁ ଯେପରି ଇଂରେଜ ସାମ୍ରାଜ୍ୟବାଦର ବିଷଦାନ୍ତକୁ ଭାଙ୍ଗି ଚୂରମାର୍ କରି ଦେଉଥିଲା । ନିଜର ଜ୍ୱଳନ୍ତ ଅସ୍ତିତ୍ୱକୁ ଆହୁରି ତେଜୀୟାନ୍ କରି ଜାହିର୍ କରି କହୁଥିଲା ... ।''

## ହିନ୍ଦୁସ୍ଥାନ ସମାଜବାଦୀ ଗଣତାନ୍ତ୍ରିକ ସେନା

## ସୂଚନା

......''ବଧିରମାନଙ୍କୁ ଶୁଣାଇବା ପାଇଁ ଶକ୍ତିଶାଳୀ ବକ୍ର କଣ୍ଠସ୍ୱରର ଆବଶ୍ୟକତା ଅଛି ।'' ପ୍ରସିଦ୍ଧ ଫରାସୀ, ଅରାଜକତା ବିରୋଧୀ ଶହୀଦ ଭାଲିଏଣ୍ଟଙ୍କର ଏହି ଅମରବାଣୀ ଆମ କାର୍ଯ୍ୟର ଯଥାର୍ଥ ମୂକସାକ୍ଷୀ ।

ଗତ ଦଶବର୍ଷ ମଧ୍ୟରେ ସରକାର ଶାସନ ସଂସ୍କାର ନାମରେ ଏହି ଦେଶର ଯେଉଁ ଅପମାନ କରିଛନ୍ତି, ସେହି କାହାଣୀକୁ ଦୋହରାଇବାର ଆବଶ୍ୟକତା ନାହିଁ କିମ୍ବା ହିନ୍ଦୁସ୍ଥାନୀ ପାର୍ଲିଆମେଣ୍ଟ କୁହାଯାଉଥିବା ଏହି ତଥାକଥିତ ସଭା ଭାରତର ମୁଣ୍ଡକୁ ପଥର ମାରି ଲହୁଲୁହାଣକରି, ଯେପରି ବାରମ୍ବାର ଅପମାନିତ କରୁଛି, ସେହିସବୁ ଉଦାହରଣ ଗୁଡ଼ିକୁ ମନେପକାଇବାର ବେଳ ଏବେ ଆସିଛି । ଏହାହିଁ ସ୍ପଷ୍ଟ, ଏକ ସର୍ବଜନଗ୍ରାହ୍ୟ ସ୍ୱଚ୍ଛ ତଥ୍ୟ ବୋଲି କୁହାଯାଇପାରେ । ଆଜି ମଧ୍ୟ ଯେତେବେଳେ ଲୋକମାନେ 'ସାଇମନ କମିଶନ' ଠାରୁ କିଛି ସଂସ୍କାରର ଫଳ ପାଇବାପାଇଁ ଚାହିଁ ବସିଛନ୍ତି ତଥା ନ୍ୟସ୍ତ ସ୍ୱାର୍ଥଲାଭର ଲୋଭରେ ମଧ୍ୟ ପରସ୍ପର ଭିତରେ ମାଡ଼ଗୋଳ, ମାରପିଟ ହେଉଛନ୍ତି । ବିଦେଶୀ ଇଂରେଜ ସରକାର 'ସାର୍ବଜନୀନ ସୁରକ୍ଷା ବିଧେୟକ' ଓ 'ଔଦ୍ୟୋଗିକ ବିବାଦ ବିଧେୟକ' 'Trade Disputes Bill' ର ରୂପରେ ନିଜର ଶୋଷଣ, ଦମନକୁ ଆହୁରି ଶକ୍ତିଶାଳୀ କରିବାର ପ୍ରୟାସ କରୁଛନ୍ତି । ଏହା ସହିତ ଆସନ୍ତା ଅଧିବେଶନରେ ସମ୍ବାଦପତ୍ର ଦ୍ୱାରା ରାଜଦ୍ରୋହ ବନ୍ଦ କରିବା ଆଇନ (Press Sadition Act) ମଧ୍ୟ ଜନତାଙ୍କ ଉପରେ ଲାଗୁକରିବାର ଧମକ ଦେଇଛନ୍ତି । ସାର୍ବଜନୀନ କ୍ଷେତ୍ରରେ କାମ କରୁଥିବା ଶ୍ରମିକ ନେତାମାନଙ୍କୁ ଆଖିବୁଜା ଗିରଫଦାରୀରୁ ଏହା ସ୍ପଷ୍ଟ ହେଉଛି ଯେ ସରକାର କିଭଳି ଭାବରେ ଜନତା ମାରଣନୀତି ଧାରଣ କରିଛନ୍ତି ।

ରାଷ୍ଟ୍ର ଉପରେ ଅନ୍ୟାୟପୂର୍ଣ୍ଣ ଦମନ, ଶୋଷଣତଥା ଉତ୍ତେଜନା ପୂର୍ଣ୍ଣ ପରିସ୍ଥିତିରେ ନିଜର ଉତ୍ତର ଦାୟିତ୍ୱକୁ ଅତ୍ୟନ୍ତ ଗମ୍ଭୀରତାର ସହିତ ଅନୁଭବ କରି 'ହିନ୍ଦୁସ୍ଥାନ ସମାଜବାଦୀ ଗଣତାନ୍ତ୍ରିକ ସଂଘ' ନିଜର ସେନାକୁ ଏହି ପଦକ୍ଷେପ ଉଠାଇବାକୁ ନିର୍ଦ୍ଦେଶ ପ୍ରଦାନ କରିଛି । ଆଇନ ନାମରେ ଏଇ ଯେଉଁ ଅପମାନଜନକ ଦେଖାଣିଆ ପ୍ରହସନବାଜି ଚାଲିଛି ତାକୁ ଶୀଘ୍ର ବନ୍ଦ କରାଯାଉ । ବିଦେଶୀ ଇଂରେଜ

ଶାସକର ଶୋଷକ, ଗୋଡାଣିଆ ପ୍ରଶାସନ ଯାହା କରୁନା କାହିଁକି ଜନତାଙ୍କର କଲ୍ୟାଣ ନାମରେ ଯେଉଁ ଆଇନର ଛଦ୍ମ ବୈଧାନିକତାର ମୁଖା ପିନ୍ଧି କାର୍ଯ୍ୟ କରୁଛନ୍ତି, ତାହାର ଅନ୍ତ ହେବା ନିହାତି ଆବଶ୍ୟକ ।

ଜନତାଙ୍କର ପ୍ରତିନିଧିମାନଙ୍କୁ ଆମର ସବିନୟ ଅନୁରୋଧ ଯେ ସେମାନେ ପାର୍ଲିଆମେଣ୍ଟର ଛଦ୍ମ ଆବରଣ ତ୍ୟାଗ କରି ନିଜ ନିଜର ନିର୍ବାଚନ କ୍ଷେତ୍ରକୁ ଫେରିଯା'ନ୍ତୁ ଏବଂ ଜନତାଙ୍କୁ ବିଦେଶୀ ଶାସକର ଦମନ, ଶୋଷଣ ବିରୁଦ୍ଧରେ ବିପ୍ଳବ କରିବାପାଇଁ ମାନସିକ, ଶାରୀରିକ ସ୍ତରରେ ପ୍ରସ୍ତୁତ କରାନ୍ତୁ । ବିଦେଶୀ ଇଂରେଜ ସରକାରଙ୍କୁ, ଆମେ ଭଲ ଭାବରେ ବୁଝାଇଦେବାକୁ ଚାହୁଁଛୁ ଯେ ଆମେ 'ସାର୍ବଜନୀନ ସୁରକ୍ଷା' ଏବଂ 'ଔଦ୍ୟୋଗିକ ବିବାଦ' ଭଳି ଦମନମୂଳକ ଆଇନ, ଲାଲା ଲଜପତରାୟଙ୍କର ହତ୍ୟା ବିରୁଦ୍ଧରେ ଦେଶର ଜନତାଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରିଥାରିଛୁ ।

ଆମେ ମଣିଷ ଜୀବନକୁ ମୂଲ୍ୟବାନ ଓ ପବିତ୍ର ବୋଲି ମନେକରୁ । ଆମେ ଏପରି ଉଜ୍ଜ୍ୱଳ ଭବିଷ୍ୟତରେ ବିଶ୍ୱାସ କରୁଛୁ ଯେଉଁଥିରେ ପ୍ରତ୍ୟେକ ବ୍ୟକ୍ତିକୁ ପୂର୍ଣ୍ଣଶାନ୍ତି ଓ ସ୍ୱାଧୀନ ଭାବରେ ବଞ୍ଚିବାର ସୁଯୋଗ ମିଳିବ । କିନ୍ତୁ ବିପ୍ଳବ ଦ୍ୱାରା ସମସ୍ତଙ୍କୁ ସମାନ ସ୍ୱତନ୍ତ୍ରତା ଦେବାପାଇଁ ତଥା ମଣିଷର ମଣିଷ ପ୍ରତି ଶୋଷଣକୁ ସମାପ୍ତ କରିଦେବାପାଇଁ ବିପ୍ଳବରେ, କ୍ରାନ୍ତିରେ କିଛି ନା କିଛି ରକ୍ତପାତ ଅନିବାର୍ଯ୍ୟ ହୋଇଥାଏ । ବିପ୍ଳବ ଦୀର୍ଘଜୀବୀ ହେଉ । ଇନ୍‌କିଲାବ ଜିନ୍ଦାବାଦ ।

ସ୍ୱାକ୍ଷର

ବଲରାଜ (କମାଣ୍ଡର ଇନ୍ ଚିଫ୍)

ବଡ଼ ଆଶ୍ଚର୍ଯ୍ୟର କଥା, ଆସେମ୍ବ୍ଲି ଗୃହରେ ବିସ୍ଫୋରଣ ବେଳେ ସେଠାରେ ନିୟୋଜିତ ପୋଲିସ୍ ଓ ସଦସ୍ୟ, ଦର୍ଶକମାନେ ଏଭଳି ଆତଙ୍କିତ ହୋଇପଡ଼ିଥିଲେ ଯେ ସେମାନେ ଭିତରକୁ ଯିବାକୁ ଡରୁଥିଲେ । ଏପରିକି ପୋଲିସ୍ ମଧ୍ୟ ଦର୍ଶକ ଗ୍ୟାଲେରୀ ଭିତରକୁ ଯିବାକୁ ସାହସ କରୁନଥିଲା । ଯଦିଓ ମୁଁ ଓ ବଟୁକେଶ୍ୱର ଦତ୍ତ ସେମିତି ଠିଆ ହୋଇଥାଉ ପୋଲିସ୍ ଦ୍ୱାରା ଗିରଫ ପାଇଁ, ଅଥଚ ସେମାନେ ଭିତରକୁ ଆସି କିଛି ପଦକ୍ଷେପ ନେଉନଥାନ୍ତି । ସେମାନେ ଭାବୁଥାନ୍ତି, ଆମ ପାଖରେ ଆହୁରି ଗୁଳି ମହଜୁଦ୍ ଅଛି ।

କେତେ ସମୟ ପରେ ଜଣେ ସର୍ଜେଣ୍ଟ ଦର୍ଶକ ଗ୍ୟାଲେରୀ ମଧ୍ୟକୁ ଆସି ଆମକୁ ପଚାରିଲେ, ''ତୁମେ ମାନେ ବୋମା ଫିଙ୍ଗିଥିଲ କି ?'' ''ହଁ ! ମୁଁ ଉତ୍ତର ଦେଇଥିଲି''

ଅବଶ୍ୟ ଆମେ ଚାହିଁଥିଲେ ସେଠାରେ ସେହି ସର୍ଜେଣ୍ଟକୁ ଗୁଳିକରି

ଦେଇଥାନ୍ତୁ । କିନ୍ତୁ ଆମେ କୌଣସି ବ୍ୟକ୍ତିବିଶେଷଙ୍କର ବିରୋଧ କରୁନଥିଲୁ । ବରଂ ସମଗ୍ର ସାମ୍ରାଜ୍ୟବାଦୀ ଧ୍ୱଂସମୁଖୀ ବ୍ୟବସ୍ଥା ପ୍ରତି ଆମର ଦୃଢ଼ ବିରୋଧ ଓ ପ୍ରତିବାଦ ଥିଲା ।

ଆମ ଦୁଇଜଣଙ୍କୁ ଅବଶେଷରେ ପୋଲିସ୍ ଗିରଫକଲା । ଜନତାଙ୍କୁ ଦେଖାଇବାପାଇଁ ପୋଲିସ୍ ଆମକୁ ଅତ୍ୟନ୍ତ କଡା ସୁରକ୍ଷା ଭିତରେ ରାଜକୀୟ ଆଡ଼ମ୍ବର ସହକାରେ ଏକ ସ୍ୱତନ୍ତ୍ର ଗାଡିରେ ଦିଲ୍ଲୀ ପୋଲିସ୍ ଥାନାକୁ ନିଆଗଲା । ଆମେ ଫିଙ୍ଗିଥିବା ପ୍ରଚାରପତ୍ର ଗୁଡ଼ିକୁ ଆସେମ୍ବ୍ଲି ଗୃହରୁ ପୋଲିସ୍ ସତର୍କତାର ସହିତ ସଂଗ୍ରହ କରିନେଲା । କାଳେ ଆମର ପ୍ରଚାରପତ୍ରର ମୁଖ୍ୟାଂଶ ଜନସାଧାରଣଙ୍କୁ ଜଣାପଡିଯିବ, ସେଥିପାଇଁ ସେମାନେ ଲୁଚାଇବାକୁ ବହୁତ ଚେଷ୍ଟା କରିଥିଲେ ।

ଜଣେ ଚତୁର ସାମ୍ବାଦିକଙ୍କ ହାତରେ ଆମର ଜ୍ୱାଳାମୟୀ ପ୍ରଚାରପତ୍ରଟିଏ କିନ୍ତୁ ପଡିଯାଇଥିଲା । ସେହି ରିପୋର୍ଟର ଦିଲ୍ଲୀର 'The Hindustan Times' ସମ୍ବାଦପତ୍ରରେ କାର୍ଯ୍ୟ କରୁଥିଲେ । ସେ ଆମର ପ୍ରଚାରପତ୍ରଟିକୁ ତାଙ୍କର ଖବର କାଗଜର ପରବର୍ତ୍ତୀ ସଂଖ୍ୟାରେ ପୂର୍ଣ୍ଣ ଭାବରେ ପ୍ରକାଶିତ କରିଦେଇଥିଲେ । ସମ୍ବାଦପତ୍ରରେ ତାହା ପ୍ରକାଶ ପାଇଲାପରେ ଆମ ସଂଗଠନର ଆଭିମୁଖ୍ୟ ସମ୍ପର୍କରେ ଦେଶର ଜନସାଧାରଣ ଅବଗତ ହୋଇଥିଲେ ଏବଂ ବ୍ରିଟିଶ୍ ଶାସନର ଅନ୍ୟାୟ ବିରୁଦ୍ଧରେ ଦୃଢ଼ ସ୍ୱର ଉତ୍ତୋଳନ କରିବାରେ ଉତ୍ସାହିତ ହୋଇଥିଲେ । ପୋଲିସ୍ଥାନାରେ ମୁଁ ଓ ବଟୁକେଶ୍ୱର କୌଣସି ମନ୍ତବ୍ୟ ଦେବାକୁ ମନାକଲୁ । ଆମେ କହିଲୁ ଯେ ଆମେ ଯାହା କହିବାକୁ ଚାହୁଁଛୁ, ତାହା କୋର୍ଟରେ କେଶ୍‌ର ବିଚାର ଚାଲିଲାବେଳେ ବିଚାରପତିଙ୍କ ସମ୍ମୁଖରେ କହିବୁ । ଆମକୁ ପୋଲିସ୍ ଦିଲ୍ଲୀ ଜେଲ୍‌ରେ ରଖିଲେ ।

ମୁଁ ସେହି ପୋଲିସ୍ ଥାନାରୁ ମୋର ପିତାଙ୍କ ନିକଟକୁ ଏକ ଚିଠି ମାଧ୍ୟମରେ ସେ ମୋ ଭବିଷ୍ୟତକୁ ନେଇ ଚିନ୍ତିତ ନ ହେବାପାଇଁ ଅନୁରୋଧ କରିଥିଲି । କୌଣସି ଓକିଲ ମୋ କେଶ୍ ଲଢ଼ିବା ପାଇଁ ନିଯୁକ୍ତି ନ କରିବାକୁ ମଧ୍ୟ ଲେଖିଥିଲି । ମୁଁ ବାବୁଜୀଙ୍କୁ ଲେଖିଥିଲି ଯେ ଏକାକୀ ମତେ ସାକ୍ଷାତ କରିବାକୁ ଜେଲ୍‌କୁ ଆସିବେ । ତେବେ ମାଆଙ୍କୁ ଆଣିବେନାହିଁ । କାରଣ ମତେ ବନ୍ଦୀ ବେଶରେ ଦେଖି ସେ ନିଜର ଆବେଗ ସମ୍ଭାଳି ପାରିବେ ନାହିଁ । ମୋର କେତୋଟି ପ୍ରିୟ ପଢ଼ିବା ବହି ସଙ୍ଗରେ ଆଣିବାପାଇଁ କହିଥିଲି । ମୋର ପ୍ରଣାମ ପରିବାରର ଅନ୍ୟ ଗୁରୁଜନମାନଙ୍କୁ ଜଣାଇ ଦେଇଥିଲି ।

୧୯୨୯ ମସିହା ମେ ମାସ ୩ ତାରିଖ । ସେଦିନ ମୋର ବାବୁଜୀ ସର୍ଦ୍ଦାର କିଶନସିଂହ ମତେ ଦେଖା କରିବାକୁ ଦିଲ୍ଲୀର ଜେଲ୍‌ରେ ଆସି ପହଞ୍ଚିଲେ । ସେ ମତେ କୋର୍ଟରେ କେଶ୍ ଲଢ଼ିବା ପାଇଁ ଓକିଲ ସହିତ ପରାମର୍ଶ କରି ସମସ୍ତ ଆଇନଗତ ସହାୟତା ନେବାପାଇଁ ବୁଝାଇଲେ ! ବାବୁଜୀଙ୍କର ପୁତ୍ରସ୍ନେହ ତାଙ୍କର ପୁଅକୁ ଜେଲ୍‌ରୁ ମୁକୁଳାଇବାକୁ ବଡ ବ୍ୟାକୁଳ ହେଉଥିଲା । କିନ୍ତୁ ମୁଁ ନିଜକୁ ରକ୍ଷା କରିବାପାଇଁ କେଶ୍ ଲଢ଼ିବାକୁ ଆଦୌ ଚାହୁଁ ନଥିଲି । ମୋର ଆଦର୍ଶଗତ ସିଦ୍ଧାନ୍ତକୁ କୌଣସି ପରିସ୍ଥିତିରେ ମୁଁ ଛାଡ଼ିବାକୁ ପ୍ରସ୍ତୁତ ନଥିଲି ।

ମତେ ବୁଝାଇବା ପାଇଁ ସେ ପ୍ରସିଦ୍ଧ ଓକିଲ ବାରିଷ୍ଟର ଆସଫ ଅଲ୍ଲିଙ୍କୁ ସଙ୍ଗରେ ଧରି ଜେଲ୍‌କୁ ଆସିଥିଲେ । ମୁଁ ତାଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିଥିଲି । ତାଙ୍କ ସହିତ ମୁଁ ଆଇନର କେତେକ ବିଷୟ ଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲି ।

୧୯୨୯ ମସିହା ସାତ ତାରିଖ ଆସେମ୍ଲିରେ ବୋମା ଫିଙ୍ଗିବା ମକଦ୍ଦମାର ଶୁଣାଣି କୋର୍ଟରେ ଆରମ୍ଭହେଲା । ବାରିଷ୍ଟର ଆସଫଅଲ୍ଲି ଡିଫେନସ୍ ତରଫରୁ ଲଢ଼ିବାକୁ ଆସିଥିଲେ । ଇଂରେଜ ସରକାରଙ୍କ ତରଫରୁ ସରକାରୀ ଓକିଲ ଆର୍. ବି. ନାରାୟଣ ଲଢ଼ିବାକୁ ଆସିଥିଲେ । ଆମର ସେହି କେଶକୁ ଇଂରେଜ ବିଚାରପତି ମିଃ ଏଫ୍:ବି: ପୁଲ୍ ଶୁଣାଣି କରୁଥିଲେ । କୋର୍ଟରେ ମତେ ଓ ବଟୁକେଶ୍ୱର ଦତ୍ତଙ୍କୁ ଦେଖିବାପାଇଁ, ମକଦ୍ଦମାର ଶୁଣାଣି ପାଇଁ ବହୁସଂଖ୍ୟାରେ ଲୋକମାନେ ଆସୁଥିଲେ । ମୋର ବାବୁଜୀ କିଶନସିଂହ, ବେବେଜୀ (ମା), ଅଜିତ୍ କାକାଙ୍କର ପତ୍ନୀ ମୋର ଖୁଡି କୋର୍ଟକୁ ଆସିଥିଲେ ।

ଅଦାଲତ ଗୃହ ଲୋକାରଣ୍ୟ ହୋଇ ଯାଇଥିଲା । କୋର୍ଟ ଭିତରକୁ ଆମେ ପ୍ରବେଶ କଲାକ୍ଷଣି ସବୁବେଳ ଭଳି ସ୍ୱଭାବସୁଲଭ ଢ଼ଙ୍ଗରେ ମୁଁ କହିଉଠିଲି– 'ବିପ୍ଳବ ଦୀର୍ଘଜୀବୀ ହେଉ', Longlive Revolution, । ବଟୁକେଶ୍ୱର କହିଉଠିଲେ– 'ସାମ୍ରାଜ୍ୟବାଦର ଧ୍ୱଂସ ହେଉ' Down with imperialism'

ଆମର ସ୍ଲୋଗାନ୍‌କୁ କୋର୍ଟ ରେକର୍ଡ କରିଥିଲେ ।

ମୁଁ ମୋର ପ୍ରିୟବନ୍ଧୁ ବଟୁକେଶ୍ୱର ଦତ୍ତଙ୍କ ଆଡ଼କୁ ଚାହିଁଲି । ତାଙ୍କ ମୁହଁରେ କୌଣସି ଦୁଃଖ କି ସନ୍ତାପର ଚିହ୍ନନଥିଲା । ବଟୁକେଶ୍ୱର ମୋ ହାତକୁ ଚିପିଦେଲେ ।

ମୁଁ ତାଙ୍କର ହାତର ଉଷ୍ମତାରୁ ଜାଣିପାରୁଥିଲି ଆମର ପରିକଳ୍ପିତ ସ୍ୱାଧୀନତାର ସଂକଳ୍ପ କେମିତି ଆମକୁ ଆହୁରି ଦୃଢ଼ରୁ ଦୃଢ଼ତର କରୁଛି । ଆମେ ଦୁହେଁ ଅତ୍ୟନ୍ତ ଖୁସି ଓ ଶାନ୍ତ ମନରେ ମକଦ୍ଦମାର ଶୁଣାଣି ଶୁଣୁଥିଲୁ ।

ସେଦିନ କୋର୍ଟରେ ପ୍ରାୟତଃ ଅଧଡଜନ ହେବ ସାକ୍ଷୀମାନଙ୍କୁ ସରକାରୀ ଓକିଲ ଜେରା କରିଥିଲେ । ଜଣେ ହେଲେ ସ୍ୱାଧୀନ ସାକ୍ଷୀ ସେଠାରେ ନଥିଲେ । ମୋର ପରିବାର ଉତ୍କଣ୍ଠିତ ହୋଇ କୋର୍ଟର କାର୍ଯ୍ୟକ୍ରମକୁ ଦେଖୁଥିଲେ । ବାବୁଜୀ ଓ ମା'ଙ୍କ ଆଖିର ଉଦ୍‌ବେଗକୁ, ଅଭିଯୁକ୍ତ ବେଞ୍ଚରେ ବସି ମୁଁ ଅନୁଭବ କରୁଥିଲି ।

ଆହା ! ସତରେ କେତେ ସରଳ ନିରୀହ ବାବୁଜୀ ଓ ମୋର ସ୍ନେହମୟୀ କରୁଣାମୟୀ ମା । ମତେ ଅପରାଧୀ ଭଳି କୋର୍ଟର କାଠଗଡ଼ାରେ ଠିଆ ହେବାଟାକୁ ସେମାନେ ଆଦୌ ମନରେ, ହୃଦୟରେ, ଚିନ୍ତନରେ ଗ୍ରହଣ କରିପାରୁନଥିଲେ । ତାଙ୍କର ଗେହ୍ଲାପୁଅ ଭଗତ୍‌କୁ ଯେମିତି ହେଲେ ହେଉ ପଛେ ଏସବୁ ଝିନ୍‌ଝଟ୍‌ରୁ ମୁକୁଳାଇ ଘରକୁ ନେଇଯିବାକୁ ଆତୁର ହୋଇଉଠୁଥିଲେ । କିନ୍ତୁ ମୁଁ ଜାଣିସାରିଥିଲି ଇଂରେଜ ସରକାର ଆମ ଉପରେ ଆକ୍ରୋଶ ମୂଳକ ଭାବରେ କାର୍ଯ୍ୟାନୁଷ୍ଠାନ ନିଶ୍ଚୟ ଗ୍ରହଣ କରିବ । ଆମର ବିପ୍ଳବକୁ ଆମର ମନୋବଳକୁ ଭାଙ୍ଗିଦେବାର ସବୁପ୍ରକାର ଉଦ୍ୟମ ଚାଲିଥିଲା । ଇଂରେଜ ଶାସନର ବିଚାରଧାରାକୁ ପୋଲିସ୍ ମନପ୍ରାଣ ନେଇ କାର୍ଯ୍ୟକାରୀ କରୁଥିଲା ।

ମୁଁ ବାବୁଜୀଙ୍କୁ ଇଂରେଜ ସରକାରଙ୍କର ଦମନମୂଳକ ଆକ୍ରୋଶ ସମ୍ପର୍କରେ ଭଲ ଭାବରେ ବୁଝାଇଦେଲି । ମୁଁ ତାଙ୍କୁ ଆହୁରି ସାନ୍ତ୍ୱନା ଦେବାକୁ ଚେଷ୍ଟା କଲିଯେ ମୋ ପାଇଁ ବ୍ୟସ୍ତ ନହେବା ପାଇଁ । ମା'ଙ୍କୁ ଧୈର୍ଯ୍ୟ ଦେବାପାଇଁ ମଧ୍ୟ ଅନୁରୋଧ କଲି । ମା'ଙ୍କର ପାଦଛୁଇଁ ପ୍ରଣାମ କଲାବେଳେ ମା ମତେ ଛାତିରେ ଜାକି ଭୋ ଭୋ ହୋଇ କାନ୍ଦିଲେ । ବଟୁକେଶ୍ୱରଙ୍କୁ ମଧ୍ୟ ମା ଜାବୁଡ଼ି ଧରିଥାନ୍ତି । ମା'ଙ୍କର ଅନ୍ତରତମ ବେଦନା ଆଗରେ ସବୁ ଯେମିତି ଭାଙ୍ଗି ଚୂରମାର୍ ହୋଇଗଲା । ମୁଁ ବି କାନ୍ଦିଲି । ଖୁଡ଼ୀ କାନ୍ଦୁଥିଲେ, ବାବୁଜୀ ସେପଟକୁ ମୁହଁ ବୁଲାଇ ଚଷମା କାଢ଼ି ଲୁହ ପୋଛୁଥାନ୍ତି । କୋର୍ଟ ଭିତରେ ଥିବା ଓକିଲ, ଦର୍ଶକ, କର୍ମଚାରୀ ସମସ୍ତଙ୍କ ଆଖିକୁ ଯେମିତି ଲୁହ ସଂକ୍ରମିତ ହୋଇଯାଇଥିଲା । ମୋ ମା' ଆଖିର ଲୁହକୁ ଆଉ ସାମାନ୍ୟ ଟିକିଏ ବି ବୁହାଇବାର ଚେଷ୍ଟା ଯେପରି କେହି କରି ନପାରେ, ସେହି ମୋର ଦୃଢ଼ ସଂକଳ୍ପକୁ ମୁଁ ପୁଣି ଥରେ ମନେମନେ ଦୋହରାଇଲି । ମୋ ମା, ମାତୃଭୂମିର ପରାଧୀନତାର ଶୃଙ୍ଖଳ ଯେପର୍ଯ୍ୟନ୍ତ ମୁଁ ଛିଣାଇ ନାହିଁ, ଲୁହକୁ ପୋଛିଦେଇନାହିଁ, ସ୍ୱାଧୀନତାର ପତାକା

ଫରଫର କରି ଏଇ ମୋର ପ୍ରିୟ ମାତୃଭୂମିର ପବିତ୍ର ମାଟିରେ ଉଡାଇ ନାହିଁ, ସେ ପର୍ଯ୍ୟନ୍ତ ମୁଁ ନିଃଶ୍ୱାସ ନେବିନାହିଁ । ଇଂରେଜ ସରକାରଙ୍କର ଆଖିରୁ ସବୁଦିନ ପାଇଁ ନିଦ ହଜେଇଦେବି ।

ନିଜକୁ ପୁଣି ଥରେ ପ୍ରକୃତିସ୍ଥ କରି ମା ଓ ଖୁଡ଼ୀଙ୍କର ଲୁହପୋଛି ସାନ୍ତ୍ୱନା କରାଇ ବାବୁଜୀଙ୍କ ସହିତ ଫେରି ଯିବାକୁ ଅନୁରୋଧ କରି ବଟୁକେଶ୍ୱରଙ୍କ ସହିତ ଜେଲ୍ ସେଲ୍‌କୁ ଚାଲିଗଲି । ପଛକୁ ଥରୁଟିଏ ଫେରି ଚାହିଁଲାବେଳକୁ ଦେଖିଲି ମା, ବାବୁଜୀ ଓ ଖୁଡ଼ି ସେମିତି ଠିଆ ହୋଇ କାନ୍ଦି କାନ୍ଦି ମତେ ବିଦାୟ ଜଣାଉଛନ୍ତି ।

ମୁଁ କୋର୍ଟକୁ ଅନୁରୋଧ କରିଥିଲି ଯେ ଆମର ଜେଲ୍ ରହଣି କାଳରେ ଆମକୁ ପଢ଼ିବାପାଇଁ ସମ୍ବାଦପତ୍ର, ବହି ଇତ୍ୟାଦି ଯୋଗାଇ ଦିଆଯାଉ । ଏଥିପାଇଁ ମିରଟ ଷଡଯନ୍ତ୍ର ମାମଲା ଏବଂ ଅନ୍ୟାନ୍ୟ କେଶ୍‌ରେ ଅଭିଯୁକ୍ତ ବିପ୍ଳବୀମାନଙ୍କୁ ଯେଉଁଭଳି ଭାବରେ ପଢିବାର ସୁଯୋଗ ଦିଆଯାଇଥିଲା ସେ କଥା ମଧ୍ୟ ମୁଁ ଉଲ୍ଲେଖ କରିଥିଲି । କିନ୍ତୁ କୋର୍ଟ ଆମର ଅନୁରୋଧ ଅଗ୍ରାହ୍ୟ କରିଦେଇଥିଲେ । ପୁଣି ୧୯୨୯ ମସିହା ଆଠ ତାରିଖ ମେ ମାସରେ ଆମକୁ କଡ଼ା ସୁରକ୍ଷା ମଧ୍ୟରେ କୋର୍ଟକୁ ଅଣାଗଲା । ଆମେ ଆମର ପ୍ରିୟ ସ୍ଲୋଗାନ, 'Longlive Revolution' 'ବିପ୍ଳବ ଦୀର୍ଘଜୀବୀ ହେଉ', 'Down with imperialism' 'ସାମ୍ରାଜ୍ୟବାଦର ଧ୍ୱଂସହେଉ' 'ଇନ୍‌କିଲାବ ଜିନ୍ଦାବାଦ' ପ୍ରଭୃତି ଧ୍ୱନି ଦେଉଥିଲୁ । ଏସବୁ ଶୁଣିଲାପରେ କୋର୍ଟ ଭିତରେ ଏକ ଅସ୍ୱସ୍ତିକର ଗୁଞ୍ଜରଣ ସୃଷ୍ଟି ହୋଇଗଲା । ଦିଲ୍ଲୀର ସେଶନ୍ସ କୋର୍ଟରେ ଶୁଣାଣି ଆରମ୍ଭ ହେଲାପରେ ବିଚାରପତି ମିଃ ଲିୟୋନାଇ ମିଡିଲଟନ୍ ମତେ ଓ ବଟୁକେଶ୍ୱର ଦତ୍ତଙ୍କୁ ନିଜ ନିଜର ମନ୍ତବ୍ୟ ଦେବାପାଇଁ କହିଲେ । ଆମେ ମନାକଲୁ । ମତେ ଯେତେବେଳେ ମୋର ନାମ, କାମ, ଘର ବିଷୟରେ ପଚରାଗଲା ସେତେବେଳେ ମୁଁ ବଡ ସନ୍ତୋଷ ଭାବରେ ଉତ୍ତର ଦେଲି, ''ମୋ ନାମ ଭଗତ୍‌ସିଂହ । ମୁଁ କିଛି ଜୀବିକା ଉପାର୍ଜନ କରୁ ନାହିଁ । ମୋ ଘର ଲାହୋର'' ।

ପୁଣି ମତେ ପଚାରଗଲା-''୧୯୨୯ ଏପ୍ରିଲ୍ ମାସ ଆଠ ତାରିଖରେ ତୁମେ ଆସେମ୍ବ୍ଲିରେ ଉପସ୍ଥିତ ହୋଇଥିଲ କି ନାହିଁ, ସେ ସମ୍ପର୍କରେ ଜଣାଅ । ମୁଁ ସେତେବେଳେ କହିଥିଲି-''ମୁଁ ସେ ସମ୍ପର୍କରେ କୌଣସି ବୟାନ ବର୍ତ୍ତମାନର କେଶ୍ ବିଚାରଣା

ସମୟରେ ଦେବାକୁ ଚାହେଁ ନାହିଁ ।''

ମୁଁ ଯେଉଁଭଳି କହିଥିଲି ଠିକ୍ ସେହିକଥା ବଟୁକେଶ୍ୱର ଦତ୍ତ ମଧ୍ୟ କହିଲେ । Crown Versus Bhagat Singh & B. K. Dutta... Charge S. S.307 IPC 738 Explosive Substances Act. ଅନୁସାରେ ସମସ୍ତ ସାକ୍ଷ୍ୟ ପ୍ରମାଣର ଶୁଣାଣି ହେଲାପରେ ଆମ ଉପରେ କୋର୍ଟ ଅଭିଯୋଗ ଫର୍ଦ୍ଦ ତିଆରି କଲେ । ଭାରତୀୟ ପେନାଲ୍‌କୋଡ୍ (IPC) ର ଧାରା ୩୦୭ ଅନୁସାରେ ହତ୍ୟା ଉଦ୍ୟମ ଅଭିଯୋଗ ସହିତ ପୁଣି ଧାରା ୩ ଓ ୪ ଅନୁସାରେ 'Explosive Substance Act' ଅନୁସାରେ ଆମେ ଦୁଇଜଣ ସମ୍ପୂର୍ଣ୍ଣ ଭାବରେ ଜାଣିଶୁଣି ଆସେମ୍ଲି ଗୃହକୁ ବୋମା ଫିଙ୍ଗିଛୁ ଏବଂ ଅନେକ ଲୋକଙ୍କୁ ମାରିବା ଉଦ୍ଦେଶ୍ୟରେ ଏହା ଘଟାଇଛୁ ବୋଲି ଅଭିଯୋଗ ସାବ୍ୟସ୍ତ ହେଲା ।

ପୁଣି ସେସନସ୍ କୋର୍ଟ ମତେ ଓ ଦତ୍ତଙ୍କୁ ବୟାନ ଦେବାପାଇଁ କହିଲାରୁ ଆମେ କହିଥିଲୁ-''ଆମେ ଏ ସଂକ୍ରାନ୍ତରେ ପରେ ସ୍ଥିର କରିବୁ'' ।

ସେସନ୍ସ୍ କୋର୍ଟରେ ବିଚାର ଆରମ୍ଭ ହେଲା । ୧୯୨୯ ମସିହା ଜୁନ୍ ପ୍ରଥମ ସପ୍ତାହରେ ଆମ ଉପରେ ପୁଲିସ୍ ଚାର୍ଜ କରିଥିବା ଅଭିଯୋଗର ଶୁଣାଣି ଆରମ୍ଭ ହେଲା । ପୂର୍ବର ସାକ୍ଷୀ ପ୍ରମାଣର ଫାର୍ସ କରିଥିଲା କୋର୍ଟ । ମୁଁ ଜାଣିସାରିଥିଲି ଏହି କେଶ୍‌ର କ'ଣ ଭାଗ୍ୟ ନିର୍ଦ୍ଧାରିତ ହୋଇଛି । ତଥାପି ଆମକୁ ସେସବୁ ମିଛସାକ୍ଷୀମାନଙ୍କୁ ଦେଖିବାକୁ ଓ ଶୁଣିବାକୁ ପଡୁଥିଲା । ସରକାରଙ୍କର ଓକିଲ ଅନ୍ୟକେତେକ ସାକ୍ଷୀଙ୍କୁ ମଧ୍ୟ ଉପସ୍ଥାପିତ କରିଥିଲେ ।

ମୁଁ ଓ ବଟୁକେଶ୍ୱର ଦତ୍ତ ଏଥର ନିଷ୍ପତ୍ତି ନେଲୁ ଯେ ଆମ ଉପରେ ଆରୋପ କରାଯାଇଥିବା ଅଭିଯୋଗର ଯଥାର୍ଥ ଉତ୍ତର ଦେବୁ । ଆମ ଉପରେ ବଡ଼ ଗୁରୁତର ଅଭିଯୋଗ ଅଣାଯାଇଥିଲା । ତେଣୁ ଆମେ ନିଜର କାର୍ଯ୍ୟର ଯଥାର୍ଥତାର ପ୍ରମାଣ ଦେବାକୁ ଚାହିଁଥିଲୁ । ଆମର କଥିତ ଅପରାଧ ସମ୍ପର୍କରେ ନିମ୍ନଲିଖିତ ପ୍ରଶ୍ନ ଉଠିଥିଲା । (୧) କ'ଣ ପ୍ରକୃତରେ ଆସେମ୍ଲିରେ ବୋମା ଫିଙ୍ଗାଯାଇଥିଲା କି ? ଯଦି ହଁ ତେବେ କ'ଣ ପାଇଁ ଏହା କରାଯାଇଥିଲା ? (୨) ତଳ ଅଦାଲତ ଆମ ଉପରେ ଯେଉଁ ଦୋଷାରୋପ କରି ଅଭିଯୁକ୍ତ କରିଛନ୍ତି ତାହା ଭୁଲ୍ ନା ଠିକ୍ ?

ପ୍ରଥମ ପ୍ରଶ୍ନର ପ୍ରଥମ ଭାଗରେ ଆମର ଉତ୍ତର 'ହଁ' ବୋଲି କହିଲୁ । ଆମେ ଆସେମ୍ଲିରେ ବୋମା ଫିଙ୍ଗିଥିଲୁ, କିନ୍ତୁ ତଥାକଥିତ ସାକ୍ଷୀମାନେ ଯେଉଁ ସବୁ ବୟାନ ଏ ପର୍ଯ୍ୟନ୍ତ ଦେଇ ଆସିଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ । ଯେହେତୁ

ଆମେ ବୋମା ଫିଙ୍ଗିବା କଥାକୁ ଅସ୍ୱୀକାର କରୁନାହୁଁ, ସେଥିପାଇଁ ଏଠାରେ ଯେଉଁମାନେ ଏହା ଉପରେ ପ୍ରତ୍ୟକ୍ଷ ଭାବରେ ଉପସ୍ଥିତ ଥାଇ ବୟାନ ଦେଇଛନ୍ତି, ସେସବୁ କଥାଗୁଡ଼ିକର ସତ୍ୟତାକୁ ମଧ୍ୟ ଭଲଭାବରେ ଯାଞ୍ଚ କରିବା ଆବଶ୍ୟକ । ଉଦାହରଣ ସ୍ୱରୂପ, ଆମେ ଜଣାଇ ଦେବାକୁ ଚାହୁଁଛୁ ଯେ ସର୍ଜେଣ୍ଟ ଟେରୀ କହିଛନ୍ତି ସେ ଆମ ଦୁହିଁଙ୍କ ଭିତରୁ ଜଣକଠାରୁ ପିସ୍ତଲ ପାଇଥିଲେ । କିନ୍ତୁ ଏହା ସମ୍ପୂର୍ଣ୍ଣ ମିଥ୍ୟା । କାରଣ ଯେତେବେଳେ ଆମେ ଦୁଇଜଣ ନିଜକୁ ପୁଲିସ୍ ହାତରେ ସମର୍ପଣ କରାଇଥିଲୁ, ସେତେବେଳେ ଆମ ଦୁହିଁଙ୍କ ପାଖରେ କୌଣସି ପିସ୍ତଲ ନଥିଲା । ଏହାଛଡ଼ା ଯେଉଁ ସାକ୍ଷୀମାନେ ଏଠାରେ କହିଲେ କି ଆମେ ବୋମା ଫିଙ୍ଗିଲାବେଳେ ସେମାନେ ଦେଖିଛନ୍ତି, ତାହା ମଧ୍ୟ ସମ୍ପୂର୍ଣ୍ଣ ମିଥ୍ୟା । ସେମାନେ ମିଛ କହିଛନ୍ତି । ଯେଉଁମାନେ ବର୍ତ୍ତମାନ ସୁଦ୍ଧା ନ୍ୟାୟ ଓ ନିଷ୍କପଟ ବ୍ୟବହାର ଉପରେ ଆସ୍ଥା ଓ ବିଶ୍ୱାସ ରଖିଛନ୍ତି, ସେମାନେ ଆଜିର ନ୍ୟାୟାଳୟର ଏ ସମସ୍ତ ମିଥ୍ୟା କଥାରୁ ଉଚିତ ଶିକ୍ଷା ଗ୍ରହଣ କରିବାର ଅଛି ।

ଏହା ସହିତ ଆମେ ସରକାରୀ ଓକିଲଙ୍କର ସମ୍ମାନଜନକ ବ୍ୟବହାର ତଥା ଅଦାଲତର ନ୍ୟାୟପୂର୍ଣ୍ଣ ଦୃଷ୍ଟିକୋଣକୁ ମଧ୍ୟ ପ୍ରଶଂସା କରୁଛୁ । ପ୍ରଥମ ପ୍ରଶ୍ନର ଦ୍ୱିତୀୟ ଭାଗର ଉତ୍ତର ଦେଲାବେଳକୁ ବୋମା ଫିଙ୍ଗିବାଭଳି ଏକ ଐତିହାସିକ ଘଟଣାକୁ ବିସ୍ତୃତ ଭାବରେ ବୁଝାଇବାକୁ ପଡିବ । ଆମେ ଏହି କାମ କେଉଁ ଉଦ୍ଦେଶ୍ୟରେ ତଥା କେଉଁ ପରିସ୍ଥିତିରେ କଲୁ, ସେ ସମ୍ପର୍କରେ ଖୋଲାଖୋଲି ଭାବରେ ଆଲୋଚନା କରି କହିବା ଆବଶ୍ୟକ ।

ଆମେ ଜେଲ୍‌ରେ ଥିଲାବେଳେ ଆମ ନିକଟକୁ କେତେଜଣ ପୋଲିସ୍ ଅଧିକାରୀ ଆସିଥିଲେ । ସେମାନେ ଆମକୁ ସୂଚନା ଦେଇଥିଲେ ଲର୍ଡ ଇରଉଇନ ଏହି ଘଟଣାପରେ ଆସେମ୍ବ୍ଲିର ଦୁଇ ସଦନର ମିଳିତ ଅଧିବେଶନରେ କହିଥିଲେ, ଏହି ବିଦ୍ରୋହ କୌଣସି ବ୍ୟକ୍ତି ବିଶେଷଙ୍କର ବିରୁଦ୍ଧରେ ନୁହେଁ ବରଂ ସମ୍ପୂର୍ଣ୍ଣ ଶାସନ ବ୍ୟବସ୍ଥା ବିରୁଦ୍ଧରେ ଉଦ୍ଦିଷ୍ଟଥିଲା ।'' ଏହା ଶୁଣିଲା ପରେ ଆମେ ଭଲଭାବରେ ଜାଣିପାରିଲୁ ଯେ ଜନସାଧାରଣ ଆମ କାର୍ଯ୍ୟର ଉଦ୍ଦେଶ୍ୟକୁ ପ୍ରକୃତ ଅର୍ଥରେ ବୁଝି ପାରିଛନ୍ତି ।

ମାନବିକତା ପ୍ରତି ଆମର ଶ୍ରଦ୍ଧା ଓ ସମ୍ମାନ କାହାଠାରୁ ମଧ୍ୟ କୌଣସି ପରିସ୍ଥିତିରେ ଊଣା ନୁହେଁ, ଆମର କାହାରି ପ୍ରତି ବ୍ୟକ୍ତିଗତ ବିଦ୍ୱେଷ ନାହିଁ । ଆମେ ପ୍ରାଣୀ ଜଗତକୁ ମଧ୍ୟ ସମାନ ଶ୍ରଦ୍ଧାପୂର୍ଣ୍ଣ, ପ୍ରେମପୂର୍ଣ୍ଣ ଆଖିରେ ଦେଖୁଛୁ । ଆମେ କୌଣସି ପ୍ରକାର ବର୍ବରତାପୂର୍ଣ୍ଣ କାର୍ଯ୍ୟ କରୁଥିବା ଅମଣିଷ ପରି ଦେଶର କଳଙ୍କ

ନୋହୁଁ । ଯେପରିକି ନିଜକୁ ସମାଜବାଦୀ ବୋଲି କହୁଥିବା ଦିବାନ୍ ଚମନଲାଲ କହିଥିଲେ, ଆମେ ସେହିଭଳି ପାଗଳ ନୋହୁଁ । ଲାହୋରରୁ ପ୍ରକାଶ ପାଉଥିବା ଟ୍ରିବ୍ୟୁନ ଓ ଅନ୍ୟାନ୍ୟ ସମ୍ବାଦପତ୍ରରେ ସେ ଏସବୁ ପ୍ରମାଣିତ କରିବାର ପ୍ରୟାସ କରିଥିଲେ ।

ଆମେ କେବଳ ଆମ ଦେଶର ଇତିହାସ, ତାହାର ତତ୍କାଳୀନ ପରିସ୍ଥିତି ତଥା ଅନ୍ୟାନ୍ୟ ମାନବୀୟ ଆକାଂକ୍ଷାର ମନନଶୀଳ ଶିକ୍ଷାର୍ଥୀ ଭାବରେ ଅତ୍ୟନ୍ତ ବିନମ୍ରତା ପୂର୍ବକ ନିଜକୁ ଗ୍ରହଣ କରିନେଇଛୁ । ଆମେ ଛଳନା ଓ ଦେଖାଣିଆ, ଗୋଡାଣିଆ ସ୍ୱଭାବକୁ ଆକଣ୍ଠ ଘୃଣାକରୁ ।

ଏହି କାମ ଆମେ କୌଣସି ବ୍ୟକ୍ତିଗତ ସ୍ୱାର୍ଥ ଅଥବା ବିଦ୍ୱେଷ ଭାବନା ପାଇଁ କରିନାହୁଁ । ଆମର ଉଦ୍ଦେଶ୍ୟ କେବଳ ଏହି ଶାସନ ବ୍ୟବସ୍ଥାର ବିରୁଦ୍ଧରେ ପ୍ରତିବାଦ ପ୍ରକାଶ କରିବାପାଇଁ ଉଦ୍ଦିଷ୍ଟ ଥିଲା । କାରଣ ଏହି ଶାସନବ୍ୟବସ୍ଥାରେ ଯେଉଁ କାର୍ଯ୍ୟ ସେଗୁଡ଼ିକ ହେଉଛି, ସବୁ ଏ ଦେଶର ଜନତାଙ୍କର ସ୍ୱାର୍ଥ ବିରୋଧୀ ଏବଂ ବିଶେଷ ଅପକାର କରିବାର ଅସୀମ କ୍ଷମତା ମଧ୍ୟ ରଖିଛି । ଆମେ ଏହି ବିଷୟ ଉପରେ ଯେତିକି ଆଲୋଚନା କଲୁ ସେତିକିରେ ଆମର ଦୃଢ଼ବିଶ୍ୱାସ ହୋଇଗଲା ଯେ ସମଗ୍ର ପୃଥିବୀରେ ଭାରତର ଏକ ଲଜ୍ଜାଜନକ ଅସହାୟ ଅବସ୍ଥାର ଚିତ୍ରକୁ ନେଇ ଡିଣ୍ଡିମ ପିଟିବା, ଏବଂ ଏହା ଏକ ଅତ୍ୟନ୍ତ ଦାୟିତ୍ୱହୀନ ନିରଙ୍କୁଶ ସାମ୍ରାଜ୍ୟବାଦୀ ଶାସନର ପ୍ରତୀକ ମାତ୍ର। ଜନତାଙ୍କର ପ୍ରତିନିଧିମାନେ ଅନେକଥର ରାଷ୍ଟ୍ରୀୟ ଦାବୀଗୁଡ଼ିକୁ ନେଇ ସରକାରଙ୍କ ନିକଟରେ ଉପସ୍ଥାପିତ କରିଛନ୍ତି; କିନ୍ତୁ ସରକାର ସେହିସବୁ ଯଥାର୍ଥ ଦାବୀଗୁଡ଼ିକୁ ଅବହେଳାକରି ଅଳିଆ ଡଷ୍ଟବିନ୍‌ରେ ଫିଙ୍ଗି ଦେଇଛନ୍ତି । ତାହା କେବେ ହେଲେ ଶେଷ ନିଷ୍ପତ୍ତିର ରୂପ ନେଇ ପାରିନାହିଁ ।

ସଦନ ଦ୍ୱାରା ଅନୁମୋଦିତ ହୋଇଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗୁଡ଼ିକୁ ଭାରତର ତଥାକଥିତ ପାର୍ଲିଆମେଣ୍ଟର ସମ୍ମୁଖରେ ତିରସ୍କାର ପୂର୍ବକ ଯେପରି ପାଦତଳେ ଚାପି ଦଳି ଦିଆଯାଇଛି, ତାର ହିସାବ ନାହିଁ । ସବୁବେଳେ ଦମନମୂଳକ ଏକଛତ୍ରବାଦୀ ଆଇନ ଗୁଡ଼ିକୁ ଶେଷ କରିବା ପାଇଁ ଆମର ଦାବୀଗୁଡ଼ିକୁ ଅବଜ୍ଞା ଦୃଷ୍ଟିରେ ଦେଖାଯାଇଛି । ଏପରିକି ଜନତାଙ୍କ ଦ୍ୱାରା ନିର୍ବାଚିତ ସଦସ୍ୟ/ସଦସ୍ୟାମାନେ ସରକାରଙ୍କର ଯେଉଁସବୁ ଆଇନ ଓ ପ୍ରସ୍ତାବଗୁଡ଼ିକୁ ଅବାଞ୍ଛିତ ଓ ଅବୈଧାନିକ ବୋଲି କହି ରଦ୍ଦ କରିଦେଇଥିଲେ, ସେସବୁକୁ ସରକାର କଲମମୁନରେ ଲାଗୁ କରିଦେଲେ ।

ଅନେକ କିଛି ଚିନ୍ତା କଲାପରେ ଏଭଳି ଏକ ସଂସ୍ଥାର ଅସ୍ତିତ୍ୱର ଔଚିତ୍ୟ କାହିଁକି ରହିଛି, ତାକୁ ମଧ୍ୟ କାହିଁକି ଏତେ ମାନ୍ୟତା ପ୍ରଦାନ କରାଯାଉଛି । ସେକଥା

ଆମେ ବୁଝିବା ଶକ୍ତିର ବାହାରେ । ଭାରତର କୋଟି କୋଟି ଶ୍ରମଜୀବୀ ମେହେନତି ମଣିଷମାନଙ୍କର ଝାଳରକ୍ତର ପୁଞ୍ଜି ଉପରେ ଏହି ଶାସନ ନିଜର ବିଳାସପୂର୍ଣ୍ଣ ଆଭିଜାତ୍ୟକୁ, ଅହଂକାରକୁ ସମସ୍ତଙ୍କ ଆଗରେ ପ୍ରକାଶ କରୁଛି । କେବଳ ଏହା ଏକ ଦେଖାଣିଆ, ଫମ୍ପା, ମନଭୁଲାଇବା ମିଛର ଏକ ସଂସ୍ଥା ଭାବରେ ଦେଖାଇବାର ପ୍ରୟାସ ଛଡ଼ା ଆଉକିଛି ନୁହେଁ ।

ଆମେ ସାର୍ବଜନୀନ ନେତାମାନଙ୍କର ମନୋବୃତ୍ତି ଓ ଚିନ୍ତାଧାରାକୁ ଭଲଭାବରେ ବୁଝିବାରେ ଅସମର୍ଥ ହୋଇପଡ଼ିବୁ । ଆମେ ବୁଝିପାରୁ ନାହୁଁ ଯେ ଆମର ନେତାମାନେ ଭାରତର ଅସହାୟତା, ପରାଧୀନତା ଉପରେ ଏଭଳି ପୂର୍ବନିର୍ଦ୍ଧାରିତ ଅପମାନଜନକ ବିଦ୍ରୂପଭରା ପ୍ରଦର୍ଶନ ହେଲାବେଳେ ମଧ୍ୟ କାହିଁକି ନୀରବଦ୍ରଷ୍ଟା ଭଳି ଛିଡ଼ା ହୋଇଛନ୍ତି । ଜନତାଙ୍କର ସମ୍ପତ୍ତି ଓ ସମୟ ସେଥିପାଇଁ ନଷ୍ଟ ହେଉଛି ଜାଣି ମଧ୍ୟ କିଛି କରିବାକୁ ଚାହୁଁନାହାନ୍ତି ।

ଆମେ ଏଇସବୁ ପ୍ରଶ୍ନ ଓ ଶ୍ରମିକ ଆନ୍ଦୋଳନର ନେତାମାନଙ୍କର ଗିରଫଦାରୀ ଉପରେ ବିଚାରବିମର୍ଷ କରୁଥିଲାବେଳେ ସରକାର ଔଦ୍ୟୋଗିକ ବିବାଦ ବିଧେୟକ Trade Disputes Bill ଆଣି ଥୋଇଦେଲେ । ଆମେ ଏହା ଉପରେ ଆସେମ୍ବ୍ଲିରେ କେଉଁପ୍ରକାର କାର୍ଯ୍ୟାନୁଷ୍ଠାନ, ତର୍କ ହେଉଛି ତାହା ଦେଖିବାକୁ ଯାଇଥିଲୁ । ଶେଷରେ ଆମର ବିଶ୍ୱାସ ଆହୁରି ଦୃଢ଼ ହୋଇଗଲା ଯେ ଭାରତର ଲକ୍ଷାଧିକ ମେହେନତି ଜନତାଙ୍କର ଏଭଳି ଏକ ସଂସ୍କାର ଶାସନବ୍ୟବସ୍ଥାର କୌଣସି କଥାରେ ସୁଫଳ ଆଶା କରାଯାଇ ପାରିବନାହିଁ । ବାସ୍ତବିକ ଏହାହିଁ ଭାରତର ଅସହାୟ ମେହେନତି ମଣିଷ ମାନଙ୍କର ଦାସତ୍ୱ ଉପରେ ବ୍ରିଟିଶ୍ ଶୋଷକମାନଙ୍କର ତଣ୍ଟିକଟା, ଅମାନବୀୟ ସ୍ତମ୍ଭସ୍ଥାପନ ।

ଶେଷରେ ଏହି ଆଇନ, ଯାହାକୁ ଆମେ ଅତ୍ୟନ୍ତ ବର୍ବର, ଅମାନବୀୟ, ସମ୍ବେଦନହୀନ ବୋଲି ମନେକରୁ, ଯାହାକୁ ଦେଶର ପ୍ରତିନିଧିମାନଙ୍କର ମୁଣ୍ଡରେ ଜୋରଜବରଦସ୍ତି ଭାବରେ ପିଟି ଦିଆଗଲା । ଏପରିକି ସଂଘର୍ଷରତ ଭୋକିଲା ଶ୍ରମିକମାନଙ୍କର ପ୍ରାଥମିକ ଅଧିକାରରୁ ସେମାନଙ୍କୁ ବଞ୍ଚିତକରି ଦିଆଗଲା ଏବଂ ତାଙ୍କ ହାତରୁ ସେମାନଙ୍କର ଆର୍ଥିକ ମୁକ୍ତିର ଏକମାତ୍ର ଅସ୍ତ୍ରକୁ ମଧ୍ୟ ଛଡ଼ାଇ ନିଆଗଲା ।

ଯେ କେହିବି ମୁଠାଏ ଭାତ, ଖଣ୍ଡିଏ ରୁଟି ପାଇଁ ପରିଶ୍ରମ କରୁଥିବା ମୂକ ମେହେନତି ଶ୍ରମିକମାନଙ୍କର ଅବସ୍ଥା ସମ୍ପର୍କରେ ଚିନ୍ତା କରିବ ସେ କେବେହେଲେ ସ୍ଥିର ହୋଇ ରହିପାରିବ ନାହିଁ । ତାର ହୃଦୟ, ରକ୍ତ କାନ୍ଦିବ । ଏବେ ଦୁର୍ବଳ ଶ୍ରେଣୀ

ଲୋକଙ୍କ ଅବସ୍ଥା ବଳି ଚଢ଼ା ଯାଉଥିବା ଛେଳି ଭଳି । ଶୋଷକରାଜ ଚାଲିଚି । ପୁଣି ସବୁଠାରୁ ବଡ଼ ଶୋଷକ ହେଉଛନ୍ତି ସ୍ୱୟଂ ଇଂରେଜ ସରକାର । ଯାହାଙ୍କର ବଳିବେଦୀରେ ପ୍ରତ୍ୟେକ ଦିନ ନିରୀହ ମୂକ ଶ୍ରମିକମାନଙ୍କର ବଳି ପଡୁଛି ? ଏସବୁ ଦେଖିଲାପରେ ଯାହାର ହେଲେ ହୃଦୟ କାନ୍ଦିବ ଏବଂ ସେ କୌଣସି ପରିସ୍ଥିତିରେ ନିଜ ଆତ୍ମାର ବ୍ୟାକୁଳତା, ଡାକକୁ ଉପେକ୍ଷାକରି ରହିପାରିବ ନାହିଁ ।

ଗଭର୍ଣ୍ଣର ଜେନେରାଲଙ୍କର କାର୍ଯ୍ୟକାରିଣୀ ସମିତିର ପୂର୍ବତନ ସଦସ୍ୟ ସ୍ୱର୍ଗୀୟ ଶ୍ରୀ ଏସ.ଆର.ଦାସ ତାଙ୍କର ପୁଅକୁ ଲେଖିଥିବା ପ୍ରସିଦ୍ଧ ପତ୍ରରେ ଜଣାଇଥିଲେ ବ୍ରିଟେନ୍‌ର ସ୍ୱପ୍ନନିଦ୍ରା ଭଙ୍ଗ କରିବାକୁ ହେଲେ ବୋମାର ଆବଶ୍ୟକତା ପଡିବ । ଶ୍ରୀଦାସଙ୍କର ଏହି ମନ୍ତବ୍ୟକୁ ସମ୍ମୁଖରେ ରଖି ଆମେ ଆସେମ୍ବ୍ଲିଭବନରେ ବୋମା ଫିଙ୍ଗିଥିଲୁ । ଆମେ ଏହି କାର୍ଯ୍ୟ ଶ୍ରମିକମାନଙ୍କ ପକ୍ଷରୁ ପ୍ରତିବାଦ ସ୍ୱରୂପ ପ୍ରତିରୋଧ ପ୍ରଦର୍ଶନ କରିବାପାଇଁ କରିଥିଲୁ ।

ସେହି ସମସ୍ତ ମେହେନତି ଶ୍ରମଜୀବୀମାନଙ୍କର ଅସାଧାରଣ ମର୍ମାନ୍ତିକ ବ୍ୟଥାକୁ ବ୍ୟକ୍ତ କରିବାପାଇଁ ଅନ୍ୟ କେଉଁ ସାଧନ ମଧ୍ୟ ଆମ ପାଖରେ ନଥିଲା । ଆମର ଏକମାତ୍ର ଉଦ୍ଦେଶ୍ୟ ''ବଧିରମାନଙ୍କୁ ଶୁଣାଇବା' ଏବଂ ଶୋଷିତ ପୀଡିତ ମାନଙ୍କର ନ୍ୟାଯ୍ୟ ଦାବୀକୁ ଅଗ୍ରାହ୍ୟ କରୁଥିବା ସରକାରକୁ ଯଥାସମୟରେ ଚେତାବନୀ ଦେବାପାଇଁ ଉଦ୍ଦିଷ୍ଟ ଥିଲା ।

ଆମପରି ଅନ୍ୟମାନଙ୍କର ଏକ ପରୋକ୍ଷ ଧାରଣା ଅଛିଯେ ପ୍ରଶାନ୍ତସାଗର ଭଳି ଶାନ୍ତ ନୀରବ ଦେଖାଯାଉଥିବା ଭାରତୀୟ ମାନବତାର ଉପରିଭାଗ ଯେତେ ଶାନ୍ତ ଜଣାପଡୁଥିଲେ ମଧ୍ୟ ଏକ ଭୀଷଣ ତୋଫାନର ପଦଧ୍ୱନି ଶୁଣୁଛି, ଯାହାକି ଯେ କୌଣସି ମୁହୂର୍ତ୍ତରେ ଖଣ୍ଡ ପ୍ରଳୟ ଘଟାଇ ଦେଇପାରେ ।

ସେଥିପାଇଁ ଆମେ ସେହି ଲୋକମାନଙ୍କ ପାଇଁ ସତର୍କ ଘଣ୍ଟା ବଜାଇଛୁ । ଯେଉଁମାନେ ଆଗକୁ ଆସୁଥିବା ଭୟଙ୍କର ବିପଦକୁ ଆଦୌ ଭ୍ରୂକ୍ଷେପ ନକରି ଆଗକୁ ମାଡିଚାଲିଛନ୍ତି । ଆମେ ଜନସାଧାରଣଙ୍କୁ ଏହା ବୁଝାଇଦେବାକୁ ଚାହୁଁ ଯେ କାଳ୍ପନିକ 'ଅହିଂସା'ର ଯୁଗ ବର୍ତ୍ତମାନ ସମାପ୍ତ ହୋଇଯାଇଛି । ଆଜିର ନୂତନ ପିଢ଼ିକୁ ମଧ୍ୟ ଏହାର ବର୍ବରତାକୁ ନେଇ କୌଣସି ସନ୍ଦେହ ନାହିଁ ।

ମାନବତା ପ୍ରତି ହାର୍ଦ୍ଦିକ ସଦ୍‌ଭାବ ଓ ଅସୀମ ଶ୍ରଦ୍ଧା ରଖୁଥିବା ଯୋଗୁଁ, ତଥା ଅଯଥା ରକ୍ତପାତକୁ ଏଡାଇବାପାଇଁ ଆମେ ଚେତାବନୀ ଶୁଣାଇବାପାଇଁ ଏହି ଉପାୟର ସାହାରା ନେଇଥିଲୁ । କିନ୍ତୁ ସେହି ଆସନ୍ନ ରକ୍ତପାତକୁ କେବଳ ଆମେ ନୁହେଁ ଲକ୍ଷାଧିକ

ଲୋକ ମଧ୍ୟ ପୂର୍ବରୁ ଦେଖୁଛନ୍ତି ।

ଉପର ବାକ୍ୟରେ ଆମେ 'କାଳ୍ପନିକ ଅହିଂସା' ଶବ୍ଦ ପ୍ରୟୋଗ କରିଥିଲୁ । ଏଠାରେ ତାହାର ବ୍ୟାଖ୍ୟା କରିବା ନିତାନ୍ତ ଯୁକ୍ତିଯୁକ୍ତ ହୋଇ ପଡିଛି । ଆକ୍ରମଣ ଉଦ୍ଦେଶ୍ୟରେ ଯେତେବେଳେ ବଳପ୍ରୟୋଗ କରାଯାଏ ତାକୁ ହିଂସା କୁହାଯାଏ । ଅବଶ୍ୟ ନୈତିକ ଦୃଷ୍ଟିକୋଣରୁ ଏହାକୁ ଉପଯୁକ୍ତ ବୋଲି କୁହାଯାଇପାରିବ ନାହିଁ । କିନ୍ତୁ ଯେତେବେଳେ ଏହି ହିଂସାର ଉପଯୋଗ କୌଣସି ବଳିଷ୍ଠ ବୈଧ ଆଦର୍ଶପାଇଁ କରାଯିବ ତେବେ ତାହାର ନୈତିକ ଔଚିତ୍ୟ ନିଶ୍ଚୟ ରହିବ । କୌଣସି ପରିସ୍ଥିତିରେ ବଳପ୍ରୟୋଗ କରାଯିବା ଆଦୌ ଉଚିତନୁହେଁ । ଏହି ଧାରଣା ଅତ୍ୟନ୍ତ କାଳ୍ପନିକ ଅବ୍ୟବହାରିକ ସିଦ୍ଧ ହୋଇଥାଏ । ବର୍ତ୍ତମାନ ଦେଶରେ ଯେଉଁ ନବ ଆନ୍ଦୋଳନ କ୍ରମଶଃ ଦ୍ରୁତଗତିରେ ହେବାକୁ ଯାଉଛି, ଯାହାର ପୂର୍ବ ସୂଚନା ଆମେ ପୂର୍ବରୁ ଦେଇସାରିଛୁ ।

ଗୁରୁ ଗୋବିନ୍ଦସିଂହ, ଶିବାଜୀ, କମଲପାଶା, ରିଜାର୍ଖାଁ, ଓ୍ୱାଶିଂଟନ, ଗାରିବାଲ୍ଡି, ଲାଫାୟେଟ୍ ଏବଂ ଲେନିନ୍‌ଙ୍କ ଆଦର୍ଶରୁ ହିଁ ଆମେ ପ୍ରେରଣା ପାଇଛୁ ଯାହା ପୂର୍ଣ୍ଣ ରୂପରେ ପ୍ରସ୍ଫୁଟିତ ହେବା ସହିତ ଆମକୁ ସେମାନଙ୍କ ପଦାଙ୍କ ଅନୁସରଣ କରିବାରେ ଗଭୀର ଭାବରେ ଅନୁପ୍ରେରିତ କରୁଛି । କାରଣ ଭାରତର ବିଦେଶୀ ଇଂରେଜ ସରକାର ଓ ଆମର ରାଷ୍ଟ୍ରୀୟ ନେତାମାନେ ଏହି ଆନ୍ଦୋଳନ ପ୍ରତି ଅତ୍ୟନ୍ତ ଉଦାସୀନ ମନୋଭାବ ପୋଷଣ କରୁଛନ୍ତି । ଏପରିକି ଜାଣିଶୁଣି ନିଜର କାନ ସେମାନଙ୍କର ଡାକଶୁଣି ମଧ୍ୟ ବନ୍ଦ କରିଦେଇଛନ୍ତି । ତେଣୁ ଆମେ ଏହାକୁ ନିଜର କର୍ତ୍ତବ୍ୟ ବୋଲି ଭାବି ସ୍ଥିର କଲୁଯେ ଏଭଳି ଏକ ଚେତାବନୀ ଦେବୁ ଯାହାକୁ କେହି ଅବହେଳା ପୂର୍ବକ ଦୃଷ୍ଟି ଆଢୁଆଳ କରିପାରିବେ ନାହିଁ ।

ଏ ପର୍ଯ୍ୟନ୍ତ ଆମେ ଏହି ଘଟଣାର ମୂଳ ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଲୁ । ବର୍ତ୍ତମାନ ଆମେ ଆମର ଉଦ୍ଦେଶ୍ୟକୁ ସ୍ପଷ୍ଟଭାବରେ କହିବାକୁ ଚାହୁଁଛୁ ।

ଏକଥା ବାରମ୍ବାର କହିବାର କୌଣସି ଆବଶ୍ୟକତା ନାହିଁ ଯେ ଏହି ଘଟଣାରେ ସାଧାରଣ ଆଘାତ ପାଇଥିବା ବ୍ୟକ୍ତି କିମ୍ବା ଆସେମ୍ବ୍ଲିର ଅନ୍ୟ କୌଣସି ବ୍ୟକ୍ତିପ୍ରତି ଆମ ହୃଦୟରେ ସାମାନ୍ୟତମ ବ୍ୟକ୍ତିଗତ ବିଦ୍ୱେଷ ଭାବନା କେବେହେଲେ ନଥିଲା କି ଆଜି ମଧ୍ୟ ନାହିଁ । ଏହାବ୍ୟତୀତ ଆମେ ପୁଣିଥରେ ସ୍ପଷ୍ଟ କରିଦେବାକୁ ଚାହୁଁଛୁ ଯେ ଆମେ ମଣିଷ ଜୀବନକୁ ସର୍ବଶ୍ରେଷ୍ଠ ମାନବୀୟ ଚେତନାର ପ୍ରତୀକ ବୋଲି ଗ୍ରହଣ କରିଛୁ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଆଘାତ ପହଞ୍ଚାଇବା ପରିବର୍ତ୍ତେ

ଆମେ ମାନବଜାତିର ସେବାପାଇଁ ହସିହସି ନିଜର ପ୍ରାଣ ବିସର୍ଜନ କରିବାକୁ ଶ୍ରେୟ ମନେକରୁ ।

ଆମେ ସାମ୍ରାଜ୍ୟବାଦୀସେନାର ଭଡାଟିଆ ସୈନିକଙ୍କ ଭଳି ନୋହୁଁ, ଯେଉଁମାନଙ୍କର କାମ କେବଳ ନରହତ୍ୟା ଛଡା ଆଉ କିଛି ନୁହେଁ । ଆମେ ମାନବ ଜୀବନକୁ ଅତ୍ୟନ୍ତ ମୂଲ୍ୟବାନ ମନେକରିବା ସହିତ ତାକୁ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ ପୂର୍ବକ ସର୍ବଦା ରକ୍ଷା କରିବାପାଇଁ ଉଦ୍ୟମ କରିଥାଉ । ଏତଦ୍‌ବ୍ୟତୀତ ଆମେ ସ୍ୱୀକାର କରୁଛୁ ଯେ ଆମେ ଜାଣିଶୁଣି ଆସେମ୍ବ୍ଲି ଭବନରେ ବୋମା ଫିଙ୍ଗିଛୁ । ବୋମା ଫିଙ୍ଗିବା ଘଟଣା ହିଁ ଆମର ଅଭିପ୍ରାୟକୁ ପୂର୍ଣ୍ଣରୂପରେ ପ୍ରକାଶ କରୁଛି । ତେଣୁ ଆମ ଲକ୍ଷ୍ୟ ଓ ଉଦ୍ଦେଶ୍ୟର ଯଥାର୍ଥ ଅନୁଶୀଳନ ଆମର କାର୍ଯ୍ୟର ପରିଣାମକୁ ନେଇ ହେବା ଆବଶ୍ୟକ । କୌଣସି ମନଗଢ଼ା କାହାଣୀକୁ ନେଇ ସିଦ୍ଧାନ୍ତରେ ପହଞ୍ଚିବା ଆଦୌ ନ୍ୟାୟସଙ୍ଗତ ପ୍ରକ୍ରିୟା ନୁହେଁ ।

ସରକାରୀ ବିଶେଷଜ୍ଞମାନଙ୍କର ଯେଉଁ ସାକ୍ଷ୍ୟପ୍ରଦାନ ଆପଣଙ୍କର ଅଦାଲତରେ ଚାଲିଛି । ସେମାନଙ୍କ ବିରୁଦ୍ଧରେ ଆମର ଏତିକି କହିବାର ଅଛି ଯେ ଆସେମ୍ବ୍ଲି ଭବନ ଭିତରେ ଆମର ବୋମା ଫିଙ୍ଗିବା ଫଳରେ ସେଠାରେ ପଡିଥିବା କେବଳ ଗୋଟିଏ ଖାଲି କାଠବେଞ୍ଚରେ କିଛି କ୍ଷତି ପହଞ୍ଚିଛି ଏବଂ ପ୍ରାୟ ଅଧଡଜନ ହେବ ଲୋକଙ୍କୁ ସାଧାରଣ ଆଘାତ ଲାଗିଛି । କିନ୍ତୁ ସରକାରୀ ବୈଜ୍ଞାନିକମାନେ କହିଲେ ଯେ ବୋମା ବହୁତ ଶକ୍ତିଶାଳୀ ଥିଲା ଓ ତାହାଦ୍ୱାରା ଅଧିକ କିଛି କ୍ଷତି ନ ଘଟିଲେ ମଧ୍ୟ ଏହା ଏକ ଅତ୍ୟନ୍ତ ଅସାଧାରଣ ଘଟଣା !

ଏହି ଦୃଷ୍ଟିରୁ ଆମେ ଜାଣିଛୁ ଯେ ସେହି ସବୁ ବୋମାକୁ ବାସ୍ତବରେ ବୈଜ୍ଞାନିକ ଢଙ୍ଗରେ ହିଁ ଏମିତି ତିଆରି କରାଯାଇଛି । ପ୍ରଥମରେ ଦୁଇଟି ବୋମା ବେଞ୍ଚ, ଡେକ୍ସ ମଧ୍ୟରେ ଥିବା ଖାଲି ଜାଗାରେ ପଡିଥିଲା । ଦ୍ୱିତୀୟତଃ ବୋମା ଗୁଡ଼ିକ ଦୁଇଫୁଟ ଦୂରରେ ଫୁଟିଥିଲା । ପାଖରେ ବ୍ୟକ୍ତିବିଶେଷ ଯଥା ମାନ୍ୟବର ସଦସ୍ୟ ମିଃ ପି.ଆର୍ ରାଓ, ମିଃ ଶଙ୍କର ରାଓ ଓ ସାର୍ ଜର୍ଜ ସଗୁଷ୍ଟର ପ୍ରମୁଖ ଥିଲେ । ସେମାନଙ୍କୁ ଯେତେଦୂର ସମ୍ଭବ ଆଦୌ ଆଘାତ ଲାଗିନଥିଲା କିମ୍ବା ନାମମାତ୍ର ଆଞ୍ଚୁଡା ଆଘାତ ହୋଇ ଥାଇପାରେ । ଯଦି ଏହି ବୋମାରେ ପଟାସିଅମ୍ କ୍ଲୋରେଟ୍ ଓ ପିକ୍ରେଟ ଏସିଡ୍ ଭରା ହୋଇଥାନ୍ତା, ଯେଉଭଳି ଭାବରେ ସରକାରୀ ବିଶେଷଜ୍ଞ ମହୋଦୟ କହିଥିଲେ ସେହି ବୋମାରେ ଏହି କାଠଘେରକୁ ଭାଙ୍ଗିଦେଇ କେତେ ଗଜ ଦୂରରେ ଛିଡା ହୋଇଥିବା ଲୋକମାନଙ୍କୁ ମଧ୍ୟ ଉଡାଇ ଦେଇଥାନ୍ତା ।

ବୋମା ବିଶେଷଜ୍ଞ ଆହୁରି ମଧ୍ୟ କହିଛନ୍ତି ଯଦି ସେଥିରେ ଅନ୍ୟ କୌଣସି ବିସ୍ଫୋରକ ପଦାର୍ଥ ଭର୍ତ୍ତି କରାଯାଇଥାନ୍ତା ନିଶ୍ଚିତ ଭାବରେ ଆସେମ୍ଲି ଭବନର ଅଧିକାଂଶ ସଦସ୍ୟଙ୍କୁ ଉଡାଇ ଛିନ୍ନଛତର୍ କରିଦେଇଥାନ୍ତା । କିନ୍ତୁ ପ୍ରକୃତରେ ଏହା ସତ୍ୟ ନୁହେଁ, କାରଣ ଯଦି ଆମେ ଚାହିଁଥାନ୍ତୁ ତେବେ ବୋମାଗୁଡାକୁ ସରକାରୀ କକ୍ଷଭିତରକୁ ଫିଙ୍ଗି ପାରିଥାନ୍ତୁ ଯେଉଁଠି ବିଶିଷ୍ଟ ବ୍ୟକ୍ତିମାନେ ବହୁ ସଂଖ୍ୟାରେ ବସିଥିଲେ । ନହେଲେ ସେହି ସାର୍ ଜନ ସାଇମନ୍‌ଙ୍କୁ ଆମର ଲକ୍ଷ୍ୟର କେନ୍ଦ୍ରବିନ୍ଦୁ ଭାବରେ ନେଇ ପାରିଥାନ୍ତୁ, ଯେହେତୁ ପ୍ରତ୍ୟେକ ବିଚାରବନ୍ତ ବ୍ୟକ୍ତିର ତାଙ୍କ ପ୍ରତି ଗଭୀର ଘୃଣାଭାବ ସୃଷ୍ଟିକରିଛି ଏବଂ ସେ ସେହି ସମୟରେ ତ ଆସେମ୍ଲିକକ୍ଷର ଅଧ୍ୟକ୍ଷଙ୍କର ଗ୍ୟାଲେରୀରେ ବସିଥିଲେ !

କିନ୍ତୁ ସତ କହିବାକୁ ଗଲେ ଏପ୍ରକାର କୌଣସି କାର୍ଯ୍ୟକରିବା ଆମର ଉଦ୍ଦେଶ୍ୟନଥିଲା, ଏବଂ ସେହି ବୋମା ଗୁଡ଼ିକ ସେତିକି କାମ କରିଥିଲା ଯେତିକି କରିବାପାଇଁ ସେସବୁକୁ ତିଆରି କରାଯାଇଥିଲା । ଅବଶ୍ୟ ଯଦି ଏହାଦ୍ୱାରା କୌଣସି ଅଘଟଣ ଘଟିବାକୁ ଥାନ୍ତା ତେବେ ମଧ୍ୟ ତାହା ନିରାପଦ ସ୍ଥାନରେ ହିଁ ପଡିଥାନ୍ତା । ଠିକ୍ ସେହିପରି ପିସ୍ତଲ୍‌ରୁ ଗୁଳି ଫୁଟିଥିଲା ସତ କିନ୍ତୁ ଆମେ ଦୁଇଜଣ ପିସ୍ତଲ୍‌ରୁ ଗୁଳି ଫୁଟାଇ ନଥିଲୁ ।

ଏହି କାର୍ଯ୍ୟ ଘଟିସାରିବା ପରେ ଏଥିପାଇଁ ଦଣ୍ଡଭୋଗିବା ପାଇଁ ଆମେ ନିଜକୁ ଜାଣିଶୁଣି ପୋଲିସ୍ ହାତରେ ସମର୍ପଣ କରି ଦେଇଥିଲୁ । ଏହି ସାମ୍ରାଜ୍ୟବାଦୀ ଶୋଷକମାନଙ୍କୁ ଆମେ ବୁଝାଇଦେବାକୁ ଚାହୁଁଥିଲୁ ଯେ ମୁଷ୍ଟିମେୟ ଲୋକଙ୍କୁ ମାରିଦେଇ କୌଣସି ଆଦର୍ଶକୁ ଶେଷ କରାଯାଇପାରିବ ନାହିଁ କିମ୍ବା ଏହି ଦୁଇଜଣ ବ୍ୟକ୍ତିଙ୍କୁ ଧ୍ୱଂସକରିଦେଇ ରାଷ୍ଟ୍ରକୁ ଦବେଇ ଦିଆଯାଇ ପାରିବନାହିଁ ।

ଆମେ ଇତିହାସର ଏହି ସବୁ ଶିକ୍ଷା ପ୍ରତି ଜୋର ଦେଇ କହିବାକୁ ଚାହୁଁଥିଲୁ ଯେ ପରିଚୟ ପତ୍ର ବା ପରିଚୟ ଚିହ୍ନ (Letters de cachets) ଏବଂ ବେଷ୍ଟାଇଲ୍ (ଫ୍ରାନସ୍‌ର କୁଖ୍ୟାତ ଜେଲ୍ ଯେଉଁଠାରେ ରାଜନୈତିକ ବନ୍ଦୀମାନଙ୍କୁ ଅକଥନୀୟ ଯନ୍ତ୍ରଣା ଦିଆଯାଉଥିଲା  ଫ୍ରାନସ୍‌ର କ୍ରାନ୍ତିକାରୀ ଆନ୍ଦୋଳନକୁ ଦମନ କରିବାରେ ସମର୍ଥ ହୋଇପାରିନଥିଲା । ଫାଶୀର ଫାନ୍ଦ କି ସାଇବେରିଆର ଖଣି ଋଷୀୟ କ୍ରାନ୍ତିର ନିଆଁକୁ ଲିଭେଇ ପାରିନଥିଲା ।

ତା ହେଲେ କ'ଣ ଏଇ ଅଧ୍ୟାଦେଶ ଓ ସେଫଟିବିଲ୍‌ସ; ଭାରତର ସ୍ୱାଧୀନତାର ବହ୍ନିଶିଖାକୁ କେବେହେଲେ ଲିଭାଇ ପାରିବ ? ଷଡଯନ୍ତ୍ରକୁ ଖୋଜି ବାହାର କରିବା ପୁଣି ଷଡଯନ୍ତ୍ର ଦ୍ୱାରା ଯୁବକମାନଙ୍କୁ ମିଥ୍ୟା ଦଣ୍ଡ ଦେଇ କିମ୍ବା ଏକ ମହାନ୍ ଆଦର୍ଶର

ସ୍ୱପ୍ନରେ ଅନୁପ୍ରେରିତ ଯୁବକମାନଙ୍କୁ ଜେଲ୍‌ରେ ବନ୍ଦକରି କୌଣସି ବିପ୍ଳବର ମହାନ୍ ଅଭିଯାନକୁ କେବେହେଲେ ରୋକା ଯାଇପାରିବ ନାହିଁ । ହଁ ! ଅବଶ୍ୟ ସାମୟିକ ଚେତାବନୀ ଦ୍ୱାରା ତାହାର ଯଦି ଉପେକ୍ଷା କରାନଯାଏ ତା'ହେଲେ ଅନ୍ତତଃ ଲୋକମାନଙ୍କର ପ୍ରାଣ ବଞ୍ଚା ଯାଇପାରେ । ଅଯଥା ଦୁଃଖ ଯନ୍ତ୍ରଣାରୁ ମଧ୍ୟ ରକ୍ଷା କରାଯାଇପାରେ । ତେଣୁ ସତର୍କ କରିଦେବାପାଇଁ ସମସ୍ତଙ୍କୁ ଆଗୁଆ ଚେତାବନୀ ଦେବାପୂର୍ବକ ଆମେ ଏହାକୁ ଆମର କର୍ତ୍ତବ୍ୟ ବୋଲି ମନେକରି କର୍ତ୍ତବ୍ୟ ସାଧନ କରିଛୁ । ମତେ ତଳ ଅଦାଲତରେ ପଚରାଯାଇଥିଲା ଯେ କ୍ରାନ୍ତି, ବିପ୍ଳବ ସହିତ ଆମର କି ପ୍ରକାର ସମ୍ପର୍କ ଅଛି ? ଆମେ ଏହାକୁ କିଭଳି ଭାବରେ ବୁଝିଛୁ ? ସେହି ପ୍ରଶ୍ନର ଉତ୍ତରରେ ମୁଁ କହିଥିଲି-କ୍ରାନ୍ତିପାଇଁ ରକ୍ତାକ୍ତ ଲଢ଼େଇ ଅନିବାର୍ଯ୍ୟ ନୁହେଁ କି ଏଥିରେ ବ୍ୟକ୍ତିଗତ ପ୍ରତିହିଂସାର କୌଣସି ସ୍ଥାନ ନାହିଁ । ବୋମା କି ପିସ୍ତଲର ବାସ୍ତବରେ କୌଣସି ସମ୍ପ୍ରଦାୟ ନାହିଁ । ଆମ ଦୃଷ୍ଟିକୋଣରେ କ୍ରାନ୍ତିର ଅର୍ଥ ଓ ଉଦ୍ଦେଶ୍ୟ ହେଉଛି ଅନ୍ୟାୟ, ଶୋଷଣ ଦ୍ୱାରା ତିଆରି ହୋଇଥିବା ଏହି ସମାଜ ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ନିତାନ୍ତ ଆବଶ୍ୟକ ।

ସମାଜର ମୁଖ୍ୟଧାରାରେ ଶ୍ରମିକ, ମେହେନତି ମଣିଷମାନେ ପ୍ରଧାନ ଅଙ୍ଗ ହୋଇଥିଲେ ମଧ୍ୟ ସେମାନଙ୍କୁ ସେମାନଙ୍କର ପ୍ରାଥମିକ ଅଧିକାରରୁ ବଞ୍ଚିତ କରି ରଖାଯାଇଛି । ସେମାନଙ୍କର ଝାଳବୁହା ପରିଶ୍ରମର ମଜୁରୀ ସବୁକୁ ରକ୍ତଶୋଷକ ପୁଞ୍ଜିପତିମାନେ, ଜମିମାଲିକମାନେ ଲୁଣ୍ଠନକରି ନେଇ ଯାଉଛନ୍ତି । ଗୋଟିଏ ପଟରେ ଅନ୍ୟ ସମସ୍ତଙ୍କୁ ଅନ୍ନଦାନ କରୁଥିବା, ଖାଦ୍ୟ ଯୋଗାଉଥିବା ଚାଷୀ ଓ ତାର ପରିବାର ମୁଠାଏ ଭାତ, ଖଣ୍ଡେ ରୁଟିପାଇଁ ସଂଘର୍ଷ କରେ । ଓଳିଏ ଖାଇଲେ ଓଳିଏ ଓପାସରେ ରହେ ।

ଠିକ୍ ସେହିପରି ଅନ୍ୟ ପଟରେ ବିଶ୍ୱ ବଜାରର ବସ୍ତ୍ର ଚାହିଦାକୁ ମେଣ୍ଟାଉଥିବା କାରିଗର, ଶ୍ରମିକ ନିଜର ଓ ପରିବାରର ସ୍ତ୍ରୀ, ପିଲାମାନଙ୍କର ଦେହ ଢାଙ୍କିବାକୁ ନ୍ୟାଯ୍ୟ ଅଧିକାର ସ୍ୱରୂପ ଭଲକରି କନାଖଣ୍ଡେ ମଧ୍ୟ ପାଏ ନାହିଁ । ସୁନ୍ଦର ମନୋରମ ବଡ ବଡ କୋଠାଘର, ମହଲ ନିର୍ମାଣ କରୁଥିବା ମିସ୍ତ୍ରୀ, ଲୁହାପିଟୁଥିବା ବଢ଼େଇମାନେ ସାରାଜୀବନ ଗନ୍ଧିଆ ନାଳକଡ ଝୁପୁଡ଼ିବସ୍ତିରେ ସବୁପ୍ରକାର ଅସୁବିଧା, ଅଭାବ ସହିତ ରୁଗ୍ଣ ହୋଇ ନିଜ ନିଜର ଜୀବନଲୀଳା ସମାପ୍ତ କରିଦିଅନ୍ତି । ଏତଦ୍‌ବ୍ୟତୀତ ସମାଜର ଜୋକ ଶୋଷକ ପୁଞ୍ଜିପତିମାନେ ଛୋଟଛୋଟ କଥାରେ ଲକ୍ଷଲକ୍ଷ ଟଙ୍କା ଉଡାଇ ଦିଅନ୍ତି । ଅଥଚ ପ୍ରକୃତ ଶ୍ରମ କରିଥିବା ଶ୍ରମିକର ପେଟ ଭୋକିଲା ରହେ ।

ଏହି ଭୟଙ୍କର ଅସମାନତା ସହିତ ଜୋରଜବରଦସ୍ତି ଭାବରେ ଲଦି ଦିଆଯାଇଥିବା ଭେଦଭାବ ସମାଜକୁ ଏକ ବଡ଼ଧରଣର ବିଶୃଙ୍ଖଳା, ଅନୁଶାସନହୀନତା ଆଡ଼କୁ ଟାଣି ନେବାକୁ ଯାଉଛି । ଏ ପ୍ରକାର ସ୍ଥିତି ଅଧିକ ଦିନ ପର୍ଯ୍ୟନ୍ତ ତିଷ୍ଠି ରହିପାରିବ ନାହିଁ । ଅବଶ୍ୟ ଏଥିରୁ ସ୍ପଷ୍ଟହେଉଛି ଯେ ଆଜିର ଧନୀକ ଗୋଷ୍ଠୀ ଏକ ଭୟଙ୍କର ଜ୍ୱାଳାମୁଖୀ ଉପରେ ବସି କରି ଯେତେ ସବୁ ଆମୋଦ ପ୍ରମୋଦ ବିଳାସରେ ମାତିଛନ୍ତି ଏବଂ ଶୋଷକମାନଙ୍କର ନିରୀହ ଶିଶୁମାନେ ତଥା କୋଟିରୁ ଉର୍ଦ୍ଧ୍ୱ ଶୋଷିତ ଜନତା ଏକ ଅତ୍ୟନ୍ତ ଧାରୁଆ ବିପଦ ସଙ୍କୁଳ ଖଣ୍ଡାଧାରରେ ଚାଲୁଛନ୍ତି ।

ପଚମାନ ସଭ୍ୟତାର ଏହି ପ୍ରାସାଦ ବା ମହଲକୁ ଯଦି ପ୍ରକୃତ ସମୟ ପୂର୍ବରୁ ସମ୍ଭଳା ନଯାଏ କିମ୍ବା ଠେସ ଦିଆନଯାଏ ତେବେ ତାହା ଖୁବ୍‌ଶୀଘ୍ର ଭାଙ୍ଗି ତଳେ ପଡିଯିବ । ଯେଉଁ ବ୍ୟକ୍ତିମାନେ ଏହି କଥାକୁ ଅନୁଭବ କରୁଛନ୍ତି ଏବଂ ବୁଝି ପାରୁଛନ୍ତି, ସେମାନଙ୍କର ପ୍ରଧାନ କର୍ତ୍ତବ୍ୟ ହେଉଛି ସାମ୍ୟବାଦୀ ଚିନ୍ତାଧାରାକୁ ନେଇ ଏହି ସମାଜର ପୁର୍ନନିର୍ମାଣ କରନ୍ତୁ ।

ଯେ ପର୍ଯ୍ୟନ୍ତ ମଣିଷ ଦ୍ୱାରା ମଣିଷର, ରାଷ୍ଟ୍ର ଦ୍ୱାରା ରାଷ୍ଟ୍ରର ଶୋଷଣ ବନ୍ଦ ନ ହୋଇଛି, ଯାହାକୁ ସାମ୍ରାଜ୍ୟବାଦ ବୋଲି କୁହାଯାଉଛି, ତାକୁ ସମାପ୍ତ ନକଲା ଯାଏଁ ମାନବିକତାର ଏହି ସବୁ ଦୁଃଖ, ଯନ୍ତ୍ରଣାରୁ କେବେହେଲେ ମୁକ୍ତି ମିଳିବା ସମ୍ଭବ ହେବ ନାହିଁ । ଆହୁରି ମଧ୍ୟ ଯୁଦ୍ଧକୁ ସମ୍ପୂର୍ଣ୍ଣ ବନ୍ଦକରି ବିଶ୍ୱରେ ଶାନ୍ତିର ସ୍ଥାୟୀତ୍ୱ ସ୍ଥାପନା କରିବାକୁ ହେବ । ଏ ସମସ୍ତ ପ୍ରାଦୁର୍ଭାବରୁ ସମାଜକୁ ମୁକ୍ତ ନ କଲେ ସମସ୍ତ ପ୍ରୟାସ କେବଳ ଏକ ଛଳନା, ଏକ ମୁଖା, ଏକ ଛଦ୍ମତା ଛଡା ଆଉ କିଛି ହେବନାହିଁ ।

ସେଥିପାଇଁ କ୍ରାନ୍ତି କହିଲେ ଆମେ ବୁଝୁ ଏମିତି ଏକ ଶୋଷଣହୀନ ମୁକ୍ତ ସମାଜ ବ୍ୟବସ୍ଥା ସ୍ଥାପନ, ଯେଉଁଥିରେ କୌଣସି ଦୁଃଖ, କଷ୍ଟ, ଭୋକ, ଅସମାନତା, ବୈଷମ୍ୟ ନଥିବ, ଯେଉଁଠି ସର୍ବହରା ମେହେନତିବର୍ଗଙ୍କର ସ୍ୱାଭିମାନ ଓ ସ୍ୱାଧୀନତା, ଅଧିକାର ସର୍ବଗ୍ରାହ୍ୟ, ସର୍ବମାନ୍ୟ ହୋଇଥିବ । ଯାହାର ଫଳସ୍ୱରୂପ ସ୍ଥାପିତ ହେବାକୁ ଯାଉଥିବା ବିଶ୍ୱସଂଘ ପୀଡିତ ମାନବିକତାକୁ ପୁଞ୍ଜିବାଦର ଶୃଙ୍ଖଳରୁ ଓ ସାମ୍ରାଜ୍ୟବାଦୀ ଯୁଦ୍ଧରୁ ବଞ୍ଚାଇବାରେ ସମର୍ଥ ହୋଇଯିବ ।

ଏହାହିଁ ଆମର ଆଦର୍ଶ । ଏହି ଆଦର୍ଶରୁ ପ୍ରେରଣା ନେଇ ଆମେ ଏକ ସ୍ପଷ୍ଟ ଏବଂ ବଳିଷ୍ଠ ଚେତାବନୀ ଦେଇସାରିଛୁ । କିନ୍ତୁ ଯଦି ଆମର ଏହି ଚେତାବନୀ ଉପରେ ଦୃଷ୍ଟି ଦିଆ ନଯାଏ ଏବଂ ବର୍ତ୍ତମାନର ଶାସନ ବ୍ୟବସ୍ଥା ଜନଶକ୍ତିଙ୍କୁ ରୋକିବାପାଇଁ ଯେଉଁ ଅଯଥା ବଳପ୍ରୟୋଗ କରୁଛନ୍ତି ତାକୁ ଯଦି ବନ୍ଦ ନ କରନ୍ତି ତେବେ କ୍ରାନ୍ତିର ଏହି

ଲକ୍ଷ୍ୟ ଆଦର୍ଶର ପୂର୍ଣ୍ଣତା ପ୍ରାପ୍ତିପାଇଁ ଏକ ଭୟଙ୍କର ଯୁଦ୍ଧ ଘୋଷଣା କରିବା ଅନିବାର୍ଯ୍ୟ ହୋଇ ପଡ଼ିବ । ସମସ୍ତ ପ୍ରତିବନ୍ଧକକୁ ଛିନ୍ନକରି ସର୍ବହରାବର୍ଗ ଆଗକୁ ନିଶ୍ଚିତଭାବରେ ବଢ଼ିବେ ଏବଂ ଅଚିରେ ସେମାନଙ୍କର ଅଧିନାୟକତ୍ୱ ସ୍ଥାପିତ ହେବ । ଏହି ଅଧିନାୟକୋତ୍ତର ବିପ୍ଳବରୁ, କ୍ରାନ୍ତିରୁ ଆଦର୍ଶର ପରିପୂରଣ ପାଇଁ ମଧ୍ୟ ମାର୍ଗ ପ୍ରଶସ୍ତ ହୋଇଯିବ ।....

କାରଣ କ୍ରାନ୍ତି ମାନବଜାତିର ଜନ୍ମସିଦ୍ଧ ଅଧିକାର । ଯାହାକୁ କେହି ଅପହରଣକରି ନେଇପାରିବନାହିଁ । ସ୍ୱାଧୀନତା ପ୍ରତ୍ୟେକ ବ୍ୟକ୍ତିର ଜନ୍ମଗତ ଅଧିକାର । ଶ୍ରମିକ ସର୍ବହରା ଶ୍ରେଣୀ ହିଁ ସମାଜକୁ ପୋଷଣ କରନ୍ତି, ପରିପୁଷ୍ଟ କରନ୍ତି । ନେତାର ସାର୍ବଭୌମ ଅସ୍ତିତ୍ୱକୁ ସ୍ଥାପନା କରିବା ହିଁ ସର୍ବହରାର ଶେଷ ଲକ୍ଷ୍ୟ । ଏହି ଆଦର୍ଶ ପାଇଁ, ଏହି ଲକ୍ଷ୍ୟ ଓ ବିଶ୍ୱାସ ପାଇଁ ଆମକୁ ଯେଉଁ ଦଣ୍ଡ ଦିଆଯାଉନା କାହିଁକି ଆମେ ହସି ହସି ସ୍ୱାଗତ କରିବୁ । କ୍ରାନ୍ତିର ଏହି ପୂଜାବେଦୀ ଉପରେ ଆମେ ଆମର ଜୀବନ ଯୌବନକୁ ନୈବେଦ୍ୟ ରୂପେ ଭେଟ କରିବାକୁ ଆସିଛୁ । କାହିଁକି ନା ଏହି ମହାନ୍ ଆଦର୍ଶ ପାଇଁ ଯେତେ ଅସାଧାରଣ ତ୍ୟାଗ କରାଗଲେ ମଧ୍ୟ ତାହା କମ୍ ହେବ । ଆମେ ଆମ କାର୍ଯ୍ୟପାଇଁ ପରମ ସନ୍ତୋଷ ଅନୁଭବ କରୁଛୁ ଓ ସେହି ମହାନ୍ କ୍ରାନ୍ତିର ଆଗମନକୁ ଅତ୍ୟନ୍ତ ଆଗ୍ରହର ସହିତ ପ୍ରତୀକ୍ଷା କରିଛୁ । ଇନ୍‌କିଲାବ୍ ଜିନ୍ଦାବାଦ ।

ଆମର ଶୁଣାଣି ୧୯୨୯ ମସିହା ୬ ତାରିଖରେ ଆରମ୍ଭ ହୋଇଥିଲା ୧୨ ତାରିଖରେ ଶେଷ ହୋଇଥିଲା । ଇଂରେଜ ଦୌରା ବିଚାରପତି ମିଃ ଏଫ୍.ବି.ପୁଲ୍ ତାଙ୍କର ଚୂଡାନ୍ତ ରାୟ ଶୁଣାଇଥିଲେ "ମୁଁ ଦୁଇପକ୍ଷର ଶୁଣାଣି କରିସାରିଲା ପରେ ଏହି ସିଦ୍ଧାନ୍ତରେ ପହଞ୍ଚିଲି ଯେ ଭଗତସିଂହ ଓ ବଟୁକେଶ୍ୱର ଦତ୍ତ ଦୁଇଜଣ ଗୋଟିଏ ଲେଖାଏଁ ବୋମା ଆସେମ୍ବ୍ଲିଗୃହ ଭିତରେ ଫିଙ୍ଗିଛନ୍ତି । ପରେ ଭଗତ ସିଂହ ପିସ୍ତଲ୍‌ରୁ ଗୁଳି ଫୁଟାଇଛନ୍ତି ଏବଂ ବଟକେଶ୍ୱର ଦତ୍ତ ପ୍ରଚାରପତ୍ର ଗୁଡ଼ିକ ଗୃହ ଭିତରେ ଫିଙ୍ଗିଥିଲେ ।"

".... ଅଭିଯୋଗ ସମ୍ପର୍କରେ ଘଟଣାର ଆବଶ୍ୟକତା ଦୃଷ୍ଟିରୁ ଉଲ୍ଲେଖ କରାଯାଇପାରିବ ଯେ ଭଗତସିଂହ ଓ ବଟୁକେଶ୍ୱର ଦତ୍ତ ଦୁଇଜଣ ଦୁଇଟି ବୋମା ଗୃହ

ଭିତରକୁ ଫିଙ୍ଗିଥିଲେ । ତେଣୁ ଏହି ଘଟଣାର ସତ୍ୟତା ପ୍ରମାଣିତ ହୋଇସାରିଛି, ଏଥି ନିମନ୍ତେ କୌଣସି ସନ୍ଦେହ ଆଉ ନାହିଁ ।''

''.... ମୁଁ ଜାଣିବାକୁ ପାଇଲି ଓ ଏହା ପ୍ରମାଣିତ ମଧ୍ୟ ହୋଇସାରିଛି ଯେ ଭଗତ ସିଂହ ପ୍ରଥମ ବୋମା ଆସେମ୍ବ୍ଲି ଗୃହକୁ ଫିଙ୍ଗିଥିଲେ । ଆସେମ୍ବ୍ଲିଗୃହରେ ଉପସ୍ଥିତ ଥିବା ସଦସ୍ୟ ସଦସ୍ୟାମାନଙ୍କୁ ଭୟଭୀତ କରାଇ ମାରିବା ତଥା ଆଘାତ ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ସେ ଏହି କାଣ୍ଡ ଘଟାଇଥିଲେ । ତାଙ୍କର ଏହି କାର୍ଯ୍ୟ ପାଇଁ ସାର୍ ଜର୍ଜ ସାସ୍ତୁଷ୍ଟର୍, ମିଃ ଆର.ପି.ରାଓ ଓ ଅନ୍ୟମାନେ ଆଘାତ ପ୍ରାପ୍ତ ହୋଇଥିଲେ ।''

''....ତେଣୁ ଏହି ଘଟଣା ଏକ ଅପରାଧ ଆଡକୁ ନିର୍ଦ୍ଦେଶ କରିବା ସହିତ ଆଇ.ପି.ସି. ୩୦୭ (Indian Penal Code) ଧାରା ଅନୁସାରେ ମାନବ ଜୀବନକୁ କ୍ଷତି ଘଟାଇଥିବାରୁ ସେମାନେ ଦଣ୍ଡନୀୟ ।''

''... ଏହାମଧ୍ୟ ପ୍ରମାଣିତ ହୋଇଛିଯେ ବଟୁକେଶ୍ୱର ଦତ୍ତ ଯିଏ ଦ୍ୱିତୀୟ ବୋମା ଫିଙ୍ଗିଥିଲେ ତାଙ୍କର ମଧ୍ୟ ଭଗତ ସିଂହଙ୍କ ଭଳି ଅନୁରୂପ ମନୋଭାବ ଥିଲା । ତାଙ୍କର ଏହି କାର୍ଯ୍ୟ ପାଇଁ ମିଃ ଏସ:ଏନ: ରାୟ ଏବଂ ରାଜବାହାଦୁର ଏ.ପି ଦୁବେ ଆଘାତ ପ୍ରାପ୍ତ ହୋଇଥିଲେ । ତେଣୁ ଇଣ୍ଡିଆନ୍ ପେନାଲ୍ କୋଡ୍‌ର ୩୦୭ ଧାରା ଅନୁସାରେ ସେ ମଣିଷ ଜୀବନର ହାନି ପାଇଁ ଉଦ୍ୟମ କରିଥିବାରୁ ସମ୍ପୂର୍ଣ୍ଣ ଭାବରେ ଦୋଷୀ ଏବଂ ଦଣ୍ଡ ପାଇବାକୁ ବାଧ୍ୟ ।''

ଦୌରା ବିଚାରପତି ରାୟ ଶୁଣାଇ କହିଥିଲେ-''ଅଭିଯୁକ୍ତ ମାନେ ଅଭିଯୋଗ କରି କହିଥିଲେ ଯେ ସେମାନେ ମାନବ ଜୀବନକୁ ପବିତ୍ର ଓ ମୂଲ୍ୟବାନ ବୋଲି ମନେକରନ୍ତି, କିନ୍ତୁ ସେମାନଙ୍କର କାର୍ଯ୍ୟକଳାପ ସେମାନଙ୍କର ମନ୍ତବ୍ୟର ସମ୍ପୂର୍ଣ୍ଣ ବିପରୀତମୁଖୀ କାର୍ଯ୍ୟର ମନୋଭାବକୁ ଦର୍ଶାଉଛି । ସେମାନେ ଏହି କେଶ୍‌ର ସାମଗ୍ରିକ କାର୍ଯ୍ୟାନୁଷ୍ଠାନ ବେଳେ ଦୃଢ଼ତାର ସହିତ ନିଜର କରିଥିବା କାର୍ଯ୍ୟ ଏକ୍‌ବାରେ ଯୁକ୍ତିଯୁକ୍ତ ବୋଲି ପ୍ରମାଣିତ କରିଛନ୍ତି । ସେଦୃହେଁ ଏଭଳି ମନୋଭାବ ସମ୍ପନ୍ନ ହୋଇଥିବାରୁ ଏପରି ଅପରାଧ ଘଟାଇବା କ୍ଷେତ୍ରରେ ସହାୟକ ହେବା କଥା ନୁହେଁ କିନ୍ତୁ ତାହା ସେମାନେ ଜାଣିଶୁଣି ସେହି ମୁହୂର୍ତ୍ତରେ ତ୍ୟାଗ କରିଛନ୍ତି । ତେଣୁ ଏଭଳି ମନୋଭାବ ଯଥାର୍ଥରେ ଦର୍ଶାଉଛି ଯେ ପରବର୍ତ୍ତୀ ସମୟରେ ମଧ୍ୟ ସେମାନେ ତାଙ୍କର ଏହି ସବୁ କାର୍ଯ୍ୟକଳାପର ପୁନରାବୃତ୍ତି କରିପାରନ୍ତି । ସେଥିପାଇଁ ସୁରକ୍ଷା ଦୃଷ୍ଟିକୋଣରୁ ସେମାନଙ୍କର ଅପରାଧ କଠିନ ଦଣ୍ଡର ଆବଶ୍ୟକତା କରୁଛି ।''

''....ଅଭିଯୁକ୍ତମାନେ ଏହି କାଣ୍ଡ କରି ଏହାର ପ୍ରଚାର ମଧ୍ୟ କରିଛନ୍ତି । ତେଣୁ ଏହି ସଦନ ଅବମାନନା ପାଇଁ ତାଙ୍କ ଦୁହିଁଙ୍କୁ ସମାନ ଦଣ୍ଡଦେବାର ଆବଶ୍ୟକତା ଅଛି । ଅବଶ୍ୟ ଅଭିଯୁକ୍ତ ମାନଙ୍କର ବୟସ ବହୁତ କମ୍ କିନ୍ତୁ ସେମାନଙ୍କର କାର୍ଯ୍ୟଧାରାରେ ସେମାନେ ନିଜର ଅଜ୍ଞାତସାରରେ ଯେଉଁ କାର୍ଯ୍ୟ ପାଇଁ ପ୍ରସ୍ତୁତ ହୋଇଥିଲେ ତାହାର ସ୍ୱଭାବ ନିଶ୍ଚିତଭାବରେ ଅତ୍ୟନ୍ତ ଜଟିଳ ଥିଲା ।''

''....ତେଣୁ ଏହି ପରିସ୍ଥିତିରେ ଏହି ଦୁଇଜଣ ଯୁବକ କୌଣସି ଦୃଷ୍ଟିରୁ ଏକ ମୁକ୍ତ ଜୀବନ ଯାପନ କରିବାକୁ ହକ୍‌ଦାର ନୁହନ୍ତି । ମୁଁ ଭଗତସିଂହ ଓ ବଟୁକେଶ୍ୱର ଦତ୍ତଙ୍କୁ ମାନବ ଜୀବନ ପ୍ରତି ଆଘାତ ଓ ବିପଦସୃଷ୍ଟିକାରୀ ହାନି ପହଞ୍ଚାଇଥିବାରୁ ଆଜୀବନ କାରାବାସ ଦଣ୍ଡାଦେଶ ଶୁଣାଉଛି ।''

ଦିଲ୍ଲୀର ସେସନ୍ସକୋର୍ଟର ରାୟ ଅନୁସାରେ ମତେ ମିଆଁଓ୍ୱାଲିଜେଲ୍ ଏବଂ ବଟ୍ଟୁ (ବଟୁକେଶ୍ୱରଦତ୍ତ)ଙ୍କୁ ଲାହୋର ସେଣ୍ଟ୍ରାଲ୍ ଜେଲ୍‌କୁ ପଠାଇଦିଆଗଲା । କିନ୍ତୁ ମୁଁ ନିଶ୍ଚୟ କରିସାରିଥିଲି ଏହି ଦଣ୍ଡାଦେଶ ଉପରେ ଆମେ ଲାହୋର ହାଇକୋର୍ଟରେ ଅପିଲ୍ କରିବୁ । ମୁଁ ଓ ବଟ୍ଟୁ ହାଇକୋର୍ଟରେ ଅପିଲ୍‌ଦାୟର କଲୁ । ଆମର ଅପିଲ୍ ବିଚାରପତି ଫୋର୍ଡ ଏବଂ ବିଚାରପତି ଅଡିସନ୍ ଶୁଣାଣି କରିଥିଲେ । ଆମର ଅପିଲ୍ ଏହିଭଳି ଥିଲା ।

'ଆମର ଉଦ୍ଦେଶ୍ୟ ପ୍ରତି ଦୃଷ୍ଟି ଦିଅନ୍ତୁ' ମାଇ ଲର୍ଡ !

ଆମେ ଓକିଲ ନୋହୁଁ କି ଇଂରେଜି ଭାଷାରେ ବିଶେଷଜ୍ଞ ନୋହୁଁ, ନା ଆମ ନିକଟରେ ଶିକ୍ଷାର କୌଣସି ଡିଗ୍ରୀ ଅଛି । ସେଥିପାଇଁ ଆମ ଠାରୁ ପ୍ରଭାବଶାଳୀ ଭାଷଣର ଆଶା ରଖନ୍ତୁ ନାହିଁ । ତେଣୁ ଆମର ପ୍ରାର୍ଥନା ହେଉଛି ଆମର ବୟାନର ଭାଷା ସମ୍ବନ୍ଧୀୟ ତ୍ରୁଟି ପ୍ରତି ଦୃଷ୍ଟି ନଦେଇ ଏହାର ପ୍ରକୃତ ଅର୍ଥକୁ ବୁଝିବାକୁ ଚେଷ୍ଟା କରନ୍ତୁ । ଅନ୍ୟ ସମସ୍ତ ଅଂଶ ଗୁଡ଼ିକୁ ଆଲୋଚନା କରିବାପାଇଁ ନିଜର ଓକିଲଙ୍କ ଉପରେ ଛାଡ଼ି ଦେଉଛି ଏବଂ ମୁଁ ନିଜେ ଗୋଟିଏ ଉଦ୍ଦେଶ୍ୟ ଉପରେ ନିଜର ଅଭିମତ ପ୍ରକାଶ କରୁଛି । ଏହି ଅଂଶଟି ଏହି ମକଦ୍ଦମାର ଏକ ଗୁରୁତ୍ୱପୂର୍ଣ୍ଣ ଆଲେଖ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ, କଥା ହେଉଛି ଆମର ଉଦ୍ଦେଶ୍ୟ କ'ଣଥିଲା ଓ ଆମେ କେତେଦୂର ପ୍ରକୃତରେ ଅପରାଧୀ, ତାହା ଚିନ୍ତା କରିବା ନିହାତି ଜରୁରୀ । ଦେଖିବାକୁ

ଗଲେ ଏହା ଏକ ଅତ୍ୟନ୍ତ ଜଟିଳ ସମ୍ବେଦନଶୀଳ ଘଟଣା । ସେଥିପାଇଁ କୌଣସି ବ୍ୟକ୍ତିର ଆପଣଙ୍କ ସମ୍ମୁଖରେ ତାତ୍ତ୍ୱିକ ଚିନ୍ତନର ଏଭଳି ଏକ ବ୍ୟାପକ ଯୁକ୍ତି ପ୍ରକାଶ କରିବା ସମ୍ଭବ ନୁହେଁ । ତେଣୁ ଯେଉଁ ପ୍ରଭାବଶାଳୀ ଦୃଷ୍ଟିକୋଣରୁ ଆମେ ଏହା ଚିନ୍ତା କରୁଛୁ ଏବଂ କାର୍ଯ୍ୟରେ ପରିଣତ ନକରୁଛୁ, ସେଥିରୁ ଆମର ଉଦ୍ଦେଶ୍ୟ ଓ ଅପରାଧକୁ ମଧ୍ୟ ବିଚାର କରିବା ଆବଶ୍ୟକ ।

"... ପ୍ରସିଦ୍ଧ ଆଇନ ବିଶାରଦ ସୋଲମନଙ୍କ ମତ ଅନୁସାରେ କୌଣସି ବ୍ୟକ୍ତିର ଅପରାଧୀ ବ୍ୟବହାର ପାଇଁ ସେହି ସମୟ ପର୍ଯ୍ୟନ୍ତ ଦଣ୍ଡ ମିଳିବା କଥା ନୁହେଁ, ଯେ ପର୍ଯ୍ୟନ୍ତ ତାହାର ଉଦ୍ଦେଶ୍ୟ ଆଇନର ବିରୋଧୀ ବୋଲି ପ୍ରମାଣିତ ନ ହୋଇଛି । ସେସନ୍ସ୍ ଜଜ୍‌ଙ୍କର ଅଦାଲତରେ ଆମେ ଯେଉଁ ଲିଖିତ ବୟାନ ଦେଇଥିଲୁ, ତାହା ଆମର ଉଦ୍ଦେଶ୍ୟକୁ ଯଥାର୍ଥରେ ବ୍ୟାଖ୍ୟା କରୁଥିଲା ଏବଂ ତାହା ସହିତ ଆମର ମନୋଭାବକୁ ସମ୍ପୂର୍ଣ୍ଣଭାବରେ ପ୍ରକାଶିତ କରିବାରେ ସଫଳ ହୋଇଥିଲା । କିନ୍ତୁ ସେସନ୍ସ୍ ଜଜ୍ ମହୋଦୟ କଲମର ଗୋଟିଏ ବାକ୍ୟରେ କହିଦେଲେ, 'ସାଧାରଣତଃ ଅପରାଧକୁ ଜନସାଧାରଣଙ୍କର ବ୍ୟବହାର ଉପଯୋଗୀ କରିବା କଥା ଗୁଡ଼ିକ ଆଇନର କାର୍ଯ୍ୟକୁ ପ୍ରଭାବିତ କରିପାରିବ ନାହିଁ । ଏହି ଦେଶରେ ଆଇନର ତର୍ଜମା, ଅନୁଶୀଳନ ବେଳେ କଦାଚିତ୍ ଦୃଷ୍ଟିକୋଣ, ଉଦ୍ଦେଶ୍ୟର ଆଲୋଚନା ହୋଇଥାଏ ।' ଏହା ଫଳରେ ଆମର ସମସ୍ତ ଚେଷ୍ଟା ବ୍ୟର୍ଥ ହୋଇଗଲା ।"

"ମାଇ ଲର୍ଡ୍ !

ଏହି ପରିପ୍ରେକ୍ଷୀରେ ସୁଯୋଗ୍ୟ ସେସନ୍ସ ଜଜ୍‌ଙ୍କ ପକ୍ଷରେ ଏହା କରିବା ଏକାନ୍ତ ଆବଶ୍ୟକ ଥିଲା ଯେ ସେ ଅପରାଧର ଅନୁମାନ, ପରିମାଣାତ୍ମକ ଦୃଷ୍ଟିକୋଣରୁ ବିଚାର କରିଥାନ୍ତେ, ଏହା ସହିତ ଆମେ ଦେଇଥିବା ବୟାନର ମନସ୍ତାତ୍ତ୍ୱିକ ଦିଗଗୁଡ଼ିକୁ ମଧ୍ୟ ଅନୁଧ୍ୟାନ କରି ନିଷ୍ପତ୍ତି ଶୁଣାଇଥାନ୍ତେ । କିନ୍ତୁ ସେ ଏହି ଦୁଇଟି ଭିତରୁ ଗୋଟିଏ ହେଲେ କାମ କଲେ ନାହିଁ ।"

"...ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆସେମ୍ବ୍ଲିଗୃହ ଭିତରେ ଆମେ ଯେଉଁ ଦୁଇଟି ବୋମା ଫିଙ୍ଗିଥିଲୁ, ସେଥିରେ କୌଣସି ବ୍ୟକ୍ତି ବିଶେଷଙ୍କର ଶାରୀରିକ କିମ୍ବା ଆର୍ଥିକ କ୍ଷତି ଘଟିନାହିଁ । ଏହି ଦୃଷ୍ଟିକୋଣରୁ ଆମକୁ ଯେଉଁ ଦଣ୍ଡ ଦିଆଯାଇଛି ଏହା କେବଳ କଠୋରତମ ନୁହେଁ, ଅତ୍ୟନ୍ତ ପ୍ରତିଶୋଧମୂଳକ ମଧ୍ୟ ହୋଇଛି । ଅନ୍ୟ ଦୃଷ୍ଟିରୁ ଦେଖିଲେ ଜଣାପଡେ ଯେପର୍ଯ୍ୟନ୍ତ ଅଭିଯୁକ୍ତର ମନୋଭାବ କ'ଣ ଥିଲା ଜଣା ପଡିନାହିଁ ସେ ପର୍ଯ୍ୟନ୍ତ ତାହାର ପ୍ରକୃତ ଉଦ୍ଦେଶ୍ୟ ମଧ୍ୟ ଜାଣିବା ସମ୍ଭବ ନୁହେଁ । ଯଦି

ଉଦ୍ଦେଶ୍ୟକୁ ପୂରାମାତ୍ରାରେ ଭୁଲାଇଦେବାର ଉଦ୍ୟମ କରାଯାଏ, ତେବେ କେବେହେଲେ କୌଣସି ବ୍ୟକ୍ତିକୁ ଉପଯୁକ୍ତ ନ୍ୟାୟ ମିଳିପାରିବ ନାହିଁ । କାରଣର ମୁଖ୍ୟ ଉଦ୍ଦେଶ୍ୟ ଓ ଦୃଷ୍ଟିକୋଣକୁ ଆଖିଆଗରେ ନ ରଖି ବିଚାରକଲେ ପୃଥିବୀର ପ୍ରସିଦ୍ଧ ଯୁଦ୍ଧ ସେନାପତିମାନେ ମଧ୍ୟ ସାଧାରଣ ହତ୍ୟାକାରୀଭଳି ମନେହେବେ । ସରକାରଙ୍କର ଖଜଣା ଆଦାୟକାରୀ ଅଧିକାରୀମାନେ ଚୋର, ଠକ ଭଳି ଦେଖାଯିବେ । ଏପରିକି ବିଚାରପତିମାନଙ୍କ ଉପରେ ମଧ୍ୟ ହତ୍ୟାର ଅଭିଯୋଗ ଲାଗିଯାଇପାରେ ।

"...ଏହାଦ୍ୱାରା ସମାଜର ନିୟମ ଓ ସଭ୍ୟତା ରକ୍ତପାତ, ଚୋରୀ, ଠକାମିରେ ପରିଣତ ହୋଇଯିବ । ତେଣୁ ଯଦି ଉଦ୍ଦେଶ୍ୟ, ଆଭିମୁଖ୍ୟର ଉପେକ୍ଷା କରାଯାଏ ତେବେ କେଉଁ ଶାସନର କି ଅଧିକାର ଅଛି ଯେ ସେ ସମାଜର ବ୍ୟକ୍ତିମାନଙ୍କୁ ନ୍ୟାୟ ପାଇଁ ଲଢ଼ିବାକୁ କହିପାରିବ ? ଆଭିମୁଖ୍ୟର ଉପେକ୍ଷା କଲେ ସାଧାରଣତଃ ପ୍ରତ୍ୟେକ ଧର୍ମପ୍ରଚାରକ ମଧ ମିଥ୍ୟା ପ୍ରଚାରକ ବୋଲି ଜଣାପଡିବେ । ଏହା ଦ୍ୱାରା ପ୍ରତ୍ୟେକ ଧର୍ମାଧିକାଧିକାରୀମାନେ କୋଟି କୋଟି ନିରୀହ ସରଳବିଶ୍ୱାସୀ ଲୋକଙ୍କୁ ଧର୍ମ ନାମରେ ପ୍ରତାରଣା କରିଛନ୍ତି, ଠକିଛନ୍ତି ବୋଲି ଅଭିଯୋଗ ସୃଷ୍ଟିହୋଇପାରେ ।"

"...ଯଦି ଉଦ୍ଦେଶ୍ୟକୁ ଜାଣିଶୁଣି ଦୃଷ୍ଟିଅନ୍ତରାଳରେ ରଖାଯାଏ, ତାହେଲେ ହଜରତ ମହମ୍ମଦ, ଯୀଶୁଖ୍ରୀଷ୍ଟ ପ୍ରମୁଖ ମହାପୁରୁଷମାନେ ବିଶୃଙ୍ଖଳା ସୃଷ୍ଟିକାରୀ, ଶାନ୍ତିଭଙ୍ଗ କରୁଥିବା ତଥା ବିଦ୍ରୋହ ପାଇଁ ପ୍ରଚାର କରୁଥିବା ଭଳି ଦେଖାଯିବେ । ଆଇନର ଭାଷାରେ ଏମାନେ ଅତ୍ୟନ୍ତ 'ବିପଦଜନକ ବ୍ୟକ୍ତିତ୍ୱ' ବୋଲି ଗଣାହେବେ ।"

"...ଅଥଚ ଆମେ ଏହି ମହାନ୍ ବ୍ୟକ୍ତିତ୍ୱମାନଙ୍କୁ ପୂଜାକରୁ, ଆମ ହୃଦୟରେ ଏମାନେ ଆମର ସମସ୍ତ ବିଶ୍ୱାସର ପ୍ରତୀକଭାବରେ ସ୍ଥାନ ନେଇ ସାରିଛନ୍ତି । ସେମାନଙ୍କର ମୂର୍ତ୍ତିକୁ ଆମେ ଆମର ପୂଜାଘରେ ରଖିଛୁ, ତାଙ୍କୁ ଦେଖି ଆମ ହୃଦୟରେ ଆଧ୍ୟାତ୍ମିକତାର ସ୍ପନ୍ଦନ ସୃଷ୍ଟିହେଉଛି, ଆମେ ସେମାନଙ୍କୁ ଈଶ୍ୱର ଭାବରେ ଗ୍ରହଣକରି ପୂଜା, ଉପାସନା ମଧ୍ୟ କରୁଛୁ ।"

"...ଏସବୁ କାହିଁକି ହୋଇଛି ? ଏହା ଏଥିପାଇଁ ଏହି ମହାପୁରୁଷମାନଙ୍କର ଆନ୍ତରିକ ଉଦ୍ୟମ ପାଇଁ ସମାଜରେ ଏକ ଉଚ୍ଚ ଆଧ୍ୟାତ୍ମିକତାସମ୍ପନ୍ନ ଚେତନାର ବିକାଶ ସମ୍ଭବ ହୋଇଥିଲା । ଏକ ମହାନ୍ ଉଦ୍ଦେଶ୍ୟ, ଏକ ଆଧ୍ୟାତ୍ମିକ ଚିନ୍ତାଧାରାର ଯଥାର୍ଥ ପ୍ରତିଫଳନ ସେମାନଙ୍କର ଆତ୍ମାର ଅଭିବ୍ୟକ୍ତି ଭାବରେ ସମାଜରେ ପ୍ରତିଫଳିତ ହୋଇଥିଲା । କିନ୍ତୁ ସେହି ଯୁଗରେ ମଧ୍ୟ ତତ୍‌କାଳୀନ ଶାସକଗୋଷ୍ଠୀ ସେମାନଙ୍କର

ମହତ୍ ଉଦ୍ଦେଶ୍ୟକୁ ଚିହ୍ନିପାରିନଥିଲେ କି ବୁଝିପାରିନଥିଲେ ! ସେତେବେଳେ ମଧ୍ୟ ସେହି ଶାସକମାନେ ସେମାନଙ୍କର ବାହ୍ୟ ସ୍ୱରୂପ ଓ ବ୍ୟବହାରକୁ ଦେଖିଥିଲେ । କିନ୍ତୁ, ସେହି ସମୟରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୧୯ଟି ଶତାବ୍ଦୀ ବିତିଗଲାଣି, ଅଥଚ ଆମେ କ'ଣ ସେଦିନ ଠାରୁ ଆଜି ପର୍ଯ୍ୟନ୍ତ କିଛିହେଲେ ଉନ୍ନତି କରିଛୁ ? କ'ଣ ପ୍ରକୃତରେ ଆମେ ପୁଣି ବାରମ୍ବାର ଏଭଳି ଭୁଲ୍‌ତ୍ରୁଟି ଗୁଡ଼ିକୁ ଦୋହରାଉଥିବୁ ? ଯଦି ଏହା ଠିକ୍ ତା'ହେଲେ ଆମକୁ ମାନିବାକୁ ପଡିବ ଯେ ମାନବିକତାର ରକ୍ଷାପାଇଁ ଯେତେସବୁ ଆତ୍ମବଳିଦାନ ଦିଆଯାଇଛି, ସେହିସବୁ ମହାନ୍ ଶହୀଦ୍, ଦେଶପ୍ରେମୀ ମାନଙ୍କର ଅସାଧାରଣ ତ୍ୟାଗ, ଅନନ୍ୟ ନିଷ୍ଠା, ଅଦ୍ଭୁତ ସାଂଗଠନିକ ଦୃଢ଼ତା ସବୁ ବ୍ୟର୍ଥ ହୋଇଯିବ ? ଆଜି ବି ଆମେ ସେଇ ଏକା ସ୍ଥାନରେ ଛିଡ଼ାହୋଇଛୁ ଯେଉଁଠି କୋଡ଼ିଏ ଶତାବ୍ଦୀ ପୂର୍ବରୁ ଥିଲୁ ?''

''...ତେଣୁ ଆଇନ ଦୃଷ୍ଟିରୁ ଉଦ୍ଦେଶ୍ୟର ପ୍ରଶ୍ନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜେନେରାଲ୍ ଡାୟାର୍‌ଙ୍କର ଉଦାହରଣ ନିଆଯାଉ । ସେ ଗୁଳି ଫୁଟାଇଲେ ଏବଂ ଶହ ଶହ ନିରପରାଧ, ନିରସ୍ତ୍ର ଜନତାଙ୍କୁ ମାରିଦେଲେ । କିନ୍ତୁ ସାମରିକ ଅଦାଲତ ଡାୟାର୍‌ଙ୍କୁ ଦଣ୍ଡ ଦେବା ପରିବର୍ତ୍ତେ ଲକ୍ଷାଧିକ ଟଙ୍କା ଦେଇ ପୁରସ୍କୃତ କଲେ । ଅନ୍ୟ ଏକ ଉଦାହରଣ ମଧ୍ୟ ଶୁଣନ୍ତୁ । ଶ୍ରୀ ଖଡ୍‌ଗ ବାହାଦୁର ସିଂହ ଜଣେ ଗୋର୍ଖା ଯୁବକ... କଲିକତାର ଜନୈକ ଧନୀ ମାରୱାଡୀଙ୍କୁ ଛୁରାଘାତ ଦ୍ୱାରା ମାରିଦେଲା । ଏଠାରେ ଏହା କହିବା ଏଥିପାଇଁ ଉଲ୍ଲେଖଯୋଗ୍ୟ ଯେ ଉଦ୍ଦେଶ୍ୟକୁ ଗୋଟିଏ ପଟରେ ରଖିଦେଲେ ଦେଖାଯିବ ଖଡଗ୍ ବାହାଦୁରକୁ ତା'ର କାର୍ଯ୍ୟପାଇଁ ମୃତ୍ୟୁଦଣ୍ଡ ମିଳିବା କଥା । କିନ୍ତୁ ତାକୁ ମାତ୍ର କିଛି ବର୍ଷର ସାମାନ୍ୟ ଜେଲ୍‌ଦଣ୍ଡ ମିଳିଥିଲା ଏବଂ ଦଣ୍ଡର ସମୟସୀମା ପୂରଣର ବହୁ ପୂର୍ବରୁ ତାକୁ ମୁକ୍ତ କରିଦିଆ ଯାଇଥିଲା ।''

''...ତା'ହେଲେ, ଏହିସବୁ କେଶ୍‌ରୁ ଆମେ କ'ଣ ବୁଝିବା, ଆଇନରେ ନିଶ୍ଚୟ କେଉଁଠି ଫାଙ୍କ ରହିଯାଇଛି । ଯାହାଫଳରେ ବାହାଦୁରକୁ ମୃତ୍ୟୁଦଣ୍ଡ ଦିଆଗଲାନାହିଁ । କିମ୍ବା ତାହା ବିରୁଦ୍ଧରେ ହତ୍ୟା ଅଭିଯୋଗ ପ୍ରମାଣିତ ହୋଇପାରିଲା ନାହିଁ । ସେ ମଧ୍ୟ ଆମଭଳି ନିଜେ କରିଥିବା ଅପରାଧକୁ ସ୍ୱୀକାର କରିଥିଲା, କିନ୍ତୁ ତାହାର ଜୀବନ ବଞ୍ଚିଗଲା ଏବଂ ସେ ଏବେ ଏକ ସ୍ୱତନ୍ତ୍ର ମୁକ୍ତ ଜୀବନ ଜୀଉଁଛି ।''

''...ମୁଁ ଏଠାରେ ଆପଣଙ୍କୁ ପ୍ରଶ୍ନ ପଚାରୁଛି, ଖଡଗ୍ ବାହାଦୁରକୁ କାହିଁକି ଫାଶୀଦଣ୍ଡାଦେଶ ଦିଆଗଲାନାହିଁ ? ତାହାର କାର୍ଯ୍ୟକୁ ଭଲଭାବରେ ଅନୁସନ୍ଧାନ କରାଗଲାନାହିଁ କାହିଁକି ? ଦେଖିବାକୁ ଗଲେ ଉଦ୍ଦେଶ୍ୟର ଦୃଷ୍ଟିରୁ ତାହାର କାର୍ଯ୍ୟ

ଆମର କାର୍ଯ୍ୟ ଅପେକ୍ଷା ଅଧିକ ପ୍ରାଣଘାତି ଓ ଭୟଙ୍କର ଥିଲା । ତାକୁ ଏଥିପାଇଁ କମ୍ ଦଣ୍ଡ ମିଳିଲା କାରଣ ତାହାର ଲକ୍ଷ୍ୟ ଭଲ ଥିଲା ! ଗୋର୍ଖା ଯୁବକ ବାହାଦୁର ସମାଜର ଏପରି ଏକ ବ୍ୟକ୍ତିକୁ ହତ୍ୟା କରିଥିଲା, ସେ ଥିଲା ଗୋଟେ ଜୋକପରି ସୁନ୍ଦରୀ ଝିଅମାନଙ୍କୁ ହଇରାଣ ହରକତକରି ସେମାନଙ୍କୁ ଶାରୀରିକ ପୀଡା ଦେଉଥିଲା । କୁମାରୀତ୍ୱ ହରଣ କରୁଥିଲା । ବାହାଦୁରକୁ ଆଇନ ଦୃଷ୍ଟିରୁ ବଞ୍ଚାଇବାପାଇଁ ଖାଲି କିଛିବର୍ଷ ଜେଲ୍ ଦଣ୍ଡ ଯାହା ଦିଆଯାଇଥିଲା ।

"...ବାସ୍ତବିକତା ଦୃଷ୍ଟିରୁ ଏହି ସିଦ୍ଧାନ୍ତ ଅତ୍ୟନ୍ତ ଭୁଲ୍‌ଥିଲା ! ଏହା ନ୍ୟାୟର ମୂଳଲକ୍ଷ୍ୟକୁ ହିଁ ପ୍ରଥମରୁ ବିରୋଧ କରୁଛି, ଅର୍ଥାତ୍ ଆଇନ ଜନତାଙ୍କ ପାଇଁ ନିର୍ମିତ । ଜନତା ଆଇନ ପାଇଁ ନୁହେଁ । ତାହେଲେ ଏହି ଦୃଷ୍ଟିକୋଣରୁ ଆମକୁ ଯେଉଁ କଠୋର ଦଣ୍ଡାଦେଶ ଦିଆଯାଇଛି ତାକୁ କାହିଁକି ରିହାତି ଦିଆଯିବ ନାହିଁ, ଯାହା ଖଡଗ୍‌ବାହାଦୁର ପ୍ରତି କରାଯାଇଥିଲା । ଏଥିରୁ ସ୍ପଷ୍ଟ ହେଉଛି ତାକୁ ନରମ ଦଣ୍ଡାଦେଶ ଦେଲାବେଳେ ତାହାର ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖା ଯାଇଥିଲା । ନହେଲେ କୌଣସି ବ୍ୟକ୍ତି ଅନ୍ୟବ୍ୟକ୍ତିକୁ ହତ୍ୟା କରି, ଫାଶୀଦଣ୍ଡରୁ ବଞ୍ଚିପାରିବ ନାହିଁ । ତା'ହେଲେ କ'ଣ ଆମକୁ ସାଧାରଣ ଆଇନଗତ ଅଧିକାର ଏଥିପାଇଁ ମିଳୁନାହିଁ ଯେ ଆମର କାର୍ଯ୍ୟଟି ବିଦେଶୀ ଗୋରା ଶାସନ ବିରୁଦ୍ଧରେ ଥିଲା ? କିମ୍ବା ଏହି କାର୍ଯ୍ୟର କୌଣସି ରାଜନୈତିକ ମହତ୍ତ୍ୱ ଅଛି ?

"...ମାଇ ଲର୍ଡ ! ଏହି ଦିଗରେ ମତେ ଏହା କହିବାକୁ ଆଜ୍ଞା ଦିଆଯାଉ ଯେଉଁ ଶାସନ ଏଭଳି ବାଜେ କାଣ୍ଡ ଭିତରେ ନିଜକୁ ବଞ୍ଚାଇବାର ଆଶ୍ରୟ ଖୋଜୁଛି, ଯେଉଁ ଶାସନ ବ୍ୟକ୍ତିର ପ୍ରାକୃତିକ ବୈଧ ଅଧିକାରକୁ ଅପହରଣ କରିନେଉଛି, ତା'ର ବଞ୍ଚିରହିବାର କୌଣସି ଅଧିକାର ରହିବା ଉଚିତ ନୁହେଁ । କିନ୍ତୁ ଯଦି ଏହିଭଳି ଅବସ୍ଥା ଲାଗିରହେ ତେବେ ନିରୀହ ଲୋକମାନଙ୍କର ରକ୍ତରେ ଆଇନ, ଶାସନ ରକ୍ତାକ୍ତ ନିଶ୍ଚୟ ହୋଇଯିବ । ବାସ୍ତବରେ ଯଦି ଆଇନ ଉଦ୍ଦେଶ୍ୟ ପ୍ରତି ଦୃଷ୍ଟିପାତ କରୁନାହିଁ ତେବେ ନ୍ୟାୟ କାହାରିକୁ ଦିଆଯାଇପାରିବ ନାହିଁ । ଏପରିକି ସ୍ଥାୟୀ ଶାନ୍ତି ମଧ୍ୟ କେବେ ସ୍ଥାପିତ ହୋଇପାରିବ ନାହିଁ ।

"...ଅଟାରେ ସଖିଆ (ବିଷ) ମିଶାଇବା ଦୋଷ ହୁଏ ନାହିଁ, ଅବଶ୍ୟ ଏହାର ଉଦ୍ଦେଶ୍ୟ ମୂଷା ମାରିବା ଥିଲା । କିନ୍ତୁ ସଖିଆ ଦ୍ୱାରା ଯଦି କୌଣସି ମଣିଷକୁ ମାରିଦିଆଯାଏ ତେବେ ତାହା, ଅପରାଧରେ ପରିଗଣିତ ହେବ । ସେଥିପାଇଁ ଏଭଳି

ଆଇନରେ ଯେଉଁଥିରେ ଦଲିଲ ବା ଯୁକ୍ତି ଉପସ୍ଥାପିତ କରାଯାଇ ପାରିବ ନାହିଁ, ଯାହାକି ନ୍ୟାୟର ସିଦ୍ଧାନ୍ତର ବିରୋଧୀ ତାକୁ ଯଥାଶୀଘ୍ର ଶେଷ କରିଦେବା ଆବଶ୍ୟକ । ଏଭଳି ନ୍ୟାୟ ବିରୋଧୀ ଆଇନ ପ୍ରଚଳନଯୋଗୁଁ ହିଁ ଶ୍ରେଷ୍ଠ ବିଶିଷ୍ଟ ବୁଦ୍ଧିଜୀବୀମାନେ ବିଦ୍ରୋହ କରିଛନ୍ତି ।''

''...ଆମର ମକଦ୍ଦମାର ତଥ୍ୟ ଏକଦମ୍ ସରଳ ଓ ସିଧାସଳଖ ଭାବରେ ଉପସ୍ଥାପିତ ହୋଇସାରିଛି । ୧୯୨୯ ମସିହା ଏପ୍ରିଲ୍ ମାସ ଆଠ ତାରିଖରେ ଆମେ ସେଣ୍ଟ୍ରାଲ୍ ଆସେମ୍ବ୍ଲି ଗୃହରେ ବୋମା ଫିଙ୍ଗିଥିଲୁ । ସେହି ବୋମାର ବିସ୍ଫୋରଣ ଫଳରେ କିଛି ଲୋକଙ୍କୁ ସାଧାରଣ ଆଘାତ ପହଞ୍ଚିଥିଲା । ଗୃହ ଭିତରେ ହଟ୍ଟଗୋଳ ସୃଷ୍ଟିହୋଇଥିଲା । ଖଣ୍ଡହେବୁ ଅଧିକ ଦର୍ଶକ ଓ ସଦସ୍ୟମାନେ ବାହାରକୁ ଦୌଡ଼ି ପଳାଇଥିଲେ । କିଛି କ୍ଷଣପରେ ଚାରିଆଡ଼େ ନୀରବତା ଛାଇଯାଇଥିଲା ।''

''...ମୁଁ ଓ ମୋର ସାଥୀ ବଟୁକେଶ୍ୱର ଦତ୍ତ ନୀରବରେ ଯାଇ ଦର୍ଶକ ଗ୍ୟାଲେରୀରେ ବସିଥିଲୁ ଏବଂ ଆମେ ନିଜକୁ ନିଜେ ଗିରଫ ହେବାପାଇଁ ମାନସିକସ୍ତରରେ ପ୍ରସ୍ତୁତ କରିଥିଲୁ । ଏହାପରେ ଆମକୁ ଗିରଫ କରାଯାଇଥିଲା । କିନ୍ତୁ ଆମ ଉପରେ ଅଭିଯୋଗ ଲଗାଇ ଦିଆଯାଇଛି ଯେ ହତ୍ୟାକରିବା ଉଦ୍ଦେଶ୍ୟରେ ଆମେ ବୋମା ଫିଙ୍ଗିଥିଲୁ, ତେଣୁ ଆମକୁ ହତ୍ୟା ଅପରାଧୀ ଭାବରେ ଦଣ୍ଡ ଦିଆଯାଇଛି । ଆମଦ୍ୱାରା ଫିଙ୍ଗା ଯାଇଥିବା ବୋମା ଦ୍ୱାରା ୪/୫ ଜଣ ଲୋକଙ୍କୁ ସାମାନ୍ୟ ଆଘାତ ଲାଗିଛି, ଏବଂ ଗୋଟିଏ କାଠ ବେଞ୍ଚର ମଧ୍ୟ ସାଧାରଣ କ୍ଷତି ଘଟିଛି । ଏତଦ୍‌ବ୍ୟତୀତ ଯେଉଁମାନେ ଅପରାଧ ଘଟାଇଥିଲେ ସେମାନେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନକରି ନିଜକୁ ପୋଲିସ୍ ଦ୍ୱାରା ଗିରଫ ମଧ୍ୟ କରାଇଥିଲେ । ଆମେ ନିଜର ଅପରାଧକୁ ସ୍ୱୀକାର କରିସାରିଛୁ ଏବଂ ଆମର ଉଦ୍ଦେଶ୍ୟକୁ ସ୍ପଷ୍ଟ ଭାବରେ ବୟାନରେ କହିସାରିଛୁ । ଆମର ଦଣ୍ଡ ପାଇଁ ଭୟ ନାହିଁ । କିନ୍ତୁ ଆମେ ଏହା ମଧ୍ୟ ଚାହୁଁନାହୁଁ ଯେ ଆମକୁ ସମସ୍ତେ ଭୁଲ୍‌ବୁଝନ୍ତୁ, ଆମର ବୟାନର କେତେକ ପାରାଗ୍ରାଫ୍‌କୁ ଜାଣିଶୁଣି କାଟି ଦିଆଯାଇଛି ଯାହାକି ବାସ୍ତବ ଦୃଷ୍ଟିକୋଣରୁ ଅତ୍ୟନ୍ତ କ୍ଷତିକାରକ ।''

''...ତେଣୁ ସାମଗ୍ରିକ ଦୃଷ୍ଟିକୋଣରୁ ଆମର ବକ୍ତବ୍ୟକୁ ଅଧ୍ୟୟନ କଲେ ସ୍ପଷ୍ଟ ଜଣାପଡିବ ଯେ ଆମର ଦେଶ ଏକ ଅତ୍ୟନ୍ତ ସର୍ଙ୍କାତର ପରିସ୍ଥିତି ଦେଇ ଗତିକରୁଛି । ସେହି ଦୃଷ୍ଟିରୁ ଉଚ୍ଚସ୍ୱରରେ ଚେତାବନୀ ଦେବାର ଆବଶ୍ୟକ ଥିଲା । ତେଣୁ ଆମେ ଆମର ବୁଦ୍ଧି ଓ ବିଚାର ଅନୁସାରେ ଚେତାବନୀ ଦେଲୁ । ଅବଶ୍ୟ ଏହା ସମ୍ଭବ ହୋଇପାରେ ଆମେ ଭୁଲ୍ କରିଥାଇପାରୁ, ଆମର ଚିନ୍ତାକରିବାର

ଶୈଳୀ ଜଜ୍ ମହୋଦୟଙ୍କର ଚିନ୍ତନଠାରୁ ଅଲଗା ହୋଇଥାଇପାରେ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆମକୁ ଆମର ଚିନ୍ତାଧାରା ପ୍ରକାଶ କରିବାପାଇଁ ସ୍ୱୀକୃତି ଦିଆଯିବ ନାହିଁ । ଆହୁରି ଅନେକ ମିଛ, ଭୁଲ୍ ତଥ୍ୟ ଆମ ସହିତ ଯୋଡ଼ି ଦିଆଯିବ ।''

''...ଇନ୍‌କିଲାବ୍ ଜିନ୍ଦାବାଦ' ଓ 'ସାମ୍ରାଜ୍ୟବାଦ ମୁର୍ଦ୍ଦାବାଦ' ଏହି ଦୁଇଟି ସ୍ଲୋଗାନ ସମ୍ପର୍କରେ ଆମେ ଯେଉଁ ବ୍ୟାଖ୍ୟା ଆମର ବୟାନରେ ଦେଇଛୁ, ତାକୁ ସମ୍ପୂର୍ଣ୍ଣ ଭାବରେ ଉଡାଇ ଦିଆଯାଇଛି । ସେଇଟା ହିଁ ଆମ ଉଦ୍ଦେଶ୍ୟର ମୁଖ୍ୟ ଅଂଶ ଥିଲା । 'ଇନ୍‌କିଲାବ୍ ଜିନ୍ଦାବାଦ' ର ଅର୍ଥ ପ୍ରକାଶବେଳେ ଆମର ଉଦ୍ଦେଶ୍ୟକୁ ଭ୍ରମାତ୍ମକ ଦୃଷ୍ଟିରୁ ଯାହା କୁହାଯାଉଛି ତାହା ଆଦୌ ସତ୍ୟ ନୁହେଁ । ପିସ୍ତଲ ଓ ବୋମା 'ଇନ୍‌କିଲାବ୍' ଆଣେ ନାହିଁ, ଇନକିଲାବ୍‌ର ଖଣ୍ଡା ବିଚାରର ଯୁକ୍ତି ଦ୍ୱାରା ଶାଣିତ ହୁଏ, ତୀକ୍ଷ୍ଣ ହୁଏ ସାହସ ଏବଂ ଏହି ବିଷୟକୁ ହିଁ ଆମେ ପ୍ରକାଶ କରିବାକୁ ଚାହିଁଥିଲୁ । ଆମର 'ଇନ୍‌କିଲାବ୍' ର ଅର୍ଥ ହେଲା ପୁଞ୍ଜିବାଦୀ ଯୁଦ୍ଧ ଦ୍ୱାରା ଉପୁଜିଥିବା ସମସ୍ୟା ଓ ଅସୁବିଧା ଗୁଡ଼ିକର ଅନ୍ତ କରିବା । ମୁଖ୍ୟ ଉଦ୍ଦେଶ୍ୟ ଏବଂ ତାକୁ ପାଇବାପାଇଁ ଆମର ଉଦ୍ୟମକୁ ନ ବୁଝି ତା ସମ୍ପର୍କରେ କୌଣସି ନିର୍ଣ୍ଣୟରେ ଉପନୀତ ହେବା ଆଦୌ ଉଚିତ ନୁହେଁ । ତେଣୁ ମନଗଢ଼ା ମିଛ କଥା ଗୁଡ଼ିଏ ଆମ ସହିତ ଯୋଡାଯାଇ ଆମପ୍ରତି ଘୋର ଅନ୍ୟାୟ କରାଯାଇଛି ।''

''...ଯେହେତୁ ବ୍ୟାକୁଳତା ପ୍ରତ୍ୟେକ ଦିନ ବଢୁଥିଲା ତେଣୁ ଆମେ ଚେତାବନୀ ଦେବା ଅତ୍ୟନ୍ତ ଆବଶ୍ୟକ ବୋଲି ମନେକଲୁ । ଯଦି ଠିକ୍ ସମୟରେ ଚିକିତ୍ସା କରାନଯିବ ତା'ହେଲେ ରୋଗ ଭୟଙ୍କର ରୂପ ଧାରଣ କରିବ । କୌଣସି ମାନବୀୟ ଶକ୍ତି ଏହାକୁ ରୋକି ପାରିବ ନାହିଁ । ଆମେ ଉଠୁଥିବା ଏହି ଝଡର ଦିଗ ପରିବର୍ତ୍ତନ କରିବାପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲୁ । କାରଣ ଆମେ ଇତିହାସର ଗୁରୁତ୍ୱପୂର୍ଣ୍ଣ ଅଧ୍ୟୟନାର୍ଥୀ । ଆମର ଦୃଢ଼ ବିଶ୍ୱାସ ଅଛି ଯେ ସତ୍ତାରୂଢ଼ ଶକ୍ତିମାନେ ଠିକଣା ସମୟରେ ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥାନ୍ତେ ତା'ହେଲେ ଫରାସୀ ଓ ଋଷରେ ରକ୍ତାକ୍ତ କ୍ରାନ୍ତିକାରୀ ବିପ୍ଳବ ସୃଷ୍ଟି ହୋଇ ନଥାନ୍ତା । ବିଶ୍ୱର ଅନେକ ବଡ଼ବଡ଼ ସରକାର କ୍ରାନ୍ତିର ତୋଫାନ୍‌କୁ ରୋକିବାକୁ ଯେତେବେଳେ ଚେଷ୍ଟା କରିଛନ୍ତି ସେତେବେଳେ ଶାସନ ସବୁବେଳେ ବିପ୍ଳବର ମହାନ୍ ଉଦ୍ଦେଶ୍ୟକୁ ଆଡେଇବାକୁ ଚେଷ୍ଟା କରିଛି ।''

''...ଆମେ ପ୍ରଥମରୁ ହିଁ ଚେତାବନୀ ଶୁଣାଇବାକୁ ଚାହୁଁଥିଲୁ । ଯଦି ଆମେ କିଛି ବ୍ୟକ୍ତିଙ୍କୁ ହତ୍ୟା କରିବାକୁ ଇଚ୍ଛା କରିଥାନ୍ତୁ, ତା'ହେଲେ ଆମେ ଆମର ମୁଖ୍ୟଉଦ୍ଦେଶ୍ୟରୁ ବିଚ୍ୟୁତ ହୋଇଯାଇଥାନ୍ତୁ । ମାଇଲର୍ଡ ! ଏହି ଭାବନା ଓ ଉଦ୍ଦେଶ୍ୟକୁ

ଆଖି ଆଗରେ ରଖି ଆମେ କାର୍ଯ୍ୟାନୁଷ୍ଠାନ କରିଥିଲୁ ଏବଂ ଏହାର ପରିଣାମ ଆମର ବୟାନକୁ ମଧ୍ୟ ସମର୍ଥନ କରୁଛି ।''

''...ଆଉ ଗୋଟିଏ କଥା ମୁଁ ଏଠାରେ ସ୍ପଷ୍ଟ କରିଦେବାକୁ ଚାହେଁ ! ଯଦି ଆମେ ବୋମାର ବିସ୍ଫୋରଣକାରୀ ଶକ୍ତି ସମ୍ପର୍କରେ ଅବଗତ ହୋଇନଥାନ୍ତୁ, ତା'ହେଲେ କାହିଁକି ଆମେ ପଣ୍ଡିତ ମୋତିଲାଲ ନେହେରୁ, ଶ୍ରୀ କେଲକର, ଶ୍ରୀ ଜୟକର ଏବଂ ଶ୍ରୀ ଜିନ୍ନାଙ୍କ ଭଳି ସମ୍ମାନନୀୟ ରାଷ୍ଟ୍ରୀୟ ବ୍ୟକ୍ତିଙ୍କର ଉପସ୍ଥିତିରେ ବୋମା ଫିଙ୍ଗିଥାନ୍ତୁ ? ଆମେ ଆମର ନେତାମାନଙ୍କର ଜୀବନକୁ କେବେହେଲେ ବିପଦ ଆଡକୁ ଟାଣି ନେଇ ପାରିବୁ କି ? ଆମେ କ'ଣ ପାଗଳ କି ?''

''...ଯଦି ବି ଆମେ ପାଗଳ ହୋଇଥାନ୍ତୁ, ତେବେ ଆମକୁ ଜେଲ୍‌ରେ ବନ୍ଦ ନକରି ପାଗଳଖାନାରେ ବନ୍ଦ କରାଯାଇଥାନ୍ତା । ବୋମା ସମ୍ପର୍କରେ ଆମର ଯଥେଷ୍ଟ ଜ୍ଞାନ ଥିଲା । ସେଥିପାଇଁ ଆମେ ଏଭଳି ପ୍ରଦର୍ଶନ କରିପାରିଲୁ । ଯେଉଁ ବେଞ୍ଚ ଉପରେ ଲୋକମାନେ ବସିଛନ୍ତି, ତା ଉପରକୁ ବୋମା ଫିଙ୍ଗିବା ସହଜ କାର୍ଯ୍ୟ, କିନ୍ତୁ ଖାଲି ଜାଗାରେ ବୋମା ଫିଙ୍ଗିବା ନିହାତି କଷ୍ଟକର କଥା । କାରଣ ବୋମା ଫିଙ୍ଗୁଥିବା ବ୍ୟକ୍ତି ଯଦି ସ୍ଥିର ମସ୍ତିଷ୍କରେ ନରହି ଅସନ୍ତୁଳିତ ହୋଇ ବ୍ୟଗ୍ର ହୋଇଯିବ, ତା'ହେଲେ ବୋମା ଖାଲି ସ୍ଥାନରେ ନପଡି ବେଞ୍ଚ ଉପରେ ସିଧା ଯାଇ ପଡିବ ।''

''...ତେଣୁ ମୁଁ କହିବି, ଖାଲି ସ୍ଥାନରେ ପକାଇବା ପାଇଁ ଆମେ ଯେଉଁ ସାହସ ଓ ସ୍ଥିରତା ପ୍ରଦର୍ଶନ କରିଛୁ, ସେଥିପାଇଁ ଆମକୁ ପୁରସ୍କାର ମିଳିବା କଥା । ଏହି ପରିପ୍ରେକ୍ଷୀରେ ମାଇଲର୍ଡ ! ଆମେ ଭାବୁଛୁ ଆମକୁ ଠିକ୍ ଭାବରେ ବୁଝିବାକୁ ଚେଷ୍ଟା କରାଯାଇନାହିଁ । ଆପଣଙ୍କ ସମ୍ମୁଖରେ ଠିଆହୋଇ ଆମେ ଆମକୁ ଦିଆଯାଇଥିବା ଦଣ୍ଡକୁ କମାଇବା ପାଇଁ କହିବାକୁ ଆସିନାହୁଁ ବରଂ ଆମର ଯଥାର୍ଥ ସ୍ଥିତିକୁ ସ୍ପଷ୍ଟ କରିଦେବାପାଇଁ ଆସିଛୁ । ଆମେ ସେଥିପାଇଁ ଚାହୁଁଛୁ ଯେ ଆମ ପ୍ରତି ଅନୁଚିତ ବ୍ୟବହାର କରାନଯାଉ, କିମ୍ବା ଆମ ସମ୍ପର୍କରେ ଅନୁଚିତ ରାୟ ଦିଆ ନଯାଉ । ଦଣ୍ଡାଦେଶ ପାଇବା ଆମପାଇଁ ଏକାନ୍ତ ଗୌଣ ଘଟଣା ।

ମୁଁ ଜାଣିଥିଲି, ଆମର ଅପିଲ୍ ହାଇକୋର୍ଟରେ କାଟ ଖାଇବ । ଆସଫ ଅଲ୍ଲୀ ମଧ୍ୟ ଦୁଇଦିନ ପର୍ଯ୍ୟନ୍ତ କୋର୍ଟରେ ଲଢ଼ିଥିଲେ । ୧୩ ଜାନୁୟାରୀ ୧୯୩୦ରେ ଆମର ଅପିଲ୍ ରଦ୍ଦ ହୋଇଥିଲା । ମୁଁ ଦିଲ୍ଲୀରୁ ପଞ୍ଜାବର ମିୟାଁବାଲୀ ଜେଲ୍‌କୁ ଯିବାବାଟରେ ହିଁ ପୋଲିସ୍‌ଗାଡ଼ିରେ ଆସନ୍ତା ଯୋଜନା ସ୍ଥିର କରିଥିଲି–ଜେଲ୍‌ରେ ରାଜନୈତିକ ବନ୍ଦୀମାନଙ୍କ ପ୍ରତି ହେଉଥିବା ବ୍ୟବହାରରେ ବ୍ୟାପକ ସଂଶୋଧନପାଇଁ ସଚେତନତା ସୃଷ୍ଟିକରିବା । କାରଣ, ଜେଲ୍‌ରେ ସଜା କାଟିବା ପାଇଁ ଯାଇ ପହଞ୍ଚିଲାପରେ ଦେଖିଲି ଆମ ପରି ରାଜନୈତିକ ବନ୍ଦୀମାନଙ୍କର ସ୍ଥିତି ଅତ୍ୟନ୍ତ କଦର୍ଯ୍ୟ । ସାମାନ୍ୟ ମାନବିକ ମୂଲ୍ୟବୋଧ ସହିତ ବଞ୍ଚିବାର ଟିକିଏ ହେଲେ ସୁବିଧା ସେମାନଙ୍କୁ ଯୋଗାଇ ଦିଆଯାଉ ନାହିଁ । ଅପରିଷ୍କାର, ଅପରିଚ୍ଛନ୍ନ ପରିବେଶ, ପରିମଳ ବ୍ୟବସ୍ଥା ଖୁବ୍ ଶୋଚନୀୟ, ଜଳର ଘୋର ଅଭାବ, ଖାଦ୍ୟ ଅତ୍ୟନ୍ତ ନିମ୍ନମାନର, କୋଠରୀ ଗୁଡ଼ିକ ସନ୍ତସନ୍ତିଆ, ଅନ୍ଧାରୁଆ, ଖବରକାଗଜ କିମ୍ବା ବହିପତ୍ର ପଢ଼ିବାକୁ ଦିଆ ଯାଉନଥିଲା ।''

ଜେଲ୍‌ରେ ସେହି ସନ୍ତସନ୍ତିଆ ରୁଗ୍‌ଣ କୋଠରୀ ସତରେ ବଡ଼ ଭୟାନକ ଥିଲା । ସେଠାରେ ରହୁଥିବା ବିଚରା କ୍ରାନ୍ତିକାରୀ ସ୍ୱାଧୀନତା ଆନ୍ଦୋଳନର ଯୁବକମାନେ ଅକଥନୀୟ ମାନସିକ, ଶାରୀରିକ ଯାତନା ସହି ସହି ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଲଢୁଥିଲେ । ସେମାନଙ୍କର ଦୃଢ଼ ମନୋବଳ ହିଁ ସ୍ୱାଧୀନତାର ଚରମ ମୁକ୍ତିର ସ୍ୱପ୍ନକୁ ବଞ୍ଚାଇ ରଖିଥିଲା । ସେହିଦିନ ହିଁ ମୁଁ ମୋ ନିଷ୍ପତ୍ତିରେ ଅଟଳ ହେଲି–ଅନ୍ନଜଳ ସ୍ପର୍ଶ ନକରି ଅନଶନ କରିବି, ଯେ ପର୍ଯ୍ୟନ୍ତ ଜେଲ୍‌ର ଆଚରଣ, ଜେଲ୍ ମାନୁଆଲ୍‌ରେ ବନ୍ଦୀମାନଙ୍କପାଇଁ ଉଦ୍ଦିଷ୍ଟ ନୀତି ନିୟମର ଆମୂଳଚୂଳ ପରିବର୍ତ୍ତନ ନ ହୋଇଛି ! କଏଦୀମାନଙ୍କ ସହିତ ମାନବୀୟ ଆଚରଣ ପ୍ରଦର୍ଶନ ସହିତ ସେମାନଙ୍କର ସର୍ବନିମ୍ନ ମୌଳିକ ଆବଶ୍ୟକତା ଯେପର୍ଯ୍ୟନ୍ତ ସଂଶୋଧନ ଅଣା ନ ଯାଇଛି, ସେ ପର୍ଯ୍ୟନ୍ତ ଅନଶନ ଚାଲୁରହିବ ।

ମୋର ନିଷ୍ପତ୍ତି ମୁଁ ବଟୁକେଶ୍ୱର ଦତ୍ତଙ୍କୁ ଜଣାଇଦେଲି ।

୧୯୨୯ ମସିହା ଜୁନ୍ ୧୭ ତାରିଖରେ ମୁଁ ଆମରଣ ଅନଶନ କରିବା ପାଇଁ ଇନିସ୍‌ପେକ୍ଟର ଜେନେରାଲ୍‌ଙ୍କୁ ପତ୍ର ଲେଖିଲି । ବଟୁକେଶ୍ୱର ମଧ୍ୟ ତାହାକଲେ । ସେହିପତ୍ରରେ ଆମର ଦାବୀଗୁଡ଼ିକ ଉଲ୍ଲେଖ କରାଯାଇଥିଲା ।

ଆମରଣ ଅନଶନର ନୋଟିସ୍ (ଭଗତସିଂହ)
ଇନ୍‌ସ୍‌ପେକ୍ଟର ଜେନେରାଲ୍ ଜେଲ୍, ପଞ୍ଜାବ, ଲାହୋର,
ତା- ୧୭ ଜୁନ୍ ୬. ୧୯୨୯

"...ଦିଲ୍ଲୀ ଆସେମ୍ବ୍ଲି ବୋମା କାଣ୍ଡ ସମ୍ପର୍କରେ ମତେ ଆଜୀବନ କାରାଦଣ୍ଡ ଦିଆଯାଇଛି । ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ ମୁଁ ଜଣେ ରାଜନୈତିକ ବନ୍ଦୀ । ଦିଲ୍ଲୀଜେଲ୍‌ରେ ଥିଲାବେଳେ ମତେ ଭଲ ଭୋଜନ ମିଳୁଥିଲା କିନ୍ତୁ ଏଠାରେ ପହଞ୍ଚିଲାପରେ ମୋ ପ୍ରତି ସାଧାରଣ ଅପରାଧୀମାନଙ୍କୁ କରାଯାଉଥିବା ବ୍ୟବହାର ପ୍ରଦର୍ଶନ କରାଯାଉଛି । ତେଣୁ ଏହାର ପ୍ରତିବାଦରେ ମୁଁ ତା- ୧୫.୬.୧୯୨୯ ରିଖ ସକାଳ ଠାରୁ ଭୋକରେ ରହି ଅନଶନ ଜାରି ରଖିଲି । ଏହି ଦୁଇଦିନ ମଧ୍ୟରେ ମୋର ଓଜନ ଦିଲ୍ଲୀ ଜେଲ୍ ଅପେକ୍ଷା ୬ ପାଉଣ୍ଡ କମ୍ ହୋଇଯାଇଛି ।"

"...ମୁଁ ଆପଣଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛି ଯେ ମତେ ଯେଉଁଭଳି ଭାବରେ ହେଉନା କାହିଁକି ରାଜନୈତିକ ବନ୍ଦୀମାନଙ୍କୁ ଦିଆ ଯାଉଥିବା ବିଶେଷ ମାନ୍ୟତା ପ୍ରଦାନ କରାଯାଉ । ମୋର ଦାବୀ ଗୁଡ଼ିକ ହେଲା, ଉତ୍ତମ ଖାଦ୍ୟ (ଦୁଧ, ଘିଅ, ଡାଲି, ଚାଉଳ ସହିତ), ସ୍ନାନ ଶୌଚାଦିର ସୁବିଧା (ସାବୁନ, ତେଲ, କ୍ଷୌର ଉପକରଣ ଆଦି), ଉତ୍ତମ ବ୍ୟବହାର, ପଢ଼ିବା ପାଇଁ ପ୍ରତ୍ୟେକ ପ୍ରକାର ସାହିତ୍ୟ (ଇତିହାସ, ଅର୍ଥଶାସ୍ତ୍ର, ରାଜନୈତିକ ବିଜ୍ଞାନ, କବିତା, ନାଟକ, ଉପନ୍ୟାସ, ସମାଚାରପତ୍ର) ।

ମୁଁ ଆଶା ଓ ବିଶ୍ୱାସ କରୁଛି ଯେ ଆପଣ ଉଦାରତା ପୂର୍ବକ ମୋର ଦାବୀ ଉପରେ ବିଚାର କରିବେ ଓ ନିଜର ନିଷ୍ପତ୍ତି ଶୁଣାଇବେ ।

**ଭଗତ ସିଂହ**
ଆଜୀବନ ବନ୍ଦୀ ନଂ - ୧୧୭
ମିଆଁବାଲୀ ଜେଲ୍

ଜେଲ୍‌ରେ ଆମରଣ ଅନଶନପତ୍ର ସହିତ ମୁଁ ଆଉ ଗୋଟିଏ ଚିଠି ଇନ୍‌ସପେକ୍ଟର ଜେନେରାଲ୍‌ଙ୍କ ଲେଖିଥିଲି ଯେ ମତେ ଲାହୋର ସେଣ୍ଟ୍ରାଲ୍ ଜେଲ୍‌କୁ ଅଣାଯାଉ ।

ମିଆଁବାଲି ଜେଲ୍
୧୭, ଜୁନ୍ – ୧୯୨୯
**ଇନିସ୍‌ପେକ୍ଟର ଜେନେରାଲ୍**
ଜେଲ୍
**ପଞ୍ଜାବ (ଜେଲ୍ସ) ଲାହୋର**

ପ୍ରିୟ ମହୋଦୟ,

ସୌଣ୍ଡର୍ସ ଗୁଳିକାଣ୍ଡ ମାମଲାରେ ଗିରଫ ହୋଇଥିବା ଅନ୍ୟ ଯୁବକମାନଙ୍କ ସହିତ ମୋ ଉପରେ ହୋଇଥିବା ମକଦ୍ଦମା ଚାଲିବ, ଅଥଚ ସମସ୍ତ ସତ୍ୟତା ଜାଣି ମଧ୍ୟ ମତେ ଦିଲ୍ଲୀରୁ ମିଆଁବାଲି ଜେଲ୍‌କୁ ବଦଳି କରାଯାଇଛି । ସେହି କେଶ୍‌ର ଶୁଣାଣି ଜୁନ୍ ୨୬, ୧୯୨୯ ରେ ଆରମ୍ଭ ହେବ । ମୁଁ ଏକଥା ଆଦୌ ବୁଝିପାରୁ ନାହିଁ, ମତେ ଏଠାକୁ ବଦଳି କରିବା ପଛରେ କି ପ୍ରକାର ଚିନ୍ତାଧାରା କାମ କରୁଛି ?

ଯାହା ବି ହେଉ ନ୍ୟାୟ ଦାବୀ କରିବା ପ୍ରତ୍ୟେକ ଅଭିଯୁକ୍ତ (Under trial) ର ଏକ ମୌଳିକ ଅଧିକାର ଏବଂ ତାକୁ ମକଦ୍ଦମା ଲଢ଼ିବା ପାଇଁ ଯେଉଁସବୁ ଆଇନଗତ ସହାୟତା ଆବଶ୍ୟକ, ସେଗୁଡ଼ିକ ମିଳିବା ନିହାତି ଜରୁରୀ । ଯାହାଫଳରେ ସେ ମକଦ୍ଦମା ପାଇଁ ନିଜକୁ ପ୍ରସ୍ତୁତ କରିପାରିବ । ମୁଁ ଏଠାରେ ରହି କିପରି ନିଜପାଇଁ ଓକିଲ ନିଯୁକ୍ତ କରିପାରିବି ? କାରଣ ଏଠାରେ ରହି ମୁଁ ନିଜର ପିତା କିମ୍ବା ଅନ୍ୟାନ୍ୟ ଆତ୍ମୀୟଙ୍କ ସହିତ ସମ୍ପର୍କ ରକ୍ଷା କରିବା ଅତ୍ୟନ୍ତ କଷ୍ଟକର ହୋଇପଡିବ । ଏହି ସ୍ଥାନ ମଧ୍ୟ ଏକଦମ୍ ଅଲଗା, ରାସ୍ତା କଷ୍ଟଦାୟକ, ତା'ପରେ ଲାହୋର ଠାରୁ ବହୁତ ଦୂର ।

ତେଣୁ ମୁଁ ପ୍ରାର୍ଥନା କରୁଛି, ଆପଣ ମତେ ଯଥା ଶୀଘ୍ର ଲାହୋର ସେଣ୍ଟ୍ରାଲ୍ ଜେଲ୍‌କୁ ବଦଳାଇ ନେବାକୁ ଆଦେଶ ଦିଅନ୍ତୁ, ଯାହାଦ୍ୱାରା ମୁଁ ନିଜର ମକଦ୍ଦମା ଲଢ଼ିବା ପାଇଁ, ପ୍ରସ୍ତୁତ ହେବାପାଇଁ ଉପଯୁକ୍ତ ସମୟ ପାଇପାରିବି । ଆଶାକରେ, ଏହା ଉପରେ ଶୀଘ୍ର ଧ୍ୟାନ ଦିଆଯିବ ।

ଆପଣଙ୍କର
ଭଗତସିଂହ

ମୋର ପ୍ରିୟ ସହଯୋଗୀ, ଆତ୍ମୀୟ ସୋଦର ବନ୍ଧୁ, ବଟୁକେଶ୍ୱର ଦତ୍ତ ମଧ୍ୟ ଜେଲ୍‌ରେ ଆମରଣ ଅନଶନର ନୋଟିସ୍ ଦେଇଥିଲେ ଓ ଅନଶନରେ ବସିଥିଲେ ।

ଆମରଣ ଅନଶନ ନୋଟିସ୍ (ବି.କେ ଦତ୍ତ)
**ସୁପରିଟେଣ୍ଡେଣ୍ଟ, ସେଣ୍ଟ୍ରାଲ୍ ଜେଲ୍**
ଜୁନ୍ ୧୭.୬.୧୯୨୯

ମୁଁ, ଆପଣଙ୍କୁ ଓ ଅନ୍ୟାନ୍ୟ ଉଚ୍ଚ ଅଧିକାରୀମାନଙ୍କୁ ଜଣାଇଦେବାକୁ ଚାହୁଁଛି ଯେ ଜଣେ ରାଜନୈତିକ ବନ୍ଦୀ ଭାବରେ ମୁଁ ନିମ୍ନଲିଖିତ ସୁବିଧା ଗୁଡ଼ିକର ଦାବୀ କରୁଛି । *ଆସେମ୍ବ୍ଲିରେ ବୋମା ଫିଙ୍ଗା ହେଲା ପରେ ଲର୍ଡ ଇରଉଇନ ନିଜର ଶେଷ* ବକ୍ତବ୍ୟରେ କହିଥିଲେ, 'ଏହି ବୋମା କୌଣସି ଜଣେ ବ୍ୟକ୍ତି ଉପରେ ନୁହେଁ ବରଂ ଏକ ସଂସ୍ଥା ଉପରେ ଫିଙ୍ଗାଯାଇଛି । ତା ଛଡ଼ା ମିଃ ମିଡ଼ିଲ୍‌ଟନ୍ ନିଜର ରାୟରେ ଉଲ୍ଲେଖ କରିଥିଲେ ଯେ, ଏହି ଦୁଇ ଲୋକ (ଦତ୍ତ ଓ ଭଗତସିଂହ) ଅଦାଲତରେ 'ଇନ୍‌କିଲାବ୍ ଜିନ୍ଦାବାଦ', 'ସର୍ବହରା ଜିନ୍ଦାବାଦ' ଇତ୍ୟାଦି ସ୍ଲୋଗାନ୍ ଦେଉଥିଲେ, ଏଥିରୁ ସ୍ପଷ୍ଟ ପ୍ରତିପାଦିତ ହୁଏ ଏମାନେ କେଉଁ ପ୍ରକାରର ରାଜନୈତିକ ଚିନ୍ତାଧାରାର ବ୍ୟକ୍ତି ବିଶେଷ । ଏହି ଚିନ୍ତାଧାରାର ପ୍ରଚାରକୁ ରୋକିବା ପାଇଁ ମୁଁ ସେମାନଙ୍କୁ ଆଜୀବନ କାରାବାସ ଦଣ୍ଡ ଦେଉଛି ।'

"...ମୁଁ, ପୁଣି ଏକଥା କହିଦେବାକୁ ଚାହୁଁଛି ଯେ ଯଦି କୌଣସି ଇଉରୋପିଆନ୍ ଆଇନ ଅମାନ୍ୟ କରିଥାଏ ତେବେ ତାକୁ ଜେଲ୍‌ଦଣ୍ଡ ବେଳେ ସମସ୍ତ ସୁଖ ସୁବିଧା ମିଳେ । ଯଥାଃ ବିଜୁଳି ଆଲୁଅ ଥିବା, ପବନ ଚଳାଚଳ କରୁଥିବା କଠୋରୀ, ସବୁଠାରୁ ଭଲ ଖାଦ୍ୟ (ଦୁଧ, ଲହୁଣି, ଦ୍ୱିଗୁଣ ରୁଟି, ମାଂସ) ତଥା ଭଲ ପୋଷାକ ପିନ୍ଧିବା ପାଇଁ ମିଳିଥାଏ । କିନ୍ତୁ ଆମଭଳି ଭାରତୀୟ ରାଜନୈତିକ ବନ୍ଦୀମାନଙ୍କୁ ଏହି ସୁବିଧା ଗୁଡ଼ିକ ଦିଆଯାଉନାହିଁ । ଲର୍ଡ ଇରଉଇନ ଓ ମିଃ ମିଡ଼ିଲଟନ୍‌ଙ୍କର ଟିପ୍ପଣୀରୁ ଏହା ପ୍ରମାଣିତ ହେଉଛି ଯେ ଆମେମାନେ ରାଜନୈତିକ ବନ୍ଦୀ ଏବଂ ଏହି ଦୃଷ୍ଟିରୁ ଆମେ ଦାବୀ କରୁଛୁ ଆମ ସହିତ ରାଜନୈତିକ ବନ୍ଦୀମାନଙ୍କ ଭଳି ବ୍ୟବହାର ପ୍ରଦର୍ଶନ କରାଯାଉ । ମତେ ଉପଯୁକ୍ତ ଖାଦ୍ୟ, ପାନୀୟ, ପୋଷାକ ମିଳିବା ଆବଶ୍ୟକ, ଯାହାକି ଜଣେ ମଣିଷର ସ୍ୱାସ୍ଥ୍ୟ ପାଇଁ ଦରକାର ।"

"...ଏହା ସହିତ ରାଜନୀତି ଆଲୋଚନା ପାଇଁ ସମସ୍ତ ପ୍ରକାର ସାହିତ୍ୟ,

ସମାଚାରପତ୍ର ମିଳିବା ଉଚିତ । ଲୋକେ ଆମକୁ ଅବାଧ୍ୟ, ଅଧୈର୍ଯ୍ୟ, ମନୁଆ ଯୁବକ ବୋଲି କହନ୍ତି । ସେଥିପାଇଁ ଆମକୁ ଭିନ୍ନ ଭିନ୍ନ ପୁସ୍ତକ ପଢିବା ପାଇଁ ସୁଯୋଗ ମିଳିବା ଆବଶ୍ୟକ, ଯାହାଫଳରେ ଆମେ ଜାଣିପାରିବୁ ଯେ ଆମେ ପ୍ରକୃତରେ ଅଖାଡୁଆ, ଅଧୈର୍ଯ୍ୟ ଯୁବକ କି ନାହିଁ, ଆମର କାର୍ଯ୍ୟ ପଦ୍ଧତିର ଧାରା ଠିକ୍ ଅଛି ନା ନାହିଁ ।''

**ମୋର ଦାବିଗୁଡିକ ଏହି ପ୍ରକାର:-**

୧. ଭଲ ଖାଦ୍ୟ, ସକାଳୁ ଦୁଧ ଓ ଦି ପଟ ରୁଟି । ଖରାବେଳେ ଡ଼ାଲି, ଭାତ, ଘିଅ, ପରିବା ତରକାରୀ, ଚିନି । ରାତିରେ ଦିପଟ ରୁଟି, ମାଂସ ଓ ଚଟଣି ।

୨. ଦୁର୍ବ୍ୟବହାର ପ୍ରଦର୍ଶନ କରାଯିବ ନାହିଁ । କାମ ଆଳରେ ସମ୍ମାନହୀନ କାମ କରିବା ପାଇଁ ବାଧ୍ୟ ନ କରିବା ।

୩. ସମସ୍ତ ପ୍ରକାର ସାହିତ୍ୟ ଓ ସମ୍ବାଦପତ୍ର ଯୋଗାଣ।

୪. ଗାଧୋଇବାପାଇଁ ସାବୁନ୍, ତେଲ, ପାନିଆ, କ୍ଷୁଅର ଜିନିଷ ।

୫. ମୁକ୍ତ ଭାବରେ ଚଲାବୁଲା କରିବା ।

୬. ଆବଶ୍ୟକୀୟ ଲୁଗାପଟା ।

ଦଣ୍ଡାଦେଶ ପୂର୍ବରୁ ଏବଂ ପରେ ମତେ ଏ ସମସ୍ତ ଜିନିଷ ଜେଲ୍ ଖର୍ଚ୍ଚରୁ ମିଳୁଥିଲା । କିନ୍ତୁ ଏଠାରେ ଏସବୁ ଜିନିଷ ଉପଲବ୍ଧ ହେଉନାହିଁ । ସେଥିପାଇଁ ମୁଁ ଜୁନ୍ ତା ୧୪.୬.୧୯୨୯ ତାରିଖରୁ ଆମରଣ ଅନଶନ ଆରମ୍ଭ କରିଦେଇଛି । ଏହି କାରଣରୁ ମିଆଁବାଲୀ ଜେଲ୍‌ରେ ମୋର ସାଥୀ ଭଗତସିଂହ ମଧ୍ୟ ଏହି ଆମରଣ ଅନଶନ ଆରମ୍ଭ କରିଛନ୍ତି । ମୁଁ ସେ ପର୍ଯ୍ୟନ୍ତ ଆମରଣ ଅନଶନ ତ୍ୟାଗ କରିବ ନାହିଁ ଯେ ପର୍ଯ୍ୟନ୍ତ ସରକାର ଆମର ଦାବୀ ଗୁଡ଼ିକ ସ୍ୱୀକାର କରି ନାହାନ୍ତି ।

''...ମୁଁ ତୁରନ୍ତ ଉତ୍ତରର ଆଶା କରୁଛି । ଯେ କୌଣସି ସରକାରୀ ଅଧିକାରୀ ଆସିଲେ ତାଙ୍କ ସହିତ ଏହି ବିଷୟରେ ଆଲୋଚନା କରିବାପାଇଁ ମୁଁ ପ୍ରସ୍ତୁତ ଅଛି ।

ବି.କେ.ଦତ୍ତ

ବନ୍ଦୀ, ଆସେମ୍ବ୍ଲି ବୋମାକାଣ୍ଡ କେଶ୍ ।

ମୋର ଓ ବଟୁକେଶ୍ୱରଙ୍କର ଏଇ ଆମରଣ ଅନଶନ ଇଂରେଜ ସରକାର ପାଇଁ ଖୋଲାଖୋଲି ଆହ୍ୱାନରେ ପରିଣତ ହୋଇଯାଇଥିଲା । ସମ୍ମାନର ପ୍ରଶ୍ନ ହୋଇଯାଇଥିଲା । ଅନଶନ କାଳରେ ମୋର ଓଜନ ୫ ପାଉଣ୍ଡ ଲେଖାଏଁ ସପ୍ତାହକୁ ହ୍ରାସ ଘଟିଥିଲା । ଆମର ଆମରଣ ଅନଶନକୁ ଅନ୍ୟ ସାଥୀମାନେ ପୂର୍ଣ୍ଣପ୍ରାଣରେ

ସମର୍ଥନ କରିଥିଲେ । ମୁଁ ଓ ବଟୁକେଶ୍ୱର ଆମରଣ ଅନଶନ କରିବାର ଚାରିଦିନପରେ ଯତୀନ୍ଦ୍ରନାଥ ଦାସ ମଧ୍ୟ ଆମଦୁହିଁଙ୍କୁ ସମର୍ଥନ ଜଣାଇ ଆମରଣ ଅନଶନ ଆରମ୍ଭ କରିଦେଲେ । ଆମମାନଙ୍କର ପ୍ରବଳ ପ୍ରତିରୋଧ ଯୋଗୁଁ ଜେଲ୍‌ରେ ବନ୍ଦୀମାନଙ୍କର ରହଣି ଓ ସଂସ୍କାରରେ ସୁଧାର ଆଣିବାର ବାଟ ଖୋଲିଯାଇଥିଲା । ଏପରିକି, ଯେତେବେଳେ ଅଦାଲତରେ ମକଦ୍ଦମାର ଶୁଣାଣି ଆରମ୍ଭ ହେଲା, ସେତେବେଳେ ଆମର ସାଥୀମାନଙ୍କୁ ଭୋକିଲା ଶୋଷିଲା ଅବସ୍ଥାରେ ହାତରେ ହାତକଡ଼ା ପକାଇ ଅଦାଲତର କାର୍ଯ୍ୟାଳୟ ଭିତରକୁ ଅଣାଗଲା । ୧୭.୬.୧୯୨୯ ତାରିଖରେ ବିଚାରପତିଙ୍କ ଆଗରେ ଏଭଳି ଅମାନୁଷିକ, ଅମାନବୀୟ ଆଚରଣ ପାଇଁ ମୁଁ ପ୍ରବଳ ପ୍ରତିରୋଧ କରିବା ଆରମ୍ଭ କଲି । ଜଣେ କଏଦୀକୁ ହାତକଡ଼ା ପକାଇଲାବେଳେ କଏଦୀର ଗୋଟିଏ ହାତରେ କଡା ଲଗାଇ ଅନ୍ୟ ଖୋପଟି ସାଙ୍ଗରେ ଆସିଥିବା ପୁଲିସ୍ କନେଷ୍ଟବଳର ହାତରେ ପକାଯାଇ ଅଣାଯାଉଥିଲା । ସମସ୍ତେ ଅତ୍ୟନ୍ତ ଦୁର୍ବଳ ଦେଖାଯାଉଥିଲେ । କିନ୍ତୁ ମନୋବଳ ଦୃଢ଼ଥିଲା ।

ଆମରଣ ଅନଶନ ଜାରି ରଖିଥିବା ମୋର ପ୍ରିୟ ସାଥୀ ବଟୁକେଶ୍ୱର ଦତ୍ତ, ସୁଖଦେବ, ରାଜଗୁରୁ, ବିଜୟ କୁମାର ସିହ୍ନା, ଜିତେନ୍ଦ୍ର ସାନ୍ୟାଲ, ଜୟଦେବ କପୁର, ଆଶାରାମ, ମହାବୀର ସିଂହ, କମଲନାଥ ଦିୱାନ, କିଶୋରୀଲାଲ, ଶିବବର୍ମା, ଗୟାପ୍ରସାଦ, ସୁରେନ୍ଦ୍ର ପାଣ୍ଡେ, ଅଜୟଘୋଷ, କୁନ୍ଦନଲାଲ, ଦେଶରାଜ, ଯତୀନ୍ଦ୍ରନାଥ ଦାସ ପ୍ରମୁଖ ଭୋକ ଉପାସରେ ଶୋଷରେ କୋର୍ଟକୁ ଟଣା ହୋଇଆସୁଥିଲେ । ସୌଣ୍ଡର୍ସ ହତ୍ୟା ଓ ଆସେଂବ୍ଲି ବୋମାକାଣ୍ଡ ଉପରେ ହୋଇଥିବା ମକଦ୍ଦମାରେ ଆମମାନଙ୍କୁ ଭିନ୍ନ ଭିନ୍ନ ସେକ୍‌ସନ୍‌ରେ ଚାର୍ଜ କରାଯାଇଥିଲା ।

ଆମର ଆମରଣ ଅନଶନ ସମଗ୍ର ଦେଶରେ ଏକ ଜନ ଆନ୍ଦୋଳନ ସୃଷ୍ଟିକରି ସାରିଥିଲା । ଅବଶ୍ୟ ଆମର ଅନଶନକୁ ଭାଙ୍ଗିବାପାଇଁ ଇଂରେଜ ଶାସକଙ୍କ ଜେଲ୍ ଅଧିକାରୀମାନେ ଅତ୍ୟନ୍ତ ଅମାନୁଷିକ ଢ଼ଙ୍ଗରେ ଯାତନା ଦେବାକୁ ଲାଗିଲେ । ଭୟଙ୍କର ଯାତନା ସ୍ୱରୂପ ଆମର ସାଥୀମାନଙ୍କର ଗୋଡହାତ ବାନ୍ଧିଦେଇ, ଜୋର ଜବରଦସ୍ତି ଅମାନୁଷିକ ଭାବରେ ମାଠିଆ ମାଠିଆ କ୍ଷୀର ପିଆଇବା, ପାଣି ପିଆଇବା, ଖାଦ୍ୟ ସବୁ ଠୁସି ଠୁସି ଖୁଆଇବା ଇତ୍ୟାଦି ଦମନଲୀଳା ଚାଲିଲା । ଏପଟେ ଚାବୁକ୍ ମାଡ଼ ଅନବରତ କରାଯାଉଥାଏ । ଅନେକ ସାଥୀ ଅଚେତ ହୋଇପଡୁଥିଲେ । ଏସବୁ କଷ୍ଟ ଦେଖି ମତେ ଆହୁରି ଦୁଃଖ ଲାଗୁଥିଲା । ଫଳରେ ଆମର ଜିଦ୍ ଅଧିକରୁ ଅଧିକତର ହେଉଥିଲା ।

ଅକଥନୀୟ ଅମାନୁଷିକ ଯନ୍ତ୍ରଣା ସହିନପାରି ମୋର ପ୍ରିୟ ସାଥୀ ଯତୀନ୍ଦ୍ରନାଥ ଦାସ ଆମରଣ ଅନଶନ ଚାଲିବାର ୬୩ ଦିବସରେ ଆଖି ବୁଜିଦେଲେ । ସେଦିନ ଥିଲା ୧୩.୯.୧୯୨୯ । ସାଥୀ ଯତୀନ୍ଦ୍ରନାଥଙ୍କର ଶହୀଦ ହୋଇଯିବା ମୋତେ ମର୍ମାହତ ଓ ମୋର ବନ୍ଧୁମାନଙ୍କୁ ଅତ୍ୟନ୍ତ ଶୋକାକୁଳ କରିଦେଲା । ଯତୀନ୍ଦ୍ରନାଥଙ୍କର ମୃତ ଦେହକୁ ଛୁଇଁ ଆହୁରି ବଜ୍ରଗମ୍ଭୀର ସଂକଳ୍ପ ମୁଁ ସେଦିନ କଲି ଯେ ପର୍ଯ୍ୟନ୍ତ ଜେଲ୍ ଆଇନ୍‌ର ସଂଶୋଧନ ହୋଇନାହିଁ, ସେ ପର୍ଯ୍ୟନ୍ତ ଆହୁରି ତୀବ୍ରତର ହେବ ଆମର ଆମରଣ ଅନଶନ । ହୁଏତ ଭୋକ ଶୋଷ ଦାଉରେ ଆମେ ସମସ୍ତେ ମୃତ୍ୟୁବରଣ କରିପାରିବୁ କିନ୍ତୁ କେଉଁ ପରିସ୍ଥିତିରେ ହେଲେ ଆମେ ଅନଶନ ତ୍ୟାଗ କରିବୁ ନାହିଁ । ଯତୀନ୍ଦ୍ରନାଥଙ୍କର ମହାନ୍ ତ୍ୟାଗକୁ ଏଭଳି ବୋହିଯିବାକୁ ଦେବୁ ନାହିଁ ।

ପ୍ରିୟ କ୍ରାନ୍ତିକାରୀ ସାଥୀ ଯତୀନ୍ଦ୍ରନାଥଙ୍କର ପାର୍ଥିବଶରୀରକୁ ଲାହୋର ସେଣ୍ଟ୍ରାଲ୍ ଜେଲ୍‌ରୁ କଲିକତା ନେବାବେଳେ ପ୍ରତ୍ୟେକ ସହରର ଷ୍ଟେସନ୍‌ରେ ଶହ ଶହ ଲୋକ ସେହି ମହାନ୍ ଶହୀଦଙ୍କୁ ଅନ୍ତିମ ପ୍ରଣାମ ଜଣାଉଥିଲେ । ସମଗ୍ରଦେଶ ଆମର କ୍ରାନ୍ତିକାରୀ ସାଥୀମାନଙ୍କ ଉପରେ ହେଉଥିବା ଅମାନୁଷିକ ଅତ୍ୟାଚାର ବିରୁଦ୍ଧରେ ଦୃଢ଼ ସ୍ୱରଉତ୍ତୋଳନ କରିବା ଆରମ୍ଭ କରିଦେଲେ । ଆମକୁ ସମର୍ଥନ ଜଣାଇ ଶହୀଦ ଯତୀନ୍ଦ୍ରନାଥଙ୍କର ଅନ୍ତିମ ସଂସ୍କାର କ୍ରିୟାରେ କଲିକତାରେ ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ସାମିଲ୍ ହୋଇଥିଲେ ।

ମୁଁ ଜାଣିଥିଲି, ଭୋକ ଶୋଷରେ ରହି ଅନଶନ ଚଳାଇବା ଆଦୌ ସହଜ-ସରଳ କାର୍ଯ୍ୟନୁହେଁ । କିନ୍ତୁ ଆମଭଳି ରାଜନୈତିକ ବନ୍ଦୀମାନଙ୍କ ପ୍ରତି ଇଂରେଜ ସରକାର ଓ ଜେଲ୍‌ର ନିଷ୍ଠୁର ଅମାନବୀୟ, ଅକଥନୀୟ ଅତ୍ୟାଚାର ଓ ବ୍ୟବହାରର ପରିବର୍ତ୍ତନ ନିତାନ୍ତ ଆବଶ୍ୟକ, ତାହା ଆମେ ଜଣାଇବା ସହିତ ଆମର ମୂଳଉଦ୍ଦେଶ୍ୟକୁ ପ୍ରକାଶିତ କରିଥିଲୁ । ଯତୀନ୍ଦ୍ରନାଥଙ୍କର ଅନଶନରେ ମୃତ୍ୟୁବରଣ କରିବା ଘଟଣା ସମ୍ବାଦପତ୍ର ଗୁଡ଼ିକ ଇଂରେଜ ସରକାରଙ୍କୁ କଠୋର ସମାଲୋଚନା କରିବା ସହିତ ଆମର କ୍ରାନ୍ତିକାରୀ ଆନ୍ଦୋଳନର ଲକ୍ଷ୍ୟ ଓ ଭବିଷ୍ୟତ ସମ୍ପର୍କରେ ଅତ୍ୟନ୍ତ ଅନୁକୂଳ ଗନ୍ତବ୍ୟ ପ୍ରଦାନକରି ବିଭିନ୍ନ ଲେଖା ଛାପିଥିଲେ । ଜେଲ୍‌ରେ ଅନଶନରତ ଥିବା ଆମର ସମସ୍ତ ସାଥୀମାନଙ୍କର ଫଟୋମଧ୍ୟ ସେଥିରେ ପ୍ରକାଶିତ ହୋଇଥିଲା । ସାରା ଦେଶବ୍ୟାପି ଆନ୍ଦୋଳନ ଓ ପ୍ରତିକ୍ରିୟା ଖୁବ୍ ଜୋର୍‌ସୋର୍‌ରେ ଆରମ୍ଭ ହୋଇ ଯାଇଥିଲା । ଆମକୁ ଅଭୂତପୂର୍ବ ଜନସମର୍ଥନ ମିଳିଥିଲା ।

ଯାହାଫଳରେ ବାଧ୍ୟ ହୋଇ ଇଂରେଜ ସରକାରଙ୍କୁ ଆମର ଅନଶନ,

ଯତୀନ୍ଦ୍ରନାଥଙ୍କର ମୃତ୍ୟୁ, ଦାବୀ ଗୁଡ଼ିକୁ ଅନୁଧ୍ୟାନକରିବା ପାଇଁ ଜେଲ୍ କମିଟି ଏକ ସୁପାରିଶପତ୍ର ପଠାଇଥିଲେ । ସେଦିନ ମୁଁ ଭାରିଖୁସି ହୋଇଥିଲି, ଆମର ନିରବଛିନ୍ନ ଆନ୍ଦୋଳନ ଶେଷରେ ଇଂରେଜ ସରକାରଙ୍କୁ ବାଧ୍ୟ କରିଥିଲା ପରିବର୍ତ୍ତନ କରିବାପାଇଁ । ଅକ୍ଟୋବର ୫, ୧୯୨୯ ତାରିଖରେ ଆମର ଅସାଧାରଣ ଐତିହାସିକ ଅମରଣ ଅନଶନ ଭଙ୍ଗ କରିବାପାଇଁ ନିଷ୍ପତ୍ତି ନେଇଥିଲୁ । ଆମର ଅମରଣ ଅନଶନ ୧୧୪ ଦିନ ଧରି ଚାଲିଥିଲା । ଏହି ଜେଲ୍ ସଂସ୍କାର ଆନ୍ଦୋଳନ ଭାରତୀୟ ଇତିହାସର ସର୍ବଶ୍ରେଷ୍ଠ ସର୍ବାଧିକ ଦିନ ପର୍ଯ୍ୟନ୍ତ ଚାଲିଥିଲା । ଆମକୁ ଜେଲ୍ କର୍ତ୍ତୃପକ୍ଷ ଫଳରସ ଦେଇ ଅନଶନ ଭାଙ୍ଗିବାକୁ ଚାହିଁଲାବେଳେ ମୁଁ ତାଙ୍କୁ ଡାଲି, ରୁଟି ଦେବାକୁ କହିଥିଲି । ଡ଼ାକ୍ତର ଆମର ସ୍ୱାସ୍ଥ୍ୟ ଅବସ୍ଥା ଦୃଷ୍ଟିରୁ ତରଳ ଖାଦ୍ୟ ପାଇଁ ଗୁରୁତ୍ୱ ଦେଲାବେଳେ ମୁଁ ଡାଲିରୁଟି ଖାଇବା ଉପରେ ଜୋର୍ ଦେଇଥିଲି । ଶେଷରେ ମୋ ଜିଦ୍ ଆଗରେ ଜେଲ୍ କର୍ତ୍ତୃପକ୍ଷ ବିବଶ ହୋଇ ଆମମାନଙ୍କୁ ଡାଲି ଓ ରୁଟି ଖାଇବାକୁ ଦେଇ ଅନଶନ ଭଙ୍ଗ କରିଥିଲେ ।

ଆମର ଆଦର୍ଶ, ଦଳ ତଥା ଆମମାନଙ୍କ ପ୍ରତି ବିଶ୍ୱାସଘାତକତା କରି ଇଂରେଜ ସରକାର ଆମ ବିରୁଦ୍ଧରେ କୋର୍ଟରେ ବୟାନ ଦେଇଥିଲେ । ମୁଁ ଅଦାଲତକୁ ଏକ ପ୍ଲାଟଫର୍ମ ଭାବରେ ଗ୍ରହଣ କରିଦେଇଥିଲି । ମୁଁ ମୋର ସାଥୀମାନେ ଭଲରୂପେ ଜାଣିସାରିଥିଲୁ ଏସବୁ କପୋଳକଳ୍ପିତ ମକଦ୍ଦମା ଗୁଡ଼ିକର ଭାଗ୍ୟ ଶେଷରେ କ'ଣ ହେବ । ଫାଶୀ, ଆଜୀବନ କାରାବାସ ହେବା ତ ନିହାତି ନିଶ୍ଚିତ ହୋଇ ଯାଇଥିଲା । ଆମର କାର୍ଯ୍ୟ ଓ ଚିନ୍ତାଧାରା ର ସ୍ଫୁଟନ ଯେପରି ଆହୁରି ସ୍ପଷ୍ଟ ଶକ୍ତିଶାଳୀ ଭାବରେ ଅଦାଲତରେ ପ୍ରକାଶିତ ହୋଇପାରିବ ସେଥିପାଇଁ ଆମେ ସବୁ ପ୍ରକାର ଉଦ୍ୟମ କରୁଥିଲୁ । ମକଦ୍ଦମାର ଶୁଣାଣି ଓ ତାର ଫଳାଫଳ ପ୍ରତି କୌଣସି ଆଗ୍ରହ ନଥିଲା କି ଗୁରୁତ୍ୱ ମଧ୍ୟ ଦେଉନଥିଲୁ । କିନ୍ତୁ ମାଜିଷ୍ଟ୍ରେଟ୍‌ଙ୍କୁ ଆମର ଲଢ଼େଇ, ରାଜନୈତିକ ଆଦର୍ଶ, ମାନବୀୟ ବ୍ୟବହାର ଦୃଷ୍ଟିକୋଣ ସମ୍ପର୍କରେ ବିଶଦଭାବରେ ବୁଝାଇବାର ଟିକିଏ ହେଲେ ସୁଯୋଗ ହାତଛଡ଼ା କରୁନଥିଲୁ ।

ଆମକୁ ଯେତେବେଳେ ଅଦାଲତର କୋଠରୀ ଭିତରକୁ ନିଆଯାଉଥିଲା ସେତେବେଳେ ଆମର ପ୍ରଧାନ ସ୍ଲୋଗାନ୍ ଉଚ୍ଚ କଣ୍ଠରେ କହୁଥିଲୁ 'Longlive Revolution' 'ବିପ୍ଳବ ଦୀର୍ଘଜୀବୀ ହେଉ', Downwith Imperialism ସାମ୍ରାଜ୍ୟବାଦର ପତନ ହେଉ । ଆମର ପ୍ରିୟ ଦେଶାତ୍ମବୋଧକ ଗୀତ ଗାଉଥିଲୁ'', ସରଫରୋଶି କି ତମନ୍ନା ଅବ ହମାରେ ଦିଲ୍ ମେ ହେ / ଓ୍ୱକ୍ତ ଆନେ ଦେ / ବତାଦେଙ୍ଗେ ତୁଝେ ଓୟେ ଆସ୍‌ମାନ୍ / ହମ୍ ଅଭି ସେ କ୍ୟୁଁ ବତାଏଁ କ୍ୟା ହମାରେ

ଦିଲ୍‌ମେ ହେ । ଓୟେ ! ଶହୀଦ ମୁଲ୍‌କୋ ମିଲତ୍, ମେଁ ତେରେ ଉପର ନିସାର୍ / ଅବମେରୀ ହିମ୍ମତ କି ଚର୍ଚ୍ଚା ଗୈର୍ କି ମେହଫିଲ୍ ମେ ହେ / ସର୍‌ଫରୋଶି କି ତମନ୍ନା ଅବ ହମାରେ ଦିଲ୍‌ମେହେ ।'' ତା'ପରେ ଆମର ଆଉ ଏକ ମୁଖ୍ୟ ସ୍ଲୋଗାନ୍ 'ଇନ୍‌କିଲାବ୍ ଜିନ୍ଦାବାଦ' ଦେଉଥିଲୁ ।

ଅନେକ ସମୟରେ ମୁଁ ଲକ୍ଷ୍ୟ କରୁଥିଲି ମାଜିଷ୍ଟ୍ରେଟ୍ କୃଷ୍ଣବର୍ମା ଅସହାୟ ହୋଇ ଚେୟାର୍ ଉପରେ ବସୁଥିଲେ ଓ ଆମକୁ ଦେଖୁଥିଲେ । ମୁଁ ଭଲରୂପେ ଜାଣିଥିଲି ଏସବୁ ଇଂରେଜ ସରକାରଙ୍କର ଚାଲ୍‌ବାଜି, ଦେଖାଣିଆ ବ୍ୟବହାର । ଆମର ଦଳର ଆଦର୍ଶ ଆମର ସଂକଳ୍ପ, ମୂଲ୍ୟବୋଧକୁ ସମ୍ପୂର୍ଣ୍ଣରୂପରେ ଧୂଳିସାତ୍ କରିଦେଇ ଆମକୁ ଲୋକଙ୍କ ଦୃଷ୍ଟିରେ କେବଳ ଏକ ଆତଙ୍କ ସୃଷ୍ଟିକାରୀର ଚେହେରାକୁ ପ୍ରମାଣିତ କରିବାକୁ ସବୁପ୍ରକାର ଉଦ୍ୟମ ସରକାର କରିଥିଲେ । ସେଥିପାଇଁ ମୁଁ ଏବଂ ମୋର ସାଥୀମାନେ ନିଶ୍ଚୟ କରିଥିଲୁ ଯେ ଅଦାଲତର ଗୃହରେ ଆମେ ଆମର କାର୍ଯ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସବୁପ୍ରକାର ସ୍ଲୋଗାନବାଜି କରିବୁ ଏବଂ ସରକାରଙ୍କୁ କଠୋର ସମାଲୋଚନା କରିବୁ । ଅନେକ ପ୍ରକାର ସାକ୍ଷୀଙ୍କୁ ମଧ୍ୟ ଆମ ବିରୁଦ୍ଧରେ ସାକ୍ଷ୍ୟ ପ୍ରଦାନ ପାଇଁ ବାଧ୍ୟ କରାହୋଇଥିଲା ।

ଆମ ସପକ୍ଷରେ ଜନମତ ଦିନକୁ ଦିନ ଦୃଢ଼ ହେବାକୁ ଲାଗିଲା । ଲୋକମାନେ ଅଦାଲତକୁ ବହୁସଂଖ୍ୟାରେ ଆସୁଥିଲେ ଆମର ଶୁଣାଣି ଶୁଣିବାପାଇଁ ଆମ ଦଳର ସଦସ୍ୟ ଓ ଆମର ବନ୍ଧୁ ଫଣୀନ୍ଦ୍ରନାଥ ଘୋଷ ଆମ ବିରୁଦ୍ଧରେ ସାକ୍ଷ୍ୟ ଦେବାପାଇଁ କାଠଗଡ଼ାରେ ଠିଆ ହେଲାବେଳେ ସାଥୀ ଶିବବର୍ମା ତାକୁ ଚତୁରତାର ସହିତ ବୋମା ତିଆରି ଫର୍ମୁଲା ବିଷୟରେ କହିଲାକ୍ଷଣି ଫଣୀନ୍ଦ୍ର ନାଥ ତରବରରେ ସମ୍ପୂର୍ଣ୍ଣ ବୋମା ତିଆରି ଫର୍ମୁଲା କହିପକାଇଲା । ଇଂରେଜ ସରକାର କିଭଳି ନିର୍ଦ୍ଦୋଷ ଭାବରେ ଆମର କ୍ରାନ୍ତିକାରୀ ଯୁବସାଥୀମାନଙ୍କୁ ହଇରାଣ କରୁଥିଲେ ତାହାର ଏସବୁ ଗୋଟେ ଗୋଟେ ଛୋଟ ଉଦାହରଣ ଥିଲା ।

ଦିନେ କୋର୍ଟ ଶୁଣାଣି ସମୟରେ ଆମେ ପୂର୍ବଭଳି ବେପରୁଆ ଢଙ୍ଗରେ ଅଦାଲତ କକ୍ଷରେ ଥିଲାବେଳେ ସାକ୍ଷୀ କାଠଗଡାରେ ଆମର ପୂର୍ବତନ ସାଥୀ ଓ ସମର୍ଥକ ଜୟଗୋପାଳକୁ ଦେଖି ସମସ୍ତଙ୍କର କ୍ରୋଧ ଫାଟି ପଡିଲା । ସେ ସୌଣ୍ଡର୍ସ ହତ୍ୟା ମାମଲାରେ ମଧ୍ୟ ଜଡିତଥିଲା । ଅଥଚ ସେହି ଏକା ଜୟଗୋପାଳ ଆମ ବନ୍ଧୁମାନଙ୍କ ବିରୁଦ୍ଧରେ ସାକ୍ଷ୍ୟ ଦେବାକୁ ଆସିଲା । ଜୟଗୋପାଳ ଆଖିରେ ସେଦିନ ମୁଁ ଦେଖିଥିଲି ଆମପ୍ରତି ଭୀଷଣ ଅବଜ୍ଞା ଓ ହେୟ ଭାବନା । ଏମିତି ହିଁ ହୁଏ ଜଣେ

ଜଣେ ଗୃହଶତ୍ରୁଙ୍କ ପାଇଁ ଶକ୍ତିଶାଳୀ ସଂଗଠନ କ୍ଷତିଗ୍ରସ୍ତ ହୋଇଥାଏ । ଆମ ଦଳର ସର୍ବକନିଷ୍ଠ ସଦସ୍ୟ ପ୍ରେମଦତ୍ତ ଜୟଗୋପାଳର ଏଭଳି ବିଶ୍ୱାସଘାତକତା ଆଦୌ ସହି ପାରିଲା ନାହିଁ, ସେ ତା'ର ଚପଲ କାଢ଼ି ତା'ଉପରକୁ ଖୁବ୍ ଜୋର୍‌ରେ ଫିଙ୍ଗି ଦେଲା ।

କୋର୍ଟ ପରିସର ଭିତରେ ହଇଚଇ ସୃଷ୍ଟି ହୋଇଗଲା । ମାଜିଷ୍ଟ୍ରେଟ୍ ଆମମାନଙ୍କ ହାତରେ ହାତକଡା ଲଗାଇବା ପାଇଁ ଆଦେଶ ଦେଲେ । ସେଦିନ କୋର୍ଟ କାର୍ଯ୍ୟ ସ୍ଥଗିତ ରହିଲା ।

ତା'ପର ଦିନ ମୁଁ ସମସ୍ତଙ୍କୁ କହିଲି, ''ଆମେ କେହିହେଲେ କୋର୍ଟକୁ ଯିବାନାହିଁ । ହାତକଡ଼ି ନ ଖୋଲିଲେ ଅଦାଲତର କୌଣସି କଥା ଶୁଣିବା ନାହିଁ ।'' ସମସ୍ତେ ରାଜି ହୋଇଗଲେ । ପୋଲିସ୍ ଜେଲ୍‌କୁ ଆସି ଆମ ଉପରେ ପ୍ରବଳ ବଳପ୍ରୟୋଗ କରି ଟାଣି ଟାଣି ନେବାକୁ ଚାହିଁଲା । ଆମେ ସମସ୍ତେ ପ୍ରଚଣ୍ଡ ବିରୋଧକଲୁ । ବହୁତ ଧସ୍ତାଧସ୍ତି, ମୁଥମରାମରି ପରେ ପୋଲିସ୍ ମାତ୍ର ପାଞ୍ଚଜଣଙ୍କୁ ଆମ ଭିତରୁ ନେବାପାଇଁ ସକ୍ଷମ ହେଲା । ପୋଲିସ୍ ଭ୍ୟାନ୍ ଯେତେବେଳେ ଅଦାଲତ ନିକଟରେ ପହଞ୍ଚିଲା ସେହି ପାଞ୍ଚଜଣ ମଧ୍ୟ ତଳକୁ ଓହ୍ଲାଇଲେ ନାହିଁ । ପୋଲିସ୍ ଯେତେ ବଳ ପ୍ରୟୋଗ କଲେ ମଧ୍ୟ ସେମାନଙ୍କୁ ତଳକୁ ଓହ୍ଲାଇପାରିଲା ନାହିଁ । ଶେଷକୁ ଏମିତି ହେଲା ଯେ ସେଦିନ ଅଦାଲତ କାର୍ଯ୍ୟ ଆଉ ହୋଇପାରିଲା ନାହିଁ । ସ୍ଥଗିତ ରହିଲା ।

ପୁଣି ତା'ପରଦିନ ଜେଲ୍‌ର ଅଧିକାରୀମାନେ ଆମ ଆଗରେ ପ୍ରତିଜ୍ଞା କରି କହିଥିଲେ ଆମର ହାତକଡ଼ି ଅଦାଲତର କକ୍ଷ ଭିତରକୁ ପ୍ରବେଶକଲା କ୍ଷଣି ଖୋଲିଦିଆଯିବ । ପୋଲିସକୁ ସେମାନେ କହିଥିଲେ କିନ୍ତୁ ଆମେ ଯେତେବେଳେ କୋର୍ଟ ଭିତରକୁ ପ୍ରବେଶକଲୁ ପୋଲିସ୍ ତା'କଥା ରଖିଲା ନାହିଁ । ଆମର ହାତରୁ ହାତକଡ଼ି କାଢ଼ିଲା ନାହିଁ । ମଧ୍ୟାହ୍ନ ଭୋଜନ ବିରତି ସମୟରେ ମୁଁ ପୋଲିସ୍ ଅଧିକାରୀଙ୍କୁ କହିଲି, ''ହେ ବନ୍ଧୁ । ଅନ୍ତତଃ ଆମକୁ ଆମର ଭୋଜନ ପାଇଁ ତ ହାତକଡିଟା ହେଲେ ଖୋଲିଦିଅ ।''

ପୋଲିସ୍ ଆମହାତରୁ ହାତକଡ଼ି ଖୋଲି ଦେଲେ । ଆମେ ଖାଇ ସାରିଲାପରେ କିନ୍ତୁ ହାତକଡ଼ି ପିନ୍ଧିବାକୁ ରାଜି ହେଲୁନାହିଁ । ଏକଥା ମାଜିଷ୍ଟ୍ରେଟ୍‌ଙ୍କୁ ଆହୁରି ରଗାଇ ଦେଲା । ସେ ପୋଲିସ୍‌କୁ ଆଦେଶ ଦେଲେ ଆମକୁ ପିଟିବା ପାଇଁ । ପୋଲିସ୍ ଅତ୍ୟନ୍ତନିର୍ଦ୍ଦୟ ଭାବରେ ଅଦାଲତ କକ୍ଷ ଭିତରେ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ଆମକୁ ବାଡ଼େଇ ଚାଲିଲେ । ମୋ ଉପରକୁ ଏକା ସାଙ୍ଗରେ ଆଠଜଣ ପଠାଣ କନେଷ୍ଟବଲ୍

ଡେଇଁ ପଡ଼ିଲେ । ମୋତେ ଓ ମୋର ସାଥୀମାନଙ୍କୁ ପ୍ରବଳ ମାଡ ଦିଆଗଲା । ଲହୁଲୁହାଣ କରିଦିଆଗଲା । ମୁଁ ଶକ୍ତିଶାଳୀ ଆକ୍ରମଣର ମୁକାବିଲାକଲି । ଏପରିକି ମତେ ଜେଲ୍‌କୁ ନିଆଯାଇ ମଧ୍ୟ ସେଠାରେ ନିଷ୍ଠୁର ଭାବରେ ମାଡ ଦିଆଗଲା । ଦେହ ମୁହଁ ଗୋଡହାତ କେଉଁ ଜାଗା ଅକ୍ଷତ ରହିନଥିଲା । ଶାରୀରିକ ଯନ୍ତ୍ରଣାରେ ଦେହ ଜଡସଡ଼ ହେଲାବେଳକୁ ମାନସିକ ଦୁଃଖ ତାକୁ ଆହୁରି ନିର୍ମମ ବ୍ୟାକୁଳ କରି ଦେଉଥିଲା । ବିଦେଶୀ ଅତ୍ୟାଚାର, ପରାଧୀନତାର ଶୃଙ୍ଖଳ, ବିଚାର ନ୍ୟାୟ ନାମରେ ବିଶ୍ୱାସଘାତକତା, ଛୁରୀକାଘାତ ମତେ ସେଦିନ ଆନ୍ତରିକ ଭାବରେ କଲବଲ କରି ଦେଉଥିଲା । ନିରବଚ୍ଛିନ୍ନ ଭାବରେ ଦେଶପାଇଁ ମାତୃଭୂମି ପାଇଁ ଲଢ଼େଇ କରିବା ଭିତରେ ଜେଲ୍‌ରେ ଯେଉଁ ଅକଥନୀୟ ଅମାନବୀୟ ଦୈହିକ ପୀଡା ଆମେ ଭୋଗୁଥିଲୁ, ତାହା ମତେ ଆହୁରି ଜିଦ୍‌ଖୋର ଓ ଦୃଢ଼ କରିଦେଉଥିଲା ନିଜର ଲକ୍ଷ୍ୟ ହାସଲ ପାଇଁ ମାତୃଭୂମିକୁ ପରାଧୀନତାରୁ ମୁକ୍ତ କରିବାପାଇଁ ଆମେ ଯାହା କଷ୍ଟ ହେଲେ ମଧ୍ୟ ତାହାକୁ ସ୍ୱୀକାର କରିଥିଲୁ । ଯେ କୌଣସି ପ୍ରତିବନ୍ଧକ ଓ ଦୁର୍ଦ୍ଦିନକୁ ଅତିକ୍ରମ କରିଯିବାର ଲକ୍ଷ୍ୟସ୍ଥିର କରି ପାରିଥିଲୁ ।

ବେଢ଼ି ଉପରେ କୋରଡା ମାଡ଼ଭଳି ଆମ ଉପରେ ପୋଲିସ୍‌ର ନିର୍ମମ ଅତ୍ୟାଚାର ସତ୍ତ୍ୱେ ପୋଲିସ୍ ଆମ ବିରୁଦ୍ଧରେ ଅଦାଲତ ଅବମାନନା କେଶ୍ ମଧ୍ୟକଲା । ଏପରିକି ଆମକୁ ପୋଲିସ୍ ମାରିଦେବାର ଷଡଯନ୍ତ୍ର ମଧ୍ୟ କଲା, ଅଦାଲତରେ ହାଜର କରାଇ ନ ଦେବାର ସମସ୍ତ ଉଦ୍ୟମ ସହିତ । ଆମଉପରେ ପୋଲିସ୍‌ର ଅମାନୁଷିକ ଅତ୍ୟାଚାର, ମାଜିଷ୍ଟ୍ରେଟ୍‌ଙ୍କର ନିଷ୍ଠୁର ଆଚରଣ ଏସବୁ ବିଜୁଳିବେଗରେ ସମଗ୍ର ଦେଶରେ ଖେଳିଗଲା । ଜନତାଙ୍କ ମନରେ ପୋଲିସ୍‌ର ଏତାଦୃଶ ମାତ୍ରାଧିକ କାର୍ଯ୍ୟକଳାପ ବିରୁଦ୍ଧରେ ପ୍ରବଳ ପ୍ରତିବାଦର ସ୍ୱର ସୃଷ୍ଟିହେଲା । ପ୍ରତ୍ୟେକ ଖବରକାଗଜର ମୁଖ୍ୟାଂଶରେ ଏହି ସମ୍ବାଦ ପ୍ରକାଶିତ ହେଲା । ସାରା ଦେଶ ସୌଣ୍ଡର୍ସ ହତ୍ୟାରେ ଅଭିଯୁକ୍ତ ଆମମାନଙ୍କ ପାଇଁ ବ୍ୟାକୁଳ ହୋଇଉଠିଲା । ପୋଲିସ୍‌ର ଅତ୍ୟାଚାର ସମସ୍ତ ଜନମାନସକୁ ଥରାଇଦେଲା । ଜନତାର ପ୍ରବଳ ପ୍ରତିବାଦ ପାଇଁ ଇଂରେଜ ସରକାର ବାଧ୍ୟ ହେଲେ, ପୁର୍ନବାର ସୌଣ୍ଡର୍ସ କେଶ୍‌ର ବିଚାରଣା ପାଇଁ ଫାଇଲ୍ ଖୋଲିଲା ।

ଆମ ସପକ୍ଷରେ କହିବାପାଇଁ ମହାନ୍ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ସୁଭାଷଚନ୍ଦ୍ର ବୋଷ, ବାବା ଗୁରୁଦତ୍ତ ସିଂହ, କେ:ଏଲ୍ ନରିମ୍ୟାନ, ରଫି ଅହମ୍ମଦ କିଦଓ୍ୱାଇ ଏବଂ ମୋହନଲାଲ ସାକ୍‌ସେନା ପ୍ରମୁଖ ଅଦାଲତରେ ହାଜିର ହୋଇଥିଲେ । ଇଂରେଜ ସରକାରର ଆମକୁ ନିଶ୍ଚିହ୍ନ କରିଦେବାର ସମସ୍ତ ଯୋଜନା ପଣ୍ଡ ହୋଇଯାଇଥିଲା ।

ଆମକୁ ପ୍ରତିହତ କରିବାର ସମସ୍ତ କୌଶଳ ଗୋଟିକପରେ ଗୋଟିଏ ସରକାର ହାତରୁ ଖସିଯାଉଥିଲା । ମୁଁ ମନେମନେ ଖୁସିହେଉଥିଲି । ସମସ୍ତ ଝଡଝଞ୍ଜାଭିତରେ, ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଆମେ ନୈତିକ ଦୃଷ୍ଟିରୁ ଇଂରେଜ ସରକାରକୁ କ୍ରମଶଃ ଦୁର୍ବଳ କରିଦେଉଥିଲୁ । ଜେଲ୍‌ର ଚାରିକାନ୍ଥ ମୋ ବିପ୍ଳବୀ ଜୀବନର ଯେମିତି ମୁଖ୍ୟ ଗବେଷଣାଗାରରେ ପରିଣତ ହୋଇଥିଲା । ମୋର ଅସରନ୍ତି ପଠନ ଜିଜ୍ଞାସାକୁ ଦୁରନ୍ତ ସଂଗ୍ରାମୀ ଚିନ୍ତନକୁ ନୂତନ ଅଭିଜ୍ଞତା, ସଂକଳ୍ପରେ ଆହୁରି ପରିଶୀଳିତ କରିଦେଉଥିଲା । ସର୍ବଦା ମୋ ପାଖରେ ଥିବା ନୋଟ୍‌ବୁକ୍‌ରେ ମୁଁ ଯେଉଁ ମହାନ୍ ସାହିତ୍ୟ, ଇତିହାସ, ଭୂଗୋଳ, ଦର୍ଶନ, ଅର୍ଥନୀତି, ରାଜନୀତି ପଢୁଥିଲି ତା'ର ବିଶେଷ ବକ୍ତବ୍ୟ ଗୁଡ଼ିକୁ ଲେଖୁଥିଲି । ଜେଲ୍‌ରେ ହିଁ ମୁଁ ଲେଖିଥିଲି କାହିଁକି ମୁଁ ଜଣେ ନାସ୍ତିକ', ମୋର ପ୍ରିୟବନ୍ଧୁ ଏଲ୍:ରାମଶରଣ ଦାସଙ୍କର ଇଂରେଜ କବିତା "The Dreamland" ପାଇଁ ଏକ ମୁଖବନ୍ଧ। ମୁଁ ନିଜେ କବିତା ଲେଖି ନ ପାରିଲେ ମଧ୍ୟ ମୋର କବିତା ପ୍ରତି ଗଭୀର ଆକର୍ଷଣ ଥିଲା ।

ଏହା ପୂର୍ବରୁ ମୁଁ କାନପୁରରେ ଥିଲାବେଳେ ''ପ୍ରତାପ'' ସମ୍ବାଦପତ୍ରରେ ନିୟମିତ ବିପ୍ଳବୀଲେଖା ଗୁଡ଼ିକ ହିନ୍ଦୀରେ ଲେଖୁଥିଲି । 'ପ୍ରତାପ' ର ସମ୍ପାଦକ ଗଣେଷଶଙ୍କର ବିଦ୍ୟାର୍ଥୀ ମୋର ଘନିଷ୍ଠ ବନ୍ଧୁଥିଲେ । ମୁଁ ଛଦ୍ମନାମ 'ବଲବନ୍ତ' ନାମରେ ଲେଖୁଥିଲି । ଏହା ସହିତ 'କୀର୍ତ୍ତି' ନାମକ ପଞ୍ଜାବୀ ପତ୍ରିକାରେ ମୁଁ ନିୟମିତ ଲେଖା ଲେଖୁଥିଲି । 'ସାମ୍ପ୍ରଦାୟିକତା ଓ ତାହାର ସମାଧାନ', ଅସ୍ପୃଶ୍ୟ ସମସ୍ୟା, 'ଧର୍ମ ଏବଂ ଆମର ସ୍ୱାଧୀନତା ସଂଗ୍ରାମ', ଇତ୍ୟାଦି ପ୍ରବନ୍ଧ ବେଶ୍ ପ୍ରଭାବଶାଳୀ ଥିଲା ।

ମତେ ପିଲାଦିନୁ ଋଷିଆର କ୍ରାନ୍ତିଆନ୍ଦୋଳନ ବିଶେଷ ଭାବରେ ପ୍ରଭାବିତ କରିଥିଲା । କାର୍ଲ ମାକ୍ସଙ୍କର ମେହେନତି ଶ୍ରମିକମାନଙ୍କ ପାଇଁ ଦରଦ, ଶ୍ରେଣୀ ସଂଘର୍ଷ ପୁଞ୍ଜିପତିମାନଙ୍କର ଶୋଷଣକୁ ସମ୍ପୂର୍ଣ୍ଣ ବହିଷ୍କାର କରି ଏକ ସମଅର୍ଥନୀତି, ସମବଣ୍ଟନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ ମତେ ବେଶି ଉତ୍ସାହିତ କରିଦେଇଥିଲା । ଧର୍ମକୁ ବହିଷ୍କାର ମଧ୍ୟ ଏକ ବିଶେଷ ଘଟଣା ଥିଲା ।

Karl Marx on Religion

Man makes religion; religion does not make man. Religion, does indeed, is the Self-conscionsness and self-feeling of man who either has not yet found himself, or else (have found himself) has lost himself once more. But man is not an abstract

being squatting down somewhere outside the world. Man is the world of men, the state, society. This State, this society, produces religion, produces a perverted world consciousness, because they are a perverted world. Religion is the generalised theory of this world, its encyclopaedic compend its logic in a popular form.... The fight against religion is, therefore, a direct campaign against the world whose spiritual aroma is religion.

Religions the sight of oppressed creature, the feelings of a heartless world just as it is the spirit of unspiritual conditions. It is the opium of the people.

The people cannot be really happy until it has been deprived of illusory happiness by the abolition of religion. The demand that the people should shake itself free of illusion as to its own condition is the demand that it should abandon a condition which needs illusion.

The weapon of criticism cannot replace the criticism of *weapons. Physical force must be overthrown by physical force;* but theory, too, becomes a physical force as soon as it takes possession of the masses.

ଧର୍ମ ଲୋକମାନଙ୍କର ଅଫିମ ନିଶାଭଳି କାମ କରିଥାଏ । ଧର୍ମ ନାମରେ ଏକ ମାୟାଚ୍ଛନ୍ନ ସୁଖ ଲାଳସାରେ ଲୋକମାନେ ବ୍ୟାକୁଳ ହୁଅନ୍ତି । ସେଥିପାଇଁ ଧର୍ମର ନିଶାଖୁଆଇ ଦେଇ ଲୋକମାନଙ୍କୁ ଦମନକରିବା ସହଜ ହୋଇଥାଏ । ମାର୍କ୍ସଙ୍କର ଏହି ବୈପ୍ଳବିକ ସିଦ୍ଧାନ୍ତ ମୋ ମନରେ ଧର୍ମପ୍ରତି ଥିବା ଧାରଣାକୁ ସମ୍ପୂର୍ଣ୍ଣ ଓଲଟାଇ ଦେଲା । ସମାଜର ଦଳିତ ଶୋଷିତ ବର୍ଗଙ୍କର ବାସ୍ତବ ଅବସ୍ଥାକୁ ସମ୍ପୂର୍ଣ୍ଣ ଏକପାଖିଆ କରିଦେଇ ଧର୍ମର ଆବେଗିକ ନରମ ଆବରଣକୁ ଘୋଡ଼େଇ ଦେଇ ଶୋଷକ ଗୋଷ୍ଠୀ ଫାଇଦା ମାରିନିଅନ୍ତି । ସେଥିପାଇଁ ବୈଷମ୍ୟପୂର୍ଣ୍ଣ ସମାଜ ବ୍ୟବସ୍ଥା ପ୍ରତି ମୋର ଏକ ଆକଣ୍ଠ ଘୃଣା ରହି ଆସିଥିଲା । ସେହି ବିଚାରର ଧାରା ଆହୁରି ଶାଣିତ ଅଭ୍ରାନ୍ତ ଓ ଶକ୍ତିଶାଳୀ ହେଲା ଯେତେବେଳେ ମୁଁ ବିଶ୍ୱର ପ୍ରସିଦ୍ଧ ଲେଖକମାନଙ୍କର ଲେଖାଗୁଡ଼ିକୁ

ପଢ଼ିଲି, ସେତେବେଳେ ମୋର ଚେତନାକୁ ଏକ ଝଲସୁଥିବା ଉଜ୍ଜ୍ୱଳ ମୁକ୍ତାର ଆଲୋକ ପ୍ଲାବିତ କରିଦେଲା । ମୋ ଦେଶର ଜାତୀୟବାଦୀ ଆନ୍ଦୋଳନ, ବିଭିନ୍ନ ସମୟରେ ଦେଶର ଆନ୍ଦୋଳନ ସମୟରେ ପଞ୍ଜାବର ଯୋଗଦାନ, କୁକା ବିଦ୍ରୋହ, ଗଦର ଆନ୍ଦୋଳନ, ସ୍ୱାଧୀନତା ଆନ୍ଦୋଳନରେ ବଙ୍ଗଳା କ୍ରାନ୍ତିକାରୀଙ୍କର ପ୍ରମୁଖ ଭୂମିକା, ଗାନ୍ଧିଜୀଙ୍କର ଅହିଂସା ଆନ୍ଦୋଳନ, ସତ୍ୟାଗ୍ରହ ଅନଶନ, ଅସହଯୋଗ ଆନ୍ଦୋଳନ, ଟ୍ରେଡ୍ ୟୁନିୟନ ଆନ୍ଦୋଳନ, ଧର୍ମ ଓ ସ୍ୱତନ୍ତ୍ରତା ଆନ୍ଦୋଳନ, ବର୍ଦ୍ଦୋଳି ସତ୍ୟାଗ୍ରହ, ଆମର ରାଜନୈତିକ ଦଳ 'ହିନ୍ଦୁସ୍ଥାନ ସୋସିଆଲିଷ୍ଟ ରିପବ୍ଲିକ୍ ଏସୋସିଏସନ'ର ଘୋଷଣା, ଲକ୍ଷ୍ୟ, ଆଦର୍ଶ, ଭାରତୀୟ କ୍ରାନ୍ତିକାରୀ ଆନ୍ଦୋଳନର ପ୍ରଭାବ, କାକୋରୀ ବୀରମାନଙ୍କର ଆତ୍ମବଳିଦାନ, କାକୋରୀର ପ୍ରସିଦ୍ଧ ଶହୀଦମାନଙ୍କ ମଧ୍ୟରେ ରାଜେନ୍ଦ୍ରନାଥ ଲାହିଡି, ରୋଶନସିଂହ, ଆଶଫାକ୍ ଉଲ୍ଲା, ରାମପ୍ରସାଦ ବିସ୍‌ମିଲ୍ ପ୍ରମୁଖ, ସୁଫୀ ଅମ୍ବାପ୍ରସାଦ, ଶ୍ରୀବଳବନ୍ତ ସିଂହ, ଶହୀଦ କର୍ତ୍ତାର ସିଂହ ସରାଭା, ମଦନଲାଲ ଢ଼ିଙ୍ଗୋରା, ଭାଇବାଲମୁକୁନ୍ଦଜୀ, ଅମିରଚନ୍ଦଜୀ, ଅବଧବିହାରୀ, ଖୁଦିରାମବୋଷ, ପଞ୍ଜାବର ଅକାଳି ଆନ୍ଦୋଳନ ପ୍ରଭୃତି ମତେ ଖୁବ୍ ଗଭୀର ଭାବରେ ଅନୁପ୍ରାଣିତ କରିଥିଲା ।

'କୀର୍ତ୍ତି' ପଞ୍ଜାବୀ ପତ୍ରିକାରେ ମୁଁ ନିୟମିତ ଭାବରେ ଛଦ୍ମନାମ 'ବିଦ୍ରୋହୀ' ଛଦ୍ମନାମରେ ଉପରୋକ୍ତ ମହାନ୍ ଶହୀଦମାନଙ୍କର ଜୀବନ ବୃତ୍ତାନ୍ତ ସମ୍ପର୍କରେ ବିସ୍ତୃତ ଭାବରେ ଲେଖିଥିଲି । ମୋର ପ୍ରିୟ ସାଥୀ ଭଗବତୀ ଚରଣ ଭୋରାଙ୍କର ମଧ୍ୟ ଲେଖାଗୁଡ଼ିକ 'କୀର୍ତ୍ତି' ପତ୍ରିକାରେ ପ୍ରକାଶିତ ହେଉଥିଲା । ମୋର ଅତି ପ୍ରିୟ ଥିଲେ କର୍ତ୍ତାର ସିଂହ ସରାଭା ଓ ଶଚିନ୍ଦ୍ର ନାଥ ସାନ୍ୟାଲ । ସର୍ଦ୍ଦାର କର୍ତ୍ତାର ସିଂହଙ୍କର ଅଭୂତପୂର୍ବ ଉତ୍ସର୍ଗ ମାତ୍ର ଉଣେଇଶ ବର୍ଷ ବୟସରେ ସ୍ୱାଧୀନତାର ବଳି ବେଦୀରେ ଉତ୍ସର୍ଗିକୃତ ହୋଇଯାଇଥିଲା । ଝଡଭଳି ସେ ସଂସାରକୁ ଆସିଲେ ଅଗ୍ନିଭଳି ପ୍ରଜ୍ୱଳିତ ହୋଇ ସମସ୍ତଙ୍କ ହୃଦୟରେ ଦେଶପ୍ରେମର ବହ୍ନି ଜାଳିଥିଲେ । ତାଙ୍କର ଫଟୋ ସବୁବେଳେ ମୋର ଛାତି ପକେଟ୍‌ରେ ରହୁଥିଲା । ସେ ମୋର ଗୁରୁ, ମୋର ଭାଇ, ମୋର ପ୍ରେରଣାର ସ୍ରୋତଥିଲେ । ଯାହାଙ୍କୁ ପ୍ରକୃତଅର୍ଥରେ ଜଣେ ବିଦ୍ରୋହୀ ବିପ୍ଳବୀ ବୋଲି କହିବାବେଶି ଯଥାର୍ଥ ହେବ । ତାଙ୍କର ପ୍ରତି ରୋମରୋମ କ୍ରାନ୍ତି ବିପ୍ଳବର ଚରମ ଉତ୍କର୍ଷରେ ଆଦର୍ଶରେ ମହିମାନ୍ୱିତ ହୋଇଯାଇଥିଲା । ପଞ୍ଜାବର ଲୁଧିଆନା ଜିଲ୍ଲାରେ ସରାଭାଙ୍କ ଜନ୍ମ । ସେ ବିଦ୍ୟାଳୟ ମହାବିଦ୍ୟାଳୟ ଶିକ୍ଷାଭିତରେ ବିଶ୍ୱ ସାହିତ୍ୟ, ରାଜନୀତି, ଇତିହାସ, ବିପ୍ଳବ, ସମାଜବାଦସବୁ ବିଷୟ ପଢ଼ିବାରେ ଅତ୍ୟନ୍ତ

ଆଗ୍ରହୀଥିଲେ । ସେ ଆମେରିକା ଯାଇଥିଲେ । ସ୍ୱାଧୀନ ଦେଶରେ ପହଞ୍ଚି ଗୋରା ଆମେରିକାନ୍ ମାନଙ୍କର ଭାରତୀୟମାନଙ୍କୁ ତୁଚ୍ଛହିନ୍ଦୁ, 'କଳାଲୋକ' Black Man Damn Hindu ବୋଲି ହୀନ ସମ୍ବୋଧନ ସରାଭାଙ୍କର ହୃଦୟରେ ନିଆଁ ଲଗାଇଦେଉଥିଲା । ତାଙ୍କର ବିବଶ ପରାଧୀନ ମାତୃଭୂମି ଭାରତର ଏକ କ୍ଳାନ୍ତ ମଳିନ ଛବି ତାଙ୍କ ମୁହଁ ଆଗରେ ନାଚି ଯାଉଥିଲା ।

ନିଜ ଦେଶର ସମ୍ମାନ, ନିଜର ଆତ୍ମସମ୍ମାନ, ଦେଶର ସ୍ୱାଧୀନତା ପାଇଁ ନିଜକୁ ତିଳତିଳକରି ଜାଳି ଦେବାକୁ ଟିକିଏହେଲେ କୁଣ୍ଠାବୋଧ କରିନଥିଲେ କର୍ତ୍ତାର ସିଂହ । ଅତ୍ୟନ୍ତ କଦର୍ଯ୍ୟ ପରିସ୍ଥିତିରେ ରହୁଥିବା ଭାରତୀୟ ଶ୍ରମିକମାନଙ୍କୁ ଏକଜୁଟକରି ସଂଗଠନ ଆରମ୍ଭ କରିଥିଲେ । ପ୍ରତ୍ୟେକ ଶ୍ରମିକ ପାଖରେ ଘଣ୍ଟା ଘଣ୍ଟା ବସି ଓ ଅପମାନଭରା ଦାସତ୍ୱର ଜୀବନଠାରୁ ମୃତ୍ୟୁ ପଛେ ଶହେଗୁଣ ଶ୍ରେୟସ୍କର ବୋଲି ବୁଝାଉଥିଲେ । 'ଗଦର' ନାମକ ଏକ ଖବରକାଗଜ ମଧ୍ୟ ପ୍ରକାଶିତ କରିଥିଲେ । ଅନ୍ୟାନ୍ୟ ବିପ୍ଳବୀସାଥୀ କ୍ରାନ୍ତିପ୍ରିୟଗୁପ୍ତା, ଭଗବାନ ସିଂହଙ୍କ ସହିତ ମିଶି 'ଗଦର' ଆନ୍ଦୋଳନକୁ ସକ୍ରିୟରୂପ ଦେଲେ । ୧୯୧୪ ରେ ସାନ୍‌ଫ୍ରାନସିସ୍‌କୋର ଷ୍ଟାକରନ୍ ର ଏକ ଜନସମାବେଶରେ ସ୍ୱାଧୀନତାର ଜାତୀୟ ପତାକା ମଧ୍ୟ ଉଡାଇଥିଲେ । ଏକ ବିଦେଶ ମାଟିରେ ସ୍ୱାଧୀନତାର ପତାକା ଲହରାଇବା କେବେହେଲେ ଏକ ସହଜ ସରଳ ଘଟଣା ନୁହେଁ । କର୍ତ୍ତାର ସିଂହଙ୍କ ଭଳି ମହାନ୍ ଦେଶଭକ୍ତ ଅସାଧାରଣ ଦୁଃସାହାସୀ ବ୍ୟକ୍ତିତ୍ୱ ହିଁ ଏସବୁ ଅସାଧ୍ୟ ସାହାସ କରିପାରେ ।

ତାଙ୍କର ଗୋଟିଏ କଥା ମତେ ବେଶି ଆପ୍ଳୁତ କରୁଥିଲା । 'ବୀରତା ଓ ସାହସର ସହିତ ମରିଗଲାପରେ ମତେ ତୁମେ ବିଦ୍ରୋହୀ ଉପାଧି ଦେବ, କାରଣ ଯଦି କେହି ମତେ ମନେପକାଇବ ସେ 'ବିଦ୍ରୋହୀ କର୍ତ୍ତାର ସିଂହ' ବୋଲି ହିଁ ବାରମ୍ବାର କହିବ ।'' ତାଙ୍କ ଉପର ମକଦ୍ଦମା ଚାଲିଲାବେଳେ ସେ କହୁଥିଲେ, ''ଅପରାଧ ପାଇଁ ମତେ ଫାଶୀ ଦଣ୍ଡ ଦିଆଯାଇପାରେ ନତୁବା ଆଜୀବନ କାରାଦଣ୍ଡ । କିନ୍ତୁ ମୁଁ ଫାଶୀକୁ ହିଁ ପ୍ରଥମେ ବରଣ କରିବି କାରଣ ଯେ ପର୍ଯ୍ୟନ୍ତ ଭାରତ ସ୍ୱାଧୀନ ହୋଇନାହିଁ ସେ ପର୍ଯ୍ୟନ୍ତ ମୁଁ ବାରମ୍ବାର ଏ ଭୂମିରେ ଜନ୍ମ ନେଉଥିବି ଓ ଫାଶୀରେ ଲଟକୁଥିବି । ଏହାହିଁ ମୋର ଅନ୍ତିମ ଇଚ୍ଛା ।''

ଶଚିନ୍ଦ୍ରନାଥ ସାନ୍ୟାଲଙ୍କ ଭଳି ମହାନ୍ ବିପ୍ଳବୀ, ମହାନ ଦେଶଭକ୍ତ ସାନ୍ୟାଲଙ୍କ ପୁସ୍ତକ 'ବନ୍ଦୀଜୀବନ' ୧୯୨୦ ଦଶକରେ ସମସ୍ତ କ୍ରାନ୍ତିବାଦୀମାନଙ୍କର ଏକ ଆଦର୍ଶ ମୌଳିକ ପାଠ୍ୟପୁସ୍ତକ ଭାବରେ ବିବେଚିତ ହେଉଥିଲା । ତାଙ୍କର ପୂରା ପରିବାର

ଯୁଗାନ୍ତକାରୀ ବିପ୍ଳବୀ ଥିଲେ । ୧୯୧୪/୧୫ ବେଳେ ଗଦର ଆନ୍ଦୋଳନରେ ତାଙ୍କର ଦୁଇଭାଇ ଗିରଫ ହୋଇଥିଲେ । ଜଣେ ଭାଇ ନଜରବନ୍ଦୀ ହୋଇଥିଲେ । ଦ୍ୱିତୀୟ ଭାଇକୁ ଦୁଇବର୍ଷ କାରାଦଣ୍ଡ ହୋଇଥିଲା । ନିଜେ ଶଚିନ୍ଦ୍ର ନାଥଙ୍କୁ ଆଜୀବନ କାରାବାସ ଦଣ୍ଡ ମିଳିଥିଲା । କାକୋରୀକେଶ୍‌ରେ ସେ ଏହି ଦଣ୍ଡ ପାଇଥିଲେ । ସବା ସାନଭାଇ ଭୂପେନ୍ଦ୍ର ସାନ୍ୟାଲ କୁ ମଧ୍ୟ ପାଞ୍ଚବର୍ଷ କାରାବାସ ଦଣ୍ଡ ହୋଇଥିଲା । ଶଚିନ୍ଦ୍ରନାଥଙ୍କର ମା ବଡ ସାହାସିନୀ ଶକ୍ତିମୟୀ ଥିଲେ । ସେ ଏଭଳି ଜଣେ ବୀରା ରମଣୀଥିଲେ, ନିଜେ ସ୍ୱଦେଶୀ ଆନ୍ଦୋଳନର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । କ୍ରମେଡ୍ ଶଚିନ୍ଦ୍ରନାଥଙ୍କର 'ଯୁଗାନ୍ତର ଆନ୍ଦୋଳନ'କୁ ସେ ସମର୍ଥନ କରୁଥିଲେ । ଶଚିନ୍ଦ୍ରନାଥ ଜଣେ ଉଚ୍ଚକୋଟୀର ଲେଖକଥିଲେ । ମୋର ମଧ୍ୟ ପ୍ରିୟ ପୁସ୍ତକ ଥିଲା 'ବନ୍ଦୀ ଜୀବନ' । ଶଚିନ୍ଦ୍ରନାଥ ଗଦର ଆନ୍ଦୋଳନରେ ମଧ୍ୟ ବହୁତକାମ କରିଥିଲେ । 'The Revolutionary'ର ପ୍ରଚାରପତ୍ର ସେ ଲେଖିଥିଲେ ଯାହା ସମଗ୍ର ଭାରତରେ ବଣ୍ଟା ହୋଇଥିଲା । ଏହାର ପ୍ରଭାବ ମଧ୍ୟ ସୁଦୂରପ୍ରସାରି ଥିଲା । ଉଭୟ ଇଂରାଜୀ ଓ ବଙ୍ଗଳା ଭାଷାରେ ତାଙ୍କର ଦଖଲଥିଲା । ଯେଉଁ ଗୀତଗୁଡ଼ିକ କ୍ରାନ୍ତିକାରୀମାନେ ଅତ୍ୟନ୍ତ ଆବେଗପୂର୍ଣ୍ଣ ତନ୍ମୟତା ପୂର୍ବକ ଗାଉଥିଲେ ସେଗୁଡ଼ିକ ମୋର ଅତି ପ୍ରିୟଥିଲା । ମୋର ସାଥୀମାନେ ସେହିଗୀତକୁ ମଧ୍ୟ ଭଲପାଉଥିଲେ । ବିପ୍ଳବୀ ଅଶଫାକଉଲ୍ଲା ବାସ୍ତବରେ ଜଣେ ମସ୍ତ ଶାୟର ଥିଲେ । ଯେଉଁଦିନ ତାଙ୍କୁ ଫାଶୀହେଲା ସେଦିନ ସେ ଭାରି ଖୁସି ଜଣା ପଡୁଥିଲେ । କହିଥିଲେ, ''ମୋର କାଲି ବାହାଘର ହେବ । ମୁଁ କେବେ କୌଣସି ବ୍ୟକ୍ତିକୁ ହତ୍ୟାକରିନାହିଁ । ମୋର ନ୍ୟାୟ ଖୁଦାଙ୍କ ସମ୍ମୁଖରେ ହେବ । ମୋ ଉପରେ ଆରୋପ ହୋଇଥିବା ସବୁ ଅଭିଯୋଗ ଗୁଡ଼ିକ ଅସତ୍ୟ'' । ମରିବା ପର୍ଯ୍ୟନ୍ତ ତାଙ୍କ ମୁହଁରେ କବିତାର ସୁର ସେମିତି ଅବ୍ୟାହତ ରହିଥିଲା । ''ଫନାହ ହେ ହମ ସବ୍‌କେ ଲିଏ / ହମ ପେ କୁଛ ନେହିଁ ମୌକୁଫ୍ / ବକା ହେ ଏକ ଫକତ ଜାନେ କି ବ୍ରିୟା କେ ଲିଏ'' । ଅର୍ଥାତ୍ ସମସ୍ତେ ତ ନଷ୍ଟ ହେବେ, ଏକୁଟିଆ କେବଳ ମୁଁ ନୁହେଁ । ମରିବା ଲୋକଟି ଜଣେ ପରମାତ୍ମା ମଧ୍ୟ ନୁହେଁ ।

''ତଙ୍ଗ ଆକର ହମ୍ ଉନକେ ଜୁଲ୍‌ମ ସେ ବେଦାଦ ସେ
ଚଲ୍‌ଦିଏ ସୁଏ ଅଦମ ଜିନ୍ଦାନେ ଫୈଜାବାଦ ସେ'' ।

ଅନ୍ୟତମ ବିପ୍ଳବୀ ରାମପ୍ରସାଦ ବିଶ୍‌ମିଲ ଫାଶୀରେ ଗଳିବା ପୂର୍ବରୁ କହିଥିଲେ, ''ମା ମୋର କୌଣସି ଚିନ୍ତା କିମ୍ବା ପଶ୍ଚାତାପ ମଧ୍ୟ ନାହିଁ । କାରଣ ମୁଁ କୌଣସି ପାପ କରିନାହିଁ । ମୁଁ ମୃତ୍ୟୁକୁ ମଧ୍ୟ ଡରୁ ନାହିଁ । କିନ୍ତୁ ମା' ନିଆଁ ପାଖରେ ଘିଅ ରହିଲେ

ତରଳିଯାଏ । ତୋର ମୋର ସମ୍ପର୍କ ଏହିଭଳି ଯେ ଆଖିରୁ ଲୁହ ନିଶ୍ଚୟ ଝରିବ । ମୁଁ ବହୁତ ଖୁସି ଅଛି ଆଜି ମା'' । ଫାଶୀରେ ଲଟକିବା ପୂର୍ବରୁ ରାମ ପ୍ରସାଦ ବଡକୋବ୍‌ରେ କହିଥିଲେ ବନ୍ଦେମାତରମ୍', ଭାରତମାତାକି ଜୟ । ଆଉ ଆବେଗଭରା କଣ୍ଠରେ ଗାଇଥିଲେ, ''ମାଲିକ୍ ତେରି ରଜା ରହେ ଔର ତୁ ହି ତୁ ରହେ / ବାକି ନ ମେଁ ରହୁଁ ନ ମେରୀ ଆରଜୁରହେ । ଯବ୍‌ତକ କି ତନ୍ ମେଁ ଜାନ୍ ରଗୋ ମେଁ ଲହୁ ରହେ / ତେରାହି ଜିକ୍ରେ ୟାର୍ ତେରୀ ଦୁସ୍ତଜୁ ରହେ ।'' ''ଅବ୍ ନ ଅହଲେ ବଲ୍‌ବଲେ ହେ । ଔର ନ ଆରମାନୌଁ କି ଭିଡ୍ / କେ ମିଟ୍ ଜାନେ କି ହସରତ୍ / ଅବ ଦିଲେ ବିସ୍ମିଲ୍ ମେଁ ହେ ।''

ମୋର ପ୍ରିୟ କବିତା ସବୁବେଳେ ମୁଁ ଗୁଣୁ ଗୁଣାଉଥିଲି, ''ଉସେ ୟହ ଫିକ୍ର ହେ ହରଦମ୍ ନୟା ତର୍ଜେ ଜଫା କ୍ୟା ହେ । ହମେଁ ୟହ ଶୌକ ହେ ଦେଖେଁ ଦହର୍ ସେ କେୟାଁ ଖଫା ସିତମ କି ଇନ୍ତହା କ୍ୟା ହେ / ରହେ / ଚର୍ଖେ କା କ୍ୟା ଗିଲା କରେଁ / ସାରା ଜହାଁ ଅଦୁ ସହି ଆଓ ମୁକାବିଲା କରେ / କୋଇ ଦମ୍ କା ମେହମାଁହୁଁ ଏ ଅହଲେ ମେହଫିଲ୍ ତରାଗେ ସହରେ ହୁଁ ବୁଝା ଚାହତା ହୁଁ / ହବା ମେଁ ରହେଗି ମେରେ ଖୁଆଲ୍ କି ବିଜଲି / ୟେ ମୁଶଡେ ଖାକ୍ ହେ ଫାନୀ ରହେ ରହେ ନ ରହେ ।''

ସ୍ୱାଧୀନତା ପାଇଁ ପରମ ବ୍ୟାକୁଳତା ହିଁ ମତେ ପୃଥିବୀର ବିପ୍ଳବ, ବିଭିନ୍ନ ଆନ୍ଦୋଳନ, ଗଣତାନ୍ତ୍ରିକ ଅଧିକାର ପ୍ରଭୃତି ଭଲଭାବରେ ପଢି ବୁଝିବା ପାଇଁ ସାହାଯ୍ୟ କରିଥିଲା । ଜେଲ୍‌ରେ ଜେଲ୍ ସଂସ୍କାର ପାଇଁ ଆନ୍ଦୋଳନ କରି ଆମେ ଯେଉଁ ସଫଳତା ଲାଭ କରିଥିଲୁ ସେଥିରେ ବହିଓ ସମ୍ବାଦପତ୍ର ପଢ଼ିବାର ସୁଯୋଗ ମିଳିଥିଲା । ମୋର ପଢ଼ିବାର ପିପାସା ଦିନକୁ ଦିନ ବଢୁଥିଲା । ପ୍ୟାଟ୍ରିକ୍ ହେନେରିଙ୍କର 'Give me Liberty or Death' ବିଶେଷ ପ୍ରେରଣା ଦେଇଥିଲା । "It is invain sir, to extenuate the matter, Gentlemen may cry, peace- but there is no peace. The war is actually begun. The next gale that sweeps from the North ... to our ears the clash of resounding arms. Our brethren are already in the field. Why stand we here idle ? What is it that gentlemen wish ? What would they have ? Is life so a dear or peace so sweet as to be purchased at the price of chains and slavery ? Forbid it, almighty God ! I know not what

course others may take. As for me, give me 'libaty or death' (Patrick Henry[15])

ବିଶ୍ୱର ପ୍ରସିଦ୍ଧ ପ୍ରାବନ୍ଧିକ, ଦାର୍ଶନିକ ଜେ.ଏସ୍. ମିଲ୍, ମ୍ୟାକ୍ସିମ୍ ଗର୍କି, ୱାଲଟ୍ ହୁଇଟ୍‌ମ୍ୟାନ, ଓ୍ୱେଣ୍ଡେଲ୍ ଫିଲିପ୍ସ, ହେନେରିକ୍ ଜୋଆନ୍ ଇବସନ୍, ଇମାଗୋଲ୍ଡମ୍ୟାନ୍, ଇଗୁଇନଭିକ୍ଟରଡେବସ୍‌ଙ୍କର କବିତା, ପ୍ରବନ୍ଧ ଗୁଡ଼ିକରେ ବିପ୍ଳବ ଓ କ୍ରାନ୍ତି ପାଇଁ, ସ୍ୱାଧୀନ ଭାବରେ ବଞ୍ଚିବାର ଲଢ଼େଇ ମତେ ସବୁସମୟରେ ଶକ୍ତି ଦେଉଥିଲା । ଇମାଗୋଲଡ଼ମ୍ୟାନଙ୍କର Martyrs, ଇଗୁଇନଭିକ୍ଟରଡେବସ୍‌ଙ୍କର 'Lower class' ଥୋମାସ୍ ଜେଫରସନ୍‌ଙ୍କର 'Tree of Liberty', ଫ୍ରାନସିସ୍ ଫେରର୍ 'Will of Revolutionary', W. Wordswarth ଙ୍କର 'Fight for Freedom' ଲର୍ଡ ଟେନିସନ୍‌ଙ୍କର କବିତା ମୋର ଚେତନାକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲା । ଟେନିସନ୍‌ଙ୍କର କବିତା ଉର୍ଦ୍ଦୁରେ ଅନୁବାଦ ମଧ୍ୟ ମୁଁ କରିଥିଲି ।

Alms 'There is no one on earth more disgusting and repulsive than he who gives alms. Even as there is no one so miserable as he who accepts them. (Maxim Gorky)

ମୋର ଅନ୍ତରଙ୍ଗ ନୋଟ୍ ବହିରେ ଏହିସବୁ ଉଦ୍ଧୃତକୁ ଲେଖିଲାବେଳେ ସେହିସବୁ ମହାନ୍ ଚିନ୍ତାନାୟକ, ବିଦ୍ରୋହୀ, ଆଜନ୍ମ ମଣିଷକୁ ଏକ ଉନ୍ନତ, ସଭ୍ୟ, ସ୍ୱାଧୀନ, ସ୍ୱାଭିମାନୀ ବ୍ୟକ୍ତିତ୍ୱ ଭାବରେ ସମାଜରେ ବଞ୍ଚିବାର ରାହାଟିକିଏ ଦେବାପାଇଁ କେତେଯେ ଉଦ୍ୟମ କରିଥିଲେ, ମାନବିକତାର ଜୟଗାନ କରି ସତ୍ତା ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଥିଲେ ତାହାହିଁ ମତେ ଅନୁପ୍ରେରିତ କରୁଥିଲା । ମୁଁ ମୋର ସାଥୀ କମ୍ରେଡ୍‌ମାନଙ୍କୁ ଏକ ସ୍ୱାଧୀନ ଦେଶର ସ୍ୱାଧୀନ ନାଗରିକର ଜୀବନ ଜିଇଁବାର ଅଧିକାରକୁ ତା'ର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରକାଶ କରିବାର ସ୍ୱାଧୀନତାକୁ କେହି ଯେପରି ଜୋରଜବରଦସ୍ତି ଛଡାଇ ନେଇ ପାରିବ ନାହିଁ, ସେଥିପାଇଁ ଶେଷ ନିଃଶ୍ୱାସ, ଶେଷରକ୍ତ ବିନ୍ଦୁ ପର୍ଯ୍ୟନ୍ତ ସଂଗ୍ରାମ ଅବ୍ୟାହତ ରଖିବାକୁ ଉତ୍ସାହିତ କରୁଥିଲି । ସେଥିପାଇଁ Walt whitman ଙ୍କର କବିତା 'Liberty' ପଢୁଥିଲି.... "Those Corpses of youngmen,

Those martyrs that hang from the gibbets-

Those hearts pierced by the grey lead,

Cold and motionless as they seem, live elsewhere

With unslaughtered vitality
They live in other youngmen, O kings !
They live in other brothers again ready to defy you !
They were purified by death-
they were taught and exalted !

ଇମାଗୋଲଡ୍‌ମ୍ୟାନଙ୍କର ମୁହଁରେ କହୁଥିଲା 'Martyas' 'କହୁଥିଲା, "The man who flings his whole life into an attempt, at the cost of his own life, to protest against the wrongs of his fellow-men is a saint companed to the active and passive up-holders of cruelty and injustice, even if his protest destroys other lives besides his own. Let him who is without sin in society cast the first stone at sach an one.

ଆମେରିକାର ଏହି ସମାଜବାଦୀ ନେତା ଇଗୁଇନ୍ ଭିକ୍ଟରଡ଼େବସ୍ ପ୍ରଥମ ବିଶ୍ୱଯୁଦ୍ଧକୁ ପ୍ରତିବାଦକରି ଯୁଦ୍ଧ ବିରୁଦ୍ଧରେ କ୍ୟାଣ୍ଟନ, ଓହିଓରେ ଭାଷଣ ଦେଇଥିଲେ ଏବଂ ସେଥିପାଇଁ ତାଙ୍କୁ ଗିରଫ କରାଯାଇଥିଲା । ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ସେ ଦଶବର୍ଷ ଜେଲଦଣ୍ଡ ଭୋଗିଥିଲେ ଏବଂ ନାଗରିକଭାବରେ ତାଙ୍କର ସମସ୍ତ ମୌଳିକ ଅଧିକାର ଗୁଡ଼ିକୁ ଜୀବନସାରା କ୍ଷୁଣ୍ଣ କରାଯାଇଥିଲା ।

ଫ୍ରାନସିସ୍‌କୋ ଫେରର୍‌ଙ୍କୁ ବାର୍ସିଲୋନା ଘଟଣାରେ ଫାଶୀ ହୋଇଥିଲା । ତାଙ୍କ ନିଜର ଘରୋଇ କର୍ମଚାରୀମାନଙ୍କ ଦ୍ୱାରା ଏହା ସଂଗଠିତ ହୋଇଥିଲା । ସେ ଥିଲେ ଜଣେ ସ୍ପାନିଶ୍ ଶିକ୍ଷାବିତ୍ । Will of Revolutionary ସେ କହିଥିଲେ, Will of Revolutionary " I also wish my friends to speak little or not at all about me, because idols are created when men are praised, and this is very bad for the future of the human race ... Acts alone, no matter by whom committed, ought to be studied praised or blamed. Let them be praised in order that they may be initiated when they see to contribute to the common weal; let them be censured when they are regarded as injurious to the general well-being, so that they may not be repeated.

(Will of Franscisco Fearr
Spanish educator(1859-1909)

ଲର୍ଡ ଟେନିସନ୍‌ଙ୍କର କବିତାକୁ ମୁଁ ଉର୍ଦ୍ଦୁରେ ଅନୁବାଦ କରିଥିଲି । ମୋର ବନ୍ଧୁମାନଙ୍କର ମଧ୍ୟ ଏହି କବିତା ବଡ଼ ପ୍ରିୟଥିଲା । ଉର୍ଦ୍ଦୁରୁ ଶାୟରୀ ଶୈଳୀରେ ସେହି କବିତାକୁ ଆମେ ଗାଇବାକୁ ଭଲ ପାଉଥିଲୁ । ''ଦିଲ୍ ଦେ ତୁ ଇସ ମିଜାଜ୍ କା ପରବରଦିଗାର ଦେ । ଯୋ ଗମ୍ କି ଗହରାଇ କେ ଭି ଖୁସି ସେ ଗୁଜାର ଦୋ ସଜା କର ମୟତ-ଏ-ଉମିଦ ନାକାମି କେ ଫୁଲୋଁ ସେ କିସି ହମଦର୍ଦ ନେ ରଖ ଦି ମେରେ ଟୁଟେ ହୁଏ ଦିଲ୍‌ମେଁ ! କୁଁ ଯାଦ ଦିଲାତେ ହୋ । ଭୁଲା ହୁଆ ଆଫସାନା ।''

ଜେଲ୍‌ର ସେ ଅନ୍ଧାରୁଆ କୋଠରୀ ଭିତରେ ସନ୍ତସନ୍ତିଆ ଆଇଁଷିଣିଆ ଉଷୁମାଳିଆ ଉତ୍କଟ ଗନ୍ଧ ଭିତରେ ବି ସ୍ୱାଧୀନତାର ସ୍ୱପ୍ନ ଦେଖୁଥିବା ମୋ ଭଳି, ବଟ୍ଟୁଦା, ରାଜଗୁରୁ, ସୁଖଦେବ, ବିଜୟ, ଜିତେନ୍ଦ୍ର, ଆଶାରାମ, ଶିବବର୍ମା ଆମେ ସମସ୍ତେ ସବୁପ୍ରକାର ପ୍ରତିକୂଳ ପ୍ରତିବନ୍ଧକ, ଯାବତୀୟ ଲାଞ୍ଛନା ଓ ଅପମାନ ସତ୍ତ୍ୱେ ଜନ୍ମଭୂମିକୁ ବିଦେଶୀ ହାତରୁ ରକ୍ଷା ଗ୍ରହଣ କରିବାପାଇଁ ଯେଉଁ ଭୀଷ୍ମ ସଂକଳ୍ପ କରିଥିଲୁ ତାହାର ଝଲକ ହିଁ ଆମକୁ ଆହୁରି ଶକ୍ତିଶାଳୀ କରୁଥିଲା । କବି ଲର୍ଡ ବାଇରନ୍‌ମହାନ୍ ଦେଶପ୍ରେମୀ ଫ୍ରାନ୍‌କୋଇସ ଡିବୋନିଭାର୍ଡ ଜେନେଭାର ହ୍ରଦ କୂଳରେ ଥିବା ଶିଲନ୍ ଦୁର୍ଗରେ ବନ୍ଦୀଥିବାବେଳେ ତାଙ୍କ ଉପରେ ଏହି ଅସାଧାରଣ କବିତା ଲେଖିଥିଲେ । ଯାହାକୁ ପଢ଼ିଲେ ମୁଁ ଗଭୀର ଆତ୍ମିକ ବଳ ପାଉଥିଲି ।

Prison :
There were no stars, no earth, no time,
No check, no charge, no good, no crime,
But silence, and a stirless breath,
Which neither was of life nor death.

'ନିକୋଲାଇ ଆଲେକ୍‌ଜାଣ୍ଡ୍ରୋଭିଚ ମୋର୍‌କୋଭ୍ ଋଷିଆର ଜଣେ ପ୍ରସିଦ୍ଧ ବିପ୍ଳବୀ, ଲେଖକ, କବି ଓ ବୈଜ୍ଞାନିକ । ସେ ସମାଜବାଦର ଜନକ କାର୍ଲମାର୍କସ୍‌ଙ୍କୁ ୧୮୮୦ ରେ ଲଣ୍ଡନରେ ଦେଖାକରି 'କମ୍ୟୁନିଷ୍ଟମେନିଫେଷ୍ଟୋ'କୁ ଋଷିଆନ୍ ଭାଷାରେ ଅନୁବାଦ କରି ଦେଇଥିଲେ । ତାଙ୍କର ପ୍ରସିଦ୍ଧ କବିତା 'The Prisoner' ମୋର ଜେଲ୍‌ର ବନ୍ଦୀ ଜୀବନକୁ ସହଜ କରିବାରେ ସାହାଯ୍ୟ କରୁଥିଲା ।

"It is suffocating under the low, dirty roof / My strength grows

weaker year by year / They oppress me; this stony floor/ This iron chained table / This bed-stead, this chair, chained / To the walls, like boards of the grave, / In this eternal / dumb, deep silence/ One can only consider onself a corpse / Naked walls, prison thoughts / How dark and sad you are How heavy to be a prisoner inactive / And dream of years of freedom / Everything here is so silent, lifeless pale / the years pass fruitless leaving no trace / the weeks and days drag on heavily / Bringing only dull boredom in their suite / our thoughts grow dull from long confinement / there is a feeling of heaviness in our bones / In this cell, four steps wide/ Entirely for our fellowmen we must live/ our entire sleves for them we must give/And for their shakes struggle against ill fate "

ବନ୍ଦୀଶାଳାର ଡହୁଆ, ଅପରିଚ୍ଛନ୍ନ, ମସିଆ କଠୋରୀ ଭିତରେ ମୋର ଶକ୍ତି ଓ ସାମର୍ଥ୍ୟ ଦିନକୁ ଦିନ ନିଷ୍ପ୍ରାଣ ହେଉଥିଲା । ସେହି ପଥୁରିଆ ନିଷ୍ଠୁର ଚଟାଣ, ଲୁହା କଡାରେ ବନ୍ଧା ଟେବୁଲ୍, ଶେଯ, ଚେୟାର ସବୁ ଲୁହାଶିକୁଳିରେ ବନ୍ଧା ଆଉ ତା'ର ନିର୍ମମ କାନ୍ଥ ମତେ ସର୍ବଦା କବରଖାନା ଭଳି ମନେହେଉଥିଲା । ଆହା ! ସେହି ଅନ୍ଧାରୁଆ ଦୁଃଖୀ ବନ୍ଦୀ ମଣିଷ ମୁଁ ସବୁଦିନେ ଲଙ୍ଗଳା କାନ୍ଥକୁ ଦେଖି ହତାଶରେ ଦୀର୍ଘଶ୍ବାସ ନିଏ । ମୋର ମୁକ୍ତିର ସ୍ୱପ୍ନ ଯାହାକୁ ଏତେ ଯତ୍ନରେ ପାଳିଆଣିଛି, ମୋ ହୃଦୟର ସବୁଜିମାରେ ତାକୁ କେମିତି ଫିଙ୍ଗିଦେବି ଯେ ! ମୋର ହାଡଥରା ଯନ୍ତ୍ରଣାରୁ ଗୋଟିଏ ସ୍ୱର ଉଛୁଳି ଉଠୁଥିଲା .... "ତୁମ୍ଝେ ଜବାହ କରନେ କି ଖୁସି / ମୁଝେ ମରନେ କା ସୌକ / ମେରି ଭି ମର୍ଜି ଓ୍ବହି ହେ / ଯୋ ମେରି ଶାୟଦ କି ହେ ।"

ସ୍କୁସେଲ୍‌ବର୍ଗର ବନ୍ଦୀମାନେ ଯେଉଁ ମୁକ୍ତିର ଗୀତ ଗାଇଥିଲେ, ଯେଉଁମାନଙ୍କ ମଧ୍ୟରେ ଥିଲେ ମାର୍ଶାଲ୍ ଡୋଲ୍‌ଗର୍କି, (Monshall Dol garuki), ସାର୍ ଆଇଭନଫୋର, Sir Ivan VI, ଲେନିନ୍‌ଙ୍କର ଭାଇ ବକୁନିନ (Bakunin) ; ସବୁଠାରୁ ବିଭତ୍ସ ଭୟଙ୍କର ଥିଲା ଲେନିନ୍ ଗ୍ରାଡ୍ ଅଞ୍ଚଳର ଏହି କୁଖ୍ୟାତ୍ ବନ୍ଦୀଶାଳା । ସମସ୍ତ ମାନବୀୟ ମୂଲ୍ୟବୋଧର ଉଲ୍ଲଘନ ହୋଇଥିଲା ସେଠାରେ । ଅଥଚ ସେହି ମହାନ୍ ବିପ୍ଳବୀମାନେ ସବୁ ଯାତନାକୁ ଏକ ମିଶନ୍ ଏକ ଅସାଧାରଣ ସମ୍ମାନର ଶ୍ରେୟ ବୋଲି ଗ୍ରହଣକରିନେଇ ଗାଉଥିଲେ," And from on high we have

been honourned with a mission ! We passed a severe school, but acquired higher knowledge / Thanks to exile, prison and or bitter lot / We know and value of truth and freedom !

ଆଲ୍‌ଫ୍ରେଡ ବାର୍ଟନ World History for workers' ପୁସ୍ତକରେ 'Revolution and classes' ପ୍ରବନ୍ଧ (ବିପ୍ଳବ ଓ ଶ୍ରେଣୀ)ରେ ପ୍ରତ୍ୟେକ ବର୍ଗର ଲୋକମାନେ ବିପ୍ଳବରୁ ହିଁ କ୍ଷମତା ପ୍ରାପ୍ତ ହୋଇଥାନ୍ତି । ସାମ୍ୟତା ବିଷୟରେ ଆଲୋଚନା କରନ୍ତି । "All classes striving for power are and talk of Equality. All classes, whenthey get into power are conservative and are convinced that equality in an iridescent dream. All classes but one the working class, for as comte has said. "The working class is not properly speaking, a class at all but constitutes the body of society. "But the day of the working class, the fusion of all useful people has not even yet arrived"

(World History for workers
by Alfrad Barton)

କାର୍ଲମାର୍କସଙ୍କର ପୁଞ୍ଜିବାଦୀ ବ୍ୟବସ୍ଥାର ଉଦ୍ଭବ ଓ କ୍ରମବିକାଶକୁ ଐତିହାସିକ ବସ୍ତୁବାଦ ତତ୍ତ୍ୱରେ ବିଚାରକରି ପୁଞ୍ଜିବାଦର ପତନ ଓ ସମାଜବାଦର ଉଦ୍ଭବ ସମ୍ପର୍କରେ ତାଙ୍କର ତତ୍ତ୍ୱମୂଳକ ଗବେଷଣା ମୋର ଅର୍ନ୍ତଚକ୍ଷୁକୁ ସମାଜ ଓ ଜୀବନର ବାସ୍ତବତା ସମ୍ପର୍କରେ ଏକ ନୂତନ ଦୃଷ୍ଟିକୋଣ ପ୍ରଦାନ କରିଥିଲା । ୧୯୧୭ ମସିହାରେ ଅକ୍ଟୋବର ବିପ୍ଳବ ଋଷିଆରେ ସଫଳ ହେଲାପରେ ସମାଜବାଦର ପ୍ରତିଷ୍ଠା ହୋଇଥିଲା । ଏସିଆ, ୟୁରୋପ ଓ ଆମେରିକାର କେତେ ଗୁଡ଼ିଏ ଦେଶରେ ସମାଜବାଦ ପ୍ରତିଷ୍ଠିତ ହେଲା । ସାମ୍ୟବାଦୀ ସମାଜ ସମ୍ବନ୍ଧରେ ମାର୍କସ୍ କୌଣସି ରଙ୍ଗୀନ ଚିତ୍ର ଆଙ୍କିବାରେ ଚେଷ୍ଟା କରିନାହାନ୍ତି । ରାତାରାତି ଆମେ ଯେ ଗୋଟିଏ ଆଦର୍ଶ ସମାଜ ବ୍ୟବସ୍ଥାରେ ପହଞ୍ଚିଯିବା ସେକଥା ସେ କହିନଥିଲେ । ସେ କହିଥଲେ ସମାଜତାନ୍ତ୍ରିକ ସମାଜର ଆରମ୍ଭ ଯୁଗରେ ବୁର୍ଜୁଆ ସମାଜରେ ରହିଥିବା ଅନେକ ଦୋଷତ୍ରୁଟିର ଅବଶେଷ ନିଶ୍ଚିତ ଭାବରେ ରହିଯିବାକୁ ବାଧ୍ୟ । କାରଣ ପୁଞ୍ଜିବାଦୀ ସମାଜ ଗର୍ଭରେ ଦୀର୍ଘ ଗର୍ଭଯନ୍ତ୍ରଣା ଭୋଗିବାପରେ ସମାଜବାଦର ଜନ୍ମହୁଏ । ତେଣୁ ତାର ଜନ୍ମଲଗ୍ନରେ ତା ଅଙ୍ଗରେ ପୁରାତନ ବ୍ୟବସ୍ଥାର ଅନେକ ଜନ୍ମ ଚିହ୍ନ ନିଶ୍ଚିତ ଭାବରେ ରହିବ । ତେବେ ସେ

ସମୟରେ ଯାହା ରହିବନାହିଁ ତାହା ହେଲା ସମ୍ପତ୍ତି ଉପରେ ବ୍ୟକ୍ତିଗତ ଅଧିକାର ଓ ତାର ନିତ୍ୟ ସଙ୍ଗୀ ଶ୍ରେଣୀ ଶୋଷଣ । ପୁଣି ଯେତେବେଳେ ଚାଲିବ ସର୍ବହରା ଏକନାୟକତ୍ୱର ସମାଜତାନ୍ତ୍ରିକ ଗଠନ କାର୍ଯ୍ୟ, ସେତେବେଳେ ତା'ର ଭବିଷ୍ୟତର ପରିଣତ ହେବ ସାମ୍ୟବାଦୀ ସମାଜ ବ୍ୟବସ୍ଥା । ମାର୍କସ ସର୍ବ ପ୍ରଥମେ ଦେଖାଇଲେ ଯେ ଇତିହାସ କେବେହେଲେ ପରସ୍ପର ସମ୍ପର୍କବିହୀନ ବିଚ୍ଛିନ୍ନ ଘଟଣାବଳୀର ସମଷ୍ଟି ନୁହେଁ, ପ୍ରତି ଯୁଗରେ ପ୍ରତ୍ୟେକ ଘଟଣା ପରସ୍ପର ସମ୍ପର୍କଯୁକ୍ତ । ଅତୀତ ଘଟଣାର ପ୍ରଭାବ ଯେଭଳି ବର୍ତ୍ତମାନ ଘଟଣାକୁ ପ୍ରଭାବିତ କରେ, ଠିକ୍ ସେହିଭଳି ବର୍ତ୍ତମାନ ଓ ଅତୀତ ଘଟଣାବଳୀର ପ୍ରଭାବ, ଭବିଷ୍ୟତ ଘଟଣାବଳୀକୁ ସାର୍ଥକ ଭାବେ ବିଶ୍ଳେଷଣ କରି ଏବଂ ଅର୍ନ୍ତନିହିତ ଯୋଗସୂତ୍ର ଆବିଷ୍କାର କରି ଇତିହାସକୁ ଗୋଟିଏ ବିଜ୍ଞାନ ସମ୍ମତ ରୂପରେଖ ଦେଇପାରିଛି ।

ଚାର୍ଲସ୍ ଆଲେକଜାଣ୍ଡର୍ କଲୋନ (୧୭୩୪–୧୮୦୭) ଫରାସୀ ରାଜନୀତିଜ୍ଞ ଯିଏ କଣ୍ଟ୍ରୋଲଜେନେରାଲ୍ ଫାଇନାନ୍ସ ଥିଲେ । ସେତେବେଳେ ଦେଶର ରାଜକୋଷ ଶୂନ୍ୟ ହୋଇପଡିଥିଲା । ଏହାଥିଲା ଫ୍ରାନ୍ସର ବିପ୍ଳବ ସମୟରକଥା । ଚାର୍ଲସ୍ କଲୋନ୍ ରାଜାଙ୍କୁ ପ୍ରସ୍ତାବଦେଲେ ଆଭ୍ୟନ୍ତରୀଣ ଖଜଣା, କର, ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟଉପରେ ବସୁଥିବା ଟିକସ ଦବାଇ ଦିଆଯାଉ ଏବଂ ଋଣ ଉଠାଯାଉ । ପାର୍ଲିଆମେଣ୍ଟରେ ଏହା ବିରୋଧରେ ଭୋଟହେଲା, ପ୍ରବଳ ହଟ୍ଟଗୋଳଭିତରେ ମିଃକଲୋନ୍‌ଙ୍କ ପ୍ରସ୍ତାବ କାଟ ଖାଇଲା, ସେ ଇଂଲଣ୍ଡକୁ ନିର୍ବାସିତ ହେଲେ ।

ଋଷିଆର ବଲ୍‌ସେଭିକ ଆନ୍ଦୋଳନର ସଫଳତା ବସ୍ତୁବାଦୀ ଅର୍ଥନୈତିକ ମୂଳଦୁଆକୁ ଏକ ସଶକ୍ତ ରୂପ ପ୍ରଦାନ କରିଥିଲା । କାର୍ଲ ଲିବ୍‌ନେଶଟେର୍‌ଙ୍କର 'ମିଲିଟାରିଜିମ୍', 'ସୋଭିଏତ୍ ଆଣ୍ଡ୍ ୱାର୍କ', ବୁଖାରିନ୍‌ଙ୍କର (ତ୍ରଟସ୍କିଙ୍କର, 'The mind and face of Bolshevism' ତ୍ରଟସ୍କି 'Literature of Revolution' ଲେନିନ୍‌ଙ୍କର Left wing communication fieldfoctoring and want shop. ବ୍ରାଟାଣ୍ଡାରସେଲ୍‌ଙ୍କର Leftwing communisim field factories and workshop ମାର୍କସ୍‌ଙ୍କର "Why man flight', collapse of the second international, civil war in France ମାର୍କସଙ୍କର ଋଷୋଙ୍କର Social contact ପ୍ରଭୃତି ବହିଗୁଡ଼ିକରୁ ମୁଁ ବିଶ୍ୱର ପ୍ରମୁଖଦେଶ ଫ୍ରାନ୍ସ, ଋଷିଆର ବିପ୍ଳବରୁ କିଭଳି ଭାବରେ ଜନସାଧାରଣଙ୍କର ସାମଗ୍ରିକ ଜୀବନଚର୍ଯ୍ୟାରେ ଗଭୀର ପରିବର୍ତ୍ତନ ସୃଷ୍ଟି ହୋଇଥିଲା

ଏବଂ ତାହାକିପରି ଏକ ଗତିଶୀଳ ସମାଜବାଦୀ ରାଷ୍ଟ୍ରଗଠନରେ ସହାୟତା କରିଥିଲା ତାହା ମୋର ବୈପ୍ଳବିକ ଚିନ୍ତନକୁ ଅଧିକ ସଂପ୍ରସାରିତ କରିଥିଲା ।

ରଷୋଙ୍କର 'Right of Revolution' ବହିର ସେହି କେତୋଟି ଧାଡି ଅତ୍ୟନ୍ତ ପ୍ରଭାବଶାଳୀ ଥିଲା । ମଣିଷରେ 'ଦାସତ୍ୱ ଉପରେ ରଷୋଙ୍କର ମନ୍ତବ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । "A Revolution is justifiable when the government ceases to fulfil its part of contract- the protection of personal rights."

ମୁଁ ଜେଲ୍‌ଜୀବନ କାଟୁଥିଲାବେଳେ ମୋର ପ୍ରିୟ ନୋଟ୍‌ବୁକ୍‌ରେ ମୁଁ ଯେଉଁ ମହାନ୍ ଐତିହାସିକ ପୁସ୍ତକଗୁଡ଼ିକ ଅଧ୍ୟୟନ କରୁଥିଲି ତାହାର ପ୍ରସିଦ୍ଧ ଉଦ୍ଧୃତଗୁଡ଼ିକୁ ଲେଖୁଥିଲି । ଯାହାକି ମତେ ବିପ୍ଳବ ତଥା ଦେଶର ସ୍ୱାଧୀନତା ଆନ୍ଦୋଳନ ପାଇଁ ତାହାର ରାଜନୈତିକ, ଦାର୍ଶନିକ, ଅର୍ଥନୈତିକ ସର୍ବୋପରି ଏକ ବାସ୍ତବ ରୂପାୟନ ନିମନ୍ତେ ମାନସିକ ଭାବରେ ଶକ୍ତିଯୋଗାଉଥିଲା । ଏ ସମସ୍ତ ସାମଗ୍ରିକବିକାଶର କ୍ରମଧାରାରେ ମୋର ବୌଦ୍ଧିକ ଅବବୋଧକୁ ଆହୁରି ସକ୍ରିୟ କରିଥିଲା । ଜେଲ୍‌ରେ ଆମ ସଂଗଠନ ପାଇଁ ଅଧିକ କାର୍ଯ୍ୟ କରିବାର ପ୍ରତ୍ୟକ୍ଷ ସୁଯୋଗ ନଥିବାରୁ ମୁଁ ବିଶ୍ୱବିପ୍ଳବର ବିଭିନ୍ନ ଆଦର୍ଶ ସମ୍ପର୍କରେ ପଢ଼ିବାର ସୁଯୋଗ ପାଇଲି ।

ବିଶିଷ୍ଟ ନୈରାଜ୍ୟବାଦୀ ନେତା 'ବାକୁନିନ' ସାମ୍ୟବାଦର ଜନକ ମାର୍କସ୍, ଲେନିନ୍, ଟ୍ରଟସ୍କିଙ୍କର ଚିନ୍ତାଧାରାର କେତେକ ତଫାତ୍‌କୁ ଛାଡିଦେଲେ ପ୍ରାୟ ସମସ୍ତେ ସେହି ସମାଜର ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସ୍ୱରଉତ୍ତୋଳନ କରିଛନ୍ତି ଏବଂ ସ୍ଥାୟୀ ଶାନ୍ତିସ୍ଥାପନା ପାଇଁ ବିଭିନ୍ନ ସୂତ୍ରର ଅବତାରଣା କରିଛନ୍ତି । ବାସ୍ତବଦୃଷ୍ଟିରୁ ଦେଖିଲେ ବାକୁନିନ୍‌ଙ୍କର ନୈରାଜ୍ୟବାଦ ରାଷ୍ଟ୍ରର ବିଲୁପ୍ତିଚାହେଁ । ମାର୍କସ୍‌ଙ୍କର ସାମ୍ୟବାଦ ଶ୍ରେଣୀ ରାଷ୍ଟ୍ରରେ ବିଲୁପ୍ତି ଚାହେଁ । ମୁଁ ବିଶେଷଭାବରେ ସାମ୍ୟବାଦର ଦର୍ଶନ, ଆତ୍ମଜୀବନୀ, ଭାରତର ସ୍ୱଦେଶୀ ଆନ୍ଦୋଳନର ଇତିହାସ 'ମୃତ୍ୟୁର ଦ୍ୱାରଦେଶରେ' ଇତ୍ୟାଦି ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ପ୍ରାବନ୍ଧିକ, କବି, ଦାର୍ଶନିକଙ୍କର ପୁସ୍ତକ ଗୁଡ଼ିକୁ ମନନଶୀଳ ଦୃଷ୍ଟିଭଙ୍ଗୀ ନେଇ ଆତ୍ମସ୍ଥ କରିଥିଲି ।

ସଭ୍ୟତା, ଆଦିମ ଜୀବନ, ଗୋଷ୍ଠୀଜୀବନ, ପରିବାର, ବିବାହ, ଗୋଷ୍ଠୀ ବିବାହ, ବିବାହର ତ୍ରୁଟି, ଦାସତ୍ୱ, ରାଜ୍ୟର ଉଦ୍ଭବ, ଜନତାଙ୍କର ସରକାରର ସଂଜ୍ଞା, ଧର୍ମସ୍ୱାଧୀନତା, ଶ୍ରମିକ ଆଇନ, କ୍ଷୁଧା, ନୈତିକତା, ବନ୍ଦୀଶାଳା, ବନ୍ଦୀର ଅସହାୟତା, ପୁଞ୍ଜିବାଦ, ଗଣତନ୍ତ୍ର, ଏସବୁ ବିଷୟ ଉପରେ ପର୍ଯ୍ୟାପ୍ତ ଚିନ୍ତନ କରିଥିଲି ଏବଂ ସେସବୁ

ମୋର ସାଥୀମାନଙ୍କ ସହିତ ଆଲୋଚନା କରୁଥିଲି ।

ସ୍ପିନୋଜା, ଡଷ୍ଟୋଭୟୋସ୍କି, ସକ୍ରେଟିସ୍, ପ୍ଲେଟୋ, ଫ୍ୟୁରିୟର, ଡେକାର୍ଭ, ମେକିଆଭେଲି, ହବସ୍, ଜନ୍ ଲକ୍, ଓମାରଖେୟାମ୍, ଆପଟନ୍ ସିନ୍‌କ୍ଲେୟାର୍, ରବୀନ୍ଦ୍ରନାଥ, ଭିକ୍ଟରହ୍ୟୁଗୋ, କାର୍ଲହିଲ୍, ବିପିନଚନ୍ଦ୍ରପାଲ, ମଦନ ମୋହନ ମାଲବ୍ୟ, ରବୀନ୍ଦ୍ରଘୋଷ, ଗାନ୍ଧିଜୀ ପ୍ରମୁଖଙ୍କୁ ପଢ଼ିବାର ସୁବର୍ଣ୍ଣ ସୁଯୋଗ ମୁଁ ପାଇଥିଲି । ମତେ ଲେନିନ୍‌ଙ୍କର ଲେଖା ଗୁଡ଼ିକ ବେଶି ଉତ୍ସାହପ୍ରଦାନ କରିଥିଲା । ସେଥିପାଇଁ ମୁଁ ବିପ୍ଲବକୁ "ବିପ୍ଲବର ତରବାରୀ ଚିନ୍ତନର ଶାଣପଥରରେ ପଜା ଯାଇଛି" ବୋଲି ଗଭୀର ଆତ୍ମବିଶ୍ୱାସର ସହିତ କହୁଥିଲି ।

ଏ ସମସ୍ତ ପ୍ରକ୍ରିୟା ସହିତ ସମସାମୟିକ ମତବାଦମାନଙ୍କୁ ନେଇ ମୋର ଦୃଷ୍ଟିକୋଣକୁ ପରୀକ୍ଷା କରି ସାରିଥିଲି । ତେଣୁ ଜାତୀୟବାଦୀ ଆନ୍ଦୋଳନ, ସମକାଳୀନ ପୃଥିବୀ ବ୍ୟାପି କ୍ରାନ୍ତିକାରୀ ପ୍ରକ୍ରିୟା, ଅରାଜକତାବାଦ, ସମାଜବାଦ, ହିଂସା ଓ ଅହିଂସା, କ୍ରାନ୍ତିକାରୀ ଆତଙ୍କବାଦ, ଧର୍ମ, ସାମ୍ପ୍ରଦାୟିକତା, ପୂର୍ବବର୍ତ୍ତୀକ୍ରାନ୍ତିକାରୀ ଓ ସମକାଳୀନ ରାଷ୍ଟ୍ରବାଦୀମାନଙ୍କ ମତବାଦ ସହିତ ନିଜକୁ ବାରମ୍ବାର ପରୀକ୍ଷା ନିରୀକ୍ଷା କରାଇ ନେଲାପରେ ମୋର ବୈପ୍ଳବିକ ବାସ୍ତବ ସିଦ୍ଧାନ୍ତ ଆହୁରି ଦୃଢ଼ତର ହୋଇଥିଲା ।

ଅବଶ୍ୟ ମୋର ପୂର୍ବସୂରୀ ବିପ୍ଳବୀ ଓ ମୋର ସମସାମୟିକ ବିପ୍ଳବୀମାନଙ୍କ ମଧ୍ୟରେ ଧର୍ମପ୍ରତି ଏକ ଆବେଗାତ୍ମକ ଭାବନାର ପ୍ରେରଣା ଓ ଆଦର୍ଶବୋଧୀୟ ବିଶ୍ୱାସଥିଲା । ମୋର ପୂର୍ବବର୍ତ୍ତୀ କ୍ରାନ୍ତିକାରୀମାନେ ଧର୍ମକୁ ଅନ୍ତଶକ୍ତିର ଉତ୍ସ ଭାବରେ ଗ୍ରହଣ କରିଥିଲେ ହେଁ କେହିହେଲେ ସାଂପ୍ରଦାୟିକବାଦୀ ନଥିଲେ । ଧର୍ମ ସେମାନଙ୍କର ରାଜନୀତିର ଆଦର୍ଶ ନଥିଲା । ଧର୍ମ ସେମାନଙ୍କୁ ସମଗ୍ର ଭାରତବାସୀଙ୍କ ପାଇଁ ଜାତୀୟମୁକ୍ତି ଲାଗି ସଂଗ୍ରାମ କରିବାପାଇଁ ପ୍ରେରଣା ଯୋଗାଉଥିଲା । କିନ୍ତୁ ସାଂପ୍ରଦାୟିକ ରାଜନୀତିର ସଂଗଠକମାନଙ୍କୁ ଭାରତୀୟଙ୍କର ଗୋଟିଏ ବର୍ଗର ଲୋକଙ୍କୁ ଅନ୍ୟବର୍ଗର ଲୋକମାନଙ୍କ ପ୍ରତି ଘୃଣାଭାବ ଜନ୍ମାଇବା ଲାଗି ପ୍ରଣୋଦିତ କରୁନଥିଲା । ଧର୍ମ ଓ ରହସ୍ୟବାଦକୁ ଅବଲମ୍ବନକରି ଜାତୀୟବାଦୀମାନେ ସାମ୍ରାଜ୍ୟବାଦୀମାନଙ୍କ ବିରୁଦ୍ଧରେ ସଂଗ୍ରାମ କରିବାକୁ ଅନୁପ୍ରେରିତ ହେଉଥିଲେ । ସେମାନେ କ୍ରାନ୍ତିକାରୀ ଆଦର୍ଶ ପ୍ରତି ପ୍ରତିବଦ୍ଧଥିବାରୁ ଶୋଷଣ ବିରୁଦ୍ଧରେ ସଂଗ୍ରାମ କରିବାବେଳେ ଆଧ୍ୟାତ୍ମିକତାରୂପୀ କୃତ୍ରିମ ଅବଲମ୍ବନର ଅପେକ୍ଷା ରଖିଲେ ନାହିଁ । ସେମାନେ 'ଶାଶ୍ୱତ' ମୁକ୍ତିର ସାନ୍ତ୍ୱନା ଓ ସନ୍ତୋଷର ଅପେକ୍ଷା ନ ରଖି ନିର୍ଭୀକ ଭାବରେ ଫାଶୀ ଚଢ଼ିବା ପାଇଁ ଅଗ୍ରସର ହୋଇଆସିଲେ । ସେମାନେ ଦଳିତମାନଙ୍କ ମୁକ୍ତି ପାଇଁ ସଂଗ୍ରାମ କରୁଥିଲେ କାରଣ

ତାଙ୍କ ପାଇଁ ତାହା ବିନା ଗତ୍ୟନ୍ତର ନଥିଲା । ମୁଁ ଭଲଭାବରେ ଜାଣିସାରିଥିଲି 'ଈଶ୍ୱରଙ୍କଠାରେ ମଣିଷ ଏକ ବଳିଷ୍ଠ ଆଶ୍ୱାସନା ଓ ଆଶ୍ରୟ ପାଇଥାଏ ସତ କିନ୍ତୁ ପକ୍ଷାନ୍ତରେ ନିଜର ଅନ୍ତର୍ନିହିତ ଶକ୍ତି ଉପରେ ନିର୍ଭର କରିବା ସେତେ ସହଜ ନୁହେଁ । କାରଣ ପ୍ରବଳ ଝଡ ତୋଫାନ ବାତ୍ୟା ଭିତରେ ନିଜ ଗୋଡ଼ରେ ଠିଆହେବା ପିଲାଖେଳ ନୁହେଁ ।

ମୋର ବନ୍ଧୁମାନେ ବିପ୍ଳବୀମାନେ ଦେଶକୁ ସ୍ୱାଧୀନ କରିବା ସହିତ ମାନବଜାତିର ସେବା, ଦଳିତ, ମେହେନତି ଶ୍ରମିକ ମାନଙ୍କର ମୁକ୍ତିଲାଗି ନିଜକୁ ଉତ୍ସର୍ଗ କରିଥିଲେ । ଆମେ ସମସ୍ତେ ପୂର୍ବପିଢ଼ି କ୍ରାନ୍ତିବାଦୀମାନଙ୍କଠାରୁ ଜାତୀୟବାଦ, ଦେଶପ୍ରେମ ଓ ସେଥିପାଇଁ ତ୍ୟାଗ ସ୍ୱୀକାର କରିପାରିବା ଶକ୍ତିକୁ ଆହରଣ କରିଥିଲୁ । ସେଥିପାଇଁ ରହସ୍ୟବାଦ, କଳ୍ପନା ପ୍ରବଣତା ଓ ଧର୍ମୀୟ ଭାବନା ଦ୍ୱାରା ଉତ୍ସାହ ଓ ପ୍ରେରଣା ପାଇଁ ନିର୍ଭରଶୀଳ ଆମର ପୂର୍ବବର୍ତ୍ତୀ କ୍ରାନ୍ତିବାଦୀମାନଙ୍କଠାରୁ ଆମେ ନିଜ ମତବାଦର ପାର୍ଥକ୍ୟ ଦର୍ଶାଇ ଭୌତିକବାଦ (ଜଡବାଦ), ଯୁକ୍ତିପରକତା, ଏବଂ ବିଜ୍ଞାନ ପ୍ରତି ନିଜର ଦୃଢ଼ ଅଙ୍ଗୀକାରବଦ୍ଧତା ପ୍ରକାଶ କରିଥିଲୁ ।

ଆମର ଦୃଷ୍ଟିକୋଣରେ କ୍ରାନ୍ତିକାରୀ ଆନ୍ଦୋଳନ ବୈଜ୍ଞାନିକ ଦୃଷ୍ଟିକୋଣକୁ ଗ୍ରହଣ କରିବାକୁ ଆରମ୍ଭ କରିଥିଲା ଓ ବୈଜ୍ଞାନିକ 'ମାର୍କ୍ସବାଦୀ ସମାଜବାଦ' ଦର୍ଶନକୁ ନିଜର କରିନେଲାପରେ ପୂର୍ବର କାଳ୍ପନିକତା ବା (ୟୁଟୋପିଆନ୍) ଚିନ୍ତାଧାରାର ବିଲୟ ଘଟିଥିଲା ।

'କାହିଁକି ମୁଁ ଜଣେ ନାସ୍ତିକ' ପୁସ୍ତକରେ ମୋର କେତେକ ପ୍ରଶ୍ନର ଉତ୍ତର ଖୋଜିବାପାଇଁ ମୁଁ ଉଦ୍ୟମ କରିଛି । ସର୍ବଶକ୍ତିମାନ, ସର୍ବତ୍ର ବିରାଜିତ, ସର୍ବଜ୍ଞାତା ଈଶ୍ୱରଙ୍କ ଅସ୍ତିତ୍ୱରେ ମୁଁ ବିଶ୍ୱାସ କରେ ନାହିଁ । ଏଭଳି ଏକ ପ୍ରଶ୍ନର ମୁଁ ସମ୍ମୁଖୀନ ହେବି ବୋଲି କେବେ ହେଲେ କଳ୍ପନା କରିନଥିଲି । ଅବଶ୍ୟ ମୋର ବନ୍ଧୁମାନେ ମୋର ଈଶ୍ୱରଙ୍କର ଅସ୍ତିତ୍ୱକୁ ଅସ୍ୱୀକାର ସର୍ବାଙ୍ଗ ବିଷୟ ବୋଲି କହନ୍ତି । ଔଦ୍ଧତ୍ୟ ମୋ ପ୍ରକୃତିର ଏକ ଅଙ୍ଗହୋଇ ରହିଆସିଛି । ମୋର ବନ୍ଧୁମାନେ ମତେ ଜଣେ ଏକଛତ୍ରବାଦୀ ବୋଲି କହନ୍ତି । ଏପରିକି ମୋର ବନ୍ଧୁ ମିଷ୍ଟର ବି.କେ.ଦତ୍ତ ମତେ ସେହିଭଳି କହନ୍ତି । କେତେକ ଘଟଣାରେ ମତେ ଏକଜିଦିଆ ବୋଲି ନିନ୍ଦା କରାଯାଇଛି । ମୋର କେତେକ ବନ୍ଧୁ ମଧ୍ୟ ବହୁ ଗୁରୁତର ଭାବରେ ଅଭିଯୋଗ କରିଛନ୍ତି ଯେ ମୁଁ ଅନିଚ୍ଛାସତ୍ତ୍ୱେ ମୋର ମତକୁ ଅନ୍ୟମାନଙ୍କ ଉପରେ ଲିପିଦିଏ ଏବଂ ମୋର ପ୍ରସ୍ତାବକୁ ଗ୍ରହଣକରାଇ ନିଏ । ଏକଥା କେତେକ ମାତ୍ରାରେ ସତ୍ୟ । ମୁଁ ଏହା

ଅସ୍ୱୀକାର କରୁନାହିଁ । ଏହା ଅହଂକାର ହୋଇପାରେ । ଆମର ମତ ଅନ୍ୟ ଲୋକଙ୍କର ପ୍ରଚଳିତ ମତ ସହିତ ବିରୋଧ ହେବା ବିଷୟରେ ମୋର ଅବଶ୍ୟ ଔଦ୍ଧତ୍ୟ ରହିଛି, କିନ୍ତୁ ତାହା ବ୍ୟକ୍ତିଗତ ନୁହେଁ ଏହା ହେଉଛି ଆମ ସ୍ୱୀକୃତ ମତ ପ୍ରତି ସମୁଚିତ ଗର୍ବ ଏବଂ ଏହାକୁ ଔଦ୍ଧତ୍ୟ କୁହାଯାଇ ନପାରେ । ମୁଁ ପ୍ରଥମରୁ ସ୍ପଷ୍ଟ କରିଦେବାକୁ ଚାହେଁ ଯେ ଅହଂକାର ଏବଂ ଔଦ୍ଧତ୍ୟ ହେଉଛି ଦୁଇଟି ସ୍ୱତନ୍ତ୍ର ବିଷୟ ।

ମୋର ନାସ୍ତିକତାବାଦ ଏବକାଳର ସୃଷ୍ଟି ନୁହେଁ । ମୁଁ ଯେତେବେଳେ ଗୋଟିଏ ଅଜ୍ଞାତ ଯୁବକ ଥିଲି ସେତେବେଳେ ମୁଁ ଈଶ୍ୱରଙ୍କୁ ବିଶ୍ୱାସ କରିବାରୁ ନିବୃତ୍ତ ହୋଇଯାଇଥିଲି । ମୋ ପୂର୍ବ ଉଲ୍ଲିଖିତ ବନ୍ଧୁମାନେ ମୋର ସେହି ସତ୍ତାବିଷୟରେ ଆଦୌ ସଚେତନ ନଥିଲେ । ମୁଁ ଏକ ପରିଶ୍ରମୀ ଓ ଅଧ୍ୟବସାୟୀ ଛାତ୍ର ନଥିଲି । ମୁଁ ଏହିଭଳି କୌଣସି ଗର୍ବ, ଉଦ୍ଧତ ଭାବପୋଷଣ କରିବାକୁ ସୁଯୋଗ ପାଇନଥିଲି । ବରଂ ମୁଁ ଗୋଟିଏ ଲାଜକୁଳା ପିଲା ଥିଲି ଏବଂ ମୋର ଭବିଷ୍ୟତ ଜୀବନଚର୍ଯ୍ୟା (କ୍ୟାରିୟର) ପ୍ରତି ନୈରାଶ୍ୟମୂଳକ ଭାବ ରହିଥିଲା । ମୋର ପିତାମହ ଯାହାଙ୍କ ପ୍ରଭାବରେ ମୁଁ ପିଲା ଦିନେ ବଢିଥିଲି, ସେ ଜଣେ ରକ୍ଷଣଶୀଳ ଆର୍ଯ୍ୟ ସମାଜବାଦୀ ଥିଲେ । ଜଣେ ଆର୍ଯ୍ୟ ସମାଜବାଦୀ ଯାହାହେଲେ ହେଁ ସେ ନାସ୍ତିକହୋଇ ନ ପାରନ୍ତି । ମୋର ପ୍ରାଥମିକ ଶିକ୍ଷା ସମାପ୍ତପରେ ମୁଁ ଲାହୋର ଡି.ଏ.ଭି ବିଦ୍ୟାଳୟରେ ଯୋଗଦେଲି ଏବଂ ପୁରା ଏକବର୍ଷ ପର୍ଯ୍ୟନ୍ତ ସେ ଛାତ୍ରାବାସରେ ରହିଲି । ସେଠାରେ ସକାଳ ଓ ସନ୍ଧ୍ୟାକାଳୀନ ପ୍ରାର୍ଥନା ବ୍ୟତୀତ ମୁଁ ଗାୟତ୍ରୀ ମନ୍ତ୍ର ଘଣ୍ଟାଘଣ୍ଟା ଧରି ଜପ କରୁଥିଲି । ସେ ସମୟରେ ମୁଁ ସମ୍ପୂର୍ଣ୍ଣ ଈଶ୍ୱର ଭକ୍ତଥିଲି । ତା'ପରେ ମୁଁ ପିତାଙ୍କ ସହିତ ରହିଲି । ସେ ଜଣେ ରକ୍ଷଣଶୀଳ, ଧର୍ମଭାବନା ବିଷୟରେ ସହନଶୀଳ ବ୍ୟକ୍ତିଥିଲେ । ତାଙ୍କରି ଶିକ୍ଷାବଳରେ ମୋ ଜୀବନକୁ ସ୍ୱାଧୀନତା ପାଇଁ ବିନିଯୋଗ କରିବା ଲାଗି ମୁଁ ଅଭୀପ୍ସା ପୋଷଣ କଲି ।

କିନ୍ତୁ ସେ ଜଣେ ନାସ୍ତିକ ନଥିଲେ । ତାଙ୍କର ଦୃଢ଼ ଈଶ୍ୱରବିଶ୍ୱାସଥିଲା । ସେ ମୋତେ ପ୍ରତିଦିନ ପ୍ରାର୍ଥନା କରିବା ପାଇଁ ଉତ୍ସାହିତ କରୁଥିଲେ । ଏହିପରି ଭାବରେ ମୁଁ ଲାଳିତପାଳିତ ହୋଇଆସିଛି । ଅସହଯୋଗ ଆନ୍ଦୋଳନ ସମୟରେ ମୁଁ ଜାତୀୟ ମହାବିଦ୍ୟାଳୟ (ନ୍ୟାସନାଲ୍ କଲେଜ) ରେ ଯୋଗଦେଲି । ସେହିଠାରେ ମୁଁ ସ୍ୱାଧୀନତଚେତା ଭାବରେ ଚିନ୍ତାକଲି ଏବଂ ଧର୍ମୀୟ ସମସ୍ୟା ତଥା ଈଶ୍ୱରଙ୍କ ବିଷୟରେ ଆଲୋଚନା ଓ ସମାଲୋଚନା କରିବାର ଅବକାଶ ପାଇଲି । ମାତ୍ର ସେ ପର୍ଯ୍ୟନ୍ତ ମୁଁ ଦୃଢ଼ ଈଶ୍ୱରବିଶ୍ୱାସୀ ଥିଲି । ସେ ପର୍ଯ୍ୟନ୍ତ ମୁଁ ବନ୍ଧା ନ ହୋଇଥିବା ଲମ୍ବାବାଳ ରଖୁଥିଲି ।

କିନ୍ତୁ ମୁଁ ଶିଖଧର୍ମର କିମ୍ବା ଅନ୍ୟକୌଣସି ଧର୍ମର ପୁରାଣ କଥା ଏବଂ ତତ୍ତ୍ୱରେ ବିଶ୍ୱାସ ସ୍ଥାପନ କରିପାରୁ ନଥିଲି । ଅଥଚ ଈଶ୍ୱରଙ୍କ ସତ୍ତାରେ ମୋର ଦୃଢ଼ବିଶ୍ୱାସ ଥିଲା ।

ତା'ପରେ ମୁଁ କ୍ରାନ୍ତିକାରୀ ବିପ୍ଲବୀ ଦଳରେ ଯୋଗଦେଲି । ଯେଉଁ ପ୍ରଥମ ନେତାଙ୍କ ସହିତ ମୋର ସମ୍ପର୍କ ସ୍ଥାପିତ ହେଲା ସେ ଯଦିବା ଈଶ୍ୱରଙ୍କ ସତ୍ତା ବିଷୟରେ ସନ୍ଦିହାନ ଥିଲେ କିନ୍ତୁ ଈଶ୍ୱରଙ୍କ ସତ୍ତାକୁ ଅସ୍ୱୀକାର କରିବାକୁ ସାହାସ କରିପାରୁ ନଥିଲେ । ଈଶ୍ୱରଙ୍କ ବିଷୟରେ ମୋର ବାରମ୍ବାର ପ୍ରଶ୍ନ ଶୁଣି ସେ କହିଥିଲେ, ''ଯେତେବେଳେ ଚାହୁଁଛ ସେତେବେଳେ ପ୍ରାର୍ଥନାକର'' । ନାସ୍ତିବାଦକୁ ଗ୍ରହଣ କରିବାପାଇଁ ଏହି ମତବାଦରେ ସେତେ ସାହସ ନଥିଲା । ଯେଉଁ ଦ୍ୱିତୀୟ ନେତାଙ୍କ ସହିତ ମୁଁ ସମ୍ପର୍କିତ ହେଲି ସେ ଥିଲେ ଜଣେ ଦୃଢ଼ ବିଶ୍ୱାସୀ ବ୍ୟକ୍ତିତ୍ୱ । ମୁଁ ତାଙ୍କ ନାମ ଉଲ୍ଲେଖକରେ– ସେ ମୋର କମ୍ରେଡ୍ ଶଚ୍ଚୀନ୍ଦ୍ରନାଥ ସାନ୍ୟାଲ । ସେ ବର୍ତ୍ତମାନ କରାଚୀ ରାଜଦ୍ରୋହ ଚକ୍ରାନ୍ତ ଅପରାଧରେ କଳାପାଣି ପାରିହେବା ଦଣ୍ଡ ଭୋଗୁଛନ୍ତି । ତାଙ୍କର ପ୍ରସିଦ୍ଧ ଏବଂ ଏକମାତ୍ର ପୁସ୍ତକ 'ବନ୍ଦୀଜୀବନ'ର ପ୍ରଥମ ପୃଷ୍ଠାରେ ଈଶ୍ୱରଙ୍କ ମହିମା ପ୍ରଚଣ୍ଡ ଭାବରେ ଗାନ କରାଯାଇଛି ସେହି ଚମତ୍କାର ପୁସ୍ତକର ଦ୍ୱିତୀୟ ଭାଗର ଶେଷ ପୃଷ୍ଠାରେ ବେଦାନ୍ତବାଦଜନିତ ରହସ୍ୟବୋଧରୁ ଈଶ୍ୱରଙ୍କ ଉପରେ ପ୍ରଶଂସା ବୃଷ୍ଟି କରାଯାଇଛି ।

୨୮ ଜାନୁୟାରୀ ୧୯୨୫ ରେ ଯେଉଁ ବୈପ୍ଳବିକ ପ୍ରଚାରପତ୍ର ସାରା ଭାରତବର୍ଷରେ ବଣ୍ଟା ଯାଇଥିଲା, ଅଭିଯୋଗକାରୀଙ୍କ ମତରେ ତାହା ତାଙ୍କର ବୌଦ୍ଧିକ ଶ୍ରମରୁ ସଂଜାତବୋଲି କୁହାଯାଇଛି । ଗୁପ୍ତକର୍ମରେ ଏହା ଅବଶ୍ୟମ୍ଭାବୀ ଯେ ମୁଖ୍ୟନେତା ତାଙ୍କର ଅତ୍ୟନ୍ତ ପ୍ରିୟ ନିଜମତକୁ ପ୍ରକାଶ କରୁଥିଲାବେଳେ ତାହା ସହିତ ଅନ୍ୟକର୍ମୀମାନଙ୍କର ମତଭେଦ ଥିଲେ ହେଁ ସେମାନେ ତାଙ୍କ ସହିତ ସହମତ ହୋଇଥାନ୍ତି । ସେହି ପ୍ରଚାରପତ୍ରର ପୂରା ଏକ ପରିଚ୍ଛେଦ ସର୍ବଶକ୍ତିମାନ ଭଗବାନଙ୍କ ଲୀଳାନନ୍ଦ ଏବଂ କର୍ମ ବିଷୟରେ ଉତ୍ସର୍ଗକରା ଯାଇଥିଲା । ସେସବୁ ରହସ୍ୟବାଦର କଥା । ମୁଁ ଦର୍ଶାଇ ଦେବାକୁ ଚାହେଁ ଯେ ବିପ୍ଳବୀଙ୍କ ଦଳରେ ଭଗବାନଙ୍କ ବିଷୟରେ ଅବିଶ୍ୱାସର ବୀଜାଙ୍କୁର ସୁଦ୍ଧା ଘଟିନଥିଲା ।

ପ୍ରସିଦ୍ଧ ଚାରିଜଣ କାକୋରି ଶହୀଦ ଭଗବାନଙ୍କ ପ୍ରାର୍ଥନାରେ ତାଙ୍କର ଶେଷ ଦିନଗୁଡ଼ିକ ବିତାଇଥିଲେ । ରାମପ୍ରସାଦ ବିଶ୍ମିଲ୍‌ଥିଲେ ଜଣେ ରକ୍ଷଣଶୀଳ ଆର୍ଯ୍ୟ ସମାଜୀ । ସାମ୍ୟବାଦ ଏବଂ କମ୍ୟୁନିଷ୍ଟବାଦର ବ୍ୟାପକ ଅଧ୍ୟୟନ କରିଥିବା ସତ୍ତ୍ୱେ ରାଜେନ୍ଦ୍ର ଲାହିଡ଼ି ଉପନିଷଦର ମନ୍ତ୍ର ଏବଂ ଗୀତା ଆବୃତ୍ତି କରିବାର ଇଚ୍ଛାକୁ ଦମନ

କରିପାରିନଥିଲେ । ମୁଁ ତାଙ୍କ ମଧ୍ୟରେ କେବଳ ଜଣେ ମାତ୍ର ବ୍ୟକ୍ତିଙ୍କୁ ଦେଖିଛି ଯେ କେବେହେଲେ ପ୍ରାର୍ଥନା କରିନଥାନ୍ତି ଏବଂ କହିଥାନ୍ତି, ''ଦର୍ଶନଶାସ୍ତ୍ର ହେଉଛି ମଣିଷର ଦୁର୍ବଳତା କିମ୍ବା ଜ୍ଞାନର ସସୀମତାର ଫଳ ।'' ସେ ମଧ୍ୟ ସାରାଜୀବନ ପାଇଁ ଦ୍ୱୀପାନ୍ତର ଦଣ୍ଡ ଭୋଗୁଛନ୍ତି । କିନ୍ତୁ ସେ ଇଶ୍ୱରଙ୍କ ଅସ୍ତିତ୍ୱକୁ ନାସ୍ତି କରିବାପାଇଁ କେବେହେଲେ ସାହସ କରିନାହାନ୍ତି ।

ସେହି ସମୟ ପର୍ଯ୍ୟନ୍ତ ମୁଁ ଜଣେ ରୋମାଣ୍ଟିକ୍ ଆଦର୍ଶବାଦୀ ବିପ୍ଳବୀଥିଲି । ସେ ପର୍ଯ୍ୟନ୍ତ ଆମକୁ ନେତାମାନଙ୍କର ଅନୁସରଣ କରିବାକୁ ପଡୁଥିଲା । ବର୍ତ୍ତମାନ ସମୟ ଆସିଲା, ଯେତେବେଳେ ସମ୍ପୂର୍ଣ୍ଣ ଦାୟିତ୍ୱ ଆମକୁ ବହନ କରିବାକୁ ହେଲା । କିଛିକାଳ ଆମ ଉତ୍ସାହୀସାଥୀ (କମ୍ରେଡ) ମାନେ ଏପରିକି ନେତାମାନେ ଆମକୁ ଥଟ୍ଟା ପରିହାସ କରିବାକୁ ଆରମ୍ଭ କଲେ । ମୋର ସନ୍ଦେହ ଜାତ ହୋଇଥିଲା, ହୁଏତ କୌଣସି ଦିନ ମୁଁ ମଧ୍ୟ ଆମ ଯୋଜନାର ବ୍ୟର୍ଥତା ବିଷୟରେ ଜାଣିଯିବି । ତାହା ଥିଲା ମୋ ବୈପ୍ଳବିକ, କର୍ମର ଏକ ପରିବର୍ତ୍ତନ ବିନ୍ଦୁ । ସେତେବେଳେ 'ଅଧ୍ୟୟନକର' ଏହି ଧ୍ୱନି ମୋର ମନ ଅଙ୍ଗନରେ ଘନଘନ ସ୍ପନ୍ଦିତ ହେଉଥିଲା । ବିରୋଧିଦଳ ପ୍ରୟୋଗ କରୁଥିବା ଯୁକ୍ତିମାନଙ୍କୁ ମୁକାବିଲା କରିବାପାଇଁ 'ଅଧ୍ୟୟନକରିବା ଏବଂ ନିଜ ସ୍ୱୀକୃତ ମତ ସପକ୍ଷରେ ସଜ୍ଜିତ ହେବା ପାଇଁ ଅଧ୍ୟୟନ କରିବା ହିଁ ଉପାୟ ବୋଲି ବୋଧ ହେଲା । ମୁଁ ଅଧ୍ୟୟନ କରିବାକୁ ଆରମ୍ଭ କଲି । ମୋର ପୂର୍ବଘୋଷିତ ଆସ୍ଥା ଓ ବିଶ୍ୱାସ ଏକ ସ୍ମରଣୀୟ ପରିବର୍ତ୍ତନ ମଧ୍ୟରେ ଗତିକଲା । ମୋର ପୂର୍ବବର୍ତ୍ତୀ ବିପ୍ଳବୀମାନେ ହିଂସାତ୍ମକ କର୍ମ ପଦ୍ଧତିରେ ଯେଉଁ ପୁଲକ ଅନୁଭବ କରୁଥିଲେ, ତାହା ଦୂରୀଭୂତ ହୋଇ ସେ ସ୍ଥାନରେ ଗମ୍ଭୀର ପ୍ରତ୍ୟୟମାନ ସ୍ଥାନିତ ହେଲା । ରହସ୍ୟବାଦର ପ୍ରୟୋଜନ ରହିଲା ନାହିଁ । ଅନ୍ଧବିଶ୍ୱାସର ଆଉ ପ୍ରୟୋଜନ ନଥିଲା । ବାସ୍ତବବାଦ ଆମର ସ୍ୱୀକୃତ ମତ ହୋଇଗଲା । କେବଳ ଭୟଙ୍କର ପ୍ରୟୋଜନ ସମୟରେ ଶକ୍ତିପ୍ରୟୋଗକୁ ଯଥାର୍ଥବୋଲି ଏବଂ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଆନ୍ଦୋଳନରେ ଅହିଂସାକୁ ଅପରିହାର୍ଯ୍ୟ ବୋଲି ଗ୍ରହଣ କରାଗଲା । ଏସବୁତ ପଦ୍ଧତି ପାଇଁ ହେଲା । ଅସଲ ବିଷୟ ହେଉଛି ଆମେ ଯେଉଁଥିପାଇଁ ସଂଗ୍ରାମ କରୁଛୁ ସେହି ଆଦର୍ଶର ସ୍ପଷ୍ଟ ଧାରଣା କରିବାକୁ ବାକି ରହିଲା ।

ଅନ୍ୟ ପକ୍ଷରେ କର୍ମକ୍ଷେତ୍ରରେ ଆମପାଇଁ କୌଣସି ବିଶେଷ କାର୍ଯ୍ୟକ୍ରମ ସ୍ଥିର କରାଯାଉ ନଥିଲା । ସେହି ସମୟରେ ବିଶ୍ୱର ବିଭିନ୍ନ ବିପ୍ଳବର ଆଦର୍ଶ ସମ୍ବନ୍ଧରେ ଅଧ୍ୟୟନ କରିବାପାଇଁ ମୁଁ ପ୍ରଚୁର ସୁଯୋଗ ଲାଭ କରିଥିଲି । ଅରାଜକତାର ନେତା

ବାକୁନିନଙ୍କର ବିଷୟରେ ମୁଁ ଅଧ୍ୟୟନ କରି କମ୍ୟୁନିଷ୍ଟ ମତବାଦର ଜନକ ମାର୍କ୍ସଙ୍କ ବିଷୟରେ ମଧ୍ୟକିଛି ଅଧ୍ୟୟନକଲି । ନିଜ ଦେଶର ବିପ୍ଳବକୁ ସଫଳତାର ସହିତ ଚଳାଇ ଆଣିଥିବା ଲେନିନ୍, ଟ୍ରଟସ୍କି ଏବଂ ଅନ୍ୟମାନଙ୍କ ବିଷୟରେ ଅଧିକ ଜାଣିଲି । ସେମାନେ ସମସ୍ତେ ନାସ୍ତିକବାଦୀଥିଲେ । ବାକୁନିନ୍‌ଙ୍କର ଗ୍ରନ୍ଥ 'ଈଶ୍ୱର ଓ ରାଷ୍ଟ୍ର'କୁ ଯଦିବା ଆଂଶିକ ଭାବରେ ମୁଁ ପ୍ରାପ୍ତ ହୋଇଥିଲି, ତାହା ହିଁ ଥିଲା ମୋ ପାଇଁ ଚମତ୍କାର ବିଷୟଗତ ଅଧ୍ୟୟନ । ପରେ ନିର୍ଲମ୍ବ ସ୍ୱାମୀଙ୍କର 'ସାଧାରଣଜ୍ଞାନ' ପୁସ୍ତକ ମୋ ହାତକୁ ଆସିଲା । ଏହା ଥିଲା ଏକପ୍ରକାର ରହସ୍ୟବାଦୀ ନାସ୍ତିକବାଦ । ତାହା ମୋର ଅତ୍ୟନ୍ତ ଆଗ୍ରହର ବିଷୟ ଥିଲା । ୧୯୨୬ ସୁଦ୍ଧା ମୁଁ ସ୍ଥିର ସିଦ୍ଧାନ୍ତରେ ପହଞ୍ଚିଲି ଯେ ଯେଉଁ ପରମସତ୍ତା ଏହି ବିଶ୍ୱକୁ ସୃଷ୍ଟି କରିଛନ୍ତି, ନିୟମନ କରିଛନ୍ତି ଓ ନିୟନ୍ତ୍ରିତ କରୁଛନ୍ତି, ତାଙ୍କର ଅସ୍ତିତ୍ୱ, ବିଷୟକ ତଥ୍ୟ ସମ୍ପୂର୍ଣ୍ଣ ଅମୂଳକ । ମୋର ଏହି ଅବିଶ୍ୱାସକୁ ଦୃଢ଼ ଭାବରେ ପ୍ରକାଶ କରିଦେଲି । ଜେଲ୍‌ରେ ମୁଁ ମୋର ବନ୍ଧୁମାନଙ୍କ ସହିତ ଏ ବିଷୟରେ ଖୋଲାଖୋଲି ଆଲୋଚନା କଲି । ମୁଁ ଜଣେ ଜଣାଶୁଣା ନାସ୍ତିକ ହୋଇଗଲି ।

ମୁଁ ଜଣେ ବାସ୍ତବବାଦୀ ଭାବରେ ଯୁକ୍ତିସାହାଯ୍ୟରେ ମୋ ଭିତରେ ଥିବା ବୃତ୍ତିକୁ ପରାଭୂତ କରିବାକୁ ଚାହୁଁଛି । ମୋ ଲକ୍ଷ୍ୟ ସାଧନାରେ ମୁଁ ସବୁବେଳେ ସଫଳକାମ ହୋଇ ପାରିନାହିଁ । କିନ୍ତୁ ମନୁଷ୍ୟର କର୍ତ୍ତବ୍ୟ ହେଉଛି ଚେଷ୍ଟା କରିବା, ଉଦ୍ୟମ କରିବା, ସଫଳତା, ଆକସ୍ମିକତା ଓ ପରିସ୍ଥିତି ଉପରେ ନିର୍ଭର କରେ । ମୁଁ ଆଗରୁ କହିଛି ଯେ ମୋର କେତେକ ବିପ୍ଳବୀବନ୍ଧୁ କହିଥାନ୍ତି ଯେ ଦର୍ଶନଶାସ୍ତ୍ର ଗତ ବିଚାର ମନୁଷ୍ୟର ଦୁର୍ବଳତାରୁ ହିଁ ଜାତ ହୋଇଥାଏ । ଆମର ପୂର୍ବ ପୁରୁଷମାନଙ୍କର ଯେତେବେଳେ ଅବସର ସମୟ ଯଥେଷ୍ଟ ଥିଲା ସେମାନେ ଏହି ଜଗତର ରହସ୍ୟର ସମାଧାନ ପାଇଁ ସଚେଷ୍ଟ ଥିଲେ ।

ଏହି ଜଗତର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ତଥା ଏହା କାହିଁକି ଅଛି ଏବଂ କେଉଁଠାରୁ ଆସିଛି ବିଚାର କରୁଥିଲେ । ପ୍ରତ୍ୟକ୍ଷପ୍ରମାଣର ଅତୀବ ଅଭାବରୁ ଯେ ଯାହାର ପଥରେ ସମସ୍ୟାର ସମାଧାନ କରୁଥିଲେ । ସେଥିପାଇଁ ବିଭିନ୍ନ ଧର୍ମୀୟ ଚିନ୍ତାଧାରାରେ ଏତେ ମୌଳିକ ପାର୍ଥକ୍ୟ ଦେଖିବାକୁ ମିଳୁଛି । ବେଳେବେଳେ ତାହା ପୁଣି ପରସ୍ପର ବିରୋଧୀ ରୂପ ଧାରଣ କରିଛନ୍ତି ।

କେବଳ ଯେ ପ୍ରାଚ୍ୟ ଓ ପାଶ୍ଚାତ୍ୟରେ ପାର୍ଥକ୍ୟ ଦେଖିବାକୁ ମିଳେ ତାହା ନୁହେଁ । ପ୍ରତ୍ୟେକ ଗୋଲାର୍ଦ୍ଧରେ ସେହି ଦର୍ଶନଗୁଡ଼ିକ ମଧ୍ୟ ପୃଥକ୍ ହୋଇଥାନ୍ତି । ପ୍ରାଚ୍ୟଧର୍ମମାନଙ୍କ ମଧ୍ୟରେ ମୁସଲମାନ ଧର୍ମ, ହିନ୍ଦୁଧର୍ମର ଆଦୌ ଅନୁରୂପ ନୁହେଁ ।

ଭାରତବର୍ଷରେ ବୌଦ୍ଧବାଦ ଓ ଜୈନ ମତବାଦ ଠାରୁ ବ୍ରାହ୍ମଣବାଦ ବେଳେବେଳେ ସମ୍ପୂର୍ଣ୍ଣ ପୃଥକ ହୋଇଥିବାବେଳେ ତା'ମଧ୍ୟରେ ଆର୍ଯ୍ୟସମାଜ ଏବଂ ସନାତନ ଧର୍ମରେ ପାର୍ଥକ୍ୟ ଦେଖିବାକୁ ମିଳେ । ଅତୀତର ଆଉଜଣେ ସ୍ୱତନ୍ତ୍ର ଚିନ୍ତାଶୀଳ ଦାର୍ଶନିକ ହେଉଛନ୍ତି ଚାର୍ବାକ୍ । ପ୍ରାଚୀନ କାଳରେ ସେ ଈଶ୍ୱରଙ୍କ ଆଧିପତ୍ୟ (ପ୍ରଭୁତ୍ୱ) କୁ ଅସ୍ୱୀକାର କରି ଆହ୍ୱାନ ଦେଇଥିଲେ । ମୌଳିକ ପ୍ରଶ୍ନରେ ଏହି ମତବାଦୀମାନେ ପରସ୍ପରଠାରୁ ପୃଥକ ଥିଲେ ଏବଂ ପ୍ରତ୍ୟେକ ବିଚାର କରୁଥିଲେ ଯେ ଏକମାତ୍ର ତାଙ୍କର ମତ ଯଥାର୍ଥ ଓ ସତ୍ୟ । ଏହିଠାରେ ହିଁ ଦୁର୍ଭାଗ୍ୟ ନିହିତ । କିନ୍ତୁ ଆନୁଭବିକ ପରୀକ୍ଷଣ ଓ ପୂର୍ବାଚାର୍ଯ୍ୟମାନଙ୍କର ପ୍ରକାଶିତ ତଥ୍ୟକୁ ଆଧାର ଭାବରେ ଗ୍ରହଣ କରି ଅଜ୍ଞାନ ବିରୁଦ୍ଧରେ ଆମେ ଭବିଷ୍ୟତ ସଂଗ୍ରାମ ଚଳାଇ ଏହି ରହସ୍ୟମୟ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଆଳସ୍ୟପରାୟଣ ହୋଇ ବିଶ୍ୱାସ ଲାଗି ଆମେ କୋଳାହଳ କରିଚାଲିଛୁ ଏବଂ ଦୃଢ଼, ଅଟଳ ନିଜନିଜ ବିଶ୍ୱାସକୁ ସମ୍ବଳକରି ଅପରାଧୀ ହୋଇଛୁ । ମାନବର ପ୍ରଗତି ପଥକୁ ରୁଦ୍ଧ କରିଦେଇଛୁ । ଯିଏ ନିଜକୁ ବାସ୍ତବବାଦୀ ବୋଲି ଘୋଷଣା କରୁଛି, ସେ ସମସ୍ତ ପ୍ରାଚୀନ ବିଶ୍ୱାସମାନଙ୍କୁ ପ୍ରତିସ୍ପର୍ଦ୍ଧା ଜଣାଇବାକୁ ବାଧ୍ୟ । ଯଦି ସେ ସବୁ ବିଶ୍ୱାସ ଯୁକ୍ତିର ଆଘାତ ସହ୍ୟ କରିପାରେ ନାହିଁ ତାହା ଭୂଲୁଣ୍ଠିତ ହୋଇଯାଏ । ତେଣୁ ଯୁକ୍ତିନିଷ୍ଠ ଚିନ୍ତାଙ୍କର ପ୍ରଥମ କର୍ମ ହେଉଛି, ସମସ୍ତ ବିଶ୍ୱାସକୁ ଚୂର୍ଣ୍ଣୀଭୂତ କରି ଏକ ନବୀନ ଦର୍ଶନର ନିର୍ମାଣ ଲାଗି ଭୂମି ପ୍ରସ୍ତୁତ କରିବା । ତାହା ହେଉଛି ନକାରାତ୍ମକ ପକ୍ଷ । ତା'ପରେ ସକାରାତ୍ମକ କର୍ମ ଆରମ୍ଭ ହେଲାବେଳେ, ବେଳେବେଳେ ପୁନର୍ନିର୍ମାଣ ନିମିତ୍ତ ପ୍ରାଚୀନ ବିଶ୍ୱାସରୁ କିଛି କିଛି ଉପାଦାନ ସଂଗ୍ରହ କରାଯାଇପାରେ । ନକରାତ୍ମକଙ୍କ ପକ୍ଷରୁ 'ବିଶ୍ୱାସକାରୀ' ମାନଙ୍କୁ ଆମେ କିଛି ପ୍ରଶ୍ନ ପଚାରିବାକୁ ନାହୁଁ ।

(୧) ଯଦି ଆପଣ ବିଶ୍ୱାସ କରୁଥାନ୍ତି ଯେ ଜଣେ ସର୍ବଶକ୍ତିମାନ, ସର୍ବତ୍ର ବିରାଜିତ, ସର୍ବଜ୍ଞ ଈଶ୍ୱର ଅଛନ୍ତି ଓ ଏହି ପୃଥିବୀ ଓ ସଂସାରକୁ ସୃଷ୍ଟି କରିଛନ୍ତି, ଦୟାକରି ମତେ କୁହନ୍ତୁ ସେ କାହିଁକି ଏହାକୁ ସୃଷ୍ଟି କରିଛନ୍ତି ? ଦୁଃଖ ଯନ୍ତ୍ରଣା ପୂର୍ଣ୍ଣ ଏହି ସଂସାର ହେଉଛି ଯଥାର୍ଥରେ ଅନେକ ଦୁଃଖାନ୍ତକ ଘଟଣା ସଂଯୋଗରେ ନିର୍ମିତ ଏଭଳି ଏବେ ବ୍ୟବସ୍ଥା ଯହିଁରେ ଜଣେ ହେଲେ କେହି ପୂର୍ଣ୍ଣତୟା ସନ୍ତୁଷ୍ଟ ହୋଇପାରିବ କି ?

ପ୍ରାର୍ଥନା କରୁଛି, ଏହା ତାଙ୍କର ବିଧାନ ବୋଲି କହନ୍ତୁ ନାହିଁ । ସେ ଯଦି କୌଣସି ବିଧାନ ଦ୍ୱାରା ବନ୍ଦୀ, ତେବେ ସେ ସର୍ବଶକ୍ତିମାନ ହେବେ କିପରି ? ସେ ଆମ୍ଭମାନଙ୍କ ପରି ଆଉଜଣେ ଦାସ । ଦୟାକରି କହନ୍ତୁ ନାହିଁ ଯେ ଏହା ତାଙ୍କର

ଲୀଳା ନିରୋ ରୋମକୁ ଜାଳିଦେଲେ । ସେ ପରିସୀମିତ କେତେକ ବ୍ୟକ୍ତିଙ୍କୁ ହତ୍ୟାକଲେ, ସେ ଅଳ୍ପ କେତେକ ଦୁଃଖାନ୍ତକ ଘଟଣା ଘଟାଇଲେ, ସେ ତାହା କରିଥିଲେ ନିଜର ସୁଖାନୁଭୂତି ପାଇଁ । ଚିନ୍ତା କରନ୍ତୁ, ଇତିହାସରେ ତାଙ୍କର ସ୍ଥାନ କ'ଣ ? କେଉଁ ନାମରେ ଐତିହାସିକମାନେ ତାଙ୍କୁ ଅଭିହିତ କରାଇଛନ୍ତି ? ସକଳ ବିଷାକ୍ତ, ବିଷଦଗ୍ଧ ବିଶେଷଣ ତାଙ୍କ ଉପରେ ବୃଷ୍ଟି ହୋଇଛି । ପୃଷ୍ଠାପୃଷ୍ଠା ବ୍ୟାପି ଭର୍ତ୍ସନା, ନିନ୍ଦା ଓ କଟୂକ୍ତି ଇତିହାସକୁ କାଳିମାମୟ କରିଦେଇଛି । ଅତ୍ୟାଚାରୀ, ହୃଦୟହୀନ ନିରୋଙ୍କ ପ୍ରତି ଇତିହାସର ଏ ମନ୍ତବ୍ୟ । ଜଣେ ଚେଙ୍ଗିଜ୍‌ଖାଁ କେତେ ସହସ୍ର ଜୀବନକୁ ନିଜ ସୁଖ ଲାଗି ବଳିଦେଇଛି, ଆମେ ସେ ନାମ ଉଚ୍ଚାରଣ କରିବାକୁ ଘୃଣା କରିଥାଉ । ତା'ହେଲେ ଆପଣ କିପରି ଆପଣଙ୍କ ସର୍ବଶକ୍ତିମାନ ଶାଶ୍ୱତ ନିରୋଙ୍କ କର୍ମକୁ ସମର୍ଥନ କରିପାରିବେ ? ସେ ତ ଏବେ ମଧ୍ୟ ସଂଖ୍ୟାତୀତ ଦୁଃଖାନ୍ତକ ଘଟଣା ପ୍ରତିଦିନ, ପ୍ରତିଘଣ୍ଟା ଓ ପ୍ରତିମିନିଟ୍‌ରେ ଘଟାଉଛନ୍ତି ?

ଆପଣ କିପରି ଚିନ୍ତା କରିପାରୁଛନ୍ତି ଯେ ପ୍ରତି ମୁହୂର୍ତ୍ତରେ ଚେଙ୍ଗିଜ୍‌ଙ୍କ ଠାରୁ ବଳି ଦୁର୍ଦ୍ଧମ କରୁଥିବା ସର୍ବଶକ୍ତିମାନ କୁ ଆପଣ ସମର୍ଥନ କରିପାରିବେ ? ମୁଁ କହୁଛି ସେ କାହିଁକି ଏହି ଯଥାର୍ଥ ନର୍କରୂପକ ସଂସାରକୁ ସୃଷ୍ଟିକଲେ ଯହିଁରେ ନିରନ୍ତର ତିକ୍ତ ଅଶାନ୍ତି ଅସ୍ଥିରତା ଲାଗି ରହିଛି ? ସେ କାହିଁକି ମନୁଷ୍ୟକୁ ସୃଷ୍ଟିକଲେ, ଯେତେବେଳେ ତାକୁ ସୃଷ୍ଟି ନ କରିବା କ୍ଷମତା ତାଙ୍କର ନଥିଲା, ଏସବୁ ପାଇଁ କି ଔଦ୍ଧତ୍ୟ ଅଛି । ଆପଣ କ'ଣ କହିଛନ୍ତି ଯେ ଏହାପରେ ନିରୀହ ଦୁଃଖ ଭୋଗକାରୀମାନଙ୍କୁ ପୁରସ୍କାର ମିଳିବ ଓ ଦୁଷ୍କର୍ମକାରୀମାନଙ୍କୁ ଶାସ୍ତି ମିଳିବ ? ଗ୍ଲାଡ଼ିଏଟର ସଂଗ୍ରାର ସମର୍ଥକ ଓ ଆୟୋଜକମାନେ ପ୍ରଥମେ ଅର୍ଦ୍ଧକ୍ଷୁଧିତ ସିଂହ ମୁଖକୁ ମଣିଷକୁ ଫିଙ୍ଗି ଦେଉଥିଲେ, ଯଦି ସେମାନେ ବଞ୍ଚି ଯାଉଥିଲେ କିମ୍ବା ସେହି ନିଶ୍ଚିତମୃତ୍ୟୁ ମୁଖରୁ ଖସିଆସୁଥିଲେ, ତାଙ୍କୁ ଯତ୍ନର ସହିତ ହେପାଜିତ କରୁଥିଲେ ଏ କର୍ମକୁ ଆପଣ କିପରି ସାର୍ଥକ ବୋଲି କହିପାରିବେ ? ସେଥିପାଇଁ ମୁଁ ପଚାରୁଛି'', ''କାହିଁକି ସେହି ଚେତନ ପରମତତ୍ତ୍ୱ, ସଂସାର ଓ ତହିଁରେ ମନୁଷ୍ୟକୁ ସୃଷ୍ଟି କରିଛନ୍ତି ? ସୁଖ ପାଇବା ପାଇଁ ? ତା'ହେଲେ ନିରୋ ଓ ତାଙ୍କ ମଧ୍ୟରେ ପ୍ରଭେଦ କ'ଣ ?

ହେଲେ ମୁସଲମାନ ଓ ଖ୍ରୀଷ୍ଟିୟାନ୍‌ମାନେ ହିନ୍ଦୁଦର୍ଶନର ଆଉ ଏକ ଯୁକ୍ତି ଉପସ୍ଥାପନ କରିବାକୁ ଅପେକ୍ଷା କରୁଛି । ମୁଁ କିନ୍ତୁ ତୁମ୍ଭଙ୍କୁ ପଚାରୁଛି ଉପଯୁକ୍ତ ପ୍ରଶ୍ନର ଉତ୍ତର କ'ଣ ? ତୁମେ ପୂର୍ବଜନ୍ମରେ ବିଶ୍ୱାସ କରନାହିଁ । ହିନ୍ଦୁଙ୍କ ପରି ତୁମେ ଯୁକ୍ତି ବାଢ଼ିପାରିବ ନାହିଁ ଯେ ପୂର୍ବଜନ୍ମର ଦୁଷ୍କୃତରୁ ଆପାତ ନିରୀହ ବ୍ୟକ୍ତିମାନେ ଦୁଃଖଦୁର୍ଦ୍ଦଶା

ଭୋଗ କରୁଛନ୍ତି । ମୁଁ ତୁମକୁ ପଚାରୁଛି, ସର୍ବଶକ୍ତିମାନ ଶବଦ୍ଦ୍ୱାରା ଏ ସଂସାରକୁ ସୃଷ୍ଟି କରିବାପାଇଁ କାହିଁକି ଛଅଦିନ ପରିଶ୍ରମ କଲେ ଓ ପ୍ରତିଦିନ କହୁଥିଲେ'', ସବୁଠିକ୍ ଅଛି । ଆଜି ତାଙ୍କୁ ଡାକନ୍ତୁ । ଅତୀତର ଇତିହାସ ତାଙ୍କୁ ଦେଖାନ୍ତୁ । ବର୍ତ୍ତମାନ ପରିସ୍ଥିତି ସମ୍ବନ୍ଧରେ ତାଙ୍କୁ ଅଧ୍ୟୟନ କରାନ୍ତୁ । ଆମେ ଦେଖିବା ଯଦି ସେ ସାହାସର ସହିତ କହିବେଯେ, ''ସବୁ ଠିକ୍ଅଛି ।'' କାରାଗାରର ଅନ୍ଧକୂପମାନଙ୍କଠାରୁ ବସ୍ତିବାସୀନ୍ଦା ଭାବରେ ଭୋକରେ ଛଟପଟ ହେଉଥିବା ଲକ୍ଷ ଲକ୍ଷ ଝାଟିମାଟି ଘରବାସୀମାନଙ୍କ ପର୍ଯ୍ୟନ୍ତ ଏବଂ ପୁଞ୍ଜିବାଦୀ ପିଶାଚମାନଙ୍କ ଦ୍ୱାରା ନିଜ ରକ୍ତ ଶୋଷଣ ହେଉଥିବାବେଳେ ନିର୍ବେଦ ଓ ଉଦାସ ଭାବରେ ଚାହିଁରହିଥିବା ଶୋଷିତ ଶ୍ରମିକମାନଙ୍କୁ ଦେଖି ତଥା ମାନବଶକ୍ତିର ବୃଥା ଅପଚୟ ଘଟୁଥିବାବେଳେ ସର୍ବନିମ୍ନ ସାଧାରଣ ଜ୍ଞାନ ଥିବା ବ୍ୟକ୍ତିର ହୃତ୍‌କମ୍ପ ଜାତହେବା ସ୍ୱାଭାବିକ । ଉତ୍ପନ୍ନ ବସ୍ତୁର ବଳକା ଅଂଶକୁ ଦରିଦ୍ର ଉତ୍ପାଦକମାନଙ୍କ ମଧ୍ୟରେ ବାଣ୍ଟି ନଦେଇ ସମୁଦ୍ରରେ ଫୋପାଡ଼ି ଦେବାର ମନୋବୃତ୍ତି ଏବଂ ମନୁଷ୍ୟ ଅସ୍ଥିରେ ନିର୍ମିତ ଭିତ୍ତି ଉପରେ ଠିଆ ହୋଇଥିବା ରାଜା ମହାରାଜଙ୍କର ମହଲ ସେ ସର୍ବଶକ୍ତିମାନ ଆସି ଦେଖନ୍ତୁ ଏବଂ କହନ୍ତୁ, ''ସବୁ ଠିକ୍ ଅଛି'' । କାହିଁକି ଓ କ'ଣପାଇଁ ? ତାହା ହେଉଛି ମୋର ପ୍ରଶ୍ନ । ତୁମେ ତ ନୀରବ ରହୁଛ । ତା'ହେଲେ ମୁଁ ଆଗକୁ ଯାଇ ପଚାରୁଛି, ''ହେ ହିନ୍ଦୁମାନେ ! ତୁମେ କହୁଛ ଯେ ଏହି ସମୟର ଅତ୍ୟାଚାରୀମାନେ ପୂର୍ବ ଜନ୍ମରେ ସାଧୁସନ୍ଥ ଥିବାରୁ ଏ ଜନ୍ମରେ କ୍ଷମତା ଉପଭୋଗ କରୁଛନ୍ତି ? ମୁଁ ସ୍ୱୀକାର କରୁଛି ଯେ ତୁମ ପୂର୍ବ ପୁରୁଷମାନେ ଅତ୍ୟନ୍ତ ଚତୁର ବ୍ୟକ୍ତି ଥିଲେ । ସେମାନେ ଏପରି ମୀମାଂସାମାନ ପାଇବାକୁ ଚେଷ୍ଟା କରିଥିଲେ ଯେପରି ସକଳ ମୁକ୍ତିସିଦ୍ଧ ଅବିଶ୍ୱାସ ଓ ତା'ସହିତ ଯୁକ୍ତିକୁ ମଧ୍ୟ ହାତୁଡ଼ିମାଡରେ ଚୂର୍ଣ୍ଣ କରିଦିଆଯାଇପାରିବ ।

x x x x x ମୁଁ ପଚାରୁଛି ଆପଣଙ୍କର ସର୍ବଶକ୍ତିମାନ ଈଶ୍ୱର କ'ଣ ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପାପ ବା ଅପରାଧ ଆରମ୍ଭ କଲାବେଳେ ବନ୍ଦ କରାଇଦେଉ ନାହାନ୍ତି ? ସେ ଏହା ସହଜରେ କରିପାରନ୍ତେ । ଯୁଦ୍ଧଖୋର ବ୍ୟକ୍ତିମାନଙ୍କୁ ହତ୍ୟାକରି କିମ୍ବା ତାଙ୍କ ଭିତରେ ଥିବା ଯୁଦ୍ଧ ବାସନାକୁ ନାଶକରି ମାନବଜାତି ମୁଣ୍ଡରେ ଲଦି ଦିଆଯାଉଥିବା ମହାସମର ଓ ଯୁଦ୍ଧ ବିଭୀଷିକାମାନଙ୍କରୁ ତ୍ରାହି କରିଦେଇପାରନ୍ତେ । କାହିଁକି ସେ ବ୍ରିଟିଶ୍ ଲୋକମାନଙ୍କ ମନରେ ଭାରତର ମୁକ୍ତିଲାଗି ସମ୍ବେଦନ ସୃଷ୍ଟି କରିପାରୁ ନାହାନ୍ତି ? କାହିଁକି ସେ ପୁଞ୍ଜିପତିମାନଙ୍କ ହୃଦୟରେ ପରୋପକାର ପ୍ରବୃତ୍ତି ଭରି ଦେଉନାହାନ୍ତି । ଯାହାଫଳରେ ପୁଞ୍ଜିପତିମାନେ ବ୍ୟକ୍ତିଗତ ଧନାଧିକାର ତ୍ୟାଗକରି ଏବଂ ଉତ୍ପାଦନ ସାଧନରେ ବ୍ୟକ୍ତିଗତ ଅଧିକାରରୁ ନିବର୍ତ୍ତି ଶ୍ରମିକ ସମାଜ ଏବଂ

ସମଗ୍ର ମାନବ ସମାଜକୁ ପୁଞ୍ଜିବାଦ କବଳରୁ ମୁକ୍ତ କରିଦେଉ ନାହାନ୍ତି ? ସମାଜବାଦର ସିଦ୍ଧାନ୍ତର ବ୍ୟବହାରୋପଯୋଗିତା ବିଷୟରେ ଆପଣ ବିଚାର କରିବାକୁ ଚାହୁଁଛନ୍ତି ?

ମୁଁ ଆପଣଙ୍କ ସର୍ବଶକ୍ତିମାନଙ୍କ ହାତରେ ତାହାର ଉପକାରିତା ବୁଝାଉଛି। ଏହାର ବ୍ୟବହାରିକ ପ୍ରାୟୋଗିକତା ବିଷୟରେ ସଂଶୟ ପୋଷଣକରି ତାହାର ବିରୋଧୀ ବାହାନା କରୁଛନ୍ତି । ସର୍ବଶକ୍ତିମାନ ଓହ୍ଲାଇ ଆସନ୍ତୁ ଏବଂ ହସ୍ତକ୍ଷେପକରି ସମସ୍ତ ବ୍ୟବସ୍ଥା ସଜାଡ଼ି ଦିଅନ୍ତୁ । ଏବେ ଆଉ ଏଣୁତେଣୁ ଯୁକ୍ତିମାନ ଉପସ୍ଥାପନ କରନ୍ତୁ ନାହିଁ । ସେ ସବୁ ଅକାମୀ ହୋଇଗଲାଣି । ମୁଁ ତୁମ୍ଭଙ୍କୁ କହିଦିଏ ଯେ ଈଶ୍ୱର ଚାହୁଁଛନ୍ତି ବୋଲି ବ୍ରିଟିଶ ସରକାର ଏଠାରେ ରାଜତ୍ୱ କରୁନାହିଁ, ସେମାନଙ୍କର ଶକ୍ତି କ୍ଷମତାଅଛି ଓ ଆମେ ତାହାର ବିରୋଧ କରିବାକୁ ସାହାସ କରିପାରୁ ନାହୁଁ । ସେମାନେ ଈଶ୍ୱରଙ୍କ ସହାୟତାରେ ଆମକୁ ଅଧୀନକରି ରଖିନାହାନ୍ତି, ଗୋଳାଗୁଳି, ବନ୍ଧୁକ, ବୋମା, ପୋଲିସ୍ ଏବଂ ସାମରିକ ବାହିନୀ ଏବଂ ସ୍ୱାଧୀନ ହେବାପାଇଁ ଆମର ଅନିଚ୍ଛାହେତୁ ସେମାନେ ସମାଜ ବିରୋଧରେ ଶୋଚନୀୟ ଘୋର ପାପ କରିବାରେ ସଫଳ ହୋଇଛନ୍ତି । ଗୋଟିଏ ଜାତି ଆଉ ଗୋଟିଏ ଜାତିକୁ ବଳତ୍କାର କରି ଶୋଷଣ କରୁଛି । ଈଶ୍ୱର କାହାନ୍ତି ? ସେ କ'ଣ କରୁଛନ୍ତି ? ମାନବ ଜାତିର ଏହି ଦୁଃଖକୁ କ'ଣ ସେ ଉପଭୋଗ କରୁଛନ୍ତି ? (କାହିଁକି ମୁଁ ଜଣେ ନାସ୍ତିକ)

ତେଣୁ ଏସବୁ ଯୁକ୍ତି ମୁଁ ପାଇଗଲା ପରେ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ପର୍କରେ ସମ୍ପୂର୍ଣ୍ଣଭାବରେ ନିଜର ଧାରଣା ବଦଳାଇଦେଲି । ବାସ୍ତବ ଦୃଷ୍ଟିକୋଣରୁ ପୁତ୍ତଳିକାପୂଜା, ଧର୍ମର ସଂକୀର୍ଣ୍ଣ ରୂପକୁ ଯେମିତି ବିରୋଧ କରାଯାଇଥିଲା ଠିକ୍ ସେହିଭଳି ଭାବରେ ଈଶ୍ୱର ବିଶ୍ୱାସକୁ ମଧ୍ୟ ବିରୋଧ କରିବାକୁ ପଡିବ ବୋଲି ବୁଝିସାରିଥିଲି । ମୁଁ ଜଣେ ନିରୋଳ ବାସ୍ତବବାଦୀ କର୍ମଠ ଭାବରେ ନିଜଗୋଡରେ ଛିଡା ହେବାକୁ ପ୍ରୟାସ କରିଆସିଛି । ତେଣୁ ତଥାକଥିତ ଈଶ୍ୱର ବିଶ୍ୱାସକୁ ତ୍ୟାଗକରି ଯେଉଁ ପରିସ୍ଥିତିରେ ଥିଲେ ମଧ୍ୟ ନିଜର ଶକ୍ତି ସାମର୍ଥ୍ୟ ମୁତାବକ ସମସ୍ତ ଦୁଃଖ, କଷ୍ଟ, ଆହ୍ୱାନକୁ ସମ୍ମୁଖୀନ ହେବାର ଦୃଢ଼ତା ମୁଁ ମୋ ଭିତରେ ସଞ୍ଚୟ କରିଥିଲି । ମୋର ଚିନ୍ତନ ଓ ଅନୁଶୀଳନ ମତେ ନାସ୍ତିକ ହେବାରେ ବହୁତ ସହଯୋଗ କରିଛି । ମୋର ପ୍ରିୟ ବନ୍ଧୁଗଣ । ଏହା ମୋର ଔଦ୍ଧତ୍ୟ କେବେହେଲେ ନୁହେଁ । ତେଣୁ ମୁଁ ଶେଷପର୍ଯ୍ୟନ୍ତ ଉନ୍ନତଶିର ହୋଇ ଠିଆ ହେବାକୁ ଚେଷ୍ଟା କରୁଛି । ଏପରିକି ଫାଶୀପଟା ଉପରେ ମଧ୍ୟ ମୋର ସେହି ଦୃଢ଼ମନୋବଳ ଅତୁଟ ରହିବ । ମୋର ଏହି ପୁସ୍ତକରଚନା ମୋର ବନ୍ଧୁମାନଙ୍କୁ ଅବାକ୍ କରିଥିଲା ସତ କିନ୍ତୁ ମୁଁ ନିଜର ଅସ୍ତିତ୍ୱକୁ, ନିଜତ୍ୱକୁ ଏକ ଚିହ୍ନା ଚିହ୍ନା କର୍ପୂରବାସ୍ନା

ଭିତରୁ ସାଉଁଟିନେବାରେ ସମର୍ଥ ହୋଇଯାଇଥିଲି ।

ମୋର ପ୍ରିୟବନ୍ଧୁ ଏଲ: ରାମଶରଣଦାସଙ୍କର କବିତା ଗ୍ରନ୍ଥ 'The Dreamland' ପାଇଁ ଗୋଟିଏ ମୁଖବନ୍ଧ ଲେଖିବାକୁ ସେ ଅନୁରୋଧ କରିଥିଲେ । ବନ୍ଧୁ ରାମଶରଣଙ୍କର 'The Dremland' ଚଳନ୍ତି ସମୟରେ ରାଜନୈତିକ ଆନ୍ଦୋଳନ, କ୍ରାନ୍ତିକାରୀ ଆନ୍ଦୋଳନ, ପ୍ରଚଳିତ ଶାସନ ବ୍ୟବସ୍ଥାର ପରିବର୍ତ୍ତନ, ଲୋକତାନ୍ତ୍ରିକ ଶାସନ ବ୍ୟବସ୍ଥା, ଦେଶର ସ୍ୱାଧୀନତା, ଏକନୂତନ ସମାଜର ପୁର୍ନନିର୍ମାଣ ର ସ୍ୱପ୍ନ ଦେଖିଛି । ଏଲ୍.ରାମ ଶରଣ ହେଉଛନ୍ତି ପ୍ରଥମ କ୍ରାନ୍ତିକାରୀ ବ୍ୟକ୍ତି ଯିଏ ୧୯୦୮ ମସିହାରେ ବିଧିବଦ୍ଧ ଭାବରେ ପଞ୍ଜାବରେ ଜଣେ ବଙ୍ଗାଳି ଆତ୍ମଗୋପନ କାରୀଙ୍କ ଦ୍ୱାରା କ୍ରାନ୍ତି ଆନ୍ଦୋଳନରେ ଦୀକ୍ଷିତ ହୋଇଥିଲେ ।

ସେହିଦିନଠାରୁ ସେ କ୍ରାନ୍ତିକାରୀ ଆନ୍ଦୋଳନ ସଂସ୍ପର୍ଶରେ ଆସିଥିଲେ, 'ପଦର' ଦଳରେ ଯୋଗଦେଇଥିଲେ । କିନ୍ତୁ ଆନ୍ଦୋଳନର ଲକ୍ଷ୍ୟ ବିଷୟରେ ସେ ତାଙ୍କର ପୂର୍ବ ବିଚାରକୁ ଗ୍ରହଣ କରିଥିଲେ । ସେ ୧୯୧୫ ମସିହାରେ ମୃତ୍ୟୁଦଣ୍ଡ ପାଇଥିଲେ । କିନ୍ତୁ ପରେ ତାଙ୍କର ଦଣ୍ଡକୁ କୋହଳ କରାଯାଇ ଆଜୀବନ ଦ୍ୱୀପାନ୍ତର ଦଣ୍ଡ ଦିଆଯାଇଥିଲା ।

ଶ୍ରୀଯୁକ୍ତ ରାମଶରଣ ମୋର ଅଗ୍ରଜ କ୍ରାନ୍ତିକାରୀ ସାଥୀ, ଚଉଦବର୍ଷ ଦକ୍ଷିଣର କେଉଁ ଏକ କାରାଗାରରେ ସେ ଆଜୀବନ କାରାଦଣ୍ଡ ଭୋଗିଥିଲେ ଏବଂ ଏହି କବିତା ପୁସ୍ତକ ରଚନା କରିଥିଲେ । ଅବଶ୍ୟ ମୁଁ ନିଜେ କବି ନୁହେଁ, ମୋର ଛନ୍ଦ ବିଷୟରେ ମଧ୍ୟ ଆଦୌ ଜ୍ଞାନ ନାହିଁ । ତଥାପି ଜଣେ ରାଜନୈତିକ କର୍ମୀ ଭାବରେ ଏହାକୁ ଆଲୋଚନା କରୁଛି । ରାମଶରଣଙ୍କର ବନ୍ଦୀ ଜୀବନର ମାନସିକ ସ୍ଥିତି, ମାନସିକ ଦ୍ୱନ୍ଦ୍ୱ "The Dreamland" ରେ ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ପ୍ରକାଶିତ ହୋଇଛି । ମୁଁ ନିଜେ ଅନୁଭବ କରୁଥିବା ଜେଲ୍‌ରେ କଠିନ ସଂଗ୍ରାମକର ବନ୍ଦୀ ଜୀବନର ହତାଶା ଓ ଅବସାଦ କିଭଳି ବ୍ୟକ୍ତିକୁ ବ୍ୟାକୁଳକରି ଦେଉଥିଲା ତାହା ରାମଶରଣ ମର୍ମେ ମର୍ମେ ଅନୁଭବ କରିଛନ୍ତି । ସେହି ଜେଲ୍‌ର କଠୋର ଦିନମାନଙ୍କରେ ଅନେକ କ୍ରାନ୍ତିକାରୀ ସରକାରଙ୍କ ନିକଟରେ କ୍ଷମାପତ୍ର ଦାଖଲକରି ମୁକ୍ତ ହୋଇ ଯାଉଥିଲାବେଳେ ଅନ୍ୟ ବନ୍ଦୀଙ୍କ ମନରେ ତଥା କବି ରାମଶରଣଙ୍କ ମନରେ ମଧ୍ୟ ବିଶେଷ ଚାପ ସୃଷ୍ଟି କରୁଥିଲା । ନିଜ ପରିବାରର ସ୍ତ୍ରୀ, ସନ୍ତାନମାନଙ୍କ ପାଇଁ ହୃଦୟ ହାହାକାର କରିଉଠୁଥିଲା । ତେଣୁ ଯନ୍ତ୍ରଣାର ରେଣୁ ରେଣୁ ବ୍ୟଥା ଝରିପଡିଲା ... "ସ୍ତ୍ରୀ ସନ୍ତାନ ଓ ବନ୍ଧୁଙ୍କ ଭାବନା ମୋ ଚାରିକଡେ ବିଷାକ୍ତ ସର୍ପମାନଙ୍କପରି ଘେରି ରହିଥିଲା " ।

ରାମଶରଣ କବିତାରେ ଦର୍ଶନର ଚର୍ଚ୍ଚା କରିଛନ୍ତି । ଏହି ଦର୍ଶନ ବଙ୍ଗଳା ଓ

ପଞ୍ଜାବର ସମସ୍ତକ୍ରାନ୍ତି ଆନ୍ଦୋଳନର ମେରୁଦଣ୍ଡ ସ୍ୱରୂପ ଥିଲା । ନିଜର ଅବସାଦଗ୍ରସ୍ତ ମନୋଭାବ ସହିତ ସଂଗ୍ରାମ କରିବାପାଇଁ ସେ ପ୍ରାର୍ଥନାକୁ ଆଧାର କରିଥିଲେ ।

କାରଣ ମୁଁ ନିଜର ବ୍ୟକ୍ତିଗତ ଅନୁଭବରୁ ଜାଣିଛି ଆମେ ଯେଉଁ ଦେଶର ସ୍ୱାଧୀନତା ତଥା ଏକ ଶୋଷଣମୁକ୍ତ ସମାଜ ପାଇଁ ସଂଗ୍ରାମ କରୁଥିଲୁ ସେଥିରେ ନିରବଚ୍ଛିନ୍ନ ବିପଦ, ଆଶଙ୍କା, ଆକ୍ରମଣର ପ୍ରତ୍ୟକ୍ଷ ଅନୁଭବ ରହିଥିଲା । ତେଣୁ ଆମର ଆଦର୍ଶ କେବଳ ହିଂସା ଆଚରଣ କରିବା କି ହିଂସା ଘଟାଇବା କେବେ ନଥିଲା । ରାମଶରଣ ଜଣେ ବିପ୍ଳବୀ କ୍ରାନ୍ତିକାରୀ ଦଳର ସଭ୍ୟଥିଲେ, ଅନେକ ସମୟରେ ଅଯଥାରେ ଦଳକୁ ହିଂସାତ୍ମକ କର୍ମ ପାଇଁ ଦାୟୀ କରାଯାଉଥିଲା । କେବେହେଲେ କ୍ରାନ୍ତିକାରୀ ବିପ୍ଳବୀମାନେ ରକ୍ତପିପାସୁ ରାକ୍ଷସ କିମ୍ବା ଧ୍ୱଂସମୁଖୀ ନଥିଲେ । ରାମଶରଣଙ୍କର ଆଗ୍ନେୟ ପଂକ୍ତି ସେଥିପାଇଁ ଗର୍ଜି ଉଠିଛି .....

ଯଦି ହୁଏ ପ୍ରୟୋଜନ
ବାହାରକୁ ହୁଅ ତୁମେ
ରୌଦ୍ର, ଆରଣ୍ୟକ, ହିଂସ୍ର ଅବା ଭୟଙ୍କର
ଅନ୍ତରରେ ଭରିଥାଉ କୁସୁମ କୋମଳ ବୃତ୍ତି
ଯାହା ହୁଏ ଜନ ଶୁଭଙ୍କର
ଫଣାରେ ଫୁତ୍କାର ତୋଳ ନକରି ଦଂଶନ
ହୃଦୟରେ ପ୍ରେମ ଭରି
କରିପାର ରଣାଙ୍ଗନେ ଶକ୍ତି ପ୍ରଦର୍ଶନ

'ଡ୍ରିମଲ୍ୟାଣ୍ଡ'

ନିର୍ମାଣ ପାଇଁ ଧ୍ୱଂସ ଏକ ମୌଳିକ କ୍ରିୟା ନୁହେଁ ବରଂ ଏକ ଅନିବାର୍ଯ୍ୟ କର୍ମ । କ୍ରାନ୍ତିକାରୀମାନେ ତାଙ୍କର କର୍ମ ପଦ୍ଧତିରେ ଧ୍ୱଂସକୁ କର୍ମ ଭାବରେ ଗ୍ରହଣ କରିଥାନ୍ତି । କ୍ରାନ୍ତିକାରୀମାନେ ହିଂସାକୁ ଅତିଶୟ ପ୍ରୟୋଜନବଶତଃ ବ୍ୟବହାର କରିଥାନ୍ତି ।

'ଦି ଡ୍ରିମଲ୍ୟାଣ୍ଡ' ଯଥାର୍ଥରେ ଏକ କାଳ୍ପନିକ ସୃଷ୍ଟି । ଏହା ରାମଶରଣ ଅକପଟ ଭାବରେ ପ୍ରକାଶ କରିଛନ୍ତି । ଯେପରି ସେଣ୍ଟ୍ ସାଇମନ, ଫଉରିଅର୍ ଓ ରବର୍ଟ ଓୟେନ ପ୍ରମୁଖଙ୍କର ଦର୍ଶନମାନ ନଥାନ୍ତା ତେବେ ମାର୍କସଙ୍କର ବୈଜ୍ଞାନିକ ସମାଜବାଦ ..... ହୋଇନଥାନ୍ତା । ସେହିଭଳି ଏଲ୍. ରାମଶରଣଙ୍କର କାଳ୍ପନିକତା ସେହି ସ୍ଥାନ ଅଧିକାର କରିଛି । ସେ ଭବିଷ୍ୟତ ସମାଜର ଚିତ୍ର ମଧ୍ୟ ଦେଇଛନ୍ତି । ଋଷିଆର ସମାଜବାଦୀ ରାଷ୍ଟ୍ରଗଠନ ତାଙ୍କୁ ଅନୁପ୍ରେରିତ କରିଛି । ଯେହେତୁ ସେ ଦୀର୍ଘ ସମୟ କାରାବାସରେ

କଟାଇଛନ୍ତି ତେଣୁ ବନ୍ଦୀଜୀବନ ସମ୍ପର୍କରେ ଓ ଅପରାଧ ବିଷୟରେ ତାଙ୍କର ସୁଚିନ୍ତିତ ମନ୍ତବ୍ୟ ବେଶ୍ ପ୍ରଭାବଶାଳୀ ହୋଇଛି ।

ଅପରାଧ ଏକ ଗମ୍ଭୀର ସାମାଜିକ ସମସ୍ୟା ତାହା ପ୍ରତି ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଆବଶ୍ୟକ । ଅନ୍ୟସମାଜବାଦୀ ମାନଙ୍କଭଳି ସେ ପ୍ରସ୍ତାବ ଦେଇଛନ୍ତି ଯେ ଦଣ୍ଡବିଧାନର ମୂଳତତ୍ତ୍ୱ ପ୍ରତିଶୋଧାତ୍ମକ ନ ହୋଇ ସଂଶୋଧନାତ୍ମକ ହେବା ଉଚିତ । ନ୍ୟାୟ ପ୍ରଦାନର ମୂଳସୂତ୍ର ଦଣ୍ଡବିଧାନରେ ନୁହେଁ, ଅପରାଧୀକୁ ଠିକ୍ ରାସ୍ତାକୁ ଫେରାଇ ଆଣିବାରେ ଥାଏ । କାରାଗାର ଗୁଡ଼ିକ ଶୋଧନ ମନ୍ଦିର ହେବା ବିଧେୟ, ସାକ୍ଷାତ ନର୍କହେବା କଥା ନୁହେଁ । ସେଥିପାଇଁ ସେ ଋଷର ଦେଶୀୟ କାରାଗାର ବ୍ୟବସ୍ଥାକୁ ଅନୁକରଣ କରିବାକୁ ଉତ୍ସାହିତ କରିଛନ୍ତି । ୧୯୧୪-୧୯୧୫ ବେଳର କ୍ରାନ୍ତିକାରୀ ମାନଙ୍କର ଜୀବନାଦର୍ଶରେ ଏକ ସାର୍ଥକ ପ୍ରତିଫଳନ ରେ "The Dreamland" ରେ ସମ୍ଭବ ହୋଇଛି ।

ଏକ କଦର୍ଯ୍ୟ ଅମାନବୀୟ ଟ୍ରିବ୍ୟୁନାଲ୍‌ର ଘୋଷଣା ହେଲା । ୧୯୨୯ ମସିହା ସେପ୍ଟେମ୍ବର ୧୨ ତାରିଖ ବେଳକୁ କେନ୍ଦ୍ରିୟ ଗୃହ ଏକ ବିଲ୍ ମଞ୍ଜୁର କଲେ ଯେଉଁଥିରେ ଜଣେ ମାଜିଷ୍ଟ୍ରେଟ୍ ଅଭିଯୁକ୍ତର ବିନା ଉପସ୍ଥିତିରେ କେଶ୍‌ର ଶୁଣାଣି କରିପାରିବେ । ଏହା ଫଳରେ ବ୍ରିଟିଶ ସରକାର ବଡ ସୁବିଧାରେ ନିର୍ଦ୍ଦୋଷରେ ଅଭିଯୁକ୍ତ ବ୍ୟକ୍ତିମାନଙ୍କର ବିଚାରକରି ମନଇଚ୍ଛା ଦଣ୍ଡଶୁଣାଇ ରଫାଦଫା କରିବାରେ ସଫଳ ହୋଇପାରିବ । ଏହି ନିର୍ମମ ବିଲ୍ ବିରୁଦ୍ଧରେ ବିପକ୍ଷଦଳ ଆସେମ୍ବ୍ଲିରେ ଭୀଷଣ ହୋହଲ୍ଲା କରିଥିଲେ ।

ଭାରତରେ ଶାସନ କରୁଥିବା ଇଂରେଜ ସରକାର ୧୯୩୦ ମେ ମାସ ୧୦ ତାରିଖରେ ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍ ଗଠନର ଘୋଷଣା କଲେ । ଯେଉଁଥିରେ ଲାହୋର ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ନିଯୁକ୍ତିଦିଆ ଯାଇଥିଲା । ଏହି ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍‌କୁ ସ୍ୱତନ୍ତ୍ର କ୍ଷମତା ମଧ୍ୟ ଅର୍ପଣ କରାଯାଇଥିଲା ଯେଉଁଥିରେ ଯେଉଁ ଅଭିଯୁକ୍ତମାନେ କୋର୍ଟର ଶୁଣାଣି ବେଳେ କୌଣସି ପ୍ରକାର ସ୍ୱେଚ୍ଛାକୃତ ଭାବରେ ବିଘ୍ନ ସୃଷ୍ଟି କରିବାକୁ ଚାହାନ୍ତି ତେବେ ସେମାନଙ୍କୁ ଦଣ୍ଡିତକରିପାରିବ । ଏହା ସହିତ ସେହି ଅଭିଯୁକ୍ତମାନଙ୍କର ପୂର୍ବ କେଶ୍‌ର ଦଣ୍ଡ ମଧ୍ୟ ଏଥିରେ ମିଶିବ । ସେଥିପାଇଁ ହାଇକୋର୍ଟର ଅନୁମତି ମଧ୍ୟ ଆବଶ୍ୟକ ପଡିବ ନାହିଁ । ଏପରିକି ଟ୍ରିବ୍ୟୁନାଲ୍‌ର କ୍ଷମତା ଏମିତି ଥିଲା ଯେ ହାଇକୋର୍ଟର

କୌଣସି ଜଜ୍‌ମେଣ୍ଟ ତା'ର ଦଣ୍ଡାଦେଶ ଉପରେ ପ୍ରଶ୍ନ କରିପାରିବେ ନାହିଁକି ସ୍ଥାନାନ୍ତରିତ କରି ଆଣିପାରିବେ ନାହିଁ । କେଶ୍‌ର ବିଚାରଣାକୁ ପ୍ରଭାବିତ କରିପାରିବେ ନାହିଁ । ସେହି ଟ୍ରିବ୍ୟୁନାଲ୍‌ର ସଭ୍ୟଥିଲେ ନ୍ୟାୟାଧିଶ ଜେ:କୋଲ୍‌ଷ୍ଟ୍ରିମ୍, ସଭାପତି ନ୍ୟାୟାଧୀଶ ଆଗା ହାଇଦର, ସଭ୍ୟ ଏବଂ ଜେ:ସି:ହିଲ୍‌ଟନ୍ ସଭ୍ୟ ।

ମୁଁ ନିଷ୍ପତ୍ତି କରିସାରିଥିଲି ଓ ମୋର ବନ୍ଧୁମାନଙ୍କୁ ଜଣାଇ ସାରିଥିଲି ଯେ ଟ୍ରିବ୍ୟୁନାଲ୍‌ର ଶୁଣାଣିରେ ଉପସ୍ଥିତ ହେବିନାହିଁ । ସମ୍ପୂର୍ଣ୍ଣ ଅସହଯୋଗ କରିବି । ଟ୍ରିବ୍ୟୁନାଲ୍‌ର ଗଠନ ଶୁଣି ଦେଶ ସାରା ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା । ସରକାରର ଏତାଦୃଶ ଖାମଖିଆଲି ଅମାନବୀୟ ଆଚରଣ ବିରୁଦ୍ଧରେ ଦୃଢ଼ ଜନମତ ପ୍ରକାଶିତ ହେବାକୁ ଲାଗିଲା । ଟ୍ରିବ୍ୟୁନାଲ୍‌ର ଏହି କ୍ଷମତା ଥିଲା ଯେ ଯଦି ମୁଁ ଏବଂ ମୋର କମ୍ରେଡ୍ ବନ୍ଧୁମାନେ ଶୁଣାଣି ସମୟରେ କୋର୍ଟରେ ହାଜିର୍ ହେବୁନାହିଁ ତେବେ କୋର୍ଟ ତାହାକୁ ଏକତରଫା ରାୟ ଶୁଣାଇ ଫଇସଲାକରି ଦେବ । ଏହାଦ୍ୱାରା ବ୍ରିଟିଶ୍ ସରକାର ଭାରତର ଜନ-ସାଧାରଣଙ୍କ ଉପରେ ଅଧିକ ଅତ୍ୟାଚାର କରିବାର ଏକ ଦୃଢ଼ ବାହାନା ପାଇଗଲେ । ଆହୁରି ଅଧିକରୁ ଅଧିକତର ଦାସତ୍ୱର ଶୃଙ୍ଖଳରେ ମୋର ମାତୃଭୂମି ବାନ୍ଧି ହୋଇ ଯିବାର ବାଟ ପରିଷ୍କାର ହୋଇଯାଇଥିଲା । ମୋର ମନ ଅତ୍ୟନ୍ତ ବ୍ୟାକୁଳ ଓ ଅଥୟ ହେଉଛି କିପରି ମୋର ମାତୃଭୂମିକୁ ସ୍ୱାଧୀନ କରିବି ।

ମେ ମାସ ୫ ତାରିଖ ୧୯୩୦ ରେ ଲାହୋର ଷଡଯନ୍ତ୍ର ମାମଲା କଥିତ ଟ୍ରିବ୍ୟୁନାଲ୍ ଦ୍ୱାରା ଆରମ୍ଭ ହେଲା । କେଶ୍‌ର ଶୁଣାଣି ଜେଲ୍‌ର ପରିସର ଭିତରେ ହିଁ ଆରମ୍ଭହେଲା । କିନ୍ତୁ ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୋଇଯାଇଥିଲା । ମାଜିଷ୍ଟ୍ରେଟ୍‌ଙ୍କ ପରିବର୍ତ୍ତେ ବିଚାରପତି କେଶ୍‌ର ଶୁଣାଣି କରୁଥିଲେ । କିନ୍ତୁ ଏହା ମାନ୍ୟବର ବିଚାରପତିଙ୍କର ସମ୍ମାନକୁ ଆଘାତ ପହଞ୍ଚାଇଲା କି ସେ ଜେଲ୍‌କୁ ଯାଇ କେଶ୍‌ର ଶୁଣାଣି କରିବେ । ତେଣୁ ସେଥିପାଇଁ ପଞ୍ଜାବ ଭବନରେ ଗୋଟିଏ କଠୋରିକୁ କୋର୍ଟରେ ପରିଣତ କରାଯାଇ ଅଭିଯୁକ୍ତ ବ୍ୟକ୍ତିମାନଙ୍କୁ ସେଠିକି ଅଣାଯାଇ ଶୁଣାଣି ପାଇଁ ବ୍ୟବସ୍ଥା କରାଗଲା । ଏହିସବୁ ପରିବର୍ତ୍ତନ ସତ୍ତ୍ୱେ ଆମଉପରେ ତାହାର କୌଣସି ପ୍ରଭାବ ପଡିଲା ନାହିଁ । ଆମେ ସବୁଥର ଯେମିତି ଭାବରେ କୋର୍ଟ କକ୍ଷରେ ପ୍ରବେଶକରୁ, ଆମର ସ୍ୱାଭାବିକ ସ୍ଲୋଗାନ୍‌ଦେଇ 'ବିପ୍ଳବ ଦୀର୍ଘଜୀବୀ ହେଉ', ସାମ୍ରାଜ୍ୟବାଦ ଧ୍ୱଂସ ହେଉ, । ନାଚି ନାଚି ଗୀତ ଗାଉ ସୁଜଲାମ୍ ସୁଫଲାମ୍ ମଳୟ

ଈଣ୍ଡିଡଲାମ୍ ବନ୍ଦେ ମାତରମ୍', ନହେଲେ ପୁଣିଗାଉ 'ସରଫରୋଶି କି ତମନ୍ନା ଅବ୍ ହମାରେ ଦିଲ୍‌ମେ ହେ'' ।

ଆମର ଏ ପ୍ରକାର ବ୍ୟବହାର କୋର୍ଟରେ ଉପସ୍ଥିତ ଥିବା ଦର୍ଶକମାନଙ୍କୁ ଭାରି ଭଲ ଲାଗୁଥିଲା । ସେମାନେ ଆମର ଆଚରଣରେ ଅତ୍ୟନ୍ତ ଉତ୍ସାହିତ ହୋଇ ପଡୁଥିଲେ । ଅନେକ ସମୟରେ ସେମାନେ ଆଶ୍ଚର୍ଯ୍ୟ ହୋଇ ତାଙ୍କର ହିରୋମାନଙ୍କୁ ଅର୍ଥାତ୍ ଆମମାନଙ୍କୁ ଦେଖୁଥିଲେ ଯେ ଏତେ କମ୍‌ବୟସର ଛୋଟ ପିଲାଗୁଡ଼ାକ ସର୍ବଶକ୍ତିଶାଳୀ ଇଂରେଜ ସରକାରଙ୍କର ବିରୁଦ୍ଧରେ ଲଢୁଛନ୍ତି । ଆମମାନଙ୍କର ଅସାଧାରଣ ଅଦମନୀୟ ସାହାସ ଧୈର୍ଯ୍ୟ ଓ ସହନଶକ୍ତି ସେମାନଙ୍କୁ ଅବାକ୍ କରି ଦେଉଥିଲା । ପୂର୍ବରୁ ଯେତେବେଳେ କେଶ୍‌ର ଶୁଣାଣି କୋର୍ଟରେ ଚାଲୁଥିଲା ସେତେବେଳେ ମାଜିଷ୍ଟ୍ରେଟ୍ ଶାନ୍ତ ଭାବରେ ବସି ଆମର ସବୁ ସ୍ଲୋଗାନ୍, ଗୀତ ମନଦେଇ ଶୁଣୁଥିଲେ ।

କିନ୍ତୁ ଏହି ଟ୍ରିବ୍ୟୁନାଲ୍‌ର ବିଚାରପତିମାନେ ପ୍ରଥମଦିନରୁ ହିଁ ଆମମାନଙ୍କର ସ୍ଲୋଗାନ୍ ଓ ଗୀତଶୁଣି ରାଗରେ ନିଆଁ ହୋଇଗଲେ । ସେମାନେ ପ୍ରସିକ୍ୟୁସନକୁ ଏହାର ଇଂରେଜି ଅନୁବାଦ କରି ଶୁଣାଇବାକୁ କହିଲେ ।

ସେମାନେ ସ୍ଲୋଗାନ୍ ଓ ଗୀତର ଇଂରେଜି ଅନୁବାଦ ଶୁଣି ଆହୁରି ରାଗିଗଲେ । ଯାହା ବି ହେଉ ସେମାନେ ନିଜକୁ ଶାନ୍ତ ରଖିଲେ । ଆଗରୁ ବ୍ରିଟିଶ୍ ସରକାର ନିଜର ଅତୀତ ଅଭିଜ୍ଞତାରୁ ଭଲଭାବରେ ଜାଣିଥିଲେ ଯେ କେଶ୍‌ର ଶୁଣାଣି ଓ ରାୟ ଦେଶର ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଇବାଯୋଗୁଁ ଆମର କାର୍ଯ୍ୟ ପନ୍ଥା, ଆଦର୍ଶ ସମ୍ପର୍କରେ ଦେଶବାସୀ ଜାଣିବାକୁ ପାଇଲେ । ଦେଶପାଇଁ ଆମର ଏ ବଳିଦାନ ସେମାନଙ୍କ ଦୃଷ୍ଟିରେ ଏକ ମହାନ୍ ନାୟକର ଉତ୍ସର୍ଗ ଭଳି ମନେହୋଇଥିଲା । ଆମର ସ୍ୱଚ୍ଛ ନିର୍ମଳ, ଦେଶପ୍ରେମୀ ଛବିକୁ ଜନସାଧାରଣ ଆଖିରୁ ହଟାଇ ଆଣି ଆମକୁ ସାଧାରଣ ଚୋର ଡକାୟତ ଭଳି ପ୍ରତିପାଦିତ କରିବାକୁ ଉଦ୍ୟମ କରିଥିଲେ । କିନ୍ତୁ ବ୍ରିଟିଶ୍ ସରକାରର ଏହି କୌଶଳ ଧୂଳିସାତ୍ ହୋଇ ଯାଇଥିଲା । ସେଥିପାଇଁ ଟ୍ରିବ୍ୟୁନାଲ୍ କୋର୍ଟ୍‌ର ପ୍ରୋସିଡିଂକୁ ବାହାରେ ପ୍ରକାଶିତ କରିବାରେ ପ୍ରତିବନ୍ଧକ ଲଗାଇଥିଲେ । କିନ୍ତୁ ବିଦେଶୀ ସରକାରଙ୍କର ଏହି ଉଦ୍ୟମ ମଧ୍ୟ ଫଳବତୀ ହୋଇନଥିଲା । ଭାରତର ଜନସାଧାରଣ ଆମମାନଙ୍କୁ ଆହୁରି ଗଭୀର ଭାବରେ ଭଲପାଇବାକୁ ଲାଗିଲେ ।

ଲାହୋର ଷଡଯନ୍ତ୍ର ମାମଲା ଶୁଣାଣି ବେଳକୁ ଆମେ ପ୍ରାୟ ୧୮ ଜଣ ଅଭିଯୁକ୍ତ ହୋଇଥିଲୁ । ଆମକୁ ଟ୍ରିବ୍ୟୁନାଲ୍ କହିଲେ ଯେ ପ୍ରତ୍ୟେକ ଅଭିଯୁକ୍ତ ଚାହିଁଲେ ଜଣେ

ଜଣେ ଓକିଲ କରିପାରିବେ । ଓକିଲ ଖର୍ଚ୍ଚ କୋର୍ଟ ବହନ କରିବ । ଆମ ଭିତରୁ ସୁଖଦେବ, ଆଶାରାମ, ଜୟଦେବ, ଶିବବର୍ମା ଏବଂ କମଳନାଥ ତିୱାରୀ କୌଣସି ଓକିଲ ନିଯୁକ୍ତି ପାଇଁ ମନା କରିଦେଲେ ।

ଅନ୍ୟତମ ସାଥୀ କମ୍ରେଡ୍ କିଶୋରୀଲାଲ, ଅଜୟଘୋଷ ଏବଂ ପ୍ରେମଦତ୍ତ କହିଲେ, ‘‘ଏକ ନିଷ୍ପତ୍ତି ସର୍ଦ୍ଦାରକିଶନ ସିଂହଙ୍କ ସହିତ ଆଲୋଚନା କରାଯାଇ ଓ ଦଳର ସୁରକ୍ଷା କମିଟି ସହିତ କରାଯାଇ ନିଆଯାଇପାରେ ’’। ଗୟାପ୍ରସାଦ ଏବଂ ଯତୀନ୍ଦ୍ରନାଥ ସାନ୍ୟାଲ କୌଣସି ଉତ୍ତର ଦେଇନଥିଲେ । ବଟୁକେଶ୍ୱରଦତ୍ତ ଓ କୁନ୍ଦନଲାଲ କହିଲେ, ‘‘ସେମାନେ ଟ୍ରିବ୍ୟୁନାଲ୍‌ର ଏହି ପ୍ରସ୍ତାବ ଗ୍ରହଣଯୋଗ୍ୟ ନୁହେଁ ବୋଲି ଭାବୁଛନ୍ତି, ସେଥିପାଇଁ ଉତ୍ତର ଦେବା ଆବଶ୍ୟକ ମନେକରୁ ନାହାନ୍ତି’’ । ସୁରେଶ ପାଣ୍ଡେ, ବିଜୟ କୁମାର ସିହ୍ନା ଓ ରାଜଗୁରୁ କହିଲେ, ‘‘ସେମାନେ ସରକାରଙ୍କର କୌଣସି ସହାୟତା ଏହିକେଶ୍ ପାଇଁ ଚାହୁଁ ନାହାନ୍ତି । ମହାବୀର ସିଂହଙ୍କର ଉତ୍ତର ଥିଲା ସେ ସରକାରଙ୍କର କୌଣସି ପ୍ରକାର ସହାୟତା ଚାହାନ୍ତି ନାହିଁ ।

ଯେତେବେଳେ ମୋର ପାଳି ଆସିଲା ମୁଁ ଅତ୍ୟନ୍ତ ଶାନ୍ତ ଶିଷ୍ଟ କଣ୍ଠରେ କହିଲି, ‘‘ମୁଁ ନିଶ୍ଚିତ ଭାବରେ ଜଣେ ଓକିଲଙ୍କର ସହାୟତା ନେବି । କିନ୍ତୁ ସେ ମୋ ପାଇଁ କୋର୍ଟରେ ଲଢ଼ିବେ ନାହିଁ । ସେ ମୋର ଆଇନଗତ ପରାମର୍ଶଦାତା ଭାବରେ କୋର୍ଟର ପ୍ରୋସିଡିଂ ଗୁଡ଼ିକୁ ତନଖିବେ ଓ ମତେ କେବଳ ଜଣାଇଦେବେ’’ । ମୁଁ ଦୁନିଚାନ୍ଦଙ୍କର ନାମକୁ ପ୍ରସ୍ତାବ ଦେଇଥିଲି । ଟ୍ରିବ୍ୟୁନାଲ୍‌ରେ ତାହା ମଞ୍ଜୁର ମଧ୍ୟ ହୋଇଗଲା ।

ମୁଁ ରାଜଗୁରୁଙ୍କର ସ୍ୱଭାବ ଜାଣେ । ସେ କେବେହେଲେ ଏହି ପରିସ୍ଥିତିରେ ସ୍ଥିର ହୋଇ ରହିପାରିବେ ନାହିଁ । ସେ ଆଗକୁ ଝୁଙ୍କିପଡି କହିଲେ, ‘‘ମୋ ପାଇଁ ଏକ ମରାଠୀ ଅନୁବାଦକ ଯୋଗାଇ ଦିଆଯାଉ ଯିଏକି କେଶ୍‌ର ଶୁଣାଣି ହେଲାବେଳେ ଅନୁବାଦକରି ମତେ ବୁଝାଇବେ ।’’ ଆମର ଏସବୁ ଦାବୀଗୁଡ଼ିକ ଶୁଣି ସରକାରୀ ଓକିଲମାନେ ରାଗିଗଲେ । ସେ ଯାହାହେଉ ଟ୍ରିବ୍ୟୁନାଲ୍ ମତେ ଓକିଲ ଓ ରାଜଗୁରୁଙ୍କୁ ମରାଠୀ ଅନୁବାଦକ ଯୋଗାଇବାକୁ ରାଜିହୋଇ ଯାଇଥିଲେ ।

ଇଂରେଜ ବିଚାରପତିମାନେ ଆମେମାନେ ଗାଉଥିବା ଗୀତ ଓ ସ୍ଲୋଗାନ ଶୁଣିଲାପରେ ଅପମାନିତ ଅନୁଭବ କରୁଥିଲେ । ଟ୍ରିବ୍ୟୁନାଲ୍‌ର ସଭାପତି ମିଃକୋଲ୍ଡଷ୍ଟ୍ରିମ୍‌ଙ୍କର ମୁଣ୍ଡ ଖରାପ ହୋଇଯାଉଥିଲା ଆମର ଗୀତ ଶୁଣିଲାପରେ, କ'ଣ କରି ଆମର ସ୍ଲୋଗାନ ବନ୍ଦକରିବେ ଭାବିପାରୁ ନଥିଲେ । ଆମଭଳି ନାଚ, ଗୀତ ଗାଉଥିବା ବନ୍ଦୀମାନଙ୍କୁ ଆଗରୁ ସେ କେବେ ଦେଖିନଥିଲେ । ସେ ଚାହୁଁଥିଲେ ଆମର

ପ୍ରାତିବନ୍ଧ କରିଦେବା ପାଇଁ । କିନ୍ତୁ ଆମେ କ'ଣ ଶୁଣିବା ଜନ୍ତୁ । ଆମେ ଯେ ନିଷ୍ପତ୍ତି ନେଇଛୁ ଆମ ସିଦ୍ଧାନ୍ତରେ ଅଟଳ ରହିବୁ ।

ପୁଣି ତା' ପରଦିନ କୋର୍ଟର କାର୍ଯ୍ୟ ଆରମ୍ଭ ହେଲାକ୍ଷଣି ମୁଁ ଗାଇବା ଆରମ୍ଭ କରିଦେଲି ... ''ୱତନକି ଆବ୍ରୁ କା ପାସ୍ ଦେଖେଁ କୌନ କରତା ହେ । ଶୁନା ହେ ଆଜ ମକତଲ୍ ମେଁ ହମାରା ଇମିତିହାନ୍ ହୋଗା । ଇଲାହି, ୱହ ଦିନ ଭି ହୋଗା, ଯବ ଆପ୍‌ନା ରାଜ ଦେଖେଙ୍ଗେ ଯବ ଅପ୍‌ନି ହି ଜମିନ୍ ହୋଗି ଔର ଆପ୍‌ନା ଆସମାନ୍ ହୋଗା ।''

ମୋ ସାଙ୍ଗରେ ମୋ ବନ୍ଧୁମାନେ ମଧ୍ୟ ବଡ ମଧୁର ସ୍ୱରରେ ଗୀତଟି ଗାଇଲେ । ଗୀତର ମାଧୁର୍ଯ୍ୟ, ସ୍ୱରର ଆର୍ଦ୍ରତା ଓ ଭାବର କମ୍ପନ ବିଚାରପତି କୋଲ୍ଡଷ୍ଟ୍ରିମ୍‌ଙ୍କୁ ଆଉ ଶାନ୍ତିରେ ବସାଇ ଦେଲାନାହିଁ । ସେ ଗୀତର ଅର୍ଥ ଜାଣିବାକୁ ଚାହିଁଲେ । ସେଦିନ କୋର୍ଟ କାର୍ଯ୍ୟ ସେତିକିରେ ରହିଲା । ତା'ପରଦିନ ବିଚାରପତି କୋଲ୍ଡଷ୍ଟ୍ରିମ୍ ଶୀଘ୍ର କୋର୍ଟକୁ ଆସିଯାଇଥିଲେ । ଆମେ ଆମର ଚିରାଚରିତ ଭଙ୍ଗୀରେ ଗୀତ ଗାଇଗାଇ କୋର୍ଟ ଭିତରକୁ ପ୍ରବେଶ କଲୁ । ସେ ଏହା ବନ୍ଦକରିବାପାଇଁ ଆଦେଶ ଦେଲେ ।

କିନ୍ତୁ ମୁଁ କିମ୍ବା ମୋର ସାଥୀମାନେ କେହିହେଲେ ଜଷ୍ଟିସ୍ କୋଲ୍ଡଷ୍ଟ୍ରିମ୍‌ଙ୍କର ଆଦେଶ ମାନିଲେ ନାହିଁ । ଆମେ ଗୀତ ସେମିତି ଗାଉଥାଉ । ''ଆପନି କିସ୍ମତ ମେଁ ଆଦଲ ସେ ହି ସିତମ୍ ରଖାଥା/ରଞ୍ଜ ରଖୀ ଥା, ମୁହିମ ରଖି ଥୀ, ଗମ୍ ରଖା ଥା କିସ୍‌କୋ ପରୱା ଥା ଔର କିସ୍‌ମେଁ ଦମ୍ ରଖା ଥା । ହମ୍ ନେ ଯବ୍ ବାଦିଯେ ଘୁରବତ୍ ମେଁ କଦମ ରଖା ଥା ଦୂରତକ ୟାଦେ ୱତନ କି ଆୟିଥି ସମଝାନେ କୋ'' ।

ଜଷ୍ଟିସ୍ କୋଲ୍ଡଷ୍ଟ୍ରିମ୍ ପୋଲିସ୍‌କୁ ଆଦେଶ ଦେଲେ ଆମମାନଙ୍କର ଗୀତ ବନ୍ଦ କରାଯାଉ । ପୋଲିସ୍ ବାହିନୀ ଆମମାନଙ୍କ ଉପରେ ଅତ୍ୟନ୍ତ ନିର୍ଦ୍ଦୟ ଭାବରେ ବାଡିରେ ପିଟିବାକୁ ଆରମ୍ଭ କଲେ । ମତେ ଜୋତାରେ ମାଡ ଦିଆଗଲା । ପୋଲିସ୍ ଆମକୁ ଅଭଦ୍ର ଭାଷାରେ ଗାଳି ମଧ୍ୟ ଦେଲା । ଏହି କେଶ୍‌ର ଆରମ୍ଭରେ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ଆମ ଉପରେ ଯେଉଁ ଅମାନୁଷିକ ମାଡ ହୋଇଥିଲା ତାହାର ପୁନରାବୃତ୍ତି ପୁଣି ହେଲା । ଆମଉପରେ ମାଡ ସେମିତି ଚାଲିଥିଲାବେଳେ ଟ୍ରିବ୍ୟୁନାଲ୍ କୋର୍ଟର ସଦସ୍ୟ ଜଷ୍ଟିସ୍ ଆଗା ହାଇଦର ଆଉ ସହିନପାରି କୋର୍ଟରୁମ୍ ଛାଡ଼ି ଚାଲିଗଲେ । ସେ କୋର୍ଟରୁମ୍ ଭିତରେ ପୋଲିସ୍‌ର ଅଭିଯୁକ୍ତମାନଙ୍କ ଉପରେ ଏଭଳି ନିର୍ଦ୍ଦୟ ବ୍ୟବହାର ଯେ ଆଦୌ ସହନୀୟ ନୁହେଁ ତାହାର ପ୍ରତିବାଦ କଲେ । ଏହାଦ୍ୱାରା ନ୍ୟାୟାଳୟ ଓ

ନ୍ୟାୟବ୍ୟବସ୍ଥା ପ୍ରତି ସମସ୍ତଙ୍କର ଆସ୍ଥା ତୁଟିଯିବ, ପୋଲିସ୍ ଓ ସରକାରଙ୍କୁ ବଦ୍‌ନାମ ହେବାକୁ ପଡିବ । ତେଣୁ ଜଷ୍ଟିସ୍ କୋଲ୍ଡଷ୍ଟ୍ରିମ୍ ଜଷ୍ଟିସ୍ ଆଗା ହାଇଦରଙ୍କୁ କୋର୍ଟ ଛାଡ଼ି ନଯିବା ପାଇଁ ଅନୁରୋଧ କଲେ ।

ଜଷ୍ଟିସ୍ ଆଗା ହାଇଦର ଟ୍ରିବ୍ୟୁନାଲ୍‌ର ସଭାପତିଙ୍କର ଅନୁରୋଧ ଅବଶ୍ୟ ରଖିଲେ କିନ୍ତୁ ଏକ ଖବରକାଗଜ ମୁହଁ ସାମ୍ନାରେ ରଖି ପଢ଼ିବସିଲେ । ସେ ପୋଲିସ୍‌ର ଅନ୍ୟାୟ କାର୍ଯ୍ୟ ଦେଖିବେ ନାହିଁ ବୋଲି ସ୍ଥିର କରି ସାରିଥିଲେ । ଜଷ୍ଟିସ୍ କୋଲ୍ଡଷ୍ଟ୍ରିମ୍ ସେଦିନର କୋର୍ଟର କାର୍ଯ୍ୟକ୍ରମକୁ ବନ୍ଦରଖି ଅଧିବେଶନ ସୂଚୀରେ ଲେଖିଲେ'', Owing to the disorderly conduct of the accused the case is adjourned till tommorrow. The Court was cleared and the accused were removed",

Justice Coldstream & J. C. Hilton.

ସେହି କୋର୍ଟ ଅଧିବେଶନ ସୂଚୀରେ ଜଷ୍ଟିସ୍ ଆଗା ହାଇଦର ଦସ୍ତଖତ କଲେନାହିଁ । ସେ ନିଜର ଆଦେଶ ଲେଖିଥିଲେ'', I was not or party to the order of the removal of the accssed from the court to Jail and I was not responsible for it anyway." Justic Haider.

ଜଷ୍ଟିସ୍ ହାଇଦରଙ୍କର ଏହି କୋର୍ଟ ଆଦେଶ ନାମାଟି ମୋ ପାଇଁ ମୋର ସାଥୀମାନଙ୍କ ପାଇଁ ଖୁବ୍ ଲାଭଦାୟକ ହୋଇଥିଲା ଏହି ଆଦେଶ ଫଳରେ ମୋର ଯେଉଁ ସାଥୀମାନେ କୋର୍ଟକୁ ବହିଷ୍କାର କରିବାକୁ ଚାହୁଁନଥିଲେ ସେମାନେ ବର୍ତ୍ତମାନ ତାହା କରିବାକୁ ରାଜି ହୋଇଗଲେ । ମେ ୧୩, ୧୯୩୦ ଆମର ଶେଷ କୋର୍ଟ ଯିବା ତାରିଖଥିଲା । ଏହାପରେ ଆମେ କେହି କୋର୍ଟ ଶୁଣାଣି ବେଳେ ଉପସ୍ଥିତ ହୋଇନଥିଲୁ ।

ଲାହୋର ଷଡଯନ୍ତ୍ର ମାମଲା ଏହିଭଳି ଭାବରେ ମାତ୍ର ଚାରି ପାଞ୍ଚଦିନ ଚାଲିଲା । ବ୍ରିଟିଶ୍ ବିଚାର ବ୍ୟବସ୍ଥା ପ୍ରତି ଏହା ଏକ ଉପହାସ ମାତ୍ର ଥିଲା । ଏହା ଥିଲା ଏକତରଫା ମାମଲାର ଶୁଣାଣି ଓ ରାୟପ୍ରଦାନ । ଜଷ୍ଟିସ୍ ହାଇଦର ହିଁ ଏକମାତ୍ର ବିଚାରପତି ଯିଏକି ଏହି କେଶ୍‌ର ଶୁଣାଣିକୁ କିଛି ପରିମାଣରେ ଅନୁଧ୍ୟାନ କରି ମତ ଦେଇଥିଲେ । ଟ୍ରିବ୍ୟୁନାଲ୍‌ର ରାୟପ୍ରଦାନ ସତରେ ବଡ ବିଦ୍ରୁପାତ୍ମକ ଥିଲା । ଜଷ୍ଟିସ୍ ହାଇଦରଙ୍କର ଅନୁଧ୍ୟାନ ପତ୍ରଟିରେ ପୋଲିସ୍‌ର ମାତ୍ରାଧିକ କାର୍ଯ୍ୟକଳାପର ବିଶଦ ଆଲୋଚନା ହୋଇଥିଲା । ବିଶେଷ ଭାବରେ ଅଭିଯୁକ୍ତମାନଙ୍କ ଉପରେ ଯେଭଳି ଭାବରେ ପୋଲିସ୍ ବର୍ବରତାର ସହିତ ମାଡ଼ ମାରିଥିଲା ତାହା ସମ୍ପୂର୍ଣ୍ଣ ଅନ୍ୟାୟ ବୋଲି ସେ ଲେଖିଥିଲେ ।

ଜଷ୍ଟିସ୍ ହାଇଦରଙ୍କର ଅଭିଯୁକ୍ତମାନଙ୍କ ପ୍ରତି ଦରଦ, କୋର୍ଟକାର୍ଯ୍ୟକୁ ନାପସନ୍ଦ କରି ପ୍ରତିକୂଳ ମନ୍ତବ୍ୟ ଦେବା, ପୋଲିସ୍‌ର କାର୍ଯ୍ୟକୁ ନିନ୍ଦା ଘଟଣାରୁ ବ୍ରିଟିଶ୍ ସରକାର ନିଜର ଦୋଷ ଲୁଚାଇବାକୁ ଯାଇ ତାଙ୍କୁ ଟ୍ରିବ୍ୟୁନାଲ୍ ସଦସ୍ୟତାରୁ ବାହାର କରିଥିଲେ ଏବଂ ତାଙ୍କର ମତାମତ ଅଗ୍ରାହ୍ୟ କରିଦେଇଥିଲେ ।

ଏହାପରେ ବ୍ରିଟିଶ୍ ସରକାର ଆଉଥରେ ନୂଆକରି ଟ୍ରିବ୍ୟୁନାଲ୍‌ରେ ଦୁଇଜଣ ନୂଆ ବିଚାରପତିଙ୍କୁ ନିଯୁକ୍ତି ଦେଇଥିଲେ । ସେମାନେ ହେଲେ ଜଷ୍ଟିସ୍ ଅବଦୁଲ୍ କାଦିର ଏବଂ ଜଷ୍ଟିସ୍ ଜେ. କେ. ଟ୍ୟାପ୍ । ଏଥିରେ ଜଷ୍ଟିସ୍ ଜେ. ସି. ହିଲ୍‌ଟନ୍ ସଭାପତି ହୋଇଥିଲେ । ଟ୍ରିବ୍ୟୁନାଲ ଗଠନରେ ଭାଇସ୍‌ରାୟଙ୍କର ଦୁଇଟି ଉଦ୍ଦେଶ୍ୟ ସାଧିତ ହୋଇଥିଲା ଗୋଟିଏ ହେଲା ଜଷ୍ଟିସ୍ ଆଗା ହାଇଦରଙ୍କର ବାଧ୍ୟତାମୂଳକ ସେବାନିବୃତ୍ତି ଦ୍ୱିତୀୟତଃ ସରକାର ଆମକୁ ପ୍ରତିଶ୍ରୁତି ଦେଲେ ଯେ ଅଭିଯୁକ୍ତମାନଙ୍କ ଉପରେ ଜଷ୍ଟିସ୍‌କୋଲ୍ଡ ଷ୍ଟ୍ରିମ୍‌ଙ୍କର ଆଦେଶ ଫଳରେ ଯେଉଁଭଳି ମାତ୍ରାଧିକ ଅମାନୁଷିକ ବ୍ୟବହାର କରାଯାଇଥିଲା ତାହା ବିରୁଦ୍ଧରେ ଯଥାର୍ଥଭାବରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବର୍ତ୍ତମାନ ସରକାର ଅଭିଯୁକ୍ତମାନଙ୍କୁ କୋର୍ଟରେ ଶୁଣାଣି ସମୟରେ ଉପସ୍ଥିତ ରହିବାକୁ କହିଲେ ।

କିନ୍ତୁ ମୁଁ ଏହି କଥାରେ ଟିକିଏହେଲେ ପ୍ରଭାବିତ ହେଲିନାହିଁ । ମୋର ତିଳେମାତ୍ର ବିଶ୍ୱାସ ଇଂରେଜ ସରକାରର କୋର୍ଟ, ବିଚାର ବ୍ୟବସ୍ଥା ଉପରେ ନଥିଲା ତେଣୁ ମୁଁ କୋର୍ଟକୁ କହିଲି, ''ଜଷ୍ଟିସ୍ ହିଲ୍‌ଟନ ହିଁ ବିଶେଷ ପରିମାଣରେ ଆମମାନଙ୍କୁ ଅପମାନିତ କରିବାପାଇଁ ଦାୟୀ । ତେଣୁ ସେ ଯେପର୍ଯ୍ୟନ୍ତ ଆମ ସମ୍ମୁଖରେ ତାଙ୍କର ବ୍ୟବହାର ପାଇଁ କ୍ଷମା ମାଗିନାହାନ୍ତି, ସେପର୍ଯ୍ୟନ୍ତ ଆମେ କୋର୍ଟକୁ ବହିଷ୍କାର କରିବୁ, ହାଜିର ହେବୁ ନାହିଁ ।''

ମୁଁ ଜାଣିଥିଲି ମୋର ପ୍ରତିକ୍ରିୟା ନିଶ୍ଚିତ ଭାବରେ ଟ୍ରିବ୍ୟୁନାଲ୍ ଉପରେ ଅଧିକ ପରିମାଣରେ ଚାପ ସୃଷ୍ଟିକରିବ ଏବଂ ସେମାନେ ଆହୁରି ପ୍ରତିଶୋଧ ପରାୟଣ ହୋଇ ଉଠିବେ । ତାହା ହିଁ ହେଲା । ଟ୍ରିବ୍ୟୁନାଲ୍ ଆମର ଦାବୀକୁ ଅଗ୍ରାହ୍ୟକରି ଆମର ଅନୁପସ୍ଥିତିରେ କେଶ୍‌ର ବିଚାର ଓ ଶୁଣାଣି ଜାରି ରଖିଲା । ତିନିମାସ ଧରି କୋର୍ଟର ଶୁଣାଣି ଆମ ଅଭିଯୁକ୍ତମାନଙ୍କର ଉପସ୍ଥିତି ବିନା ଚାଲିଲା । ମୁଁ କେତେବେଳେ ହେଲେ ନୀରବ ହୋଇ ଜେଲ୍‌ରେ ବସି ନଥିଲି । ଆମର କାର୍ଯ୍ୟଧାରା, ଚିନ୍ତାଧାରା, ବିଚାର ସହିତ ଭାରତର ଜନତା ଯେପରି ପରିଚିତ ହୋଇପାରିବେ ତାହାମଧ୍ୟ ମୋର କେଶ୍ ଲଢ଼ିବାର ମୂଳ ଲକ୍ଷ୍ୟଥିଲା । ସେଥିପାଇଁ ମୁଁ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍ ବିରୋଧରେ ଚିଠି

ଗଭର୍ଣ୍ଣର ଜେନେରାଲ୍‌ଙ୍କୁ ଲେଖିଥିଲି ଏବଂ ଆମ ଉପରେ ଥିବା ଅନେକ ଭୁଲ୍‌ବୁଝାମଣାକୁ ଦୂରକରିବାପାଇଁ ଉଦ୍ୟମ କରିଥିଲି ।

ଗଭର୍ଣ୍ଣର ଜେନେରାଲ, ଭାରତ, ସିମ୍‌ଲା (ପଞ୍ଜାବ)

ତା-୨.୫.୧୯୩୦

ଶ୍ରୀମାନ,

ଆମର ମକଦ୍ଦମାକୁ ଯଥାଶୀଘ୍ର ସାରିଦେବା ପାଇଁ ଯେଉଁ ଅଧ୍ୟାଦେଶ ଜାରି କରାଯାଇଛି ତାହାର ମୂଳଲେଖାଟି ଆମକୁ ପଢ଼ି ଶୁଣାଇ ଦିଆଯାଇସାରିଛି । ସେଥିପାଇଁ ପଞ୍ଜାବ ହାଇକୋର୍ଟର ଅଧିକାର ସୀମା ଭିତରେ ଏକ ଟ୍ରିବ୍ୟୁନାଲ୍ ଗଠନ କରାଯାଇଛି । ଯଦି ଏହି ସମ୍ପର୍କରେ ଯେଉଁସବୁ କାରଣ ଗୁଡ଼ିକ ଦର୍ଶାଯାଇଛି ଓ ଏହା ଆମ ମୁଣ୍ଡଉପରେ ଲଦି ଦିଆଯାଇଛି ବୋଲି ଆମେ ବୟାନ ଦେବା ଅତ୍ୟନ୍ତ ଆବଶ୍ୟକ ମନେକରି ଦେଉଛୁ ।

ଆମେ ମୂଳରୁ ଖୁବ୍ ଭଲଭାବରେ ଜାଣିସାରିଛୁ ଯେ ଇଂରେଜସରକାର ଜାଣିଶୁଣି ଭୁଲ୍ ଧାରଣା ଆମ ସମ୍ପର୍କରେ ସୃଷ୍ଟି କରିଚାଲିଛନ୍ତି । ଆମେ ଏକଥା ମଧ୍ୟ ଜାଣିସାରିଛୁ ଯେ ଯେଉଁ ଲଢ଼େଇ ଚାଲିଛି ସେଥିରେ ଶତ୍ରୁକୁ ସାମ୍ନାକରିବାକୁ ହେଲେ ଭୁଲ୍‌ବୁଝାମଣାର ଜାଲବିଛାଇ ମାନସିକ ସ୍ତରରେ ଦୁର୍ବଳକରି ଦେବାର କୌଣସି ସୁଯୋଗକୁ ଇଂରେଜ ସରକାର ହାତଛଡ଼ା କରିନାହାନ୍ତି । କିନ୍ତୁ କ'ଣ କରାଯିବ ସରକାରର ଏହି ଘୃଣିତ କାର୍ଯ୍ୟକୁ ରୋକିବା ପାଇଁ ଆମପାଖରେ କିଛି ସାଧନ ନାହିଁ । କିନ୍ତୁ ଏଭଳି କେତେକ କଥା ଅଛି ଯାହାକୁ ଆଖିରେ ରଖି ଆମେକିଛି କହିବାକୁ ବାଧ୍ୟ ହେଉଛୁ ।

ଆପଣ ଲାହୋର ଷଡଯନ୍ତ୍ର ମାମଲାରେ ଯେଉଁ ଅଧ୍ୟାଦେଶ ଜାରି କରିଛନ୍ତି ସେଥିରେ ଆମର ଆମରଣ ଅନଶନ ସମ୍ପର୍କରେ ମଧ୍ୟ ସ୍ପଷ୍ଟୀକରଣକୁ ସଂଯୁକ୍ତ କରିଛନ୍ତି । ଆପଣ ଏକଥା ମଧ୍ୟ ସ୍ୱୀକାର କରିଛନ୍ତି ଯେ ଆମଭିତରୁ ଦୁଇଜଣ ଏହି ମକଦ୍ଦମାରେ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ ପଣ୍ଡିତ ଶ୍ରୀକୃଷ୍ଣଙ୍କର ଅଦାଲତରେ ଯାଞ୍ଚ ପ୍ରକ୍ରିୟା ଆରମ୍ଭହେବା ପୂର୍ବରୁ ହିଁ ଆମରଣ ଅନଶନ ଆରମ୍ଭ କରିଦେଇଥିଲେ । ଆମେ ଆମରଣ ଅନଶନ କରିବାର କେତେକ ବିଶେଷକାରଣ ରହିଥିଲା । ଏହି ସ୍ଥିତିରେ ସରକାର ସେହିସବୁ କାରଣ ଗୁଡ଼ିକର ସ୍ପଷ୍ଟୀକରଣ ଦେବା କଥା ଯାହାକୁ ନେଇ ଅମରଣ ଅନଶନ କରାଯାଇଥିଲା । ଅବଶ୍ୟ ଏକଥା ସତଯେ ସାଧାରଣ ଭାବରେ ବୁଝୁଥିବା ସାଧାରଣ ବ୍ୟକ୍ତି ମଧ୍ୟ ଏକଥା ସହଜରେ ବୁଝିପାରିବ ଯେ ଏହି ମକଦ୍ଦମାର ଆମରଣ ଅନଶନ

ସହିତ କୌଣସି ସମ୍ପର୍କ ନାହିଁ ।

ତେଣୁ ସରକାର ଏହି ସମସ୍ୟାକୁ ସମାଧାନ କରିବାକୁ ଯାଇ କେତେକ ବିଶେଷ ବ୍ୟବସ୍ଥା ପ୍ରଚଳନ କରିବାପାଇଁ ସ୍ୱୀକୃତି ଦେଇଥିଲେ ଓ ଜେଲ୍ ଯାଞ୍ଚ କମିଟି ଗଠନ କରିଥିଲେ । ଏହାପରେ ଯାଇ ଆମେ ଆମରଣ ଅନଶନ ସମାପ୍ତ କରିଥିଲୁ । କିନ୍ତୁ ସର୍ବପ୍ରଥମେ ଆମକୁ କୁହାଯାଇଥିଲା ଯେ ଏହି ସମସ୍ୟା ନଭେମ୍ବର ପୂର୍ବରୁ ସମାଧାନ କରିଦିଆଯିବ, ଦେଖିଲାବେଳକୁ ପ୍ରକୃତରେ ଡିସେମ୍ବର ଯାଏ ବିଳମ୍ବ କରିଦିଆଗଲା । ଏପରିକି ଜାନୁୟାରୀ ମାସ ମଧ୍ୟ ଚାଲିଗଲା ହେଲେ ଏହି କଥାର କୌଣସି ସୂଚନା ମିଳିଲା ନାହିଁ, ବାସ୍ତବରେ ସରକାର ଏହି ସମ୍ପର୍କରେ କିଛି କରିବେ ନା ନାହିଁ । ଆମେ ଭାବିଲୁ ଯେ ବୋଧହୁଏ ସେହି ମାମଲାକୁ ଶେଷ କରିଦିଆଯାଇଛି । ତେଣୁ ଏହି ପରିସ୍ଥିତିରେ ଆମେ ପୂରା ଏକ ସପ୍ତାହର ନୋଟିସ୍ ଦେଇ ତା ୪.୨.୧୯୩୦ ରେ ଆମରଣ ଅନଶନ ଆରମ୍ଭ କରିଥିଲୁ । ଏହାପରେ ସରକାର ଏହି ସମସ୍ୟାର ଅନ୍ତିମ ରୂପ ଦେବା ପାଇଁ କେତେକ ପଦକ୍ଷେପ ନେଇଥିଲେ ।

ଏହି ଆଶାରେ ଏକ ବିଜ୍ଞାପନ ମଧ୍ୟ ସରକାର ସମାଚାର ପତ୍ରରେ ପ୍ରକାଶିତ କରିଥିଲେ । ତାପରେ ହିଁ ଆମେ ଆମରଣ ଅନଶନ ପତ୍ରରେ ପ୍ରକାଶିତ କରିଥିଲୁ । ତାପରେ ହିଁ ଆମେ ଆମରଣ ଅନଶନ ସମାପ୍ତ କରିଥିଲୁ । ଏପରିକି ଆମେ ସରକାରଙ୍କର ଅନ୍ତିମ ନିଷ୍ପତ୍ତି କାର୍ଯ୍ୟକାରୀ ହେବ କି ନାହିଁ ସେ ପର୍ଯ୍ୟନ୍ତ ଅପେକ୍ଷା ମଧ୍ୟ କରିନଥିଲୁ । କିନ୍ତୁ ଆଜି ଆମେ ଅନୁଭବ କରୁଛୁ ଯେ ଇଂରେଜ ସରକାର ଏଭଳି ସାଧାରଣ ଘଟଣାରେ ମଧ୍ୟ ମିଥ୍ୟା ଓ ଛଳନାର ଆଶ୍ରୟ ନନେଇ କିଛି କାର୍ଯ୍ୟ କରିପାରୁ ନାହିଁ । ସେହି ବିଜ୍ଞାପନ ନିଶ୍ଚିତ ଭାବରେ ଏକ ବିଶେଷ ନିର୍ଣ୍ଣୟ ଉପରେ ଆଧାରିତ ହୋଇ ପ୍ରକାଶିତ ହୋଇଥିଲା । କିନ୍ତୁ ଆମେ ବାସ୍ତବରେ ଦେଖିଲୁ ତା'ର ବିପରୀତ କାର୍ଯ୍ୟ ହିଁ କରାଗଲା । ଛାଡ଼ନ୍ତୁ, ସେ ଯାହା ବି ହେଉ ସେ ବିଷୟରେ ବିତର୍କ କରିବାପାଇଁ ଏହା ଉପଯୁକ୍ତ ଆଲୋଚନାର ପରିସର ନୁହେଁ । ଯଦି ପରବର୍ତ୍ତୀ ସମୟରେ ଏ ସମ୍ପର୍କରେ କୌଣସି ତର୍କ ଉଠେ ତେବେ ଆମେ ନିଶ୍ଚୟ ଏହାର ନିର୍ଣ୍ଣାୟକ ଉତ୍ତର ଦେବୁ ।

ଆମେ ପୁଣିଥରେ ପୂର୍ଣ୍ଣ ବିଶ୍ୱାସର ସହିତ ଦୃଢ଼ତାର ସହିତ କହୁଛୁ ଯେ ଆମର ଆମରଣ ଅନଶନ କୌଣସି ସାଧାରଣ ଘଟଣା ନିମନ୍ତେ ଉଦ୍ଦିଷ୍ଟ ନଥିଲା । ତୁଚ୍ଛାଟାରେ ଆମେ ଏତେ ଭୟଙ୍କର ଯନ୍ତ୍ରଣା ସହିନଥିଲୁ । ଆମର କମ୍ରେଡ ସାଥୀ ଯତୀନ୍ଦ୍ରନାଥ ଦାସ କିଛି ସାମାନ୍ୟ କାରଣ ପାଇଁ ନିଜର ଜୀବନକୁ ବଳିଦାନ ଦେଇନଥିଲେ । ରାଜଗୁରୁ ଓ ସୁଖଦେବ ଏହାର ଉତ୍ତର ପାଇଁ ଖାଲିଟାରେ ନିଜନିଜ ଜୀବନକୁ ସଙ୍କଟାପନ୍ନ

କରିନଥିଲେ ।

ଆପଣ ନିଜେ ଆମର ମକଦ୍ଦମା ସମ୍ପର୍କରେ ଭଲଭାବରେ ଜାଣିଛନ୍ତି ଅଧ୍ୟାଦେଶ ଜାରିହେବାର କାରଣ ଆମର ଆମରଣ ଅନଶନ ନୁହେଁ । କିନ୍ତୁ ଅସଲକାରଣ ଆଉକିଛି ଅଛି ଯାହା ବିଷୟରେ ଚିନ୍ତାକରି ଆପଣଙ୍କ ସରକାରର ଅକଲ ଗୁଡ୍ଡୁମ୍ ହୋଇଯାଇଛି । ତେଣୁ ଏହି ବେଆଇନ ଆଇନଟି ଆମର ଉପରେ ଚଳାଯାଉଥିବା ମକଦ୍ଦମାର ବିଳମ୍ବ କାରଣରୁ ହୋଇନାହିଁ କିମ୍ବା ଦେଶରେ ଏପରି ସଙ୍କଟମୟ ପରିସ୍ଥିତି ଉପୁଜିନାହିଁ, ଯାହାପାଇଁକି ଏହି ବେଆଇନକୁ ଆଇନ ଭାବରେ ପ୍ରଚଳିତ କରିବାକୁ ପଡିଲା । ନିଶ୍ଚିତ ଭାବରେ ଏହା ପଛରେ ଆଉକିଛି ଗଭୀର କାରଣ ଅଛି । କିନ୍ତୁ ଆମେ ଏକଥା ସ୍ପଷ୍ଟ କରିଦେବାକୁ ଚାହୁଁଛୁ ଯେ ଏହି ଅଧ୍ୟାଦେଶ ବଳରେ ଆମର ଭାବନା ଓ ଚିନ୍ତାଧାରାକୁ ବଳିଦିଆଯାଇ ପାରିବ ନାହିଁ । ଅବଶ୍ୟ ଆପଣ ଅନେକ ଜନସାଧାରଣଙ୍କୁ ଦଳିଚକଟି ଶେଷକରିଦେବାରେ ସଫଳତା ହାସଲ କରିଛନ୍ତି । କିନ୍ତୁ ଏକଥା ଭଲଭାବରେ ମନେରଖନ୍ତୁ ଯେ ଆପଣଙ୍କର ଏହି ସମ୍ପର୍କରେ ଆମେ ଏତିକି କହିପାରୁ ଏହା ଆମର ଏକ ଉତ୍କୃଷ୍ଟ ସଫଳତାର ଅଂଶବିଶେଷ ମାତ୍ର । ଆମେ ଆରମ୍ଭରୁ ହିଁ ଏହା କରିବାକୁ ଉଦ୍ୟମ କରୁଛୁ ଯେ ଆପଣଙ୍କର ଏହି ଆଇନ ଏକ ସୁନ୍ଦର ପ୍ରତାରଣା ଓ ଏକ ମନୋଜ୍ଞ ଛଳନା ଛଡା କିଛି ନୁହେଁ । ଏହି ଆଇନ ଆଦୌ ନ୍ୟାୟ ପ୍ରଦାନକରି ପାରିବ ନାହିଁ । କିନ୍ତୁ ବଡ ପରିତାପର ବିଷୟ ହେଉଛି ଜେଲ୍‌ରେ ଆଇନତଃ ନ୍ୟାୟ ପାଇବାପାଇଁ ଅପରାଧୀମାନଙ୍କୁ ଯେଉଁସବୁ ସର୍ବନିମ୍ନ ସୁବିଧା ଉପଲବ୍ଧ ହୁଏ, ସେତକମଧ୍ୟ ଆମଭଳି ରାଜନୈତିକ ବନ୍ଦୀମାନଙ୍କୁ ସେମାନଙ୍କର ପକ୍ଷ ଲଢ଼ିବାପାଇଁ କୌଣସି ସୁଯୋଗ ଦିଆଯାଇ ନାହିଁ ।

ଆମର ତେଣୁ ମନେହେଉଛି ସରକାର ଏହି ଆଭିମୁଖ୍ୟକୁ ସ୍ପଷ୍ଟଭାବରେ ଗ୍ରହଣକରି ଏଭଳି ପଦକ୍ଷେପ ନେଇଛି । ସେଥିପାଇଁ ଆମେ ଆପଣଙ୍କୁ ଓ ଆପଣଙ୍କର ସରକାରକୁ ଏହି ସଫଳତା ପାଇଁ ଧନ୍ୟବାଦ ଦେଉଛୁ ଓ ଅଧ୍ୟାଦେଶକୁ ସ୍ୱାଗତ କରୁଛୁ ।

ଆପଣଙ୍କର ପ୍ରତିନିଧି ସ୍ୱତନ୍ତ୍ର ମାଜିଷ୍ଟ୍ରେଟ୍ ଓ ସରକାରଙ୍କର ସରକାରୀ ଓକିଲଙ୍କ ଦ୍ୱାରା କ୍ରମାଗତ ଭାବରେ ଆମର ସମସ୍ତ ଔଦ୍ଧତ୍ୟ ବ୍ୟବହାର ସତ୍ତ୍ୱେ ତାକୁ ଗ୍ରହଣ ନକରି କେବଳ ଆମ ଉପରେ ଚଳାଯାଉଥିବା ମକଦ୍ଦମା ସମ୍ପର୍କରେ ଭାବୁଥିବା ଆପଣଙ୍କର ମନରେ ଅହେତୁକ ଆଶଙ୍କା, ଭୟ ଆପଣଙ୍କୁ କଲବଲ କରୁଛି । ତେଣୁ ଦେଖିବାକୁ ଗଲେ ଆମର ଏହି ମହାନ୍ ସଂଘର୍ଷର ଶ୍ରେଷ୍ଠ ସଫଳତା ଏହାଠାରୁ ଆଉ କ'ଣ ହୋଇପାରେ ?

ଆପଣଙ୍କର

ଆଦି, ଇତ୍ୟାଦି

ଭଗତ ସିଂହ

ଆମକୁ ଟ୍ରିବ୍ୟୁନାଲ୍‌ର ତିନିଜଣିଆ ଜଜ୍‌ଙ୍କ ସମ୍ମୁଖରେ ଯେଉଁଭଳି ନିର୍ମମ ଭାବରେ ଜଷ୍ଟିସ୍ କୋଲ୍ଡଷ୍ଟ୍ରିମ୍‌ଙ୍କ ଆଦେଶକ୍ରମେ ପୋଲିସ ବାଡ଼େଇଥିଲେ, ତାହାର ପ୍ରତିବାଦ କରିବା ସହିତ ପତ୍ର ମଧ୍ୟ ଲେଖିଥିଲୁ । ମୋର ଓ ବଟୁକେଶ୍ୱର ଦତ୍ତଙ୍କର ହସ୍ତାକ୍ଷରରେ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍‌ର କମିଶନରଙ୍କ ପାଖକୁ ପତ୍ର ପଠାଯାଇଥିଲା ।

କମିଶନର, ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍

ଲାହୋର ଷଡ଼ଯନ୍ତ୍ର କେଶ୍, ଲାହୋର

ତା.୨୬.୬.୧୯୩୭

ଶ୍ରୀମାନ୍‌ଜୀ,

ଟ୍ରିବ୍ୟୁନାଲ୍‌ର ଦୁଇଜଣ ବିଚାରପତିଙ୍କୁ ହଟାଇ ଦିଆଯାଇଛି ଏବଂ ସେଦୁହିଁଙ୍କ ସ୍ଥାନରେ ଅନ୍ୟ ଦୁଇଜଣ ନ୍ୟାୟାଧୀଶଙ୍କୁ ନିଯୁକ୍ତି କରାଯାଇଛି । ସେଥିପାଇଁ ଆମେ ନିଜର ସ୍ପଷ୍ଟୀକରଣ ଦେବାକୁ ଚାହୁଁଛୁ । ଯାହାଫଳରେ ଆମେ ନିଜର ପକ୍ଷମତ ସ୍ପଷ୍ଟ କରିପାରିବୁ ଏବଂ କୌଣସି ପ୍ରକାର ଆଶଙ୍କା ସେଥିପାଇଁ ସୃଷ୍ଟି ହେବ ନାହିଁ ।

୧୯୩୦ ମଇ ୧୨ରେ ନ୍ୟାୟାଧୀଶ କୋଲ୍ଡଷ୍ଟ୍ରୀମ୍, ଯିଏ କି ଅଧ୍ୟକ୍ଷ ଥିଲେ, ସେ ଗୋଟିଏ ଅଦାଲତି ଆଦେଶ ଦେଇଥିଲେ, ଯାହାଦ୍ୱାରା ଆମମାନଙ୍କୁ ଅଦାଲତର ଗୃହ ମଧ୍ୟରେ ଆମମାନଙ୍କ ହାତରେ ହାତକଡ଼ି ପିନ୍ଧା ଯିବାପାଇଁ ଆଦେଶ ଦିଆ ଯାଇଥିଲା । ତାଙ୍କର ଏହି ଆଦେଶକୁ ପାଳନ କରିବା ପାଇଁ ପୋଲିସକୁ ଆମ ଉପରେ ବଳପ୍ରୟୋଗ କରିବା ପାଇଁ କୁହାଯାଇଥିଲା ।

ଏହି ଅକସ୍ମାତ ଅସାଧାରଣ ଆଦେଶର କାରଣ ଜାଣିବା ପାଇଁ ଆମେ ଏହି ଅଦାଲତକୁ ନିବେଦନ କରିଥିଲୁ, ଯାହାକୁ ଶୁଣିବା ପାଇଁ ସାମାନ୍ୟ ଆବଶ୍ୟକତା ମଧ୍ୟ ଅନୁଭବ କରାଗଲା ନାହିଁ । ଏହି ପରିସ୍ଥିତିରେ ପୋଲିସ ଆମକୁ ଜୋରଜବରଦସ୍ତି ଭାବରେ ହାତକଡ଼ା ପିନ୍ଧାଇ ପୁନର୍ବାର ଜେଲ୍‌କୁ ନେଇଆସିଲା । ପରଦିନ ତିନିଜଣ ବିଚାରପତିଙ୍କ ମଧ୍ୟରୁ ଜଣେ ନ୍ୟାୟାଧୀଶ ଆଗା ହୈଦର ଅଧ୍ୟକ୍ଷଙ୍କର ଏଭଳି ବର୍ବରୋଚିତ ଆଦେଶରୁ ନିଜକୁ ଅଲଗା କରିଦେଲେ । ସେହିଦିନଠାରୁ ଆମେମାନେ ଅଦାଲତକୁ ଯିବା ବନ୍ଦ କରିଦେଇଛୁ ।

ଯେଉଁ ସର୍ତ୍ତରେ ଆମେ ନ୍ୟାୟାଳୟକୁ ଆସିବାକୁ ପ୍ରସ୍ତୁତ ଥିଲୁ, ତାହା ପରଦିନ ଅଦାଲତଙ୍କ ସମ୍ମୁଖରେ ରଖାଯାଇଥିଲା । ସର୍ତ୍ତ ଥିଲା ଯେ ଟ୍ରିବ୍ୟୁନାଲ୍‌ର ଅଧ୍ୟକ୍ଷ କ୍ଷମା ମାଗନ୍ତୁ, ନଚେତ୍ ତାଙ୍କୁ ବଦଳାଇ ଦିଆଯାଉ । କିନ୍ତୁ ଏହାର ଅର୍ଥ ଏହା ନଥିଲା ଯେ

ତାଙ୍କ ସ୍ଥାନରେ  ଏପରି ଜଣେ ନ୍ୟାୟାଧୀଶଙ୍କୁ ବସାଇ ଦିଆଯାଉ ଯିଏ କି ଉପରୋକ୍ତ ଆଦେଶ ଦେବାରେ ଭାଗୀଦାର ଥିଲେ ।  ପାଞ୍ଚ ସପ୍ତାହ ପର୍ଯ୍ୟନ୍ତ ଅପରାଧୀମାନଙ୍କର ଅଭିଯୋଗଗୁଡ଼ିକୁ ବିଚାରର ଯୋଗ୍ୟ ବୋଲି ମଧ୍ୟ ଗ୍ରହଣ କରାଗଲାନାହିଁ ।

ଅଥଚ ବର୍ତ୍ତମାନ ଟ୍ରିବ୍ୟୁନାଲ୍‌ର ପୁର୍ନଗଠନ ଆଳରେ ଅଧ୍ୟକ୍ଷ ଓ ଅନ୍ୟ ନ୍ୟାୟାଧୀଶ ଯେଉଁମାନେ ସେମାନଙ୍କ ସହିତ ସହମତ ହୋଇନଥିଲେ ସେମାନଙ୍କୁ ବଦଳାଇ ଦିଆଯାଇ ଦୁଇଜଣ ନୂତନ ନ୍ୟାୟାଧୀଶଙ୍କୁ ନିଯୁକ୍ତି ଦିଆଯାଇଛି । ଏହିଭଳି ଜଣେ  ନ୍ୟାୟାଧୀଶ ଯିଏ ସେହି ବିବାଦୀୟ ଆଦେଶ ସହିତ ସଂପୃକ୍ତ ଥିଲେ ତାଙ୍କୁ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଭାବରେ  ମନୋନୀତ କରାଯାଇଛି । ତେଣୁ ଏହିଭଳି ପରିସ୍ଥିତିରେ ଆମେ ଦୃଢ଼ତାର ସହିତ କହିବାକୁ ଚାହୁଁଛୁ ଯେ ବିଚାରପତି କୋଲ୍ଡଷ୍ଟ୍ରିମ୍‌ଙ୍କ ସହିତ ବ୍ୟକ୍ତିଗତ ଭାବରେ ଆମର କୌଣସି ବିରୋଧ ନାହିଁ କି କୌଣସି ଅଭିଯୋଗ ମଧ୍ୟ ନାହିଁ ।

ଆମର ବିରୋଧର କାରଣ ଏହି ଯେ ବିଚାରପତି କୋଲ୍ଡଷ୍ଟ୍ରିମ୍‌ଙ୍କ ଦ୍ୱାରା ମଂଜୁର କରାଯାଇଥିବା ବହୁମତର ଆଦେଶ ଏବଂ ଏହାପରେ ଆମ ସହିତ କରାଯାଇଥିବା ଦୁର୍ବ୍ୟବହାର ହିଁ ଥିଲା । ବିଚାରପତି କୋଲ୍ଡଷ୍ଟ୍ରିମ୍ ଓ ବିଚାରପତି ହେମିଲଟନ୍‌ଙ୍କୁ ଆମେ ସମ୍ମାନ କରୁ, ଯେପରି ଜଣେ ମଣିଷ ଦ୍ୱାରା  ଅନ୍ୟ ମଣିଷକୁ  କରାଯାଇଥାଏ । ଆମର କ୍ରୋଧ ଏକ ସ୍ୱତନ୍ତ୍ର ଆଦେଶକୁ ବିରୋଧ କରିବା ଦ୍ୱାରା ପ୍ରକାଶିତ ହୋଇଛି । ସେହି ଟ୍ରିବ୍ୟୁନାଲ୍‌ର ଏକ ଅମାନୁଷିକ ଆଦେଶ ପାଇଁ ଆମେ ଅଧ୍ୟକ୍ଷଙ୍କୁ କ୍ଷମା ମାଗିବାକୁ ଦାବୀ କରିଥିଲୁ । ତେଣୁ ପୁଣିଥରେ ଟ୍ରିବ୍ୟୁନାଲ୍ ଗଠନ ନାମରେ ଅଧ୍ୟକ୍ଷଙ୍କୁ ବଦଳାଇ ଦେଲେ ବାସ୍ତବରେ କୌଣସି ଫରକ ପଡ଼ିବ ନାହିଁ । କାରଣ ବର୍ତ୍ତମାନ ଜଜ୍ ହେମିଲଟନ୍ ଯିଏ ସେହି ଆଦେଶ ପ୍ରଦାନରେ ନିଜେ ସଂପୃକ୍ତ ଥିଲେ, ବିଚାରପତି କୋଲ୍ଡଷ୍ଟ୍ରିମ୍‌ଙ୍କ ପରିବର୍ତ୍ତେ ସେହି ସ୍ଥାନରେ ଅଧ୍ୟକ୍ଷତା କରୁଛନ୍ତି । ଆମେ ତ କେବଳ ଏତିକି ମାତ୍ର କହିପାରିବୁ ଯେ ଏବକାର ପରିବର୍ତ୍ତିତ ସ୍ଥିତିରେ ଆମର କ୍ଷତରେ ଲୁଣ ଛିଞ୍ଚିଲା ପରି କାର୍ଯ୍ୟ କରାଯାଇଛି ।

ଆପଣଙ୍କର

ଭଗତ ସିଂହ

ବି:କେ ଦତ୍ତ

୧୯୩୦ ମସିହା ଅଗଷ୍ଟ ୨୬ ତାରିଖରେ ଟ୍ରିବ୍ୟୁନାଲ୍‌ର  ଶୁଣାଣି ଶେଷ ହୋଇଥିଲା । ଟ୍ରିବ୍ୟୁନାଲ୍ ତାହାର ରାୟ ପ୍ରକାଶିତ କରିବା ପୂର୍ବରୁ ଆମମାନଙ୍କୁ ଜଣାଇ

ଦିଆଗଲା ଯେ ଟ୍ରାଏଲ୍ ଶେଷ ହୋଇଛି, ତେଣୁ ଆମେ ଚାହିଁଲେ ନିଜ ପାଇଁ ଆଇନ ପରାମର୍ଶଦାତାଙ୍କର ସହାୟତା ନେଇ ଲଢ଼ିପାରିବୁ । ସାକ୍ଷୀମାନଙ୍କୁ ଓକିଲ ଦ୍ୱାରା ଉପସ୍ଥାପିତ କରିପାରିବୁ । କିନ୍ତୁ ଆମେ ସମସ୍ତେ ଅଦାଲତର ଏହି ପରାମର୍ଶକୁ ଅଗ୍ରାହ୍ୟ କରିଥିଲୁ । ସବୁ ମକଦ୍ଦମାର ଆଳରେ ଏହି ସାମ୍ରାଜ୍ୟବାଦୀ ଇଂରେଜ ସରକାର ଯିଏ ମୋର ଭାରତଭୂମିକୁ ଛଳବଳକୌଶଳରେ, ଗୁଣ୍ଡାମୀ, ଅପହରଣ ଦ୍ୱାରା ନିଜର କରାୟତ୍ତ କରି ଅକଥନୀୟ ଯାତନା ଦେଉଛି, ଶୋଷଣ କରୁଛି ଏବଂ ନ୍ୟାୟ ନାମରେ ସର୍ବ ସମ୍ମୁଖରେ ଆଇନକୁ ହତ୍ୟା କରୁଛି । ତେଣୁ ସେଥିପାଇଁ ଏ ଦେଶର ଯୁବବିପ୍ଲବୀମାନେ ନିଜର ଦେଶର ସ୍ୱାଧୀନତା ପାଇଁ ଆତ୍ମବଳି ଦେଉଛନ୍ତି, ତା' ସହିତ ବର୍ତ୍ତମାନର ସାମାଜିକ, ଆର୍ଥିକ, ରାଜନୈତିକ ସ୍ତରରେ ମଧ୍ୟ କ୍ରାନ୍ତିକାରୀ ପରିବର୍ତ୍ତନ ପାଇଁ ପ୍ରୟାସୀ ହେଲାବେଳେ ଏହି ନାଦିରଶାହୀ ଶୋଷଣକାରୀ ଇଂରେଜ ସରକାର ଘୃଣ୍ୟ ଷଡଯନ୍ତ୍ର କରି ନ୍ୟାୟ ନାମରେ ନିରୀହ ଜନତାଙ୍କ ଉପରେ ଲୁଟତରାଜ ଚଳାଇଛନ୍ତି । ଏହି ଆଇନ ବ୍ୟବସ୍ଥା ଦେଶର ସାମାଜିକ ଆବଶ୍ୟକତାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇ ଶୋଷଣ ଓ ଅନ୍ୟାୟର ହାତବାରିସିରେ ପରିଣତ ହୋଇଯାଇଛି । ତେଣୁ ମୁଁ ଆନ୍ତରିକ ଭାବରେ ଚାହୁଁଥିଲି ଆମେ ପ୍ରତ୍ୟେକ ଭାରତୀୟଙ୍କର ପ୍ରଥମ ଦାୟିତ୍ୱ ହେଉଛି ଏହି ବର୍ବର ଆଇନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରିବା ପାଇଁ ଆହ୍ୱାନ ଦେବା ସହିତ ଏହାକୁ ସାମୂହିକ ଭାବରେ ଅମାନ୍ୟ ମଧ୍ୟ କରିବା ନିହାତି ଆବଶ୍ୟକ । ଇଂରେଜ ନ୍ୟାୟାଳୟ ଯିଏ ସମସ୍ତ ଶୋଷଣର କେନ୍ଦ୍ରସ୍ଥଳ ତାହା କୌଣସି ଦୃଷ୍ଟିରୁ ନ୍ୟାୟ ଦେଇପାରିବ ନାହିଁ ।

ମୁଁ ମୋର ଛୋଟ ଭାଇ କୁଲ୍‌ବୀରକୁ ଟ୍ରିବ୍ୟୁନାଲ୍‌ର ଶେଷ ରାୟ ପ୍ରକାଶିତ ହେବା ପୂର୍ବରୁ ଆଇନ ପରାମର୍ଶ ପାଇଁ ଓକିଲଙ୍କ ସହିତ ଆଲୋଚନା କରି ଜଣାଇବାକୁ ପତ୍ର ଲେଖିଥିଲି । କାରଣ ମୋର ସାକ୍ଷାତକୁ ମଧ୍ୟ ବାରଣ କରାଯାଉଥିଲା । ସେହି

ସବୁ ଅନ୍ଧକାରମୟ ଜେଲ୍‌ର କଠୋରୀ ଭିତରେ ପତ୍ର ଲେଖିବାରେ ମତେ ଅନେକ ନୈତିକ ବଳ ଓ ଉତ୍ସାହ ମିଳୁଥିଲା ।

ସେଣ୍ଟ୍ରାଲ୍‌ଜେଲ୍
ଲାହୋର
ତା.୧୬.୦୯.୧୯୩୦

ପ୍ରିୟଭାଇ କୁଲ୍‌ବୀରଜୀ

ସତ୍ ଶ୍ରୀ ଅକାଲ୍ !

ତୁମେ ଜାଣିଥିବ ଯେ ଉଚ୍ଚ ଅଧିକାରୀ ମାନଙ୍କର ଆଦେଶ ପ୍ରକାରେ ମୋର ସାକ୍ଷାତକାର ଉପରେ ପ୍ରତିବନ୍ଧକ ଲଗାଇ ଦିଆଯାଇଛି । ତେଣୁ ଏହି ପରିସ୍ଥିତିରେ ଯେତେଦୂର ସମ୍ଭବ ସାକ୍ଷାତ ତୁମ ସହିତ ହୋଇନପାରେ । ମୁଁ ଭାବୁଛି ଖୁବ୍‌ଶୀଘ୍ର ବିଚାରଣାର ରାୟ ବାହାରିଯିବ । ଏହାର କିଛିଦିନ ଭିତରେ ଅନ୍ୟ କୌଣସି ଜେଲ୍‌କୁ ମତେ ପଠାଇଦିଆଯିବ। ତେଣୁ ତୁମେ ଏହା ଭିତରେ କୌଣସି ଦିନ ଜେଲ୍‌କୁ ଆସି ମୋର ବହିପତ୍ର କିଛି ମୂଲ୍ୟବାନ କାଗଜପତ୍ର ସବୁ ନେଇଯିବ । ମୁଁ ବାସନ, ଲୁଗାପଟା, ବହିପତ୍ର ଓ ଅନ୍ୟାନ୍ୟ କାଗଜପତ୍ର ଜେଲ୍‌ର ଡେପୁଟୀ ସୁପରିଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟକୁ ପଠାଇଦେବି । ଆସି ନେଇଯିବ । ମୁଁ ଜାଣିନି କାହିଁକି କେଜାଣି ମୋ ମନ ଭିତରେ ବାରମ୍ବାର ଗୋଟିଏ କଥା ଆସୁଛି ଯେ ଏହି ସପ୍ତାହର କୌଣସି ଦିନ ନହେଲେ ଏମାସରେ ହିଁ ଫଳାଫଳ ସହିତ ଏଠାରୁ ମୋର ବଦଳି ହୋଇଯିବ । ଯାହା ଜଣାପଡୁଛି ଏହି ପରିସ୍ଥିତିରେ ହୁଏତ ଅନ୍ୟ କୌଣସି ଜେଲ୍‌ରେ ହିଁ ଦେଖାସାକ୍ଷାତ ହୋଇପାରେ । ଏଠି ତ ଆଉ କୌଣସି ଆଶା ଦେଖାଯାଉନାହିଁ । ଯଦି ସୁବିଧା ହୁଏ, ଓକିଲ ପଠାଇବାର ବ୍ୟବସ୍ଥା କରିବ । ମୁଁ ପ୍ରିଭି କାଉନସିଲ୍ ସଂପର୍କରେ ଏକ ଜରୁରୀ ପରାମର୍ଶ କରିବାକୁ ଚାହୁଁଛି । ମା'ଙ୍କୁ ଧୈର୍ଯ୍ୟ ଦେବ, ବ୍ୟସ୍ତ ହେବନାହିଁ ।

ତୁମର ଭାଇ
ଭଗତ ସିଂହ

ମା'ଙ୍କ ପାଇଁ ମତେ ସବୁବେଳେ ବ୍ୟାକୁଳ ଲାଗୁଥିଲା । ତାଙ୍କର ଲୁହ ଛଳଛଳ ମୁହଁ, ହୃଦୟର କୋହ, ନିରୀହ ନିଷ୍ପାପ ମନର ଆବେଗରେ ମୋର ବିଦାୟର ଦୁଃଖ ତାଙ୍କୁ ଲୋଚାକୋଚା କରିଦେଉଥିଲା । ମନଟା ଭାରି ହୋଇଯାଉଥାଏ । ଦାଦାଜୀ, ବାବୁଜୀଙ୍କର ଉଦାସ ଗମ୍ଭୀର ଦୃଷ୍ଟି ଭିତରେ ଏକ ବିଶ୍ୱାସହରା ଆକୁଳପଣ ମତେ ଅନେକ ସମୟରେ ଅନ୍ୟମନସ୍କ କରିଦେଉଥିଲା । ମୋର ଦାଦାଜୀଙ୍କର ପୁଅମାନେ

ଅର୍ଥାତ୍ ମୋର ପିତା ସର୍ଦ୍ଦାର କିଶନ୍ ସିଂହ, ଚାଚା ସର୍ଦ୍ଦାର ଅଜିତ୍ ସିଂହ, ସର୍ଦ୍ଦାର ସ୍ୱରଣ ସିଂହ ସମସ୍ତେ ମୂଳରୁ ହିଁ ପଞ୍ଜାବର ବିଭିନ୍ନ ଜନଆନ୍ଦୋଳନ, ଯାହା ସ୍ୱାଧୀନତା ଆନ୍ଦୋଳନକୁ ଏକ ନୂତନ ରୂପରେଖ ପ୍ରଦାନ କରିଥିଲା ସେଥିରେ ସାମିଲ୍ ହୋଇଥିଲେ । ମୋର ବଡ଼ ଚାଚା ସର୍ଦ୍ଦାର ଅଜିତ୍ ସିଂହ ଲାଲ ଲଜପତ୍ ରାୟଙ୍କ ସହିତ କିଷାନ୍ ଆନ୍ଦୋଳନର ପ୍ରତିନିଧିତ୍ୱ କରିଥିଲେ, ଯେଉଁଥିପାଇଁ ତାଙ୍କୁ ବର୍ମାକୁ ନିର୍ବାସିତ କରାଯାଇଥିଲା । ପ୍ରିୟ ନେତା ଅଜିତ୍ ସିଂହଙ୍କର ନିର୍ବାସନରେ କ୍ଷୁବ୍ଧ ଜନତାଙ୍କର ପ୍ରବଳ ପ୍ରତିବାଦ ଫଳରେ ତାଙ୍କୁ ମୁକ୍ତ କରିବାକୁ ଇଂରେଜ ସରକାର ବାଧ୍ୟ ହୋଇଥିଲେ । ମୋର ପିତା ସର୍ଦ୍ଦାର କିଶନ ସିଂହଙ୍କୁ ଇଂରେଜ ସରକାର ନେପାଳରୁ ଗିରଫ କରିଥିଲେ ଓ ପରେ ଛାଡ଼ି ଦେଇଥିଲେ । ସାନଚାଚା ସ୍ୱରଣ ସିଂହଙ୍କ ଉପରେ ଅନେକ ମକଦ୍ଦମା ଚଳାଯାଇଥିଲା, ସେ ଜାମିନ୍‌ରେ ଆସିଥିଲେ । ତେଣୁ ଦାଦାଜୀ ଅର୍ଜ୍ଜୁନ ସିଂହ ମୋର ଜନ୍ମକୁ ଏକ ଆଶୀର୍ବାଦ ବୋଲି ଗ୍ରହଣ କରିନେଇଥିଲେ । ଆଜି ସେ ସବୁ ଭାରି ମନେ ପଡୁଥିଲା । କୁଲ୍‌ବୀରକୁ, ସମସ୍ତଙ୍କୁ ଟିକେ ଦେଖିବାକୁ ଭାରି ମନ ହେଉଥିଲା । ତେଣୁ ପୁଣିଥରେ କୁଲବୀରକୁ ଚିଠି ଲେଖି ବସିଲି । ମା'ଙ୍କୁ ନେଇ କୁଲବୀର ଆସିଥିଲା । ଅଥଚ ସାକ୍ଷାତ ପାଇଁ ଜେଲ୍ କର୍ତ୍ତୃପକ୍ଷ ଅନୁମତି ନ ଦେବାରୁ ସେମାନେ ଫେରିଯାଇଥିଲେ ।

ସେଣ୍ଟ୍ରାଲ ଜେଲ୍

ଲାହୋର

ତା.୨୫.୯.୧୯୩୦

ପ୍ରିୟ ଭାଇ କୁଲ୍‌ବୀର ସିଂହଜୀ ସତ୍‌ଶ୍ରୀ ଅକାଲ୍ !

ମୁଁ ଜାଣିବାକୁ ପାଇଲି ଯେ ତୁମେ ମା'ଜୀଙ୍କୁ ସାଙ୍ଗରେ ନେଇ ଜେଲ୍‌କୁ ଆସିଥିଲ, କିନ୍ତୁ ସାକ୍ଷାତ ପାଇଁ ଆଦେଶ ନ ମିଳିବାରୁ ନିରାଶ ହୋଇ ଫେରିଗଲ, ତାହା ମତେ ଅତ୍ୟନ୍ତ ଦୁଃଖିତ କରିପକାଇଲା । ତୁମେ ତ ଆଗରୁ ଜାଣିଥିଲ ଜେଲ୍‌ରେ ମୋ ସହିତ ଦେଖା ପାଇଁ ଅନୁମତି ମିଳିବ ନାହିଁ । ତା'ହେଲେ ମା'ଙ୍କୁ ସାଙ୍ଗରେ କାହିଁକି ଆଣିଲ ? ମୁଁ ଜାଣିଛି ଏହି ସମୟରେ ସେ ବହୁତ ଚିନ୍ତିତ ଓ ଭୟଭୀତ ହୋଇଛନ୍ତି । ହେଲେ ଏଭଳି ବ୍ୟାକୁଳ ହୋଇ ଚିନ୍ତା କରି କିଛି ଲାଭ ନାହିଁ । ବରଂ ଏହା ବେଶି କ୍ଷତି ଘଟାଇବ । ମୁଁ ଜାଣିବାକୁ ପାଇଲି ମୋ ସହିତ ଦେଖାନହେବାରୁ ସେ ଆହୁରି ବ୍ୟାକୁଳ ହୋଇ କାନ୍ଦୁଛନ୍ତି । ମତେ ନିଜକୁ ଭାରି ଅସ୍ଥିର ଓ ଅଶାନ୍ତ ଲାଗୁଛି । ମୁଁ ଆଦୌ ସ୍ଥିର ହୋଇ ରହିପାରୁନାହିଁ ।

ବ୍ୟସ୍ତ ହେବାର କିଛି ନାହିଁ, ଏହା ଦ୍ୱାରା ପ୍ରକୃତରେ କିଛି ମିଳେ ନାହିଁ । ସମସ୍ତେ ସାହସ ଓ ଧୈର୍ଯ୍ୟର ସହିତ ଏ ପରିସ୍ଥିତିକୁ ସାମ୍ନା କରିବା । ଅବଶ୍ୟ ସଂସାରରେ ଆହୁରି ଅନେକ ଲୋକ ଅଛନ୍ତି ଯେଉଁମାନେ ଅସୁମାରୀ ଦୁଃଖ କଷ୍ଟ ଦେଇ ବଞ୍ଚୁଛନ୍ତି । ପୂରା ଏକବର୍ଷ ପର୍ଯ୍ୟନ୍ତ କ୍ରମାଗତ ଆମ ଭିତରେ ଦେଖାସାକ୍ଷାତ ହେଉଥିଲେ ମଧ୍ୟ ମନ ଭରିନାହିଁ । ତେଣୁ ଆଉ ଦୁଇଚାରିଥର ଦେଖାହେଲେ ବି ମନକୁ ଶାନ୍ତି ମିଳିବ ନାହିଁ ।

ତେଣୁ ମୁଁ ଭାବୁଛି ଅନ୍ତିମ ରାୟ ପ୍ରକାଶ ପାଇଗଲା ପରେ ଦଣ୍ଡାଦେଶ ଶୁଣାଇ ଦିଆଯାଇସାରିଥିବ, ସେତେବେଳେ ତୁମମାନଙ୍କ ସହିତ ଦେଖା କରିବାର ପ୍ରତିବନ୍ଧକ ହଟିଯାଇଥିବ । କିନ୍ତୁ ମନେକର ଯଦି ଏସବୁ ସତ୍ତ୍ୱେ ଦେଖା କରିବାର ଅନୁମତି ନ ମିଳିବ... ସେଥିପାଇଁ ବ୍ୟସ୍ତ ହୋଇ ଲାଭ କ'ଣ ?

ତୁମର ଭାଇ
ଭଗତ ସିଂହ

ଜେଲ୍‌ରେ ଆମର ସଂଗ୍ରାମ ପରୋକ୍ଷରେ ନିରବଚ୍ଛିନ୍ନ ଭାବରେ ଚାଲିଥିଲା । ମୋର ବନ୍ଧୁମାନେ ଓ ମୁଁ କେହିହେଲେ ଟ୍ରିବ୍ୟୁନାଲ୍ କୋର୍ଟରେ ହାଜିର ହେଉନଥିଲୁ । ଆମେ ସଂପୂର୍ଣ୍ଣ ଭାବରେ କୋର୍ଟ ଶୁଣାଣି ଅମାନ୍ୟ ଓ ଅଗ୍ରାହ୍ୟ କରିଦେଇଥିଲୁ । ଜେଲ୍‌ର କର୍ତ୍ତୃପକ୍ଷ ଆମମାନଙ୍କର ଏହିସବୁ ଅସାଧାରଣ ଦୃଢ଼ତା, ଅସମ୍ଭବ ଇଚ୍ଛାଶକ୍ତିକୁ ପ୍ରଶଂସା ନ କରି ରହିପାରିନଥିଲେ । ଲାହୋର ସେଣ୍ଟ୍ରାଲ୍ ଜେଲ୍‌ର ଇତିହାସରେ କେବେହେଲେ ବିଚାରାଧୀନ, ଦଣ୍ଡିତ କଏଦୀମାନଙ୍କ ସହିତ ଜେଲ୍‌ର ଉଚ୍ଚ ଅଧିକାରୀ ଓ କର୍ମଚାରୀମାନେ ମିଳିତ ହୋଇ ଭୋଜନ କରିନଥିଲେ । ଆମ ସହିତ ସେମାନେ ବେଶ୍ ହସଖୁସିରେ ଗପ କରୁଥିଲେ ଓ ଆମେ ଏକାଠି ରାତ୍ରିଭୋଜନ ମଧ୍ୟ କରିଥିଲୁ । ଆମମାନଙ୍କୁ ଭୂରିଭୂରି ପ୍ରଶଂସା କରୁଥିଲେ ।

୧୯୩୦ ମସିହା ଅକ୍ଟୋବର ୭ ତାରିଖ ଦିନ ଟ୍ରିବ୍ୟୁନାଲ୍‌ର ଏକ ସ୍ୱତନ୍ତ୍ର ବାର୍ତ୍ତାବହ ଜେଲ୍ ଭିତରକୁ ଆସିଲା ଏବଂ ଲାହୋର ଷଡଯନ୍ତ୍ର ମାମଲାର ରାୟ ସଂପର୍କରେ ଆମମାନଙ୍କ ସମ୍ମୁଖରେ ପଢ଼ିଲା । ଯେହେତୁ ଆମେମାନେ କେହି କୋର୍ଟକୁ ଯାଉନଥିଲୁ ତେଣୁ କୋର୍ଟର ପ୍ରୋସିଡ଼ିଂ ଜାଣିବାର ସମ୍ଭାବନା ହିଁ ନଥିଲା । ଟ୍ରିବ୍ୟୁନାଲ୍‌ର ରାୟ ୬୮ ପୃଷ୍ଠାରେ ବିସ୍ତୃତ ଭାବରେ ଲିଖିତ ହୋଇଥିଲା । ରାୟ ଅନୁସାରେ ମତେ, ରାଜଗୁରୁ ଓ ସୁଖଦେବଙ୍କୁ ଫାଶୀ ଆଦେଶ ହୋଇଥିଲା ।

ମୋର ବନ୍ଧୁମାନେ କମଳନାଥ ତିୱାରୀ, ବିଜୟ କୁମାର ସିହ୍ନା, ଜୟଦେବ

କପୁର, ଶିବ ବର୍ମା, ଗୟା ପ୍ରସାଦ, କିଶୋରୀଲାଲ ଏବଂ ମହାବୀର ସିଂହଙ୍କୁ ଆଜୀବନ କାରାବାସ ଆଦେଶ ହୋଇଥିଲା । କୁନ୍ଦନଲାଲଙ୍କୁ ୭ ବର୍ଷ କାରାଦଣ୍ଡ ଓ ସବୁଠାରୁ ସାନ ପ୍ରେମଦତ୍ତଙ୍କୁ ତିନିବର୍ଷ ଜେଲ୍ ଦଣ୍ଡ ଦିଆଯାଇଥିଲା । ମାଷ୍ଟର ଆଶାରାମ, ଅଜୟ ଘୋଷ, ସୁରେନ୍ଦ୍ର ନାଥ ପାଣ୍ଡେ, ଦେଶରାଜ ଏବଂ ଜିତେନ୍ଦ୍ର ସାନ୍ୟାଲଙ୍କୁ ନିର୍ଦ୍ଦୋଷରେ ଖଲାସ ଆଦେଶ ହୋଇଥିଲା ।

ମୁଁ ଏସବୁ ଏକତରଫା ଟ୍ରିବ୍ୟୁନାଲ୍‌ର ଫଳାଫଳ ଆଗରୁ ଜାଣିସାରିଥିଲି । ମୋର ଫାଶୀ ଆଦେଶ ଶୁଣିବାପରେ ମୁଁ ସେଦିନ ଖୁବ୍ ହସିଥିଲି, ନିଜକୁ ଖୁବ୍ ହାଲ୍‌କା ମନେ କରିଥିଲି । ଏତେଦିନ ହେଲା ମକଦ୍ଦମାର ବିଚାର ନାମରେ ଯେଉଁ ଛଳନା, ବିଶ୍ୱାସଘାତକତା ଇଂରେଜ ସରକାର କରୁଥିଲା ତାହାର ଏହାହିଁ ଥିଲା ନିର୍ଣ୍ଣୟ । ଇଂରେଜ ସରକାରର ସମସ୍ତ ସତର୍କତା ସତ୍ତ୍ୱେ ଟ୍ରିବ୍ୟୁନାଲ୍ ରାୟର ସମ୍ବାଦ ଲୋକଙ୍କ ପାଖରେ ପହଞ୍ଚିଯାଇଥିଲା । ଲାହୋର ଷଡ଼ଯନ୍ତ୍ର ମାମଲାରେ ଏହି ଯେଉଁ ଦଣ୍ଡାଦେଶ ହୋଇଥିଲା ତାହା ବିରୋଧରେ ଲାହୋରରେ ଏକ ବଡ଼ ବିକ୍ଷୋଭ ପ୍ରଦର୍ଶନ କରାଗଲା । କଲିକତା, ପୁଣେ, ବମ୍ବେ, ଦିଲ୍ଲୀ ଚାରିଆଡ଼େ ପ୍ରତିବାଦର ସ୍ୱର ଚରମ ହୋଇଉଠିଲା । ସେଥିପାଇଁ ତରତର ହୋଇ ସରକାର ଲାହୋର ସହରରେ ଧାରା ୧୪୪ ଲଗାଇଦେଇ ବିକ୍ଷୋଭକୁ ବେଆଇନ ବୋଲି ଘୋଷଣା କରିଦେଲେ । କିନ୍ତୁ ଆନ୍ଦୋଳନ କ'ଣ ବନ୍ଦ ହୁଏ ? ଲାହୋରର ମ୍ୟୁନିସ୍‌ପାଲ୍‌ଟି ପଡ଼ିଆରେ ସରକାରକୁ କୌଣସି ନୋଟିସ୍ ନ ଦେଇ ଏକ ବିଶାଳ ପ୍ରତିବାଦ ସଭା ଆରମ୍ଭ ହେଲା ।

ମତେ, ରାଜଗୁରୁ, ସୁଖଦେବଙ୍କୁ ଦିଆଯାଇଥିବା ଫାଶୀ ଆଦେଶ ଓ ମୋର ବନ୍ଧୁମାନଙ୍କୁ ଆଜୀବନ କାରାଦଣ୍ଡ ବିରୁଦ୍ଧରେ ଖୋଲାଖୋଲି ଭାବରେ ସମବେତ ଜନତା ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପୂର୍ବକ କଠୋର ସମାଲୋଚନା କଲେ । ଏହା ସହିତ ଭାଇସ୍‌ରୟଙ୍କର ଅଧ୍ୟାଦେଶ, ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍‌ର ଗଠନ ଉପରେ ତୀବ୍ର ରୋଷ ପ୍ରକଟିତ ହେଲା । ସେଦିନ ଦେଶର ସମସ୍ତ ଜାତୀୟ ସମ୍ବାଦପତ୍ରମାନଙ୍କରେ ଆମର ଦଣ୍ଡାଦେଶ ଉପରେ ହିଁ ସମ୍ବାଦ ମୁଖ୍ୟାଂଶରେ ପ୍ରକାଶ ପାଇଥିଲା । ଏହା ସହିତ ଟ୍ରିବ୍ୟୁନାଲ୍‌ର ରାୟ ଆମମାନଙ୍କର ଫଟୋଗ୍ରାଫ୍ ସେଥିରେ ଦିଆଯାଇଥିଲା । ଇଂରେଜ ସରକାରର ମୁଣ୍ଡବ୍ୟଥା ଏହାପରେ କିନ୍ତୁ ଖୁବ୍ ବଢ଼ିଗଲା । ଅକ୍ଟୋବର ୮ ତାରିଖ ୧୯୩୦ରେ ଜନତାଙ୍କର ପ୍ରବଳ ଜନଅସନ୍ତୋଷ ଇଂରେଜ ସରକାରର ଏହି ବର୍ବର ଅମାନୁଷିକ କାର୍ଯ୍ୟାନୁଷ୍ଠାନ ସହିତ କ୍ରାନ୍ତିକାରୀ ଆନ୍ଦୋଳନକୁ ଦମନ କରିବାର ଏ ଯେଉଁ ହୀନ ମାଧ୍ୟମ ସେମାନେ ଗ୍ରହଣ କରିଛନ୍ତି, ତାହା ପ୍ରଦର୍ଶିତ ହେଲା ।

ସେଦିନ ଲାହୋରର ଛାତ୍ର ସଂଗଠନମାନଙ୍କ ଦ୍ୱାରା ଯେଉଁ ବନ୍ଦର ଆହ୍ୱାନ ଦିଆଯାଇଥିଲା ସେଥିରେ ପ୍ରାୟ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ବନ୍ଦ ହୋଇଥିଲା । ପ୍ରତ୍ୟେକ ଛାତ୍ରଛାତ୍ରୀ ଏହି ବିକ୍ଷୋଭରେ ଯୋଗଦେଇଥିଲେ । ପୋଲିସ୍ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ମହିଳାମାନଙ୍କୁ ବିକ୍ଷୋଭ ସ୍ଥଳରୁ ଗିରଫ କରିଥିଲେ । ସେମାନେ ଲାହୋର ଡ଼ିଏଭି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପ୍ରଫେସରମାନଙ୍କୁ ରୀତିମତ ଆକ୍ରମଣ କରିଥିଲେ । ବହୁ ଜାଗାରେ ପୋଲିସ୍ ବିକ୍ଷୋଭ ପ୍ରଦର୍ଶନକାରୀଙ୍କୁ ଘଉଡ଼ାଇ ପାଇବା ପାଇଁ ଲାଠି ପ୍ରହାର କରିଥିଲେ ।

ଆମ ଉପରେ କରାଯାଇଥିବା ଅନ୍ୟାୟ ଦଣ୍ଡାଦେଶକୁ ମୋ ଦେଶର ଜନସାଧାରଣ ଆଦୌ ସହିପାରିନଥିଲେ । ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍ ଗଠନ ଆଳରେ କ୍ରାନ୍ତିକାରୀ ଆନ୍ଦୋଳନକୁ ସଂପୂର୍ଣ୍ଣ ଦବାଇ ଦେବାପାଇଁ ଏବଂ ସବୁଦିନ ପାଇଁ ଆମର ପାଟିଚୁପ୍ କରିଦେବାର ଷଡଯନ୍ତ୍ର ଯେ ଇଂରେଜ ସରକାର କରିସାରିଛି ତାହାର ନଗ୍ନରୂପ ଜନସାଧାରଣଙ୍କ ଆଗରେ ଖୋଲି ଯାଇଥିଲା । ତେଣୁ ଜନ ଅସନ୍ତୋଷ ତୀବ୍ରରୁ ତୀବ୍ରତର ହୋଇଯାଇଥିଲା । ସାରା ଦେଶରେ ଆମର ଦଣ୍ଡାଦେଶ ବିରୁଦ୍ଧରେ ଦିନ ତମାମ ଆନ୍ଦୋଳନ, ବିକ୍ଷୋଭ ଜାରି ରହିଥିଲା । ମତେ ଗୋଟିଏ କଥାରେ ଭାରି ସନ୍ତୋଷ ମିଳୁଥିଲା ଯାହାହେଉ ଆମର ସଂଗ୍ରାମର ମୂଳ ଆଦର୍ଶକୁ ଜନସାଧାରଣ ଧୀରେ ଧୀରେ ବୁଝିବାକୁ ଆରମ୍ଭ କରିଛନ୍ତି । ସାରାଦେଶର ପ୍ରତିକ୍ରିୟା ସହିତ ମୋର ପରିବାରରେ ମଧ୍ୟ ଏହିସବୁ ଆଦେଶ ବିରୁଦ୍ଧରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା ।

ମୋର ପିତା କିଶନ୍ ସିଂହ ମଧ୍ୟ ଜଣେ ଜଣାଶୁଣା କ୍ରାନ୍ତିକାରୀ ଭାବରେ ପରିଚିତ ଥିଲେ । ମତେ ଫାଶୀ ଦିଆଯିବା ଆଦେଶକୁ ସେ ଆଦୌ ଗ୍ରହଣ କରିପାରିଲେ ନାହିଁ । ମତେ ଏମିତି ଅବେଳରେ ହରେଇବାକୁ ତାଙ୍କର ପିତୃତ୍ୱ ଆଦୌ ପ୍ରସ୍ତୁତ ନଥିଲା । ମତେ ବଞ୍ଚାଇବା ପାଇଁ ସେ ନିଜର ସମସ୍ତ ଶକ୍ତି ପ୍ରୟୋଗ କରିଥିଲେ । ସେ ତେଣୁ ଭାଇସ୍‌ରୟଙ୍କ ନିକଟକୁ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍ ଜରିଆରେ ପତ୍ର ଲେଖିଲେ । ସୌଣ୍ଡର୍ସ ହତ୍ୟାକାଣ୍ଡ ଦିନ ମୁଁ ସେଠାରେ ଉପସ୍ଥିତ ନଥିଲି ବରଂ ସେଦିନ କଲିକତାରେ ରହିଥିଲି । ମୋର କଳ୍ପିତ କଲିକତା ରହଣିକୁ ଆହୁରି ବାସ୍ତବ କରିବା ପାଇଁ ବାବୁଜୀ ଶ୍ରୀରାମ ଲାଲ, ପରିଚାଳକ, ଖଦୀଭଣ୍ଡାର ଲାହୋରଙ୍କୁ ଏକ ଚିଠି ମଧ୍ୟ ପଠାଇଥିଲେ । ବାବୁଜୀ ଭାଇସ୍‌ରୟଙ୍କୁ ଅନୁରୋଧ କରିଥିଲେ ଯେ ପୁଣିଥରେ ସୌଣ୍ଡର୍ସ ହତ୍ୟାକାଣ୍ଡର ତଥ୍ୟଗୁଡ଼ିକୁ ଭଲଭାବରେ ଯାଞ୍ଚ କରାଯାଉ, ଓ ମତେ ପୁଣିଥରେ ନିଜ କେଶ୍ ଲଢ଼ିବା

ପାଇଁ ସୁଯୋଗ ଦିଆଯାଉ ।

ମୁଁ ଏକଥା ଶୁଣିଲାପରେ ଭାରି ରାଗିଲି ଓ ଦୁଃଖ କଲି । ମୋ ବାବୁଜୀଙ୍କ ଭଳି ଜଣେ ସ୍ୱାଧୀନଚେତା ବ୍ୟକ୍ତି ଦେଶର ସ୍ୱାଧୀନତା ପାଇଁ ନିଜେ ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲାବେଳେ ମତେ ବଞ୍ଚାଇବାକୁ ଏ ଯେଉଁ ଅସମ୍ଭବ କଳ୍ପିତ ତଥ୍ୟ ବାହାର କରିଛନ୍ତି ତାହା ମୋର ଆଦର୍ଶର, ଚିନ୍ତାଧାରାର ସଂପୂର୍ଣ୍ଣ ପରିପନ୍ଥୀ ଥିଲା । ମୁଁ ମୋ ନିଜକୁ ମୋ ଆତ୍ମାକୁ ଦେଶ ପାଇଁ ଉତ୍ସର୍ଗ କରିଦେଇ ଥିଲାବେଳେ ସେଥିରେ କୌଣସି ପ୍ରକାର ସାଲିସ୍ ପାଇଁ ପ୍ରସ୍ତୁତ ନଥିଲି । ମୁଁ ଭଲଭାବରେ ଜାଣିଥିଲି ଇଂରେଜ ସରକାର ନ୍ୟାୟ ପ୍ରଦାନ ନାମରେ କେବଳ ଲୋକ ଦେଖା ପ୍ରହସନ କରୁଛନ୍ତି ଓ ନେତାଙ୍କୁ ଠକୁଛନ୍ତି । ତେଣୁ ମୋର ଅସନ୍ତୋଷ ମୁଁ ପିତାଜୀଙ୍କୁ ପତ୍ରରେ ଲେଖି ଜଣାଇଲି ।

ତା.୪.୧୦.୧୯୩୦

ପୂଜ୍ୟ ପିତାଜୀ,

ମୁଁ ଏକଥା ଜାଣିବାକୁ ପାଇଲି ଯେ ଆପଣ ମତେ ବଞ୍ଚାଇବା ପାଇଁ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍‌କୁ ଏକ ଆବେଦନ ପତ୍ର ଲେଖିଛନ୍ତି । ଏ ସମ୍ବାଦ ମୋ ପାଇଁ ଏତେ ଯନ୍ତ୍ରଣାଦାୟକ ଓ ବିସ୍ମୟକର ଥିଲା ଯେ ମୁଁ ଚୁପ୍ ହୋଇ ରହିବା ସମ୍ଭବ ହେଲା ନାହିଁ । ଏହାଛଡା ଏ ସମ୍ବାଦ ମୋର ମାନସିକ ଅସ୍ଥିରତାକୁ ପ୍ରବଳ ବଢ଼ାଇ ଦେଇଛି । ମୁଁ ଏକଥା ବୁଝିପାରୁନାହିଁ ଆପଣ ବର୍ତ୍ତମାନର ପରିସ୍ଥିତିରେ ଏହି ମକଦ୍ଦମା ଉପରେ କିଭଳି ଆବେଦନ କରିବାକୁ ଇଚ୍ଛାକଲେ ? ଆପଣଙ୍କର ପୁଅ ଭାବରେ ମୁଁ ଆପଣଙ୍କର ପିତୃତ୍ୱର ଭାବନା, ଇଚ୍ଛା ଓ ଆବେଗକୁ ପୂର୍ଣ୍ଣ ଭାବରେ ସମ୍ମାନ କରୁଛି । କିନ୍ତୁ ଏହାସତ୍ତ୍ୱେ ମୁଁ ଭାବୁଛି ଯେ ଆପଣ ମୋ ସହିତ କୌଣସି ଆଲୋଚନା ନ କରି ଯେଉଁଭଳି ଆବେଦନ କଲେ ସେଥିପାଇଁ ଆପଣଙ୍କର କୌଣସି ଅଧିକାର ନଥିଲା । ଆପଣ ଭଲ ଭାବରେ ଜାଣିଛନ୍ତି ରାଜନୈତିକ କ୍ଷେତ୍ରରେ ମୋର ଆଦର୍ଶ ଓ ବିଚାର ଆପଣଙ୍କଠାରୁ ଯଥେଷ୍ଟ ଭିନ୍ନ । ମୁଁ ଆପଣଙ୍କର ସମ୍ମତି କିମ୍ବା ଅସମ୍ମତି ବ୍ୟତୀତ ନିଜେ ନିଜର ସ୍ୱତନ୍ତ୍ର ସ୍ୱାଧୀନ କାର୍ଯ୍ୟଧାରାରେ ବିଶ୍ୱାସ କରିଛି ଓ କାମ କରୁଛି ।

ଆପଣଙ୍କର ଏକଥା ନିଶ୍ଚୟ ମନେଥିବ ଆପଣ ମୂଳରୁ ହିଁ ମତେ ଏକଥା ବୁଝାଇବାରେ ଲାଗିଛନ୍ତି ଯେ ମୁଁ ମକଦ୍ଦମା ସତର୍କତାର ସହିତ ଲଢ଼େ ଏବଂ ନିଜକୁ ବଞ୍ଚାଇବା ପାଇଁ କ୍ଷେତ୍ର ଠିକ୍‌ଭାବରେ ପ୍ରସ୍ତୁତ କରେ । କିନ୍ତୁ ଆପଣ ଏକଥା ମଧ୍ୟ ଜାଣିଛନ୍ତି, ମୁଁ ସର୍ବଦା ଏହାର ବିରୋଧ କରି ଆସିଛି । ମୁଁ କେବେହେଲେ ନିଜକୁ ବଞ୍ଚାଇବା ପାଇଁ ଇଚ୍ଛା କି ଆଗ୍ରହ ପ୍ରକାଶ କରିନାହିଁ କିମ୍ବା ଏହା ଉପରେ ସକ୍ରିୟ

ଭାବରେ କୌଣସି ସମ୍ଭାବନା ଅଛି ବୋଲି ଭାବିନାହିଁ ।

ଆପଣ ଜାଣିଛନ୍ତି ଆମେ ଏକ ନିଶ୍ଚିତ ନୀତି ଅନୁସାରେ ମକଦ୍ଦମା ଲଢୁଛୁ । ତେଣୁ ମୋର ପ୍ରତ୍ୟେକ ପଦକ୍ଷେପ ଏହି ନୀତି, ସିଦ୍ଧାନ୍ତ ଏବଂ କାର୍ଯ୍ୟକ୍ରମର ଅନୁରୂପ ହେବା ଉଚିତ । ଆଜିର ପରିସ୍ଥିତି ସଂପୂର୍ଣ୍ଣ ଅଲଗା ହୋଇସାରିଛି । ଅବଶ୍ୟ ଯଦି ଏହି ପରିସ୍ଥିତି ପୂର୍ବରୁ କିଛି ଅଲଗା ହୋଇଥାନ୍ତା, କିମ୍ବା ମୁଁ ଶେଷତମ ବ୍ୟକ୍ତି ଭାବରେ କେବଳ ଥାନ୍ତି ତା'ହେଲେ ହୁଏତ ନିଜକୁ ବଞ୍ଚାଇବାକୁ ଉଦ୍ୟମ କରିଥାନ୍ତି । ଏହି ପୂରା ମକଦ୍ଦମାରେ ମୋ ନିଜସ୍ୱ ଏକ ଦର୍ଶନ ଥିଲା ହେଲେ ଆମର ସିଦ୍ଧାନ୍ତ ବିରୁଦ୍ଧରେ ଯେଭଳି ଗୁରୁତର ଅଭିଯୋଗ କରାଯାଇ ଆମ ଉପରେ ମକଦ୍ଦମା ଦାୟର୍ କରାଯାଇଛି, ତାହାକୁ ଆମେ ବର୍ଜନ କରିବା ସହିତ  ଦୃଢ଼ ପ୍ରତିବାଦ କରୁଛୁ । ମୋର ଦୃଷ୍ଟିକୋଣ ଅନୁସାରେ ସମସ୍ତ ରାଜନୈତିକ  କର୍ମକର୍ତ୍ତାମାନେ ମିଳିତ ଭାବରେ ସରକାରଙ୍କର ଏଭଳି ଅନ୍ୟାୟ ଆଦେଶ ପ୍ରତି ଉପେକ୍ଷା କରିବା ସହିତ ସେମାନଙ୍କୁ ଯେଉଁ କଠୋରତମ ଦଣ୍ଡ ଦିଆଯାଇଛି ବରଂ ତାକୁ ହସିହସି ସହିଯିବା ଉଚିତ ହେବ । ତେଣୁ ଏହି ମକଦ୍ଦମାର ବିଚାର ହେଲାବେଳେ ଆମେ ଆମ ସିଦ୍ଧାନ୍ତ ଅନୁସାରେ ଅଟଳ ରହିଛୁ । ଅବଶ୍ୟ ଏହା ଦ୍ୱାରା ଆମେ ସଫଳ ହୋଇନପାରୁ । ସେସବୁ ଜାଣିବା ମଧ୍ୟ ମୋର କାମ ନୁହେଁ । ଆମେ ସମସ୍ତ ସ୍ୱାର୍ଥପରତା, ହୀନମନ୍ୟତା ତ୍ୟାଗ କରି ନିଜର କାମ କରୁଛୁ ।

ଲାହୋର୍ ଷଡ଼ଯନ୍ତ୍ର କେଶ୍ ଉପରେ ଅଧ୍ୟାଦେଶ ଜାରି କଲାବେଳେ ଭାଇସ୍‌ରୟ ଯେଉଁ ମନ୍ତବ୍ୟ ଦେଇଥିଲେ, ସେତେବେଳେ ସେ କହିଥିଲେ ଏହି ଷଡ଼ଯନ୍ତ୍ରର ଦୋଷୀମାନେ ଶାନ୍ତିଧାରାକୁ ବ୍ୟାହତ କରିବା ପାଇଁ ଚେଷ୍ଟା କରିଛନ୍ତି । ଏହାଫଳରେ ଭାଇସ୍‌ରୟ ଏପରି ପରିସ୍ଥିତି ସୃଷ୍ଟି କରିଦେଲେ ଯାହାଦ୍ୱାରା ଆମେ ନିଶ୍ଚିତ ଭାବରେ ଆମର ଦର୍ଶନ, ସିଦ୍ଧାନ୍ତକୁ ଜନସାଧାରଣଙ୍କ ଆଗରେ ଉପସ୍ଥାପିତ କରିବୁ । ଏବେ ସେ ସ୍ୱୟଂ ଆସି ଦେଖନ୍ତୁ ବାସ୍ତବରେ ଶାନ୍ତିବ୍ୟବସ୍ଥା ଓ ଆଇନ କାନୁନକୁ ଆମେ ଭଙ୍ଗ କରୁଛୁ ନା ଆମର ବିରୋଧୀମାନେ କରୁଛନ୍ତି ? ଏହି କଥା ଓ ବିଷୟ ଉପରେ ମତଭେଦ ସୃଷ୍ଟି ମଧ୍ୟ ହୋଇପାରେ । ବୋଧହୁଏ ଆପଣ ମଧ୍ୟ ସେମାନଙ୍କ ମଧ୍ୟରୁ ଜଣେ ଭାବରେ ଏହି ବିଷୟ ଉପରେ ନିଜେ ଅମତ ହେଉଛନ୍ତି । କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ ଆପଣ ମୋ ସହିତ କୌଣସି ପରାମର୍ଶ ନ କରି ମୋ ପାଇଁ ଏପରି ପଦକ୍ଷେପ ଗ୍ରହଣ କରିବେ । ମୋର ଜୀବନ ମଧ୍ୟ ଏତେ ମୂଲ୍ୟବାନ ନୁହେଁ ଯେତେ ଆପଣ ଭାବୁଛନ୍ତି । ଯାହାହେଲେ ବି ମୋ ପାଇଁ ମୋର ଜୀବନ ଏତେଟା ମୂଲ୍ୟବାନ ନୁହେଁ ଯେଉଁଥିପାଇଁ ମୋର ସମସ୍ତ ଆଦର୍ଶ, ସିଦ୍ଧାନ୍ତକୁ ବଳିଦେଇ ବଞ୍ଚାଇବାକୁ ପଡ଼ିବ ।

ମୋ ବ୍ୟତୀତ ମୋର ଅନ୍ୟ ବନ୍ଧୁମାନଙ୍କର ଉପରେ ଯେଉଁ ମକଦ୍ଦମା ଚାଲୁଛି ତାହା ମଧ୍ୟ ସେତିକି ଗୁରୁତର । ଆମେ ସମସ୍ତେ ମିଶି ଏକ ସଂଯୁକ୍ତ ଯୋଜନାକୁ ଗ୍ରହଣ କରି ନେଇଛୁ । ଏବଂ ସେଥିପାଇଁ ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ଆମେ ସେଥିରେ ଅଟଳ ରହିବୁ । ଆମେମାନେ କେହି ବ୍ୟକ୍ତିଗତ ଭାବରେ କେତେ ମୂଲ୍ୟ ଦେବୁ କି କ୍ଷତି ସହିବୁ ତାହାକୁ ପରବାଏ କରୁନାହୁଁ ।

ପିତାଜୀ ! ମତେ ବହୁତ ଦୁଃଖ ଲାଗୁଛି । ମୋର ଭୟ ହେଉଛି, ଆପଣଙ୍କ ଉପରେ ଦୋଷାରୋପ କରି କିମ୍ବା ଏହାଠାରୁ ଅଧିକ ଆପଣଙ୍କର ଏହି କାର୍ଯ୍ୟକୁ ନିନ୍ଦା କରି ମୁଁ ଯେପରି ଅତିରିକ୍ତ ସୀମା ଲଘଂନ ନ କରେ, ବା ମୋର କହିବା ବେଶୀ କଡା କି କଠୋର ହୋଇନଯାଏ । କିନ୍ତୁ ମୁଁ ଅତ୍ୟନ୍ତ ସ୍ପଷ୍ଟ ଶବ୍ଦରେ ନିଜର କଥା ଅବଶ୍ୟ କହିବି । ଯଦି ଅନ୍ୟ କୌଣସି ବ୍ୟକ୍ତି ମୋ ସହିତ ଏପରି ବ୍ୟବହାର କରିଥାନ୍ତା ତେବେ ମୁଁ ତାଙ୍କୁ ବିଶ୍ୱାସଘାତକ ଠାରୁ କମ୍ ବୋଲି କେବେହେଲେ ଭାବିନଥାନ୍ତି । କିନ୍ତୁ ଏହି ସଂପର୍କରେ ମୁଁ ଆପଣଙ୍କୁ ଏତିକି କହିବାକୁ ଚାହେଁ ଯେ ଏହା ଏକ ଦୁର୍ବଳତା, ନିହାତି ତଳସ୍ତରର ଦୁର୍ବଳତା ମାତ୍ର ।

ବର୍ତ୍ତମାନ ଏପରି ଏକ ସମୟ ଦେଇ ଆମେ ଗତି କରୁଛୁ ଯେ ଆମ ସମସ୍ତଙ୍କର ପରୀକ୍ଷା ହେଉଛି । ମୁଁ ଏହା କହିବାକୁ ଚାହୁଁଛି ଯେ ଆପଣ ସେହି ପରୀକ୍ଷାରେ ଅସଫଳ ହୋଇଯାଇଛନ୍ତି । ମୁଁ ଜାଣିଛି ଆପଣ ମଧ୍ୟ ଜଣେ ଦେଶଭକ୍ତ । ମୁଁ ଏହା ମଧ୍ୟ ଜାଣିଛି ଆପଣଙ୍କର ପୂରାଜୀବନ ଭାରତର ସ୍ୱାଧୀନତା ପାଇଁ ଉତ୍ସର୍ଗ କରିଦେଇଛନ୍ତି । କିନ୍ତୁ ମୁଁ ବୁଝିପାରୁନାହିଁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଆମେ ପହଞ୍ଚିଲାବେଳେ ଆପଣ କାହିଁକି ଏଭଳି ଦୁର୍ବଳତା ଦେଖାଇଲେ ?

ଶେଷରେ ମୁଁ ଆପଣଙ୍କଠାରେ ଆପଣଙ୍କର ଅନ୍ୟ ବନ୍ଧୁମାନଙ୍କଠାରେ ଓ ମୋର ମକଦ୍ଦମାରେ ଅନୁରାଗ ରଖୁଥିବା ବ୍ୟକ୍ତିମାନଙ୍କୁ କେବଳ ଏତିକି କହିବାକୁ ଚାହୁଁଛି ଆପଣଙ୍କର ଏହି ପଦକ୍ଷେପ ଆଦୌ ଠିକ୍ ହୋଇନାହିଁ । ଆଜି ମଧ୍ୟ ଅଦାଲତରେ ମୁଁ ମୋ ପାଇଁ ନିଜକୁ ବଞ୍ଚାଇବାକୁ କୌଣସି ଉଦ୍ୟମ କରିବି ନାହିଁ । ଯଦି ଅଦାଲତ ଆମର ସାଥୀମାନଙ୍କ ପକ୍ଷରୁ କିଛି ଆବେଦନକୁ ମଞ୍ଜୁର କରିଥାନ୍ତା ତାହେଲେ ମଧ୍ୟ ମୁଁ କୌଣସି ସ୍ପଷ୍ଟୀକରଣ ଦେଇନଥାନ୍ତି ।

ଆମରଣ ଅନଶନ କରିଥିଲା ବେଳେ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍‌କୁ ମୁଁ ଯେଉଁ ସ୍ୱତନ୍ତ୍ର ଆବେଦନପତ୍ର ଦେଇଥିଲି ଓ ସାକ୍ଷାତକାର ଦେଇଥିଲି ତାହାକୁ ଠିକ୍ ଭାବରେ କେହି ବୁଝିବାକୁ ଚେଷ୍ଟା କରିନଥିଲେ । ଏପରିକି ଖବରକାଗଜରେ ପ୍ରକାଶିତ ହେଲା ଯେ

ମୁଁ ସ୍ପଷ୍ଟୀକରଣ ଦେବାକୁ ଚାହୁଁଛି । କିନ୍ତୁ ପ୍ରକୃତପକ୍ଷେ ମୁଁ କେବେହେଲେ ନିଜର କାର୍ଯ୍ୟ ଓ ଆଦର୍ଶ ପାଇଁ ସ୍ପଷ୍ଟୀକରଣ ଦେବାକୁ ଚାହେଁନାହିଁ । ଆଜି ମଧ୍ୟ ମୁଁ ସେହି ବିଶ୍ୱାସ ଉପରେ ଅଟଳ ଅଛି, ଯାହା କାଲି ଥିଲି ।

ବ୍ରୋଷ୍ଟାଲ୍ ଜେଲ୍‌ରେ ବନ୍ଦୀ ଥିବା ମୋର ସାଥୀମାନେ ମୋର ଏହି କଥାକୁ ମୋର ବିଶ୍ୱାସଭଙ୍ଗ ଓ ବିଶ୍ୱାସଘାତ ବୋଲି ନିଶ୍ଚୟ ଭାବୁଥିବେ । ସେମାନଙ୍କ ଆଗରେ ଏକଥାକୁ ସ୍ପଷ୍ଟ କରିବା ପାଇଁ ମତେ ଆଉ ସୁଯୋଗ ମଧ୍ୟ ମିଳିବ ନାହିଁ ।

ତେଣୁ ମୁଁ ଚାହୁଁଛି ଏହି ସଂପର୍କରେ ଯେଉଁ ଭ୍ରମାତ୍ମକ ଧାରଣା ସୃଷ୍ଟି ହୋଇଯାଇଛି, ତାହାର ସତ୍ୟତା ନେତାଙ୍କ ନିକଟରେ ଉଜାଗର ହୋଇଯିବା ଆବଶ୍ୟକ । ସେଥିପାଇଁ ମୁଁ ଆପଣଙ୍କ ନିକଟରେ ପ୍ରାର୍ଥନା କରୁଛି ଆପଣ ଖୁବ୍ ଶୀଘ୍ର ଏହି ଚିଠିକୁ ପ୍ରକାଶିତ କରିଦିଅନ୍ତୁ ।

ଆପଣଙ୍କର ଆଜ୍ଞାକାରୀ
ଭଗତ ସିଂହ

ପିତାଜୀ ମୋର ପତ୍ରକୁ ହିନ୍ଦୀ, ଇଂରାଜୀ, ଉର୍ଦ୍ଦୁ ଖବର କାଗଜରେ ପ୍ରକାଶିତ କରିଦେଇଥିଲେ । ଆମ ଦଳର ସୁରକ୍ଷା କମିଟି ପ୍ରିଭିକାଉନ୍‌ସିଲ୍‌ର ରାୟ ବିରୁଦ୍ଧରେ ଅପିଲ କରିବା ପାଇଁ ସମସ୍ତ ପ୍ରସ୍ତୁତି କରିଥିଲେ । କିନ୍ତୁ ମୁଁ ଏହି ଅପିଲ୍‌ର ଘୋର ବିରୋଧୀ ଥିଲି । ମୁଁ ସ୍ଥିର କରିସାରିଥିଲି ମୋର ଜୀବନକୁ ବଳିଦେଇ ଅନ୍ତତଃ ଅନ୍ୟମାନଙ୍କ ମନରେ ଏତିକି ପ୍ରେରଣା ସୃଷ୍ଟି କରିପାରିବି ଯେ ସେମାନେ ଅକ୍ଳେଶରେ ବିପ୍ଳବର ପଥକୁ ବାଛି ନେବେ ଓ ଦେଶର ସ୍ୱାଧୀନତା ପାଇଁ ଆଗଭର ହୋଇଆସିବେ । ତେଣୁ ମୋ ମନକଥା ମୁଁ ମୋର ପ୍ରିୟବନ୍ଧୁ ବଟୁକେଶ୍ୱର ଦତ୍ତଙ୍କୁ ଲେଖି ଜଣାଇଥିଲି ।

ସେଣ୍ଟ୍ରାଲ୍ ଜେଲ୍, ଲାହୋର
୧୫ ଅକ୍ଟୋବର, ୧୯୩୦

ପ୍ରିୟ ଭାଇ,

ମତେ ଫାଶୀ ଦେବାପାଇଁ ଦଣ୍ଡାଦେଶ ମିଳିସାରିଛି । ଏହି କୋଠରୀରେ ମୋ ବ୍ୟତୀତ ଆହୁରି ଅନେକ ଫାଶୀ ପାଇବା ପାଇଁ ଅପେକ୍ଷା କରିଥିବା ଅପରାଧୀ ଅଛନ୍ତି । ଏହି ସମସ୍ତ ଲୋକ ସବୁଦିନ ପ୍ରାର୍ଥନା କରୁଛନ୍ତି କେମିତି ଫାଶୀ ପାଇବାରୁ ବଞ୍ଚିଯିବେ । ବୋଧହୁଏ ସେମାନଙ୍କ ଭିତରୁ ମୁଁ ଏକମାତ୍ର ବ୍ୟକ୍ତି ଯିଏ ବଡ଼ ବ୍ୟାକୁଳ ହୋଇ ସେହିଦିନକୁ ଅପେକ୍ଷା କରିଛି, ଯେଉଁଦିନ ମୋର ଆଦର୍ଶ ପାଇଁ ମତେ ଫାଶୀରେ ଚଢ଼ିବାର ସୌଭାଗ୍ୟ ମିଳିବ । ମୁଁ ଆନନ୍ଦରେ ଖୁସିରେ ଫାଶୀଖୁଣ୍ଟରେ ଚଢ଼ି ଏ ସଂସାରକୁ

ଦେଖାଇଦେବି ଯେ ଜଣେ କ୍ରାନ୍ତିକାରୀ ନିଜର ଆଦର୍ଶ, ମୂଲ୍ୟବୋଧ ପାଇଁ ପରମ ବୀରତାର ସହିତ ନିଜକୁ ଉତ୍ସର୍ଗ କରିଦିଏ, ଆତ୍ମବଳି ଦେଇଦିଏ ।

ମତେ ଫାଶୀ ମିଳିଛି, ଅଥଚ ତୁମକୁ ଆଜୀବନ କାରାବାସ । ତୁମେ ଜୀବିତ ରହିବ ଏବଂ ବଞ୍ଚିରହି ଏ ଦେଶକୁ ସମାଜକୁ ଦେଖାଇଦେବ ଯେ କ୍ରାନ୍ତିକାରୀ ନିଜର ଆଦର୍ଶ ପାଇଁ କେବଳ ମରିପାରେ ନାହିଁ ବରଂ ଜୀବିତ ରହି ସକଳ ଯନ୍ତ୍ରଣାର ସାମ୍ନା ମଧ୍ୟ କରିପାରେ । ସାଂସାରିକ ଦୁଃଖ, କଷ୍ଟ ସମସ୍ୟାରୁ ମୁକ୍ତି ପାଇବା ନିମନ୍ତେ ମୃତ୍ୟୁ ଏକମାତ୍ର ମାଧ୍ୟମ ହେବା କଥା ନୁହେଁ । ବରଂ ଯେଉଁ କ୍ରାନ୍ତିକାରୀ ସୌଭାଗ୍ୟବଶତଃ ଫାଶୀର ଫାନ୍ଦରୁ ବର୍ତ୍ତିଯାଇଛନ୍ତି, ସେମାନେ ବଞ୍ଚିରହି ଏ ସମାଜ, ଏ ସଂସାରକୁ ଦେଖାଇଦେବା ଉଚିତ ଯେ କେବଳ ମୌଳିକ ଲକ୍ଷ୍ୟ ଓ ଆଦର୍ଶ ପାଇଁ ଆମେ କ୍ରାନ୍ତିକାରୀମାନେ ଫାଶୀଖୁଣ୍ଟ ଉପରେ ଲଟକିନଥିଲୁ । ଜେଲ୍‌ର ଅନ୍ଧକାରମୟ ଯାତନାସିକ୍ତ କୋଠରୀ ଭିତରେ ସବୁପ୍ରକାର ଅମାନୁଷିକ ଅତ୍ୟାଚାରକୁ ମଧ୍ୟ ସହିଛୁ । ସାହସର ସହିତ ଠିଆ ମଧ୍ୟ ହୋଇଛୁ ।

ତୁମର

ଭଗତ୍ ସିଂହ

ବଟୁକେଶ୍ୱରକୁ ଚିଠି ଲେଖିଲା ପରେ ମତେ ଭାରି ଉଶ୍ୱାସ ଲାଗିଥିଲା । ଆହୁରି ନିଜକୁ ପ୍ରେରଣା ମିଳିଥିଲା ଆଗାମୀ ଦିନପାଇଁ । ଠିକ୍ ସେତେବେଳେ ପଣ୍ଡିତ ଜବାହାରଲାଲ ନେହେରୁ ସିମ୍‌ଲାରେ ଥିଲେ । ତାଙ୍କର ଦେହ ଅସୁସ୍ଥ ହୋଇଥିଲା । ସେ ଆମ ସଂଗଠନର ସୁରକ୍ଷା କମିଟିକୁ ପରାମର୍ଶ ଦେଇଥିଲେ ଯେ ଆମ ଉପରେ ଯେଉଁ ଦଣ୍ଡାଦେଶ ହୋଇଛି ତା' ବିରୁଦ୍ଧରେ ଅପିଲ୍ କରିବା ପାଇଁ । ଆମ ପାଇଁ କେଶ୍ ଲଢ଼ିବା ପାଇଁ ଓକିଲ ଶ୍ରୀ ପ୍ରାଣନାଥ ମେହେଟ୍ଟା ନିଜେ ଜେଲ୍‌କୁ ଆସିଥିଲେ ଏବଂ ମୋ ସହିତ କଥାବାର୍ତ୍ତା କରିଥିଲେ । ବହୁତ ସମୟ କଥାବାର୍ତ୍ତା କଲାପରେ ମୁଁ ଅପିଲ୍ କରିବା ପାଇଁ ରାଜି ହୋଇଥିଲି । ମୁଁ ମଧ୍ୟ ଭାବିଲି ଯେ ଅପିଲ୍ କରିବା ଆଳରେ ଭାରତୀୟ ସ୍ୱାଧୀନତା ପାଇଁ ଆମେ ଯେଉଁ ବିପ୍ଳବ କରୁଛୁ ତାହାର ମୌଳିକ ଆଦର୍ଶ ଓ ଯଥାର୍ଥତା ସଂପର୍କରେ ବିଶ୍ୱବାସୀଙ୍କୁ ଜଣାଇବାର ଏହା ଉପଯୁକ୍ତ ମାଧ୍ୟମ ହୋଇପାରିବ । ମୁଁ ଏକଥା ମଧ୍ୟ ଜେଲ୍ ଅଥରିଟିଙ୍କୁ ଜଣାଇ ଦେଇଥିଲି ଯେ ଫାଶୀ ଦଉଡ଼ି ବେକରେ ପଡିଲା ବେଳେ କୌଣସି କଳାକନା ମୁହଁରେ ବନ୍ଧାଯିବ ନାହିଁ । ମୃତ୍ୟୁକୁ ସାଦରେ ସମ୍ମୁଖରେ ଦେଖି ହିଁ ଫାଶୀଖୁଣ୍ଟରେ ଝୁଲିବି । ସମସ୍ତ ଦେଶବାସୀ ମଧ୍ୟ ଏହା ଦେଖିବେ ଓ ଜାଣିବେ । ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍ ଗଠନ ନାମରେ ବିପ୍ଳବକୁ

କ୍ରାନ୍ତିକୁ ଦମନ କରିବା ପାଇଁ ଯେଉଁ ବିଚାର ହେଉଛି ଏବଂ ଦଣ୍ଡାଦେଶ ହେଉଛି ତାହା ସଂପୂର୍ଣ୍ଣ ବେଆଇନ୍ । ଅନ୍ୟାୟ ପକ୍ଷପାତିତ୍ବର ପକ୍ଷ ନେଇ ତାହା କାର୍ଯ୍ୟକାରୀ ହେଉଛି । ତେଣୁ ଭାଇସ୍‌ରୟଙ୍କର ଏହି ଅଧ୍ୟାଦେଶରେ ଯେଉଁ ରାୟ ପ୍ରକାଶ ପାଇଛି ତାହା କାର୍ଯ୍ୟକାରୀ ହେବା ଯୋଗ୍ୟ ନୁହେଁ । ୧୯୩୦ ନଭେମ୍ବର ମାସରେ ପ୍ରିଭିକାଉନ୍‌ସିଲରେ ଆମର ଅପିଲ୍ ଫାଇଲ୍ କରାଯାଇଥିଲା ।

ଏହା ଭିତରେ ଆଉ କେତେକ ଘଟଣା ଘଟିଲା ଯେଉଁଥିରେ ସରକାର ୧୯୩୦ ଜାନୁଆରୀ ୨୫ ତାରିଖରେ କଂଗ୍ରେସର କାର୍ଯ୍ୟକାରୀ କମିଟିର କେତେକ ସଦସ୍ୟ ତଥା କେତେକ ବରିଷ୍ଠ କଂଗ୍ରେସ ନେତାଙ୍କୁ ଜେଲ୍‌ରୁ ମୁକ୍ତ କଲେ । ଏହି ନେତାମାନଙ୍କର ମୁକ୍ତିର ଉଦ୍ଦେଶ୍ୟ ଥିଲା ଯେ ସେମାନେ ଗୋଲ୍‌ଟେବୁଲ ବୈଠକରେ ହେବାକୁ ଥିବା ବୁଝାମଣାର ଭଲ ଓ ଖରାପ ଦିଗ ସଂପର୍କରେ ଆଲୋଚନା କରିବେ । ଭାରତର ଜନସାଧାରଣଙ୍କ ମନରେ କଂଗ୍ରେସ ନେତାମାନଙ୍କର ମୁକ୍ତି ଫଳରେ ଏକ ନୂତନ ଆଶା ଜାଗ୍ରତ ହେଲା ଯେ ମତେ ଓ ମୋର ସାଥୀମାନଙ୍କୁ ଯେଉଁ ଫାଶୀଦଣ୍ଡ ହୋଇଛି ଏଥିରେ କୌଣସି ପରିବର୍ତ୍ତନ ହୋଇପାରିବ । ୧୯୩୦ ଫେବୃୟାରୀ ୧୭ ତାରିଖରେ ମହାତ୍ମାଗାନ୍ଧୀ ପ୍ରଥମଥର ପାଇଁ ଭାଇସ୍‌ରୟଙ୍କ ସହିତ ଆଲୋଚନା କରିବା ପାଇଁ ଯାଇଥିଲେ । ଗାନ୍ଧିଜୀଙ୍କର ଭାଇସରୟଙ୍କର ସହିତ କଥାବାର୍ତ୍ତା ସଂପୂର୍ଣ୍ଣ ଭାବରେ ମାନବିକ ଦୃଷ୍ଟିକୋଣରୁ ହୋଇଥିଲା । ଏହି କଥାବାର୍ତ୍ତା ପ୍ରାୟ ୪ ଘଣ୍ଟା ଧରି ଚାଲିଥିଲା । କଂଗ୍ରେସର କାର୍ଯ୍ୟକାରୀ କମିଟି ମହାତ୍ମାଗାନ୍ଧୀଙ୍କୁ ସମସ୍ତ ଅଧିକାର ଦେଇଥିଲା, ଯାହାକି ବୁଝାମଣା ଇଂରେଜ ସରକାରଙ୍କ ସହିତ ହେବ ତାହା କାର୍ଯ୍ୟକାରୀ କରାଯିବ ।

ଜେଲ୍‌ରେ ମୁଁ ଓ ମୋର ବନ୍ଧୁମାନେ ସମସ୍ତେ ମିଳିତଭାବରେ ଦେଶର ଜନତାଙ୍କର ମନ ହୃଦୟରେ ସଂପୂର୍ଣ୍ଣ କ୍ରାନ୍ତି ଆଣିବା ପାଇଁ ପ୍ରଗାଢ଼ ଉଦ୍ୟମ ଅବ୍ୟାହତ ରଖିଥିଲୁ । ଜେଲ୍‌ଭିତରେ ମୁଁ ଲେଖୁଥିବା ପ୍ରତ୍ୟେକ ପତ୍ର ସମ୍ବାଦପତ୍ରରେ ଛପାଯାଉଥିଲା । ବନ୍ଧୁମାନଙ୍କ ଭିତରେ ସୁଖଦେବ, ବଟୁକେଶ୍ବର ଦତ୍ତଙ୍କର ଲେଖାଗୁଡ଼ିକ ମଧ୍ୟ ବଣ୍ଟାଯାଉଥିଲା ଓ ଛପାଯାଉଥିଲା । ମହାତ୍ମାଗାନ୍ଧୀ ଜେଲ୍‌ରୁ ବାହାରିବାର ଆଠଦିନ ପରେ ମୁଁ ମୋର ଦେଶର ଯୁବକମାନଙ୍କ ପାଇଁ ତଥା ରାଜନୈତିକ କର୍ମୀମାନଙ୍କ ଉଦ୍ଦେଶ୍ୟରେ ଗୋଲଟେବୁଲ ସମ୍ମିଳନୀ ସଂପର୍କରେ ଏକ 'ବିପ୍ଳବୀ କର୍ମସୂଚୀର ଖସଡ଼ା' ଲେଖିଥିଲି ଯାହାକି ଏଲାହାବାଦରୁ ପ୍ରକାଶ ପାଉଥିବା 'ଅଭ୍ୟୁଦୟ' ଓ ଲାହୋରରେ 'ପିପୁଲ୍ସ' ପତ୍ରିକାରେ ବାହାରିଥିଲା । ତାହା ଥିଲା ଆମ ବିପ୍ଳବର ବାସ୍ତବିକ ଇସ୍ତାହାର ।

ପ୍ରିୟ ସାଥୀଗଣ,

ଆମର ଆନ୍ଦୋଳନ ଏହି ସମୟରେ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ମୋଡ଼ ଦେଇ ଗତିକରୁଛି । ଗତ ଏକବର୍ଷର କଠିନ ସଂଗ୍ରାମ ପରେ ଗୋଲଟେବୁଲ ସମ୍ମିଳନୀ ଆମ ସଂଗଠନ ଦୃଷ୍ଟିରୁ ସାମ୍ବିଧାନିକ କିଛି ପରିବର୍ତ୍ତନ ନିମନ୍ତେ କେତେକ ନିଶ୍ଚିତ ତଥ୍ୟ ପ୍ରସ୍ତୁତ କରିଛି ଏବଂ କଂଗ୍ରେସର ନେତାମାନଙ୍କୁ ଅନୁରୋଧ କରିଛି ଯେ ବର୍ତ୍ତମାନ ସ୍ଥିତିର ଆଧାରରେ ଆମ ଆନ୍ଦୋଳନକୁ ଆହୁରି ସକ୍ରିୟ କରାଇନେଇ ସେଥିରେ ସହଯୋଗ କରିବେ । ସେମାନେ ଏହି ଆନ୍ଦୋଳନ ସମାପ୍ତ କରିବାର ନିର୍ଣ୍ଣୟ କରିବେ କି ନାହିଁ, ଏସବୁ କଥା ଆମ ପାଇଁ କୌଣସି ମହତ୍ତ୍ୱ ରଖେନାହିଁ । ଏକଥା ନିଶ୍ଚିତ ହୋଇସାରିଲାଣି ଯେ ବର୍ତ୍ତମାନ ସ୍ୱାଧୀନତା ପାଇଁ ଯେଉଁ ଆନ୍ଦୋଳନ ଚାଲିଛି ତାହାର ଅନ୍ତ କୌଣସି ନା କୌଣସି ବୁଝାମଣା ଭାବରେ ହିଁ ହେବ । ଅବଶ୍ୟ ଏକଥା ଭିନ୍ନ ହୋଇପାରେ ବୁଝାବଣା ଶୀଘ୍ର ହେବ କି ଡେରିରେ ହେବ ।

ବାସ୍ତବରେ ଦେଖିବାକୁ ଗଲେ ବୁଝାମଣା ଏକ କଦର୍ଯ୍ୟ ଘୃଣିତ ମାଧ୍ୟମ ନୁହେଁ । ରାଜନୈତିକ ସଂଘର୍ଷର ଏହା ଏକ ଗୁରୁତ୍ୱପୂର୍ଣ୍ଣ କୌଶଳ କହିଲେ ଅଧିକ ଯୁକ୍ତିଯୁକ୍ତ ହେବ । ଯେକୌଣସି ରାଷ୍ଟ୍ର ଯେତେବେଳେ ଅତ୍ୟାଚାରୀ ଶାସକମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଛିଡ଼ା ହୋଇଛନ୍ତି, ସେତେବେଳେ ଆରମ୍ଭରେ ଅବଶ୍ୟ ସେମାନେ ଅସଫଳ ହୋଇଛନ୍ତି । ତେଣୁ ସଂଘର୍ଷ ମଝିରେ ବୁଝାମଣା ଦ୍ୱାରା କିଛି ପରିମାଣରେ ପରିବର୍ତ୍ତନ ହୋଇପାରେ । କିନ୍ତୁ ଆନ୍ଦୋଳନର ଶେଷ ପର୍ଯ୍ୟାୟରେ ସମସ୍ତେ ସଂଗଠିତ ହୋଇଗଲେ ଶକ୍ତିଶାଳୀ ହୋଇଗଲେ ହିଁ ଶାସକ ଗୋଷ୍ଠୀଙ୍କୁ ସମୂଳପ୍ରାଟନ କରିବା ପାଇଁ ଖୁବ୍ ଜୋରରେ ଆକ୍ରମଣ କରିବାକୁ ହୁଏ । ଏହା ମଧ୍ୟ ସମ୍ଭବ ହୋଇପାରେ ଅସଫଳତା ପାଇଁ ଯେକୌଣସି ପ୍ରକାର ବୁଝାମଣା ଅନିବାର୍ଯ୍ୟ ହୋଇଥାଏ । ଋଷର ଉଦାହରଣରୁ ଏହିକଥା ଖୁବ୍ ଭଲଭାବରେ ସ୍ପଷ୍ଟ ହୋଇଯାଉଛି ।

୧୯୦୫ ରେ ଋଷିଆରେ କ୍ରାନ୍ତିକାରୀ ଆନ୍ଦୋଳନ ଆରମ୍ଭ ହେଲାବେଳେ ତାଙ୍କର ରାଜନୈତିକ ନେତାମାନେ ଏଥିପାଇଁ ବଡ଼ ଆଶାବାଦୀ ହୋଇଯାଇଥିଲେ । ସେତେବେଳେ ଲେନିନ୍ ବିଦେଶରୁ ଫେରିଆସିଥାନ୍ତି । ସେ ଜାର୍ ଶାସନ ବେଳେ ବିଦେଶକୁ ଆଶ୍ରୟ ପାଇଁ ଯାଇଥିଲେ । ସେ ଋଷର କ୍ରାନ୍ତିକାରୀ ସଂଘର୍ଷର ନେତୃତ୍ୱ ନେଉଥାନ୍ତି । ଲୋକମାନେ ଥରେ ତାଙ୍କ ନିକଟକୁ ଯାଇ ପହଞ୍ଚିଲେ ଓ କହିଲେ, 'ଡଜନେରୁ ଅଧିକ ଜମିଦାରଙ୍କୁ ମାରି ଦିଆଯାଇଛି, କୋଡ଼ିଏରୁ ଅଧିକ ଘରକୁ ଜଳାଇ ଦିଆଯାଇଛି'' । ଲେନିନ୍ ଉତ୍ତର ଦେଲେ, ''ଫେରିଗଲା ପରେ ଆହୁରି ବାରଶହରୁ ଅଧିକ ଜମିଦାରଙ୍କୁ ମାର, ସେତିକି ସଂଖ୍ୟକ ଘର ମଧ୍ୟ ଜଳାଇଦିଅ । କାହିଁକି ନା

ଯଦି ତୁମେ ଅସଫଳ ହେବ ତା'ହେଲେ ମଧ୍ୟ କିଛି ଏହାର ଉଦ୍ଦେଶ୍ୟ ସାଧିତ ହେବ ।'' ଏହାପରେ ଡୁମା (ଋଷ ସଂସଦ)ର ସ୍ଥାପନା ହେଲା । ବର୍ତ୍ତମାନ ଋଷ ସଂସଦରେ ଭାଗ ନେବା ପାଇଁ ଓକିଲାତି ସେ କଲେ । ମୁଁ ୧୯୦୭ର କଥା କହୁଛି । କିନ୍ତୁ ୧୯୦୬ରେ ପ୍ରଥମ ଋଷୀୟ ସଂସଦରେ ଭାଗ ନେବା ପାଇଁ ଲେନିନ୍ ଚାହୁଁନଥିଲେ, ସେ ଏହାର ବିରୋଧ କରୁଥିଲେ । କାରଣ ସେତେବେଳେ ଋଷ ସଂସଦରେ ଅଧିକାର ଅତ୍ୟନ୍ତ ସୀମିତି ଥିଲା । ଏହାସତ୍ତ୍ୱେ ୧୯୦୭ରେ ଲେନିନ୍ ଋଷ ସଂସଦରେ ଭାଗ ନେବାକୁ ଚାହିଁଲେ ଏସବୁ ପରିସ୍ଥିତି ବଦଳିଯିବା କାରଣରୁ ହିଁ ଏହା ସମ୍ଭବ ହୋଇଥିଲା ।

ଯେହେତୁ ପ୍ରତିକ୍ରିୟାଶୀଳ ଶକ୍ତିମାନେ ଅଧିକ ସକ୍ରିୟ ଓ ଶକ୍ତିଶାଳୀ ହେଉଥିଲେ ଏବଂ ଲେନିନ୍ 'ଡୁମା'ର ମଞ୍ଚକୁ ସମାଜବାଦୀ ଚିନ୍ତାଧାରା ସଂପର୍କରେ ବିତର୍କ କରିବା ପାଇଁ ବ୍ୟବହାର କରିବାକୁ ଚାହୁଁଥିଲେ । ପୁନର୍ବାର ୧୯୧୭ର କ୍ରାନ୍ତି ପରେ ଯେତେବେଳେ 'ବଲଶେଭିକ୍ ବ୍ରେଷ୍ଟ-ଲିଟୋସ୍କିକ୍ ସନ୍ଧି'ରେ ହସ୍ତାକ୍ଷର କରିବାକୁ ଲେନିନ୍ ବାଧ୍ୟ ହୋଇଥିଲେ, ସେତେବେଳେ ଲେନିନ୍‌ଙ୍କୁ ଛାଡ଼ି ସମସ୍ତେ ବିରୋଧ କରିଥିଲେ । ଲେନିନ୍ କହିଥିଲେ, ''ଶାନ୍ତି.... ଶାନ୍ତି..... ପୁନର୍ବାର ଶାନ୍ତି । ଯେକୌଣସି ମୂଲ୍ୟରେ ଆମର ଶାନ୍ତି ସ୍ଥାପନା ହେବା ଦରକାର ।'' କେତେକ ବଲଶେଭିକ୍ ଚୁକ୍ତି ବିରୋଧୀମାନେ ଏହି ଅପମାନଜନକ ସନ୍ଧି ପାଇଁ ଲେନିନ୍‌ଙ୍କୁ ନିନ୍ଦା କଲାବେଳେ ସେ ସ୍ପଷ୍ଟ ଭାବରେ କହିଥିଲେ, ''ବଲଶେଭିକ୍ ମାନେ ଜର୍ମାନ ଉପରେ ଆକ୍ରମଣ କରିବାରେ ସମର୍ଥ ହୋଇପାରୁନାହାନ୍ତି । ସେଥିପାଇଁ ସଂପୂର୍ଣ୍ଣ ଧ୍ୱଂସ ହୋଇଯିବା ଅପେକ୍ଷା ସନ୍ଧିଦ୍ୱାରା ସମାଧାନ ହେବାକୁ ପ୍ରାଥମିକତା ଦେବା ମଙ୍ଗଳକର ହେବ ।''

ମୁଁ ଆପଣମାନଙ୍କୁ ଯେଉଁଥିପାଇଁ ସ୍ପଷ୍ଟ ଭାବରେ ବୁଝାଇବାକୁ ଚାହୁଁଥିଲି ତାହା ହେଲା ବୁଝାମଣା ଏପରି ଏକ ଜରୁରୀ ଅସ୍ତ୍ର ଯାହାକୁ ସଂଘର୍ଷ ସହିତ ବିକାଶ ବେଳେ ମଧ୍ୟ ପ୍ରୟୋଗ କରିବା ଆବଶ୍ୟକ ହୋଇପଡ଼େ । କିନ୍ତୁ ଗୋଟିଏ ବିଷୟ ପ୍ରତି ସର୍ବଦା ଧ୍ୟାନ ଦିଆଯିବା ଦରକାର୍ ତାହା ହେଉଛି ଆନ୍ଦୋଳନର ଉଦ୍ଦେଶ୍ୟ । ଯେଉଁ ଉଦ୍ଦେଶ୍ୟ, ଲକ୍ଷ୍ୟ ସାଧନ ପାଇଁ ଆମେ କଠୋରତମ ସଂଗ୍ରାମ ଚଳାଇଛୁ, ସେ ସମ୍ପର୍କରେ ଆମେ ସମ୍ପୂର୍ଣ୍ଣ ଭାବରେ ସ୍ପଷ୍ଟ ଭାବରେ ବୁଝିବା ଆବଶ୍ୟକ । କାରଣ ଏହି ସ୍ପଷ୍ଟତାରୁ, ଆମର ଆନ୍ଦୋଳନର ବିଭିନ୍ନ ଅଭିଜ୍ଞତାରୁ ହିଁ ଆମକୁ ସଫଳତା ଓ ଅସଫଳତାକୁ ମାପିବା ପାଇଁ ସହାୟତା ମିଳୁଛି । ପୁଣି ପରବର୍ତ୍ତୀ କାର୍ଯ୍ୟକ୍ରମ କରିବା ପାଇଁ ପ୍ରେରଣା ମଧ୍ୟ ମିଳୁଛି ।

କ୍ରାନ୍ତିକାରୀମାନେ ଏକଥା ସର୍ବଦା ମନେ ରଖିବା ଉଚିତ ସେମାନେ ପୂର୍ଣ୍ଣ

କ୍ରାନ୍ତି, ପୂର୍ଣ୍ଣାଙ୍ଗ ବିପ୍ଳବ ପାଇଁ ଲଢୁଛନ୍ତି । ସେଥିପାଇଁ ଶକ୍ତିର ସମସ୍ତ ସାମର୍ଥ୍ୟ ନିଜ ହାତରେ ରଖିବା ଆବଶ୍ୟକ । ତେଣୁ ବୁଝାମଣା ପାଇଁ ଡ଼ର ଲାଗୁଛି । କାରଣ ପ୍ରତିକ୍ରିୟାଶୀଳ ଶକ୍ତିମାନେ ବୁଝାମଣା ପରେ କ୍ରାନ୍ତିକାରୀ ଶକ୍ତିକୁ ସମାପ୍ତ କରିଦେବାପାଇଁ ଚେଷ୍ଟା କରିଥାନ୍ତି । ତେଣୁ ସାହସୀ, ବୁଦ୍ଧିମାନ, କ୍ରାନ୍ତିକାରୀ ନେତାମାନେ ଆନ୍ଦୋଳନକୁ ଏପରି ଦୃଢ଼ ସମର୍ଥ କରି ଗଢ଼ି ତୋଳନ୍ତୁ, ଯାହା ଫଳରେ ତାହା ଯେମିତି ଅକାଳରେ ଭାଙ୍ଗିବାରୁ ବଞ୍ଚିଯିବ । ଆମର ଏହି ସନ୍ଧିକ୍ଷଣ ରେ ଆମର ବାସ୍ତବ ଯଥାର୍ଥ ଉଦ୍ଦେଶ୍ୟ ସମ୍ପର୍କରେ କୌଣସି ପ୍ରକାର ସନ୍ଦେହ କି ଦ୍ୱନ୍ଦ୍ୱ ରହିବା କଥା ନୁହେଁ । ଇଂଲଣ୍ଡର ଶ୍ରମିକ ଦଳ ଆମର ବାସ୍ତବ ସଂଗ୍ରାମୀ ପ୍ରତି ବିଶ୍ୱାସଘାତକତା କରିଛନ୍ତି, ତାଙ୍କର ନେତାମାନେ କେବଳ କୁଟିଳ ସାମ୍ରାଜ୍ୟବାଦୀ ଭାବରେ କାର୍ଯ୍ୟ କରିଛନ୍ତି ।

ମୋ ଦୃଷ୍ଟିରୁ ଏହି ସବୁ ନୀଚ ସାମ୍ରାଜ୍ୟବାଦୀ ନେତାମାନଙ୍କଠାରୁ କଠୋର ପ୍ରତିକ୍ରିୟାବାଦୀମାନେ ବରଂ ଆମପାଇଁ କିଛିଟା ଭଲ ହୋଇପାରନ୍ତି । କୂଟନୀତି, ରଣନୀତି ସମ୍ପର୍କରେ ଲେନିନ୍‌ଙ୍କର ଜୀବନୀ ଓ ଲେଖାରୁ ଉପାଦାନ ମିଳିପାରେ । ସେଥିପାଇଁ ବୁଝାମଣା କ୍ଷେତ୍ରରେ 'ବାମପନ୍ଥୀ କମ୍ୟୁନିଜମ୍'ରୁ ଅନେକ ସ୍ୱଷ୍ଟ ଧାରଣା, ଚିନ୍ତନ ମିଳିପାରିବ ।

ମୁଁ କହିଥିଲି ବର୍ତ୍ତମାନର ଆନ୍ଦୋଳନ କିଛି ନା କିଛି ବୁଝାମଣା ବା ପୂର୍ଣ୍ଣ ଅସଫଳତା ମଧ୍ୟରେ ସମାପ୍ତ ହେବ ।

ମୋ ଦୃଷ୍ଟିରୁ ମୁଁ ଏକଥା ଏଥିପାଇଁ କହିଥିଲି ଯେ ଏହି ସମୟରେ ପ୍ରକୃତରେ ବାସ୍ତବିକ କ୍ରାନ୍ତିକାରୀ ଶକ୍ତି ଆନ୍ଦୋଳନରେ ନାହାନ୍ତି । ଏହି ସଂଘର୍ଷ ମଧ୍ୟମବର୍ଗୀୟ ବ୍ୟବସାୟୀ ଏବଂ ମୁଷ୍ଟିମେୟ ପୁଞ୍ଜିପତିମାନଙ୍କ ଦ୍ୱାରା ହିଁ ପରିଚାଳିତ ହେଉଛି । ଏହି ଦୁଇବର୍ଗ ମଧ୍ୟରୁ ବିଶେଷତଃ ପୁଞ୍ଜିପତିମାନେ ନିଜର ସଂପତ୍ତିକୁ ବିପଦ ଭିତରକୁ ଟାଣିନେବାକୁ ସାହସ କରିବେ ନାହିଁ । ବାସ୍ତବ କ୍ରାନ୍ତିକାରୀ ସୈନିକମାନେ ଗ୍ରାମ ଓ କାରଖାନାମାନଙ୍କରେ କୃଷକ ଓ ଶ୍ରମିକ ରୂପରେ ଅଛନ୍ତି । କିନ୍ତୁ ଆମର ବୁର୍ଜୁଆ ନେତାମାନେ ସେମାନଙ୍କୁ ସାଙ୍ଗରେ ନେଇ ଆନ୍ଦୋଳନ ଚଳାଇବାକୁ ସାହସ କରିପାରୁନାହାନ୍ତି । ତେଣୁ ଯଦି ଏହି ଶୋଇଥିବା ସିଂହ ଗୋଟିଏ ଥର ଗଭୀର ନିଦରୁ ଉଠିପଡ଼େ ତାହେଲେ ଆମର ନେତାମାନଙ୍କର ଲକ୍ଷ୍ୟପୂର୍ତ୍ତି ହୋଇସାରିଲା ପରେ ମଧ୍ୟ ଅଟକିବ ନାହିଁ ।

୧୯୨୦ ରେ ଅହମ୍ମଦାବାଦରେ ଶ୍ରମିକମାନଙ୍କ ସହିତ ମିଶିଲା ପରେ ମହାତ୍ମାଗାନ୍ଧୀ କହିଥିଲେ, "ଆମେ ଶ୍ରମିକ ମାନଙ୍କୁ, ସର୍ବହରାବର୍ଗଙ୍କୁ ରାଜନୀତି ପାଇଁ

ବ୍ୟବହାର କଲେ ଅତ୍ୟନ୍ତ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ । ସେହିଦିନଠାରୁ ସେ ଏହି ବର୍ଗର ଲୋକଙ୍କୁ ସାଙ୍ଗ ନେଇ ଚାଲିବାର କଷ୍ଟ ଉଠାଉ ନାହାନ୍ତି । କୃଷକମାନଙ୍କର ମଧ୍ୟ ଏହି ଅବସ୍ଥା ହୋଇଛି । ୧୯୨୨ର ବର୍ଦ୍ଦୋଲି ସତ୍ୟାଗ୍ରହ ସ୍ପଷ୍ଟ କରିଦେଇଥିଲା ଯେ କୃଷକମାନଙ୍କର ବିଦ୍ରୋହରେ କେବଳ ବିଦେଶୀଶାସନ କବଳରୁ ମୁକ୍ତି ନୁହେଁ, ବରଂ ଦେଶୀ ଜମିଦାରଙ୍କର ଶୃଙ୍ଖଳକୁ ମଧ୍ୟ ଭାଙ୍ଗି ଚୂରମାର କରିବାକୁ ପଡ଼ିବ । ଆମ ନେତାମାନେ ଏହି ଆନ୍ଦୋଳନର ତୀବ୍ରତା ଦେଖି ଡ଼ରିଯାଇଥିଲେ ।

ଏହି କାରଣରୁ ଆମର ନେତାମାନେ କୃଷକମାନଙ୍କ ନିକଟରେ ନଇଁବା ଛାଡ଼ି ଇଂରେଜ ସରକାର ପାଖରେ ଆତ୍ମସମର୍ପଣ କରିବା ପସନ୍ଦ କରନ୍ତି । ପଣ୍ଡିତ ଜବାହାରଲାଲ ନେହେରୁଙ୍କୁ ଛାଡ଼ି ଦେଲେ ଆପଣମାନେ ଆଉ କେଉଁ ନେତାଙ୍କ ନାମ ନେଇପାରିବେ ଯେଉଁମାନେ ଶ୍ରମିକ ବା କୃଷକମାନଙ୍କୁ ସଂଗଠିତ କରିବାକୁ ଚେଷ୍ଟା କରିଛନ୍ତି ? ନା' ସେମାନେ ଏହି ବିପଦକୁ ବରଣ କରିବାକୁ ଚାହାନ୍ତି ନାହିଁ । ତାହାହିଁ ତ ସେମାନଙ୍କର ଦୁର୍ବଳତା । ସେଥିପାଇଁ ମୁଁ କହୁଛି ସେମାନେ ସଂପୂର୍ଣ୍ଣ ସ୍ୱାଧୀନତା ଚାହୁଁନାହାନ୍ତି ।

ଆର୍ଥିକ ଓ ପ୍ରଶାସନିକ ଚାପ ଦ୍ୱାରା ସେମାନେ ମୁଷ୍ଟିମେୟ ଭାରତୀୟ ପୁଂଜିପତିମାନଙ୍କ ପାଇଁ ଅଳ୍ପକିଛି ସୁବିଧା ହାସଲ କରିବାକୁ ଚାହାନ୍ତି । ମୁଁ ଭଲଭାବରେ ଜାଣିସାରିଛି ବର୍ତ୍ତମାନର ଆମର ଏହି ଆନ୍ଦୋଳନ କିଛିନା କିଛି ବୁଝାମଣା କିମ୍ବା ଅନ୍ୟ କିଛି ବ୍ୟବସ୍ଥା ବିନା ହିଁ ବୁଡ଼ିଯାଇପାରେ ।

ତେଣୁ ହେ ମୋରପ୍ରିୟ ବିପ୍ଳବୀ ଯୁବକଯୁବତୀମାନେ ! ନିଜକୁ ଓ ଆନ୍ଦୋଳନକୁ ଭଲରୂପରେ ବୁଝି ଏହାକୁ ଆହୁରି ଶକ୍ତିଶାଳୀ କରିବାର ଉଦ୍ୟମ କର । ପ୍ରକୃତରେ ପଣ୍ଡିତ ମୋତିଲାଲ ନେହେରୁଙ୍କ ବ୍ୟତୀତ ଆମର ବଡ଼ ନେତାମାନେ କୌଣସି ଦାୟିତ୍ୱ ନେବାକୁ ଚାହୁଁନାହାନ୍ତି । ଏହି କାରଣରୁ ପ୍ରତ୍ୟେକଥର ଗାନ୍ଧୀଙ୍କ ଆଗରେ ବିନା ସର୍ତ୍ତରେ ନିଜକୁ ସମର୍ପଣ କରିଦେଉଛନ୍ତି । ଏପରିକି ନିଜର ଭିନ୍ନ ମତ ସବୁ ଥିଲେ ମଧ୍ୟ ପୂର୍ଣ୍ଣରୂପରେ ବିରୋଧ କରିପାରୁନାହାନ୍ତି ଏବଂ ଗାନ୍ଧୀଙ୍କ ପାଇଁ ସବୁ ପ୍ରସ୍ତାବରେ 'ହଁ' ବୋଲି ରାଜି ହୋଇଯାଉଛନ୍ତି ।

ଏହି ପରିସ୍ଥିତିରେ କ୍ରାନ୍ତି ପ୍ରତି ସକ୍ରିୟ ଭାବରେ ଗଭୀର ବିଶ୍ୱାସ ରଖୁଥିବା ଯୁବକ ଯୁବତୀମାନଙ୍କୁ ମୁଁ ଏହି ଚେତାବନୀ ଶୁଣାଉଛି ଯେ ଅତ୍ୟନ୍ତ କଠିନ ସମୟ ଆମପାଇଁ ଆସୁଛି । ସେଥିପାଇଁ ସତର୍କ ରୁହ, ଆତ୍ମବିଶ୍ୱାସ ହରାଅ ନାହିଁ କି ସନ୍ଦେହ କି ଦ୍ୱନ୍ଦରେ ପଡ଼ନାହିଁ । ମହାତ୍ମାଗାନ୍ଧୀଙ୍କର ଦୁଇଟି ସଂଗ୍ରାମର ଅନୁଭବରୁ

ଆମେ ଆଜିର ପରିସ୍ଥିତିର ଭବିଷ୍ୟତ ସଂପର୍କରେ ସ୍ପଷ୍ଟ ଧାରଣା କରିବା ସହିତ କିଛି ଦୃଢ଼ କାର୍ଯ୍ୟକ୍ରମ  ମଧ୍ୟ ନେଇପାରିବା ।

ମୁଁ ଆପଣମାନଙ୍କୁ ଆହୁରି ସରଳ ଭାବରେ କହିବାକୁ ଚାହୁଁଛି । ଆପଣମାନେ ‘ଇନ୍‌କିଲାବ ଜିନ୍ଦାବାଦ’ ସ୍ଲୋଗାନ୍ ଦେଉଛନ୍ତି, ଏହାର ଅର୍ଥ ମଧ୍ୟ ଭଲ ଭାବରେ ଜାଣିଛନ୍ତି । ଆସେମ୍ବ୍ଲିରେ ବୋମା ଫିଙ୍ଗିବା  ବେଳେ ଆମର ପରିଭାଷା ଅନୁସାରେ ‘ଇନ୍‌କିଲାବ’ର ଅର୍ଥ ଥିଲା ସାମାଜିକ ଢାଞ୍ଚା ବା ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ସହିତ ସମାଜବାଦର ପ୍ରତିଷ୍ଠା । ଏହି ଲକ୍ଷ୍ୟ ସାଧନ ପାଇଁ ଆମର ପ୍ରଥମ ପଦକ୍ଷେପ ସ୍ୱରୂପ ଶକ୍ତି ବଳ ହାସଲ କରିବା ଥିଲା । ପ୍ରକୃତରେ ‘ରାଜ୍ୟ’ ଅର୍ଥାତ୍ ସରକାରୀ କଳ, ଶାସନବର୍ଗଙ୍କର ହାତର କ୍ରୀଡ଼ାପୁତ୍ତଳିକା ରୂପୀ ଏକ ଯନ୍ତ୍ରାବଶେଷ ମାତ୍ର ।

ଆମେ ଏହି ନିଷ୍କ୍ରିୟ ଯନ୍ତ୍ରକୁ ଛଡ଼େଇ ଆଣି ନିଜର ଆଦର୍ଶ ପୂରଣ ପାଇଁ ସେଥିରେ ବ୍ୟବହାର କରିବାକୁ ଚାହୁଁଛୁ । ଆମର ଆଦର୍ଶ ଓ ଆଭିମୁଖ୍ୟର ଅର୍ଥ ହେଉଛି ନୂଆ ଭାବରେ ସାମାଜିକ ଜୀବନର ସଂରଚନା ଅର୍ଥାତ୍ ମାର୍କସବାଦୀ ଢ଼ଙ୍ଗରେ ସମାଜ ଓ ଜୀବନ  ଶୈଳୀକୁ ନୂତନ ଭାବରେ ପ୍ରତିଷ୍ଠା କରିବା । ସେହି ଲକ୍ଷ୍ୟ ହାସଲ ପାଇଁ ଆମେ ସରକାରୀ କଳକୁ ବ୍ୟବହାର କରିବାକୁ ଚାହୁଁଛୁ ଆମର ଆଦର୍ଶ ଓ ଆଭିମୁଖ୍ୟର ଅର୍ଥ ହେଉଛି ନୂଆ ଭାବରେ ସାମାଜିକ ଜୀବନର ସଂରଗନାମାନେ ମାର୍କସବାଦୀ ଢ଼ଙ୍ଗରେ ସମାଜ ଓ ଜୀବନଶୈଳୀ କୁ ନୂତନ ଭାବରେ ପ୍ରତିଷ୍ଠା କରିବା । ସେହି ଲକ୍ଷ୍ୟ ହାସଲ ପାଇଁ ଆମେ ସରକାରୀ କଳକୁ ବ୍ୟବହାର କରିବାକୁ ଚାହୁଁଛୁ । ଆମର ଆଦର୍ଶ ଓ ଆଭିମୁଖ୍ୟର ଅର୍ଥ ହେଉଛି ନୂଆଭାବରେ ସାମାଜିକ ଜୀବନର ସଂରଗନା ଅର୍ଥାତ୍ ମାର୍କସବାସୀ ଢ଼ଙ୍ଗରେ ସମାଜ ଓ ଜୀବନଶୈଳୀକୁ ନୂତନ ଭାବରେ ପ୍ରତିଷ୍ଠା କରିବା, ସେହିଲକ୍ଷ୍ୟ ହାସଲ ପାଇଁ ଆମେ ସରକାରୀ କଳକୁ ବ୍ୟବହାର କରିବାକୁ ଚାହୁଁଛୁ । ଏପଟେ ଜନତାଙ୍କୁ କ୍ରମାଗତ ଭାବରେ ଶିକ୍ଷା ଦ୍ୱାରା ସଚେତନ କରିବାକୁ ପଡ଼ିବ ଯାହାଫଳରେ ଆମର ସାମାଜିକ କାର୍ଯ୍ୟକ୍ରମ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିବ ଓ ଆମେ ସେମାନଙ୍କୁ ସଂଗ୍ରାମ କାଳରେ ହିଁ ଉପଯୁକ୍ତ  ପ୍ରଶିକ୍ଷଣ ଓ ଶିକ୍ଷା ମଧ୍ୟ ଦେଇପାରିବୁ ।

ଏସବୁ ଘଟଣାର ଅନୁଭବରୁ ଆମେ ଆମର ଅନ୍ତିମ ଲକ୍ଷ୍ୟ ହାସଲ ପାଇଁ ଆଜିର ପରିସ୍ଥିତିକୁ ବିଶ୍ଳେଷଣ କରି କୌଣସି ସିଦ୍ଧାନ୍ତରେ ପହଞ୍ଚିପାରିବୁ । କୌଣସି ସ୍ଥିତିର ବିଶ୍ଳେଷଣ  କଲାବେଳେ ଆମେ ସର୍ବଦା ଉତ୍ସାହୀ, କର୍ମଠ ଓ ବ୍ୟବହାରିକ ନିଷ୍ପକ୍ଷ ହେବା ଆବଶ୍ୟକ ।

ଆମେ ଜାଣିଛୁ ଭାରତରେ ସରକାରଙ୍କର ଭାରତୀୟମାନଙ୍କୁ ଅଂଶୀଦାର କରାଯିବା ଦାବୀ ଉପରେ ଯେଉଁ ପ୍ରବଳ ଆନ୍ଦୋଳନ ହୋଇଥିଲା, ସେତେବେଳେ ମିଣ୍ଟୋ ମାର୍ଲେ ରାଜିନାମା ଲାଗୁ କରାଯାଇଥିଲା । ଯାହାଦ୍ୱାରା ଭାରତୀୟମାନେ କେବଳ ପରାମର୍ଶ ଦେଇପାରିବେ ବୋଲି ଭାଇସ୍‌ରୟ ପରିଷଦ ଗଠନ କରାଯାଇଥିଲା ।

ବିଶ୍ୱଯୁଦ୍ଧ ସମୟରେ ଯେତେବେଳେ ଭାରତୀୟମାନଙ୍କର ସାହାଯ୍ୟର ଆବଶ୍ୟକତା ପଡ଼ିଲା ସେତେବେଳେ ଇଂରେଜ ସରକାର ଆମ ଦେଶରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଲାଗୁ କରିବ ବୋଲି ବଡ଼ ଚତୁରତାର ସହିତ ପ୍ରତିଶ୍ରୁତି ଦେଇ ଦେଲେ ଏବଂ କିଛି ପରିବର୍ତ୍ତନ ମଧ୍ୟ ସେଥିରେ ଆସିଲା । ଆସେମ୍ବ୍ଲିରେ କିଛି ସୀମିତ ଆଇନ ତିଆରି କରିବାର ଶକ୍ତି ମାତ୍ର ଦିଆଯାଇଥିଲା ସତ କିନ୍ତୁ ଏସବୁ କିଛି ଭାଇସ୍‌ରୟଙ୍କର ମର୍ଜି ଉପରେ ନିର୍ଭରଶୀଳ ଥିଲା ।

ବର୍ତ୍ତମାନ ସେହିସବୁ ପରିବର୍ତ୍ତନର ତୃତୀୟ ପର୍ଯ୍ୟାୟ ଚାଲିଛି । ତେଣୁ ଯୁବକଯୁବତୀମାନଙ୍କ ସମ୍ମୁଖରେ ଏକ ପ୍ରଶ୍ନ ସୃଷ୍ଟି ହେଉଛି ଏସବୁକୁ କିପରି ପରୀକ୍ଷା କରାଯିବ ? ମୁଁ ଜାଣେ ନାହିଁ କଂଗ୍ରେସ ନେତାମାନେ କିଭଳି ଏହାର ପରଖ କରିବେ ! କିନ୍ତୁ ଆମେ କ୍ରାନ୍ତିକାରୀମାନେ ନିମ୍ନଲିଖିତ କଷଟିରେ ପରଖିବୁ ।

(୧) କେଉଁ ସୀମା ପର୍ଯ୍ୟନ୍ତ ଭାରତୀୟମାନଙ୍କୁ ଶାସନର ଦାୟିତ୍ୱ ଅର୍ପଣ କରାଯିବ ?

(୨) ଶାସନ ଚଳାଇବା ପାଇଁ କେଉଁ ପ୍ରକାର ସରକାର ଗଠନ କରାଯିବ ଏବଂ ସାଧାରଣ ଜନତା ସେଥିରେ ଭାଗ ନେବାକୁ ହେଲେ ତାଙ୍କୁ କେଉଁ ପ୍ରକାର ସୁଯୋଗ ମିଳିବ ?

(୩) ଭବିଷ୍ୟତରେ କ'ଣ ଏ ସମସ୍ତ ଉପଲବ୍ଧି ଓ ଅନୁଭୂତିକୁ ସଂଗଠିତ କରି ରଖିବା ପାଇଁ କିଛି ସମ୍ଭାବନା ସୃଷ୍ଟି ହୋଇପାରିବ ?

ଏସବୁକୁ ଆହୁରି ଭଲ ଭାବରେ ବୁଝିବା ପାଇଁ କେତେକ ସ୍ପଷ୍ଟୀକରଣର ଆବଶ୍ୟକତା ଅଛି । ପ୍ରଥମ କଥା ହେଉଛି ଆମର ଜନତାଙ୍କର ପ୍ରତିନିଧିଙ୍କୁ କାର୍ଯ୍ୟକାରିଣୀ ଉପରେ କେତେଦୂର ଅଧିକାର ଓ ଦାୟିତ୍ୱନ୍ୟସ୍ତ କରାଯିବ । ଏପର୍ଯ୍ୟନ୍ତ କାର୍ଯ୍ୟକାରିଣୀ (Executive)କୁ ଲେଜିସ୍‌ଲେଟିଭ୍ ଆସେମ୍ବ୍ଲି ସମ୍ମୁଖରେ ଉତ୍ତରଦାୟୀ କରାଯାଉନାହିଁ । ଯେହେତୁ ଭାଇସ୍‌ରୟଙ୍କ ନିକଟରେ ଭୋଟ କ୍ଷମତା ଅଛି, ଯେଉଁଥିପାଇଁ ନିର୍ବାଚିତ ପ୍ରତିନିଧିମାନଙ୍କର ସମସ୍ତ ଚେଷ୍ଟା ବ୍ୟର୍ଥ ହେଉଛି, ସେମାନେ କିଛି କାର୍ଯ୍ୟ କରିପାରୁନାହାନ୍ତି । ଭାଇସ୍‌ରୟଙ୍କ ନିଷ୍ପତ୍ତି ହିଁ ସର୍ବଶେଷ ମାନ୍ୟତା ଲାଭ କରୁଛି ।

ଆମେ ସ୍ୱରାଜ୍ୟ ଦଳ ନିକଟରେ କୃତଜ୍ଞ ଏଥିପାଇଁ ହେଉଛୁ ଯେ ତାଙ୍କର

ଉଦ୍ୟମ ଫଳରେ ଭାଇସ୍‌ରୟ ଏହି ଶକ୍ତି ଓ କ୍ଷମତାକୁ ବାରମ୍ବାର ବଡ଼ ନିର୍ଲ୍ଲଜ ଭାବରେ ପ୍ରୟୋଗ କରୁଛନ୍ତି ଏବଂ ରାଷ୍ଟ୍ରୀୟ ପ୍ରତିନିଧିମାନଙ୍କର ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ ଗୁଡ଼ିକୁ ପାଦତଳେ ଦଳି ଦେଉଛନ୍ତି । ତେଣୁ ଭାଇସ୍‌ରୟଙ୍କର ମୁଖାଆଇନ ଜଳଜଳ ଦେଖାଯାଉଛି, ସେଥିପାଇଁ ଯୁକ୍ତିତର୍କ କରି କିଛି ଲାଭ ନାହିଁ । ଆସନ୍ତୁ ! ସର୍ବପ୍ରଥମେ କାର୍ଯ୍ୟକାରିଣୀ ସ୍ଥାପନର ଯଥାର୍ଥତା ଉପରେ ଆଲୋଚନା କରିବା । କ'ଣ କାର୍ଯ୍ୟକାରିଣୀ ସଭାକୁ ଆସେମ୍ବ୍ଲିର ସଦସ୍ୟମାନେ ନିର୍ବାଚିତ ହୋଇ ନିଷ୍ପତ୍ତି ନେଇଥାନ୍ତି ନା ତାଙ୍କ ଉପରେ ପୂର୍ବରୁ ଲଦି ଦିଆଯାଇଥାଏ ? କ'ଣ କାର୍ଯ୍ୟକାରିଣୀ ଆସେମ୍ବ୍ଲି ଆଗରେ ଉତ୍ତରଦାୟୀ ହେବ ନା ପୂର୍ବଭଳି ଆସେମ୍ବ୍ଲିର ଅପମାନ କରିବ ?

ଦ୍ୱିତୀୟତଃ ଏହାକୁ ଆମେ ବୟସ୍କମାନଙ୍କର ମତାଧିକାରର ସମ୍ଭାବନା ଦୃଷ୍ଟିରୁ ଦେଖିପାରିବା । ସମ୍ପତ୍ତି ପୁଞ୍ଜ କରିବାର ଧାରାକୁ ପୂର୍ଣ୍ଣଭାବରେ ସମାପ୍ତ କରି ବ୍ୟାପକ ମତାଧିକାର ଦେବାର ବ୍ୟବସ୍ଥା ହେବା ଉଚିତ । ପ୍ରତ୍ୟେକ ପ୍ରାପ୍ତବୟସ୍କ ସ୍ତ୍ରୀ-ପୁରୁଷଙ୍କୁ ଭୋଟଦାନ ଅଧିକାର ମିଳିବା ଆବଶ୍ୟକ । ବର୍ତ୍ତମାନ ଦେଖିବା କଥା ପ୍ରକୃତରେ ମତଦାନ ଅଧିକାର କେଉଁ ସୀମା ପର୍ଯ୍ୟନ୍ତ ଦିଆଯାଉଛି ।

ଆଜିର ବ୍ୟବସ୍ଥାରେ ଦୁଇଟି ସଭା ବିଶିଷ୍ଟ ସରକାର ପ୍ରଚଳିତ ହେଉଛି । ମୋ ଦୃଷ୍ଟିରେ ଏହି ଉଚ୍ଚସଭାଗୁଡ଼ିକ ବୁର୍ଜୁଆ ମନୋବୃତ୍ତିଶିଖାଣ ର ପ୍ରତିନିଧି ଛଡ଼ା ଆଉ କିଛି ନୁହେଁ । ମୁଁ ଯେତେଦୂର ବୁଝିଛି ସେଥିରେ ଗୋଟିଏ ସଭା ବିଶିଷ୍ଟ ସରକାର ବ୍ୟବସ୍ଥା ଭଲ ବୋଲି ଆଶା କରାଯାଇପାରେ ।

ଏଠାରେ ମୁଁ ଆଞ୍ଚଳିକ ବା ପ୍ରାଦେଶିକ ସ୍ୱାୟତ୍ତତା ସଂପର୍କରେ କିଛି କହିବାକୁ ଚାହୁଁଛି । ଯାହା କିଛି ମୁଁ ଶୁଣୁଛି ଏହାର ଆଧାର ଉପରେ ଏତିକି କୁହାଯାଇପାରେ, ଉପରେ ଥୋପା ହୋଇଥିବା ଗଭର୍ଣ୍ଣର ଯାହାଙ୍କ ପାଖରେ ଆସେମ୍ବ୍ଲିକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱତନ୍ତ୍ର ଅଧିକାର ଅଛି ତାହା ଏକଛତ୍ରବାଦଠାରୁ କିଛି କମ୍ ନୁହେଁ । ଆମେ ଏହାକୁ ପ୍ରାଦେଶିକ ସ୍ୱାୟତ୍ତତା ନ କହି ପ୍ରାନ୍ତୀୟ ଅତ୍ୟାଚାର କହିଲେ ବେଶି ଯୁକ୍ତିଯୁକ୍ତ ହେବ । ରାଜ୍ୟର ସଂସ୍ଥାଗୁଡ଼ିକର ଏହା ବଡ଼ ଅଦ୍ଭୁତ ଲୋକତାନ୍ତ୍ରିକରଣ ବ୍ୟବସ୍ଥା ।

ତୃତୀୟ କଥା ତ ଏକଦମ୍ ସ୍ପଷ୍ଟ ହୋଇଯାଇଛି । ଗତ ଦୁଇବର୍ଷ ମଧ୍ୟରେ ଇଂରେଜ ରାଜନୀତିଜ୍ଞମାନେ ସେହି ପ୍ରତିଶ୍ରୁତି ପାଳନ ନ କରିବାରେ ଲାଗିପଡ଼ିଛନ୍ତି । ସେମାନେ ଏକଥା କହି ମନା କରିଦେଇଥିଲେ, ଯେପର୍ଯ୍ୟନ୍ତ ଇଂରେଜ ରାଜକୋଷରେ ଟଙ୍କା ଅଛି, ଶକ୍ତି ଅଛି ସେ ପର୍ଯ୍ୟନ୍ତ ପ୍ରତ୍ୟେକ ଦଶବର୍ଷରେ ଥରେ ଲେଖାଏଁ ସାମ୍ବିଧାନିକ ପରିବର୍ତ୍ତନ କରାଯାଇପାରିବ ।

ଆମେ ସ୍ପଷ୍ଟ ଭାବରେ ଦେଖିପାରୁଛୁ ସେମାନେ ଭବିଷ୍ୟତରେ କି ପ୍ରକାର ସମାଧାନ କରିବାକୁ ଯାଉଛନ୍ତି । ମୁଁ ଏକଥା ସ୍ପଷ୍ଟ କରିଦେଉଛି ଯେ ଆମେ ଏହି କଥାର ବିଶ୍ଳେଷଣ ଏଥିପାଇଁ କରୁନାହୁଁ ଯେଉଁଠି ସଫଳତାର ଉପଲବ୍ଧି ପାଇଁ ଆନନ୍ଦ ଉଲ୍ଲାସ କରାଯିବ । ବରଂ ଜନତାଙ୍କର ଜାଗରଣ ପାଇଁ ସଚେତନତା ସୃଷ୍ଟି କରାଯାଇ ସେମାନଙ୍କୁ ଆଗାମୀ ସଂଗ୍ରାମ ପାଇଁ ପ୍ରସ୍ତୁତ କରାଯାଇପାରିବ । ଆମ ପାଇଁ ବୁଝାମଣା ଆତ୍ମସମର୍ପଣ ନୁହେଁ, ବରଂ ଏକ ପାଦ ଆଗକୁ ବଢ଼ାଇଲାପରେ ପୁଣି କିଛି ସମୟ ବିଶ୍ରାମ ନେବା ।

ଏହା ସହିତ ଆମେ ଭଲଭାବରେ ବୁଝିବା ଦରକାର ବୁଝାମଣା ଅଧିକ କିଛି ନୁହେଁ କିମ୍ବା ଏହା ଆମର ଅନ୍ତିମ ଲକ୍ଷ୍ୟ ଓ ଅନ୍ତିମ ବିଶ୍ରାମର ସ୍ଥାନ ନୁହେଁ ।

ମୂଳରୁ କହିଥିଲି କ୍ରାନ୍ତିକାରୀ ଦଳମାନଙ୍କ ପାଇଁ ଏକ ନିଶ୍ଚିତ ସୁନିର୍ଦ୍ଦିଷ୍ଟ କର୍ମସୂଚୀ ରହିବା ଜରୁରୀ । କର୍ମସୂଚୀ ତିଆରି କରିବାକୁ ହେଲେ ନିମ୍ନଲିଖିତ କେତେକ ବିଷୟ ଉପରେ ଅଧ୍ୟୟନ କରିବା ଆବଶ୍ୟକ ।

(କ) ଲକ୍ଷ୍ୟ ବା ଉଦ୍ଦେଶ୍ୟ

(ଖ) ଆଧାର ଅର୍ଥାତ୍ ବର୍ତ୍ତମାନର ପରିସ୍ଥିତି

(ଗ) କାର୍ଯ୍ୟକ୍ରମ ଅର୍ଥାତ୍ ଉପାୟ ବା କୌଶଳ

ଯେପର୍ଯ୍ୟନ୍ତ ଏହି ତାତ୍ତ୍ୱିକ ବିଷୟଗୁଡ଼ିକ ଉପରେ ସ୍ପଷ୍ଟଧାରଣା ସୃଷ୍ଟି ନ ହୋଇଛି, ସେତେବେଳ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ନେଇ କୌଣସି ଆଲୋଚନା ସମ୍ଭବ ନୁହେଁ । ଆମେ ସମାଜତାନ୍ତ୍ରିକ ବିପ୍ଳବ ଚାହୁଁ, ଯେଉଁଥିପାଇଁ ମୌଳିକ ରାଜନୈତିକ ବିପ୍ଳବ ଆବଶ୍ୟକ । ରାଜନୈତିକ ବିପ୍ଳବର ଅର୍ଥ ହେଉଛି ରାଷ୍ଟ୍ରଶକ୍ତି ଇଂରେଜମାନଙ୍କ ହାତରୁ ଭାରତୀୟମାନଙ୍କ ହାତକୁ ଆସିବ । ଏପରି ଭାରତୀୟମାନଙ୍କ ହାତକୁ ଆସିବା ଦରକାର ଯେଉଁମାନଙ୍କର ଲକ୍ଷ୍ୟ ଓ ଆମର ଲକ୍ଷ୍ୟ ପ୍ରାୟତଃ ସମାନ ହୋଇଥିବ । ଆହୁରି ସ୍ପଷ୍ଟ ଭାବରେ କହିଲେ ଜନଗଣଙ୍କର ପ୍ରଚେଷ୍ଟାରେ ରାଷ୍ଟ୍ରଶକ୍ତି ବିପ୍ଳବୀମାନଙ୍କ ହାତକୁ ଆସିଯିବା ନିହାତି ଜରୁରୀ ।

ଏହାପରେ ସମଗ୍ର ସମାଜକୁ ସମାଜତନ୍ତ୍ରର ଲକ୍ଷ୍ୟ ଦିଗରୁ ଐକ୍ୟବଦ୍ଧ କରିବାକୁ ହେବ । ଯଦି ବିପ୍ଳବର ଏହି ଅର୍ଥ ସହିତ ଆପଣ ସହମତ ନହୁଅନ୍ତି, ତେବେ ଦୟାକରି 'ଇନ୍‌କିଲାବ ଜିନ୍ଦାବାଦ' ସ୍ଲୋଗାନ୍ ଦେବା ବନ୍ଦ କରନ୍ତୁ । ଅନ୍ତତଃ ଆମ ପାଖରେ 'କ୍ରାନ୍ତି' 'ବିପ୍ଳବ' ଶବ୍ଦଟିରେ ଅନେକ ଉଚ୍ଚତର ଚିନ୍ତନ ନିହିତ ଅଛି ଏବଂ ଯଥାର୍ଥ ଗୁରୁତ୍ୱ ଛଡ଼ା ତାହାକୁ ପ୍ରୟୋଗ କରିବା ଉଚିତ ନୁହେଁ । ନଚେତ୍ ଏହାର ସିଧାସଳଖ

ଅପପ୍ରୟୋଗ ହେବ । କିନ୍ତୁ ଯଦି ଆପଣ କହୁଛନ୍ତି ଆପଣ ରାଷ୍ଟ୍ରୀୟ ବିପ୍ଳବ ଚାହାନ୍ତି ଯାହାର ଲକ୍ଷ୍ୟ ଭାରତୀୟ ଗଣତନ୍ତ୍ର ସ୍ଥାପନା, ତା ହେଲେ ମୋର ଏଠାରେ ପ୍ରଶ୍ନ ହେଉଛି ବିପ୍ଳବର ସହାୟକ ହେବା ପାଇଁ ଆପଣ କେଉଁ ଶକ୍ତି ଉପରେ ନିର୍ଭର କରିବେ ? ବିପ୍ଳବ ରାଷ୍ଟ୍ରୀୟ ହେଉ କି ସମାଜବାଦୀ ହେଉ, ଆମେ ଯେଉଁ ଶକ୍ତିମାନଙ୍କୁ ନେଇ ଆନ୍ଦୋଳନ କରିବା ସେମାନେ ହେଉଛନ୍ତି କୃଷକ ଓ ଶ୍ରମିକ ।

ଆମର କଂଗ୍ରେସୀ ନେତାମାନେ ଏମାନଙ୍କୁ ସଂଗଠିତ କରିବାର ସାହସ କରିପାରୁନାହାନ୍ତି ବୋଲି ଏହି ଆନ୍ଦୋଳନରେ ଆପଣମାନେ ସ୍ପଷ୍ଟଭାବରେ ଦେଖିସାରିଲେଣି । ବିପ୍ଳବ କରିବା ଖୁବ୍ କଠିନ କାମ । ଏହି କାମ କୌଣସି ଜଣେ ବ୍ୟକ୍ତିର ଇଚ୍ଛା ଉପରେ ନିର୍ଭର କରେ ନାହିଁ । ଯେତେବେଳେ ସେମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ପ୍ରସ୍ତାବ ଦିଆଯାଇଥିଲା ତାହାର ଅର୍ଥ ବିପ୍ଳବ ହିଁ ଥିଲା କିନ୍ତୁ କଂଗ୍ରେସର ଏହି ଇଚ୍ଛା ନଥିଲା । ସ୍ୱାଧୀନତା ପ୍ରସ୍ତାବକୁ କଂଗ୍ରେସର ଯୁବ କାର୍ଯ୍ୟକର୍ତ୍ତାମାନେ ଦିଆଯାଉ ବୋଲି ଜିଦ୍ ଧରିବାରୁ ତାହା ଦିଆଯାଇଥିଲା । କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ବେଳେ ସେମାନେ ଧମକ ଦେଇ କରାଇ ନେବାକୁ ଚାହିଁଥିଲେ । ଯାହାଫଳରେ ନିଜର ମନଇଚ୍ଛା ମୁତାବକ 'ଡୋମିନିୟନ୍ ଷ୍ଟାଟସ୍' ହାସଲ କରିପାରିବେ ।

ଆପଣ ଏଗୁଡ଼ିକ କଂଗ୍ରେସର ପୂର୍ବରୁ ତିନି ଅଧିବେଶନର ପ୍ରସ୍ତାବଗୁଡ଼ିକୁ ପଢ଼ିଲାପରେ ହିଁ ସେ ସମ୍ବନ୍ଧରେ ନିଜର ମତ ଦେଇପାରିବେ । ମାଡ୍ରାସ୍, କଲିକତା ଓ ଲାହୋର ଅଧିବେଶନ କଥା ହିଁ ମୁଁ କହୁଛି । କଲିକତାରେ 'ଡୋମିନିୟନ୍ ଷ୍ଟାଟସ୍' ପାଇଁ ଦାବୀ ପ୍ରସ୍ତାବକୁ ମଞ୍ଜୁରି ଦିଆଯାଇଥିଲା ୧୨ ମାସ ଭିତରେ ଇଂରେଜ ସରକାର ଏହି ଦାବୀକୁ ଗ୍ରହଣ କରି କାର୍ଯ୍ୟକାରୀ ନକଲେ କଂଗ୍ରେସ ବାଧ୍ୟ ହୋଇ 'ପୂର୍ଣ୍ଣ ସ୍ୱାଧୀନତା' ପ୍ରାପ୍ତିକୁ ହିଁ ନିଜର ଲକ୍ଷ୍ୟ ଭାବରେ ଉପସ୍ଥାପିତ କରିବ । ସେଥିପାଇଁ କଂଗ୍ରେସର ନେତାମାନେ ଡିସେମ୍ବର ୩୧, ୧୯୨୯ ର ଅଧରାତି ପର୍ଯ୍ୟନ୍ତ ଇଂରେଜ ସରକାର ସେମାନଙ୍କୁ ଏହି ଦାବୀର କାର୍ଯ୍ୟକାରିତା ପାଇଁ ଉପହାର ସ୍ୱରୂପ ଦେଇଦେବେ ବୋଲି ଅପେକ୍ଷା କରିଥିଲେ । କିନ୍ତୁ ଏହା ହେଲା ନାହିଁ । ତେଣୁ ପୂର୍ବରୁ ଯେଉଁ କଥା ଦେଇଥିଲେ 'ପୂର୍ଣ୍ଣ ସ୍ୱାଧୀନତା' ସେହି ପ୍ରସ୍ତାବ ଉପରେ ଦୃଷ୍ଟି ଦେବା ନିହାତି ଆବଶ୍ୟକ ହୋଇ ପଡ଼ିଲା । କିନ୍ତୁ ହାର୍ଦ୍ଦିକ ଭାବରେ ସେମାନେ ଏହା ଚାହୁଁନଥିଲେ । ସେତେବେଳେ ମଧ୍ୟ ମହାତ୍ମାଗାନ୍ଧୀ ଏହି କଥାକୁ ଲୁଚାଇ ନଥିଲେ, କାରଣ ଇଂରେଜ ସରକାର ସହିତ କଥାବାର୍ତ୍ତାର ଦ୍ୱାର ଉନ୍ମୁକ୍ତ ରହିଥିଲା ।

ଏହା ଥିଲା ତାଙ୍କର ବାସ୍ତବିକ ଆଶା ଓ ଇଚ୍ଛା । ଏକଦମ୍ ଆରମ୍ଭରୁ ମହାତ୍ମାଗାନ୍ଧୀ

ଭଲଭାବରେ ଜାଣିସାରିଥିଲେ ତାଙ୍କର ସ୍ୱାଧୀନତା ଆନ୍ଦୋଳନ ଶେଷରେ କିଛି ନା କିଛି ବୁଝାମଣା ଦ୍ୱାରା ହିଁ ସମାପ୍ତ ହେବ । ସେଥିପାଇଁ ମୁଁ ସଂପୂର୍ଣ୍ଣ ବିପ୍ଲବ ପାଇଁ ସଂଗ୍ରାମ ଚାଲିଥିବାବେଳେ କୌଣସି ପ୍ରକାର ବୁଝାବଣା ପ୍ରସଙ୍ଗକୁ ଗଭୀର ଘୃଣା କରେ ।

ଯଦି ଆପଣମାନେ ଭାବୁଛନ୍ତି କୃଷକ ଓ ଶ୍ରମିକମାନଙ୍କର ଆନ୍ଦୋଳନରେ ସକ୍ରିୟ ଯୋଗଦାନ ରହୁ ବୋଲି ସେମାନଙ୍କୁ ବୁଝାଇଦେଇ ପାରିବେ ତେବେ ମୁଁ ଆପଣମାନଙ୍କୁ ଏତିକି କହିବି ସେମାନଙ୍କୁ କୌଣସି ପ୍ରକାରର ଭାବୁକତାପୂର୍ଣ୍ଣ କଥାବାର୍ତ୍ତା ଦ୍ୱାରା ବୋକା କରିଦେଇପାରିବେ ନାହିଁ । ସେମାନେ ସିଧାସଳଖ ପ୍ରଶ୍ନ କରିବେ ଏହି ବିପ୍ଲବରୁ ଆମକୁ କ'ଣ ଲାଭ ମିଳିବ । କିନ୍ତୁ ବାସ୍ତବରେ ଏହି ବିପ୍ଲବ ପାଇଁ ଆପଣ ସେମାନଙ୍କର ଆତ୍ମବଳିଦାନ ମାଗୁଛନ୍ତି । ଭାରତସରକାରଙ୍କର ମୁଖ୍ୟ ଲର୍ଡ଼ ରିଡ଼ିଙ୍ଗ୍‌ଙ୍କ ସ୍ଥାନରେ ସାର୍ ପୁରୁଷୋତ୍ତମ ଦାସ, ଠାକୁର ଦାସ ଯଦି ରହନ୍ତି ତାହେଲେ ଜନତାଙ୍କୁ କ'ଣ ବା ଫରକ ପଡ଼ିବ ? ଜଣେ କୃଷକ ପାଇଁ ଲର୍ଡ଼ ଇରଉଇନ୍ କି ସାର୍ ତେଜ୍ ବାହାଦୂର ସାପ୍ରୁ ଯିଏ ହୁଅନ୍ତୁ ନା କାହିଁକି କିଛି ଯାଏ ଆସେ ନାହିଁ । ସେଥିପାଇଁ ରାଷ୍ଟ୍ରୀୟ ଭାବନା ପାଇଁ ସେମାନଙ୍କୁ ଅପିଲ୍ କରିବା ନ ହେଲେ ନିଜ କାମ ପାଇଁ କେବଳ ସେମାନଙ୍କୁ ବ୍ୟବହାର କରାଯିବା ଆଦୌ ଉଚିତ ନୁହେଁ । ଆପଣମାନଙ୍କୁ ସେଥିପାଇଁ ଗଭୀର ଭାବରେ ଏ ସଂପର୍କରେ ନିଷ୍ପତ୍ତି ନେଲାବେଳକୁ ଚିନ୍ତା କରିବାକୁ ପଡ଼ିବ ଯେ ବିପ୍ଲବ ସର୍ବହରା ଶ୍ରମିକବର୍ଗର, ସର୍ବହରାର ନିଜସ୍ୱ ଆଦର୍ଶ ସେଥିରେ ନିହିତ ଅଛି ।

ବିପ୍ଲବର ଆରମ୍ଭ ପାଇଁ କୌଣସି ନିର୍ଦ୍ଦିଷ୍ଟ ତାରିଖ କହିବା ସମ୍ଭବପର ନୁହେଁ । ବିପ୍ଲବ ଏକ ବିଶେଷ ସାମାଜିକ ଅର୍ଥନୈତିକ ପରିସ୍ଥିତିରୁ ଉଦ୍ଭବ ହୁଏ । ଏଥିପାଇଁ ଏକ ସଂଗଠିତ ଦଳ ତାକୁ ପରିଚାଳିତ କରିବ ଏବଂ ଜନତାଙ୍କୁ ମାନସିକ ସ୍ତରରେ ପ୍ରସ୍ତୁତ କରିବାକୁ ପଡ଼ିବ । ବିପ୍ଲବର ଅସାଧ୍ୟ କାର୍ଯ୍ୟଗୁଡ଼ିକ ପାଇଁ ସବୁ ଶକ୍ତିକୁ ଏକଜୁଟ କରିବାକୁ ପଡ଼ିବ । ଏଥିପାଇଁ ବିପ୍ଲବୀକର୍ମୀମାନଙ୍କୁ ଅନେକ ଆତ୍ମବଳି ଦେବାକୁ ହୁଏ । ଏ ସଂପର୍କରେ ମୁଁ ସ୍ପଷ୍ଟ କରିଦେବାକୁ ଚାହେଁ ଯେ ଯଦି ଆପଣ ବ୍ୟବସାୟୀ ହୁଅନ୍ତି, ବା ସୁସ୍ଥିରେ ରହିବାକୁ ଚାହାନ୍ତି, ବା ପାରିବାରିକ ବ୍ୟକ୍ତି ହେବାକୁ ଚାହାନ୍ତି ତେବେ ହେ ମହାଶୟ ! ଏହି ନିଆଁ ସହିତ ଖେଳନ୍ତୁ ନାହିଁ । ନେତାଭାବରେ ପାର୍ଟିର କୌଣସି କାମରେ ମଧ୍ୟ ଆପଣ ଆସିବେ ନାହିଁ । ବହୁ ଆଗରୁ ଆମ ପାଖକୁ ଅନେକ ନେତା ଆସୁଥିଲେ, ଯେଉଁମାନେ ସନ୍ଧ୍ୟା ବେଳେ ଭାଷଣ ଦେବା

ପାଇଁ କିଛି ସମୟ ଦେବାକୁ ପ୍ରସ୍ତୁତ ଥିଲେ । ଏଭଳି ନେତାମାନଙ୍କର ଆମ ନିକଟରେ କୌଣସି ଆବଶ୍ୟକତା ନାହିଁ ।

ଆମେ ତ ଲେନିନ୍‌ଙ୍କର ଅତି ପ୍ରିୟ ଶବ୍ଦ 'ପେଶାଦାର ବିପ୍ଳବୀ'ମାନଙ୍କୁ ପ୍ରୟୋଗ କରିବାକୁ ଚାହୁଁଛୁ । ଅର୍ଥାତ୍ ଦଳ ପାଇଁ ନିଜର ସଂପୂର୍ଣ୍ଣ ସମୟ, ଶକ୍ତି, ସାମର୍ଥ୍ୟ ଦେବା ଭଳି କର୍ମୀ, ଯେଉଁମାନଙ୍କ ସାମ୍ନାରେ ବିପ୍ଳବ ଛଡ଼ା ଅନ୍ୟ କୌଣସି ଲକ୍ଷ୍ୟ ନାହିଁ । ଏହିଭଳି ପେଶାଦାର କର୍ମୀ ଯେତେ ସଂଖ୍ୟକ ପାର୍ଟିରେ ଯୋଗଦେବେ ସଂଗଠିତ ହେବେ ସେତିକି ସଫଳତା ମଧ୍ୟ ଆମେ ପାଇବା ।

ପାର୍ଟିକୁ ଠିକ୍ ଭାବରେ ଆଗେଇନେବାକୁ ହେଲେ ସବୁଠାରୁ ଜରୁରୀ ହେଉଛି କର୍ମୀମାନଙ୍କ ମଧ୍ୟରେ ସ୍ପଷ୍ଟ ଧାରଣା, ପ୍ରତ୍ୟକ୍ଷଜ୍ଞାନ, ନେତୃତ୍ୱ ନେବାର କ୍ଷମତା ଓ ଦୃଢ଼ସିଦ୍ଧାନ୍ତ ନେବାର ଯୋଗ୍ୟତା ଇତ୍ୟାଦି । ପାର୍ଟିର ନିୟମ ପାଳନରେ ଇସ୍ପାତ ଭଳି ଦୃଢ଼ ଅନୁଶାସନ ରହିବା ଦରକାର । କେବଳ ଗୋପନୀୟ ଭାବରେ ପାର୍ଟି କାମ କରିବ ତା ନୁହେଁ ତା ସହିତ ଖୋଲାଖୋଲି ଭାବରେ ମଧ୍ୟ କାମ କରିବା ଆବଶ୍ୟକ । ସ୍ୱେଚ୍ଛାରେ ଜେଲ୍ ଯିବା ନୀତିକୁ ଦଳ ଛାଡ଼ିଦେବା ଦରକାର । କାରଣ ଏହାଦ୍ୱାରା ଅନେକ କର୍ମୀଙ୍କୁ ଗୁପ୍ତ ଭାବରେ ପାର୍ଟି ପାଇଁ କାମ କରିବାର ଆବଶ୍ୟକତା ପଡ଼ିପାରେ । କିନ୍ତୁ ସେମାନେ ସର୍ବଦା ପୂରା ଉତ୍ସାହର ସହିତ କାମ କରିବା ଉଚିତ, ଏବଂ ଏହି ଗୋଷ୍ଠୀରୁ ପରବର୍ତ୍ତୀ କାଳରେ ସମର୍ଥ ନେତା ତିଆରି ହୋଇପାରିବେ ।

ପାର୍ଟିକୁ ସେଥିପାଇଁ ବହୁ କର୍ମୀଙ୍କର ଆବଶ୍ୟକ ପଡ଼ିବ । ସେମାନଙ୍କୁ ଆନ୍ଦୋଳନରେ ସାମିଲ କରାଯିବ । ଯୁବକମାନେ ହିଁ ଆମ ଆନ୍ଦୋଳନର ମୁଖ୍ୟ କେନ୍ଦ୍ରବିନ୍ଦୁ ହେବେ । ଯୁବକ ଆନ୍ଦୋଳନ ପ୍ରଥମ ସୋପାନରେ ଅଧ୍ୟୟନ କେନ୍ଦ୍ର (Study Centre) ଖୋଲିବାକୁ ପଡ଼ିବ । ପ୍ରଚାରପତ୍ର, ପୋଷ୍ଟର, ପତ୍ରିକା, ପୁସ୍ତକ ପର୍ଯ୍ୟାପ୍ତ ପରିମାଣରେ ଛାପିବାକୁ ପଡ଼ିବ । ଯୁବକଯୁବତୀଙ୍କୁ ଶ୍ରେଣୀରେ ବିପ୍ଳବ ତଥା ଅନ୍ୟାୟ ସମସ୍ତ ବିଷୟ ଉପରେ ଗଢ଼ାଯିବ ।

ଯେଉଁ ଯୁବକମାନଙ୍କୁ ପାର୍ଟିରେ ନିଆଯିବ ସେମାନେ ପୂରା ଦମ୍‌ରେ କାର୍ଯ୍ୟ କରିବା ଆରମ୍ଭ କରିବେ । ପାର୍ଟି ନିଜର କାମପ୍ରଚାରରୁ ଆରମ୍ଭ କରିବ । ୧୯୧୪-୧୫ରେ 'ଗଦର ପାର୍ଟି' ଅସଫଳ ହେବାର ମୁଖ୍ୟ କାରଣ ଗୁଡ଼ିକ ଥିଲା, ଜନତାଙ୍କର ଅଜ୍ଞାନତା, ସଂପୃକ୍ତି ହୀନତା ଏବଂ ବିରୋଧ । ସେଥିପାଇଁ କୃଷକ ଓ ଶ୍ରମିକମାନଙ୍କର ସକ୍ରିୟ ସମର୍ଥନ ପାଇବାକୁ ହେଲେ ପ୍ରଚାର କରିବା ନିହାତି ଦରକାର । ପାର୍ଟିର ନାମ 'କମ୍ୟୁନିଷ୍ଟ ପାର୍ଟି' ହେବ ନିର୍ଦ୍ଦିଷ୍ଟ ଅନୁଶାସନ ଓ ଦୃଢ଼ ଆଦର୍ଶବୋଧ ଦ୍ୱାରା ପରିଚାଳିତ

ଏହି ପାର୍ଟିର ରାଜନୈତିକ ନେତାମାନେ ବାକି ସବୁ ଆନ୍ଦୋଳନ ପରିଚାଳନା କରିବେ । ଏହି ପାର୍ଟି ଶ୍ରମିକ, କୃଷକ ସଭା ଓ ଅନ୍ୟାନ୍ୟ ସଂଗଠନ ଗୁଡ଼ିକୁ ମଧ୍ୟ ପରିଚାଳିତ କରିବ । ଏହା ସହିତ ଲେବର ୟୁନିୟନ ଓ କଂଗ୍ରେସ ଭଳି ଅନ୍ୟ ରାଜନୈତିକ ସଂଗଠନରେ ମଧ୍ୟ ରାଜନୈତିକ ପ୍ରଭାବ ବିସ୍ତାର ପାଇଁ ପାର୍ଟି ଚେଷ୍ଟା କରିବ । ପାର୍ଟି ଏକ ବଡ଼ ପ୍ରକାଶନ ଅଭିଯାନ ପରିଚାଳନା କରିବ, ଯେଉଁଥିରେ କେବଳ ରାଷ୍ଟ୍ର ଚେତନା ନୁହେଁ ଶ୍ରେଣୀ ଚେତନା ମଧ୍ୟ ସୃଷ୍ଟି ହେବ ।

ସମାଜତାନ୍ତ୍ରିକ ମତାଦର୍ଶ ସଂପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପ୍ରତିଟି ସମସ୍ୟାର ବିଷୟବସ୍ତୁ ପ୍ରତ୍ୟେକ ବ୍ୟକ୍ତି ଯେପରି ବୁଝିପାରିବେ ତାହାର ବ୍ୟବସ୍ଥା କରିବାକୁ ହେବ । ସମାଜବାଦୀ ଚିନ୍ତାଧାରା ଓ ଆଦର୍ଶର ପ୍ରକାଶନ ବ୍ୟାପକ ଭାବରେ କରାଯାଇ ଜନତାଙ୍କ ନିକଟରେ ବିତରଣ କରାଯିବ । ଲେଖାଗୁଡ଼ିକ ଅତ୍ୟନ୍ତ ସରଳ, କଥିତ ଭାଷା ବିଶିଷ୍ଟ ଓ ସ୍ପଷ୍ଟ ହେବା ନିତାନ୍ତ ଆବଶ୍ୟକ । ଜନତା ଯେମିତି ଜନତାଙ୍କ ପାଇଁ ଆର୍ଥିକ ସ୍ୱାଧୀନତା ଆଣିବାକୁ ହେଲେ ରାଜନୈତିକ ଶକ୍ତିଲାଭ କରି ତାହାକୁ କାର୍ଯ୍ୟକାରୀ କରେଇବା ।

ଏଥିରେ କୌଣସି ସନ୍ଦେହ ନାହିଁ ପ୍ରଥମରେ ସର୍ବହରା ଶ୍ରମିକ ଶୋଷିତ ଶ୍ରେଣୀମାନଙ୍କର ଛୋଟ ଛୋଟ ଦାବୀ ଓ ମୌଳିକ ଅଧିକାରଗୁଡ଼ିକ ପାଇଁ ଆମକୁ ଲଢ଼ିବାକୁ ହେବ । ତେଣୁ ଏହି ସଂଗ୍ରାମ ହିଁ ସେମାନଙ୍କୁ ରାଜନୈତିକ ଶକ୍ତିଲାଭ କରିବାରେ ସାହାଯ୍ୟ କରିବା ସହିତ ଶେଷତମ ପୂର୍ଣ୍ଣାଙ୍ଗ ସଂଘର୍ଷ ପ୍ରସ୍ତୁତ କରିପାରିବ । ପାର୍ଟିରେ ଏକ ଅତିରିକ୍ତ ସୈନିକ ବିଭାଗ ମଧ୍ୟ ଗଠନ ହେବା ଦରକାର । ମୁଁ ଏକଥା ଭଲ ଭାବରେ ଜାଣିସାରିଛି ଏ ବିଷୟରେ ମୋର ଭାବନା ଚିନ୍ତାକୁ ଓଲଟା ଭାବରେ ବ୍ୟାଖ୍ୟା ହେବାର ଯଥେଷ୍ଟ ସମ୍ଭାବନା ଅଛି । ଅବଶ୍ୟ ଉପରେ ଦେଖିବାକୁ ଗଲେ ମୁଁ ଜଣେ ଆତଙ୍କବାଦୀ ଭଳି କାମ କରିଛି । କିନ୍ତୁ ମୁଁ ଆତଙ୍କବାଦୀ ନୁହେଁ । ମୁଁ ଜଣେ ବିପ୍ଳବୀ, କ୍ରାନ୍ତିକାରୀ, ଯାହାର ଏକ ଦୀର୍ଘମିଆଦି ସମାଜବାଦୀ କର୍ମସୂଚୀ ଭିତ୍ତିକ ମତାଦର୍ଶ ଅଛି । ସେହି ଆଦର୍ଶ ଉପରେ ହିଁ ବର୍ତ୍ତମାନର ବିଭିନ୍ନ କାର୍ଯ୍ୟସୂଚୀ ଚାଲୁଛି ।

ମୁଁ ଜୋର ଦେଇ କହିପାରେ ମୋର ବିପ୍ଳବୀ ଜୀବନର ଆରମ୍ଭରୁ ଅଳ୍ପ କେତେ ଦିନକୁ ଛାଡ଼ିଦେଲେ ମୁଁ କେବେହେଲେ ଆତଙ୍କବାଦୀ ନଥିଲି କି ବର୍ତ୍ତମାନ ମଧ୍ୟ ନାହିଁ । ମୋର ପୂର୍ଣ୍ଣବିଶ୍ୱାସ ଅଛି ଯେ ଏହି ପଦ୍ଧତିରେ କାମ କରି ଆମେ କିଛି ବି ଅର୍ଜନ କରିପାରିବୁ ନାହିଁ । ହିନ୍ଦୁସ୍ଥାନ ସମାଜବାଦୀ ରିପବ୍ଲିକାନ୍ ପାର୍ଟିର ଇତିହାସରୁ ତାହା ସଂପୂର୍ଣ୍ଣ ସ୍ପଷ୍ଟ ହୋଇଯାଇଛି । ଆମର ସମସ୍ତ କାର୍ଯ୍ୟ ଏହି ଦିଗରେ ହିଁ ପ୍ରେରିତ

ଥିଲା । ଅର୍ଥାତ୍ ବଡ଼ ରାଷ୍ଟ୍ରୀୟ ଆନ୍ଦୋଳନର ସୈନିକ ବିଭାଗ ସ୍ଥାନରେ ନିଜର ପରିଚୟ ସୃଷ୍ଟି କରିବ ।

ତେଣୁ କେହି ଯଦି ମତେ ଭୁଲ୍ ବୁଝିଥାଏ ତେବେ ସେ ନିଜକୁ ସୁଧାରି ନିଅନ୍ତୁ । ମୁଁ ଏକଥା ମଧ୍ୟ କହିବାକୁ ଚାହେଁ ଯେ ବୋମା ଫୋପାଡ଼ି ବା ପିସ୍ତଲ ଫୁଟାଇବା ବେକାର ନୁହେଁ, ବରଂ ଏହାର ବିପରୀତ ଏହା ଲାଭଦାୟକ ହୋଇଥାଏ । କିନ୍ତୁ ମୋର ମତ ଏ ଦିଗରେ ଭିନ୍ନ ପ୍ରକାର ତାହା ହେଲା ବୋମା ଫୋପାଡ଼ିବା କେବଳ ବ୍ୟର୍ଥ ନୁହେଁ ବରଂ ଏହା ଅଧିକ କ୍ଷତିକାରକ ମଧ୍ୟ ହୋଇଥାଏ । ତେଣୁ ପାର୍ଟିର ସୈନିକ ବିଭାଗକୁ ସର୍ବଦା ପ୍ରସ୍ତୁତ ହୋଇ ରହିବାକୁ ହେବ ଯେପରି ପ୍ରକୃତ ସଙ୍କଟ ସମୟରେ ସେମାନେ କାମରେ ଆସିପାରିବେ । ଏହାକୁ ପାର୍ଟିର ରାଜନୈତିକ କାର୍ଯ୍ୟର ସହାୟକ ହିସାବରେ କାମ କରିବାକୁ ହେବ । ସେମାନେ ନିଜେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବେ ନାହିଁ ।

ପାର୍ଟିର କର୍ମୀମାନଙ୍କୁ ବିଭିନ୍ନ ସମୟରେ ସମ୍ମିଳନୀ କରାଇ ସବୁ ବିଷୟରେ ସୂଚନା ଦିଆଯିବ ଏବଂ ସକ୍ରିୟ କରାଯିବ । ଆପଣ ଯଦି ଏହିଭଳି ଭାବରେ କାମ କରିବାକୁ ଚାହାନ୍ତି ତେବେ ଆପଣଙ୍କୁ ଅତ୍ୟନ୍ତ ଗୁରୁତ୍ୱାରୋପପୂର୍ବକ କାମ କରିବାକୁ ପଡ଼ିବ । ତେଣୁ ଏହି କାମ ପୂରା ହେଲାବେଳକୁ ଅନ୍ତତଃ କୋଡ଼ିଏ ବର୍ଷ ଲାଗିଯିବ । ବିପ୍ଳବ ସମ୍ବନ୍ଧୀୟ କାର୍ଯ୍ୟରେ ଯୌବନର ଦଶବର୍ଷରେ ପୂର୍ତ୍ତି ହୋଇଯିବା ସ୍ୱପ୍ନକୁ କାଢ଼ି ଅଲଗା ରଖିଦେବା ଦରକାର । ଠିକ୍ ଯେମିତି ଗାନ୍ଧିଜୀ (ଏକବର୍ଷରେ ସ୍ୱରାଜ୍ୟ)ର ସ୍ୱପ୍ନକୁ କାଢ଼ି ରଖିଦେଇଥିଲେ । ଏଥିପାଇଁ ଏତେଟା ଭାବୁକ ହେବା ଆବଶ୍ୟକ ନୁହେଁ । କାରଣ ଏହା ଆଦୌ ସରଳ କି ସହଜ ନୁହେଁ ।

ନିରବଚ୍ଛିନ୍ନ ଭାବରେ ନିରନ୍ତର ସଂଗ୍ରାମ କରିବା, କଷ୍ଟ ସହିବା ଓ ଆତ୍ମବଳିଦାନ ଭରା ଜୀବନ ବିତାଇଲେ ହିଁ ପ୍ରକୃତ ବୈପ୍ଳବିକ ଆନ୍ଦୋଳନ ସଫଳ ହୋଇପାରିବ । ପ୍ରଥମେ ନିଜର ବ୍ୟକ୍ତିବାଦକୁ ନଷ୍ଟ କରିବା ଦରକାର । ନିଜର ବ୍ୟକ୍ତିଗତ ସୁଖସ୍ୱପ୍ନକୁ ମନରୁ ଦେହରୁ ଉତାରି ଦେଇ ଅଲଗା ରଖିଦେଲା ପରେ ଯାଇ କାମ ଆରମ୍ଭ କରିବାକୁ ହେବ । ପ୍ରତିଦିନ ଇଞ୍ଚଇଞ୍ଚ କରି ଆପଣଙ୍କୁ ଆଗକୁ ଯିବାକୁ ହେବ । ଏଥିପାଇଁ ସାହସ, ଦୃଢ଼ତା ଏବଂ ଅତ୍ୟନ୍ତ ଶକ୍ତ ମନୋଭାବର ଆବଶ୍ୟକତା ଅଛି । ଯେତେ ଭୀଷଣ କଷ୍ଟ କଠିନ ପରିସ୍ଥିତି ସୃଷ୍ଟି ହେଉ ନା କାହିଁକି ସେଥିରେ ଆପଣଙ୍କର ସଂକଳ୍ପ ଯେମିତି ଡ଼ଗମଗେଇବ ନାହିଁ । କୌଣସି ପ୍ରକାର ପରାଜୟ, ବିଶ୍ୱାସଘାତକତା ଆପଣଙ୍କ ହୃଦୟକୁ ଆହତ କରିପାରିବ ନାହିଁ । କେତେବଡ଼ ସଙ୍କଟ, ଦୁଃଖଯନ୍ତ୍ରଣା

ଆସୁ ନା କାହିଁକି ଆପଣଙ୍କର ବୈପ୍ଲବିକ ପ୍ରେରଣା, ଉତ୍ସାହ ଯେମିତି ଊଣା ହୋଇନଯାଏ, ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ଅକଥନୀୟ କଷ୍ଟ ସହିବା ଓ ବଳିଦାନ ଦେବାର ସଂକଳ୍ପରୁ ହିଁ ଆପଣ ପ୍ରକୃତରେ ସଫଳତା ପାଇବେ । ଏହି ବ୍ୟକ୍ତିଗତ ସଫଳତା ହିଁ ବିପ୍ଳବର ଅମୂଲ୍ୟ ସଂପତ୍ତି ହେବ ।

କଂଗ୍ରେସ ଆନ୍ଦୋଳନର ସମ୍ଭାବନା, ପରାଜୟ ଓ ବିଭିନ୍ନ ଅନୁଭୂତିରୁ ଆମେ କୌଣସି ଭ୍ରାନ୍ତି ଭିତରେ ରହିବା ଉଚିତ ନୁହେଁ । ଆଜି ଯେଉଁ ସ୍ୱାଧୀନତା ଆନ୍ଦୋଳନ ଚାଲିଛି ତାକୁ ଗାନ୍ଧୀବାଦ କହିବା ବେଶି ଯୁକ୍ତିଯୁକ୍ତ ହେବ । ଏହି ଆନ୍ଦୋଳନ ଦୃଢ଼ତାର ସହିତ ସ୍ୱାଧୀନତାର ପକ୍ଷ ନେଉନାହିଁ, ବରଂ ସରକାର ସାଙ୍ଗରେ ଭାଗୀଦାରି ହୋଇ ରହିବାକୁ ଚାହୁଁଛି । 'ପୂର୍ଣ୍ଣ ସ୍ୱାଧୀନତା'ର ଅଦ୍ଭୁତ ଅର୍ଥ ବାହାର କରାଯାଉଛି । ଏହାର ଶୈଳୀ ମଧ୍ୟ ଅପୂର୍ବ । କିନ୍ତୁ କ'ଣ କରାଯିବ ଏସବୁ ଲୋକମାନଙ୍କର କିଛି କାମରେ ଆସିବ ନାହିଁ ।

'ସାବରମତିର ସନ୍ଥ'ଙ୍କୁ ତାଙ୍କର 'ଗାନ୍ଧୀବାଦ' କୌଣସି ସ୍ଥାୟୀ ଶିଷ୍ୟ ଦେଇପାରିବ ନାହିଁ । କଂଗ୍ରେସ ଗୋଟିଏ ମଝିଆମଝି ଦଳ ଅର୍ଥାତ୍ ଉଦାରତା ଓ ସହିଷ୍ଣୁତାର ସହିତ ମିଶିମାଣି କାମ କରୁଛି । ପ୍ରକୃତ ସୁଯୋଗର ଠିକଣା ଉପଯୋଗ କରିବାରେ ଏମାନଙ୍କୁ ଲାଜ ଲାଗେ । ଏହାକୁ ଚଳାଉଥିବା ଦେଶର ଏମିତି ଲୋକମାନେ ଏହି ଦଳରେ ଅଛନ୍ତି ଯେଉଁମାନେ ନିଜ ସ୍ୱାର୍ଥ ପାଇଁ ନିଜର ବୁର୍ଜୁଆ ଜିଦ୍ ଧରି ମାଡ଼ି ବସିଛନ୍ତି । ସେଥିପାଇଁ ଯଦି ବିପ୍ଳବୀ ଗରମରକ୍ତର ଉଦ୍ଦାମଉଷ୍ମତା ଏଥିରେ ମିଶିବ ନାହିଁ ତେବେ ଏହାର ଉତ୍ସାହ ମରିଯିବ, ଏଥିରେ ସନ୍ଦେହ ନାହିଁ । ତେଣୁ କଂଗ୍ରେସ ଦଳକୁ ଏହାର ବନ୍ଧୁମାନଙ୍କ କବଳରୁ ବଞ୍ଚାଇବାକୁ ପଡ଼ିବ । ଆତଙ୍କବାଦ ସଂପର୍କରେ ମୁଁ ଆପଣମାନଙ୍କର ପ୍ରଶ୍ନର ଉତ୍ତର ଏହିଭଳି ଭାବରେ ଦେଉଛି । ୧୯୦୫ରୁ ବମ୍ ଫିଙ୍ଗିବା ରାସ୍ତା ଆପଣେଇ ନେଇଥିଲେ ମଧ୍ୟ ବିପ୍ଳବୀମାନଙ୍କର ଆଭିମୁଖ୍ୟ ପ୍ରତି ଯେଉଁ ଦୁର୍ଭାଗ୍ୟପୂର୍ଣ୍ଣ ମନ୍ତବ୍ୟ ପ୍ରଦାନ କରାଯାଉଛି ତାହା ଅତ୍ୟନ୍ତ ଦୁଃଖଦାୟକ । ଆତଙ୍କବାଦ ଆମ ସମାଜର ବୈପ୍ଳବିକ ଚିନ୍ତନର ଅଭାବବୋଧର ଅଭିବ୍ୟକ୍ତି ମାତ୍ର । ଏକ ଅନୁତାପ ଛଡ଼ା କିଛି ନୁହେଁ । ଅବଶ୍ୟ ଆରମ୍ଭ ହେଲାବେଳେ ଏହାଦ୍ୱାରା କିଛି ଲାଭ ହୋଇଥିଲା । ଯୁବ ବୁଦ୍ଧିଜୀବୀମାନଙ୍କର ଚିନ୍ତାକୁ ଚମକାଇ ଦେଇଥିଲା । ଆତ୍ମତ୍ୟାଗ ଭାବନାକୁ ଏକ ଜ୍ୱାଳାମୟ ରୂପ ପ୍ରଦାନ କରିଥିଲା । ସମାଜ ଆଗରେ ଶତ୍ରୁଆଗରେ ନିଜର ଆନ୍ଦୋଳନର ସତ୍ୟତା ଓ ଶକ୍ତିକୁ ପ୍ରଦର୍ଶନ କରିବାକୁ ସୁଯୋଗ ପାଇଥିଲା । କିନ୍ତୁ ଏହା ସ୍ୱୟଂସମ୍ପୂର୍ଣ୍ଣ ଦିଶା ନୁହେଁ । ସବୁଦେଶରେ ଆତଙ୍କବାଦର

ଇତିହାସ ଅସଫଳତାରେ ହିଁ ବ୍ୟକ୍ତ ହୋଇଛି । ଫ୍ରାନ୍ସ, ଋଷିଆ, ଜର୍ମାନୀ, ସ୍ପେନ୍ ପ୍ରଭୃତି ଦେଶରେ ଏହି ଅସଫଳତାର କାହାଣୀ ବାରମ୍ବାର ଦୋହରାଯାଇଛି ।

ସାମ୍ରାଜ୍ୟବାଦୀମାନେ ଭଲଭାବରେ ଜାଣି ସାରିଛନ୍ତି ତିରିଶ କୋଟି ଲୋକଙ୍କୁ ଶାସନ କରିବାକୁ ହେଲେ ପ୍ରତିବର୍ଷ ତିରିଶିଜଣ ବ୍ୟକ୍ତିଙ୍କୁ ବଳିଦାନ ନାମରେ ମରାଯାଇପାରିବ । ଶାସନ କରିବାର ସ୍ୱାଦ ବୋମା କିମ୍ବା ପିସ୍ତଲରେ ଯେତେହେବନି ସେତିକି ଶୋଷଣର ଲାଭ ଦ୍ୱାରା ଆହୁରି ରକ୍ତମୁଖା କରାଯାଇପାରିବ । ଆମକୁ ଆମର ଆଶାନୁରୂପ ଅସ୍ତ୍ରଶସ୍ତ୍ର ମିଳିଗଲେ ଆମେ ଆହୁରି ବ୍ୟାପକ ଭାବରେ ଲଢ଼ିବାର ସୁଯୋଗ ପାଇପାରିବା, ଏବଂ ଅଧିକ ପରିମାଣରେ ସାମ୍ରାଜ୍ୟବାଦୀ ଶାସକଗୋଷ୍ଠୀଙ୍କୁ ଆମେ ଏକ ସ୍ଥିର ବୁଝାମଣା ଆଡ଼କୁ ଟାଣି ଆଣିବା ସୁବିଧାଜନକ ହୋଇପାରେ ।

କିନ୍ତୁ ଏହାଦ୍ୱାରା ଆମର ଉଦ୍ଦେଶ୍ୟ, ପୂର୍ଣ୍ଣ ସ୍ୱାଧୀନତାଠାରୁ ବହୁ ଦୂରକୁ ଚାଲିଯିବ । ଏହି ପ୍ରକାର ଆତଙ୍କବାଦ ଶେଷରେ ଯାଇ ଏକ ବୁଝାମଣା, ରାଜିନାମାରେ ପରିଣତ ହୋଇ ଆମର ସମସ୍ତ ଲକ୍ଷ୍ୟର ରସକୁ ନିଗାଡ଼ି ଦେବ । ଯାହାକି ବର୍ତ୍ତମାନର ଗାନ୍ଧୀବାଦ ତାହା କରିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛି । ଗାନ୍ଧୀବାଦ ଚାହୁଁଛି ଦିଲ୍ଲୀର ଶାସନ ଗୋରାମାନଙ୍କ ହାତରୁ ଯାଇ ଭାରତୀୟମାନଙ୍କ ହାତରେ ପଡ଼ିଯାଉ । କିନ୍ତୁ ଏହି ଶାସନ ଲୋକମାନଙ୍କ ଜୀବନରୁ ଜୀବିକାରୁ ବହୁତ ଦୂରରେ ଅଛି ଏବଂ ଏହାର ଶାସନଗଦି ଉପରେ ବସିଲା କ୍ଷଣି ଅତ୍ୟାଚାରୀ ହୋଇଯିବାର ସମ୍ଭାବନା ରହିଛି ।

ଆଇରିଶ ଆନ୍ଦୋଳନରୁ ଆମକୁ ବହୁତ ଶିଖିବାର ଅଛି । ସେମାନେ ବନ୍ଧୁକ ମୂନରେ ସ୍ୱାଧୀନତା ପାଇଲେ ସତ, କିନ୍ତୁ ତାହା ଆର୍ୟଲାଣ୍ଡର ଜନତାଙ୍କୁ ଶ୍ରମିକ ଶ୍ରେଣୀଙ୍କୁ ପୁଂଜିପତିମାନଙ୍କର ଜାଲରୁ ରକ୍ଷା କରିପାରିଲା ନାହିଁ । ଏହା ଏକ ଚେତାବନୀ ଭାବରେ ଆମକୁ ଚେତାଇ ଦେଇଛି ଯେ କେବଳ ବୈପ୍ଲବିକ ସାମାଜିକ ଆଦର୍ଶବାଦୀ ରାଷ୍ଟ୍ରବାଦକୁ ନେଇ ଆମେ ସାମ୍ରାଜ୍ୟବାଦୀ ଚାଲିପକା ବୁଝାମଣା ଭିତରକୁ ଟାଣି ହୋଇ ଯିବୁ ସିନା, ସାମୂହିକ ବିପ୍ଳବର ଆଶା ସେଥିରେ ଫଳବତି ହୋଇପାରିବ ନାହିଁ । ଅବଶ୍ୟ ଗୋଟିଏ ଦିଗରୁ ଗାନ୍ଧୀବାଦ ଭାବବାଦୀ ଚିନ୍ତାଧାରା ଦ୍ୱାରା ପରିଚାଳିତ ହୋଇ ମଧ୍ୟ ବିପ୍ଳବୀ ଚିନ୍ତାଧାରାର ନିକଟବର୍ତ୍ତୀ ହେବାର ଚେଷ୍ଟା କରିଛି । କାରଣ ତାହା ସମସ୍ତଙ୍କୁ ସଙ୍ଗରେ ନେଇ କାମ କରିବା ଉପରେ ନିର୍ଭର କରେ । ଯଦିଓ ଏହି କାମ ସମସ୍ତଙ୍କ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ନୁହେଁ । ସେ ଶ୍ରମିକମାନଙ୍କୁ ଆନ୍ଦୋଳନ ଭିତରକୁ ଟାଣି ଆଣି ସେମାନଙ୍କୁ ବିପ୍ଳବର ରାସ୍ତା ଦେଖାଇଛନ୍ତି ।

ଏକଥା ଅଲଗା ହୋଇପାରେ କେତେକ ଶ୍ରମିକମାନଙ୍କର ସ୍ୱାର୍ଥ ତାଙ୍କର

କର୍ମସୂଚୀରେ ଅଛି । ବିପ୍ଲବୀମାନେ 'ଅହିଂସାର ପୂଜାରୀ' ମହାତ୍ମାଗାନ୍ଧୀଙ୍କୁ ତାଙ୍କର ଯୋଗ୍ୟ ସ୍ଥାନ ଦେବା ଉଚିତ ।

ହତାଶ ସମୟରେ ଆତଙ୍କବାଦ ପ୍ରଚାର ଅଭିଯାନର ସହାୟକ ହୋଇପାରେ, କିନ୍ତୁ ଏହା ଫୋଟକା ଫୁଟାଇବା ଛଡ଼ା କିଛି ନୁହେଁ । ଅବଶ୍ୟ ଏକଥା କହିବାର କୌଣସି ପ୍ରୟୋଜନ ନାହିଁ ଯେ ମୁଁ ଆତଙ୍କବାଦଠାରୁ ସଂପୂର୍ଣ୍ଣ ସଂପର୍କ ଛିନ୍ନ କରିନାହିଁ। ମୁଁ ଶ୍ରମିକ ବିପ୍ଲବର ଦୃଷ୍ଟିକୋଣରୁ ଏହାର ମୂଲ୍ୟାୟନ ଚାହିଁଛି ।

ବିପ୍ଲବ ଶବ୍ଦର ଅର୍ଥ ହେଉଛି ଜନଗଣଙ୍କର ସ୍ୱାର୍ଥରେ ଜନଗଣଙ୍କୁ ନେଇ ଶକ୍ତି ଅର୍ଜନ କରିବା । ବାସ୍ତବରେ ଏଇଟା ହିଁ ବିପ୍ଲବ-ବାକି ସବୁ ବିଦ୍ରୋହ ଯାହା କେବଳ ମାଲିକଙ୍କୁ ପରିବର୍ତ୍ତନ କରିଥାଏ । ପୁଞ୍ଜିବାଦ ଅନ୍ଧଗଳିରେ ମଣିଷକୁ ଟାଣିନିଏ । ଆମେ ଭାରତରେ ଭାରତୀୟ ଶ୍ରମିକମାନଙ୍କର ଶାସନଛଡ଼ା ଅନ୍ୟ କିଛି ଚାହୁଁନାହୁଁ । ସାମ୍ରାଜ୍ୟବାଦୀମାନଙ୍କୁ କ୍ଷମତାରୁ ହଟାଇବାର ଏକମାତ୍ର ହତିଆର ହେଉଛି ଶ୍ରମିକ ବିପ୍ଲବ । ଲେନିନ୍‌ଙ୍କର ସଫଳ ବିପ୍ଲବର କର୍ମସୂଚୀ ଖସଡ଼ା ଯେପରି ଥିଲା ସେହି ସର୍ତ୍ତଗୁଡ଼ିକୁ ମଧ୍ୟ ଆମ ବିପ୍ଲବରେ ସାମିଲ କରିବାକୁ ପଡ଼ିବ । ସେଗୁଡ଼ିକ ହେଲା- (୧) ରାଜନୈତିକ ଆର୍ଥିକ ପରିସ୍ଥିତି ।(୨) ଜନଗଣଙ୍କ ମନରେ ବିଦ୍ରୋହର ଭାବନା ।(୩) ଏକ ବିପ୍ଳବୀ ପାର୍ଟି, ଯାହା ସଂପୂର୍ଣ୍ଣ ଭାବରେ ପ୍ରଶିକ୍ଷିତ ହୋଇ ପରୀକ୍ଷା ସମୟରେ ଜନତାଙ୍କୁ ନେତୃତ୍ୱ ଦେଇପାରିବ ।

ଏହି ଦୃଷ୍ଟିରୁ ଭାରତରେ ପ୍ରଥମ ସର୍ତ୍ତ ପୂରଣ ହୋଇଛି । ଦ୍ୱିତୀୟ ଓ ତୃତୀୟ ସର୍ତ୍ତ ପୂରଣର ଚରମ ମୁହୂର୍ତ୍ତ ପାଇଁ ଅପେକ୍ଷା କରିଛି । ପ୍ରଥମ ହେଲା ବୁନିଆଦିକାମ:- କର୍ମୀମାନଙ୍କ ସମ୍ମୁଖରେ ସବୁଠାରୁ ବଡ଼ ଦାୟିତ୍ୱ ହେଲା ଜନତାଙ୍କୁ ସଂଗ୍ରାମ କାର୍ଯ୍ୟ ପାଇଁ ପ୍ରସ୍ତୁତ କରାଇ ଐକ୍ୟବଦ୍ଧ କରିବା । ଆମମାନଙ୍କର ଅନ୍ଧବିଶ୍ୱାସ, ଧାର୍ମିକ ଆବେଗିକତା ଅଥବା ନିରପେକ୍ଷତା ଭିତ୍ତିକ ଆଦର୍ଶ ନେଇ ଖେଳିବା ଉଚିତ ନୁହେଁ । ଜନତାଙ୍କୁ କେବଳ ଭାତ, ପିଆଜ, ଲୁଣର ପ୍ରତିଶ୍ରୁତି ମଧ୍ୟ ଆମେ ଦେବୁ ନାହିଁ । ଆମର ବକ୍ତବ୍ୟ ସଂପୂର୍ଣ୍ଣ ଏବଂ ସ୍ପଷ୍ଟ ହେବ । ଆମେ ସିଧାସଳଖ ସତ୍ୟ ସ୍ପଷ୍ଟଭାବରେ କହିବୁ । ଆମେ କେବେହେଲେ ସେମାନଙ୍କ ମନରେ ବିଭ୍ରାନ୍ତିର ଜାଲ ବିଛାଇବାକୁ ଦେବୁନାହିଁ । ବିପ୍ଳବ ଜନଗଣଙ୍କର ପାଇଁ ଉଦ୍ଦିଷ୍ଟ ହେବ । ସ୍ପଷ୍ଟ ଭାବରେ ଏଭଳି ନିର୍ଦ୍ଦେଶ ଦିଆଯିବ ଯାହା ହେବ..... (୧) ସାମନ୍ତବାଦର ସମାପ୍ତି । (୨) କୃଷକର ଋଣ ସମାପ୍ତ କରିବା (୩) ବିପ୍ଳବୀ ରାଷ୍ଟ୍ରପକ୍ଷରୁ ଜମିର ଜାତୀୟକରଣ ଯେପରି ସଂସ୍କାର ମାଧ୍ୟମରେ ଯୌଥ ଚାଷର ବ୍ୟବସ୍ଥାରେ ପରିବର୍ତ୍ତିତ ହେବ । (୪) ରହିବା

ପାଇଁ ବାସଗୃହର ଗ୍ୟାରେଣ୍ଟି । (୫) କୃଷକମାନଙ୍କଠାରୁ ବିଭିନ୍ନ ଅର୍ଥ ଆଦାୟ ବନ୍ଦ କରିବା । କେବଳ ମାତ୍ର ଏକକାଳୀନ ଭୂମିକର ନେବାକୁ ହେବ । (୬) କାରଖାନାର ଜାତୀୟକରଣ ଓ ଦେଶସାରା କାରଖାନା ନିର୍ମାଣ କରିବା । (୭) ସାର୍ବଜନୀନ ଶିକ୍ଷା (୮) ପ୍ରୟୋଜନ ଅନୁସାରେ କାମର ସମୟ କମାଇବା ।

ଜନତା ଏହିସବୁ କାର୍ଯ୍ୟକ୍ରମ ଆରମ୍ଭ କଲେ ନିଶ୍ଚୟ ରାଜି ହେବେ । ବର୍ତ୍ତମାନ ସବୁଠାରୁ ଜରୁରୀ ହେଉଛି ଆମେ ଯାଇ ଲୋକଙ୍କ ପାଖରେ ପହଞ୍ଚିବା । ସାଧାରଣ ଜନତାଙ୍କ ଆଗରେ ବୁଦ୍ଧିଜୀବୀମାନଙ୍କର ଉଦାସୀନତା ଓ ଶିକ୍ଷିତ ବିପ୍ଳବୀମାନଙ୍କର କ୍ରୋଧ ଏକପ୍ରକାର ପ୍ରାଚୀର ଭଳି ଛିଡ଼ା ହୋଇଛି । ସେଥିପାଇଁ ବିପ୍ଳବୀ କର୍ମୀମାନଙ୍କୁ ପ୍ରଥମେ ଏହି ପ୍ରାଚୀରକୁ ହଟାଇବାକୁ ଉଦ୍ୟମ କରିବାକୁ ପଡ଼ିବ । ଏହି ଲକ୍ଷ୍ୟ ନେଇ କାମ କରିବାକୁ ହେଲେ ପାଞ୍ଚଦଫା କାମକୁ ଆପଣେଇବାକୁ ପଡ଼ିବ ।

(୧) କଂଗ୍ରେସର ମଞ୍ଚକୁ ବ୍ୟବହାର କରିବା ।

(୨) ଟ୍ରେଡ୍ ୟୁନିୟନ୍‌ଗୁଡ଼ିକୁ ଦଖଲ କରିବା ଏବଂ ନୂଆ ୟୁନିୟନ୍ ଓ ସଂଗଠନଗୁଡ଼ିକୁ ସଂଗ୍ରାମ ଜରିଆରେ ଐକ୍ୟବଦ୍ଧ କରିବା ।

(୩) ରାଜ୍ୟଗୁଡ଼ିକୁ ୟୁନିୟନଭୁକ୍ତ କରି ଉପରୋକ୍ତ ବକ୍ତବ୍ୟ ଭିତ୍ତିରେ ସଂଗଠିତ କରିବା ।

(୪) ବିପ୍ଳବୀମାନଙ୍କର ସକ୍ରିୟ କର୍ମୀମାନଙ୍କର ପ୍ରଧାନ ଦାୟିତ୍ୱ ହେଉଛି ଜନତାଙ୍କ ନିକଟରେ ପହଞ୍ଚିବା ଓ ସେମାନଙ୍କୁ ପ୍ରକୃତ ସମସ୍ୟା ଓ ଉଦ୍ଦେଶ୍ୟ ସଂପର୍କରେ ଭଲଭାବରେ ବୁଝାଇବା । (୫) ସ୍ଥାନୀୟ ସମିତି, ଶ୍ରମିକ ଓ ବୁଦ୍ଧିଜୀବୀ ମାନଙ୍କର ୟୁନିୟନ ପ୍ରତ୍ୟେକ ସ୍ଥାନରେ ସ୍ଥାପନ କରିବା ।

ମୁଁ ଆଉ ଗୋଟିଏ କଥା ଆପଣଙ୍କୁ ଏଠାରେ କହିବାକୁ ଚାହୁଁଛି ବିପ୍ଳବ ଉଦ୍ୟୋଗୀ, ଚିନ୍ତାବିତ୍ ଓ ପରିଶ୍ରମୀ କର୍ମୀମାନଙ୍କର ଅସାଧାରଣ ଉତ୍ସର୍ଗୀକୃତ କାର୍ଯ୍ୟର ଫଳ । ଦୁର୍ଭାଗ୍ୟବଶତଃ ଭାରତୀୟ ବିପ୍ଳବର ବୌଦ୍ଧିକ ପକ୍ଷ ସର୍ବଦା ଦୁର୍ବଳ ରହିଛି । ଏଥିପାଇଁ ବିପ୍ଳବର ଅତ୍ୟାବଶ୍ୟକୀୟ ବିଷୟ ଓ ତା'ର ପ୍ରଭାବ ସଂପର୍କରେ ଦୃଷ୍ଟି ଦେବା ସହଜ ହୁଏ ନାହିଁ । ଜଣେ ବିପ୍ଳବୀ ପାଇଁ ଅଧ୍ୟୟନ ଓ ଗବେଷଣା ଏକ ପବିତ୍ର ଦାୟିତ୍ୱ ହେବା ଆବଶ୍ୟକ ।

ପାର୍ଟିକୁ ସଶକ୍ତ ହୋଇ ଦାୟିତ୍ୱସଂପନ୍ନ କାର୍ଯ୍ୟ କରିବାକୁ ପଡ଼ିବ । ସେଥିପାଇଁ ପାର୍ଟିର ସ୍ଥାନୀୟ ସମିତି, ପ୍ରାନ୍ତୀୟ ବୋର୍ଡ଼ ଓ ସର୍ବୋଚ୍ଚ ସୁପ୍ରିମ କାଉନସିଲ୍ ଗଠନ ହେବା ଦରକାର । ସମସ୍ତ ସ୍ଥାନୀୟ ସମିତି ପରସ୍ପର ସହିତ ସଂପର୍କ ରଖୁଥିବେ । ସମିତି ଛୋଟ, ସଂଯୁକ୍ତ ଓ ସୁଦକ୍ଷ ହେବ । ସମିତିର ଜଣେ ଲେଖାଏଁ ସଦସ୍ୟ ରହିବେ ।

ସଂଗଠନ ଭିତରେ ସାଧାରଣ ସମିତି, ବିତ୍ତ ସମିତି, କାର୍ଯ୍ୟକାରୀ ସମିତି, ଆକସନ୍ ସମିତି, ମହିଳା ସମିତି ଗଠନ ହେବ । ମହିଳାମାନଙ୍କୁ ବିପ୍ଳବୀ ଭାବରେ ପ୍ରଶିକ୍ଷିତ କରାଯିବ ଏବଂ ସେମାନଙ୍କୁ ପାର୍ଟି ଭିତରେ ପ୍ରତ୍ୟକ୍ଷ ସେବା ନିମନ୍ତେ ସକ୍ରିୟ ସଦସ୍ୟତା ମଧ୍ୟ ଦିଆଯିବ ।

ତେଣୁ ଉପରୋକ୍ତ କର୍ମସୂଚୀରୁ ଏହା ସ୍ପଷ୍ଟ ଯେ ବିପ୍ଳବ ଅଥବା ସ୍ୱାଧୀନତା ପାଇଁ କୌଣସି ସହଜ ରାସ୍ତା ନାହିଁ । ଏହା କୌଣସି ସୁନ୍ଦରୀ ଭଳି ସକାଳେ ଆସି ଆମକୁ ଦର୍ଶନ ଦେବନାହିଁ । ଆଉ ଯଦି ତାହା ହୁଏ, ତେବେ ତାହା ଏକ ଭୟାନକ ଦିନ ହେବ । ବୁନିଆଦି କାମ ବ୍ୟତୀତ, ସଂଗ୍ରାମୀ ଜନଗଣଙ୍କ ଛଡ଼ା ବିପ୍ଳବ ପାଇଁ ସବୁପ୍ରକାର ପ୍ରସ୍ତୁତି ସମ୍ପନ୍ନ ପାର୍ଟି ବ୍ୟତୀତ ତାହା ସଫଳ ହେବନାହିଁ । ସେଥିପାଇଁ ଆମ ନିଜକୁ ଆଲୋଡ଼ିତ କରିବାକୁ ହେବ । ଆମକୁ ସବୁ ସମୟରେ ମନେ ରଖିବାକୁ ହେବ ଯେ ପୁଂଜିବାଦ ବ୍ୟବସ୍ଥା ସଙ୍କଟଗ୍ରସ୍ତ ଓ ଏହା ଧ୍ୱଂସ ଦିଗରେ ଆଗେଇ ଚାଲିଛି । ଆମକୁ ଖୁବ୍ ଶୀଘ୍ର ପ୍ରସ୍ତୁତ ହେବାକୁ ପଡ଼ିବ ଯେପରି ୨/୩ ବର୍ଷ ମଧ୍ୟରେ ଆମେ ପ୍ରସ୍ତୁତ ହୋଇପାରିବା । ନଚେତ୍ ଏପରି ସଙ୍କଟ ଆସିବ ଯେ ତାକୁ ସମ୍ଭାଳିବାକୁ ଆମେ ଜାରତିଆର ହୋଇନଥିବା । Longlive Revolution ।''

'ବିପ୍ଳବୀର କର୍ମସୂଚୀ ଖସଡ଼ା' ସଂପର୍କରେ ମୋର ସାଥୀମାନଙ୍କ ସହିତ ଜେଲ୍‌ରେ ବହୁତଥର ଆଲୋଚନା ହୋଇଥିଲା । ସମସ୍ତେ ତାହାର କାର୍ଯ୍ୟକାରୀ ଦିଗକୁ ପସନ୍ଦ କରିଥିଲେ । ସମ୍ବାଦପତ୍ରରେ ଏହା ପ୍ରକାଶ ପାଇବା ପରେ ଜନମତର ପ୍ରତିକ୍ରିୟା ମଧ୍ୟ ବେଶ୍ ସହଯୋଗୀ ଓ ସକାରାତ୍ମକ ହୋଇଥିଲା । କିନ୍ତୁ ମତେ ଭାରି ଦୁଃଖ ଲାଗୁଥିଲା ସମୟ ଯେ ସରିସରି ଆସୁଛି । କେମିତି ମୋ ପ୍ରିୟ ମାତୃଭୂମି ! ବିଦେଶୀ କବଳରୁ ମୁକ୍ତି ପାଇବ, କେମିତି ମୋର ତିରିଶକୋଟି ବୁଭୁକ୍ଷୁ ଜନସାଧାରଣ ସ୍ୱାଭିମାନ, ସମ୍ମାନ, ସ୍ୱାଧୀନ ଭାବରେ ବଞ୍ଚିବାର ସୁଯୋଗ ପାଇବେ । ଖାଇବାକୁ ମୁଠେ ଭାତ, ରୁଟି ଦିଖଣ୍ଡ, ପିନ୍ଧିବାକୁ ବସ୍ତ୍ର, ରହିବାକୁ ଘର, ରୋଜଗାର ପାଇବେ ଏକଥା ଭାବିଭାବି ମତେ ରାତିରେ ନିଦ ହୁଏନି । ମୋ ପ୍ରିୟ ଜନ୍ମଭୂମିର ଆପଣାର ଲୋକଙ୍କର ଶୁଖିଲା ମୁହଁ, ପେଚୁଆ ଆଖି, ଭୋକିଲା ପେଟ ମତେ ସବୁବେଳେ ଅଥୟ ଆକୁଳ କରିଦେଉଥାଏ । ମୋର ମନହେଉଥାଏ ଜେଲର ପାଚେରି ଭାଙ୍ଗି ଦିଅନ୍ତି କି ? ସବୁ ସ୍ୱାଧିକାର ଇଂରେଜ ସରକାର ହାତରୁ ଛଡ଼ାଇ ନିଅନ୍ତି କି ? ଆଉ ମୋ ଲୋକମାନଙ୍କ ମଧ୍ୟରେ ବାଣ୍ଟି ଦିଅନ୍ତି ଯେତେସବୁ ବଞ୍ଚିବାର ମୌଳିକ ଅଧିକାର, ଯେତେସବୁ ପୂରନ୍ତା ସ୍ୱପ୍ନ ।

ସେଦିନ ଥିଲା ମାର୍ଚ୍ଚ ୩ ତାରିଖ ୧୯୩୧ ମସିହା । ମୋର ପରିବାର ସହିତ ଶେଷ ସାକ୍ଷାତକାର । ସେଦିନ ମତେ ଦେଖା କରିବାକୁ ଆସିଥିଲେ ପିତାଜୀ, ବେବେଜୀ (ମା), ଦାଦାଜୀ, ଭାଇ କୁଲ୍‌ବୀର, କୁଲ୍‌ତାର ଓ ଖୁଡ଼ୀମାନେ । ଦାଦାଜୀ ମତେ ଛୋଟ ପିଲାଟିଏ ଭଳି କୁଣ୍ଢାଇ ପକାଇଲେ । ପିଲାଦିନେ ମତେ ଯେମିତି ଗେଲ କରୁଥିଲେ, କାନ୍ଧରେ ବସାଇ ବୁଲାଉଥିଲେ, ହାତ ଧରି ନେଇ ଯାଉଥିଲେ ସବୁ ମନେପଡୁଥିଲା । ମୋର ଦାଦାଜୀ ସର୍ଦ୍ଦାର ଅର୍ଜୁନ ସିଂହ ମଧ୍ୟ ନିଜେ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ । ତାଙ୍କର ସବୁ ପୁଅମାନେ ଦେଶର ସ୍ୱାଧୀନତା ପାଇଁ ଲଢୁଥିଲେ । ମତେ କୁଣ୍ଢାଇ ଦାଦାଜୀ ବହୁତ କାନ୍ଦିଲେ । ତା'ପରେ ନିଜକୁ ସମ୍ଭାଳି ନ ପାରି ଟିକେ ଦୂରରେ ଯାଇ ଠିଆ ହେଲେ । ମତେ ବି ଭାରି କାନ୍ଦ ଲାଗୁଥିଲା । ମୁଁ ସେମିତି ଲୁହବୋଳା କଣ୍ଠରେ ମାଆଙ୍କୁ କହିଲି, 'ବେବେଜୀ ! ମୋ ଦାଦାଜୀ ବୁଢ଼ା ହୋଇଯାଉଛନ୍ତି । ସେ ବେଶିଦିନ ଆଉ ବଞ୍ଚିବେନି । ତାଙ୍କର ଭଲ ଭାବରେ ଯତ୍ନ ସବୁଦିନେ ନେବାକୁ ପଡ଼ିବ । ତମକୁ ସବୁବେଳେ ଦେଖିବାକୁ ହେବ । ହଁ ଆଉଗୋଟେ କଥା ବେବେ ! ମୋର ମୃତଦେହକୁ ତମେମାନେ ନେବ ନାହିଁ । କୁଲ୍‌ବୀରକୁ ଏସବୁ କାମ କରିବାକୁ ଦିଅ । ମୁଁ ଜାଣିଛି, ତମେ ମତେ ମରିବାର ଦେଖି ମୋର ଶବକୁ ଦେଖି ସହିପାରିବନି । ତମେ ଲୋକମାନଙ୍କୁ ଆଦୌ ସୁଯୋଗ ଦିଅନି ଯେ, ହେଇ ଭଗତ ସିଂହର ମା କାନ୍ଦୁଛନ୍ତି ବୋଲି କହିବା ପାଇଁ । ମା' ମୋ କଥା ଶୁଣି ସତକୁ ସତ କାନ୍ଦିବାରେ ଲାଗିଲେ । ମୁଁ ହସି ହସି ଏକଥା କହିଥିଲି ! ପିତାଜୀ, ବେବେଜୀ, ଭାଇ କୁଲ୍‌ବୀର, କୁଲତାର ଓ ଖୁଡ଼ୀମାନଙ୍କୁ ମୁଁ ଶେଷଥର ପାଇଁ କୋଳେଇ ନେଇଥିଲି । ମୁଁ ଦାଦାଜୀଙ୍କ ହାତରୁ ମୋର ପ୍ରିୟ ମିଠା ରସଗୋଲା ଖାଇ ସାରିଥିଲି । ମୁଁ ଯେତେ ନିଜକୁ ସାଧାରଣ ଭାବରେ ବ୍ୟକ୍ତ କରିବାକୁ ଚାହୁଁଥିଲି ସେତିକି ମୋର ପରିବାରର ସଦସ୍ୟମାନେ ଲୁହ ଛଳଛଳ, ଥମ୍‌ଥମ୍, ବିଷର୍ଣ୍ଣ... ବିଷର୍ଣ୍ଣ ଦେଖାଯାଉଥିଲେ ।

ଜେଲର କର୍ମଚାରୀମାନେ ମୋର ପରିବାର ସହିତ ମିଳନର ଏ ଅପୂର୍ବ ଦୃଶ୍ୟ ଦେଖୁଥିଲେ । ପୂର୍ବରୁ ସେମାନେ କ୍ରମଶଃ ମତେ ଓ ମୋର ସାଙ୍ଗମାନଙ୍କୁ ଭଲ ପାଇବାକୁ ଆରମ୍ଭ କରିସାରିଥିଲେ । ଆମର ଅସମୟରେ ବିଦାୟ ସେମାନଙ୍କୁ ଭଲ ଲାଗୁନଥିଲା । ଆମପାଇଁ ଦଣ୍ଡାଦେଶ କିଛିଟା କୋହଳ ହୋଇଯାଉ ବୋଲି ସେମାନେ ପ୍ରାର୍ଥନା କରୁଥିଲେ ।

ସେଦିନ ମୋର ସାନଭାଇ କୁଲ୍‌ତାରକୁ ଶେଷ ଚିଠିଟା ଲେଖିଲାବେଳେ ସେ

ଗଜଲଟା ମୋର ଭାରି ମନେ ପଡୁଥିଲା....''ଉସେ ୟହ ଫିକ୍ର ହେ ହରଦମ ନୟା ତର୍ଜେ-ଦଫା କ୍ୟା ହେ/ ହମେ ୟହ୍ ଶୌକ ହେ ଦେଖେ ସିତମ୍ କି ଇନ୍ତହା କ୍ୟା ହେ/ ଦହର ସେ କ୍ୟୋଁ ଖଫା ରହେ, ଚର୍ଖକା କ୍ୟୋଁ ଗିଲା କରେ/ କୋଇ ଦମ୍ କା ମେହମାଁ ହୁଁ ଏ ଅହଲେ ମହଫିଲ୍/ ଚରାଗେ-ସହର ହୁଁ ବୁଝା ଚାହାତା ହୁଁ / ହବା ମେ ରହେଗି ମେରୀ ଖିଆଲ୍ କି ବିଜ୍‌ଲି/ ୟେ ମୁଶ୍‌ତେ ଖାକ୍ ହେ ଫାନୀ, ରହେ ରହେ ନ ରହେ''।

ମୁଁ, ରାଜଗୁରୁ ଓ ସୁଖଦେବ ମାର୍ଚ୍ଚ ୨୦ ତାରିଖରେ ପଞ୍ଜାବର ରାଜ୍ୟପାଳଙ୍କୁ ଚିଠି ଲେଖିଥିଲୁ ଯେ ଆମକୁ ଯୁଦ୍ଧବନ୍ଦୀ ବୋଲି ଗ୍ରହଣ କରାଯାଉ । ଫାଶୀଖୁଣ୍ଟରେ ଆମକୁ ଝୁଲାଇ ନମାରି ବରଂ ଗୁଳିରେ ଉଡ଼ାଇ ଦିଆଯାଉ । ଆମେ ଫାଶୀରେ ଲଟକିବା ଅପେକ୍ଷା ଗୁଳି ଦ୍ୱାରା ମରିବାକୁ ବେଶି ପସନ୍ଦ କରିବୁ ।

ତା.୨୦.୩.୧୯୩୧

ଗଭର୍ଣ୍ଣର, ସିମ୍‌ଲା

ମହୋଦୟ,

ସମ୍ମାନର ସହିତ ନିମ୍ନଲିଖିତ ବକ୍ତବ୍ୟଗୁଡ଼ିକ ଆପଣଙ୍କ ସେବାରେ ଉପସ୍ଥାପିତ କରୁଛୁ ।

ଭାରତର ବ୍ରିଟିଶ୍ ସରକାରଙ୍କର ସର୍ବୋଚ୍ଚ ଅଧିକାରୀ ଭାଇସ୍‌ରୟ ଏକ ବିଶେଷ ଅଧ୍ୟାଦେଶ ଜାରିକରି ଲାହୋର ଷଡ଼ଯନ୍ତ୍ରର ଅଭିଯୋଗ ଶୁଣାଣି ପାଇଁ 'ଏକ ସ୍ୱତନ୍ତ୍ର ନ୍ୟାୟାଧିକରଣ' (ଟ୍ରିବ୍ୟୁନାଲ) ସ୍ଥାପିତ କରିଥିଲେ । ଯିଏ କି ଅକ୍ଟୋବର ୭ ତାରିଖ ୧୯୩୦ରେ ଆମ ତିନିଜଣଙ୍କ ପ୍ରତି ଫାଶୀ ଦଣ୍ଡାଦେଶ ଶୁଣାଇ ସାରିଛନ୍ତି । ଆମ ବିରୁଦ୍ଧରେ ସବୁଠାରୁ ବଡ଼ ଅଭିଯୋଗ କରାଯାଇଛି ଯେ ଆମେ ସମ୍ରାଟ ଜର୍ଜ ପଞ୍ଚମଙ୍କର ବିରୁଦ୍ଧରେ ଯୁଦ୍ଧ କରିଛୁ ।

ନ୍ୟାୟାଳୟର ଏହି ନିର୍ଣ୍ଣୟରୁ ଦୁଇଟି କଥା ସ୍ପଷ୍ଟ ହୋଇଯାଇଛି, ପ୍ରଥମଟି ହେଲା

ଇଂରେଜ ଜାତି ଓ ଭାରତୀୟ ଜନତାଙ୍କର  ମଧ୍ୟରେ ଏକ ଯୁଦ୍ଧ ଚାଲୁଛି । ଦ୍ୱିତୀୟ କଥା ହେଲା ଆମେ ନିଶ୍ଚିତ ରୂପରେ ଏହି ଯୁଦ୍ଧରେ ଅଂଶଗ୍ରହଣ କରିଛୁ । ତେଣୁ ଆମେ ଯୁଦ୍ଧବନ୍ଦୀ ।

ଯଦିଚ ଏହାର ବ୍ୟାଖ୍ୟା ସମୟରେ ଅତିଶୟୋକ୍ତିର ଆଶ୍ରୟ ନିଆଯାଇଛି, ତଥାପି ଆମେ ଏକଥା ନ କହି ରହିପାରିବୁ ନାହିଁ ଯେ ଏଭଳି କରାଯାଇ ଆମକୁ ସମ୍ମାନିତ ମଧ୍ୟ କରାଯାଇଛି । ପ୍ରଥମ କଥା ସଂପର୍କରେ ଆମେ ବିସ୍ତୃତ ଭାବରେ ଆଲୋଚନା କରିବାକୁ ଯାଉଛୁ ।

ଯୁଦ୍ଧ ଚାଲିଲେ ନ୍ୟାୟାଳୟର କେଉଁ ଆଶା ପୂରଣ ହେବ ତାହା ଆମେ ଜାଣିନାହୁଁ । କିନ୍ତୁ ଆମେ ଏହି ବ୍ୟାଖ୍ୟାର ଅର୍ଥକୁ ସ୍ୱୀକାର କରି ଏହାକୁ ଠିକ୍ ଭାବରେ ବୁଝାଇବାକୁ ଚାହୁଁଛୁ ।

ଆମେ ଏହା କହିବାକୁ ଚାହୁଁଛୁ ଯୁଦ୍ଧ ଆରମ୍ଭ ହୋଇସାରିଛି । ଏହି ଲଢ଼େଇ ସେ ପର୍ଯ୍ୟନ୍ତ ଚାଲିବ ଯେ ପର୍ଯ୍ୟନ୍ତ  ଶକ୍ତିଶାଳୀ ବ୍ୟକ୍ତିମାନେ ଭାରତୀୟ ଜନତା ଓ ଶ୍ରମିକ ମାନଙ୍କର ଆୟର ପନ୍ଥା ଉପରେ ନିଜର ଏକାଧିପତ୍ୟ ଜାହିର କରି ରଖିଛନ୍ତି । ସେମାନେ ଇଂରେଜ ପୁଂଜିପତି, ଇଂରେଜ କିମ୍ବା ଭାରତୀୟ ମଧ୍ୟ ହୋଇପାରନ୍ତି, ଏମାନେ ସମସ୍ତେ ମିଶି ଶ୍ରମିକମାନଙ୍କୁ ଲୁଟି ଚାଲିଛନ୍ତି । ଏପରିକି ଶୁଦ୍ଧ ଭାରତୀୟ ପୁଂଜିପତିମାନଙ୍କ ଦ୍ୱାରା ନିର୍ଦ୍ଧନ ଗରିବମାନଙ୍କର ରକ୍ତଶୋଷଣ ଏପରି ଭୟଙ୍କର ଭାବରେ ଚାଲିଛି ଯେ ସେମାନଙ୍କର  କିଛି ଯାଏ ଆସେ ନାହିଁ । ଯଦି ଆପଣଙ୍କର ସରକାରଙ୍କର କିଛି ନେତା ଭାରତୀୟ ସମାଜର  ମୁଖ୍ୟମାନଙ୍କ ଉପରେ ପ୍ରଭାବ ପକାଇବାରେ ସଫଳ ହୋଇଯିବେ, କିଛି ସୁବିଧା ମଧ୍ୟ ମିଳିଯିବ କିମ୍ବା କିଛି ଗୋଟିଏ ବୁଝାମଣାହୋଇ ଯିବ, ତା'ହେଲେ ମଧ୍ୟ ପରିସ୍ଥିତିର କୌଣସି ପରିବର୍ତ୍ତନ ହେବନାହିଁ । ଜନତା ଉପରେ ଏସବୁର ପ୍ରଭାବ ବହୁତ କମ୍ ପଡ଼ିବ ।

ଆମେ ଏହି କଥା ପାଇଁ ଚିନ୍ତିତ ନୋହୁଁ କି ଯୁବକମାନଙ୍କ ପ୍ରତି ବିଶ୍ୱାସଘାତକତା କରାଯାଇଛି, ଏହି କଥାରେ ଭୟଭୀତ ମଧ୍ୟ ହେଉନାହୁଁ ଯେ ଆମର ରାଜନୈତିକ ନେତାମାନେ ପଥଭ୍ରଷ୍ଟ  ହୋଇ ଯାଇଛନ୍ତି । ସେମାନେ ବୁଝାମଣାର କଥାବାର୍ତ୍ତା ସମୟରେ ଏହି ନିରପରାଧ, ଘରଦ୍ୱାରହୀନ, ବନ୍ଧୁହୀନ ଓ ନିରାଶ୍ରିତ ହୋଇ ଆତ୍ମ ବଳିଦାନ କରିଥିବା ବ୍ୟକ୍ତିମାନଙ୍କୁ ଭୁଲିଯାଇଛନ୍ତି । ଯେଉଁମାନଙ୍କୁ ଦୁଃର୍ଭାଗ୍ୟବଶତଃ କ୍ରାନ୍ତିକାରୀ ଦଳର ସଦସ୍ୟ ବୋଲି କୁହାଯାଏ । ଆମର ରାଜନୈତିକ ନେତାମାନେ ସେମାନଙ୍କୁ ଶତ୍ରୁ ବୋଲି ଭାବୁଛନ୍ତି । କାରଣ ସେମାନଙ୍କର ଆଦର୍ଶରେ ହିଂସାକୁ ସ୍ଥାନ

ଦିଆଯାଇଛି । ଆମ ଦେଶର ବୀରାଙ୍ଗନାମାନେ ନିଜର ସର୍ବସ୍ୱ ଦେଶ ପାଇଁ ବଳିଦାନ କରିଦେଇଛନ୍ତି । ସେମାନେ ନିଜର ପତିମାନଙ୍କୁ ବଳିବେଦୀରେ ଭେଟ ଚଢ଼ାଇ ଦେଇଛନ୍ତି । ଯାହା କିଛି ସେମାନଙ୍କ ପାଖରେ ଥିଲା ସବୁ ନିଛାବର କରିଦେଲେ । କିନ୍ତୁ ଆପଣଙ୍କ ସରକାର ସେମାନଙ୍କୁ ବିଦ୍ରୋହୀ ବୋଲି ଭାବୁଛନ୍ତି । ଅବଶ୍ୟ ଆପଣଙ୍କର ଏଜେଣ୍ଟ ମାନେ ବଢ଼ିଆ ମିଛ କାହାଣୀ ଗଢ଼ି ସେମାନଙ୍କୁ ବଦ୍‌ନାମ କରିଚାଲିଛନ୍ତି । ପାର୍ଟିର ଲୋକପ୍ରିୟତାକୁ କମାଇବାକୁ ଅନେକ ପ୍ରୟାସ କରିଛନ୍ତି । ଏହାସତ୍ତ୍ୱେ ଯୁଦ୍ଧ ଚାଲିଛି, ଚାଲିବ, ଚାଲୁଥିବ ।

ହୋଇପାରେ ଏହି ଲଢ଼େଇ ଭିନ୍ନ ଭିନ୍ନ ଦିଗରେ ବିଭିନ୍ନ ସ୍ୱରୂପ ଗ୍ରହଣ କରିପାରେ । କେତେବେଳେ ଏହି ଲଢ଼େଇ ପ୍ରତ୍ୟକ୍ଷରୂପ ନେବ, କେତେବେଳେ ଗୁପ୍ତ ରୂପରେ ଗୋପନୀୟତା ରକ୍ଷା ଦିଗରେ ଚାଲିବ, ପୁଣି କେତେବେଳେ ଭୟଙ୍କର ସଶସ୍ତ୍ର ରୂପ ମଧ୍ୟ ଧାରଣ କରିବ । କେତେବେଳେ କୃଷକ ଚାଷୀମାନଙ୍କ ସ୍ତରରେ ଯୁଦ୍ଧ ଚାଲିଛି ଏବଂ ପୁଣି କେବେ ଏହି ଯୁଦ୍ଧ ଏଭଳି ଭୟାବହ ହୋଇଯିବ ଯେ ଯେଉଁଠି ଜୀବନ ମୃତ୍ୟୁକୁ ମଧ୍ୟ ବାଜି ଲାଗିଯିବ ।

ତେଣୁ ଯେକୌଣସି ପରିସ୍ଥିତି ସୃଷ୍ଟି ହେଉ ନା କାହିଁକି ଏହାର ଗଭୀର ପ୍ରଭାବ ପଡ଼ିବ । ଏହା ଆପଣଙ୍କର ଇଚ୍ଛା ଉପରେ ନିର୍ଭର କରେ । ଆପଣ ଯାହା ଘଟିଯାଉଛି ତାକୁ କେମିତି ଗ୍ରହଣ କରନ୍ତୁ ନା କାହିଁକି ଲଢ଼େଇ ଜାରି ରହିବ । ଅନେକ ଛୋଟଛୋଟ କଥାଗୁଡ଼ିକ ବାଦ୍ ଦେବାକୁ ପଡ଼ିବ । ଆମେ ଯାହା ଅନୁଭବ କରୁଛୁ ଏହି ଯୁଦ୍ଧ ନିଶ୍ଚିତ ଭାବରେ ଭୟଙ୍କର ସ୍ୱରୂପ ଗ୍ରହଣ କରିବ ।

ଯେପର୍ଯ୍ୟନ୍ତ ସମାଜରେ ଢାଞ୍ଚାଗତ ଆମୂଳଚୂଳ ପରିବର୍ତ୍ତନ ନ ହୋଇଛି ସେପର୍ଯ୍ୟନ୍ତ କେବେହେଲେ ଯୁଦ୍ଧ ସରିବ ନାହିଁ । ସହଜରେ ଏକାଦିନକରେ କେବେହେଲେ ଗୋଟିଏ ସମାଜର, ଦେଶର ବୈପ୍ଳବିକ ଆବେଦନର ରୂପ ପରିବର୍ତ୍ତିତ ହୋଇଯାଏ ନାହିଁ । କଥାକଥାକେ ଆଖିପିଛୁଳାକେ ମାନବ ସୃଷ୍ଟିର ଏକ ନବଯୁଗ, ନବଉନ୍ମେଷର ସୂତ୍ରପାତ ହୋଇଯାଏ ନାହିଁ ।

ନିକଟ ଭବିଷ୍ୟତରେ ଅନ୍ତିମ ଯୁଦ୍ଧ ଏକ ନିର୍ଣ୍ଣାୟକ ମୋଡ଼ ନେଇ ଲଢ଼େଇ କରିବ । ତେଣୁ ଏହି ସାମ୍ରାଜ୍ୟବାଦ ବା ପୁଞ୍ଜିବାଦ ଆଉ ମାତ୍ର କେତେଦିନର ଅତିଥି ଛଡ଼ା କିଛି ନୁହନ୍ତି । ଏହି ଲଢ଼େଇରେ ଆମେମାନେ ପ୍ରତ୍ୟକ୍ଷ ରୂପରେ ଭାଗ ନେଇଛୁ ଏବଂ ସେଥିପାଇଁ ନିଜକୁ ଗର୍ବିତ ଅନୁଭବ କରୁଛୁ ଯେ ଏହି ଯୁଦ୍ଧକୁ କେବଳ ଆମେ ଆରମ୍ଭ କରିନୁ କି ଏହା ଆମର ଜୀବନ ସହିତ ସମାପ୍ତ ହୋଇଯିବ । ଆମର ସେବା,

ଆମର ଯୋଗଦାନ ଇତିହାସର ସୁବର୍ଣ୍ଣ ଅକ୍ଷରରେ ଲେଖାହେବ ଯାହା ଯତୀନ୍ଦ୍ରନାଥ ଦାସ, ଚନ୍ଦ୍ରଶେଖର ଆଜାଦ୍ ଓ ଭଗବତୀ ଚରଣଙ୍କର ଅସାଧାରଣ ଆତ୍ମବଳିଦାନର ରକ୍ତିମ ଅଧ୍ୟାୟରେ ଆହୁରି ଜକଜକ ହୋଇ ଫୁଟକୁଛି । ସେମାନଙ୍କର ବଳିଦାନ ମହାନ୍ ଓ ଅନନ୍ୟ ।

ଆମେ ଉଚ୍ଚସ୍ୱରରେ ଏକଥା ନିଶ୍ଚୟ କହିବୁ ଆମର ଭାଗ୍ୟକୁ ଆପଣ ଆମକୁ ଫାଶୀରେ ଝୁଲାଇବାର ନିଷ୍ପତ୍ତିରେ ନିଶ୍ଚିତ କରିସାରିଛନ୍ତି । ଆପଣ ଏତିକି ହିଁ କରିପାରିବେ । କାରଣ ଆପଣଙ୍କ ହାତରେ କ୍ଷମତା, ଶକ୍ତି ଓ ଅଧିକାର ଅଛି । କିନ୍ତୁ ଆପଣ ଏଠାରେ ଯାହାର ବାଡ଼ି ତା'ର ମଇଁଷି ସିଦ୍ଧାନ୍ତକୁ ଗ୍ରହଣ କରିନେଇଛନ୍ତି । ଏହି ନିଷ୍ପତ୍ତି ଉପରେ ଅଟଳ ମଧ୍ୟ ରହିଛନ୍ତି ।

ଆମର ଅଭିଯୋଗର ଶୁଣାଣି ଏହି କଥାକୁ ପ୍ରମାଣିତ କରିବାକୁ ଯଥେଷ୍ଟ ଯେ ଆମେ କୌଣସି ପ୍ରାଣଭିକ୍ଷାର ପ୍ରାର୍ଥନା କରିନାହୁଁ କି ବର୍ତ୍ତମାନ ଆମେ କୌଣସି ପ୍ରକାର ଦୟାର ପ୍ରାର୍ଥନା କରିବାକୁ ଯାଉନାହୁଁ । ଆମର କେବଳ ଗୋଟିଏ ବିନତି କରିବାକୁ ଚାହୁଁଛୁ, ଆପଣଙ୍କର ସରକାରଙ୍କର ଏକ ନ୍ୟାୟାଳୟର ନିର୍ଣ୍ଣୟ ଅନୁସାରେ ଆମ ବିରୁଦ୍ଧରେ ଲଢ଼େଇ ଜାରି ରଖିଛୁ ବୋଲି ଅଭିଯୋଗ ହୋଇଛି । ତେଣୁ ଏହି ପରିସ୍ଥିତିରେ ଆମେ ହେଲୁ ଯୁଦ୍ଧବନ୍ଦୀ । ତେଣୁ ଆମେ ଦାବୀ କରୁଛୁ ଯେ ଆମ ପ୍ରତି ଯୁଦ୍ଧବନ୍ଦୀମାନଙ୍କୁ ଯେପରି ବ୍ୟବହାର କରାଯାଏ ସେଭଳି କରାଯାଉ । ଆମକୁ ଫାଶୀ ଦିଆନଯାଇ ଗୁଳିରେ ଉଡ଼ାଇ ଦିଆଯାଉ ।

ବର୍ତ୍ତମାନ ଏହାକୁ ପ୍ରମାଣିତ କରିବା ଆପଣଙ୍କର କାମ କାରଣ ସେହି ନିର୍ଣ୍ଣୟକୁ ବିଶ୍ୱାସ କରିବା ପାଇଁ ଆପଣଙ୍କର ସରକାରଙ୍କ ଏକ ନ୍ୟାୟାଳୟ ହିଁ କରିଛି । ଆପଣ ଆପଣଙ୍କ କାର୍ଯ୍ୟଦ୍ୱାରା ଏହି କଥାକୁ ପ୍ରମାଣିତ କରିଦିଅନ୍ତୁ ।

ଆମେ ବିନୟ ପୂର୍ବକ ଆପଣଙ୍କୁ ପ୍ରାର୍ଥନା କରୁଛୁ ଆପଣ ନିଜର ସୈନ୍ୟବିଭାଗକୁ ଆଦେଶ ଦିଅନ୍ତୁ ଯେ ଆମକୁ ଗୁଳିରେ ଉଡ଼ାଇ ଦେବାକୁ ଏକ କମ୍ପାନୀ ଫୌଜ ପଠାଇବେ ।

ଭବଦୀୟ

ଭଗତ ସିଂହ, ରାଜଗୁରୁ, ସୁଖଦେବ

ମୋର ୧୯୧୫ ମସିହାରୁ ବିଭିନ୍ନ ଜେଲମାନଙ୍କରେ ବନ୍ଦୀ ଜୀବନ କାଟୁଥିବା

ବିପ୍ଲବୀ ବନ୍ଧୁମାନଙ୍କର କଥା ବେଶି ମନେ ପଡୁଥିଲା । 'ଗଦର ପାର୍ଟି' ର ୨୨ଜଣ ବନ୍ଦୀମାନଙ୍କର ସଜାର ମିଆଦ ସରିଲାଣି ଅଥଚ ସେମାନେ ଏବେଯାଏ ସଢୁଛନ୍ତି । ମାର୍ଶାଲ୍ ଲର ୨୦ଜଣ ବନ୍ଦୀ ଆଜି ମଧ୍ୟ ଜୀଅନ୍ତା କବରରେ ପୋତା ହୋଇଛନ୍ତି । ଏହି ଅବସ୍ଥା ବବ୍ବରଅକାଳି ଦଳର ବନ୍ଦୀମାନଙ୍କର ହୋଇଛି । ଦେବଗଡ଼, କାକୋରି, ମଛୁଆବାଜାର ଓ ଲାହୋର ଷଡ଼ଯନ୍ତ୍ର ମାମଲାର ବନ୍ଦୀମାନେ ବର୍ତ୍ତମାନ ଜେଲ୍‌ର ଚାରିକାନ୍ଥ ଭିତରେ ବନ୍ଦ ହୋଇଥିବା ଅନେକ କଏଦୀମାନଙ୍କ ଭିତରୁ କେତେଜଣ । ଲାହୋର, ଦିଲ୍ଲୀ, ଚଟ୍ଟଗ୍ରାମ, ବମ୍ବେ, କଲିକତା ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ଅଧଡ଼ଜନରୁ ଅଧିକ ଷଡ଼ଯନ୍ତ୍ର ମାମଲା ବିପ୍ଲବୀମାନଙ୍କ ନାମରେ ଅଦାଲତରେ ଚାଲିଛି । ଅନେକ ସଂଖ୍ୟାରେ ବିପ୍ଲବୀ ସାଥୀମାନେ ପଳାତକ ଭାବରେ ଲୁଚିଛପି ଜୀବନ ବିତାଉଛନ୍ତି । ସେମାନଙ୍କ ଭିତରେ ଅନେକ ନାରୀ ସଦସ୍ୟା ମଧ୍ୟ ରହିଛନ୍ତି । ସତକୁ ସତ ଅଧାଡ଼ଜନରୁ ଅଧିକ ବିପ୍ଲବୀ ସାଥୀ ଫାଶୀରେ ଝୁଲିବାର ଦିନକୁ ଅପେକ୍ଷା କରି ରହିଛନ୍ତି । ଏ ସମସ୍ତଙ୍କ ପ୍ରତି ବର୍ତ୍ତମାନ ଆନ୍ଦୋଳନର କଂଗ୍ରେସି ନେତାମାନଙ୍କର କୌଣସି ସହାନୁଭୂତି ନାହିଁ । ସେଥିପାଇଁ ସମସ୍ତଙ୍କର ଦଣ୍ଡାଦେଶକୁ କମାଇବା ଅପେକ୍ଷା ଯଦି ଫାଶୀରେ ଲଟକିବାର ହୁଏ ତେବେ ତାହା ଆହୁରି ଜନମତ, ଜନବିପ୍ଲବକୁ ଉଦ୍ଦାମତା ଓ ଉତ୍ସାହ ପ୍ରଦାନ କରିବ ।

ଏହା ସର୍ବବିଦିତ ହୋଇଛି ଯେ କଂଗ୍ରେସ ମହାତ୍ମାଗାନ୍ଧୀଙ୍କର ଅହିଂସା ନୀତିକୁ ସିଦ୍ଧାନ୍ତ ଭାବରେ ଗ୍ରହଣ କରିଛି । ଗତ ଦଶବର୍ଷ ହେଲା ଅହିଂସାକୁ ସମର୍ଥନ କରି ପ୍ରଚାର କରୁଛି । ଏହି ପ୍ରସ୍ତାବର ସମର୍ଥନରେ ମଧ୍ୟ ଅନେକ ଗାଳିଗୁଲଜ ବି ହେଉଛି । କଂଗ୍ରେସର କେତେକ କର୍ମୀ ବିପ୍ଲବୀମାନଙ୍କୁ ଡ଼ରୁଆ, ହୃଦୟହୀନ ଏବଂ ସେମାନଙ୍କ କାର୍ଯ୍ୟ ଘୃଣିତ ବୋଲି ଟିପ୍‌ପଣୀ ମଧ୍ୟ କରିଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ବକ୍ତା ଧମକ ଦେଇ କହିଲେ ଯଦି ଏମାନେ ଗାନ୍ଧିଜୀଙ୍କର ନେତୃତ୍ୱ ଚାହାନ୍ତି ତେବେ ଏହି ଅହିଂସା ପ୍ରସ୍ତାବକୁ ସର୍ବସମ୍ମତ କ୍ରମେ ସମର୍ଥନ କରନ୍ତୁ । କିନ୍ତୁ ସୋମାନେ ଏତେ ସବୁ ଭାଷଣବାଜି ପରେ ମଧ୍ୟ ଅଳ୍ପମତରେ ଅହିଂସାକୁ ସମର୍ଥନ ଜୁଟାଇ ପାରିଲେ । ଏଥିରୁ ଏକଥା ନିଃଶଙ୍କ ଭାବରେ ପ୍ରମାଣିତ ହେଲା ଦେଶର ଜନତା ବହୁ ସଂଖ୍ୟାରେ କ୍ରାନ୍ତିକାରୀମାନଙ୍କୁ ହିଁ ସମର୍ଥନ କରୁଛନ୍ତି ।

ମତେ ବେଶି ଦୁଃଖ ଲାଗୁଥିଲା ୧୯୨୯ ଡ଼ିସେମ୍ବର ୨୩ରେ ଭାଇସ୍‌ରୟ ଯାଉଥିବା ସ୍ୱତନ୍ତ୍ର ଟ୍ରେନକୁ ଉଡ଼ାଇଦେବାର ଯୋଜନା ପଣ୍ଡ ହେବା ପରେ, ବିପ୍ଲବୀମାନଙ୍କୁ ସବୁଠାରୁ ବେଶି ସମାଲୋଚନା 'ୟଙ୍ଗ ଇଣ୍ଡିଆ' ପତ୍ରିକାର 'The

cultof bomb' ପ୍ରବନ୍ଧରେ ମହାତ୍ମାଗାନ୍ଧୀ ନିଜେ କରିଥିଲେ । ଗାନ୍ଧୀଙ୍କର ସେହି ଲେଖା ପ୍ରମାଣିତ କରିଦେଲା ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ ଭାରତୀୟ କ୍ରାନ୍ତିକାରୀମାନଙ୍କ ବିରୁଦ୍ଧରେ ଭୀଷଣ ଆନ୍ଦୋଳନ ଆରମ୍ଭ କରିବାକୁ କିନ୍ତୁ ଜନତାଙ୍କ ନିକଟକୁ ବିଭିନ୍ନ ଭାଷଣ, ପ୍ରଚାରପତ୍ର, ସମ୍ବାଦପତ୍ର ମାଧ୍ୟମ ବଦ୍ଧପରିକର ଦ୍ୱାରା ଯେତେ ଭାରତୀୟ ବିପ୍ଳବୀମାନେ ହିଂସାକୁ ବରଣ କରି ଆତଙ୍କବାଦ ସୃଷ୍ଟି କରିଛନ୍ତି ବୋଲି ଭ୍ରମାତ୍ମକ ଧାରଣା ସୃଷ୍ଟି କରାଗଲେ ମଧ୍ୟ ଜନସାଧାରଣ ବହୁ ସଂଖ୍ୟାରେ ସେମାନଙ୍କୁ ହିଁ ସମର୍ଥନ କରୁଛନ୍ତି ।

ଗାନ୍ଧୀଜୀ ଯାହାକୁ ଆମେ ହିଂସାର ମାର୍ଗ ଆପଣେଇଛୁ ବୋଲି ସମାଲୋଚନା କରୁଛନ୍ତି ତାକୁ ବିଶ୍ଳେଷଣ କରିବାକୁ ଚାହୁଁଛି । କୌଣସି ବ୍ୟକ୍ତି ଜନସାଧାରଣଙ୍କର ଚିନ୍ତାଧାରାକୁ କେବଳ ମଞ୍ଚରେ ଭାଷଣ କିମ୍ବା ଉପଦେଶ ଦେଇ ବୁଝାଇପାରିବ ନାହିଁ । ସେ କେବଳ ଏତିକି କରିପାରିବ ବିଭିନ୍ନ ବିଷୟ ଉପରେ ନିଜର ଚିନ୍ତନକୁ, ଆଦର୍ଶକୁ ଜନସାଧାରଣଙ୍କ ସମ୍ମୁଖରେ ଅତ୍ୟନ୍ତ ସ୍ପଷ୍ଟଭାବରେ ଉପସ୍ଥାପିତ କରିପାରିବ । ତା'ହେଲେ ମୁଁ ଗାନ୍ଧୀଜୀଙ୍କୁ ଏଠାରେ ଗୋଟିଏ ପ୍ରଶ୍ନ ପଚାରିବାକୁ ଚାହେଁ ଏହି ବର୍ଷମାନଙ୍କରେ ସେ ସାଧାରଣ ଜନତାଙ୍କର ସାମାଜିକ ଜୀବନରେ ପ୍ରବେଶ କରିବାକୁ କେତେଥର ଚେଷ୍ଟା କରିଛନ୍ତି ? ସେ କ'ଣ କେବେ କୌଣସି ସନ୍ଧ୍ୟାରେ କେଉଁ ଗ୍ରାମର ଚଉତରାରେ ବସିବା ଛଡ଼ା କେଉଁ କୃଷକ ପାଖରେ ବସି ସେ କ'ଣ ଚାହୁଁଛି ଜାଣିବାକୁ ଚେଷ୍ଟା କରିଛନ୍ତି ? କେଉଁ କାରଖାନାର ଶ୍ରମିକ ପାଖରେ ରାତିଟିଏ ବିତାଇ ତାର କ'ଣ ଇଚ୍ଛା ଅଛି ଜାଣିବାକୁ ଚାହିଁଛନ୍ତି ?

କିନ୍ତୁ ମୁଁ ଦୃଢ଼ତାର ସହିତ ଏହା ପ୍ରମାଣିତ କରିବାକୁ ଚାହୁଁଛି ଯେ ଆମେ ସାଧାରଣ ଜନତାଙ୍କୁ ଜାଣିଛୁ । ମୁଁ ମହାତ୍ମା ଗାନ୍ଧୀଙ୍କୁ ଏହି ବିଶ୍ୱାସ ଦେଇ କହୁଛି ଯେ ସାଧାରଣ ଭାରତୀୟ ସାଧାରଣ ମଣିଷ ଭଳି 'ଅହିଂସା' ତଥା ନିଜର 'ଶତ୍ରୁ'କୁ ଭଲ ପାଇବା ଭଳି ଆଧ୍ୟାତ୍ମିକ ଭାବନାକୁ ବହୁତ କମ୍ ବୁଝନ୍ତି । ସଂସାରର ନିୟମ ଅନୁସାରେ ତୁମର ଏକ ବନ୍ଧୁ ଅଛନ୍ତି, ତା'ହେଲେ ତାଙ୍କୁ ସ୍ନେହ କର । କେବେ କେବେ ତୁମେ ଅତ୍ୟଧିକ ସ୍ନେହବଶତଃ ବନ୍ଧୁ ପାଇଁ ପ୍ରାଣ ମଧ୍ୟ ଦେଇଦିଅ । ଯଦି ତୁମର ଶତ୍ରୁ ଅଛନ୍ତି ତେବେ ତା' ସହିତ କୌଣସି ସଂପର୍କ ତୁମେ ରଖିବାକୁ ଚାହଁନାହିଁ ।

ବିପ୍ଳବୀମାନଙ୍କର ଆଦର୍ଶ, ସିଦ୍ଧାନ୍ତ ଏକାନ୍ତ ଭାବରେ ସହଜ, ସରଳ, ତଥା ଧ୍ରୁବ ସତ୍ୟ ଉପରେ ପ୍ରତିଷ୍ଠିତ ଯାହାକି ସୃଷ୍ଟିର ଆରମ୍ଭ କାଳରୁ ଆଦାମ, ଇଭ୍‌ଙ୍କର ସମୟରୁ ନିତ୍ୟପ୍ରତ୍ୟହ ଚଳି ଆସୁଛି । ଏହାକୁ ବୁଝିବାକୁ କେବେହେଲେ କଷ୍ଟ

ହୋଇନାହିଁ । ଆମେ ଏହି କଥାକୁ ନିଜେ ଅନୁଭବ କରି କାର୍ଯ୍ୟରେ ପରିଣତ କଲାପରେ ହିଁ କହୁଛୁ । ସେଦିନ ବେଶି ଦୂର ମଧ୍ୟ ନାହିଁ ଯେଉଁଦିନ ଜନତା ସ୍ୱୟଂ ବିପ୍ଳବୀମାନଙ୍କର ଚିନ୍ତାଧାରାକୁ ସକ୍ରିୟ ରୂପ ଦେବାପାଇଁ ସ୍ୱତଃପ୍ରବୃତ୍ତ ଭାବରେ ହଜାର ହଜାର ସଂଖ୍ୟାରେ ଆସି ରାଜରାସ୍ତାରେ ସମବେତ ହେବେ ।

ଗାନ୍ଧିଜୀଙ୍କର ଘୋଷଣା ଅନୁସାରେ ଅହିଂସାର ସାମର୍ଥ୍ୟ ଓ ନିଜକୁ କଷ୍ଟଦେବାର ପ୍ରଣାଳୀ ଦ୍ୱାରା ଆଶା କରନ୍ତି ଯେ ବିଦେଶୀ ଶାସକମାନଙ୍କର ହୃଦୟ ପରିବର୍ତ୍ତନ ହୋଇଯିବ । ସେମାନେ ତାଙ୍କର ଚିନ୍ତାଧାରାକୁ ଆପଣେଇ ନେବେ । ଗାନ୍ଧୀଜୀ ନିଜକୁ ମଧ୍ୟ ଏହି 'ପ୍ରେମ ସଂହିତା'ର ଚମତ୍କାରିତା ପାଇଁ ସମର୍ପିତ କରିଛନ୍ତି ଓ ତାହାର ପ୍ରଚାର କରୁଛନ୍ତି । ସେ ଅଟଳ ବିଶ୍ୱାସର ସହିତ ଏହା ପ୍ରଚାର କରୁଛନ୍ତି । ଯେମିତି ତାଙ୍କ ଇଚ୍ଛା ଅନୁସାରେ ସବୁ ପରିବର୍ତ୍ତିତ ହୋଇଯିବ । କିନ୍ତୁ ସେ ଏ କଥା କହିପାରିବେ କି କେତେ ଶତ୍ରୁଙ୍କର ହୃଦୟ ପରିବର୍ତ୍ତନ କରି ସେମାନଙ୍କୁ ଭାରତର ବନ୍ଧୁ କରିପାରିଛନ୍ତି ? ସେ କେତେ ଓଡ଼ାୟାର, ରିଡ଼ିଙ୍ଗ, ଇରଉଇନଙ୍କୁ ଭାରତର ବନ୍ଧୁ ଭାବରେ ପରିବର୍ତ୍ତିତ କରିପାରିଛନ୍ତି ? ଯଦି କାହାକୁ କରିପାରିନାହାନ୍ତି ତା'ହେଲେ ଭାରତ ତାଙ୍କର ଚିନ୍ତାଧାରା, ଆଦର୍ଶ ଦ୍ୱାରା କିପରି ସମ୍ମତ ହୋଇପାରିବ ଯେ ସେ ଇଂଲଣ୍ଡକୁ ଅହିଂସା ଦ୍ୱାରା ବୁଝାଇ ଦେଇ ଏହି କଥାକୁ ସ୍ୱୀକାର କରେଇ ପ୍ରସ୍ତୁତ କରିଦେବେ ଏବଂ ଭାରତକୁ ସ୍ୱାଧୀନତା ଦେଇଦେବେ ।

ଯଦି ଭାଇସ୍‌ରୟଙ୍କର ଗାଡ଼ି ତଳେ ରଖାଯାଇଥିବା ବୋମା ଠିକ୍ ଭାବରେ ବିସ୍ଫୋରିତ ହୋଇଥାନ୍ତା ତେବେ ଦୁଇଟି କଥା ନିଶ୍ଚୟ ହୋଇଥାନ୍ତା । ଗୋଟିଏ ହେଲା ଭାଇସରୟ ଅତ୍ୟଧିକ ଆଘାତପ୍ରାପ୍ତ ହୋଇଥାନ୍ତେ ନ ହେଲେ ତାଙ୍କର ମୃତ୍ୟୁ ହୋଇଯାଇଥାନ୍ତା । ଏହି ସ୍ଥିତିରେ ଭାଇସ୍‌ରୟ ଓ ଅନ୍ୟାନ୍ୟ ରାଜନୈତିକ ଦଳର ନେତାମାନଙ୍କ ମଧ୍ୟରେ ମନ୍ତ୍ରଣା ହୋଇପାରିନଥାନ୍ତା । ସେହି ଉଦ୍ୟମ ବନ୍ଦ ହୋଇଯାଇଥାନ୍ତା ଓ ପ୍ରକୃତରେ ଏହାଦ୍ୱାରା ରାଷ୍ଟ୍ରର ମଙ୍ଗଳ ହୋଇଥାନ୍ତା । କଲିକତାରେ କଂଗ୍ରେସର ଘୋଷଣା ପରେ 'ସ୍ୱଶାସନ' ଦିଆଯାଉ ବୋଲି ଭାଇସ୍‌ରୟ ଭବନ ସାମ୍ନାରେ ଭିକ୍ଷାମାଗିବା ପାଇଁ ଏକତ୍ର ହେବାର ଘୃଣ୍ୟ ଉଦ୍ୟମ ବିଫଳ ହୋଇଯାଇଥାନ୍ତା । ଯଦି ପ୍ରକୃତରେ ବମ୍ ସଫଳ ଭାବରେ ବିସ୍ଫୋରଣ ହୋଇଥାନ୍ତା ତା'ହେଲେ ଭାରତର ଏକ ମହାଶତ୍ରୁକୁ ଉଚିତ ଦଣ୍ଡ ମିଳିଥାନ୍ତା ।

ମିରଟ ଅବଶ୍ୟ ଲାହୋର ଷଡ଼ଯନ୍ତ୍ର ଓ ଭୂଷାବଳ କାଣ୍ଡ ପାଇଁ ମକଦ୍ଦମା ଚଳାଉଥିବା ଭାରତର ଶତ୍ରୁମାନେ ହିଁ ବନ୍ଧୁ ଭଳି ଦେଖାଯାଇପାରନ୍ତି । ସାଇମନ

କମିଶନଙ୍କୁ ଯେଭଳି ଭାବରେ ସମବେତ ଭାବରେ ବିରୋଧ ଭାରତର ଜନସାଧାରଣ କରିଥିଲେ, ଏକାଠି ହୋଇପାରିଥିଲେ ସେଥିରେ ସେମାନଙ୍କ ମଧ୍ୟରେ ଅଭୂତପୂର୍ବ ଏକତାର ଜାଗରଣ ସୃଷ୍ଟି ହୋଇଥିଲା । କିନ୍ତୁ ଗାନ୍ଧୀ ଓ ନେହେରୁଙ୍କର ରାଜନୈତିକ ବୁଦ୍ଧିମତ୍ତା ବ୍ୟତୀତ ଇରୱଇନ ଏହାକୁ ଛିନ୍ନଭିନ୍ନ କରିବାରେ ସମର୍ଥ ହୋଇଯାଇଥିଲା । ଆଜି କଂଗ୍ରେସରେ ନିଜ ଭିତରେ ଫାଟ ସୃଷ୍ଟି ହୋଇଛି । ଆମର ଏଭ ଦୁଃର୍ଭାଗ୍ୟ ପାଇଁ ଭାଇସ୍‌ରୟଙ୍କର ଚାଟୁକାରମାନଙ୍କ ଛଡ଼ା ଆଉ କେହି ଦାୟୀ ନୁହନ୍ତି । ଏହାସତ୍ତ୍ୱେ ଆମ ଦେଶର କିଛି ଲୋକମାନେ ଭାଇସ୍‌ରୟଙ୍କୁ ଭାରତର ମିତ୍ର ବୋଲି କହୁଛନ୍ତି ।

ଆମେ ବିପ୍ଳବୀମାନେ ସେହିଦିନକୁ ବଡ଼ ବ୍ୟାକୁଳତାର ସହିତ ଅପେକ୍ଷା କରିଛୁ ଯେଉଁଦିନ କଂଗ୍ରେସୀ ଆନ୍ଦୋଳନରୁ ଅହିଂସାର ଏହି ମୋହ ସମାପ୍ତ ହୋଇଯିବ ଏବଂ ସେମାନେ ବିପ୍ଳବୀମାନଙ୍କ ସହିତ କାନ୍ଧକୁକାନ୍ଧ ମିଶାଇ ପୂର୍ଣ୍ଣ ସ୍ୱାଧୀନତା ପାଇଁ ସାମୂହିକ ଲକ୍ଷ୍ୟ ସାଧନ ପାଇଁ ଆଗକୁ ବଢ଼ିବେ । ବିପ୍ଳବୀମାନଙ୍କର ଲକ୍ଷ୍ୟ କେବଳ ଦେଶର ଶାସନ ବ୍ୟବସ୍ଥାକୁ ପରିବର୍ତ୍ତିତ ରୂପ ପ୍ରଦାନ କରିବା ନୁହେଁ । ସେମାନେ ଦେଶର ସ୍ୱତନ୍ତ୍ରତା, ସ୍ୱାଧୀନତାର ସ୍ତରକୁ ମଧ୍ୟ ଏକ ଉଚ୍ଚତର ମହିମ୍ନତା ପ୍ରଦାନ କରି ସାରିଛନ୍ତି । ତେଣୁ କୌଣସି ଲକ୍ଷ୍ୟର ପ୍ରାପ୍ତି ବିନା କୌଣସି ଭୟଭ୍ରାନ୍ତି ବିନା ହିଁ ନିଜର ଆତ୍ମବଳିଦାନ ଦେଉଛନ୍ତି । ସେମାନଙ୍କର ଦୃଢ଼ବିଶ୍ୱାସ ହେଉଛି ଯେ ନିଜର ଆତ୍ମ ବଳିଦାନ ଦ୍ୱାରା ଜନତାଙ୍କର ଚିନ୍ତାଧାରାରେ ଅଭୂତପୂର୍ବ ପ୍ରଚଣ୍ଡ ପରିବର୍ତ୍ତନ ସୃଷ୍ଟି ହେବ । ସେମାନଙ୍କର ଏହି ଅଲୌକିକ ଚେଷ୍ଟା ଓ ଉଦ୍ୟମ ପାଇଁ ଦେଶର ସ୍ୱାଧୀନତାର ମାର୍ଗ ଆହୁରି ପ୍ରଶସ୍ତ ହୋଇଯିବ । ଏକଥା ସେମାନଙ୍କ ସହିତ ଆଦର୍ଶରେ ରାଜନୈତିକ ମତଭେଦ ରଖୁଥିବା ଲୋକମାନେ ମଧ୍ୟ ସ୍ୱୀକାର କରନ୍ତି ।

ଗାନ୍ଧୀଜୀଙ୍କର କଥା ଅନୁସାରେ ହିଂସା ପ୍ରଗତିର ମାର୍ଗକୁ ଅବରୁଦ୍ଧ କରେ । ସେଥିପାଇଁ ଦିନକୁ ଦିନ ସ୍ୱାଧୀନତା ପ୍ରାପ୍ତିର ଦିନ ସଙ୍କୁଚିତ ହୋଇଯାଉଛି । ଏ ସଂପର୍କରେ ମୁଁ ଆପଣମାନଙ୍କ ଆଗରେ ଅନେକ ଗୁଡ଼ିଏ ଉଦାହରଣ ରଖୁଛି । ଯେଉଁଦେଶମାନେ ହିଂସାର ମାର୍ଗ ଗ୍ରହଣ କରିଛନ୍ତି ସେମାନଙ୍କର ସାମାଜିକ ପ୍ରଗତି ହେବା ସହିତ ରାଜନୈତିକ ସ୍ୱାଧୀନତା ପ୍ରାପ୍ତ ହୋଇଛି । ଆମେ ଋଷିଆ ଓ ତୁର୍କିର ଉଦାହରଣ ନେଇପାରିବା । ଏହି ଦୁଇଦେଶ ହିଂସାର ପ୍ରୟୋଗ କରି ସଶସ୍ତ୍ର ବିପ୍ଳବ ଦ୍ୱାରା ସତ୍ତାକୁ ହାସଲ କରିଥିଲେ । ସଶସ୍ତ୍ର ସ୍ୱାଧୀନତା ପରେ ଏହି ଦେଶମାନେ ସେମାନଙ୍କ ଦେଶର ଆର୍ଥିକ, ସାମାଜିକ, ଶୈକ୍ଷିକ ପରିବର୍ତ୍ତନ ଆଣିପାରିଥିଲେ ଯାହାକି ସାଧାରଣ ଜନତାଙ୍କର ପ୍ରଗତିକୁ ତ୍ୱରାନ୍ୱିତ କରିଥିଲା ।

ଗାନ୍ଧୀଜୀଙ୍କର ଦୃଷ୍ଟିରେ ଅସହଯୋଗ ଆନ୍ଦୋଳନ ସମୟରେ ଯେଉଁ ଜନଜାଗରଣ ସୃଷ୍ଟି ହୋଇଥିଲା ତାହା ତାଙ୍କର ଅହିଂସା ଉପଦେଶର ପରିଣାମ ଥିଲା ବୋଲି ଯେଉଁ ଧାରଣା ତାଙ୍କର ରହିଛି ତାହା ସଂପୂର୍ଣ୍ଣ ଭୁଲ୍ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ଯେଉଁଠି ଅତ୍ୟାଧିକ ଜନଜାଗରଣ ସୃଷ୍ଟି ହୁଏ ସେଠାରେ ତାହା ତୃଣଭୂମି ସ୍ତରରୁ ହିଁ ସିଧା ଆରମ୍ଭ ହୋଇଥାଏ । ଉଦାହରଣ ସ୍ୱରୂପ ଋଷିଆର ଶକ୍ତିଶାଳୀ ଜନଆନ୍ଦୋଳନରେ ସେଠାକାର କୃଷକ, ଶ୍ରମିକମାନଙ୍କ ଭିତରେ ଜାଗୃତି ଉତ୍ପନ୍ନ ହୋଇଥିଲା, ସେମାନଙ୍କୁ କେହି ଅହିଂସା ଉପଦେଶ ଦେଇନଥିଲେ । ମୁଁ ଏତିକି ନିଶ୍ଚିତ ଭାବରେ କହିବି ଯେ 'ଅହିଂସା' ତଥା ଗାନ୍ଧୀଜୀଙ୍କର 'ବୁଝାମଣା ନୀତି' ପାଇଁ ସେହି ଶକ୍ତିମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା ଯାହାକି ସମବେତ ଭିଡ଼ ଭିତରେ ଗୁଞ୍ଜରି ଉଠୁଥିବା ସ୍ୱର ଭିତରେ ମିଳେଇ ଯାଇଥିଲା । ସେ ଭାବୁଥିଲେ ରାଜନୈତିକ ଅନ୍ୟାୟର ସମ୍ମୁଖୀନ ହେବା ପାଇଁ 'ଅହିଂସା' ରୂପୀ ଶସ୍ତ୍ର ଦ୍ୱାରା ମୁକାବିଲା କରାଯାଇପାରିବ । କିନ୍ତୁ ଏହି ବିଷୟରେ ମୁଁ ସଂକ୍ଷେପରେ ଏତିକି କହିପାରିବି ଯେ ଏହା ଏକ ଅପୂର୍ବ ଚିନ୍ତାଧାରା, ଯାହାର ବାସ୍ତବିକ ପ୍ରୟୋଗ ଏ ପର୍ଯ୍ୟନ୍ତ ହୋଇନାହିଁ ।

ମତେ ଭାରି ଦୁଃଖ ସେଦିନ ଲାଗିଥିଲା ଯେତେବେଳେ ଗାନ୍ଧୀଜୀ ସମସ୍ତ ବିଚାରଶୀଳ ଲୋକମାନଙ୍କୁ କହିଥିଲେ ସେମାନେ ଆମ ବିପ୍ଳବୀମାନଙ୍କୁ ସହଯୋଗ କରିବା ବନ୍ଦ କରିଦିଅନ୍ତୁ, ଆମର କାର୍ଯ୍ୟକୁ ନିନ୍ଦା କରନ୍ତୁ । ଆମର ହିଂସାତ୍ମକ କାର୍ଯ୍ୟ ପାଇଁ ଯେଉଁ କ୍ଷତିଘଟିଛି ତାକୁ ଉପେକ୍ଷା କରନ୍ତୁ । ଲୋକମାନଙ୍କୁ ଉପେକ୍ଷିତ କରାଯାଇ ସେମାନଙ୍କୁ ଅଗ୍ରାହ୍ୟ କରିଦେବା ସହିତ ସେମାନଙ୍କୁ ନିନ୍ଦା କରିବା ପାଇଁ ଜନତାଙ୍କୁ କହିବା, ସହଯୋଗ ନ କରିବା ବାସ୍ତବରେ ବଡ଼ ଅନ୍ୟାୟ କଥା । ଏହାଦ୍ୱାରା କେତେକ ମୁଷ୍ଟିମେୟ ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କର ବିଶ୍ୱାସର ପାତ୍ର ମାତ୍ର ହୋଇପାରିବେ ସିନା ।

ଗାନ୍ଧୀଜୀ ଜୀବନସାରା ଜନଜୀବନକୁ ଗଭୀର ଅନୁଶୀଳନ କରିଥିଲେ ଅଥଚ ବଡ଼ ଦୁଃଖର କଥା ସେ କେବେହେଲେ ଆମ ବିପ୍ଳବୀମାନଙ୍କ ମାନସିକତାକୁ ବୁଝିବାକୁ ଚେଷ୍ଟା କରିନଥିଲେ କି ବୁଝାଇବାକୁ ଉଦ୍ୟମ କରିନଥିଲେ ।

ଯେଉଁ ବ୍ୟକ୍ତି ବିପ୍ଳବୀହେବାକୁ ଚାହେଁ ସେ ନିଜର ମୁଣ୍ଡ ହାତରେ ରଖି ଯେକୌଣସି ମୁହୂର୍ତ୍ତରେ ଆତ୍ମବଳିଦାନ ପାଇଁ ପ୍ରସ୍ତୁତ ହୋଇ ରହେ । ଦେଖାଇ ହେବା ପାଇଁ କେବେହେଲେ ନୁହେଁ । ବିପ୍ଳବୀ କେବେହେଲେ ଜନତାଙ୍କ ଆଗରେ ତାଙ୍କର ସହାନୁଭୂତି ପାଇବା ପାଇଁ କି ନିଜର ଜୟଜୟକାର ଶୁଣିବା ପାଇଁ ଆତ୍ମବଳିଦାନ

ଦେଇନାହିଁ । ସେ ଏହି ଆତ୍ମୋତ୍ସର୍ଗର କଠିନମାର୍ଗକୁ ନିଜ ଆତ୍ମାର ଅନନ୍ୟ ପ୍ରେରଣା ପାଇଁ ହିଁ ବରଣ କରିନେଇଛି ।

ଜଣେ ବିପ୍ଳବୀ ସବୁଠାରୁ ବେଶି ତର୍କରେ ବିଶ୍ୱାସ କରେ । ତର୍କକୁ ଭଲଭାବରେ ବୁଝିବାର ପ୍ରୟାସରେ ସେ ଲାଗିରହେ । କୌଣସି ପ୍ରକାର ଗାଳିଗୁଲଜ, ନିନ୍ଦା ପ୍ରଶଂସାର ଉର୍ଦ୍ଧ୍ୱରେ ନିଜର ଲକ୍ଷ୍ୟପଥରେ ସର୍ବଦା ଅଗ୍ରସର ହୁଏ ବିପ୍ଳବୀ । ଜନତାଙ୍କର ସହଯୋଗ ମିଳୁ ବା ନମିଳୁ, ତାଙ୍କର କାର୍ଯ୍ୟକୁ ପ୍ରଶଂସା ନ ମିଳିଲେ ମଧ୍ୟ ସେ ନିଜର ଉଦ୍ଦେଶ୍ୟ କେବେହେଲେ ବିଚ୍ୟୁତ ହୋଇନାହିଁ । ଅନେକ ବିପ୍ଳବୀ ଅଛନ୍ତି ଯେଉଁମାନଙ୍କର କାର୍ଯ୍ୟକୁ ବୈଧାନିକ ଆନ୍ଦୋଳନକାରୀମାନେ ଘୋର ନିନ୍ଦା କଲେ ମଧ୍ୟ ସେମାନେ କିଛି ହେଲେ ଭ୍ରୁକ୍ଷେପ ନ କରି ହସି ହସି ଫାଶୀ ଉପରେ ଚଢ଼ିଯାଇଛନ୍ତି ।

ଏତେ ଦିନ ଧରି ମୁଁ ଯେଉଁଦିନକୁ ଏତେ ଉତ୍କଣ୍ଠା, ଆବେଗର ସହିତ ଅପେକ୍ଷା କରିଥିଲି ସେହି ମୋର ଇପ୍‌ସିତ ଦିନ ୨୩ ମାର୍ଚ୍ଚ ଆସି ପହଞ୍ଚି ଯାଇଥିଲା । ୧୯୩୧ ମସିହାର ମାର୍ଚ୍ଚ ମାସର ସକାଳ ଖୁବ୍ ଭଲ ଲାଗୁଥିଲା । ବସନ୍ତ ଋତୁ ସରିନଥିଲା । ଜେଲ୍‌ରୁ ମୋ କୋଠରୀ ଭିତରେ ଖରା ପଡୁଥିଲା । ସବୁଦିନ ଭଳି ସୂର୍ଯ୍ୟ ଆମକୁ ଉଠାଇଦେଇ ତାଙ୍କ କାମରେ ଲାଗିଯାଇଥିଲେ । ସାରା ପୃଥିବୀକୁ ତାଙ୍କର ନିରନ୍ତର ଆଲୋକରେ ଆଲୋକିତ କରିଦେଇଥିଲେ । ମୁଁ ମହାନ୍ ବିପ୍ଳବୀ ରାଷ୍ଟ୍ରନାୟକ ମୋର ପ୍ରିୟ ହିରୋ ଲେନିନ୍‌ଙ୍କର ଆତ୍ମଜୀବନୀ ପଢୁଥିଲି । ଆଜି ମୋର ଶେଷଯାତ୍ରା ଅନୁଷ୍ଠିତ ହେବ । ମତେ ଭାରି ହାଲୁକା ହାଲୁକା ଲାଗୁଥିଲା । ଭାରି ଭଲ ଲାଗୁଥିଲା । ଗୋରା ସାମ୍ରାଜ୍ୟବାଦୀ ଶାସନତନ୍ତ୍ରକୁ ଆମେ ତିନିଜଣ ଯେ ଆତଙ୍କିତ କରିଆସିଛୁ, ଆମ ଉପରେ ନଦି ଦିଆଯାଇଥିବା ଫାଶୀଦଣ୍ଡକୁ କେନ୍ଦ୍ରକରି ଜେଲ୍ ପ୍ରାଚୀର ବାହାରେ ଜନମତ ଉଗ୍ରରୂପ ଧାରଣ କରୁଥିଲା, ତାକୁ ଲକ୍ଷ୍ୟକରି, ହଠାତ୍ ଆମ ଫାଶୀ ଦିନକୁ ମାର୍ଚ୍ଚ ୨୪ରୁ୨୩ ତାରିଖକୁ ଗୋପନ ଭାବରେ ହଟାଇ ଅଣାଯାଇଥିଲା ।

ଲାହୋର ଜେଲ୍ ସୁପରିଟେଣ୍ଡେଣ୍ଟ ଖାନ୍ ବାହାଦୂର ମହମ୍ମଦ ଆକବର ଅତ୍ୟନ୍ତ ଅସ୍ଥିର ଚିତ୍ତରେ ପଦଚାରଣା କରୁଥିଲେ । ମୋର ଫାଶୀ ଦଣ୍ଡାଦେଶକୁ ଆଦୌ ସହଜ ଭାବରେ ଗ୍ରହଣ କରିପାରୁନଥିଲେ । ମତେ ଭାରି ଭଲ ପାଉଥିଲେ । ଏ ଦୁଇବର୍ଷର ରହଣି ଭିତରେ ଆମମାନଙ୍କୁ ସେ ସତରେ ନିଜର କରିଦେଇଥିଲେ ।

ମୋର ପ୍ରିୟ ମିଠା ରସଗୋଲାକୁ ସେ ମୋ କୋଠରୀକୁ ଆସି ମତେ

ଦେଇଥିଲେ । ମୁଁ ମହାଆନନ୍ଦରେ ରସଗୋଲା ଖାଉଖାଉ ମହାନ୍ ବିପ୍ଳବୀ ଲେନିନ୍‌ଙ୍କୁ ପଢୁଥିଲି । ମନକୁ ମନ ଗୁଣୁଗୁଣାଉ ଥିଲି 'Long live Revolution' ବିପ୍ଳବ ଦୀର୍ଘଜୀବୀ ହେଉ । ମୃତ୍ୟୁ ପାଇଁ ମୁଁ ସଂପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଥିଲି । ମୁଁ, ମୋର ସାଥୀ ସୁଖଦେବ, ରାଜଗୁରୁ ଏକ ଆଦର୍ଶ, ଅସାଧାରଣ ଆତ୍ମୋତ୍ସର୍ଗ ପାଇଁ ନିଜକୁ ଦେଶମାତୃକା ଓ ଦେଶର ଅଗଣିତ ଜନତାଙ୍କ ମନରେ ଦେଶପ୍ରେମର ବହ୍ନି ଜାଳିବାର ସୁଯୋଗ ସୃଷ୍ଟି କରିସାରିଥିଲୁ । ମୁଁ କେବେହେଲେ ପୂର୍ଣ୍ଣକ୍ଷମା କିମ୍ବା ମୋ ପ୍ରତି ନମ୍ର ବ୍ୟବହାର କରାଯାଉ ବୋଲି ଚାହୁଁନଥିଲି । ମୋର ଅଭିଳାଷ ଥିଲା ଯେ ଆମର ଏହି ଆନ୍ଦୋଳନ ସର୍ବୋଚ୍ଚ ଚରମ ଶିଖରରେ ପହଞ୍ଚିଲା ବେଳେ ହିଁ ମତେ ଫାଶୀ ଦିଆଯାଉ । ଯେତେବେଳେ ଦେଶର ଭାଗ୍ୟ ନିର୍ଣ୍ଣୟ ହେଉଛି ସେତେବେଳେ ଆମଭଳି ବ୍ୟକ୍ତିମାନଙ୍କର ଭାଗ୍ୟକୁ ପୂରା ଭୁଲିଯିବା ଆବଶ୍ୟକ । ବିପ୍ଳବ କେବଳ କାର୍ଯ୍ୟ କରିବାରେ, ଉଦ୍ୟମ କରିବାରେ, ସମସ୍ତ କଷ୍ଟ ସହ୍ୟ କରିବାର ଅସୀମ ସହନଶୀଳତା ଓ ଆତ୍ମବଳିଦାନ ଦ୍ୱାରା ହିଁ ଜାଗ୍ରତ କରାଯାଇପାରେ ଏବଂ ଏଭଳି କରାଯିବ ଉଚିତ ।

ଆମର ତ୍ୟାଗ, ଆମର ଫାଶୀ ଲୋକଙ୍କ ହୃଦୟରେ ଏମିତି କିଛି ଅବିସ୍ମରଣୀୟ ଅନନ୍ୟ ପ୍ରେରଣା ପଦ ଚିହ୍ନ ଛାଡ଼ିଯିବ ଯାହାକି ସେମାନଙ୍କୁ, ବିପ୍ଳବକୁ, ଆନ୍ଦୋଳନକୁ ଏକ ନୂତନ ଦିଶା ପ୍ରଦାନ କରିବ ।

ସେଦିନ ଖରାବେଳେ ସବୁ ବନ୍ଦୀମାନେ ଜେଲ୍ ୱାର୍ଡ ବାହାରେ ଥିଲାବେଳେ ହଠାତ୍ ଜେଲ୍‌ର ଅତିରିକ୍ତ ସୁପରିଟେଣ୍ଡେଣ୍ଟ ଆସି ସମସ୍ତଙ୍କୁ କହିଲେ ସେମାନେ ନିଜ ନିଜର ସେଲ୍ ଭିତରକୁ ଚାଲିଯାଆନ୍ତୁ । ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ ଆଜି ହଠାତ୍ ଏତେଶୀଘ୍ର କାହିଁକି ସେଲ୍ ଭିତରକୁ ଯିବାକୁ କୁହାଯାଉଛି ।

ଏହି ସମୟରେ ଜେଲ୍ ସୁପରିଟେଣ୍ଡେଣ୍ଟ ମିଃ ମହମ୍ମଦଆକବର ପହଞ୍ଚିଲେ ଓ ସିଧା ୱାର୍ଡ ନମ୍ବର ୧୪ରେ ପହଞ୍ଚିଲେ । ସେ ଭାରି ବ୍ୟସ୍ତ ଦେଖାଯାଉଥିଲେ । ପ୍ରାୟ ଦିନ ତିନିଟା ବେଳକୁ ଆର୍ମି ହାବିଲଦାର ସର୍ଦ୍ଦାର ଛତର୍ ସିଂହ ଯିଏ କି ଲାହୋର୍ ସେଣ୍ଟ୍ରାଲ୍ ଜେଲର ମୁଖ୍ୟ ୱାର୍ଡେନ୍ ଏକ ବାର୍ତ୍ତା ପାଇଲେ ଯେଉଁଥିରେ ଲେଖାଥିଲା ଆମ ତିନିଜଣ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ସନ୍ଧ୍ୟାସୁଦ୍ଧା ଦିଆଯିବ । ତେଣୁ ଫାଶୀ ଦିଆଯିବାର ସମସ୍ତ କାର୍ଯ୍ୟ ଯେପରି ଏହି ସମୟ ଭିତରେ ସମ୍ପନ୍ନ ହୁଏ ।

ଛତର୍ ସିଂହ ଭାରି ସ୍ନେହୀ ଖୁସି ମିଜାଜର ଧାର୍ମିକ ବ୍ୟକ୍ତି ଥିଲେ । ସେ ସବୁଦିନ ଗୁରୁବାଣୀ ପଢ଼ନ୍ତି । ମତେ ମଧ୍ୟ ବହୁଥର ଶୁଣାଇଛନ୍ତି । ମୋର ଶେଷ ସମୟ ଆସିଗଲା ଜାଣିଲା ପରେ ଅତ୍ୟନ୍ତ ଦୁଃଖିତ ହୋଇଗଲେ ମୋ ପାଖକୁ ଆସି

କହିଲେ "ମୁଁ ତୁମର ପିତାଙ୍କ ଭଳି ଭଗତ ସିଂହ । ତୁମେ ଜାଣି ସାରିଛ ତୁମର ଶେଷ ମୁହୂର୍ତ୍ତ ପହଞ୍ଚିଗଲାଣି, ମୁଁ ଗୁରୁବାଣୀ ପଢୁଛି ତୁମେ ଶୁଣିବ ?

ସେ ମୋ ଆଖିକୁ ଦେଖୁଥାନ୍ତି ଓ ତାଙ୍କ ଆଖିରୁ ଧାରଧାର ଲୁହ ବୋହି ଯାଉଥାଏ । ରୁଦ୍ଧକଣ୍ଠରେ ମୋ ହାତ ଧରିପକାଇ କହିଲେ "ମୋର ତୁମକୁ ଗୋଟିଏ ଶେଷ ଅନୁରୋଧ, ଦୟାକରି ଗୁରୁବାଣୀ ଆବୃତ୍ତି କର । ମୁଁ ତୁମ ପାଇଁ ଏହି 'ଗୁଟ୍‌ଖା' ଆଣିଛି ନିଅ ।"

ମୁଁ ସର୍ଦ୍ଦାର ଛତର୍ ସିଂହଙ୍କ ସ୍ନେହଭରା ଅନୁନୟରେ ଟିକେ ଆବେଗ ପ୍ରବଣ ହୋଇପଡ଼ିଲି ପୁଣି ନିଜକୁ ସମ୍ଭାଳିନେଇ ଖୁବ୍ ଜୋର୍‌ରେ ହସି ହସି କହିଲି, "କିଛି ଦିନ ତଳେ ଆପଣ ମତେ ଗୁରୁବାଣୀ ପଢ଼ିବାକୁ କହିଥିଲେ ସର୍ଦ୍ଦାର ଜୀ ! ସତରେ ମୁଁ ଆପଣଙ୍କ କଥା ବଡ଼ ଆନନ୍ଦରେ ପାଳନ କରିଥାନ୍ତି । କିନ୍ତୁ କ'ଣ ହେବ ବର୍ତ୍ତମାନ ମୋର ଶେଷ ମୁହୂର୍ତ୍ତ ପହଞ୍ଚିଯାଇଛି । ଯଦି ଏହି ମୁହୂର୍ତ୍ତରେ ମୁଁ ଭଗବାନଙ୍କୁ ଡ଼ାକେ, ସେ ମତେ ଗୋଟେ କାପୁରୁଷ ବୋଲି କହିବେ । କାରଣ ମୁଁ ତାଙ୍କର ନାମ ଠିକ୍ ମରିଲା ବେଳକୁ ନେଇଛି । ତାଙ୍କୁ ଡ଼ାକୁଛି । ତେଣୁ ଏଟା ଆଦୌ ଠିକ୍ ହେବନି । ବରଂ ଏଇଟା ବେଶୀ ବାସ୍ତବମୁଖୀ ହେବ ଯଦି ମୁଁ ମୋର ଶେଷ ସମୟ ଯେମିତି ଆଗରୁ ଅତୀତରେ ବିତାଇ ଆସୁଥିଲି ସେମିତି ବିତାଇବି । ହଉ ଲୋକମାନେ ମତେ ନାସ୍ତିକ କୁହନ୍ତୁ । କିଛି ଯାଏ ଆସେ ନାହିଁ । ମୋର ଇଶ୍ୱର ବିଶ୍ୱାସ ନଥିଲା । ଅନ୍ତତଃ ମତେ ଏହି ଅପବାଦ ତ କେହି ଦେବେନାହିଁ ଭଗତ ସିଂହ ତା'ର ଶେଷ ସମୟରେ ନିଜ ବିଶ୍ୱାସ ଓ ଲକ୍ଷ୍ୟ ପଥରୁ ଓହରି ଆସିଥିଲା । ମୃତ୍ୟୁକୁ ସାମ୍ନାରେ ଦେଖି ତାର ଗୋଡ଼ ଖସିଯାଇଥିଲା । ସେ ବେଇମାନ୍ କି କାପୁରୁଷ ନଥିଲା । ସେ ଅପମାନ ମୁଁ ଆଦୌ ସହିପାରିବିନି ସର୍ଦ୍ଦାରଜୀ ! ଲେନିନ୍‌ଙ୍କର ଆତ୍ମଜୀବନୀର ଶେଷ ପର୍ଯ୍ୟାୟରେ ଆସି ମୁଁ ପହଞ୍ଚିଯାଇଥାଏ । ଲେନିନ୍‌ଙ୍କର ଅସାଧାରଣ ବିପ୍ଳବୀ ବ୍ୟକ୍ତିତ୍ୱ ମତେ ଆଚ୍ଛନ୍ନ କରି ରଖିଥାଏ । ମୁଁ ପଢୁଥାଏ "The aim of life is no more to control mind, but to develop it harmoniously, not to achieve salvation hereafter, but to make the best use it here below, and not to realise truth, beauty and good only in contemplation, but also in the actual experience of daily life, social progress depends not upon the ennoblement of the few but on the enrichment of the many and spiritual democracy or universal brotherhood can be achieved

only. When there is an equality of opportunity in social, political and industrial life." ପ୍ରାୟ ସନ୍ଧ୍ୟା ଛଅଟା ହେବ ସେତେବେଳେକୁ । ଜେଲ୍‌ର ଅଧିକାରୀମାନେ ମୋର କୋଠରୀ ଭିତରେ ପ୍ରବେଶ କରି କହିଲେ, 'ସର୍ଦ୍ଦାର ଜୀ! ପ୍ରସ୍ତୁତ ହୁଅନ୍ତୁ ।''

ମୋ ବାମ ହାତରେ ଲେନିନ୍‌ଙ୍କର ଆତ୍ମଜୀବନୀ ସେମିତି ଖୋଲା ହୋଇଥାଏ । ମୁଁ ପଢ଼ାରେ ନିବିଷ୍ଟ ହୋଇଯାଇଥାଏ । ମୁହଁ ନ ଟେକି ଡ଼ାହାଣ ହାତ ଟେକି କହିଲି, ''ଗୋଟିଏ ମୁହୂର୍ତ୍ତ ମାତ୍ର । ଆପଣମାନେ କ'ଣ ଦେଖିପାରୁନାହାନ୍ତି, ଜଣେ ବିପ୍ଳବୀ ଆଉ ଜଣେ ବିପ୍ଳବୀଙ୍କର ଜୀବନୀ ପଢୁଛନ୍ତି ?''

ତା'ପରେ ମୁଁ ଲେନିନ୍‌ଙ୍କର ଶେଷ ପୃଷ୍ଠା ଗୁଡ଼ିକ ଉପରେ ଆଖି ବୁଲେଇ ଦେଲି । ବିଦାୟ ହେ ମହାନ୍ ଜନନାୟକ ଲେନିନ୍ । ମୋର ପ୍ରିୟ ବ୍ୟକ୍ତିତ୍ୱ ! ମୋର ଆଦର୍ଶର ପ୍ରେରଣା ! ବିଦାୟ, ବିଦାୟ !'' ବହି ବନ୍ଦ କରି ସିମେଣ୍ଟ ଥାକ ଉପରେ ରଖିଦେଲି । ଜେଲ୍ ଅଧିକାରୀଙ୍କୁ କହିଲି, ''ଚାଲନ୍ତୁ ଏଥର ଯିବା'' । ମୁଁ ସେମାନଙ୍କ ସହିତ ଚାଲୁଥାଏ । ଆଗରେ ମୋର ପ୍ରିୟ ସାଥୀ ସୁଖଦେବ ଓ ରାଜଗୁରୁ ଆସି ମୋ ସଙ୍ଗରେ ମିଶିଲେ । ଆମେ ତିନିଜଣ ସପରସ୍ପରକୁ ଶେଷଥର ପାଇଁ କୁଣ୍ଢାଇ ପକାଇଲୁ । ଆଉ କିଛି କ୍ଷଣ ପରେ ଆମେ ତିନିଜଣ ସଶରୀରରେ ପରିସ୍ପରକୁ ଦେଖିପାରିବୁ ନାହିଁ । ମୁଁ ଆଗରୁ ଜେଲ୍ ଅଧିକାରୀମାନଙ୍କୁ କହିସାରିଥାଏ– ''ଆମ ହାତରେ ହାତକଡ଼ି ପକାଇବେ ନାହିଁ କି ଫାଶୀ ଦଉଡ଼ି ବେକରେ ଦେଲାବେଳେ ମୁହଁକୁ କଳା କନାରେ ଘୋଡ଼ାଇବେ ନାହିଁ । ଆମେ ଆମର ମୃତ୍ୟୁକୁ ସ୍ୱାଗତ କରି ଆଦର କରି, ସମ୍ମାନର ସହିତ ଗଳାରେ ଲଗାଇବୁ ।''

ମୁଁ, ସୁଖଦେବ, ରାଜଗୁରୁ ତିନିହେଁ ହାତ ଧରାଧରି ହୋଇ ସେଇ ଆମର ପ୍ରିୟ ଗୀତ ଗାଉଥାଉ... ''ଦିଲ୍ ସେ ନିକ୍‌ଲେଗି ନା ମରକର୍ ୱତନ କି ଉଲ୍‌ଫତ/ ମେରୀ ମିଟ୍ଟି ସେ ଭି ଖୁସ୍‌ବୁ-ଏ.... ୱତନ ଆୟେଗି ହବା ମେ ରହେଗି ମେରେ ଖିଆଲ୍ କି ବିଜ୍‌ଲି/ ୟେ ମୁଶତେ ଖାକ୍ ହେ ଫାନୀରହେ ରହେ ନ ରହେ ....''

ଫାଶୀମଞ୍ଚର ଗୋଟିଏ ପରେ ଗୋଟିଏ ପାହାଚ ଚଢୁଥାଉ । ଆମ ପଛରେ ଜେଲ୍ ଅଧିକାରୀମାନେ ଆସୁଥାନ୍ତି । ଫାଶୀମଂଚ ପାଖରେ ଲାହୋର ଡ଼େପୁଟୀ କମିଶନର ଆଗରୁ ଉପସ୍ଥିତ ଥାନ୍ତି । ସେ ଆମ ହାତରେ ହାତକଡ଼ି ନଥିବା ଦେଖି ବିସ୍ମିତ ହୋଇ ଜେଲ୍ ସୁପରିଟେଣ୍ଡେଣ୍ଟ ମହମ୍ମଦ ଆକବରଙ୍କୁ ଦେଖିଲେ । ମହମ୍ମଦ ତାଙ୍କୁ ଆଖିରେ ଠାରିଦେଲେ ବ୍ୟସ୍ତ ହେବାର ନାହିଁ ।

ମୁଁ ଅଧିକାରୀମାନଙ୍କୁ ବୁଝିପଡ଼ି ଖୁସିରେ ଗଦ୍‌ଗଦ ହୋଇ କହିଲି, "ଆଚ୍ଛା ମାଜିଷ୍ଟ୍ରେଟ୍ ! ଆପଣ ବଡ଼ ଭାଗ୍ୟବାନ ! ଭାରତୀୟ ବିପ୍ଳବୀ କ୍ରାନ୍ତିକାରୀମାନେ କିପରି ହସି ହସି ଆନନ୍ଦରେ ମୃତ୍ୟୁକୁ ସ୍ୱାଗତ କରି ନିଜ ଗଳାରେ ଫାଶୀ ଦଉଡ଼ିର ମାଳା ପିନ୍ଧୁଛନ୍ତି ଦେଖନ୍ତୁ । ଏକ ମହତ୍ତର ଆଦର୍ଶ ପାଇଁ ନିଜକୁ ଉତ୍ସର୍ଗ କରିଦେଉଛନ୍ତି । ତାହା ଦେଖିବାର ସୌଭାଗ୍ୟ ଆପଣଙ୍କର ହୋଇଛି ।"

ଡେପୁଟୀ କମିଶନରଙ୍କ ପାଟିରୁ ଶବ୍ଦଟିଏବି ବାହାରିନଥିଲା । ସେ ତାଙ୍କ ଜୀବନରେ ଆମପରି ଅସାଧାରଣ ନିର୍ଭୀକ, ବୀର, ପ୍ରତିବଦ୍ଧ ବିପ୍ଳବୀମାନଙ୍କୁ ମୃତ୍ୟୁକୁ ସାମ୍ନାରେ ଦେଖି ମଧ୍ୟ ସ୍ଥିର, ଶାନ୍ତହୋଇ ରହିବା ଦେଖିନଥିଲେ । ଫାଶୀମଂଚରେ ଆମେ ଠିଆ ହୋଇଥିଲୁ । ଘାତକ ଫାଶୀ କାଠକୁ ଧରି ଆଦେଶକୁ ଅପେକ୍ଷା କରିଥିଲା । ଆମ ବେକରେ ଫାଶୀ ଦଉଡ଼ି ପକାଇଲା ବେଳକୁ ମୁଁ, ରାଜଗୁରୁ, ସୁଖଦେବ ଦଉଡ଼ିକୁ ଶେଷଥର ପାଇଁ ଚୁମ୍ବନ କଲୁ । ମୁଁ ଦେଖିପାରୁଥିଲି ଆମର ନାମ ହିନ୍ଦୁସ୍ଥାନର ବିପ୍ଳବରେ ଅମର ପ୍ରତୀକ ହୋଇଯାଇଛି । ଆମର ଆତ୍ମବଳିଦାନ ଆମକୁ ବହୁତ ଉପରକୁ ନେଇଯାଇଛି । ଆମେ ଏଭଳି ସର୍ବୋତ୍ତମ ସମ୍ମାନର ଶିଖରରେ ଅଛୁ ଯେ ସେଠାରେ ବଂଚିରହିବାର ପ୍ରଶ୍ନ ହିଁ ନିରର୍ଥକ । ଆମେ ଯେ ଅସାଧାରଣ ବୀରତାର ସହିତ ହସି ହସି ଫାଶୀ ଦଉଡ଼ିକୁ ଗଳାରେ ପକାଇ ଝୁଲିପଡ଼ିଲୁ । ସେହି ଅବିସ୍ମରଣୀୟ ସାହସ, ବଳିଦାନର କଥା ହିନ୍ଦୁସ୍ଥାନୀ ମା ମାନେ ତାଙ୍କର ପୁଅ ଝିଅଙ୍କୁ ନିଶ୍ଚୟ କହିବେ । ନିଜର ପିଲାମାନଙ୍କର ମନରେ ଭଗତ ସିଂ, ସୁଖଦେବ, ରାଜଗୁରୁଙ୍କ ଭଳି ମହାନ୍ ବିପ୍ଳବୀ ହେବାର ଆକାଂକ୍ଷା ଜାଗ୍ରତ କରାଇବେ । ଯାହାଫଳରେ ଆତ୍ମବଳିଦାନ ଦେବା ପାଇଁ ବହୁ ସଂଖ୍ୟାରେ ଏ ଦେଶର ଯୁବକ ଯୁବତୀ ଆଗେଇ ଆସିବେ । ସେତେବେଳେ କୌଣସି ପରିସ୍ଥିତିରେ ମଧ୍ୟ ଏହି ସାମ୍ରାଜ୍ୟବାଦ ତିଷ୍ଠି ରହିପାରିବ ନାହିଁ । ସାମ୍ରାଜ୍ୟବାଦର ପତନ ସୁନିଶ୍ଚିତ ହେବା ପାଇଁ ବାଧ୍ୟ ହେବ । ଶୋଷଣ, ଅନାହାର, ଦାରିଦ୍ର୍ୟର ବିଲୋପ ନିଶ୍ଚୟ ହେବ ।

ଦେଶ ଓ ମାନବତା ପାଇଁ ଅନେକ କିଛି କରିବାର ଅସୁମାରି ସ୍ୱପ୍ନ ମୋର ଥିଲା । ତାର ହଜାରଭାଗରୁ ଭାଗଟିଏ ବି ପୂରଣ ହୋଇପାରିଲା ନାହିଁ । ଯଦି ମୁକ୍ତ ସ୍ୱାଧୀନ ଭାବରେ ବଞ୍ଚିରହିବାର ସୁଯୋଗ ମିଳିଥାନ୍ତା ତାହେଲେ ହୁଏତ ତାକୁ ପୂରଣ କରିବାକୁ ଅବସର ମିଳିଥାନ୍ତା ।

ମୋଠାରୁ ଅଧିକ ସୌଭାଗ୍ୟବାନ କିଏ ଆଉ ଅଛି ଯେ .... ମାତୃଭୂମିର ସ୍ୱାଧୀନତା ପାଇଁ, ମୋ ନିଜ ଜନତା, ପ୍ରିୟଜନଙ୍କ ପାଇଁ ଅନ୍ତତଃ ମତେ ନିଜକୁ ଅଡ଼ାଡ଼ି ଦେବାର ଅପୂର୍ବ ମୁହୂର୍ତ୍ତ ମିଳିଛି । ମା'ର କୋଳରେ ଶୋଇବାକୁ ଟିକେ ଜାଗା ମିଳିଯାଇଛି ।

ପୁଣି ଥରେ ଆମେ ତିନିହେଁ ପରସ୍ପରକୁ ଦେଖିଲୁ । ଫାଶୀ ଦଉଡ଼ିକୁ ଗଳାରେ ପକାଇଲୁ । ଠିକ୍ ଭାବରେ ଦଉଡ଼ିକୁ ବେକରେ ରଖିବାକୁ ମୁଁ ଘାତକଙ୍କୁ କହିଲି ।

ମୁଁ ଘାତକ ଆଡ଼କୁ ଚାହିଁ ହସିଲି ।

ସେ ମୋ ମୁହଁକୁ ଆଶ୍ଚର୍ଯ୍ୟର ସହିତ ଦେଖୁଥାଏ । ମୋର ବନ୍ଧୁମାନଙ୍କୁ ଦେଖୁଥାଏ । ଜେଲ୍‌ର ସବୁ କର୍ମକର୍ତ୍ତା ଆମକୁ ଦେଖୁଥାନ୍ତି । ଆମ ମୁହଁରେ ଟିକିଏ ହେଲେ ଭୟ, ଭ୍ରାନ୍ତି କି ଅବଶୋଷ ନଥିଲା । ଆମ ମୁହଁ ଆହୁରି ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ଦେଖାଯାଉଥାଏ ।

ଆମେ ଆମର ପ୍ରିୟ ସ୍ଲୋଗାନ୍ ଦେଉଥିଲୁ... ବିପ୍ଳବ ଦୀର୍ଘଜୀବୀ ହେଉ, Longlive Revolution, Down with Imperialisim

ସାମ୍ରାଜ୍ୟବାଦର ପତନ ହେଉ !

## ଶେଷପୃଷ୍ଠା: ଶେଷ କଥା ନୁହେଁ...

ସର୍ଦ୍ଦାର ଭଗତ ସିଂଙ୍କ ଜୀବନୀ, ସଂଗ୍ରାମ, ବୈପ୍ଲବିକ ଦୃଷ୍ଟିକୋଣ ସଂପର୍କରେ ଏକ ଆତ୍ମଜୀବନୀମୂଳକ ଉପନ୍ୟାସ ଲେଖିବା ପାଇଁ ବହୁଦିନରୁ ମୋର ପ୍ରବଳ ଆକାଂକ୍ଷା ରହିଥିଲା; ତେଣୁ ଭଗତ ସିଂଙ୍କୁ ଆହୁରି ଅନ୍ତରଙ୍ଗ, ମାର୍ମିକ ଏବଂ ବାସ୍ତବ ଦୃଷ୍ଟିଭଙ୍ଗୀରୁ ଜାଣିବା ପାଇଁ ମୁଁ ଅହରହ ଉଦ୍ୟମ କରୁଥିବା ବେଳେ ପ୍ରସିଦ୍ଧ କମ୍ୟୁନିଷ୍ଟ ନେତା ବୁଦ୍ଧିଜୀବୀ ତଥା ପିପୁଲ୍‌ସ ଟ୍ରଷ୍ଟର ସଂପାଦକ ଶ୍ରୀଯୁକ୍ତ ଅଳିକିଶୋର ପଟ୍ଟନାୟକଙ୍କ ସହିତ ଏ ବିଷୟରେ ଆଲୋଚନା କରିବାର ସୁଯୋଗ ପାଇଥିଲି । ମତେ ସେ ଚମନ୍‌ଲାଲଙ୍କ ଦ୍ୱାରା ସଂପାଦିତ ଇଂରେଜୀ ବହି 'ଜେଲ୍ ନୋଟ୍ ବୁକ୍ ଆଣ୍ଡ ଅଦର ରାଇଟିଂସ୍' ବହିଟି ପଢ଼ିବା ପାଇଁ କହିଥିଲେ । ଏହା ସହିତ ଭଗତ ସିଂଙ୍କର 'କାହିଁକି ମୁଁ ଜଣେ ନାସ୍ତିକ', 'ଅଧିକାର' ପତ୍ରିକାରେ ପ୍ରକାଶିତ ବିଭିନ୍ନ ପ୍ରବନ୍ଧଗୁଡ଼ିକ ପଢ଼ିବା ପାଇଁ ପରାମର୍ଶ ଦେଇଥିଲେ । ତାଙ୍କର ଏହି ପ୍ରାଣସ୍ପନ୍ଦନକାରୀ ପରାମର୍ଶ ମତେ 'ରକ୍ତ ରଂଜିତ ନାୟକ' ଉପନ୍ୟାସ ଲେଖିବା ପାଇଁ ଅଶେଷ ପ୍ରେରଣା ଯୋଗାଇଥିବାରୁ ତାଙ୍କ ନିକଟରେ ଆଜନ୍ମ କୃତଜ୍ଞ ।

ବିଶିଷ୍ଟ ରାଜନୀତି ବିଶାରଦ, ସମାଜ ବିଜ୍ଞାନୀ, 'ଓଡ଼ିଆ ଗବେଷଣାଚକ୍ର'ର ସଂପାଦକ ତଥା ଛାତ୍ରବତ୍ସଳ ଲୋକପ୍ରିୟ ଶିକ୍ଷାବିତ୍ ଶ୍ରୀଯୁକ୍ତ ବିଜୟ ବହିଦାର ମତେ ଭଗତସିଂହଙ୍କ ସଂପର୍କରେ ଅଧିକ ଗବେଷଣା ପାଇଁ 'ଋଷିଆର କମ୍ୟୁନିଷ୍ଟ ଆନ୍ଦୋଳନ', 'କାର୍ଲମାର୍କ୍ସଙ୍କର ଶ୍ରେଣୀ ସଂଗ୍ରାମ ଓ ସମାଜ ବିପ୍ଳବ', ରାଷ୍ଟ୍ର ବିକାଶ ସଂପର୍କରେ ପଢ଼ିବା ପାଇଁ ପରାମର୍ଶ ଦେଇଥିଲେ । ବିଭିନ୍ନ ସମୟରେ ତାଙ୍କ ସହିତ ହୋଇଥିବା ଏହିସବୁ ଆଲୋଚନାର ଫଳଶ୍ରୁତି ହେଉଛି– 'ରକ୍ତରଂଜିତ ନାୟକ' ସେଥିପାଇଁ ମୁଁ ତାଙ୍କ ନିକଟରେ ଚିରକାଳ କୃତଜ୍ଞ ।

ଭଗତ ସିଂଙ୍କ ଉପରେ ଏକ ବିରଳ ହିନ୍ଦୀ ପୁସ୍ତକ 'ଭଗତ ସିଂ ଔର ଉନ୍‌କେ ସାଥୀଓଁ କେ ଦସ୍ତାବିଜ୍' ଫିରୋଜ ଆଲମ୍‌ଙ୍କ 'ଦ ଗ୍ରେଟ୍ ଇଣ୍ଡିଆନ୍ ରେଭ୍ୟୁଲାସନାରୀ: ଭଗତ ସିଂ' ପୁସ୍ତକ ଏହି ଉପନ୍ୟାସ ରଚନାରେ ମୋତେ ଅଧିକ ଅନୁପ୍ରାଣିତ କରିଛି । ସଂପୃକ୍ତ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ।

–ବିଧୁପ୍ରଭା

ଡକ୍ଟର ବିଧୁପ୍ରଭା ରଥଙ୍କ ଦ୍ୱାରା ଲିଖିତ ଓ ୧୯୮୫ରୁ ୨୦୦୯ ମଧ୍ୟରେ ଓଡ଼ିଶାର ବିଭିନ୍ନ ସମ୍ଭ୍ରାନ୍ତ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ କେତୋଟି ଅନନ୍ୟ ସାରସ୍ୱତ କୃତି ।



ଆଲୋଚନା

୧୯୮୫



ସମାଲୋଚନା

୧୯୮୬



ଲଳିତ ନିବନ୍ଧ

୧୯୮୮



ଲଳିତ ନିବନ୍ଧ

୧୯୯୨



ଗବେଷଣା ଗ୍ରନ୍ଥ

୨୦୦୬



କବିତା

୨୦୦୭



ପୌରାଣିକ ଉପନ୍ୟାସ

୨୦୦୭



ପୌରାଣିକ ଉପନ୍ୟାସ

୨୦୦୮



ପୌରାଣିକ ଉପନ୍ୟାସ

୨୦୦୯



ପୌରାଣିକ ଉପନ୍ୟାସ

୨୦୦୮




ଲଳିତ ନିବଂଧ

୨୦୦୮




ସଂପାଦନା

୨୦୦୯

# ରକ୍ତରଂଜିତ ନାୟକ

## ଭଗତ ସିଂହ




ଡକ୍ଟର ବିଧୁପ୍ରଭା ରଥ